ପ୍ରିୟ ପାରିବାରିକ ବନ୍ଧନ
ଅପରୂପା
ISSN 2277 – 1131
ଫେବୃଆରୀ ୨୦୧୯
୪୦ ଟଙ୍କା
www.kadambini.org
e-News & Magazine

LAVANYA
JEWELLER

916 Epari Jeweller Private Limited, 76, Janpath, Kharavela Nagar,
Unit-3, Bhubaneswar, Contact : 0674-6545610 / 2530916

ପବନତନୟ ସଙ୍କଟ ହରନ,
ମଙ୍ଗଳ ମୂରତି ରୂପ ।
ରାମ ଲଖନ ସୀତା ସହିତ
ହୃଦୟ ବସହୁ ସୁର ଭୂପ ।।
।। ଇତି ।।

ଓଡ଼ିଶାର ସର୍ବପ୍ରଥମ
ମାସିକ ପାରିବାରିକ ପତ୍ରିକା

କାଦମ୍ବିନୀ

ପ୍ରିୟ ପାରିବାରିକ ବନ୍ଧନ:
ଆମର, ଆପଣମାନଙ୍କର, ଆମ ସମସ୍ତଙ୍କର

■

ପ୍ରତିଷ୍ଠାତା, ଦିଗ୍‌ଦର୍ଶକ
ଡ. ଅଚ୍ୟୁତ ସାମନ୍ତ

ସମ୍ପାଦିକା
ଡ. ଇତି ସାମନ୍ତ

■

FOUNDER
Dr. Achyuta Samanta

EDITOR
Dr. Iti Samanta

■

୧୯ଶ ବର୍ଷ, ୮ମ ସଂଖ୍ୟା | ଫେବୃଆରୀ ୨୦୧୯ | ମୂଲ୍ୟ: ୪୦ ଟଙ୍କା
Vol. 19, No. 8 | February 2019 | Price: ₹40/-

Premier Monthly Family Magazine of Odisha

The Kadambini

(A chain of clouds)

Most lovable family bond: Ours, Yours & Everyones

Proud Members of:

RNI Govt of India | INS The Indian Newspaper Society | ABC Audit Bureau of Circulations | Directorate of Advertising & Visual Publicity | I&PR, Govt. of Orissa | ISSN

■

'କାଦମ୍ବିନୀ', ମାସିକ ପାରିବାରିକ ଓଡ଼ିଆ ପତ୍ରିକା, ଡ. ଇତି ସାମନ୍ତଙ୍କ କର୍ତ୍ତୃକ, କେଦାର ପ୍ରୁଷ୍ଟିଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ଏବଂ ପ୍ରିଣ୍ଟଟେକ୍ ଅଫ୍‌ସେଟ୍ ପ୍ରା.ଲି., ଭୁବନେଶ୍ୱରଠାରେ ମୁଦ୍ରଣ।

■

ଆମ ଠିକଣା:

ସମ୍ପାଦିକା 'କାଦମ୍ବିନୀ'
କାଦମ୍ବିନୀ ମିଡିଆ ପ୍ରା.ଲି., କାଦମ୍ବିନୀ ଭିଲ୍ଲା,
୪୨୧/୨୩୫୮, ପଦ୍ମାବତୀ ବିହାର,
ଶୈଳଶ୍ରୀ ବିହାର,
ଭୁବନେଶ୍ୱର- ୭୫୧୦୨୧, ଓଡ଼ିଶା
ଦୂରଭାଷ: ୦୬୭୪-୨୭୪୦୫୧୯,
୭୩୨୮୮୪୧୯୩୨ (ସମ୍ପାଦକୀୟ)
୦୬୭୪-୨୭୪୧୨୬୦,
୭୩୨୮୮୪୧୯୩୩ (ବ୍ୟବସାୟିକ)

■

■

'The KADAMBINI',
Premier Odia monthly family magazine,
Owned and Edited by **Dr. Iti Samanta**,
Printed & Published by **Kedar Prusty**
and printed at Print-Tech Offset Pvt. Ltd.,
Bhubaneswar.

■

Contact:
Editor - **'The Kadambini'**,
Kadambini Media Pvt. Ltd.,
Kadambini Villa, 421/2358,
Padmabati Vihar, Sailashree Vihar,
Bhubaneswar - 751 021, Odisha
Phone No.: 0674-2740519,
+91 7328841932 (Editorial)
0674-2741260, 7328841933 (Business)
E-mail: kadambini.odia@gmail.com
kadambini.advt@gmail.com
Website: www.kadambini.org
www.kadambinilitfest.com
Facebook: kadambini.odia.3

■

COPYRIGHT: Kadambini Media Pvt. Ltd. All rights reserved. Reproduction in any manner, print, electronic or otherwise, in whole or in part, without prior written permission is prohibited.

'The Kadambini' is also available in e-magazine format at www.kadambini.org

To read 'The Kadambini' on your Mobile Phone, download the free app: www.dailyhunt.com

For online shopping of 'The Kadambini' visit www.amazon.in, www.flipkart.com & www.pressreader.com

e-News & Magazine

ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା

ପ୍ରିୟ ପାରିବାରିକ ବନ୍ଧନ: ଆମର, ଆପଣମାନଙ୍କର, ଆମ ସମସ୍ତଙ୍କର

କାଦମ୍ବିନୀ ମିଡିଆ ପ୍ରା.ଲି., କାଦମ୍ବିନୀ ଭିଲ୍ଲା, ୪୨୧/୨୩୫୮, ପଦ୍ମାବତୀ ବିହାର, ଶୈଳଶ୍ରୀ ବିହାର, ଭୁବନେଶ୍ୱର- ୭୫୧୦୨୧

ଦୂରଭାଷ: ୦୬୭୪-୨୭୪୦୫୧୯, ୭୩୨୮୮୪୧୯୩୨ (ସମ୍ପାଦକୀୟ); ୦୬୭୪-୨୭୪୧୨୬୦, ୭୩୨୮୮୪୧୯୩୩ (ବ୍ୟବସାୟିକ)

ତିଥି-ବାର-ବେଳା | ଫେବୃଆରୀ (ମାଘ ୧୯ - ଫାଲଗୁନ ୧୬)

ରବି		୩ ୨୧ ଚତୁର୍ଦ୍ଦଶୀ ଉତ୍ତରାଷାଢ଼ା ଧନୁ	୧୦ ୨୮ ପଞ୍ଚମୀ ରେବତୀ ମୀନ	୧୭ ୫ ଦ୍ୱାଦଶୀ ତ୍ରୟୋଦଶୀକ୍ଷଃ ପୁନର୍ବସୁ	୨୪ ୧୨ ପଞ୍ଚମୀ ଷଷ୍ଠୀକ୍ଷଃ ସ୍ୱାତୀ ତୁଳା
ସୋମ		ଅ ୪ ୨୨ ଶ୍ରବଣା ମକର	୧୧ ୨୯ ଷଷ୍ଠୀ ଅଶ୍ୱିନୀ ମେଷ	୧୮ ୬ ଚତୁର୍ଦ୍ଦଶୀ ପୁଷ୍ୟା କର୍କଟ	୨୫ ୧୩ ସପ୍ତମୀ ବିଶାଖା ତୁଳା
ମଙ୍ଗଳ		୫ ୨୩ ପ୍ରତିପଦ ଶ୍ରବଣା ମଳ ମକର	୧୨ ୩୦ ସପ୍ତମୀ ଦ୍ୱିଜା ମେଷ	ପୂ ୧୯ ୭ ଅଶ୍ଳେଷା କର୍କଟ	୨୬ ୧୪ ଅଷ୍ଟମୀ ଅନୁରାଧା ବିଛା
ବୁଧ		୬ ୨୪ ଦ୍ୱିତୀୟା ଧନିଷ୍ଠା କୁମ୍ଭ	୧୩ କୁମ୍ଭ ୧ ଅଷ୍ଟମୀ କୃତ୍ତିକା ବୃଷ	୨୦ ୮ ପ୍ରତିପଦ ମଘା ପୂର୍ବାଫାଃକ୍ଷଃ ସିଂହ	୨୭ ୧୫ ନବମୀ ଜ୍ୟେଷ୍ଠା ବିଛା
ଗୁରୁ		୭ ୨୫ ଦ୍ୱିତୀୟାମଳ ଶତଭିଷା କୁମ୍ଭ	୧୪ ୨ ନବମୀ ରୋହିଣୀ ବୃଷ	୨୧ ୯ ଦ୍ୱିତୀୟା ଉତ୍ତରାଫାଃ ସିଂହ	୨୮ ୧୬ ନବମୀମଳ ମୂଳା ଧନୁ
ଶୁକ୍ର	୧ ମକର ୧୯ ଦ୍ୱାଦଶୀ ମୂଳା ଧନୁ	୮ ୨୬ ତୃତୀୟା ପୂର୍ବଭାଦ୍ର କୁମ୍ଭ	୧୫ ୩ ଦଶମୀ ମୃଗଶିରା ବୃଷ	୨୨ ୧୦ ତୃତୀୟା ହସ୍ତା କନ୍ୟା	
ଶନି	୨ ୨୦ ତ୍ରୟୋଦଶୀ ପୂର୍ବାଷାଢ଼ା ଧନୁ	୯ ୨୭ ଚତୁର୍ଥୀ ଉତ୍ତରଭାଦ୍ର ମୀନ	୧୬ **ଏକାଦଶୀ** ୪ ଆର୍ଦ୍ରା ମିଥୁନ	୨୩ ୧୧ ଚତୁର୍ଥୀ ଚିତ୍ରା କନ୍ୟା	

ପର୍ବ ଦିନ

୩. ରଟନ୍ତୀ ଚତୁର୍ଦ୍ଦଶୀ, ଉପବାସ, ଶରଣ ଆରମ୍ଭ ଓ ଶିବ ଚତୁର୍ଦ୍ଦଶୀ

୪. ତ୍ରିବେଣୀ ଅମାବାସ୍ୟା ଓ ମା' ବିରଜା ଦେବୀଙ୍କ ଜନ୍ମୋତ୍ସବ

୬. ଶ୍ରୀଜଗନ୍ନାଥ ଦେବଙ୍କ ପଦ୍ମମୁଖ ବେଶ ଓ ଚନ୍ଦ୍ରଦର୍ଶନ

୮. ଶରଣ ଶେଷ

୯. ବରଦା ଚତୁର୍ଥୀ

୧୦. **ଶ୍ରୀପଞ୍ଚମୀ, ସରସ୍ୱତୀ ପୂଜା,** ଶ୍ରୀମନ୍ଦିରରେ ବସନ୍ତୋତ୍ସବ

୧୨. **ମାଘ ସପ୍ତମୀ,** ଚନ୍ଦ୍ରଭାଗା ତୀର୍ଥେ ସ୍ନାନ ଓ ମାସାନ୍ତ

୧୩. **କୁମ୍ଭ ସଂକ୍ରାନ୍ତି** ଓ ଭୀଷ୍ମାଷ୍ଟମୀ

୧୬. ଭୈମୀ ଏକାଦଶୀ, ବରାହ ଦ୍ୱାଦଶୀ, ବ୍ୟାସ ସରୋବର ଯାତ୍ରା ଓ ହଳ ନିଷେଧ

୧୭. ନିତ୍ୟାନନ୍ଦ ଗୋସ୍ୱାମୀଙ୍କ ଜନ୍ମ

୧୮. ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା

୧୯. **ଅଗ୍ନ୍ୟୁତ୍ସବ ପୂର୍ଣ୍ଣିମା,** ଯୋରନ୍ଦା ମେଳା ଓ ଚନ୍ଦ୍ରପୂଜା।

ବିବାହ - ତା ୫। ୯। ୧୦। ୧୫। ୨୧। ୨୩। ୨୪ ରିଖ।

ବ୍ରତ - ତା ୬। ୧୦। ୧୫ ରିଖ।

ମାର୍ଚ୍ଚ (ଫାଲଗୁନ ୧୭ - ଚୈତ୍ର ୧୮) ମାସର ପର୍ବ ଦିନ

୨. ପଙ୍କୋଦ୍ଧାର ଏକାଦଶୀ, ଉପବାସ ଓ ଶରଣ ଆରମ୍ଭ, ୪. ଶିବରାତ୍ରି (ଜାଗର) ଓ ଶିବ ଚତୁର୍ଦ୍ଦଶୀ, ୬. ଅମାବାସ୍ୟା, ରାହୁ ଓ କେତୁ ଚଳନ, ଚନ୍ଦ୍ରକ୍ଷୟ ଓ ନିଶିପାଳନ, ୭. ଶରଣ ଶେଷ, ୮. ଚନ୍ଦ୍ରଦର୍ଶନ, ୧୪. ମାସାନ୍ତ, ୧୫. ମୀନ ସଂକ୍ରାନ୍ତି ଓ ହଳ ନିଷେଧ, ୧୬. ଫଗୁ ଦଶମୀ ଓ ଦୋଳ ଯାତ୍ରା ଆରମ୍ଭ, ୧୭. ପାପନାଶିନୀ ଏକାଦଶୀ, ଉପବାସ ଓ ହଳ ନିଷେଧ, ୧୮. ସାମାନ୍ୟ ଗୋବିନ୍ଦ ଦ୍ୱାଦଶୀ ସ୍ନାନ, ୧୯. ଶିବଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା, ୨୦. ବରାହ ଦୋଳ, ରାଜାଗ୍ନି ଓ ଓଳକଣା ମେଳଣ, ୨୧. ଦୋଳ ପୂର୍ଣ୍ଣିମା ଓ ଚୈତନ୍ୟ ଦେବଙ୍କ ଜନ୍ମୋତ୍ସବ, ୨୨. ହୋଲି ଉତ୍ସବ ଓ ରାଷ୍ଟ୍ରିୟ ନବବର୍ଷ ଆରମ୍ଭ, ୨୫.ପଞ୍ଚୁଦୋଳ, ୨୬. ସ୍କନ୍ଧ ଷଷ୍ଠୀ ଓ ତାରାତାରେଣୀ ଯାତ୍ରା, ୨୯. ବୃହସ୍ପତି ସଞ୍ଚାର ଓ ଶରଣ ଆରମ୍ଭ। **ବିବାହ** - ତା ୨। ୩। ୪। ୭। ୮। ୯। ୧୩ ରିଖ।

eNews Magazine

Available at all leading stores near you | For queries reach us at info@bksarees.com

ତରବର ହେଇ ଗୋଟେ ପରେ ଗୋଟେ କାମ କରି ଚାଲିଥିଲି ମୁଁ। ସମୟ ଯେତିକି ଗଡ଼ିଚାଲିଥିଲା, ସେତିକି ସେତିକି ବ୍ୟସ୍ତତା ବଢୁଥିଲା ମୋର। ମୁଣ୍ଡ ଉପରେ ଥିଲା ବହୁତ କାମର ବୋଝ। ଅବଶ୍ୟ ମୋତେ କାମରେ ସାହାଯ୍ୟ କରୁଥିଲା ବାତାପି। କିନ୍ତୁ ସବୁର ଦାୟିତ୍ୱ ଥିଲା ମୋ ଉପରେ।

ରିଂ ହେଲା ମୋବାଇଲ।

"ମା'! ଫୋନ୍ ବାଜୁଛି! ନେବି?" କହିଥିଲା ବାତାପି।

ବାତାପିକୁ କିଛି ଉତ୍ତର ନ ଦେଇ ଚୁପ୍‌ଚାପ୍ କାମରେ ମନ ଦେଇଥିଲି ମୁଁ। କାମ ଚାପରେ କୋଉଠି ରଖିଥିଲି ମୋବାଇଲ, ତାହା ବି ଧ୍ୟାନ ନ ଥିଲା ମୋର। ରିଂ ହେଇ ତା'ର ଉପସ୍ଥିତି ଜାହିର୍ କରୁଥିଲା ମୋବାଇଲ୍। ତଥାପି ତା' ଆଡ଼େ ଧ୍ୟାନ ଯାଇ ନ ଥିଲା ମୋର। ଇଚ୍ଛା ନ ଥିଲା ଫୋନ୍ ଉଠେଇ କାହା ସହିତ କଥା ହେବାକୁ।

"ମା'! କୋଉଠି ରଖିଛନ୍ତି ଫୋନ୍? କୋଉଠି ବାଜୁଛି ଜାଣିପାରୁନି ମୁଁ।" ପୁଣି କହିଥିଲା ବାତାପି।

ବାତାପି କଥାରେ ଅନ୍ୟମନସ୍କତା ଭାଙ୍ଗିଥିଲା ମୋର।

"ସେଇଠି ଫ୍ରିଜ୍ ଉପରେ ଅଛି। ଆଣିଲେ ଆଣେ, ନ ହେଲେ ନାହିଁ। ଏବେ କାହା ସହିତ କଥା ହେବାକୁ ବେଳ ନାହିଁ ମୋର। ଚଞ୍ଚଳ କାମ ସାରିଲେ ବାହାରିବି ମୁଁ।"

"ତା'ହେଲେ ଫୋନ୍‌ଟା ଆପଣଙ୍କ ପାଖକୁ ନେବି ନା' ନାହିଁ?"

"କେତେ ପଚାରି ହେଉଛୁ ମ? ଦେଖେ ଆଗେ, କାହା ନାଁ ଲେଖା ହେଇଛି?"

"କାହାରି ନାଁ ଲେଖା ହେଇନି। ଖାଲି ନମ୍ବର ଉଠିଛି।"

"ତା'ହେଲେ ଥାଉ! କିଏ କରିଥିବ କେଜାଣି? ପରେ ଦେଖିବି।"

କଟିଯାଇଥିଲା ଫୋନ୍।

ଫେରି ଆସିଥିଲା ବାତାପି ରୋଷେଇଘରକୁ।

କ୍ରିଂ... କ୍ରିଂ... କ୍ରିଂ...।

ଆଉଥରେ ବାଜି ଉଠିଥିଲା ମୋବାଇଲ।

"ହେଇ ଦେଖନ୍ତୁ ପୁଣି ବାଜିଲାଣି!" ଫେରି ପଡ଼ିଥିଲା ବାତାପି।

"ତୁ ଖାଲି ସେଇ ଫୋନ୍ ଦେଖୁଥା'!"

"ଆପଣଙ୍କର ତ ଫୋନ୍ ପରେ ଫୋନ୍ ଆସୁଛି ମୁଁ କ'ଣ କରିବି?"

"ଏତେ କଥା କହନା ତ ସବୁବେଳେ! ଦେଖିଲୁ କିଏ କରିଛି?"

"ପୁଣି ସେଇ ନମ୍ବରରୁ କଲ୍ ଆସିଛି। ଆପଣ ଆସନ୍ତୁ ମା'! କିଏ ବାରମ୍ବାର ଫୋନ୍ କରୁଛି ଦେଖନ୍ତୁ। ଆଉ ଯାହା ବାକି ଅଛି ମୁଁ କରି ଦେଉଛି।"

"ହଉ, ତୁ ଆ ଏଠିକି। ଆଉ ଟିକିଏ କ'ଣ ବାକି ଅଛି ଦେଖିଦେ।"

ହାତ ଧୋଇ ବାହାରି ଆସିଥିଲି ମୁଁ ରୋଷେଇଘରୁ। ତରବର ହେଇ ମୋବାଇଲ୍ ଧରୁଧରୁ କଟିଯାଇଥିଲା।

"ହେ କଟିଗଲାଣି। ହଉ ଯାଉ କଟୁ। ନାଁ ତ ଉଠୁନି, କିଏ କରିଥିବ କେଜାଣି। ମୁଁ ଯାଏ ଶାଢ଼ି ପିନ୍ଧେ।"

ବାହାରେ କୁକୁରମାନେ ଭୁକିଥିଲେ।

"ମା'! କିଏ ଆସିଲେ ନା' କ'ଣ? ମ୍ୟାଙ୍ଗୋ, ଗୋଲ୍ଡି ଦି'ଟା ଯାକ ଭୁକୁଛନ୍ତି?" କହିଥିଲା ବାତାପି।

ମୁଁ କିଛି କହିବା ପୂର୍ବରୁ କଲିଂବେଲ୍ ବାଜି ଉଠିଥିଲା।

"ମୁଁ ଯାଉଛି! ଦେଖୁଛି!" ଯିବାକୁ ଉଦ୍ୟତ ହେଇଥିଲା ବାତାପି।

"ତୁ ଥା'! ମୁଁ ଦେଖୁଛି ରହ।"

ଶୋଇବାଘରକୁ ପଶି ଯାଉଯାଉ ଫେରିଥିଲି ମୁଁ।

କବାଟ ଖୋଲିଥିଲି ଯାଇ।

"ଆରେ ଟିଟନ୍? ତୁ?"

"ହଁ ମୁଁ। ଚିହ୍ନିପାରୁନ ନା' କ'ଣ ଦିଦି? ଏତେଥର ଫୋନ୍ କରୁଛି ଉଠଉନ? ବାହାରେ ଏମିତି ମାଲିକ ଭକ୍ତ

e-News & Magazine

କୁକୁର ରଖିଛ ଯେ ଭିତରେ ପଶିବାକୁ ଦଉ ନାହାନ୍ତି। ମୋତେ ଯେତେଥର ଆସିବାର ଦେଖିଲେ ବି ପୁଣି ଭୁକୁଛନ୍ତି! ମାନିବାକୁ ପଡ଼ିବ ଏ ଦି'ଟାଙ୍କୁ।"

"ତୁ ଏବେ ଫୋନ୍ କରୁଥିଲୁ କି? କାହିଁ ତୋ ନାଁ ତ ଉଠିଲାନି? ଏଇଟା କ'ଣ ତୋ ନମ୍ବର?" ମୋବାଇଲ୍ ଦେଖେଇଥିଲି ମୁଁ ଟିଟନ୍‌କୁ।

"ହଁ! ଏଇଟା ମୋ ନମ୍ବର! ଓଃ! ତମ ପାଖରେ ମୋର ଏ ନମ୍ବରଟା ନାହିଁ କି?"

"ନା' ତ? ମୋ ପାଖରେ ତୋର ଯୋଉ ନମ୍ବର ଅଛି ଏଇଟା ସେ ନମ୍ବର ନୁହେଁ। ହେଇଥିଲେ ତୋ ନାଁଟା ଆସିଥାନ୍ତା। ମୁଁ ଭାବିଲି କିଏ ଫୋନ୍ କରୁଛି କରୁଥାଉ!"

"ତା'ହେଲେ ଏ ନମ୍ବରଟା ତମକୁ ଦେଇନାହିଁ ମୁଁ।"

"କେତେଥର ଆଉ କହିବୁ ତୋର ଏ ନମ୍ବରଟା ମୋତେ ଦେଇନୁ ବୋଲି? କାହିଁକି ଦବୁ? ଏଇଟା ଖାଲି ଜଣକ ପାଇଁ ରିଜର୍ଭ କରି ରଖିଥିବୁ! ହଉ ଆ'। ଭିତରକୁ ଆ'। ଏତେବେଳେ କେମିତି ଆସିଲୁ?"

"ଏଇ ପାଖରେ ଗୋଟେ କାମ ଥିଲା ଆସିଥିଲି, ଭାବିଲି ଦିଦିଙ୍କୁ ଟିକିଏ ଦେଖା କରିଦେଇ ଯାଏ।"

"ଓଃ! ଏଇ ପାଖରେ କାମ ଥିଲା ବୋଲି ଦିଦି କଥା ମନେପଡ଼ିଗଲା? କେତେଦିନ ହେଲାଣି ତୋର ଦେଖା ନାହିଁ ତ ନାହିଁ, ଫୋନ୍ ବି ନାହିଁ। ଆଜି ଏତେଦିନ ପରେ ମନେପଡ଼ିଲା?"

"ତମେ ଯେମିତି ଫୋନ୍ କରି ବୁଝୁଥିଲ ଭାଇ କେମିତି ଅଛି? ବ୍ୟସ୍ତ ହେଇପଡୁଥିଲ ଭାଇ ପାଇଁ?"

"ଆରେ ହଁ! ତୋର ସେ ନମ୍ବରଟାରେ ଦୁଇ ତିନିଥର କଲ୍ କରିଥିଲି। ସବୁବେଳେ ଖାଲି କହିଲା ନମ୍ବର ବନ୍ଦ୍ ଅଛି, ନ ହେଲେ ଅପହଞ୍ଚ ଦୂରତାରେ ଅଛି! ମୁଁ ଭାବିଲି କୁଆଡ଼େ ବାହାରକୁ ଯାଇଛୁ ବୋଧହୁଏ। ତୁ ତ ତୋ କାମରେ ପ୍ରାୟ ବାହାରକୁ ଯାଉନା?"

"ହଁ! ସେଇଆ ଭାବି ଦେଲ ଆଉ ଚୁପ୍ ହେଇ ବସିଗଲ?"

"ନା'ରେ ସେଇଆ ନୁହେଁ। ତୋର ଫୋନ୍ ଲାଗିଲାନି ଯେତେବେଳେ ଆଉ କ'ଣ କରିଥାନ୍ତି କହ? ହଉ ଛାଡ଼ ସେ କଥା। ଆଗେ କହିଲୁ ତୁ ଏମିତି ଶୁଖିଲା କାହିଁକି ଦେଖାଯାଉଛୁ? ମୁହଁ ଶୁଖି କଳାକାଠ। ପୁଣି ବାଳ, ଦାଢ଼ି କ'ଣ ଏତେ ବଢ଼ିଯାଇଛି? ତୋ ଦେହ ଭଲ ନ ଥିଲା କିରେ? ନା' ମନ ଭଲ ନାହିଁ? ତୋ ମୁହଁକୁ ଦେଖିଲେ ଲାଗୁଛି ଯେମିତି ତୋର ମନ ଭଲ ନାହିଁ।"

"ଥାଉ! ସେ କଥା ତମର ପଚାରିବାର ନାହିଁ। ଏତେଦିନ ହେଇଗଲା ସାନ ଭାଇଟା କେମିତି ଅଛି ଟିକିଏ ଖବର ନେଲ ନାହିଁ। ଆଜି ଦେଖିଲାରୁ କହୁଛ ଶୁଖିଲା ଦେଖାଯାଉଛି, ମନ ଭଲ ନାହିଁ।"

"ହଉ ନେଇନି ତ, ଆଉ କ'ଣ କରିବି? ତୋ ରାଣୀର ଖବର କ'ଣ କହିଲୁ? ଏକା ବାହାରକୁ ଯାଇଥିଲୁ ନା' ଦି'ଜଣ ମିଶିକି ଯାଇଥିଲ ମ'?" ଆଖି ନଚେଇ ପଚାରିଥିଲି ମୁଁ।

"କାହିଁକି ସେମିତି କହୁଛ ଦିଦି? ମୁଁ କାହିଁ କୁଆଡ଼େ ବାହାରକୁ ଯିବି ଯେ? ସିଏ ପୁଣି ଦି'ଜଣ ମିଶି?" କହୁକହୁ ମୁହଁ ବୁଲେଇ ନେଇଥିଲା ଟିଟନ୍।

"କାଇଁ? ତମେ କ'ଣ ଦି'ଜଣ ଯାଆନିକି? ଏମିତି ଚିଡ଼ି ଯାଉଛୁ କାହିଁକି? ଦି'ଜଣଙ୍କ ଭିତରେ କଳି ଝଗଡ଼ା ହେଇଛି ନା' କ'ଣ? ସେତେବେଳୁ ଲକ୍ଷ୍ୟ କରୁଛି ମୁଁ ତୁ କଥା କହୁଛୁ ସିନା କିନ୍ତୁ ତୋ ମୁହଁରେ ସରସତା ନାହିଁ। ହସ ତ କୁଆଡ଼େ ଲିଭିଯାଇଛି। କଥା କ'ଣ? କ'ଣ ହେଇଛି ତୋର? ରାଣୀର ଦେହ ପା' ଭଲ ଅଛି ତ?"

"ମୋତେ ଆଉ ତା' ବିଷୟରେ କିଛି ପଚାରିବନି ଦିଦି।"

"କାହିଁକି? କ'ଣ ହେଲା କି?"

"କହିଲି ତ ପଚାରିବନି! ପଚାରିବନି! ମୋତେ ଆଉ ସବୁ କଥାରେ ଏତେ କାରଣ ପଚାରନି!"

"ଏମିତି ଚିଡୁଛୁ କାହିଁକି? କ'ଣ ହେଇଛି କହୁନୁ? କିଛି ଅସୁବିଧା ହେଲା କି?"

"କହିଲି ତ ପଚାରିବନି। କାହିଁକି ଆଉ ସେଇକଥା, ସେଇକଥା!" ମୁହଁ ବୁଲେଇ ନେଇଥିଲା ଟିଟନ୍।

ଠିକ୍ ଦେଖି ପାରିଥିଲି ମୁଁ ଟିଟନ୍‌ର ତଣ୍ଟି ଆଉ ଆଖି ଦି'ଟା ଯାକ ଯେମିତି ଓଦା ହେଇଯାଉଥିଲା।

"ଆରେ ବାତାପି ପାଣି ଦେଇଗଲୁ ଟିଟନ୍ ଭାଇକୁ। ଚା' ଟିକିଏ ବସା। କ'ଣ ଖାଇବୁ କହିଲୁ?" କଥାର ମୋଡ଼ ବଦଳେଇଥିଲି ମୁଁ।

"ଆଉ ତମ ଖବର କ'ଣ କହୁନ?" ନିଜକୁ ସମ୍ଭାଳି ପଚାରିଥିଲା ମୋତେ ଟିଟନ୍।

"ଟିକିଏ ସାରଙ୍କ ଘରକୁ ଯିବି ବୋଲି ବାହାରିଛି।"

"ହଉ ଯାଅ ତା'ହେଲେ! ମୁଁ ଯାଉଛି ଏବେ। ପରେ କେତେବେଳେ ଆସିବି ନ ହେଲେ।"

"ରହ। ଟିକିଏ ବସ୍। ମୁଁ କ'ଣ ସଙ୍ଗେସଙ୍ଗେ ଯାଉଛି? ସମୟ ଅଛି। ଆଉ ଟିକିଏ ପରେ ବାହାରିଲେ ଚଳିବ।"

"ମା'! ଚା'ଟା କୋଉଠି ରଖିବି?" ଚା' ଆଣିଥିଲା ବାତାପି।

"ଆରେ ସେତେବେଳୁ ଠିଆଠିଆରେ କଥା ହେଉଛି ତୋ'ସହିତ। ହଉ ଆ' ଡ୍ରଇଂରୁମ୍‌ରେ ବସି ଚା' ପିଇବା।"

ଟିଟନ୍ ଆଉ ମୁଁ ଯାଇ ଡ୍ରଇଂରୁମ୍‌ରେ ବସିଥିଲୁ।

"ଆପଣ ଚା' ପିଉଥାନ୍ତୁ, ମୁଁ ପକୁଡ଼ି, ବାଇଗିଣି କରି ନେଇ ଆସୁଛି।" ଚା' ରଖି କହିଥିଲା ବାତାପି।

"ନାଇଁନାଇଁ ଥାଉ। ଖାଲି ଚା' ପିଇବି। ଆଉ କିଛି ଖାଇବାକୁ ଇଚ୍ଛା ନାହିଁ।" କହିଥିଲା ଟିଟନ୍।

"ହଉ ତା' ହେଲେ ତୁ ଯା'! ସିଆଡ଼େ ଆଉ କ'ଣ କାମ ଅଛି ସାରିଦେ।"

ଚାଲିଯାଇଥିଲା ବାତାପି।

ଚା'କପ୍ ଉଠେଇ ନେଇ ଓଠରେ ଲଗାଇଥିଲା ଟିଟନ୍।

"ଏତେ ଚୁପ୍‌ଚାପ କାହିଁକି? କ'ଣ ହେଇଛି କହ? ତୋତେ ଦେଖିଲେ ଲାଗୁଛି ଯେମିତି ଭାରି ମନଦୁଃଖ ତୋର?" ଚା' ପିଉପିଉ ପଚାରିଥିଲି ମୁଁ।

"ମନଦୁଃଖ କାହିଁକି ହେବ ମ?"

"ଆଉ ନୁହେଁ ତ କ'ଣ? ତୁ କ'ଣ ଏମିତି ଚୁପ୍ ହେଇ ବସିବା ପିଲା? ଆସିବା ବେଳଠୁ ଯିବା ବେଳଯାଏ କେତେ କୁଆଡ଼ର କଥା ଗପୁ! ପୁଣି ହସିହସି ଗଡ଼ିଯାଉ। କେତେ ଥଟ୍ଟାମଜା କରୁଥାଉ। ଆଜି ଏମିତି ମୁହଁ ଫୁଲେଇ ମନଦୁଃଖ କଲାଭଳିଆ ବସିଛୁ? ତୁ କ'ଣ ଏଠିକୁ ଆସିଲେ ସେମିତି ବସୁ? ପୁଣି ରାଣୀ କଥା ପଚାରିଲେ କିଛି କହୁନୁ।"

"ସେଇକଥା ସେତେବେଳୁ ଚଲେଇଛ!"

"ଆଉ? ମୁଁ କ'ଣ ଭୁଲ୍ କହୁଛି? ତୁ ଯେତେବେଳେ ଆସୁ ତିନିଭାଗ ସମୟ ତା' କଥା ଗପୁଥାଉ। ଆଜି ଦେଖିଲା ବେଳକୁ ଏମିତି ହଉଛୁ? ଆଉ କେଇଟା ଦିନ ପରେ ଆସୁଛି ତମମାନଙ୍କ ଦିନ, ଭାଲେଣ୍ଟାଇନ୍ ଡ଼େ। ଏମିତି ଗୋଟେ କୋଉ ଭାଲେଣ୍ଟାଇନ୍ ଡ଼େରେ ଏକାଠି ପ୍ରୋଗ୍ରାମ କରୁକରୁ ଦି'ଜଣ ଦି'ଜଣଙ୍କୁ ଗୋଲାପ ଦିଆନିଆ କରିଥିଲ। ତା'ପରଠୁ ତମମାନଙ୍କ ଭିତରେ ସଂପର୍କ। ଯା'ଭିତରେ କେତେ ଭାଲେଣ୍ଟାଇନ୍ ଡ଼େ ଗଲାଣି। ବାହାଘର କେବେ ହେଉଛି ପଚାରି ପଚାରି ରହିଛି। ତୋର ସବୁବେଳେ ଉତ୍ତର ଦି'ଜଣ, ଦି'ଜଣଙ୍କୁ ଭଲରେ ଜାଣି ସାରୁ। ଦି'ଜଣଙ୍କ ଖୁସି ଖବରଟା ଶୁଣିବାକୁ ଅପେକ୍ଷା କରିକରି ଥକିଲିଣି। ତୁ ଏତେ ଦିନ ପରେ ଆଇଲୁ

e-News & Magazine

ଯେ କିଛି କଥା ନାହିଁ, ବାର୍ତ୍ତା ନାହିଁ, ମୁହଁଟା ଭାରୀ କରି ବସିରହିଛୁ। ହଉ ତୁ କିଛି ନ କହିଲେ ନାହିଁ ମୁଁ ତାକୁ ଫୋନ୍ ଲଗେଇ ପଚାରୁଛି କୋଉଠି ଅଛି ସିଏ? ତୋ ସାଙ୍ଗରେ କାହିଁକି ଆସିନି ସିଏ? ଆରେ ବାତାପି ମୋ ଫୋନ୍‌ଟା ସେଇଠି ଅଛି ଟିକିଏ ଆଣିଲୁ।"

"ନା'! ନା'! କାହାକୁ ଫୋନ୍ କରିବା ଦରକାର ନାହିଁ।" ଏକରକମ ଚିଲେଇ ଉଠିଥିଲା ଟିଟନ୍।

ଚମକି ପଡ଼ିଥିଲି ମୁଁ। ସ୍ଥିର ହେଇ ଚାହିଁଥିଲି ଟିଟନ୍‌କୁ। ଆଶ୍ଚର୍ଯ୍ୟ ହେଇଥିଲି ତାକୁ ଦେଖି। ପରେ ପୁଣି ଭାବିଥିଲି ରାଣୀ ଆଉ ଟିଟନ୍ ଭିତରେ ଝଗଡ଼ା ହେଇଛି ବୋଧହୁଏ। ଟିକିଏ ସମୟ ପରେ କହିବ ନିଶ୍ଚେ ସେ। ଚୁପ୍ ହେଇ ବସିଯାଇଥିଲି ମୁଁ।

"କାହିଁକି ଏମିତି ବସି ରହିଲ ଦିଦି? ତମେ ପରା ଯିବ? ଯାଉନ? ବେକାରଟାରେ ମୋ ପାଇଁ ଡେରି କରୁଛ? ଏପଟୁ ଡେରି ହେଲେ ସେପଟେ ସାରଙ୍କର ଡେରି ହେଇଯିବ। ସିଏ ବ୍ୟସ୍ତ ଲୋକ, ତାଙ୍କ ସମୟ ଅନୁସାରେ ତମେ କାମ କରିବା କଥା।" କିଛି ସମୟ ପରେ ନିରବତା ଭାଙ୍ଗି କହିଥିଲା ଟିଟନ୍।

"ହଁ ଯାଉଛି ଯିବି। ତୁ ତ କିଛି କହୁନୁ? ନିଜର ଭାବିଥିଲେ ସିନା କୁହନ୍ତୁ?"

"କ'ଣ ଆଉ କହିବି ଦିଦି? ସିଏ କ'ଣ କିଛି ବାକି ରଖିଛି? ଗୋଟିଏ ମୁହୂର୍ତ୍ତରେ ସବୁ ଛିଣ୍ଡେଇ ରଖିଦେଲା!"

"କିଏ? କ'ଣ ଛିଣ୍ଡେଇ ରଖିଦେଲା?"

"ଯାହାକୁ ବିଗତ ସାତବର୍ଷ ଧରି ତମର ଏ ଭାଇ ହୃଦୟ ଭିତରେ ସାଇତି ରଖିଥିଲା? ମୁଣ୍ଡରେ ବସେଇ ରଖିଥିଲା? ଜୀବନର ସର୍ବେସର୍ବା କରି ରଖିଥିଲା?"

"କ'ଣ କଲା ସିଏ?"

"ମୋ ପାଖରୁ ସବୁକିଛି ତୁଟେଇ ଚାଲିଗଲା ସିଏ ଆଉଜଣଙ୍କ ପାଖକୁ!"

"କ'ଣ କହୁଛୁ ତୁ? ମୁଁ ତ କିଛି ବୁଝି ପାରୁନାହିଁ?"

"କଥା ତ ସେଇଆ! ନ ବୁଝିପାରିଲେ ମୁଁ ଆଉ କ'ଣ କରିବି? ଯା' ଭିତରେ ତିନିମାସ ବିତିଗଲାଣି ମୁଁ ନିଜେ ହିଁ କିଛି ବୁଝିପାରୁନି। ଆଉ ତମକୁ କ'ଣ ବୁଝେଇବି?"

"ସବୁ ତୁଟେଇ ଦେଇ କ'ଣ ଚାଲିଯିବ? ପିଲାଖେଳ? ତମ ଦୁଇଜଣଙ୍କର ସଂପର୍କର ଗଭୀରତା ବିଷୟରେ ତମ ଘରେ ଜାଣିଛନ୍ତି। ତାଙ୍କ ଘରେ ଜାଣିଛନ୍ତି। ତୋ ସହିତ ତମ ଘରକୁ କେତେଥର ସିଏ ଯାଇଛି। ମଉସା ତାକୁ ବୋହୂ ରୂପରେ ଗ୍ରହଣ କରି ନେଇଛନ୍ତି ଏକରକମ। ତୋର ବି ତାଙ୍କ ଘରକୁ ଅବାଧ ପ୍ରବେଶ। ଦି'ଜଣ ଏକାଠି କେତେ ପ୍ରୋଗ୍ରାମ କରିଛ! ଏକାଠି କେତେ କୁଆଡ଼େ ଯାଇଛ! ମୋ ଜାଣିବାରେ ସବୁ କାମ ଦି'ଜଣ, ଦି'ଣଙ୍କୁ ପଚରା ପଚରି ହେଇ ଏକାଠି ସବୁ କରୁଥିଲ? କେତେ କ'ଣ କରିଛୁ ତୁ ତା'ପାଇଁ। ସିଏ ଆଜି ଯାହା ବି କରୁଛି ତୁ ସାହାଯ୍ୟ ନ କରିଥିଲେ କିଛି ବି ହେଇ ନ ଥାନ୍ତା? ତୁ ତ ତାକୁ ଠିଆକଲୁ ଜାଣ? ଏତେସବୁ ପରେ ଛିଣ୍ଡେଇ ଦେଇ ଚାଲିଗଲା କ'ଣ? ଏକଥା କିଏ ବିଶ୍ୱାସ କରିବ? କ'ଣ ଟିକିଏ ଯୁକ୍ତିତର୍କ ହେଇଥିବ। ସେଇଟା ତ ତମ ଭିତରେ ହୁଏ। ସେମିତି କଥା ନେଇ କେତେଥର ମୋ ପାଖକୁ ବି ଆସିଛି ସେ। ପଛେପଛେ ତୁ ବି ଆସିଛୁ। ପୁଣି ବୁଝାବୁଝି ହେଇଯାଇଛ। ଏଥର ହୁଏତ ଟିକିଏ ଜୋରରେ ଯୁକ୍ତିତର୍କ ହେଇଯାଇଥିବ। ଭଲପାଇବା ଥିଲେ ଏମିତି ରାଗ ଅଭିମାନ ହୁଏ। ଏଥିରେ ନୂଆ କଥା କିଛି ନାହିଁ। ସେଥିରେ ତୁ କହୁଛୁ ସବୁ ଛିଣ୍ଡେଇ ଦେଇ ଚାଲିଗଲା? ଏତେ ବଡ଼ ହେଲୁଣି। ପିଲାଳିଆମି ଗଲାନି ତୋର। ଏମିତି କ'ଣ କୁହନ୍ତି? ତମେ ସବୁ ଯୋଉ ଆଜିକାଲିକା ଛୁଆ...!"

"ଏମିତି କହିବିନି ଆଉ କେମିତି କହିବି? ଦିଦି ବୁଝିଲ! ତମେ କୋଉ ଯୁଗରେ ଅଛ? ଏଇଟା ତମ ବେଳର କଥା ନୁହେଁ। ଯୁଗ ଆସି କୋଉଠି ପହଞ୍ଚିଲାଣି। ତମେ କିନ୍ତୁ ସେଇଠି ଅଛ। ଆଜିକାଲିକା ଝିଅ ତମ ଭଳିଆ ନୁହନ୍ତି। ସମୟ ଅନୁସାରେ ବେଶ୍ ବଦଳି ଯାଇଛନ୍ତି ସେମାନେ। ବଦଳି ଯାଇଛି ମଧ୍ୟ ତାଙ୍କର ପ୍ରେମ। ରାଣୀ କଥାରୁ ଠିକ୍ ବୁଝିଯାଇଛି ମୁଁ ତା'ପାଇଁ ଏଇଟା ଥିଲା ଗୋଟେ ପିଲାଖେଳ। ମୁଁ ଥିଲି ତା' ପାଇଁ ଗୋଟେ କଣ୍ଢେଇ। ଯେତିକି ଦିନ ମନ ହେଲା ମୋ ସହିତ ଖେଳିଲା। ତା'ପରେ ମୋତେ ଫୋପାଡ଼ି ଦେଇ ଚାଲିଗଲା ଆଉ କାହାକୁ କଣ୍ଢେଇ କରିବାକୁ।"

"ଆରେ କାହିଁକି ଏମିତି କହୁଛୁ? ଏତେ ଚଞ୍ଚଳ କ'ଣ ଏମିତି ହୁଏ? ଇୟେ ଭଲପାଇବାର ସଂପର୍କ। ନିଜନିଜ ଭିତରେ ଭଲପାଇବା ଥିଲେ ଏମିତି କେତେ କଥା କଟାକଟି ନିମିଷକରେ କୁଆଡ଼େ ଯାଏ। ପ୍ରେମ ସଂପର୍କରେ କ'ଣ ଏଗୁଡ଼ା ଦେଖାଯାଏ। ଇଏ ସବୁ କୁଆଡ଼େ ଭୁଲି ହେଇଯାଏ। ମନେରୁହେ ଖାଲି ଗୋଟିଏ କଥା! ଆଉ ସେଇଟି ହେଉଛି ପ୍ରେମ! ଯାହାକୁ ଥରେ ହୃଦୟ ଦେଇ ଭଲପାଇବ, ତା'ଠୁ ସଂପର୍କ ତୁଟେଇ କ'ଣ ରହିହେବ? ଯଦିବି ରହିବ ଭାରି କଷ୍ଟ କିନ୍ତୁ। ସେକଥା ଛାଡ଼୍। ତୁ ରହ ତାକୁ ଟିକିଏ ଫୋନ୍ ଲଗାଏ ମୁଁ। ବାତାପିକୁ କୁହେ ମୋ ଫୋନ୍‌ଟା ଆଣିଦଉ।"

"ସିଏ ଯେମିତି ଅନେଇ ବସିଛି ତମ ଫୋନ୍ ଉଠେଇବାକୁ? ଏବକୁ ଆଉ କାହା ହାତଧରି ବୁଲୁଥିବ, ତମକୁ ଚିହ୍ନି ବି ପାରିବ କି ନାହିଁ ସନ୍ଦେହ। ଯାଉଥିଲା ତମ ଫୋନ୍ ଉଠେଇବାକୁ।"

"କ'ଣ ହେଲା ତମ ଭିତରେ ଟିକିଏ ବୁଝେଇ କହିଲୁ ମୋତେ! ତୋ କଥାରୁ କିଛି ବୁଝି ପାରୁନି ମୁଁ ସତରେ।"

"ବୁଝେଇ କହିବି କ'ଣ? କେତେଦିନ ହେବ ମୁଁ ଲକ୍ଷ୍ୟ କରୁଥିଲି ସିଏ ଅନ୍ୟମନସ୍କ ରହୁଥିଲା। ମୁଁ ଯେତେବେଳେ ଯୁଆଡ଼େ ଯିବା ପାଇଁ କହୁଥିଲି ଅଲଗା କାମ ଅଛି କହି କଥା ଟାଳି ଦେଉଥିଲା। ସେଦିନ ମୁଁ ଯାଇଥିଲି ତା' ଘରକୁ। ତିନି ଚାରିଦିନ କାଳ ବାହାରକୁ ଯାଇଥିଲି ମୁଁ। ସବୁଥର ଯେମିତି ମୁଁ ବାହାରକୁ ଗଲେ ବାରମ୍ବାର ଫୋନ୍ କରୁଥାଏ ମୋତେ। ସେଥର କିନ୍ତୁ ଜମା ଫୋନ୍ ନ ଥିଲା ତା'ର। ମୁଁ ଫେରୁଫେରୁ ବ୍ୟସ୍ତ ହେଇ ଚାଲିଯାଇଥିଲି ତା' ଘରକୁ। ମୁଁ ପହଞ୍ଚିଲା ବେଳକୁ ସିଏ ଫୋନ୍‌ରେ ଗପୁଥିଲା। ମୋତେ ଦେଖିବା ପରେ ବି ଫୋନ୍ ରଖୁ ନ ଥିଲା। ଅପେକ୍ଷା କରିକରି ରାଗ ମାଡ଼ିଥିଲା ମୋତେ। ହଠାତ୍ ତା'ହାତରୁ ଫୋନ୍‌ଟା ଛଡ଼େଇ ଆଣି ଫୋନ୍ କାଟି ଦେଇଥିଲି ମୁଁ।

ବ୍ୟସ୍ତ ହେଇ ଫୋନ୍ ଛଡ଼େଇବାକୁ ଚେଷ୍ଟା କରିଥିଲା ସେ ମୋ ପାଖରୁ। ତା'ର ଏଭଳି ଆଚରଣ କେବେ ଦେଖି ନ ଥିଲି ମୁଁ। ଏମିତିରେ ମୋ ଫୋନ୍ ତା' ପାଖରେ କି ତା' ଫୋନ୍ ମୋ ପାଖରେ ସେଥିରେ କିଛି ଫରକ୍ ନ ଥାଏ ଆମର। କିନ୍ତୁ ସେଦିନ ତା'ର ପରିବର୍ତ୍ତନ ଦେଖି ମୋତେ ଟିକିଏ କେମିତି ଲାଗିଥିଲା। ମୋ ପାଖରୁ ତା'ର ଫୋନ୍ ଛଡ଼େଇ ନେଇଯିବାର ବ୍ୟସ୍ତତା ଦେଖି ଆଶ୍ଚର୍ଯ୍ୟ ହେଇଥିଲି ମୁଁ। କହିଥିଲି, "ମୋ ପାଖରୁ ଫୋନ୍ ନେଇ ଯିବାକୁ ଏମିତି ବ୍ୟସ୍ତ କାହିଁକି? ଆଗରୁ ତ ଏମିତି କରୁ ନ ଥିଲ? ଏବେ କାହିଁକି ଏମିତି ବ୍ୟସ୍ତ ହେଇ ପଡୁଛ?" କହୁକହୁ ଫୋନ୍‌ର ମେସେଜ୍ ବକ୍ସଟା ଖୋଲି ଦେଇଥିଲି ମୁଁ। ପରେ ପରେ ଫଟୋ ଗ୍ୟାଲେରୀ। ଯାହା ଦେଖିଥିଲି ମୁଣ୍ଡ ଝାଇଁଝାଇଁ କରିଯାଇଥିଲା ମୋର। ମାଡାମ ଆଉ କାହା ବାହୁବନ୍ଧନ ଭିତରେ ଥାଇ ଯେତେ ପ୍ରକାରର ଫଟୋ! ପୁଣି ଯେତେ ପ୍ରକାରର ଲଭ୍‌ମେସେଜ୍। ଗୋଟିଏ ପରେ ଗୋଟିଏ ଦେଖିଚାଲିଥିଲି ମୁଁ। ସ୍ଥିର ହେଇ ଛିଡ଼ା ହେଇ ରହିଥିଲା ସିଏ। ସବୁ ଦେଖିସାରି ମୁହଁ ଉଠାଇ ଚାହିଁଥିଲି ତାକୁ ମୁଁ। ମୋ ଭିତରେ କେତେ କ'ଣ ଝଣ୍ଝଣ୍ ହେଇ ଭାଙ୍ଗିପଡୁଥିଲା ଯେ ମୁଁ ଜାଣିବା ବାହାରେ ଥିଲା ସେସବୁ। ବହୁ କଷ୍ଟରେ ନିଜକୁ ସମ୍ଭାଳି କହିଥିଲି, 'ଇଏ କ'ଣ?'

"ଦେଖିକି କ'ଣ ବୁଝିପାରୁନ? କେତେଦିନ ହେବ ତମକୁ କହିବି ବୋଲି ଭାବୁଛି କହିପାରିନି।"

ଦଣ୍ଡେ ବି ଡେରି ନ କରି କହିଥିଲା ସେ। ଉତ୍ତର ଥିଲା ତା'ର ବେଶ୍ ସିଧାସଳଖ।

"କ'ଣ କହିଥାନ୍ତ?" ମୁଁ ପଚାରିଥିଲି ତାକୁ।

"ମୁଁ ସେ ପିଲାକୁ ଭଲ ପାଉଛି!"

"ଭଲପାଉଛ? କାହାକୁ?"

"ଯାହାର ଫଟୋ ଦେଖିଲ ଆଉ ମେସେଜ୍ ପଢ଼ିଲ?"

"କ'ଣ କହୁଛ ତମେ? ତମ ମୁଣ୍ଡ ଠିକ୍ ଅଛି ତ?"

e-News & Magazine

"ମୁଣ୍ଡ ଠିକ୍ ନ ଥିଲା ଭଳି କିଛି କାମ କଲିକି ମୁଁ?"

"ତମେ କ'ଣ ମୁଣ୍ଡଠିକ୍ ଥିଲା ଭଳି କଥା କହୁଛ? ଥରେ ଭାବିଛ କାହା ଆଗରେ କୋଉ କଥା କହୁଛ? କେତେ ବର୍ଷର ଏବଂ କେତେ ଗଭୀର ଆମର ସଂପର୍କ ତା'ର ହିସାବ ରଖିଛ ତମେ?"

"ହିସାବ କ'ଣ ରଖିବି? ପ୍ରେମ କ'ଣ ହିସାବ କରି କରାଯାଏ? ଦିନେ ଆମ ଭିତରେ ଥିଲା ସଂପର୍କ! ମୁଁ ଆଉ ଏବେ ତମ ସହିତ ସଂପର୍କ ରଖିବାକୁ ଚାହୁଁନି। ତମେ ମୋତେ ଭଲ ଲାଗୁନ ଆଉ। ଏବେ ମୁଁ ତାକୁ ଭଲ ପାଉଛି।"

"ମୁଁ ତମକୁ ଭଲ ଲାଗୁନି? ଏତେ ବର୍ଷ ଧରି ଆମ ଭିତରେ ଯାହା ଘଟୁଥିଲା ସେସବୁ କ'ଣ ଥିଲା? ତମର ମୋ ସହିତ ଭଲ ପାଇବାର ଛଳନା ନା' କ'ଣ?"

"ସେମିତି କିଛି ବି ନୁହେଁ।"

"ସେମିତି କିଛି ନୁହେଁ ମାନେ?"

"ସେମିତି କିଛି ନୁହେଁ ମାନେ, ସେମିତି କିଛି ନୁହେଁ! କ'ଣ ଆଉ କହିବି?"

"ମୁଁ ତ ଜାଣିଛି ତମେ ମୋତେ ବହୁତ ଭଲ ପାଅ, ମୁଁ ତମକୁ ବହୁତ ଭଲ ପାଏ। କିନ୍ତୁ ଆଜି ହଠାତ୍ ଏମିତି କ'ଣ କହୁଛ ତମେ? ଆମ ଭିତରେ ଯେଉଁଠି ପାଣି ଗଳିବାକୁ ବାଟ ନ ଥିଲା ସେଠି ପୁଣି ଏ କଥା କେମିତି?"

"ମୁଁ କ'ଣ ମନାକଲି ଆମ ଭିତରେ ସଂପର୍କ ନ ଥିଲା ବୋଲି?"

"ଖାଲି ସମ୍ପର୍କ ନୁହେଁ, ଗଭୀର ପ୍ରେମ ସମ୍ପର୍କ। କିନ୍ତୁ ତମ କଥା ଶୁଣି ଆଶ୍ଚର୍ଯ୍ୟ ହେଉଛି ମୁଁ। ଆମ ଭିତରର ସଂପର୍କର ଗଭୀରତା କ'ଣ ଏତେ ଦୁର୍ବଳ ଯାହା ଏମିତି ଭାବରେ ତୁଟିଯିବ? ମୋ ଜାଣିବାରେ ତ ଆମ ସଂପର୍କ ସେମିତି ନୁହେଁ?"

"ଠିକ୍ ଅଛି ଯାହାଥିଲା ଥିଲା। ମୁଁ ସେସବୁ ଭୁଲି ଗଲିଣି। ତମେ ବି ଭୁଲି ଯାଅ, ମୋତେ ମୁକ୍ତି ଦିଅ।" କଥା ସାରିବାକୁ ତରବର ଥିଲା ଯେମିତି ସେ।

"କ'ଣ କହିଲ ଭୁଲିଯିବି? ଦୀର୍ଘ ସାତବର୍ଷର ସଂପର୍କ! ଖାଲି ଯାହା ବେଦୀରେ ବସି ହୋମ ନିଆଁକୁ ସାକ୍ଷୀରଖି ହାତଗଣ୍ଠି ପଡ଼ିନି ଆମର। କିନ୍ତୁ ବିଭିନ୍ନ ମନ୍ଦିରରେ କେତେଥର ମୁଁ ତମକୁ ଆଉ ତମେ ମୋତେ ମାଳା ପିନ୍ଧାଇଛ? କେତେଥର ମୁଁ ବିଭିନ୍ନ ମନ୍ଦିରରେ ଭିନ୍ନଭିନ୍ନ ଦେବୀଙ୍କର ସିନ୍ଦୂର ତମ ସୁନ୍ଥାରେ ଦେଇଛି? କେତେଥର ନିଜକୁ ବଧୂ ବେଶରେ ସଜେଇଛ ତମେ ମୋ ସାମ୍ନାରେ? କେତେ ସ୍ୱପ୍ନ ଦେଖିଛେ ଆମେ ଆମର ବର ବଧୂର ବେଶକୁ ନେଇ? କେବେ କୋଉ ପାର୍କ, କେବେ କୋଉ ବଜାର, କେବେ କୋଉ ମନ୍ଦିର, ପୁଣି କେବେ କୋଉ ସିନେମା ହଲ! କେତେ କୁଆଡ଼େ ହାତ ଧରାଧରି ହେଇ ବୁଲିଛେ ଆମେ? କେତେ ରାତି ବିତାଇଛେ ଆମେ ଏକାଠି ହୋଟେଲ୍‌ର ଗୋଟିଏ ରୁମ୍‌ରେ! ଗୋଟିଏ ବିଛଣାରେ! କେତେଥର ତମେ ଆମ ଘରକୁ ଆସି ରାନ୍ଧିବାଢ଼ି ଖୁଆଇଛ ମୋତେ? କେତେଥର ମୁଁ ତମ ଘରକୁ ଯାଇଛି ତମ ଦେହ ଖରାପ କଥା ଶୁଣି? କେତେ ସେବା କରିଛି ତମ ବେଡ୍‌ରୁମ୍‌ରେ, ତମ ବିଛଣାରେ ତମ ଦେହକୁ ଲାଗିବସି? କେତେ ପାଠ, କେତେ ପରୀକ୍ଷା କେଉଁଥିରେ ମୁଁ ରହିନି ତମ ପାଖେପାଖେ? ଆଉ ଏସବୁର ସାକ୍ଷୀ କେବଳ ତମେ ବା ମୁଁ ନୁହଁ! ତମର ମୋର ସମସ୍ତ ସଂପର୍କର ସାକ୍ଷୀ ତମ ବାପାମାଆ, ମୋ ବାପାମାଆ ଆଉ ଆମର ଈଶ୍ୱର। ଅଳ୍ପଦିନ ପରେ ତମେ ବୋହୂ ବେଶରେ ଆମ ଘରେ ପାଦ ରଖିଥାନ୍ତ! ଅଥଚ କେତେ ସହଜରେ ତୁଟେଇ ଦେଉଛ ତମେ ସବୁକିଛି?"

"ଯାହା ଥିଲା ଥିଲା, ସେସବୁ ବିଷୟରେ ଆଉ ଆଲୋଚନା କରି ସମୟ ନଷ୍ଟକର ନାହିଁ। ପୁରୁଣା ଗୁହକୁ ଯେତେ ଖେଳେଇବ ଖାଲି ଦୁର୍ଗନ୍ଧ ବଢ଼ିବ ସିନା ଆଉ କିଛି ହେବ ନାହିଁ।"

"ତମର ମୋର ଏତେ ସୁନ୍ଦର ଭଲପାଇବାର ସଂପର୍କକୁ ତମେ ଏଭଳି ଭାବରେ ବ୍ୟାଖ୍ୟା କଲ?"

ମନ କ'ଣ ହେଇଯାଉଥିଲା ମୋର। ପାଦତଳୁ ମାଟି ଖସିଯିବା ପରି ଲାଗୁଥିଲା ଯେମିତି। ତେବେ ବି ଧୈର୍ଯ୍ୟଧରି ରହିଥିଲି ମୁଁ। ପୁଣି ବୁଝେଇବାକୁ ଚେଷ୍ଟା କରିଥିଲି ତାକୁ।

"ଏବେ ତମେ ଯାଅ। ମୋର ମୁଣ୍ଡ ବିନ୍ଧୁଛି। ଶୋଇବି ମୁଁ।"

"ତମେ ଯେଉଁଭଳି ଭାବରେ ବାରମ୍ବାର ମୋତେ ଚାଲିଯିବା ପାଇଁ କହୁଛ, ତା'ପରେ ମୁଁ ଆଉ ଏଠାରେ ରହିବା ଉଚିତ ନୁହେଁ। ତା' ଛଡ଼ା ତମ କଥା ଶୁଣିଲେ ଆଦୌ ମନେ ହେଉନି ତମର ଏ ନିଷ୍ପତ୍ତି ଆଜିର ବୋଲି। ବେଶ୍ କିଛିଦିନ ହେବ ଏ ନିଷ୍ପତ୍ତି ତମେ ନେଇଥିବ। ମୁଁ ଆଶ୍ଚର୍ଯ୍ୟ ହେଉଛି ତମେ ମୋ ସହିତ ଏଭଳି ଗୋଟେ ସଂପର୍କରେ ଥାଇ ମଧ୍ୟ ପୁଣି ଆଉ ଗୋଟିଏ ସଂପର୍କକୁ ପ୍ରଶ୍ରୟ ଦେଲ? କେମିତି ଏମିତି କରିପାରିଲ? ଏତେ ସହଜରେ ପୁଣି? ଚାଲିଯାଉଛି ମୁଁ। ତେବେ ଚାଲିଯିବା ଆଗରୁ କହିବ କି କ'ଣ ହେଇଥାଇ ପାରେ ତମର ଏ ପରିବର୍ତ୍ତନର କାରଣ?"

"ଦେଖ ଟିଟନ୍! ସତ କହିବାକୁ ଗଲେ ତମେ ଯୋଉଟାକୁ ଭଲ ପାଇବା କହୁଛ ସେଇଟା ତା' ନୁହେଁ। ସେଇଟା ତମ ମୋ ଭିତରେ ପ୍ରେମ ନୁହେଁ। ସେଇଟା ଥିଲା ଖାଲି ଏକପ୍ରକାର ଦୁର୍ବଳତା। ତାକୁ କ'ଣ ପ୍ରେମ କୁହାଯାଏ? ସେହିଭଳି ସମ୍ପର୍କକୁ ଆଖିରେ ରଖି ସାରାଜୀବନ ସାଥୀ ହେବାର ସ୍ୱପ୍ନ କିଏ ଦେଖନ୍ତି?"

"ତମେ କହୁଛ ଏଇଟା ଖାଲି ଗୋଟେ ଦୁର୍ବଳତା? ପିଲାଖେଳ? ଆମଭିତରେ ଆଉ କ'ଣ ଘଟିବାକୁ ବାକି ରହିଛି, କେବଳ ବ୍ରାହ୍ମଣର ଦି'ପଦ ମନ୍ତ୍ର ଛଡ଼ା! ମୁଁ କହିବି, ସଂସାରରେ କୌଣସି ସ୍ୱାମୀ ସ୍ତ୍ରୀ ଆମଠାରୁ ବେଶୀ ନିବିଡ଼ ଭାବରେ ମିଶି ନ ଥିବେ। ଆମଠାରୁ ବେଶୀ ଅନ୍ତରଙ୍ଗତା ନ ଥିବ ତାଙ୍କ ଭିତରେ! ଏକଥା ତମେ ମଧ୍ୟ ସ୍ୱୀକାର କରିବ। ତା'ପରେ ବି ତମେ କହିବ ସେଇଟା ଆମର ପ୍ରେମ ନ ଥିଲା? ସେମିତି କୁହନି ରାଣୀ। ଅନ୍ତତଃ ତମ ମୁହଁରେ ଶୋଭା ପାଉନି ଏକଥା। ଯାହା ହେଲା ହେଲା, ଏବେ ସେସବୁ ଭୁଲିଯାଅ। ମୋତେ ଯେତେ କଷ୍ଟ ହେଲେ ବି ମୁଁ ଭୁଲିଯିବି ତମର ଏ ବ୍ୟବହାର। ମୁଁ ଯେ ତମକୁ ଭଲପାଏ।"

ମୁଁ ଭାବିଥିଲି ଏଇ କେଇପଦ କଥା ମନେପକେଇ ଦେଲେ ବାସ୍ତବସ୍ଥିତିକୁ ଅନୁଭବ କରିବ ସିଏ। କିନ୍ତୁ ନା, ଭୁଲ ଥିଲା ମୋ ଚିନ୍ତାଧାରା। ମୋ କଥାର ଉତ୍ତର ଦେଇ ସିଏ କହିଥିଲା, "ତମ ଭଳିଆ ପୁଅଙ୍କୁ କେଇଦିନ ପାଇଁ ଭଲପାଇବାକୁ ଠିକ୍ ଅଛି। ମାତ୍ର ସାରାଜୀବନ ତମକୁ ନେଇ ଘର ସଂସାର କରିବାର ସ୍ୱପ୍ନ ଦେଖାଯାଇ ପାରେନା। ତା'ଛଡ଼ା ଆମେ ବହୁଦିନ ଧରି ସମସ୍ତଙ୍କ ସାମ୍ନାରେ ଚଳପ୍ରଚଳ ହେଉଛେ। ତମକୁ ଆଉ ମୋତେ ଏକାଠି ଦେଖିଲେ ସମସ୍ତଙ୍କର ଗୋଟିଏ କଥା ମୋର ଏ ସୁନ୍ଦର ଚେହେରା ପାଖରେ ତମ ଚେହେରା ଆଦୌ ଖାପ୍ ଖାଉନି। ସତ କହିବାକୁ ଗଲେ ତମ ଚେହେରାଟା ମୋତେ ଜମା ଭଲ ଲାଗୁନାହିଁ।"

"ପ୍ରଥମରୁ ତ ଏମିତି କିଛି କଥା ନ ଥିଲା ଆମ ଭିତରେ?"

"ହେଃ! କେତେଥର ଆଉ ସେଇ କଥା?"

ଧଡ଼୍ କରି ଉଠିପଡ଼ିଥିଲା ସେ। ପାଦ ବଢ଼େଇଥିଲା ବାହାରକୁ। ତେବେ ବି ତା' ହାତଟାକୁ ଧରି ରହିଥିଲି ମୁଁ। ମୋ ହାତ ଭିତରୁ ତା' ହାତ ବାହାର କରି ନେଇ ତା'ର ଲମ୍ବା ବେଣୀକୁ ପଛକୁ ଛାଟିଦେଇ ଚାଲିଯାଇଥିଲା ସେ ମୋ ପାଖରୁ। କାବା ହେଇ ଚାହିଁ ରହିଥିଲି ମୁଁ ତାକୁ।

ଲୁହ ସବୁ ଝରଝର ହେଇ ଝରି ପଡୁଥିଲା ଟିଟନ୍ ଆଖିରୁ।

ତା' ପାଖକୁ ଉଠିଯାଇ ତା' କାନ୍ଧରେ ହାତ ରଖିଥିଲି ମୁଁ।

"କି କଥା କହୁଛୁ ତୁ? ମୋର ତ ଜମା ମନ ହେଉନାହିଁ ବିଶ୍ୱାସ କରିବାକୁ। ତୁ ତାକୁ ସୁନ୍ଦର ଦେଖାଗଲୁନି ବୋଲି ଏତେ ବର୍ଷର ଏଭଳି ଗଭୀର ସଂପର୍କକୁ ତୁଟେଇ ଦେଇ ଚାଲିଗଲା ସେ? କେମିତି ଏମିତି ହେଇ ପାରିବ? ମୋତେ ଲାଗୁଛି ସେତେବେଳେ ସେମିତି କହିଦେଇଥିବ ସିଏ। ପରେ ନିଶ୍ଚିତ ପଶ୍ଚାତାପ କରିଥିବ! ତୁ ଖାଲି ଯାହା କଥା ଧରି ବସିଥିବୁ! ତୁ କହିଲୁ ସେଦିନ ପରେ ଆଉ ଫୋନ୍ କରିଛୁ ତୁ ତାକୁ?"

"ହଁ! ବାରମ୍ବାର ଫୋନ୍ କରିଛି! ବାରମ୍ବାର ତା' ଘରକୁ ଯାଇଛି।"

"କ'ଣ କହିଲା ସିଏ?"

e-News & Magazine

"ତମେ ସିନା ଏମିତି ଭାବୁଛ ସିଏ ମୋ ସହିତ ଯାହା କଲା ଶୁଣିଲେ ଆଶ୍ଚର୍ଯ୍ୟ ହେବ !"

"କ'ଣ କଲା ? ଗୁଣ୍ଡା ଲଗାଇଲା କି ତୋ ପଛରେ ?"

"ନା' ! ଯେତେଥର ଗଲି ପ୍ରଥମେ ତ ତା' ମା' ମୋତେ ବାହାରୁ ବାହାରୁ ଫେରେଇ ଦିଅନ୍ତି। ବହୁତ ଜିଦି କଲା ପରେ ଥରେ ସେ ଡ୍ରଇଂରୁମ୍‌କୁ ଆସିଲା। ଅଚିହ୍ନା ଅଜଣା ଭଳି ମୁହଁ ତଳକୁ କରି ବସିଲା। ତାଙ୍କ ଡ୍ରଇଂରୁମ୍‌ରେ ପଡ଼ିଥିବା ସୋଫା ଉପରେ ଦିନେ ଯେତେବେଳେ ମାତ୍ର ଚାଖଣ୍ଡେ ଜାଗାରେ ଲଦାଲଦି ହେଇ ବସୁଥିଲୁ ଆମେ, ସେଦିନ ସେହି ସୋଫାର ଗୋଟାଏ ମୁଣ୍ଡରେ ମୁଁ ବସିଥିଲି, ଆଉ ଆରମୁଣ୍ଡରେ ସେ। ପୁଣି କିଛି ନ ଜାଣିଲା ଭଳି ପଦେ, ଦି' ପଦ କଥା ହେଇ ଉଠି ଚାଲିଯାଇଥିଲା। ଏଭଳି ବ୍ୟବହାର ପାଇଲା ପରେ ଆଉ କିଏ ଯାଇଥାନ୍ତା ତା'ପାଖକୁ ? ମୁଁ ବି ଯିବା ବନ୍ଦ୍ କରିଦେଲି।"

କହୁକହୁ ତଣ୍ଟି ଶୁଖି ଅଠାଅଠା ହେଇଯାଇଥିଲା ଯେମିତି ଟିଟନର। ଗ୍ଲାସ୍ ଉଠେଇ ଢୋକେ ପାଣି ପିଇ ପୁଣି କହିଥିଲା, ତମେ ତ ସବୁ ଜାଣିଛ ଦିଦି ! କେତେ ଭଲପାଉଥିଲି ତାକୁ ମୁଁ। ତା'ପାଇଁ ମୁଁ ପ୍ରଥମ ଗିଫ୍ଟ କିଣିଥିଲି ତମକୁ ନେଇ। ସେଇ ସାତବର୍ଷ ତଳର କଥା। ଏବେ ବି ଆଖିକୁ ଜଳଜଳ ହେଇ ଦେଖାଯାଉଛି ମୋତେ। ଭୁବନେଶ୍ୱର ସାରା ସବୁ ବଡ଼ବଡ଼ ଗହଣା ଦୋକାନ ବୁଲି ଆସିଥିଲି ମୁଁ ପସନ୍ଦର ମୁଦିଟିଏ ପାଇଁ। ନା' ମୋ ଦ୍ୱାରା ହେଇପାରି ନ ଥିଲା। କିଛି ପସନ୍ଦ ଲାଗି ନ ଥିଲା ମୋତେ। ଶେଷରେ ତମକୁ ନେଇ ଯାଇଥିଲି ମୁଁ। ତମକୁ ମୋ ସହିତ ଦେଖି ଗହଣା ଦୋକାନୀ ଭିତରୁ ବାହାର କରିଥିଲା ଚାରିଟା ମୁଦି। ସବୁଯାକ ଥିଲା ଏକୁ ଆରେକ ବଳି। କୋଉଟା ରାଣୀର ଆଙ୍ଗୁଳିକୁ ହେବ, କୋଉଟା ତାକୁ ଛୋଟ ହେବ, କୋଉଟା ତାକୁ ବଡ଼ ହେବ, କୋଉଟା ପୁଣି ହେବ ତା'ର ପସନ୍ଦର। ଚାଲିଥିଲା ଆମ ଭିତରେ କଥାବାର୍ତ୍ତା ଆଉ ବଛାବଛି। ଶେଷକୁ ମୁଦିଟିଏ ତମେ ହିଁ ବାଛି ଥିଲ ରାଣୀ ପାଇଁ। ଆଉ ସେଇଟା ଥିଲା ତା' ପାଇଁ ମୋର ପ୍ରଥମ ପ୍ରେମର ଉପହାର। ସତ କହିବାକୁ ଗଲେ ସେଇଟା ଥିଲା ମୋ ତରଫରୁ ତା' ପାଇଁ ଏନ୍‌ଗେଜମେଣ୍ଟ ରିଂ। ଏବେ ବି ମନେପଡୁଛି ମୋର ମୋ ହାତରେ ମୁଦିଟି ଦେଖୁଦେଖୁ ନାଚି ଯାଇଥିଲା ରାଣୀ। କୁରୁଳି ଉଠିଥିଲା ତା' ମନ।

"କେତେ ସୁନ୍ଦର ହେଇଛି ଏ ମୁଦି ? ଜଣେ ଜଣଙ୍କୁ ଗଭୀର ଭାବରେ ଭଲ ପାଇଲେ ହିଁ ଏହିଭଳି ତା'ର ପସନ୍ଦର ଜିନିଷ କିଣିପାରେ। ମୋତେ ଲାଗୁଛି ମୁଁ ଯେମିତି ସ୍ୱପ୍ନରେ ଦେଖିଥିଲି ଠିକ୍ ଏମିତି ଗୋଟେ ମୁଦି। ଯାହାକୁ ମୋ ହାତରେ ପିନ୍ଧେଇ ଦେଇଥିଲା ମୋ ସ୍ୱପ୍ନର ରାଜକୁମାର। ଆଉ ଜାଣିଛ ମୋ ସ୍ୱପ୍ନର ସେ ରାଜକୁମାର ଜଣଙ୍କ କିଏ ଥିଲେ ?"

"କିଏ ?"

"ତମେ ! କେବଳ ତମେ ! ମୁଁ ଭାଗ୍ୟବତୀ। ତମଭଳି ଜଣେ ପୁଅର ଭଲପାଇବା ପାଇବାର ଭାଗ୍ୟ ମୋର ହେଲା। ଆକାଶରୁ ବିରାଟ, ସମୁଦ୍ରଠୁ ଗଭୀର ତମର ପ୍ରେମ। ଏକଥା ମୁଁ ଭଲ ଭାବରେ ଅନୁଭବ କରିଛି। ଖାଲି ଏ ଜନ୍ମରେ ନୁହେଁ, ତମର ସେଇ ପ୍ରେମ ପାଇବାକୁ ମୁଁ ଜନ୍ମ ନେଉଥିବି କେତେ ଜନ୍ମ।"

"ଦିଦି ! ସେଦିନ ଯିଏ ବିନା ଦ୍ୱିଧାରେ ମୋ ଦେହକୁ ଦେହ ଲଗେଇ ବସି ପ୍ରେମର ଗଭୀରତାକୁ ଏଭଳି ଭାବରେ ବ୍ୟାଖ୍ୟା କରୁଥିଲା ଆଜି ସିଏ ଯାଇ ଆଉ କୋଉଠି। ହୁଏତ ଆଉ କାହାର ଦେହ ସଂଲଗ୍ନ ହେଇ ବସି ଠିକ୍ ଏମିତି ବାଖ୍ୟା କରୁଥିବ ପ୍ରେମକୁ।"

"ହାଏରେ ବିଧାତା। କ'ଣ ନ ଶୁଣିଲା ଏ କାନ ! ଏତେ ବର୍ଷର ନିବିଡ଼ ସଂପର୍କ ପରେ ତୁ ତାକୁ ପୁଣି ଅସୁନ୍ଦର ଦେଖାଗଲୁ ? ସବୁ ତୁଟେଇଦେଇ ଚାଲିଗଲା ? ସିଏ କ'ଣ ଜାଣି ନ ଥିବ ତା'ର ଏଭଳି ବ୍ୟବହାର କେତେ କଷ୍ଟ ଦେଇଥିବ ତୋତେ ? ଯିଏ ଯାହାକୁ ଭଲପାଏ ସିଏ କ'ଣ ତାକୁ କେବେ କଷ୍ଟ ଦେଇପାରେ ? ନା' ! କାହିଁକି ନା' ଆରଜଣଙ୍କୁ କଷ୍ଟ ହେଲେ ସେ କଷ୍ଟ ତାକୁ ବି ହେବ। "

ଚୁପ୍ ହେଇ ବସିଥିଲା ଟିଟନ୍। ଚୁପ୍ ହେଇ ଯାଇଥିଲି ମୁଁ ବି। କ'ଣ ବୁଝେଇବି ଟିଟନ୍‌କୁ ଭାବିପାରୁ ନ ଥିଲି ମୁଁ। ଖାଲି ବଡ଼ବଡ଼ ଆଖିରେ ଚାହିଁ ରହିଥିଲି ତାକୁ।

"ମୁଁ ଏବେ ଆସୁଛି ଦିଦି ! କାମ ଅଛି ମୋର। ପରେ କେତେବେଳେ ଆସିବି।" ଉଠି ଛିଡ଼ାହେଇଥିଲା ଟିଟନ୍।

"ଭଲରେ ଥିବୁ ବାପା ! ଆଉ କେତେବେଳେ ଆସିବୁ ନିଶ୍ଚେ। ଗୋଟିଏ କଥା ମନେରଖିଥିବୁ ଟିଟନ୍ ସିଏ ସିନା ବୁଝିଲାନି ଏମିତି ଭାବରେ ବାଟ ଭାଙ୍ଗି ଚାଲିଗଲା, ତୁ କିନ୍ତୁ କେବେ ବି ତା'ର ଅମଙ୍ଗଳ ଭାବିବୁନି। ସିଏ ସିନା ପ୍ରେମଟାକୁ ଖେଳଘର ଭାବି ସୁନ୍ଦରତା ଅସୁନ୍ଦରତା ଭିତରେ ବାନ୍ଧି ରଖିଦେଲା, ତୁ କିନ୍ତୁ ସେମିତି କରିବୁନି ବାପା। ତା'କୁ ତା' ବାଟରେ ଯିବାକୁ ଦେ। ତା'ର ଯେମିତି ଇଚ୍ଛା, ଯୋଉ ବାଟରେ ଇଚ୍ଛା ସେହି ବାଟରେ ଯାଉ ସେ। ଆଉ ଭଲରେ ଥାଉ।"

ଆଉ କିଛି କହିପାରି ନ ଥିଲି ମୁଁ।

ବାହାରି ଯାଇଥିଲା ଟିଟନ୍।

ବସିବାକୁ ବେଳ ନ ଥିଲା ବି ମୋର।

ତରବର ହେଇ ଶାଢ଼ି ପିନ୍ଧି ଯାଇ ଗାଡ଼ିରେ ବସିଥିଲି ମୁଁ।

"ଏତେ ଡେରି କରିଦେଲେ ? ଆଜିକାଲି ଭୁବନେଶ୍ୱର ଯୋଉ ଭିଡ଼ !" ବସୁବସୁ କହିଥିଲା ଡ୍ରାଇଭର୍।

"ହଉ ତମେ ଚାଲିଲ।"

ଗାଡ଼ି ଚାଲିଥିଲା।

ଆଖି ବନ୍ଦକରି ବସି ପଡ଼ିଥିଲି ମୁଁ।

ବାଟ ସାରା ଟିଟନ୍‌ର କଥାଗୁଡ଼ାକ ମୁଣ୍ଡଟାକୁ ଯେମିତି ଖାଇ ଯାଉଥିଲା ମୋର। ଭାରାକ୍ରାନ୍ତ ହେଇ ପଡ଼ିଥିଲି ମୁଁ ପୂରା। ବ୍ୟସ୍ତ ଲାଗୁଥିଲା ମୋତେ। ଭାବୁଥିଲି ସତରେ କ'ଣ ଆଜିକା ଦୁନିଆରେ ପ୍ରେମର ପରିଭାଷା ଏଭଳି ଭାବରେ ବଦଳିଗଲାଣି ? ପ୍ରେମରେ ସେ ନୈସର୍ଗିକ ଭାବ, ପ୍ରେମରେ ସେ ସମର୍ପଣ, ପ୍ରେମରେ ସେ ତ୍ୟାଗ ସବୁ କ'ଣ ଖାଲି କାଗଜକଲମରେ ଗପ, ଉପନ୍ୟାସ, ଗୀତ, କବିତା ଭିତରେ ସୀମିତ ହେଇ ରହିଗଲାଣି ? ଅତ୍ୟନ୍ତ ଦୁଃଖ ଆଉ ପରିତାପର ବିଷୟ ସତରେ ! କୁଆଡ଼େ ଗତି କରୁଛନ୍ତି ଏମାନେ ?

ଗାଡ଼ି ଅଟକିଥିଲା ଭାଇଘର ସାମ୍ନାରେ।

ଅନ୍ୟମନସ୍କତା ଭାଙ୍ଗିଥିଲା ମୋର।

ଗାଡ଼ିରୁ ଓହ୍ଲେଇ ଗେଟ୍ ଖୋଲୁଖୋଲୁ ଦେଖିଥିଲି ଭାଇ ଘର ସାମ୍ନାରେ ବେଶ୍ ଭିଡ଼।

"କ'ଣ ହଉଛି ଏଠି ?" ପଶୁପଶୁ ପଚାରିଥିଲି ମୁଁ।

"ତୁ ଏତେ ଡେରି କଲୁ ! ଆଗରୁ ଆସିଥିଲେ ସିନା ଦେଖିଥାନ୍ତୁ କ'ଣ ହେଉଥିଲା ଏଠି ? ଏବେକୁ ସବୁ ସରିଲାଣି। ଯିବାକୁ ବାହାରିଲେଣି ସମସ୍ତେ।"

ଚାହିଁଥିଲି ସମସ୍ତଙ୍କୁ ମୁଁ। ଚେୟାରରେ ବସିଥିଲେ ଷାଠିଏ କି ସତୁରି ହେବେ ଝିଅ, ପୁଅ। ସମସ୍ତଙ୍କର ସୁନ୍ଦର ସୁନ୍ଦର ଆଖି ଥିଲେ ବି ଏ ସୁନ୍ଦର ସୃଷ୍ଟିକୁ ଦେଖିବାର ଶକ୍ତି ନ ଥିଲା ସେ ଆଖିରେ। ସମସ୍ତେ ହରାଇଥିଲେ ସେମାନଙ୍କର ଦୃଷ୍ଟିଶକ୍ତି। ସମସ୍ତଙ୍କ ହାତରେ ଥିଲା ଜଳଖିଆ ପ୍ୟାକେଟ୍ ସହ ଆହୁରି କ'ଣ କ'ଣ ଉପହାର ପ୍ୟାକେଟ୍। ଆଶ୍ଚର୍ଯ୍ୟ ହେଇ ଚାହିଁଥିଲି ମୁଁ ସେମାନଙ୍କୁ।

"ମାଡାମ ନମସ୍କାର।"

ବୁଲି ଚାହିଁଥିଲି ମୁଁ। ପ୍ରତି ନମସ୍କାର ଜଣାଇଥିଲି।

"ମୁଁ ଏମାନଙ୍କୁ ଆଜି ଏଠିକି ନେଇ ଆସିଛି। ଆମେ ପ୍ରାୟ ସାରଙ୍କ ପାଖକୁ ଆସୁ। ସାର୍ ବଡ଼ ଦୟାଳୁ ଲୋକ। ଆମକୁ ସବୁବେଳେ ସାହାଯ୍ୟ କରନ୍ତି। ସାରଙ୍କ ଦୁଆରରୁ କେହି କେବେ ଖାଲି ହାତରେ ଫେରନ୍ତି ନାହିଁ। ଆଜିପର୍ଯ୍ୟନ୍ତ ସାରଙ୍କ ସାହାଯ୍ୟରେ ଜାଣ ଆମେ ଚଳି ଆସୁଛୁ।"

ହସହସ ମୁହଁରେ ଶୁଣୁଥିଲି ମୁଁ ତାଙ୍କ କଥା। ବୁଝିଯାଇଥିଲି ଯେ ଏମାନଙ୍କର

e-News & Magazine

ସିଏ ନିଶ୍ଚିତ ଗ୍ରୁପ୍ ଲିଡର୍। କିନ୍ତୁ ଅନ୍ୟମାନଙ୍କ ଭଳି ଦୃଷ୍ଟିଶକ୍ତି ହରେଇ ନ ଥିଲେ ସେ।

"ତମେ କେମିତି ଏମିତି ଗୋଟେ ଦଳର ହେଡ୍ ହେଇପାରିଲ ?" ମୁଁ ପଚାରିଥିଲି ହଠାତ୍! ଆଉ ମୋତେ ଲାଗିଥିଲା ସେ ଯେମିତି ବୁଝିଯାଇଥିଲା ମୁଁ ଏଭଳି ପଚାରିବାର ଉଦ୍ଦେଶ୍ୟ।

"ହଁ ଏମିତି ଖେଳୁ ଖେଳୁ ଦଳଟିଏ ଗଢ଼ା ହେଇ ଯାଇଛି। ଆମେ ସମସ୍ତେ ଦୁଃଖୀ ମଣିଷ। ତେବେ ସମସ୍ତଙ୍କର ଦୁଃଖର ସଂଜ୍ଞା ଭିନ୍ନଭିନ୍ନ। ଆମ ଗ୍ରୁପ୍‌ରେ ସମସ୍ତେ ଅନ୍ଧ ନୁହନ୍ତି। ଦଳେ ଅନ୍ଧ ହେଲେ, ଆଉ ଦଳେ ଭିନ୍ନକ୍ଷମ। ସମସ୍ତେ ଗାଁ ଛାଡ଼ି ଆସି ଭୁବନେଶ୍ୱରରେ ବୁଲି ବୁଲୁଥିଲୁ। ଦୁଇଜଣ, ଦୁଇଜଣରୁ ଚାରିଜଣ, ଏମିତି ଏମିତି ଦେଖାଚାହାଁ ହେଇ ଦଳଟିଏ ଗଢ଼ିଲୁ। ଇଚ୍ଛା କାହାଠୁ କିଛି ମାଗିକି ଚଳିବା ଅପେକ୍ଷା କିଛିକିଛି କାମକରି ପେଟ ପୋଷିବା। କାହିଁକି ଖାଲିଟାରେ ଇୟା ତା' ଉପରେ ବୋଝ ହେଇ ରହିବା ? ସେହି ସୂତ୍ରରେ ଆମର ସାର୍‌ଙ୍କ ସହିତ ଚିହ୍ନା। ଆଜିଯାକେ ସାର୍ ଆମକୁ ବହୁତ ସାହାଯ୍ୟ କରି ଆସିଛନ୍ତି। ଏଇ କିଛିଦିନ ତଳେ ଆମେ ସମସ୍ତେ ବସି ସ୍ଥିର କଲୁ ଏଥର ସାର୍‌ଙ୍କ ପାଖରୁ ଗୋଟେ ବଡ଼ ସାହାଯ୍ୟ ନେଇ ଛୋଟିଆ ବେପାରଟିଏ ଆରମ୍ଭ କରିବୁ। ସେଇଥିରୁ ଦି'ପଇସା ବାହାର କରି ଚଳିବାକୁ ଚେଷ୍ଟା କରିବୁ। ଯାହାଦ୍ୱାରା ଆଉ ସବୁବେଳେ ଆସି ସାର୍‌ଙ୍କୁ ହଇରାଣ କରିବୁ ନାହିଁ। ସାର୍ ବି ଆମ ପ୍ରସ୍ତାବ ଶୁଣି ବହୁତ ଖୁସୀ ହେଇଥିଲେ ଏବଂ କଥା ଦେଇଥିଲେ ବଡ଼ ଆକାରରେ ସାହାଯ୍ୟ କରିବେ ବୋଲି। ସେଇ ଟଙ୍କା ଆମକୁ ଆଜି ଦେବେବୋଲି ସାର୍ କହିଥିଲେ।

ସବୁବେଳେ ଆମେ ଏତେ ସଂଖ୍ୟାରେ ସାର୍‌ଙ୍କ ପାଖକୁ ଆସୁନା। ମୁଁ ଆସେ। ସାଙ୍ଗରେ ଜଣେ ଦୁଇଜଣଙ୍କୁ ନେଇ ଆସିଥାଏ। ଆଜି ଆମକୁ ସେଇ ବେଶୀ ଟଙ୍କା ଦେବେ ବୋଲି ସାର୍ କହିଥିଲେ। ସେଇଥିପାଇଁ ବହୁତ ଜଣ ଚାଲି ଆସିଛୁ। ତେବେ ମନ ଖୁସୀ ହେଇଗଲା ଆମ ସମସ୍ତଙ୍କର ଏଠିକୁ ଆସି। ଆମକୁ ଆମର ସାହାଯ୍ୟ ରାଶି ମିଳିବା ସହିତ ଖାଇବାକୁ ମିଳିଲା, ଉପହାର ମିଳିଲା, କେତେ କ'ଣ ମିଳିଲା। ସମସ୍ତେ ବହୁତ ଖୁସୀ ଆମେ।" ହସିହସି କହିଥିଲା ଯୁବକଟି।

"ହଉ ତା'ହେଲେ ଚାଲ ସମସ୍ତେ ଏବେ ଯିବା।" କହିଥିଲେ ସେମାନଙ୍କ ଭିତରୁ ଜଣେ।

ଉଠିଥିଲେ ସମସ୍ତେ ଯିବା ପାଇଁ। ଜଣେ ଜଣଙ୍କ ହାତଧରି ଆଗେଇ ଯାଉଥିଲେ ଗେଟ୍ ଆଡ଼କୁ। ଆଶ୍ଚର୍ଯ୍ୟ ହେଇ ଦେଖୁଥିଲି ମୁଁ ସେମାନଙ୍କୁ। ପୁଣି ମୁହଁ ବୁଲାଇଥିଲି ଭିତରଆଡ଼େ। ହଠାତ୍ ନଜର ପଡ଼ିଥିଲା ମୋର ଜଣଙ୍କ ଉପରେ। ଚୁପ୍‌ଚାପ୍ ବସି ରହିଥିଲେ ଚେୟାର ଉପରେ। ମୁଣ୍ଡରେ ସୁନ୍ଦର ଖୋସାଟିଏ ସହିତ ସୁନ୍ଥାରେ ଭର୍ତ୍ତି ସିନ୍ଦୂର, କପାଳରେ ଛୋଟିଆ ନାଲିଆ ଟିକିଲିଟିଏ। ହାତରେ ନାଲି ଶଙ୍ଖା ସହିତ କିଛି ନାଲି କାଚଚୁଡ଼ି। ବେକରେ କଳା ମାଳିଟିଏ ସାଙ୍ଗକୁ ଦେହରେ ନାଲିଆ ଚିକ୍‌ଚିକିଆ ଡ୍ରେସ୍। ତଳକୁ ମୁହଁକରି ବସି ରହିଥିଲା ଝିଅଟି। ବୁଝି ଯାଇଥିଲି ମୁଁ ସେ ବିବାହିତ ବୋଲି। ତେବେ ବି ପଚାରିଥିଲି, "ତମେ କ'ଣ ବାହା ହେଇଛ ?"

"ହଁ!" ଧୀରେ କହିଥିଲା ସେ।

"କ'ଣ ତମ ନାଁ ?" ମୁଁ ପଚାରିଥିଲି।

"ମମତା!"

"ବାହାଘର କେବେ ହେଲା ତମର ?"

"ଏଇ ବର୍ଷେ ତଳେ!"

"ତମ ସ୍ୱାମୀ କୋଉଠି ?"

"ଆମରି ଭିତରେ ଅଛନ୍ତି ସେ!"

"ସିଏ ବି କ'ଣ ତମଭଳି... ?" କହୁକହୁ ଚୁପ୍ ହେଇଯାଇଥିଲି ମୁଁ।

"ହଁ! ସିଏ ବି ମୋ ଭଳି ଜନ୍ମରୁ ଅନ୍ଧ।"

ମୋ ପ୍ରଶ୍ନର ଉତ୍ତର ପାଇ ଯାଇଥିଲି ମୁଁ।

"ବାହାଘର କେମିତି ହେଲା ତମର ? ଘର ଲୋକ ଠିକ୍ କରି କଲେ ନା' ତମେ ନିଜେ ଠିକ୍ କଲ ?"

"ଆମେ ନିଜେ ଠିକ୍ କଲୁ। କିନ୍ତୁ ବାହାଘର ଆମ ଘରେ ହିଁ ହେଲା।"

"କେମିତି ଠିକ୍ କଲ ତମେ ? କୋଉଠି ଦେଖାହେଲା ତାଙ୍କ ସହିତ ? ମାନେ... !"

"ତାଙ୍କ ଗାଁଟା ଆମ ଗାଁ ପାଖରେ ଯେ କିନ୍ତୁ ଆଗରୁ ଆମେ କେହି କାହାକୁ ଜାଣି ନ ଥିଲୁ। ଆମ ଘର ଲୋକ ତାଙ୍କୁ ଜାଣି ନ ଥିଲେ କି ତାଙ୍କ ଘର ଲୋକ ଆମକୁ ଜାଣି ନ ଥିଲେ। ଏଇଠି ଏଇ ଦଳ ଗଢ଼ା ହେଲା ପରେ ଆମେ ଏକାଠି ରହିଲୁ ଏଠି। ତା'ପରେ ଆମର ଚିହ୍ନା ପରିଚୟ ହେଲା। ପୁଣି ଆମ ଘରେ ଜଣେଇଥିଲୁ ଆମେ।"

"ପୁଣି ବାହାଘର କେମିତି ହେଲା ତମ ଦୁଇଜଣଙ୍କର ?"

"ପ୍ରଥମେ ଆମ ଦୁଇଜଣଙ୍କର ଚିହ୍ନା ପରିଚୟ ହେଲା। ତା'ପରେ ଘରେ କହିଲୁ। ସେମାନେ ବି ରାଜି ହେଇଗଲେ।"

"କୋଉଠି ଚିହ୍ନା ପରିଚୟ ହେଲା ତମ ଦୁଇଜଣଙ୍କର ?"

"ଏଇଠି ଏଇ ସଂସ୍ଥାରେ କାମ କଲାବେଳେ।"

"ତମ ଦୁଇଜଣଙ୍କର କ'ଣ ପ୍ରେମ ବିବାହ ?

"ହଁ!"

ଧୀରେ ହଁ କହି ଚୁପ୍ ହେଇଗଲା ମମତା।

ମୁଁ ମଧ୍ୟ କିଛି ସମୟ ପାଇଁ ଚୁପ୍ ହେଇଗଲି ଯଦିଓ ମୋ ଭିତରେ ଆହୁରି କେତେ ପ୍ରଶ୍ନ ଉଙ୍କି ମାରୁଥିଲା ପଚାରିବା ପାଇଁ ମମତାକୁ।

"କେମିତି ହେଲା ଚିହ୍ନା ପରିଚୟ କହିବ ଟିକିଏ ?" ଆଗ୍ରହର ସହ ପଚାରିଥିଲି ମୁଁ।

"ଅବଶ୍ୟ ଗୋଟେ ଭିନ୍ନ ପରିସ୍ଥିତିରେ ଚିହ୍ନା ପରିଚୟ ହୋଇଥିଲା ଆମର। ସିଏ ଆଗରୁ କିଛି କାମ କରିବା ଆଶାରେ ତାଙ୍କ ଘର ଛାଡ଼ି ପଳେଇ ଆସିଥିଲେ ଭୁବନେଶ୍ୱର। ଯଦିଓ ମୁଁ ବି ବହୁତ ଇଚ୍ଛା କରୁଥିଲି ଘରୁ ବାହାରି ଆସିବା ପାଇଁ କିନ୍ତୁ ପାରୁ ନ ଥିଲି। ସାହସ କୁଳଉ ନ ଥିଲା ମୋର!"

"ତମେ ଘର ଛାଡ଼ି ଆସିବା ପାଇଁ କାହିଁକି ଚାହୁଁଥିଲ ?"

"ଘର ପରିସ୍ଥିତି ଆମର ଭାରି ଖରାପ। ବାପା ଦିନମଜୁରିଆ। ମୋ ତଳକୁ ଦି'ଟା ଭାଇ। ମୂଳ ଲାଗି କ'ଣ ଟିକିଏ ପଇସା ଆଣନ୍ତି ବାପା ସେଇଥିରେ କିଛି ହୁଏ ନାହିଁ। ଘରେ ସବୁବେଳେ କଳିଗୋଳ, ଅଶାନ୍ତି। ସେଥିରେ ମୋତେ ନେଇ, ମୋର ଅନ୍ଧପଣକୁ ନେଇ ଆହୁରି ଅଶାନ୍ତି। ଯଦିଓ ଘରେ ମୁଁ ମୋର ପାରୁପର୍ଯ୍ୟନ୍ତ କାମ କରିବାକୁ ଚେଷ୍ଟା କରିଥାଏ କିନ୍ତୁ ସକାଳୁ ରାତିଯାଏ ଶୁଣିବାକୁ ପଡ଼ିଥାଏ ମୁଁ ଗୋଟାଏ ବୋଝ। ଘର ଉପରେ, ପରିବାର ଉପରେ, ସମାଜ ଉପରେ। ଆମ ଗାଁରୁ କିଛି ଝିଅ ଭୁବନେଶ୍ୱର ଆସି କାମ କରୁଥିଲେ। ଦିନେ ସାହସ ଜୁଟେଇଲି ଘର ଛାଡ଼ି ଭୁବନେଶ୍ୱର ଆସିବା ପାଇଁ। ସେମାନଙ୍କୁ ବହୁତ ଅନୁନୟ ବିନୟ କଲି ମୋତେ ସାଙ୍ଗରେ ଆଣିବା ପାଇଁ। ଅନ୍ଧୁଣୀଟାକୁ କିଏ ବି କୁଆଡ଼େ ନେବ ? କାହିଁକି ବି ନେବ ? ଯାହା ହେଉ ବହୁତ ଅନୁରୋଧ କରିବା ପରେ ମୋତେ ଆଣିଲେ। ତାଙ୍କ ସାଙ୍ଗରେ ଯାଇ ଟିକିଏ ଟିକିଏ କାମ କରୁଥିଲି। ଭାରି କଷ୍ଟ ହେଉଥିଲା ମୋତେ। ଘରକୁ ଆଉ ଫେରିବାର ନ ଥିଲା। ଘରେ ବି ମୋତେ କେହି ଖୋଜୁ ନ ଥିଲେ। ଜୀବନ ହାରିଦେବା ଭଳି ପରିସ୍ଥିତି ଆସିଯାଇଥିଲା ମୋର। ଦିନେ ଗୋଟିଏ ଜାଗାରେ ଅଟୋକୁ ଅପେକ୍ଷା କରି ଛିଡ଼ା ହେଇଥିଲି। ସିଏ ବି ସେତେବେଳେ ସେଠି ଥିଲେ। କଥାରେ କଥାରେ ପରିଚୟ ହେଲା ଆମର। ମୋର ସବୁ କଥା ଶୁଣି, ମୋତେ ନେଇ ଆସିଲେ ସେ ଏଇ ଦଳକୁ। ସେତେବେଳେ ମୋର ଯେଉଁ ମାନସିକ ପରିସ୍ଥିତି ଥିଲା ସିଏ ଯଦି ସାହାଯ୍ୟ ନ କରିଥାନ୍ତେ ତା'ହେଲେ ହୁଏତ ମୁଁ ନ ଥାନ୍ତି।"

"ଆଚ୍ଛା ଯଦି କିଛି ମନେ ନ କରିବ ମୁଁ ଆଉ ଗୋଟେ କଥା ପଚାରିବି ?" ମମତା ପାଖକୁ ଆଉ ଟିକିଏ ଘୁଞ୍ଚି ଯାଇ ପଚାରିଥିଲି ମୁଁ।

"ହଁ! ପଚାରନ୍ତୁ।"

"ତମ ଦି'ଜଣଙ୍କ ଭିତରେ ପ୍ରେମ କେମିତି ହେଲା ? ତମ ଭିତରେ କିଏ ପ୍ରଥମେ ଭଲପାଇବାର କଥା କହିଥିଲ ?"

e-News & Magazine

"ପ୍ରେମ କେମିତି ହେଲା କ'ଣ କହି ହେବ ? ପ୍ରେମ କ'ଣ କରାଯାଏ ? ପ୍ରେମ ତ ହେଇଯାଏ ! ସିଏ ତ ଏଭଳି ଗୋଟିଏ ସୁନ୍ଦର ଅନୁଭବ କେତେବେଳେ ମନକୁ ଆସିଯାଏ ଜାଣି ହୁଏନି। ମୁଁ ବି ଜାଣିପାରି ନ ଥିଲି କିଛି।"

"ନା' ମୁଁ କ'ଣ କହୁଥିଲି କି ତମେ ଦି'ଜଣ ଦି'ଜଣଙ୍କୁ ତ କେବେ ଦେଖି ନ ଥିବ ? ନା' ଦେଖିଛ ?"

"ନା' ! କେମିତି ଦେଖିବୁ ? ଆମେ ତ ଦି'ଜଣଯାକ ଜନ୍ମରୁ ଅନ୍ଧ।"

"ତା' ହେଲେ ତମ ଭିତରେ କେମିତି ପ୍ରେମ ହେଲା ଯେ ?"

"କେମିତିମାନେ କ'ଣ ?"

"ଏଇ ଯେମିତି ତମକୁ ତାଙ୍କର କ'ଣ ଭଲ ଲାଗିଲା ? କେମିତି ତମେ ତାଙ୍କର ନିକଟତର ହେଲ ? ମୋ କହିବା କଥା ତମେ ଦି'ଜଣ ଦି'ଜଣଙ୍କୁ ଦେଖିନ ତ ?" ଥତମତ କହିଥିଲି ମୁଁ।

"ଜଣେ ଜଣଙ୍କୁ ଭଲ ପାଇବାକୁ ହେଲେ ପରସ୍ପରକୁ ଦେଖିବା କ'ଣ ନିହାତି ଦରକାର ?"

"ତେବେ... !"

"ଭଲପାଇବା ହେଉଛି ଈଶ୍ୱରଙ୍କର ସବୁଠାରୁ ସୁନ୍ଦର ସୃଷ୍ଟି। ଭଲପାଇବାକୁ ଦେଖାଯାଏ ନାହିଁ। ତାକୁ ଅନୁଭବ କରାଯାଏ। ଯେତେ ଗଭୀର ଭାବରେ ଅନୁଭବ କରିବ, ସେତିକି ନିବିଡ଼ ହେବ ସଂପର୍କ। ଆମ ଭିତରେ ଦେଖା ଚାହିଁ ନ ଥିଲା। କିନ୍ତୁ ଥିଲା ଅନୁଭବ। ପ୍ରଥମରୁ ହିଁ ତାଙ୍କର କଥାବାର୍ତ୍ତା, ଆଚାର ବ୍ୟବହାର ମୋତେ ସବୁ ଭଲ ଲାଗିଥିଲା। ଦିନ ଯେତିକି ବିତୁଥିଲା ମୁଁ ତାଙ୍କ ନିକଟକୁ ସେତିକି ଟାଣି ହେଇଯାଉଥିଲି। ସେତେବେଳେ ମୋର ଇଚ୍ଛା ହେଇଥିଲା ଖାଲି ତାଙ୍କ ପାଖେପାଖେ ରହିବାକୁ, ତାଙ୍କ କଥା ଶୁଣିବାକୁ, ତାଙ୍କ ସହିତ ମନଖୋଲି ଗପିବାକୁ। କାମ ସରିବା ପରେ ଆମେ ଏକାଠି ବସି ମନଖୋଲି ଗପସପ କରୁଥିଲୁ। ସିଏ ମୋର ସବୁ ଭଲମନ୍ଦ ଖବର ବୁଝୁଥିଲେ। ଭାରି ଯତ୍ନ ନିଅନ୍ତି ସେ ମୋର। ଟିକିଏ କେତେବେଳେ ମନଦୁଃଖ କରି ବସିଲେ କେତେକଥା କହି ପୁଣି ମୋ ମନକୁ ଭୁଲେଇ ଖୁସୀ କରିଦିଅନ୍ତି।

"ଏବେ ବି ସେମିତି ଅଛି ?"

ଧୀରେ ପଚାରିଥିଲି ମୁଁ।

"ହଁ! ଏବେ କ'ଣ! ସେବେ କ'ଣ! ଦିନ ଯେତିକି ବିତୁଛି ଆମ ଭିତରେ ଭଲପାଇବା ସେତିକି ବଢୁଛି। ସବୁଠୁ ବଡ଼ କଥା କ'ଣ ଜାଣିଛ ଦିନେ ଯେତେବେଳେ ମୋର ଏ ଅନ୍ଧାର ସଂସାରଟା ଠେଲି ହେଇ ଯାଉଥିଲା ବେଶୀବେଶୀ ଅନ୍ଧାର ଭିତରକୁ ସିଏ ମୋ ଜୀବନକୁ ଆସିବା ପରେ ସବୁ ଅନ୍ଧାର ଯେମିତି ଘୋଡ଼େଇ ହେଇ ଯାଇଛି ଭଲପାଇବାର ଆଲୁଅରେ।"

କହୁକହୁ କେଉଁଠି ହଜି ଯାଇଥିଲା ଯେମିତି ମମତା। ପ୍ରେମଭାବରେ ପୂରି ଉଠୁଥିଲା ତା'ର ମୁହଁ। ଆହୁରି ସୁନ୍ଦର ଦେଖାଯାଉଥିଲା ସେ ମୋତେ।

ଚାହିଁ ରହିଥିଲି ମୁଁ ମମତାର ମୁହଁକୁ! ତେବେ ବି ମୋ ମନକୁ ଆମ୍ପୁଡ଼ି ଖାଉଥିଲା ଆହୁରି କେତେ ପ୍ରଶ୍ନ। ଯାହାର ଉତ୍ତର ଚାହୁଁଥିଲି ମୁଁ ମମତା ପାଖରୁ। କିନ୍ତୁ ପଚାରିବି ପଚାରିବି ହେଇ ପଚାରି ପାରୁ ନ ଥିଲି।

"ମୁଁ ତମ ହାତଧରି ନେଇଯିବି ଗେଟ୍ ପାଖକୁ ? ସମସ୍ତେ ଗଲେଣି ବାହାରକୁ।" ମୁଁ ପଚାରିଥିଲି ମମତାକୁ।

"ନା' ! ଥାଉ !" ସିଏ କହିଥିଲା।

"ତମକୁ କ'ଣ ଖରାପ ଲାଗିଲା ମୋ କଥା ? ମୁଁ ଭାବିଲି ପ୍ରଥମଥର ଏ ଜାଗାକୁ ଆସିଛ ତ, ଅଭ୍ୟସ୍ତ ନ ଥିବ ତମେ ଏଠି। ଗେଟ୍ ପାଖକୁ ଯିବାକୁ ସାହାଯ୍ୟ କରିଦେବି ମୁଁ।"

"ନା' ! ନା' ! ଖରାପ କାହିଁକି ଲାଗିବ ? ଆପଣ ଆପଣଙ୍କ କର୍ତ୍ତବ୍ୟ ଦୃଷ୍ଟିରୁ କହିଛନ୍ତି।ଏଥିରେ ଖରାପ ଲାଗିବାର କ'ଣ ଅଛି।"

"ତା'ହେଲେ ମନା କାହିଁ କରୁଛ ?"

"ସିଏ ଆସିବେ। ମୋତେ ନେଇଯିବେ ଏଠୁ।"

"କିଏ ?"

"ମୋ ସ୍ୱାମୀ! ସମସ୍ତେ ବାହାରକୁ ବାହାରି ଯିବା ପରେ ସିଏ ଆସି ମୋ ହାତଧରି ନେଇଯିବେ।"

"ଓଃ ! ସେଇଥିପାଇଁ ତମେ ବସି ରହିଛ ?"

ନିରବ ରହିଥିଲା ମମତା। ଲାଜୁଆ ହସ ଛୁଇଁ ସାରିଥିଲା ଓଠକୁ ତା'ର।

"ଆଚ୍ଛା ଆଉ ଗୋଟିଏ କଥା ପଚାରିବି ତମକୁ ? କିଛି ଖରାପ ନ ଭାବି କହିବ ମୋତେ ?"

"ପଚାରନ୍ତୁ ?"

"ତମେ ଯାହାଙ୍କୁ ଏତେ ବେଶୀ ଭଲ ପାଇଲ, ପୁଣି ବାହା ହେଲ ସିଏ ଦେଖିବାକୁ ସୁନ୍ଦର କି ଅସୁନ୍ଦର କେବେ କାହାକୁ ପଚାରି ବୁଝିଛ ? ସିଏ ବି କେବେ ଇଚ୍ଛା କରିନାହାନ୍ତି ତମ ଚେହେରା ବିଷୟରେ ଜାଣିବାକୁ ? କେବେ ଅନ୍ୟମାନଙ୍କୁ ପଚାରି ବୁଝିନ ତମେମାନେ ତମମାନଙ୍କର ଚେହେରା ବିଷୟରେ ?"

ମୋ କଥା ଶୁଣି ଟିକିଏ ସମୟ ଚୁପ୍ ରହିଥିଲା ମମତା। ପୁଣି କହିଥିଲା, "ଭଲପାଇବା ଭିତରେ ଯଦି ସୁନ୍ଦର, ଅସୁନ୍ଦର ରହିଲା, ତୋର ମୋର ରହିଲା ତା' ହେଲେ ସିଏ କ'ଣ ଭଲପାଇବା ? ଭଲପାଇବା ହେଉଛି ଏଭଳି ଏକ ସ୍ୱର୍ଗୀୟ ଅନୁଭବ ଯେଉଁଥିରେ ଆମେ ପରସ୍ପରକୁ ଦେଖୁ ଆମ ମନର ଆଖିରେ। ଭଲପାଇବାରେ ସବୁ କେବଳ ସୁନ୍ଦର, ଏଥିରେ ଅସୁନ୍ଦର କେଉଁଠୁ ଆସିଲା ?"

"ସତରେ ତମେ ଉଭୟ ଉଭୟଙ୍କୁ ବହୁତ ଭଲପାଅନା ମମତା ?"

"ହଁ! ଭଲପାଇବା କ'ଣ କେବଳ ଗୋଟିଏ ପକ୍ଷରୁ ହୁଏ ? ଦୁଇଜଣ ଦୁଇଜଣଙ୍କୁ ଭଲପାଇବାକୁ ହେଲେ ଦରକାର ନିଜନିଜ ଭିତରେ ଭଲ ବୁଝାମଣା, ବିଶ୍ୱାସ ଓ ଭରସା। ସବୁଠୁ ବଡ଼ କଥା ଦୁଇଟି ସ୍ୱଚ୍ଛ ଏବଂ ନିର୍ମଳ ହୃଦୟ।"

ଫିକ୍‌କରି ହସି ଦେଇଥିଲା ମମତା। ନିରେଖି ଦେଖୁଥିଲି ମୁଁ ତା' ମୁହଁରେ ଝଲସୁଥିବା ସେହି ସ୍ୱର୍ଗୀୟ ଆଭାକୁ।

"ମମତା, ଆସ ଯିବା !"

ହାତଟିଏ ବଢ଼ି ଆସିଥିଲା ମମତା ଆଡ଼କୁ। ହାତ ବଢ଼େଇ ଧରିଥିଲା ସେହି ହାତକୁ ମମତା ଓ କହିଥିଲା, "ଭଲପାଇବା ହେଉଛି ମୋ ପାଇଁ ଆଶାବାଡ଼ି। ଭଲପାଇବା ମୋତେ ଦେଇଛି ଭରସା। ଏହି ଭଲପାଇବା ଯୋଗୁଁ ହିଁ ମୁଁ ଦୁର୍ବଳରୁ ହେଇଛି ସବଳ। ପ୍ରକୃତରେ ଯିଏ ଭଲପାଏ ଏବଂ ଯିଏ ଭଲପାଇବା ପାଏ ତା'ଠୁ ବଳି ଭାଗ୍ୟବାନ ଆଉ କେହି ନାହାନ୍ତି। ଗୋଟେ ସମୟ ଥିଲା ମୋତେ ଦୃଷ୍ଟିଶକ୍ତି ଦେଇନାହାନ୍ତି ବୋଲି ଈଶ୍ୱରଙ୍କୁ ବହୁତ ଦୋଷ ଦେଉଥିଲି ମୁଁ। ମାତ୍ର ଆଜି କିନ୍ତୁ ମୁଁ ତାଙ୍କ ପାଖରେ କୃତଜ୍ଞ, କାହିଁକିନା ସିଏ ମୋ ପାଇଁ ଏଭଳି ଗୋଟେ ହୃଦୟ ବାଛି ଦେଇଛନ୍ତି ଯେଉଁଥିରେ ମୋ ପାଇଁ ଭରି ହେଇଛି ପ୍ରେମ ଆଉ ପ୍ରେମ। ଯାହା ମୋତେ ବଞ୍ଚିବାକୁ ପ୍ରେରଣା ଦେଇଛି।"

ପାଦ ବଢ଼େଇଥିଲେ ଦୁଇଜଣ ଗେଟ୍ ଆଡ଼କୁ।

ଛିଡ଼ା ହେଇ ରହିଥିଲି ମୁଁ। ଏକା ଲୟରେ ଚାହିଁ ରହିଥିଲି ମୁଁ ସେମାନଙ୍କ ଫେରିବା ବାଟକୁ। ହାତ ଧରାଧରି ହେଇ ପାଦ ପରେ ପାଦ ପକେଇ ଚାଲିଥିଲେ ମମତା ଆଉ ତା'ର ସ୍ୱାମୀ। କେତେବେଳେ ମମତା ଝୁଣ୍ଟିଲେ ସମ୍ଭାଳି ନେଉଥିଲା ତା'ର ସ୍ୱାମୀ। ପୁଣି ଆଉ କେତେବେଳେ ତା'ର ସ୍ୱାମୀର ସାହାରା ହେଉଥିଲା ମମତା। ବଦଳି ଯାଉଥିଲା କିଛି ସମୟ ତଳେ ପ୍ରେମକୁ ନେଇ ମୋ ମନରେ ସୃଷ୍ଟି ହେଇଥିବା ନକାରାତ୍ମକ ଧାରଣାସବୁ। ଭାବୁଥିଲି ପ୍ରେମର ପରିଭାଷା କେବେ ବଦଳି ନାହିଁ କି ବଦଳିବନାହିଁ। କେଇଜଣ ସ୍ୱାର୍ଥାନ୍ୱେଷୀଙ୍କ ପାଇଁ ଏଭଳି ସ୍ୱର୍ଗୀୟ ତଥା ଅମୃତ ଅନୁଭବ କ'ଣ ବଦଳିଯାଇପାରେ ? ପ୍ରେମର ପରିଭାଷା ସିନା ବିକୃତ ହେଇଛି ରାଣୀ ପାଇଁ, ମାତ୍ର ମମତା ପରି ଅନେକ ପ୍ରେମ ଯୋଗୁଁ ଜୀବନରେ ବଞ୍ଚିବାର ରାହାଖୋଜି ପାଇଛନ୍ତି।

e-News & Magazine

SMILE GOLD
Agarbati
JHPPL
SMILE+
AN ISO 9001:2008 Certified
Since : 20years
Our Product
NATURAL FLORA
100
Jayadurga Homecare Products Pvt. Ltd.
Mancheswar, Bhubaneswar
Customer Care : 9861049796, 9238349796

ପ୍ରଚ୍ଛଦ ପରିକଳ୍ପନା: ଇତି ସାମନ୍ତ
ଆଲୋକଚିତ୍ର: ରଞ୍ଜନ | ରୂପସଜ୍ଜା: ଗୀତା ସିଂହ

ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା

କାଦମ୍ବିନୀ

ପ୍ରିୟ ପାରିବାରିକ ବନ୍ଧନ:
ଆମର, ଆପଣମାନଙ୍କର, ଆମ ସମସ୍ତଙ୍କର

ବର୍ଷ: ୧୯, ସଂଖ୍ୟା: ୮
ଫେବୃଆରୀ ୨୦୧୯
ମୂଲ୍ୟ: ୪୦ ଟଙ୍କା

ସୂଚୀପତ୍ର

ପ୍ରଚ୍ଛଦରେ...

'କାଦମ୍ବିନୀ'ର ଚଳିତ ସଂଖ୍ୟା ପ୍ରଚ୍ଛଦରେ ଅଛନ୍ତି ଜାତୀୟସ୍ତରର ମଡେଲ୍ ତଥା ଅନ୍ତର୍ଜାତୀୟ ସୌନ୍ଦର୍ଯ୍ୟ ପ୍ରତିଯୋଗୀ ଜିମି ପରାଶର। ଭାଗଲପୁରର ଝିଅ ଜିମି ଗତବର୍ଷ 'ମିସ୍ ଇଣ୍ଡିଆ ଇଣ୍ଟର୍‌ନ୍ୟାସ୍‌ନାଲ'ରେ ପ୍ରଥମ ରନର୍ ଅପ୍ ହୋଇଥିଲେ। ସେଥିସହ ଅନ୍ୟ କେତୋଟି ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ମଧ୍ୟ ସେ ସଫଳ ହୋଇଛନ୍ତି। ସେହିଭଳି ଜଣେ ଭଲ ଭଲିବଲ ଖେଳାଳିଭା ବେ ମଧ୍ୟ ତାଙ୍କର ସୁନାମ ରହିଛି। ଜିମିଙ୍କ ସହ 'କାଦମ୍ବିନୀ'ର ଅଳ୍ପ ଆଳାପ ପୃଷ୍ଠା ୯୪ରେ।

ସମ୍ପାଦକୀୟ:

ବାତାୟନ ୫
→ ଇତି ସାମନ୍ତ

ରିପୋର୍ଟ:

କାଦମ୍ବିନୀ ସାହିତ୍ୟ ମହୋତ୍ସବ ୨୨
→ କାଦମ୍ବିନୀ

ଆଳାପ:

ମୋ କବିତା ସତ୍ୟର ଫଳ: ପ୍ରଫେସର ଆର୍ନେଷ୍ଟୋ କାହାନ୍ ୪୨
→ ଇତି ସାମନ୍ତ

ମଣିଷର କଥା ୪୮
→ ମୂଳ ଇଂରାଜୀ : ଆର୍ନେଷ୍ଟୋ କାହାନ୍
→ ଅନୁବାଦ : ସୁରେନ୍ଦ୍ର ମିଶ୍ର

କବିତା:

ହରିଦ୍ରା ପତ୍ରର ବଣ ୫୦
→ ମୂଳ ଉର୍ଦ୍ଦୁ: ଗୌହର ରାଜା
→ ଅନୁବାଦ: ପ୍ରବାସିନୀ ମହାକୁଡ଼

ଆଲାମ ଓ ଗାଲିବ କୁରଦିନ୍ ପାଇଁ ୫୧
→ ମୂଳ ଇଂରାଜୀ: ଅଶ୍ୱିନୀ କୁମାର
→ ଅନୁବାଦ: ରବୀନ୍ଦ୍ର ବିଶ୍ୱାଳ

କ'ଣ ଭାବୁଥିବ ଦୁନିଆ ୫୧
→ ମୂଳ ହିନ୍ଦୀ: ଅନୁରାଧା ସିଂହ
→ ଅନୁବାଦ: ପ୍ରବାସିନୀ ମହାକୁଡ

ଧ୍ୱନି........ ୫୨
→ ମମତା ଦାଶ

ଦୃଶ୍ୟ ବଦଳୁଥାଏ ୫୨
→ ସୌଭାଗ୍ୟବନ୍ତ ମହାରଣା

ଚିତ୍ରକୋଣ୍ଡାରେ ଚିତ୍ର ଆଙ୍କୁଚି ଅନାମିକା ୫୩
→ ହୁସେନ ରବିଗାନ୍ଧୀ

ଧୂଆଁ ୫୪
→ ଅପର୍ଣ୍ଣା ମହାନ୍ତି

କଳା-ଧଳା ଫଟୋଗ୍ରାଫ ୫୪
→ ପ୍ରବାସିନୀ ମହାକୁଡ଼

କଥା, ଖାଲି କଥା ୫୫
→ ହୃଷୀକେଶ ମଲ୍ଲିକ

ପନୂର୍ବିନ୍ୟାସ ୫୬
→ ବୀଣାପାଣି ପଣ୍ଡା

ପଲଙ୍କ ୫୬
→ ସୂର୍ଯ୍ୟ ମିଶ୍ର

ବିକଳ୍ପ: ଏକ ଦାବି ୫୭
→ ସୁଚେତା ମିଶ୍ର

ଆଲାରାମ୍ ୫୮
→ ସୁରେଶ ନାୟକ

ଭୋକ ୫୮
→ ରବି ଶତପଥୀ

ଝିଅର ଚିତ୍ରଖାତା ୫୯
→ ସାବିତ୍ରୀ କବି

ଝିଅ ୫୯
→ ଏମ୍. ହିମାଂଶୁ ଆଚାରୀ

e-News & Magazine

କାଳଜୟୀ:

ରାଜକିଶୋର ରାୟ ୬୨
➥ ସମ୍ପାଦିକା

'ଦୁର୍ବଳ ଦେବାଳୟ'ର ସବଳ ସ୍ୱୀକାରୋକ୍ତି ... ୬୩
➥ ନାରାୟଣ ସାହୁ

ଦୁର୍ବଳ ଦେବାଳୟ ୬୫
➥ ରାଜକିଶୋର ରାୟ

ଗପ:

ଅଶ୍ୱଗତି ୬୮
➥ ସରୋଜ ମିଶ୍ର

ଚାରିଟି ମିନି କଥା ୭୩
➥ ଶିବ ମିଶ୍ର

ବିରଳ ବିଦ୍ରୋହ ୭୪
➥ ବାସନ୍ତୀ ମହାନ୍ତି

ମାଟି ମୋହ ୭୮
➥ ମନୋଜ ମହାନ୍ତି

ଅନୁବାଦ ଗପ:

ହିରୋଶିମାର ନିଆଁ ୮୨
➥ ମୂଳ ଜାପାନୀ: ତୋଷୀ ମାରୁକି
➥ ଅନୁବାଦ: ମାୟାଧର ସ୍ୱାଇଁ

ଭ୍ରମଣ କାହାଣୀ:

ମୋ ଝର୍କାରୁ ପୃଥିବୀ ୮୫
➥ ସୁସ୍ମିତା ବାଗ୍‌ଚୀ

ଅଳ୍ପ ଆଳାପ:

ଜିମି ପରାଶର ୯୪
➥ କାଦମ୍ବିନୀ

ସୌନ୍ଦର୍ଯ୍ୟ:

ବିବାହର ରୂପ ଶୃଙ୍ଗାର ୯୮
➥ ଅମ୍ରିତା ମହାନ୍ତି

ସ୍ୱାସ୍ଥ୍ୟ:

ଡିମ୍ବକୋଷର କର୍କଟରୋଗ ୧୦୨
➥ ଡା. ସରୋଜିନୀ ଷଡ଼ଙ୍ଗୀ

ନିୟମିତ ବିଭାଗ

ଇତି ଆପଣଙ୍କର ୨୦
ପୁସ୍ତକ ପରିକ୍ରମା ୯୦
ମନୋରଞ୍ଜନ ୯୨
ଚଳନ୍ତିକା ୯୫
ଆମ ରୋଷେଇ ୧୦୬
ଘରକରଣା ୧୦୮
ରୂପଚର୍ଯ୍ୟା ୧୦୯
ସ୍ୱାସ୍ଥ୍ୟ ସୂଚନା ୧୧୦
ରାଶିଫଳ ୧୧୧

ପବିତ୍ର ଶ୍ରୀପଞ୍ଚମୀ ଓ ସରସ୍ୱତୀ ପୂଜା ଅବସରରେ 'କାଦମ୍ବିନୀ'ର ପାଠକ-ପାଠିକା, ଲେଖକ-ଲେଖିକା, ବିଜ୍ଞାପନଦାତା, ବିକ୍ରେତା ବନ୍ଧୁ ଓ ଶୁଭେଚ୍ଛୁମାନଙ୍କୁ ଆନ୍ତରିକ ଅଭିନନ୍ଦନ।

- କାଦମ୍ବିନୀ ପରିବାର

eNews & Magazine

ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା

କାଦମ୍ବିନୀ

ପ୍ରିୟ ପାରିବାରିକ ବନ୍ଧନ: ଆମର, ଆପଣମାନଙ୍କର, ଆମ ସମସ୍ତଙ୍କର

Premier Monthly Family Magazine of Odisha

The Kadambini

(A chain of clouds)

Most lovable family bond: Ours, Yours & Everyones

Proud Members of:

RNI Govt of India | INS THE INDIAN NEWSPAPER SOCIETY | AUDIT BUREAU OF CIRCULATIONS | Directorate of Advertising & Visual Publicity | I&PR, Govt. of Orissa | ISSN

FOUNDER
Dr. Achyuta Samanta
Hon'ble MP, Rajya Sabha
Eminent Educationist,
Noted Philanthropist and
Social Activist

EDITOR
Dr. Iti Samanta
Writer and
Social Worker

'The Kadambini' was founded in July 2000 by the Hon'ble MP, Rajya Sabha, eminent educationist, noted philanthropist & social activist **Dr. Achyuta Samanta**, the Founder, KIIT group of institutions & KISS. Under his patronage and guidance 'The Kadambini' was established to showcase art, literature and culture of Odisha. His youngest sister **Dr. Iti Samanta,** a writer, social worker & founder editor of the magazine is a woman with a dream. 'The Kadambini' is her brainchild through which she dreams of ushering in a creative renaissance of sorts in the state.

'The Kadambini' is the largest circulated **(certified by ABC)** monthly family magazine of Odisha with the largest readership. A comprehensive family magazine 'The Kadambini' has captured the mindscape of all sections of people of the state. It has also created it's space in the heart of Odias residing in the country and abroad. This attractive monthly magazine with its broad content-mix and quality printing, caters to the taste of all cultured Odias regardless of age, gender and income level. 'The Kadambini' recipe of success is simple. It offers something for everyone. Every issue contains cover-features on topical social and cultural issues; life-style and fashion trends; movies and television; fiction, poetry, serial novels; Odia translations of classics from other languages; sports; health; beauty; cookery and household tips. The monthly magazine hits the stands with unfailing regularity on the 1st of every month. Apart from the regular issues 'The Kadambini' brings out four special issues every year. Each issue, be it regular or special is a keepsake — a glossy work of art with multicoloured layouts so beautiful that it catches attention of all section of readers. Needless to say, with so much going for it 'The Kadambini' provides the dream-vehicle for all to access the Odia cultural psyche.

e-News & Magazine


KMR
Kalamandir Royale
prelude/kmr/2018
Royale Wedding Collection
309, DISTRICT CENTRE, CHANDRASEKHARPUR, PH : 2303866/966
364, SAHID NAGAR, JANPATH, PH : 0674-2544299/399

Kadambini Media Private Limited: After establishing the world class university KIIT and KISS, a free residential school housing 25,000 tribal children, Dr. Achyuta Samanta, a visionary, philanthropist & social activist with his youngest sister Dr. Iti Samanta, a promising writer & social worker, established Kadambini Media Pvt. Ltd. in July 2000 with an objective to showcase the rich cultural heritage of Odisha and facilitate its enrichment through literature, art and cinema. With an unparalleled commitment of the editor, Dr. Iti Samanta, monthly family magazine, 'The Kadambini', a fledgling bird in 2000, has now spread its wings far and wide and is targeting the sky as its limit. From a modest beginning as the publisher of a family magazine the Kadambini Media Pvt. Ltd. has now become the cultural epicenter of Odisha. Apart from the publication of monthly 'The Kadambini', it has also ventured into other areas of art, literature and culture.

The Kunikatha: A monthly magazine for the young Odia readers. Broad contents and eye catching layouts in the magazine are designed to inform and educate our future generation through amusement. With multicolour printing, beautiful sketches and photographs it offers stories, poems, jokes, cartoons, quizzes, G.K., topics on science, music, cinema, art and literature etc.

Book Publication: As a step towards fulfilling Kadambini Media's commitment for literature, it has published / is publishing books with high literary value authored by eminent as well as young writers. The area of publication includes novels, stories, poetry, prose collection, feature collection, biography, autobiography, translations from other languages of eminent writers and Recipe Collection etc.

Kadambini Patrika Haata (The only magazine fair of the state): Through this unique programme, a platform is provided under one roof to publishers and editors of all the magazines of Odisha to exhibit and sell their publications.

National Writer's Meet: Each year, in the month of January, Kadambini Media organises a national writers seminar, where writers from various fields, Journalists and editors of different magazines and newspapers from Odisha and outside assemble, exchange their ideas and share their experiences.

Kadambini Sammana: This prestigious award is presented to an individual every year in recognition of his/her significant contribution to society in the field of art, literature, social service, education, administration and industries etc. The award contains citation, memento with cash component.

Kadambini Saraswata Sammana: An honour presented to an individual every year in recognition of his/her lifetime contribution to literature. This prestigious award contains citation and memento.

Film and Audio/Video Production: In order to promote cinematic art form and artists of calibre, the organisation has stepped into production of films. Its debut production **'Kathantara'**, directed by nationally acclaimed director Himanshu Khatua has participated in many international film festivals and has been hailed by one and all as a classic. It got National Award for Best Regional Film and State Awards for Best Feature Film, Best Direction, Best Story, Best Supporting Actor and Actress, Best Music, Best Cinematography and Best Audiography. The Kadambini Media's second feature film **'Krantidhara'** also participated in many international film festivals and was widely acclaimed. It also got State Award for Best Film, Best Story and Best Actress. Another short film by Kadambini Media **'Kahani Nuhe'** was adjudged the Best Short Film at the 1st Odisha State Tele Film Award. Apart from these, the organisation is also producing documentaries, tele films, tele serials, music videos, reality shows, and many other entertaining programmes for different channels.

'The KADAMBINI', Premier Odia monthly family magazine, Owned and Edited by **Dr. Iti Samanta**, Printed & Published by **Kedar Prusty** and printed at Print-Tech Offset Pvt. Ltd., Chandaka Industrial Area, Bhubaneswar.

Contact: Editor - 'The Kadambini', Kadambini Media Pvt. Ltd., Kadambini Villa, 421/2358, Padmabati Vihar, Sailashree Vihar, Bhubaneswar - 751 021, Odisha | **Phone No.:** 0674-2740519, +91 7328841932 (Editorial); 0674-2741260, +91 7328841933 (Business) | **E-mail:** kadambini.odia@gmail.com

Website: www.kadambini.org, www.kadambinilitfest.com | **Follow us on:** www.facebook.com/kadambini.odia

COPYRIGHT: **Kadambini Media Pvt. Ltd.** All rights reserved. Reproduction in any manner, print, electronic or otherwise, in whole or in part, without prior written permission is prohibited.

'The Kadambini' and 'The Kunikatha' are also available in e-Magazine Format at www.kadambini.org

To read 'The Kadambini' on your Mobile Phone, download the free app: www.dailyhunt.com

For online shopping of 'The Kadambini' and 'The Kunikatha' visit www.amazon.in, www.flipkart.com & www.pressreader.com

e-News & Magazine



ଇତି ଆପଣଙ୍କର...

ପ୍ରତି ମାସରେ 'କାଦମ୍ବିନୀ' ଜରିଆରେ ଆପଣମାନଙ୍କୁ କେତେ ନୂଆନୂଆ କଥା ଆମେ ଉପହାର ଦେଉଛୁ । ପ୍ରତି ବଦଳରେ ଆପଣଙ୍କଠୁ ଏକମାତ୍ର ଉପହାରର ଆଶା- ପ୍ରତ୍ୟେକ ମାସରେ ପ୍ରିୟ 'କାଦମ୍ବିନୀ' ପଢ଼ି ତା' ପାଇଁ ଚିଠିଟିଏ ନିଶ୍ଚୟ ଲେଖନ୍ତୁ ଏବଂ ଚିଠି-ସଂସ୍କୃତିକୁ ବଜାୟ ରଖନ୍ତୁ । ଆପଣଙ୍କର ଏହି ଉପହାରକୁ 'କାଦମ୍ବିନୀ' ଓ ଆମେମାନେ ସାଦରେ ଅପେକ୍ଷା କରିଛୁ ।

- ଇତି, ଆପଣଙ୍କର ସମ୍ପାଦିକା

ପ୍ରିୟ ଶ୍ରୀମତୀ ସାମନ୍ତ,

'କାଦମ୍ବିନୀ' ତରଫରୁ 'କାଦମ୍ବିନୀ ସାହିତ୍ୟ ମହୋତ୍ସବ' ଜାନୁଆରୀ ୬ରେ ହେଉଥିବା ଜାଣି ଓ ଆପଣଙ୍କ ନିମନ୍ତ୍ରଣ ପାଇ ମୁଁ ଅତ୍ୟନ୍ତ ଆନନ୍ଦିତ ଓ ଆପଣଙ୍କୁ ଧନ୍ୟବାଦ ଜଣାଉଛି । କିନ୍ତୁ ଅସୁସ୍ଥତା ଯୋଗୁଁ ଏହି 'ସାହିତ୍ୟ ମହୋତ୍ସବ'ରେ ଯୋଗଦେଇ ପାରିନଥିବାରୁ ମୁଁ ଅତ୍ୟନ୍ତ ଦୁଃଖିତ । ଆପଣଙ୍କ ଦ୍ୱାରା ସମ୍ପାଦିତ ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ' ଓଡ଼ିଶାବାସୀଙ୍କ ଦ୍ୱାରା ଆଦୃତ ଓ ଲୋକପ୍ରିୟ ହୋଇପାରିଛି । ଆପଣଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଉଛି ।

ଜୟନ୍ତୀ ପଟ୍ଟନାୟକ

ପୂର୍ବତନ ସାଂସଦ, ୨୦୧, ଫରେଷ୍ଟ ପାର୍କ, ଭୁବନେଶ୍ୱର

ଶ୍ରଦ୍ଧେୟା ସମ୍ପାଦିକା ମହାଶୟା,

ଆନ୍ତରିକ ଶ୍ରଦ୍ଧା ଓ ଶୁଭେଚ୍ଛା । ନାରୀର ସଂଘର୍ଷ ଓ ସଙ୍କଳ୍ପକୁ ନେଇ ବିଶେଷ ଲେଖାର ସମାହାରରେ ମଣ୍ଡିତ 'କାଦମ୍ବିନୀ' ଜାନୁଆରୀ ସଂଖ୍ୟା ଅନନ୍ୟ । ସମ୍ମାନନୀୟା ବାରୋନେସ୍ ଊଷାକୁମାରୀ, ସରଳା ଦେବୀ, ରେଖା ଶର୍ମା, ସନ୍ତୋଷ ବାଲା, ରବିକାନ୍ତ ଓ ବରିଷ୍ଠ ଆଇନ୍‌ଜୀବୀ ଧରଣୀଧର ନାୟକ, ସୁଚିତ୍ରା ଆୟାର ଇତ୍ୟାଦିଙ୍କ ନାରୀର ଏଇ ସାମାଜିକ ସମସ୍ୟା ସଂପର୍କୀୟ ଦୃଷ୍ଟିଭଙ୍ଗୀ, ମାନସିକ ଚିନ୍ତନ ଏବଂ ପ୍ରତ୍ୟେକଙ୍କର ଅନୁଭୂତି, କାର୍ଯ୍ୟଧାରା ଗୋଟାଏ ନୂତନ ପୃଥିବୀର, କ୍ରାନ୍ତିର ସକାଳ ପାଇଁ ଦୃଢ଼ ପଦକ୍ଷେପ । ସୁନିତା କ୍ରିଷ୍ଣନଙ୍କ ଜୀବନ ଏବଂ ଜଣେ ନିଚ୍ଛକ ମଣିଷ ଭଳି ବଞ୍ଚିବାର ଓ ବଞ୍ଚାଇବାର ପ୍ରୟାସ, ସାଧନା ପ୍ରତ୍ୟେକ ନାରୀ ପାଇଁ କ୍ଲାନ୍ତିହୀନ ସଂଗ୍ରାମର ଇଚ୍ଛା ଭରିଦିଏ, ଗୋଟିଏ କଥାରେ କୋଟିଏ ଜୀବନର ପ୍ରାଣମୟ ବାର୍ତ୍ତା ଦିଏ । ମହିଳାଙ୍କ ଅଧିକାର ସମ୍ପର୍କୀୟ ଆଇନ ଓ ସମ୍ବିଧାନର କେତକ ଐତିହାସିକ ରାୟ ସମ୍ବନ୍ଧୀୟ ଲେଖାଗୁଡ଼ିକ ଅତ୍ୟନ୍ତ ଅପରିହାର୍ଯ୍ୟ, ପ୍ରତ୍ୟେକ ନାରୀ ପୁରୁଷଙ୍କ ପାଇଁ । ଆଇନ, ବିଚାର କ୍ଷେତ୍ରରେ ପ୍ରତିଷ୍ଠିତ ନାରୀମାନଙ୍କ ବିଷୟରେ ଉପସ୍ଥାପନା ଅନାହତ ପ୍ରେରଣାର ଉତ୍ସ । ନିର୍ଭୟା ମା'ଙ୍କର ଅଭିବ୍ୟକ୍ତି ଓ ବାର୍ତ୍ତା ତ ସାରା ଜଗତର ମା'ଙ୍କର ପ୍ରତିନିଧି ଭାବେ ଚିହ୍ନାଇ ଦିଏ । ଏଇ ସଂଖ୍ୟାଟି ଅନନ୍ୟ ଓ ବଳିଷ୍ଠ; ଏକ ମାଇଲ୍‌ଖୁଣ୍ଟ, ଦିଗବାରେଣୀ, ସମୟସାପେକ୍ଷ, କଷ୍ଟସାପେକ୍ଷ ଆପଣଙ୍କର ଏଇ ପ୍ରୟାସ, ମହାନ ପଦକ୍ଷେପ ପାଇଁ କୃତଜ୍ଞତାର ଭାଷା ନାହିଁ ।

ଏକ ଅନୁରୋଧ, ଆଗାମୀ ଦିନରେ ଏହି ପ୍ରୟାସ ଜାରି ରଖିବା ସହିତ ଝିଅ/ମହିଳାଙ୍କ ସମସ୍ୟାଭିତ୍ତିକ କାହାଣୀ ଓ ସମାଧାନର ଅକୁଣ୍ଠ ଉଦ୍ୟମ ସବୁକୁ ସଂଗ୍ରହ କରି 'କାଦମ୍ବିନୀ'କୁ ଆହୁରି ଜୀବନ୍ତ ଓ ଦିଗ୍‌ଦର୍ଶନର ମାଧ୍ୟମ କରନ୍ତୁ । କ୍ରାନ୍ତି ପାଇଁ, ପରିବର୍ତ୍ତିତ ପୃଥିବୀ ପାଇଁ ।

ନିରୁପମା ରାୟ

ଲେନ୍-୫, ବିମାନଘାଟି ଅଞ୍ଚଳ, ଭୁବନେଶ୍ୱର

ମାଡାମ୍,

ନମସ୍କାର । ଚଳିତ ବର୍ଷ 'କାଦମ୍ବିନୀ ମହୋତ୍ସବ'ର ସ୍ମୃତି ସତରେ ନିଆରା । ସମାଜରେ ପୀଡ଼ିତାମାନଙ୍କ ପ୍ରତି ସମ୍ବେଦନଶୀଳ ମନୋଭାବ, ମଞ୍ଚରେ ସେମାନଙ୍କୁ ସମ୍ମାନିତ କରିବା ତଥା ଆପଣଙ୍କର ବାର୍ତ୍ତା ବେଶ୍ ରୋମାଞ୍ଚକର ଥିଲା । ଓଡ଼ିଆ ଗଳ୍ପ ସାହିତ୍ୟରେ ଏମିତି ଅନେକ କାହାଣୀ ଅଛି । 'ପାଟଦେଈ', 'ବନ୍ଧ୍ୟା ଗାନ୍ଧାରୀ' ଆଦି ଗଳ୍ପଗୁଡ଼ିକୁ ଏକାଠି କରି 'ନିର୍ଯ୍ୟାତିତାର ସ୍ୱର' ଶୀର୍ଷକରେ ସଙ୍କଳନଟିଏ କରିବାକୁ ଅନୁରୋଧ କରୁଛି ।

ରଶ୍ମିରେଖା ତ୍ରିପାଠୀ

ପଦ୍ମପୁର, କଟକ

ମହାଶୟା,

'କାଦମ୍ବିନୀ' ନୂଆବର୍ଷ ସ୍ୱତନ୍ତ୍ର ସଂଖ୍ୟାର ସମ୍ପାଦକୀୟ ଉଚ୍ଚକୋଟୀର । ଏହି ସଂଖ୍ୟାର ପ୍ରତିଟି ଲେଖା ସୁନ୍ଦର, ସାବଲୀଳ ଓ ଆକର୍ଷଣୀୟ । ଇଂଲଣ୍ଡର ହାଉସ୍ ଅଫ୍ ଲର୍ଡସ୍‌ର ମାନନୀୟା ସଦସ୍ୟା ବାରୋନେସ୍ ଊଷାକୁମାରୀଙ୍କ ସାକ୍ଷାତକାରରେ ଭାବର ଆଦାନ ପ୍ରଦାନ ଭଲ ହୋଇଛି । ବିଶେଷ ପ୍ରସଙ୍ଗରେ ମହିଳାଙ୍କ ଅଧିକାର ଓ ସୁପ୍ରିମକୋର୍ଟଙ୍କ ରାୟ ଏକ ଉପାଦେୟ ଲେଖା । ସାମଗ୍ରିକ ଭାବେ ପତ୍ରିକାଟି ସୁଖପାଠ୍ୟ ହୋଇଛି ।

ନିରଞ୍ଜନ ସାହୁ

କେ-୭-୬୪୧, ଘାଟିକିଆ, ଭୁବନେଶ୍ୱର-୩

ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ – ୨୦୧୯ ପାଳନ ଅବସରରେ ମୁଁ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଓଡ଼ିଶାକୁ ଦେଶର ଏକ ସମୃଦ୍ଧ ଏବଂ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ ଏହି ପବିତ୍ର ଅବସରରେ ସମସ୍ତେ ଶପଥ ନେବାକୁ ମୁଁ ଆହ୍ୱାନ ଜଣାଉଛି ।

ଗଣେଶୀଲାଲ

(ଗଣେଶୀ ଲାଲ)

ମାନ୍ୟବର ରାଜ୍ୟପାଳ, ଓଡ଼ିଶା

Downloaded from : https://t.me/odianewspaper

ମହାଶୟା,

ଅନେକ ବର୍ଷ ଧରି 'କାଦମ୍ବିନୀ ପତ୍ରିକା ହାଟ' ସଫଳତାର ସହିତ ଆୟୋଜନ କରୁଥିବାରୁ ଜଣେ କବି ହିସାବରେ ତଥା ସମଗ୍ର ଓଡ଼ିଆ ସାହିତ୍ୟ ଜଗତ ପକ୍ଷରୁ ସାଧୁବାଦ ଓ ଧନ୍ୟବାଦ ଜଣାଉଛି। ଲାଗୁଛି 'କାଦମ୍ବିନୀ ପତ୍ରିକା ହାଟ' ବୋଧେ ବିଶ୍ୱର ଏକମାତ୍ର ସାରସ୍ୱତ ସମାବେଶ; ଯେଉଁଥିରେ କେବଳ ପ୍ରେମ, ସ୍ନେହ ଓ ସଦିଚ୍ଛାକୁ ପରସ୍ପର ମଧ୍ୟରେ ବାଣ୍ଟି ହୋଇଥାଏ। ଏହା କେବଳ ମୋର ନିଜସ୍ୱ ମତ ନୁହେଁ, ଏହି କଥା ଏଥର ଆମେ କେତେକ କବି ଓ ଲେଖକ ବନ୍ଧୁ ଆଲୋଚନା କରୁଥିଲୁ। ଏହିପରି ସଦାସର୍ବଦା ସମାଜ ଲାଗି ଉତ୍ସର୍ଗୀକୃତ ହେଉଥାଉ ଆପଣଙ୍କର ସାରସ୍ୱତ ଜୀବନ।

ଅମୀୟ ଭାନୁ ଧଳ
ଏଚ୍‌ଆଇଜି-୯୨, ଶୈଳଶ୍ରୀ ବିହାର, ଭୁବନେଶ୍ୱର

ସମ୍ମାନୀୟେଷୁ,

କୁଏତ୍ ସିଟିରୁ ପ୍ରଣାମ ନେବେ। 'କାଦମ୍ବିନୀ'ର ଜାନୁଆରୀ ସଂଖ୍ୟା ମୋତେ ଅଭିଭୂତ କଲା। ମହିଳାମାନେ ସାମ୍ନା କରୁଥିବା ଏକ ବର୍ବରୋଚିତ ତଥା ଅମାନବିକ ସମସ୍ୟାକୁ ନେଇ ସାହସିକତାର ସହ ପ୍ରଶଂସନୀୟ ସଂଖ୍ୟା ପ୍ରସ୍ତୁତ କରିଛନ୍ତି। ନିର୍ଭୟାଙ୍କ ମା'ଙ୍କ ସହିତ ସାକ୍ଷାତକାର ପଢ଼ିଲାବେଳେ ଦୁଃଖରେ ମନ ଭାଙ୍ଗି ପଡୁଥିଲା। ସୁନିତା କ୍ରିଷ୍ଣନଙ୍କ ସଂପର୍କରେ ମଧ୍ୟ ଅଧିକ କିଛି ଜାଣିବାକୁ ମିଳିଲା। ଗାୟତ୍ରୀବାଳା ପଣ୍ଡାଙ୍କ ଆଲେଖ୍ୟରୁ ମହିଳାଙ୍କୁ ନେଇ ମାନ୍ୟବର ସୁପ୍ରିମକୋର୍ଟ ଦେଇଥିବା କେତେକ ଐତିହାସିକ ରାୟ ସଂପର୍କରେ ସବିଶେଷ ତଥ୍ୟ ଜାଣିହେଲା। 'କାଦମ୍ବିନୀ'ର ଜାନୁଆରୀ ସଂଖ୍ୟା ଆମ ସମାଜ ପାଇଁ ଏକ 'ଆଇ ଓପ୍‌ନର' ଭାବେ କାର୍ଯ୍ୟ କରିବ।

ସୁଶାନ୍ତ କୁମାର ନାୟକ
କୁଏତ୍ ସିଟି, କୁଏତ୍

ପ୍ରିୟ ପାଠକ! ଆପଣମାନଙ୍କୁ ମୋର ଗଭୀର କୃତଜ୍ଞତା। ଆପଣମାନେ ପ୍ରିୟ 'କାଦମ୍ବିନୀ'କୁ ଭଲ ପାଉଛନ୍ତି, ପଢୁଛନ୍ତି ଏବଂ ଅନ୍ତରଙ୍ଗତାର ସହ ତା' ପାଇଁ ଉପହାରସ୍ୱରୂପ ଚିଠିଟିଏ ଲେଖୁଛନ୍ତି ଆପଣମାନଙ୍କର ମୂଲ୍ୟବାନ ମତାମତ ଜଣାଇ- ଏହା ଆମ ପାଇଁ ଅତ୍ୟନ୍ତ ଆନନ୍ଦର କଥା। 'କାଦମ୍ବିନୀ' ପଢ଼ି, ତାକୁ ଆପଣେଇ ଆପଣମାନେ ଏମିତି ଚିଠି ଲେଖନ୍ତୁ ଆଉ 'କାଦମ୍ବିନୀ' ସେହି ସ୍ନେହ, ମମତାକୁ ସାଥିରେ ଧରି ଆଗକୁ ଆଗେଇ ଚାଲୁ। ଏହା ହିଁ ପବନପୁତ୍ର ଶ୍ରୀହନୁମାନଙ୍କ ପାଖରେ ମୋର ପ୍ରାର୍ଥନା। 'କାଦମ୍ବିନୀ' ପଢ଼ି ଚିଠିଟିଏ ଲେଖିବାକୁ କେବେ ବି ଭୁଲିବେ ନାହିଁ। ଆପଣମାନଙ୍କର ଏହି ଚିଠି ହିଁ ଆମର ଏକମାତ୍ର ପାଥେୟ।

– ଆପଣଙ୍କର ସମ୍ପାଦିକା

ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଓଡ଼ିଶାବାସୀ ଭାଇଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି। ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ଏବଂ ସବୁ ବର୍ଗର କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମରେ ଆପଣମାନଙ୍କର ସହଯୋଗ କାମନା କରୁଛି।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୭୦ତମ ସାଧାରଣତନ୍ତ୍ର ଦିବସ ଅବସରରେ ବାର୍ତ୍ତା

ମହତ୍ତ୍ୱପୂର୍ଣ୍ଣ ୭୦ତମ ସାଧାରଣତନ୍ତ୍ର ଦିବସ ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନପୂର୍ବକ ଭାରତର ଏକତା ଓ ସଂହତି ରକ୍ଷା ସହିତ ଆମ ରାଜ୍ୟକୁ ଦେଶର ଅଗ୍ରଗଣ୍ୟ ରାଜ୍ୟ ଭାବରେ ଗଢ଼ିତୋଳିବା ନିମନ୍ତେ ସମସ୍ତେ ଆନ୍ତରିକ ଉଦ୍ୟମ କରିବାକୁ ନମ୍ର ନିବେଦନ ଜଣାଉଛି।

(ପ୍ରତାପ ଜେନା)
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ,
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

ରିପୋର୍ଟ

କାଦମ୍ବିନୀ ସାହିତ୍ୟ ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି ଅତିଥିଗଣ

କାଦମ୍ବିନୀ ସାହିତ୍ୟ ମହୋତ୍ସବ

କାଦମ୍ବିନୀ ପତ୍ରିକା ହାଟ, କବି ଓ କବିତା ଏବଂ କୁନାକୁନି ମେଳା

୨୦୧୯ ଜାନୁଆରୀ ୬ ତାରିଖରେ ଅନୁଷ୍ଠିତ ହୋଇଯାଇଛି ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ'ର ଷୋଡ଼ଶ 'କାଦମ୍ବିନୀ ସାହିତ୍ୟ ମହୋତ୍ସବ', ଏକାଦଶ 'କାଦମ୍ବିନୀ ପତ୍ରିକା ହାଟ', 'କବି ଓ କବିତା' ଓ 'କୁନାକୁନି ମେଳା'। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ନବୀନ ପ୍ରବୀଣ ସାହିତ୍ୟିକଙ୍କ ସମେତ ପତ୍ରିକା ପ୍ରକାଶକ, ସମ୍ପାଦକ ଓ ପ୍ରକାଶନ ସଂସ୍ଥା ଯୋଗ ଦେଇଥିଲେ। 'କାଦମ୍ବିନୀ'ର ଏହି ସାରସ୍ୱତ କୁମ୍ଭମେଳାର ଖବର ତା'ର ପ୍ରିୟ ପାଠକପାଠିକାମାନଙ୍କ ପାଇଁ।

ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ କାଦମ୍ବିନୀ ମିଡିଆ ଦୀର୍ଘ ଉଣେଇଶ ବର୍ଷ ହେଲା ସେହି ଦିଗରେ ସଫଳତାର ସହ କାର୍ଯ୍ୟ କରୁଛି। ଏହି ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ' ଏବେ ଓଡ଼ିଶାର ଘରେଘରେ ବେଶ୍ ପରିଚିତ। ପୁଣି ଶିଶୁ-କିଶୋର ପତ୍ରିକା 'କୁନିକଥା' ମଧ୍ୟ ପ୍ରକାଶନ ଆରମ୍ଭରୁ ପିଲାଙ୍କ ସମେତ ସମ୍ପୂର୍ଣ୍ଣ ପରିବାରର ଅତ୍ୟନ୍ତ ପ୍ରିୟ ହୋଇପାରିଛି। କେବଳ ସେତିକି ନୁହେଁ, ଏହି ମିଡିଆ ଅନୁଷ୍ଠାନ ପକ୍ଷରୁ ନିର୍ମିତ ଦୁଇଟି ଚଳଚ୍ଚିତ୍ର 'କଥାନ୍ତର' ଓ 'କ୍ରାନ୍ତିଧାରା' ଓଡ଼ିଆ ଚଳଚ୍ଚିତ୍ର ଜଗତରେ ସ୍ୱତନ୍ତ୍ର ପ୍ରତିଷ୍ଠା ଅର୍ଜନ କରିଛି। ସେଥିସହ କାଦମ୍ବିନୀ ମିଡିଆ ଟେଲି କାର୍ଯ୍ୟକ୍ରମ ଓ ନାଟକ କ୍ଷେତ୍ରରେ ମଧ୍ୟ ପାଦ ରଖିଛି।

କାଦମ୍ବିନୀ ମିଡିଆ ପ୍ରତିବର୍ଷ ଜୁଲାଇ ୨ ତାରିଖରେ 'କାଦମ୍ବିନୀ' ଓ 'କୁନିକଥା'ର ସ୍ୱନକ୍ଷତ୍ର ଉତ୍ସବ ପାଳନ

ପ୍ରଫେସର ମନୋଜ ଦାସଙ୍କୁ ପ୍ରଥମ ଜାତୀୟସ୍ତରୀୟ 'ନୀଳିମାରାଣୀ ସାହିତ୍ୟ ସମ୍ମାନ-୨୦୧୯' ପ୍ରଦାନ କରାଯାଉଛି

'କାଦମ୍ବିନୀ'ର ନୂଆବର୍ଷ ସ୍ୱତନ୍ତ୍ର ଉନ୍ମୋଚନ

ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ସ୍ୱାଗତ ଭାଷଣ

କରିଥାଏ । ଓଡ଼ିଶାର କଳା, ସାହିତ୍ୟ, ସଙ୍ଗୀତ, ସଂସ୍କୃତି, ଉଦ୍ୟୋଗ ଓ ସମାଜସେବା କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟ କରି ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ଏହି ଉତ୍ସବରେ **'କାଦମ୍ବିନୀ ସମ୍ମାନ'** ପ୍ରଦାନ କରାଯାଇଥାଏ । ଏଥିସହିତ ପ୍ରତି ପାଞ୍ଚବର୍ଷରେ 'କାଦମ୍ବିନୀ ଉପନ୍ୟାସ ସମ୍ମାନ' ଏବଂ ପ୍ରତିବର୍ଷ 'କାଦମ୍ବିନୀ ଗଳ୍ପ ସମ୍ମାନ', 'କାଦମ୍ବିନୀ କବିତା ସମ୍ମାନ', 'କାଦମ୍ବିନୀ ଅନୁବାଦ ଗଳ୍ପ ସମ୍ମାନ', 'କାଦମ୍ବିନୀ ଫିଚର ସମ୍ମାନ', 'କାଦମ୍ବିନୀ ପ୍ରଚ୍ଛଦ ଶିଳ୍ପୀ ପୁରସ୍କାର', 'କାଦମ୍ବିନୀ ଆମ ରୋଷେଇ ବର୍ତ୍ତିକା ପଟ୍ଟନାୟକ ସ୍ମୃତି ପୁରସ୍କାର', 'କାଦମ୍ବିନୀ ପ୍ରିୟ ପାଠକ ସମ୍ବର୍ଦ୍ଧନା' ଏହି ଉତ୍ସବରେ ପ୍ରଦାନ କରାଯାଏ ।

ଉଦ୍‌ଘାଟକ: ଡ. କେ. ଶ୍ରୀନିବାସ ରାଓ

'କାଦମ୍ବିନୀ' ଦ୍ୱାରା ଆୟୋଜିତ ଏଭଳି ଏକ ବିଶାଳ ସାରସ୍ୱତ ସମାବେଶରେ ଯୋଗଦେଇ ମୋତେ ବେଶ୍ ଖୁସୀ ଲାଗୁଛି । ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ଭାତୃତ୍ୱ ଭାବର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ପତ୍ରପତ୍ରିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଭିନ୍ନ ଦେଶର ଜାତୀୟ ଆନ୍ଦୋଳନରେ ପତ୍ରପତ୍ରିକା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । କେବଳ ଯେ ବଡ଼ମାନଙ୍କ ପତ୍ରପତ୍ରିକାର ଭୂମିକା ଗୁରୁତ୍ୱପୂର୍ଣ୍ଣ ତା' ନୁହେଁ, ଶିଶୁପତ୍ରିକାଗୁଡ଼ିକର ମଧ୍ୟ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ଶିଶୁ ପତ୍ରିକା ମାଧ୍ୟମରେ ଶିଶୁମାନଙ୍କ ସୃଜନଶୀଳତାର ବିକାଶ ହୋଇଥାଏ । ଏହାରି ମାଧ୍ୟମରେ ଶିଶୁମାନେ ଲେଖାଲେଖିରେ ମଧ୍ୟ ଦକ୍ଷତା ହାସଲ କରିପାରିଥାନ୍ତି । ଶିଶୁ ପତ୍ରିକାଗୁଡ଼ିକ ପିଲାମାନଙ୍କ ମନୋରଞ୍ଜନ ବଢ଼ାଇବା ସହ ସେମାନଙ୍କୁ ନୂଆନୂଆ କଥା ଜାଣିବାକୁ ସାହାଯ୍ୟ କରିଥାଏ । ତେଣୁ ସମସ୍ତେ ବିଭିନ୍ନ ପତ୍ରପତ୍ରିକା ସମେତ ଶିଶୁ ପତ୍ରିକାଗୁଡ଼ିକୁ ମଧ୍ୟ ଗୁରୁତ୍ୱଦେବା ଆବଶ୍ୟକ । କେବଳ ପ୍ରିଣ୍ଟମିଡିଆ ନୁହେଁ ଡିଜିଟାଲ୍ ପ୍ଲାଟ୍‌ଫର୍ମରେ ମଧ୍ୟ ବିଭିନ୍ନ ପ୍ରକାର ପତ୍ରପତ୍ରିକା ପୁସ୍ତକ ଆଦି ପ୍ରକାଶ ପାଇଲାଣି । ସେଗୁଡ଼ିକୁ ପଢ଼ିବା ସହ ପ୍ରୋତ୍ସାହନ ଦେବା ଉଚିତ । 'କାଦମ୍ବିନୀ' ପତ୍ରିକା ବିଷୟରେ କେବଳ ଏତିକି କହିବି ଏହା କେବଳ ଏକ ମନୋରଞ୍ଜନଧର୍ମୀ ପତ୍ରିକା ନୁହେଁ, ଏହା ସମାଜର ବିଭିନ୍ନ ପ୍ରସଙ୍ଗକୁ ଲୋକ ଲୋଚନକୁ ଆଣିଥାଏ । ନାରୀ ସଶକ୍ତିକରଣ, ଐତିହ୍ୟ, ପରମ୍ପରା ଓ ସଂସ୍କୃତି ଆଦିର ପ୍ରସାରରେ ମଧ୍ୟ ଏହା ସହାୟକ ହୋଇଥାଏ । 'କାଦମ୍ବିନୀ ସାହିତ୍ୟ ମହୋତ୍ସବ' ବିଷୟରେ ମୁଁ ୨୦୧୪ ମସିହାରୁ ଜାଣିଥିଲି । ବିଭିନ୍ନ ସାହିତ୍ୟ ଉତ୍ସବରେ 'କାଦମ୍ବିନୀ ସାହିତ୍ୟ ମହୋତ୍ସବ' ସଂପର୍କରେ ମୁଁ କହିଥାଏ । ଏହିଭଳି ସାହିତ୍ୟ ମହୋତ୍ସବ ଓଡ଼ିଶା ସଂସ୍କୃତିକୁ ସମୃଦ୍ଧ କରୁଛି । 'କାଦମ୍ବିନୀ'ର ଏହି ପ୍ରୟାସ ବେଶ୍ ପ୍ରଶଂସନୀୟ । ମୋତେ ଏହି ସାହିତ୍ୟ ମହୋତ୍ସବକୁ ନିମନ୍ତ୍ରଣ କରିଥିବାରୁ ମୁଁ ଡ. ଅଚ୍ୟୁତ ସାମନ୍ତ ଓ ଡ. ଇତି ସାମନ୍ତଙ୍କୁ ଧନ୍ୟବାଦ ଜଣାଉଛି ।

'କୁନିକଥା'ର ଜାନୁଆରୀ ସଂଖ୍ୟା ଉନ୍ମୋଚନ

e-News & Magazine

'କୁନିକଥା'ରେ ନିୟମିତ ଭାବେ ଲେଖୁଥିବା ଲେଖକ ଲେଖିକାଙ୍କୁ ମଧ୍ୟ ଏହି ଉତ୍ସବ ଅବସରରେ 'କୁନିକଥା ପ୍ରିୟ ଲେଖକ ସମ୍ବର୍ଦ୍ଧନା' ପ୍ରଦାନ ସହିତ 'କୁନିକଥା'ରେ ପ୍ରକାଶିତ କୁନିଲେଖକ ଲେଖିକାମାନଙ୍କର ଶ୍ରେଷ୍ଠ ଲେଖା ଓ ମତକୁ ବିଚାରକୁ ନେଇ ତାଙ୍କୁ 'କୁନିକଥା କୁନି-ପ୍ରତିଭା ପୁରସ୍କାର'ରେ ପୁରସ୍କୃତ କରାଯାଇଥାଏ। ସେହିପରି ଗଳ୍ପ ସାହିତ୍ୟରେ ଯୁବ ପ୍ରତିଭାମାନଙ୍କୁ ଉତ୍ସାହିତ କରିବା ପାଇଁ 'କାଦମ୍ବିନୀ ଗଳ୍ପ ଉନ୍ମେଷ' ପ୍ରଦାନ କରାଯାଇଥାଏ।

ସେହିଭଳି କାଦମ୍ବିନୀ ମିଡିଆ ପ୍ରତିବର୍ଷ ଜାନୁଆରୀ ମାସରେ ଅନନ୍ୟ ସାରସ୍ୱତ କୁମ୍ଭମେଳା 'କାଦମ୍ବିନୀ ସାହିତ୍ୟ ମହୋତ୍ସବ' ଆୟୋଜନ କରିଥାଏ। ଏହି ଅବସରରେ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କୃତି ନିମନ୍ତେ ଜଣେ ବରିଷ୍ଠ ସାହିତ୍ୟିକଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ମାନ', ଚାରିଜଣ ବୟୋଜ୍ୟେଷ୍ଠ ସାହିତ୍ୟିକଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ବର୍ଦ୍ଧନା', ଜଣେ ପତ୍ରିକା ସମ୍ପାଦକଙ୍କୁ 'କାଦମ୍ବିନୀ ସମ୍ପାଦକ ସମ୍ମାନ'

ମୁଖ୍ୟ ଅତିଥି: ପ୍ରଫେସର ଟି.ଭି. କଟ୍ଟିମଣି

'କାଦମ୍ବିନୀ ସାହିତ୍ୟ ମହୋତ୍ସବ'ରେ ଯୋଗଦେଇ ଏକ ସୁନ୍ଦର ଅନୁଭୂତି ମୁଁ ଆପଣେଇଛି। ଓଡ଼ିଆ ଲୋକଙ୍କ ସରଳତା, ସୃଜନଶୀଳତା ଓ ଖୋଲାହୃଦୟ ଅନ୍ୟତ୍ର ଦେଖାଯାଏ ନାହିଁ। କେବଳ ସେତିକି ନୁହେଁ, ନିଜ କାର୍ଯ୍ୟ ପ୍ରତି ମଧ୍ୟ ଓଡ଼ିଆମାନଙ୍କର ପ୍ରଗାଢ଼ ନିଷ୍ଠା ଥାଏ ଏବଂ ସେମାନଙ୍କର ଏଥିରେ ସ୍ୱତନ୍ତ୍ର ଦକ୍ଷତା ମଧ୍ୟ ରହିଛି। ମୁଁ ମୂଳତଃ ଜଣେ କନ୍ନଡ଼ିୟାନ। ମାତ୍ର ଓଡ଼ିଶାରେ 'କାଦମ୍ବିନୀ' ପକ୍ଷରୁ ହେଉଥିବା ଏଭଳି ଏକ ଭବ୍ୟ ସାହିତ୍ୟ ମହୋତ୍ସବକୁ ଡାକି ମତେ ସମ୍ମାନ ଦେଇଥିବାରୁ ଡ. ଇତି ସାମନ୍ତ ଓ ଡ. ଅଚ୍ୟୁତ ସାମନ୍ତଙ୍କୁ ମୁଁ ହୃଦୟରୁ କୃତଜ୍ଞତା ଜ୍ଞାପନ କରୁଛି।

ସଭାପତି: ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ

ଯାହା ଦୃଶ୍ୟମାନ, ତାହା ସାହିତ୍ୟ ନୁହେଁ, ତାହା ବିଜ୍ଞାନ। ଅଦୃଶ୍ୟ ଜଗତରୁ ବାର୍ତ୍ତା ଆଣିବା ହେଉଛି କବି ବା ସାହିତ୍ୟିକଙ୍କ କର୍ତ୍ତବ୍ୟ। ଜଗତର ୯୯.୯ ପ୍ରତିଶତ କଥା ଅଦୃଶ୍ୟମାନ। ୦.୧ ପ୍ରତିଶତ କେବଳ ଦୃଶ୍ୟମାନ। ତେଣୁ ଅଦୃଶ୍ୟ ଜଗତରୁ ବାର୍ତ୍ତା ଆଣିବା ହେଉଛି ସାହିତ୍ୟିକ କବିଙ୍କର କାମ। ମହାତ୍ମା ଗାନ୍ଧୀ କହୁଥିଲେ, ଅହିଂସା ଦ୍ୱାରା ହିଁ ଗଣତନ୍ତ୍ରର ପ୍ରତିଷ୍ଠା ସମ୍ଭବ। ତେଣୁ ସାହିତ୍ୟିକମାନେ ଅହିଂସାର ଶକ୍ତିକୁ ପ୍ରମାଣିତ କରନ୍ତୁ। ଏହାହିଁ ଏକବିଂଶ ଶତାବ୍ଦୀର ସାହିତ୍ୟିକମାନଙ୍କ ପାଇଁ ବଡ଼ ଆହ୍ୱାନ।

'ନୀଳିମାରାଣୀ ସାହିତ୍ୟ ସମ୍ମାନ-୨୦୧୯'ର ବିଜ୍ଞ ବିଚାରକମଣ୍ଡଳୀଙ୍କୁ ସମ୍ବର୍ଦ୍ଧନା

'କାଦମ୍ବିନୀ ସାହିତ୍ୟ ସମ୍ମାନ-୨୦୧୯'ର ବିଜ୍ଞ ବିଚାରକମଣ୍ଡଳୀଙ୍କୁ ସମ୍ବର୍ଦ୍ଧନା

ପ୍ରଫେସର ମନୋଜ ଦାସ, 'ନୀଳିମାରାଣୀ ସାହିତ୍ୟ ସମ୍ମାନ-୨୦୧୯' ପ୍ରାପକ

ଜୀବନରେ ବେଶ୍ କେତୋଟି ପୁରସ୍କାର ମିଳିଛି। ସେସବୁକୁ ନେଇ ମୋର ପ୍ରତିକ୍ରିୟା ସବୁବେଳେ ସଂଯତ ହୋଇ ରହିଥାଏ। ମାତ୍ର ଆଜି ଯେଉଁ ପୁରସ୍କାର ମତେ ମିଳିଛି, ଏହାକୁ ମୁଁ ସମ୍ମାନ ବା ପୁରସ୍କାର ଭାବେ ଗ୍ରହଣ କରୁନାହିଁ। ଏହାକୁ ମୁଁ ଆଶୀର୍ବାଦ ଭାବରେ ଗ୍ରହଣ କରୁଛି। ମାତୃଜାତିର ସ୍ମୃତି ଆଶୀର୍ବାଦ। ଭାରତବର୍ଷର ଅସଂଖ୍ୟ ମୂକ, ନିର୍ଯାତିତ ଏବଂ ସର୍ବଂସହା ମାତୃଜାତିର ପ୍ରତୀକ ନିଳିମାରାଣୀଙ୍କ ସ୍ମୃତି ପ୍ରଦତ୍ତ ଏହି ପୁରସ୍କାରକୁ ମୁଁ ଆଶୀର୍ବାଦ ଭାବରେ ଗ୍ରହଣ କରୁଛି। ମାତୃଜାତି, ଯାହାଙ୍କ ସ୍ନେହର କୌଣସି ବିକଳ୍ପ ନ ଥାଏ। ପ୍ରତିଦାନର ଆଶା ନ ଥାଏ। ସେହି ମାତୃଜାତିର ସେବା, ଯିଏ କେବେ ସ୍ୱୀକୃତିର ସ୍ୱପ୍ନ ମଧ୍ୟ ଦେଖେ ନାହିଁ। ସେହି ମାତୃଜାତିଙ୍କ ନାମରେ ଏହି ପୁରସ୍କାର ପ୍ରଦତ୍ତ। ମାତୃ ସ୍ନେହର ବିକଳ୍ପ ନ ଥାଏ। ଯେତେବେଳେ ଶିଶୁ ଭୂମିଷ୍ଠ ହୁଏ ତା'ର ପ୍ରଥମ କ୍ରନ୍ଦନ ହେଉଛି ବିଶ୍ୱାସର ଘୋଷଣା, ଯେ ମୋର କ୍ରନ୍ଦନ ଶୁଣିବା ପାଇଁ ଅଛନ୍ତି ସହାନୁଭୂତିଶୀଳ ବାହୁମାନେ। ମୋତେ ଧରିନେବେ, ମୋତେ କୋଳାଇ ନେବେ ସେମାନେ। ଶିଶୁର ପ୍ରଥମ କ୍ରନ୍ଦନର ମର୍ମ ହେଲା ବିଶ୍ୱାସର ଘୋଷଣା। ଅଚ୍ୟୁତ ବାବୁ, କଲ୍ୟାଣୀୟା ଇତି- ଏମାନଙ୍କର ଯେଉଁ କୃତଜ୍ଞତାବୋଧ ରହିଛି, ଯେଉଁ କୃତଜ୍ଞତାବୋଧ ଭିତରୁ ଏହି ଜାତୀୟ ସମ୍ମାନର ଜନ୍ମ; ଏହା ଆମକୁ ସ୍ମରଣ କରାଇଦେବ ମାତୃଜାତି କ'ଣ ? ତାଙ୍କ ପ୍ରତି ଆମର କର୍ତ୍ତବ୍ୟ କ'ଣ ? ମାତୃ ଜାତିର ମହତ୍ତ୍ୱ କ'ଣ ? ତେଣୁ ମୋତେ ପ୍ରଥମେ ଏହି ଜାତୀୟ ପୁରସ୍କାର 'ନିଳିମାରାଣୀ ସାହିତ୍ୟ ସମ୍ମାନ-୨୦୧୯' ଦେଇଥିବାରୁ ମୁଁ ଅଚ୍ୟୁତ ବାବୁ ଓ ଇତି ଦେବୀଙ୍କ ସମେତ ସମସ୍ତଙ୍କୁ ବିଶେଷ ଭାବେ କୃତଜ୍ଞତା ଜଣାଉଛି।

ପ୍ରଦାନ କରାଯାଇଥାଏ। ଚଳିତ ବର୍ଷ ଏହି ସମ୍ମାନ ଓ ସମ୍ବର୍ଦ୍ଧନା ପର୍ବରେ ଯୋଡ଼ି ହୋଇଥିଲା ନୂଆ ଏକ ଫର୍ଦ: 'ନୀଳିମାରାଣୀ ସାହିତ୍ୟ ସମ୍ମାନ'। ଏଠାରେ ସୂଚନାଯୋଗ୍ୟ, 'କାଦମ୍ବିନୀ ସାହିତ୍ୟ ମହୋତ୍ସବ-୨୦୧୮' ସଭାରେ 'କାଦମ୍ବିନୀ'ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଏକ ବଡ଼ ଘୋଷଣା କରିଥିଲେ। ତାହା ହେଉଛି, 'କାଦମ୍ବିନୀ ସାହିତ୍ୟ ମହୋତ୍ସବ-୨୦୧୯'ରୁ 'କାଦମ୍ବିନୀ' ପକ୍ଷରୁ ମା' ନୀଳିମାରାଣୀଙ୍କ ସ୍ମୃତିରେ ଏକ ଜାତୀୟସ୍ତରୀୟ ସାହିତ୍ୟ ସମ୍ମାନ ପ୍ରଦାନ କରାଯିବ ଏବଂ 'କାଦମ୍ବିନୀ ସାହିତ୍ୟ ସମ୍ମାନ'ର କଳେବର ପରିବର୍ତ୍ତନ କରାଯିବ। ତଦନୁଯାୟୀ, ଭାରତୀୟ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ବିଶେଷତଃ ଜୀବନବ୍ୟାପୀ ସାଧନା ନିମିତ୍ତ ସମ୍ମାନଜନକ 'ନୀଳିମାରାଣୀ ସାହିତ୍ୟ ସମ୍ମାନ' ପ୍ରଦାନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇ ଏଥିନିମନ୍ତେ ଏକ ବିଜ୍ଞ ବିଚାରକମଣ୍ଡଳୀ ଗଠନ କରାଯାଇଥିଲା।

ଶ୍ରୀଯୁକ୍ତ ସତ୍ୟବାଦୀ ରାଉତ, 'କାଦମ୍ବିନୀ ସାହିତ୍ୟ ସମ୍ମାନ-୨୦୧୯' ପ୍ରାପକ

ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରତିଷ୍ଠିତ କାଦମ୍ବିନୀ ମିଡିଆ ମୋତେ ଛଅ ଜାନୁଆରୀରେ 'କାଦମ୍ବିନୀ ସାହିତ୍ୟ ସମ୍ମାନ-୨୦୧୯' ପ୍ରଦାନ କରିଥିବାରୁ ମୁଁ ଆପଣମାନଙ୍କ ପାଖରେ କୃତଜ୍ଞତା ଜଣାଉଛି।

ସମ୍ମାନ ବାବଦକୁ ମାନପତ୍ର, ଶାଲ୍, ରୌପ୍ୟ ପଦକ ଓ ଏକ ଲକ୍ଷ ଟଙ୍କା, ପାଇ ମୁଁ ଅନେକ ଅନେକ ଖୁସୀ।

ଡ. ଅଚ୍ୟୁତ ସାମନ୍ତ ଉନ୍ନତ ମଣିଷ ଗଢ଼ା କାରଖାନାର ଦକ୍ଷ କାରିଗର। ରୋଗୀକୁ ଜୀବନ, ବଣମଲ୍ଲୀକୁ ମହକ ଆଉ ଅନ୍ଧକୁ ଜ୍ଞାନଚକ୍ଷୁ ଦେବାକୁ ଈଶ୍ୱର ତାଙ୍କୁ ଏ ପୃଥିବୀକୁ ପଠେଇଛନ୍ତି। ଈଶ୍ୱରଙ୍କୁ ପ୍ରାର୍ଥନା, ତାଙ୍କୁ ଦୀର୍ଘ ଆୟୁ ଦିଅନ୍ତୁ।

କାଦମ୍ବିନୀ ସାହିତ୍ୟ ସମ୍ମାନର ପରିକଳ୍ପନା ଓ ବାସ୍ତବତା ପ୍ରଶଂସନୀୟ। ଏହା ଓଡ଼ିଶାର ଲେଖକ କୁଳକୁ ଉତ୍ସାହ ଓ ପ୍ରେରଣା ନିଶ୍ଚୟ ଦେବ। ଓଡ଼ିଆ ଭାଷା ଓ ସାହିତ୍ୟ ପାଇଁ ଏ ସମ୍ମାନ: ପବନରୁ ଛାଣି ଆଣିଥିବା ଆଞ୍ଜୁଳାଏ ଅମ୍ଳଜାନ।

ମୋତେ ନବୀନ କି ପ୍ରବୀଣ ସାହିତ୍ୟିକ ପ୍ରାୟ ଜାଣନ୍ତିନି। ମୁଁ କୌଣସି ସଭା ସମିତି କି ସାହିତ୍ୟ ପେଣ୍ଠକୁ ଯାଏନି। ତଥାପି ମୋତେ ଆପଣ ପୁରସ୍କୃତ କରିଥିବାରୁ, ଏହା ଆପଣଙ୍କ ନିରପେକ୍ଷ ବିଚାରର ଏକ ଆଦର୍ଶ ନମୁନା। ଆପଣଙ୍କ ନିରପେକ୍ଷ ବିଚାର ଓ ବଳିଷ୍ଠ ନିଷ୍ପତ୍ତି ସାହିତ୍ୟ ଆକାଶର ଏବେ ଧ୍ରୁବପଥ। ଆପଣଙ୍କ ବିଚାରକମଣ୍ଡଳୀ ସମସ୍ତଙ୍କୁ ନିରପେକ୍ଷ, ସଚ୍ଚୋଟ ଓ ସାଧୁତାର ସୁସ୍ଥବାର୍ତ୍ତା ଦେଇଛନ୍ତି; ଯାହା ଉଚ୍ଚ ପ୍ରଶଂସା ଦାବି କରେ।

ଆମ ଗାଁର ଦଳେ ପାଲାବାଲା କୀର୍ତ୍ତନିଆ କହିଲେ, ଭାଇ କେଉଁ ଛନ୍ଦରେ କେଉଁ ବୃତ୍ତରେ କି ଲୟରେ କି ତାଳରେ କି ଗୀତ ଲେଖିଲ ଯେ ଏକାଥରକେ ଲକ୍ଷେ ଟଙ୍କିଆ କବି ହୋଇଗଲ ! ଗାଉଁଲି ଲୋକଙ୍କ ମତରେ, ମୁଁ ଆଜି ଲକ୍ଷେ ଟଙ୍କିଆ କବି। ଏହା କେବଳ 'କାଦମ୍ବିନୀ ସାହିତ୍ୟ ସମ୍ମାନ' ଯୋଗୁଁ ସମ୍ଭବ।

ଆଜି ମୁଁ ବି ବରିଷ୍ଠ କବିରୁ ବିଶିଷ୍ଟ କବି। ବହି ଦୋକାନରେ ନବୀନ କବିମାନେ ମୋ କବିତା ପୁସ୍ତକ 'ନଈରେ ନଈଏ ପାଣି ମାଛପରି ପହଁରୁଛି ଜହ୍ନ' (ଦ୍ୱିତୀୟ ସଂସ୍କରଣ), 'ସହୀ ! ତୋ ଗାଁ ମୋ ଗାଁ ଦୋସମାଳୀରେ ନଈ', (ଦ୍ୱିତୀୟ ସଂସ୍କରଣ) ଏବଂ 'ଗେଣ୍ଡାଳିଆ ଡେଣା ତଳେ ବଳକା ସୂର୍ଯ୍ୟାସ୍ତ, ଖୋଜିବାର ଖବର ମୋ ପାଖରେ ପହଁଚୁଛି। 'କାଦମ୍ବିନୀ ସାହିତ୍ୟ ସମ୍ମାନ' ଯୋଗୁଁ ମୋ ଲୋକପ୍ରିୟତା ଏବେ କ୍ରମଶଃ ବଢୁଛି। କିନ୍ତୁ ଅସୁସ୍ଥତା ଯୋଗୁଁ ଏହି ସମ୍ମାନ ଗ୍ରହଣ ପାଇଁ ଉପସ୍ଥିତ ରହିପାରି ନ ଥିବାରୁ ମୁଁ ଅତ୍ୟନ୍ତ ଦୁଃଖିତ। ମୋ ପାଇଁ ମୋ ସାନପୁଅ ସମ୍ମାନ ଗ୍ରହଣ କରିଥିବାରୁ ସେ ଖୁବ୍ ଖୁସୀ।

e-News & Magazine

ସେଦିନ ଥିଲା ୨ ୦ ୧ ୯ ଇଂରାଜୀ ନୂଆବର୍ଷର ପ୍ରଥମ ରବିବାର । ମାତ୍ର ୫ଦିନ ତଳେ ନୂଆବର୍ଷ ପାଦ ଥାପିଥିଲା ଧରାରେ । ସମସ୍ତଙ୍କ ଭିତରେ ଏକ ନୂତନ ଉନ୍ମାଦନା ଓ ଉଷ୍ମତା । କିଛିଦିନ ଧରି ଶୀତ ବି ଆକ୍ରାନ୍ତ କରି ରଖିଥିଲା ପରିବେଶକୁ । ଏହାରି ଭିତରେ ସେଦିନ ସକାଳୁ ସକାଳୁ ଭୁବନେଶ୍ୱରସ୍ଥିତ କିଟ୍ କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଆରମ୍ଭ ହୋଇଯାଇଥିଲା ରାଜ୍ୟର ବିଭିନ୍ନ ଅଞ୍ଚଳର ସାହିତ୍ୟିକ, ପତ୍ରିକା କର୍ତ୍ତୃପକ୍ଷ, ପାଠକ ଓ ସାହିତ୍ୟାନୁରାଗୀଙ୍କର ଗହଳି । ଅବସର ଥିଲା ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ' ଦ୍ୱାରା ଆୟୋଜିତ ଷୋଡ଼ଶ 'କାଦମ୍ବିନୀ ସାହିତ୍ୟ ମହୋତ୍ସବ', ଏକାଦଶ 'କାଦମ୍ବିନୀ ପତ୍ରିକା ହାଟ', 'କବି ଓ କବିତା' ଏବଂ 'କୁନାକୁନି ମେଳା' ।

'କାଦମ୍ବିନୀ ପତ୍ରିକା ହାଟ'ର ଉଦ୍‌ଘାଟନ ପରେ ଆରମ୍ଭ ହୋଇଥିଲା କାର୍ଯ୍ୟକ୍ରମର ଦ୍ୱିତୀୟ ପ୍ରସ୍ଥ 'କାଦମ୍ବିନୀ ସାହିତ୍ୟ ମହୋତ୍ସବ' । ମଞ୍ଚ ଉପରକୁ ଅତିଥିମାନଙ୍କ ଆଗମନ ପରେ ପ୍ରଦୀପ ପ୍ରଜ୍ଜ୍ୱଳନ ଏବଂ ଆରାଧ୍ୟ ଦେବତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ଅତିଥିଗଣ । ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପରେ ପ୍ରାରମ୍ଭିକ ସଙ୍ଗୀତ ଭାବେ 'କାଦମ୍ବିନୀ ଗୀତ' ଗାନ କରାଯାଇଥିଲା । ଏଥିରେ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ କେନ୍ଦ୍ର ସାହିତ୍ୟ ଅକାଦେମି ସଚିବ ଡ. କେ. ଶ୍ରୀନିବାସ ରାଓ ଏବଂ ମୁଖ୍ୟ ଅତିଥି ଥିଲେ ମଧ୍ୟପ୍ରଦେଶର ଅମରକଣ୍ଟକସ୍ଥିତ ଇନ୍ଦିରା ଗାନ୍ଧୀ ଜାତୀୟ ଜନଜାତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଟି.ଭି କଟ୍ଟିମଣି । ପ୍ରଖ୍ୟାତ ଔପନ୍ୟାସିକ ଓ କଥାକାର ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ 'କାଦମ୍ବିନୀ'ର ପ୍ରତିଷ୍ଠାତା ଓ ଦିଗ୍‌ଦର୍ଶକ ଡ. ଅଚ୍ୟୁତ ସାମନ୍ତ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ 'କାଦମ୍ବିନୀ'ର ସମ୍ପାଦିକା ଡ. ଇତି ସାମନ୍ତ ।

ଉତ୍ସବ ଅବସରରେ ଭାରତୀୟ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସୁଖ୍ୟାତ ସାହିତ୍ୟିକ ପ୍ରଫେସର ମନୋଜ ଦାସଙ୍କୁ ପ୍ରଥମ ଜାତୀୟସ୍ତରୀୟ 'ନୀଳିମାରାଣୀ ସାହିତ୍ୟ ସମ୍ମାନ-୨ ୦ ୧ ୯' ପ୍ରଦାନ କରାଯାଇଥିଲା । ସମ୍ମାନସ୍ୱରୂପ, ପ୍ରଫେସର ମନୋଜ ଦାସଙ୍କୁ ପାଞ୍ଚଲକ୍ଷ ଟଙ୍କାର ଅର୍ଥରାଶି ଓ ସ୍ୱର୍ଣ୍ଣ ପଦକ ସମେତ ରୌପ୍ୟ ଫଳକ, ମାନପତ୍ର, ଉତ୍ତରୀୟ ଓ ପଟ୍ଟଚିତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ସେହିପରି ବରିଷ୍ଠ କବି ଶ୍ରୀଯୁକ୍ତ ସତ୍ୟବାଦୀ ରାଉତଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ମାନ-୨ ୦ ୧ ୯' ପ୍ରଦାନ କରାଯାଇଥିଲା । ସମ୍ମାନସ୍ୱରୂପ, ଶ୍ରୀଯୁକ୍ତ ରାଉତଙ୍କୁ ଏକଲକ୍ଷ ଟଙ୍କାର ଅର୍ଥରାଶି ଓ ରୌପ୍ୟ ପଦକ ସମେତ ମାନପତ୍ର, ଉତ୍ତରୀୟ ଓ ପଟ୍ଟଚିତ୍ର ପ୍ରଦାନ କରାଯାଇ

ଶ୍ରୀଯୁକ୍ତ ଅକ୍ଷୟ ବେହେରା, 'କାଦମ୍ବିନୀ ସମ୍ପାଦକ ସମ୍ମାନ-୨ ୦ ୧ ୯' ପ୍ରାପକ

ଦୀର୍ଘ ୨ ୦ ବର୍ଷର 'କଥା କଥା: କବିତା କବିତା'ର ସମ୍ପାଦନା କରିବା ଅବସରରେ କିଛି ସମ୍ମାନ ଓ ପୁରସ୍କାର ସମ୍ପାଦନା ନିମନ୍ତେ ମିଳିଛି । ତେବେ ଆତ୍ମସନ୍ତୋଷର କଥା ଉଠିଲେ ନିଶ୍ଚିତ ଭାବରେ 'କାଦମ୍ବିନୀ' ପକ୍ଷରୁ ଏ ବର୍ଷ ମିଳିଥିବା ସମ୍ପାଦନା ପାଇଁ ପୁରସ୍କାର ମୋତେ ବିଶେଷ ଭାବରେ ଆଲୋଡ଼ିତ କରିଛି । ସବୁବେଳେ ପଛ ଧାଡ଼ିରେ ବସି ଆସୁଥିବା ମଣିଷକୁ ଯେବେ ଆଗଧାଡ଼ିରେ ସମ୍ମାନଜନକ ଭାବରେ ବସେଇ ଦିଆଯାଇ, ବିଶିଷ୍ଟ ଓ ବରେଣ୍ୟ ଅତିଥିଙ୍କ ଉପସ୍ଥିତରେ ସମ୍ମାନିତ କରାଯାଏ; ସେତେବେଳର ଅନୁଭବକୁ କିପରି ବ୍ୟାଖ୍ୟା କରିପାରିବି । ବାସ୍ତବରେ ମୋତେ ସ୍ୱପ୍ନ ପରି ହିଁ ଲାଗୁଥିଲା, ଯଦିଓ ତାହା ବାସ୍ତବ ଥିଲା । ଏଥିପାଇଁ 'କାଦମ୍ବିନୀ'ର ସମ୍ପାଦିକା ଓ ପ୍ରତିଷ୍ଠାତାଙ୍କୁ ମୋର କୃତଜ୍ଞତା ଜଣାଉଛି ।

ଶ୍ରୀଯୁକ୍ତ କୃଷ୍ଣ ସିଂହ, 'କାଦମ୍ବିନୀ ସାହିତ୍ୟ ସମ୍ବର୍ଦ୍ଧନା-୨ ୦ ୧ ୯' ପ୍ରାପକ

'କାଦମ୍ବିନୀ ସାହିତ୍ୟ ମହୋତ୍ସବ'ରେ ଯୋଗ ଦେଇ ଅନୁଭବ କଲି ମୁଁ କୃତାର୍ଥ ହୋଇଯାଉଛି । ମଞ୍ଚ ଅଦ୍ୱିତୀୟ ଥିଲା । ଏତେ ଫୁଲରେ ସଜା ହୋଇଥିଲା ଯେ, ଆଖି ଝଲସି ଯାଉଥିଲା । ଏହା 'କାଦମ୍ବିନୀ' । ଏହା ମେଘମାଳାର ।

ଓଡ଼ିଶାର ସମସ୍ତ ଦିଗ୍‌ଗଜ କବି, ସାହିତ୍ୟିକମାନଙ୍କ ଅବସ୍ଥାନ ସେଠି ଥିଲା । ମସିଜୀବୀମାନଙ୍କର ମହଫିଲ ଆଗେ ଏମିତି ହେଉଥିଲା । ଏହା ମୋ ଅନୁଭବରେ ଥିଲା । ପ୍ରତ୍ୟକ୍ଷରେ 'କାଦମ୍ବିନୀ' ସେପରି କରିଛି । ଚେଷ୍ଟା କରାଯାଇଥିଲା ସାହିତ୍ୟିକ ସମ୍ବର୍ଦ୍ଧନା ସମାବେଶ ଓ କବିତା ହାଟକୁ ସ୍ୱୟଂସମ୍ପୂର୍ଣ୍ଣ କରାଯିବା ପାଇଁ । ତାହା ବି କରାଯାଇଥିଲା । ମୁଁ 'କିଛି ଛାଡ଼ିଗଲି' ଏପରି ଅନୁଶୋଚନା ପାଇଁ ସେଠି ତିଳେ ସ୍ଥାନ ନ ଥିଲା । ସ୍ୱୟଂସମ୍ପୂର୍ଣ୍ଣ ଥିଲା ସେ ସାରସ୍ୱତ ସମାରୋହ । ସଭାକାର୍ଯ୍ୟ ଆରମ୍ଭ ହେଲା । ସ୍ୱାଗତ ଭାଷଣରେ ଅସାଧାରଣ କାର୍ଯ୍ୟଧାରାକୁ ଅତି ସାଧାରଣରେ ନିଷ୍କପଟ ଶିଶୁଟିଏ ପରି ଉପସ୍ଥାପନ କରୁଥିଲେ ଡ. ଅଚ୍ୟୁତ ସାମନ୍ତ । ତାଙ୍କ ମାଆ ନୀଳିମାରାଣୀଙ୍କ ନାମରେ ୫ ଲକ୍ଷ ଟଙ୍କାର ଅର୍ଥରାଶି ଓ ସ୍ୱର୍ଣ୍ଣପଦକ ଅର୍ପଣ କରାଗଲା ବିଶିଷ୍ଟ ଲେଖକ ମନୋଜ ଦାସଙ୍କୁ । ତା'ପରେ ଆମେ ସମ୍ବର୍ଦ୍ଧିତ ହେଲୁ । ଓଡ଼ିଶାର ପ୍ରାୟ ସବୁ କବି, ସାହିତ୍ୟିକ ଯଶସ୍ୱୀଙ୍କୁ ନେଇ ଏ ସମାରୋହ ଥିଲା ଅନନ୍ୟ । ବୟସର ଅପରାହ୍ନରେ ମୁଁ ଏ ମୁଗ୍ଧ ଅନୁଭବକୁ ସାଇତି ରଖିଛି ଅବକାଶ ବେଳେ ବାଣ୍ଟିବା ପାଇଁ ମୋର ଉତ୍ତର ବଂଶଧରଙ୍କୁ ।

ଓଡ଼ିଆ ଭାଷା ସାହିତ୍ୟକୁ ଆୟୁଷ୍ମାନ କରିବା ପାଇଁ 'କାଦମ୍ବିନୀ'ର ଏହି ସଫଳ ପ୍ରଚେଷ୍ଟା, ଡ. ଇତି ସାମନ୍ତ ଓ ଡ. ଅଚ୍ୟୁତ ସାମନ୍ତଙ୍କୁ ମର୍ତ୍ତ୍ୟ ଅମର୍ତ୍ତ୍ୟର ଉପରକୁ ଉଠେଇଦେବ – ଏଥିରେ ସନ୍ଦେହ ନାହିଁ ।

e-News & Magazine

କାଦମ୍ବିନୀ ମିଡିଆ ପ୍ରକାଶିତ ଡ. ଇତି ସାମନ୍ତଙ୍କ 'କୁନାକୁନିଙ୍କୁ ଚିଠି' ପୁସ୍ତକ ଉନ୍ମୋଚନ

'କାଦମ୍ବିନୀ' ସମ୍ପାଦିକା ଡ. ଇତି ସାମନ୍ତଙ୍କ ଧନ୍ୟବାଦ ପ୍ରଦାନ

ସମ୍ମାନିତ କରାଯାଇଥିଲା। ସେହିଭଳି 'କଥା କଥା କବିତା କବିତା' ପତ୍ରିକାର ସମ୍ପାଦକ ତଥା କବି ଶ୍ରୀଯୁକ୍ତ ଅକ୍ଷୟ ବେହେରାଙ୍କୁ 'କାଦମ୍ବିନୀ ସମ୍ପାଦକ ସମ୍ମାନ-୨୦୧୯' ପ୍ରଦାନ କରାଯାଇଥିଲା ବେଳେ ବରିଷ୍ଠ ସାହିତ୍ୟିକ ଶ୍ରୀଯୁକ୍ତ କୃଷ୍ଣ ସିଂ, ବରିଷ୍ଠ ସାହିତ୍ୟିକା ଶ୍ରୀମତୀ ଇନ୍ଦୁଲତା ମହାନ୍ତି, ବରିଷ୍ଠ ସାହିତ୍ୟିକ ଶ୍ରୀଯୁକ୍ତ ସଂକର୍ଷଣ ପ୍ରତିହାରୀ ଓ ବରିଷ୍ଠ ସାହିତ୍ୟିକା ଶ୍ରୀମତୀ ସୁବିଦ୍ୟା ଦେବୀଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ବର୍ଦ୍ଧନା-୨୦୧୯' ପ୍ରଦାନ କରାଯାଇଥିଲା। ସମ୍ମାନ ଓ ସମ୍ବର୍ଦ୍ଧନା ସ୍ୱରୂପ ସମ୍ପାଦକ ଓ ବରିଷ୍ଠ ସାହିତ୍ୟିକ, ସାହିତ୍ୟିକାଙ୍କୁ ଦଶହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର, ଉତ୍ତରୀୟ ପ୍ରଦାନ କରାଯାଇ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟପକ୍ଷରେ 'କାଦମ୍ବିନୀ'ର ଶୁଭେଚ୍ଛୁ ଶ୍ରୀଯୁକ୍ତ ଦିଲ୍ଲୀପ ହାଲିଙ୍କୁ 'କାଦମ୍ବିନୀ ଶୁଭେଚ୍ଛୁ ସମ୍ମାନ-୨୦୧୯' ଏବଂ 'କାଦମ୍ବିନୀ'ର ବ୍ୟବସାୟିକ

ଶ୍ରୀଯୁକ୍ତ ଦିଲୀପ ହାଲି, 'କାଦମ୍ବିନୀ ଶୁଭେଚ୍ଛୁ ସମ୍ବର୍ଦ୍ଧନା-୨୦୧୯' ପ୍ରାପକ

'କାଦମ୍ବିନୀ ସାହିତ୍ୟ ମହୋତ୍ସବ' ଓ 'ପତ୍ରିକା ହାଟ' ଜାନୁୟାରୀ ୬ ତାରିଖରେ କିଟ୍ କନ୍‌ଭେନ୍‌ସନ ସେଣ୍ଟରରେ ଆଡ଼ମ୍ବରପୂର୍ଣ୍ଣ ଭାବରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମୋତେ 'କାଦମ୍ବିନୀ'ର 'ଶୁଭେଚ୍ଛୁ ସମ୍ବର୍ଦ୍ଧନା' ଦିଆଯାଇଥିବାରୁ ମୁଁ ନିଜକୁ ଗର୍ବ ଅନୁଭବ କରୁଛି। 'କାଦମ୍ବିନୀ'ର ପ୍ରତ୍ୟେକଟି 'ପୁରସ୍କାରରେ ପରିଷ୍କାର' ଥିବା ମୁଁ ପରିଲକ୍ଷିତ କଲି। କାରଣ ଭାରତୀୟ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ସୁସାହିତ୍ୟିକ ପ୍ରଫେସର ମନୋଜ ଦାସଙ୍କୁ ଜାତୀୟସ୍ତରରେ ପ୍ରଥମ 'ନୀଳିମାରାଣୀ ସାହିତ୍ୟ ସମ୍ମାନ-୨୦୧୯' ପ୍ରଦାନ କରାଯିବା ଏକ ସଠିକ୍ ମୂଲ୍ୟାୟନ। ଏପରି ସାରସ୍ୱତ ଉତ୍ସବରେ 'ଶୁଭେଚ୍ଛୁ ସମ୍ବର୍ଦ୍ଧନା' ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତଙ୍କ କରକମଳରେ ପାଇବା ମୋ ପାଇଁ ସୌଭାଗ୍ୟର କଥା। ଜଣେ ଭଲ ନିଷ୍ଠାପର ବ୍ୟକ୍ତିତ୍ୱଙ୍କ ହାତରୁ ସମ୍ବର୍ଦ୍ଧନା ପାଇ ମୁଁ ବିଶେଷ ଖୁସି। ଜୀବନରେ ଏପରି ସାରସ୍ୱତ ଉତ୍ସବରେ ବହୁ ବିଶିଷ୍ଟ, ବରିଷ୍ଠ ଓ କନିଷ୍ଠ ବ୍ୟକ୍ତିତ୍ୱଙ୍କ ସମାବେଶରେ ସମ୍ବର୍ଦ୍ଧିତ ହେବା ମୋ ଜୀବନର ଶ୍ରେଷ୍ଠ ସମ୍ମାନ ବୋଲି ମୁଁ ଭାବେ।

'କାଦମ୍ବିନୀ'ର ସୁଯୋଗ୍ୟ ସମ୍ପାଦିକା ଡକ୍ଟର ଇତି ସାମନ୍ତ ବ୍ୟକ୍ତିଗତ ଭାବେ ମୋତେ ଏହି 'ଶୁଭେଚ୍ଛୁ ସମ୍ବର୍ଦ୍ଧନା'ର ପତ୍ର ପ୍ରଦାନ କଲେ। ମୁଁ ପଢ଼ି ବହୁତ ଖୁସି ହେଲି। ମୋର ୩୦ ବର୍ଷର ସାମ୍ବାଦିକତା ଜୀବନରେ ଏପରି ମୁହୂର୍ତ୍ତ ମୋ ଜୀବନକୁ ଆହୁରି ଦିଗ୍‌ଦର୍ଶନ ଦେଲା ବୋଲି ମୁଁ ନିଜେ ଅନୁଭବ କରୁଛି। 'କାଦମ୍ବିନୀ' ପରିବାରକୁ ମୋର ଆନ୍ତରିକ ଅଭିନନ୍ଦନ ଜଣାଉଛି। ଏହି ପତ୍ରିକା ସର୍ବଭାରତୀୟସ୍ତରରେ ସ୍ୱତନ୍ତ୍ରତା ବଜାୟ ରଖୁ, ଏହା ହିଁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।

e-News & Magazine

ଶ୍ରୀମତୀ ଇନ୍ଦୁଲତା ମହାନ୍ତି
'କାଦମ୍ବିନୀ ସାହିତ୍ୟ ସମ୍ବର୍ଦ୍ଧନା-୨୦୧୯' ପ୍ରାପକ

ପ୍ରୟାଗରାଜର କୁମ୍ଭମେଳା ମୁଁ ସ୍ୱଚକ୍ଷୁରେ ଦେଖିନାହିଁ। ସେ ବିଷୟରେ ପଢ଼ିଚି ଏବଂ ଟି.ଭି.ରୁ ତା'ର ଚିତ୍ର ଦେଖିଚି। କିନ୍ତୁ 'କାଦମ୍ବିନୀ'ର ସାହିତ୍ୟ କୁମ୍ଭମେଳା ମତେ ଅଭିଭୂତ କରିଦେଲା। ସାହିତ୍ୟ ପ୍ରତି ଗଭୀର ପ୍ରୀତି, ପ୍ରଗାଢ଼ ଅନୁରାଗ ନ ଥିଲେ, ଏପରି ମେଳାର ଆୟୋଜନ କରିହେବ ନାହିଁ। ପତ୍ରିକା ହାଟ 'କାଦମ୍ବିନୀ'ର ଏକ ମୌଳିକ କଳ୍ପନା ଓ ପରିବେଷଣ ପରି ମନେହେଲା। ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ଏତେ ପତ୍ରିକାକୁ ଗୋଟିଏ ଜାଗାରେ ଦେଖିପାରିବାର ମହାର୍ଘ ସୁଯୋଗ ମିଳିଲା। 'କାଦମ୍ବିନୀ'ର ଦିଗ୍‌ଦର୍ଶକ, ସମ୍ପାଦିକା ଓ କାଦମ୍ବିନୀ ପରିବାରର ସମସ୍ତ ସଦସ୍ୟ ଧନ୍ୟବାଦର ପାତ୍ର। ସମସ୍ତଙ୍କୁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛି।

ଶ୍ରୀଯୁକ୍ତ ସଂକର୍ଷଣ ପ୍ରତିହାରୀ
'କାଦମ୍ବିନୀ ସାହିତ୍ୟ ସମ୍ବର୍ଦ୍ଧନା-୨୦୧୯' ପ୍ରାପକ

କାଦମ୍ବିନୀ ପରିବାର ଚଳିତବର୍ଷ ମୋତେ ସାରସ୍ୱତ ସମ୍ମାନ ପ୍ରଦାନ କରିଥିବାରୁ ମୁଁ ଖୁସି, ଆନନ୍ଦିତ। ବିଚାରକମଣ୍ଡଳୀଙ୍କୁ ସାଧୁବାଦ। ସେମାନେ ମୋ ପରି ସାଧାରଣ ମଣିଷଟିକୁ କିପରି ଜାଣିଲେ ଓ କେଉଁ ମାପକାଠିରେ ସାଧନାକୁ ମାପିଲେ ତାହା ମୋତେ ଅଜଣା। ପୁରସ୍କାର, ସମ୍ମାନ ଏକ ସାଧାରଣ କଥା ହୋଇଗଲାଣି। ତେଣୁ ପ୍ରାପ୍ତି ଅପ୍ରାପ୍ତିର ସମଭାବନା ମୋ ଭିତରେ ଥିଲା, ଅଛି ଓ ରହିଥିବ। ଏତିକି କହିପାରେ, ଅଚ୍ୟୁତ ସାମନ୍ତ ଓଡିଶା ପାଇଁ କିଛି କରୁଛନ୍ତି ଓ କରିବାର ପ୍ରୟାସରେ ଅଛନ୍ତି- ଏହା ହିଁ ଉତ୍ତମ ବିଚାର। ବ୍ୟକ୍ତି ଅପେକ୍ଷା ଜାତିକୁ ଚିହ୍ନିବାର ପ୍ରୟାସ ଆପଣମାନଙ୍କ ପାଇଁ ଆହ୍ୱାନ ହେଉ।

ଅସୁସ୍ଥତାବଶତଃ ଯିବା ସମ୍ଭବ ହେଲାନାହିଁ। ତେଣୁ ମୋ ତରଫରୁ ଶ୍ରୀ ବାସୁଦେବ ଦାସଙ୍କୁ ଗ୍ରହଣ କରିବାକୁ ପଡିଲା। ମୋଠାରୁ ଅନେକ ପ୍ରତିଭାବାନ ବ୍ୟକ୍ତି ଏ ସମାଜରେ ଅଛନ୍ତି, ସେମାନଙ୍କର ସନ୍ଧାନ ଦେଲେ ମୋତେ ଅଧିକ ଶାନ୍ତି ମିଳିବ। ଏ କ୍ଷେତ୍ରରେ ତରୁଣ ପିଢିମାନଙ୍କୁ ଉପଯୁକ୍ତ ମାର୍ଗ ଦର୍ଶାଇଲେ ଭଲ ହେବ।

ପ୍ରତିନିଧି ସକିଲ ମୁଲ୍ଲାଙ୍କୁ 'କାଦମ୍ବିନୀ ସମ୍ବର୍ଦ୍ଧନା-୨୦୧୯' ପ୍ରଦାନ କରାଯାଇଥିଲା। ଉଭୟଙ୍କୁ ମାନପତ୍ର, ଉତ୍ତରୀୟ, ଉପହାର, ପଟ୍ଟଚିତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି 'ନୀଳିମାରାଣୀ ସାହିତ୍ୟ ସମ୍ମାନ - ୨୦୧୯'ର ବିଚାରକମଣ୍ଡଳୀ ସଦସ୍ୟ ପ୍ରଫେସର ଟି.ଭି. କଟ୍ଟିମଣି, ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ, ଶ୍ରୀମତୀ ସୁଚିତ୍ରା ଆୟାର ଓ ଶ୍ରୀଯୁକ୍ତ ବିଜୟ ନାୟକ ଏବଂ 'କାଦମ୍ବିନୀ ସାହିତ୍ୟ ସମ୍ମାନ - ୨୦୧୯'ର ବିଚାରକମଣ୍ଡଳୀ ସଦସ୍ୟ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ, ଶ୍ରୀଯୁକ୍ତ ଅଧ୍ୟାପକ ବିଶ୍ୱରଂଜନ, ଶ୍ରୀମତୀ ଗାୟତ୍ରୀ ସରାଫ୍ ଓ ଶ୍ରୀଯୁକ୍ତ ବିଜୟ ନାୟକଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି ଅବସରରେ ଶିଶୁ କିଶୋର ପତ୍ରିକା 'କୁନିକଥା'ର ଜାନୁଆରୀ ସଂଖ୍ୟା ସହିତ କାଦମ୍ବିନୀ ମିଡିଆ ଦ୍ୱାରା ପ୍ରକାଶିତ ଡ. ଇତି ସାମନ୍ତଙ୍କ ଚିଠି ପୁସ୍ତକ 'କୁନାକୁନିଙ୍କୁ ଚିଠି' ଉନ୍ମୋଚିତ ହୋଇଥିଲା। ମଞ୍ଚରେ ଉପସ୍ଥିତ ଅତିଥିମାନଙ୍କୁ

ବଂଶୀବାଦକ ତନୁ ତ୍ରିପାଠୀ ଓ ସାଥୀଙ୍କ ବଂଶୀବାଦନ

ଉପସ୍ଥିତ ଶ୍ରୋତୃମଣ୍ଡଳୀ

e-News & Magazine

ସଭାର ସଞ୍ଚାଳିକା ପ୍ରାଚୀ ମହାପାତ୍ର ଓ ସଞ୍ଚାଳକ ଡ. ମିଳନ ଘଟୁଆରୀ

ଏହି ଅବସରରେ 'କାଦମ୍ବିନୀ'ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସମ୍ବର୍ଦ୍ଧିତ କରିଥିଲେ। ମଞ୍ଚ ସଂଚାଳନ କରିଥିଲେ ଡ. ଶ୍ରୀନିବାସ ଘଟୁଆରୀ ଓ ପ୍ରାଚୀ ମହାପାତ୍ର। ସମ୍ମିଳନୀ ଆରମ୍ଭ ହେବା ପୂର୍ବରୁ ମଞ୍ଚରେ ବଂଶୀ ବାଦନ କରିଥିଲେ ବଂଶୀବାଦକ ଶ୍ରୀଯୁକ୍ତ ତନୁ ତ୍ରିପାଠୀ। ଦିବସ ବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛଅ ହଜାରରୁ ଊର୍ଦ୍ଧ୍ୱ ସାହିତ୍ୟ ଓ କଳାସଂସ୍କୃତି ସହିତ ସଂପୃକ୍ତ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ।

ଶ୍ରୀଯୁକ୍ତ ଶକିଲ୍ ମୁଲ୍ଲା
'କାଦମ୍ବିନୀ ସମ୍ବର୍ଦ୍ଧନା-୨୦୧୯' ପ୍ରାପକ

'କାଦମ୍ବିନୀ ସାହିତ୍ୟ ମହୋତ୍ସବ'ରେ ଯୋଗଦେଇ ମୁଁ ବହୁତ ଖୁସୀ ଓ ଗର୍ବିତ। ଗୋଟିଏ ପରିସରରେ ଏଭଳି ଏକ ଭବ୍ୟ ସମାରୋହରେ ମୋତେ 'କାଦମ୍ବିନୀ'ର ବ୍ୟବସାୟିକ ପ୍ରତିନିଧି ଭାବରେ ସମ୍ବର୍ଦ୍ଧିତ କରିଥିବାରୁ ମୁଁ ସମ୍ପାଦିକା ଡ. ଇତି ସାମନ୍ତ ଓ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜ୍ଞାପନ କରୁଛି। କାଦମ୍ବିନୀ ମିଡିଆ ଓ 'କାଦମ୍ବିନୀ' ଆଜି ଓଡ଼ିଶାର ଗର୍ବ ଓ ଗୌରବ ପାଲଟିଛି। ଏହିଭଳି ମହତ କାର୍ଯ୍ୟ କରିବା ପାଇଁ ଭଗବାନ ଉଭୟଙ୍କୁ ଆହୁରି ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ। ଉଭୟଙ୍କର ଏଭଳି ପରିଶ୍ରମ ଓ ନିଃସ୍ୱାର୍ଥପର ସାହିତ୍ୟ ସେବା ପାଇଁ ମୁଁ ମୋ ହୃଦୟରୁ ଉଭୟ ଭାଇ ଭଉଣୀଙ୍କୁ କୃତଜ୍ଞତା ଜ୍ଞାପନ କରୁଛି। ଆଉଥରେ ସମ୍ପାଦିକା ଡ. ଇତି ସାମନ୍ତଙ୍କ ଆନ୍ତରିକତା ତଥା ସମ୍ବର୍ଦ୍ଧନା ପାଇଁ ତାଙ୍କୁ ଧନ୍ୟବାଦ ଜଣାଉଛି।

ଶ୍ରୀମତୀ ସୁବିଦ୍ୟା ଦେବୀ, 'କାଦମ୍ବିନୀ ସାହିତ୍ୟ ସମ୍ବର୍ଦ୍ଧନା' ପ୍ରାପକ

ଅପ୍ରତ୍ୟାଶିତ ଭାବେ ଡ. ଇତି ସାମନ୍ତଙ୍କ ଫୋନ୍ କଲ୍ ପାଇଥିଲି। ଅତି ଆଶ୍ଚର୍ଯ୍ୟ ଚକିତ ହୋଇ ଶୁଣିଥିଲି ଯେ ମୋତେ 'କାଦମ୍ବିନୀ' ପତ୍ରିକାର ସାହିତ୍ୟ ଉତ୍ସବରେ ସମ୍ବର୍ଦ୍ଧିତ କରିବାକୁ ସ୍ଥିର କରାଯାଇଛି। ମୁଁ ମନେମନେ ଗୁଣିହେଲି ଯେ ଡ. ଇତି ସାମନ୍ତ ମୋତେ ପାଇଲେ କେଉଁଠୁ? ତାଙ୍କ ଚୟନ ସଠିକ୍ ତ? କିନ୍ତୁ ଏ ଖବର ଶୁଣି ମୋ ବନ୍ଧୁବାନ୍ଧବ, ମୋ ପରିବାର ପରିଜନ ସମସ୍ତେ ଆହ୍ଲାଦିତ ହେଲେ, ମୋ ପାଇଁ ଗର୍ବିତ ବୋଲି କହି ମୋତେ ବଧେଇ ଜଣେଇବାରେ ଲାଗିଗଲେ। ଆଗରୁ ଇତିଙ୍କୁ ଦେଖିଥିଲି ପୁରୀ ପୁସ୍ତକମେଳାରେ। ତାଙ୍କ ବ୍ୟକ୍ତିତ୍ୱ ମୋତେ ଆକର୍ଷଣୀୟ ମନେହୋଇଥିଲା। କିନ୍ତୁ ଜାନୁଆରୀ ଛଅ ତାରିଖ ୨୦୧୯ରେ କିଟ୍ ପରିସରରେ ପହଞ୍ଚି ନ ଥିଲେ ଅନେକ ଦୁର୍ଲଭ ଅଭିଜ୍ଞତା, ଅନନ୍ୟ ଅନୁଭୂତି ଓ ଅପାସୋରା ଅନୁଭବରୁ ଯେ ବଞ୍ଚିତ ହୋଇଥାନ୍ତି, ତାହା ନିରାଟ ସତ୍ୟ। ସେଦିନ ଖୁବ୍ ପାଖରୁ ଦୁଇଜଣଙ୍କୁ ଦେଖିବା ଓ ଶୁଣିବାର ସୌଭାଗ୍ୟ ମିଳିଲା। ସେମାନେ ହେଲେ ଡ. ଅଚ୍ୟୁତ ସାମନ୍ତ ଓ ତାଙ୍କର ସୁଯୋଗ୍ୟ ଭଉଣୀ ଡ. ଇତି ସାମନ୍ତ। ଅନେକ ଜ୍ଞାନୀ, ଗୁଣୀ, ବିଦ୍ୱାନଙ୍କୁ ଆମନ୍ତ୍ରିତ କରି ସେମାନେ କେବଳ ସମ୍ମାନିତ କରିନାହାନ୍ତି, ସେମାନଙ୍କୁ ସମ୍ମୋହିତ କରିଛନ୍ତି ନିଜର ଅକପଟ ବ୍ୟବହାର ଓ ଅନନ୍ୟ କାର୍ଯ୍ୟ କରିବାରେ। 'ପତ୍ରିକା ହାଟ' ବିଷୟରେ ବର୍ଷବର୍ଷ ଧରି ଶୁଣିଥିଲି, ଆଖିରେ ଦେଖିଲି ଯେ ଓଡ଼ିଶାର ଏ ପ୍ରାନ୍ତରୁ ସେ ପ୍ରାନ୍ତ ଯାଏ ବିଭିନ୍ନ ପତ୍ରିକାର ସମ୍ପାଦକଙ୍କୁ ଠୁଳ କରିଛନ୍ତି ସମ୍ପାଦିକା ଏବଂ ଏହି ହାଟ ଯେକୌଣସି ପ୍ରାୟୋଜିତ ମେଳା ବା ପ୍ରଦର୍ଶନୀ ଅପେକ୍ଷା ବେଶୀ ଆକର୍ଷଣୀୟ ଓ ଲୋଭନୀୟ। ପରିସରରେ ଜାତିଜାତିକା ଫୁଲର ସାଜସଜ୍ଜା, ସୌନ୍ଦର୍ଯ୍ୟ ଓ ସୁବାସ ନିଜ ମହନୀୟତାରେ ସେଠି ପହଞ୍ଚିଥିବା ପ୍ରତିଟି ମଣିଷକୁ ଆମୋଦ, ଆହ୍ଲାଦରେ ନେସି ପକେଇଥିଲେ। ତତ୍‌ସହିତ ସମ୍ପାଦିକା ଡ. ଇତି ସାମନ୍ତ ଓ ତାଙ୍କର ଅନୁଗାମୀ, ସହଯୋଗୀ କର୍ମକର୍ତ୍ତାମାନଙ୍କ ସପ୍ରେମ, ସଶ୍ରଦ୍ଧ, ସବିନୟ ସହାୟତା ତଥା ବିନମ୍ର ବ୍ୟବହାର ସମସ୍ତଙ୍କ ମନକୁ ଛୁଉଁଥିଲା ଏବଂ ଡ. ଅଚ୍ୟୁତ ସାମନ୍ତଙ୍କ ବକ୍ତବ୍ୟରେ ମଣିଷପଣିଆର ଭାବ ସଭିଙ୍କୁ ମୋହିଥିଲା। ସେହି ଦୁଇ ଭାଇ-ଭଉଣୀ 'ନମ୍ରନ୍ତି ଫଳିନୋ ବୃକ୍ଷା, ନମ୍ରନ୍ତି ଗୁଣିନୋ ଜନାଃ'ର ପ୍ରତିବିମ୍ବ ସଦୃଶ ମନେ ହେଉଥିଲେ।

ଆଉ ମୁଁ ସୁବିଦ୍ୟା ଦେବୀ, ମୋର ପୂର୍ବପରିଚିତ ପ୍ରଖ୍ୟାତ ସାହିତ୍ୟିକ ଶ୍ରୀଯୁକ୍ତ ମନୋଜ ଦାସଙ୍କ ହାତରୁ ମାନପତ୍ର, ଉପଢ଼ୌକନ ଆଦି ନେଉଥିବା ବେଳେ ମୋର ଅନେକ ଚିହ୍ନା-ଅଚିହ୍ନା ବୁଦ୍ଧିଜୀବୀ, କବି, ଲେଖକଙ୍କ ସମ୍ମିଳିତ କରତାଳିରେ ନିଜକୁ ପାସୋରି ଦେଇଥିଲା କେତୋଟି ମୁହୂର୍ତ୍ତ ପାଇଁ। ମନେ ହୋଇଥିଲା 'କାଦମ୍ବିନୀ'ର ସ୍ୱୀକୃତି ସହ ଅଜସ୍ର ଶୁଭେଚ୍ଛା, ସ୍ନେହ-ସଦିଚ୍ଛା, ଈଶ୍ୱରଙ୍କ ଆଶୀର୍ବାଦ ବର୍ଷାର ଧାରାଭଳି ମୋ ଉପରେ ବର୍ଷିଯାଇ ମୋତେ କୁଆଡ଼େ ଭସେଇ ନେଇଯାଉଛି, ମୋତେ ହଜେଇ ଦେଉଛି, ମୁଁ ବୋଧେ ଆଉ ମୁଁ ହୋଇନାହିଁ। ଏକ ନୂତନ ଆସ୍ୱାଦ ଚାଖିଥିବା ମଣିଷଟିଏ, ମୁଁ ପୁଣି ବାସ୍ତବକୁ ଫେରି ଆସିଲି ଡ. ଇତି ସାମନ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଓ ଅକୁଣ୍ଠ ଆଶୀର୍ବାଦ ଜଣାଇବାକୁ।

e-News & Magazine

Downloaded from : https://t.me/odianewspaper

ଆଲୋଚନାଚକ୍ର

ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ' ଅନେକ ଦୃଷ୍ଟିରୁ ଭିନ୍ନ ଓ ସ୍ୱତନ୍ତ୍ର । ଏହାର ପ୍ରତିଟି ସଂଖ୍ୟା ଏହା ପ୍ରମାଣ କରିଥାଏ । ଠିକ୍ ସେମିତି 'କାଦମ୍ବିନୀ'ର 'ନୂଆବର୍ଷ ସ୍ୱତନ୍ତ୍ର-୨୦୧୯' ଭିନ୍ନ, ସ୍ୱତନ୍ତ୍ର ଓ ଉଚ୍ଚକୋଟୀର ଭାବେ ପ୍ରସ୍ତୁତ ହୋଇଥିଲା । ତେଣୁ 'କାଦମ୍ବିନୀ'ର ଉନ୍ମୋଚନ ମଧ୍ୟ ଭିନ୍ନ ପ୍ରକାରର ହୋଇଥିଲା । 'କାଦମ୍ବିନୀ ସାହିତ୍ୟ ମହୋତ୍ସବ-୨୦୧୯' ଅବସରର ଦ୍ୱିତୀୟ ଅଧିବେଶନ ଥିଲା ଆଲୋଚନାଚକ୍ର କାର୍ଯ୍ୟକ୍ରମ । ଏହା ଏକ ଭିନ୍ନ ପ୍ରକାରର ଆଲୋଚନାଚକ୍ର କାର୍ଯ୍ୟକ୍ରମ ଥିଲା । ମହିଳାମାନଙ୍କ ସଂପର୍କିତ ଏକ ସମ୍ବେଦନଶୀଳ ପ୍ରସଙ୍ଗ ଅର୍ଥାତ ଦୁଷ୍କର୍ମ ପ୍ରକରଣକୁ ଆଧାର କରିଥିଲା ଏହି ଆଲୋଚନାଚକ୍ର । ଅଧିବେଶନର ଆରମ୍ଭରୁ ପ୍ରଥମେ ଦୁଷ୍କର୍ମ ଘଟଣାରେ ପୀଡ଼ିତା ତଥା ମୃତକଙ୍କ ପାଇଁ କିଛି ସମୟର ନିରବ କ୍ୟାଣ୍ଡଲ୍ ଲାଇଟ୍ ପ୍ରାର୍ଥନା କରାଯାଇଥିଲା । ପରେପରେ ସାଂପ୍ରତିକ ସମୟରେ ମହିଳାମାନଙ୍କ ଉପରେ ହେଉଥିବା ହିଂସାକୁ ନେଇ ଏକ ବୃତ୍ତଚିତ୍ର ପ୍ରଦର୍ଶନ କରାଯିବା ପରେ ଉନ୍ମୋଚିତ ହୋଇଥିଲା 'କାଦମ୍ବିନୀ'ର 'ନୂଆବର୍ଷ ସ୍ୱତନ୍ତ୍ର-୨୦୧୯' ।

ସାଂପ୍ରତିକ ସାମାଜିକ ପରିସ୍ଥିତିରେ ମହିଳାଟିଏ ନିଜକୁ ଆଦୌ ସୁରକ୍ଷିତ ମଣିପାରୁନି । ଅନ୍ୟ ଅନେକ ସମସ୍ୟା ସହିତ ବଢ଼ି ଚାଲିଥିବା ଯୌନ ଅପରାଧ, ଦୁଷ୍କର୍ମ, ଚାଲାଣ ପ୍ରଭୃତି ନାରୀଙ୍କ ସ୍ଥିତିକୁ ଅସୁରକ୍ଷିତ କରିଦେଇଛି । - ଏହିଭଳି ଏକ ସମ୍ବେଦନଶୀଳ ତଥା ଚିନ୍ତାଜନକ ପ୍ରସଙ୍ଗକୁ ଉପଜୀବ୍ୟ କରି ଦ୍ୱିତୀୟ ଅଧିବେଶନର ଏହି ଆଲୋଚନାଚକ୍ରଟି ଆଗେଇଥିଲା । ଏଥିରେ ଆଲୋଚିକାଭାବେ ଯୋଗ

ପ୍ରଫେସର ଗରିମା ଶ୍ରୀବାସ୍ତବ

'କାଦମ୍ବିନୀ' ଦ୍ୱାରା ଆୟୋଜିତ ଏଭଳି ଏକ ସାହିତ୍ୟ ମହୋତ୍ସବରେ ମତେ କିଛି କହିବାର ସୁଯୋଗ ଦେଇଥିବାରୁ ମୁଁ ଆୟୋଜକ ଡ. ଇତି ସାମନ୍ତ, ମୋର ବାନ୍ଧବୀ ପ୍ରବାସିନୀ ମହାକୁଡ଼ଙ୍କ ସମେତ ଅନ୍ୟ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି। 'କାଦମ୍ବିନୀ'ର ଏହି 'ସାହିତ୍ୟ ମହୋତ୍ସବ' କାର୍ଯ୍ୟକ୍ରମ ଫୁଲରେ ସଜା ହୋଇଥିବା ଏକ ସୁନ୍ଦର କାର୍ଯ୍ୟକ୍ରମ। ଏହା ପଛରେ ଜଣେ ମହିଳା ଇତି ସାମନ୍ତଙ୍କ ନିରନ୍ତର ପ୍ରଚେଷ୍ଟା ରହିଛି। ସେ ବର୍ଷବର୍ଷ ଧରି ନିରନ୍ତର ଭାବରେ ଏହି କାର୍ଯ୍ୟରେ ଲାଗି ରହିଛନ୍ତି। ସେ ନିଜକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରିଦେଇଛନ୍ତି ଏଥିରେ।

ଆମକୁ ଲାଗେ ଯେତିକି ହିଂସା ଆମ ଦେଶ ବା ଏସିଆ ମହାଦେଶରେ ଅଛି, ସେତେ ଅନ୍ୟ କେଉଁଠାରେ ନାହିଁ! ମାତ୍ର ଏସବୁ ଭ୍ରାନ୍ତ ଧାରଣା ମୋର ସେବେ ଦୂରେଇଗଲା ଯେବେ ମୁଁ ୟୁରୋପ ଯାଇଥିଲି। ୧୯୯୨ରୁ ୧୯୯୫ ମଧ୍ୟରେ ସଂଯୁକ୍ତ ଯୁଗୋସ୍ଲୋଭିଆର ବିଖଣ୍ଡନ ୬ଟି ଦେଶରେ ହୋଇଥିଲା। ଏହି ଦେଶମାନଙ୍କରେ ବଡ଼ ଧରଣର ଯୁଦ୍ଧ ମଧ୍ୟ ହୋଇଥିଲା। ଆଉ ଆଶ୍ଚର୍ଯ୍ୟ ଲାଗେ ସେହି ସମୟରେ, ପ୍ରତ୍ୟେକ ୨/୩ ଜଣଙ୍କ ମଧ୍ୟରେ ଜଣେ ଧର୍ଷଣ ପୀଡ଼ିତା ଥିଲେ। ଯୌନ ହିଂସାର ଏପରି ରୂପ ମୋ ଧାରଣା ବାହାରେ ଥିଲା। ତେଣୁ ମହିଳାମାନଙ୍କ ପ୍ରତି ଘଟୁଥିବା ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଏଠାରେ ଆଲୋଚନା କରାଯାଇଥିବାରୁ ହୁଏତ ଲୋକଙ୍କ ମନରେ କିଛିଟା ସଚେତନତା ଆସିବ।

ଦେଇଥିଲେ ବିଶିଷ୍ଟ ଲେଖିକା ପ୍ରଫେସର୍ ଡ. ଗରିମା ଶ୍ରୀବାସ୍ତବ, ବିଶିଷ୍ଟ ସାମାଜିକ କର୍ମୀ ଓ ଅଧିବକ୍ତା ଆଭା ସିଂହ, ବିଶିଷ୍ଟ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ, ସାମାଜିକ କର୍ମୀ ଓ କବି ଶତରୂପା ସାନ୍ୟାଲ, ବିଶିଷ୍ଟ ସାମ୍ବାଦିକା ଓ 'ଦି ଆନାଟମି ଅଫ୍ ହେଟ୍'ର ଲେଖିକା ରେବତୀ ଲାଉଲ ଏବଂ ଲେଖିକା ଓ ସମ୍ପାଦିକା ସୁଚିତ୍ରା ଆୟାର୍। ଆୟୋଜିତ ଏହି ଆଲୋଚନାରେ ଆଲୋଚିକାମାନେ ନିଜନିଜର ଅଭିଭାଷଣ ଦେବା ସହ ଏକ ପ୍ରଶ୍ନୋତ୍ତରୀ ପର୍ଯ୍ୟାୟ ମାଧ୍ୟମରେ ବିଭିନ୍ନ ଆଲୋଚନା ପର୍ଯ୍ୟାଲୋଚନା କରିଥିଲେ। ଅଧିବେଶନ ଆରମ୍ଭରେ ଆଲୋଚିକାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ 'କାଦମ୍ବିନୀ'ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ। ଅଧିବେଶନ ସଞ୍ଚାଳନ ଦାୟିତ୍ୱରେ ଥିଲେ ଡ. ଶ୍ରୀନିବାସ ଘଟୁଆରୀ ଓ ପ୍ରାଚୀ ମହାପାତ୍ର।

କାର୍ଯ୍ୟକ୍ରମର ଅନ୍ତିମଭାଗରେ ଅତିଥିମାନଙ୍କ ଦ୍ୱାରା କବୟିତ୍ରୀ ପ୍ରବାସିନୀ ମହାକୁଡ଼ଙ୍କ କବିତା ସଂକଳନ 'ଅପରାଜିତାର ଦିନରାତି', କବି ସଂଜିତ କୁମାର ବଳଙ୍କ କବିତା ସଂକଳନ 'ଦୁଃଖର ନାଁ ନାଇଁ'; କବୟିତ୍ରୀ ଯୋଗ୍ୟଶ୍ରୀ ସାମଲଙ୍କ କବିତା ପୁସ୍ତକ 'ଆଲୁଅକୁ ମୁହଁକରି', ଡ. ବାସୁଦେବ ଦାସଙ୍କ 'ଓଡ଼ିଆ ସାହିତ୍ୟରେ ପ୍ରଗତିଶୀଳ ଚେତନା' ଏବଂ ଡ. ରବି ନାରାୟଣ ରଥଙ୍କ '୫୦ ପରେ ସ୍ୱାସ୍ଥ୍ୟ', 'ପେଟ ସମସ୍ୟାର କାରଣ ଓ ନିରାକରଣ', 'ଆଲର୍ଜି ଓ ସ୍ୱାସ୍ଥ୍ୟରୋଗ' ଆଦି ପୁସ୍ତକ ଉନ୍ମୋଚିତ ହୋଇଥିଲା।

ଆଭା ସିଂ

'କାଦମ୍ବିନୀ' ଏକ ସୁଖ୍ୟାତ ଓଡ଼ିଆ ପତ୍ରିକା। ମହିଳାମାନଙ୍କ ପ୍ରତି ହେଉଥିବା ହିଂସାକୁ ନେଇ ଏକ ସମ୍ପୂର୍ଣ୍ଣ ସଂଖ୍ୟା ଏହା ପ୍ରସ୍ତୁତ କରିଥିବାରୁ ମୁଁ ଡ. ଇତି ସାମନ୍ତ ଓ ଡ. ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଉଛି। ଏହିଭଳି ଏକ ମହାନ ଉତ୍ସବରେ ସମ୍ମିଳିତ ହେବା ଗର୍ବର କଥା। ଏଠାରେ ବହୁ ସଂଖ୍ୟାରେ ସାହିତ୍ୟିକ, ସମ୍ପାଦକ, ପ୍ରଫେସର ତଥା ବିଜ୍ଞ ବ୍ୟକ୍ତିମାନଙ୍କର ସମାବେଶ ହୋଇଛି। ଏଇଥିରୁ ସ୍ପଷ୍ଟ ଜଣାଯାଉଛି 'କାଦମ୍ବିନୀ ସାହିତ୍ୟ ମହୋତ୍ସବ'କୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଗ୍ରହଣ କରାଯାଇସାରିଲାଣି। ଯେଉଁ ପ୍ରକାରରେ ଲୋକମାନେ ସମୟ ବାହାର କରି ଏଠାକୁ ଆସିଛନ୍ତି ଆଉ ଏଠାରେ ଯେଉଁ ପ୍ରକାରର ବାତାବରଣ ସୃଷ୍ଟି ହୋଇଛି; ସେଥିପାଇଁ ମୁଁ ଡ. ଇତି ସାମନ୍ତ, ଡ. ଅଚ୍ୟୁତ ସାମନ୍ତଙ୍କ ସମେତ ସମ୍ପୂର୍ଣ୍ଣ କିଟ୍, କିସ୍ ଓ 'କାଦମ୍ବିନୀ' ପରିବାରକୁ ଧନ୍ୟବାଦ ଜଣାଉଛି। ମୁଁ ଆଶା କରୁଛି, ଏହି କାର୍ଯ୍ୟକ୍ରମ ଆଗକୁ ଆହୁରି ବ୍ୟାପକ ହେବା ସହ ସଫଳ ହୋଇ ଚାଲିବ।

ଶତରୂପା ସାନ୍ୟାଲ

‘କାଦମ୍ବିନୀ’ ଦ୍ୱାରା ଆୟୋଜିତ ଏଭଳି ଏକ ଜାତୀୟ ସମ୍ମିଳନୀରେ ଯୋଗ ଦେଇ ମୁଁ ବହୁତ ଖୁସି । ଆଉ ଏଭଳି ଏକ ଜାତୀୟ ସମ୍ମିଳନୀରେ ମହିଳାମାନଙ୍କ ପ୍ରତି ହେଉଥିବା ହିଂସା ବିଷୟରେ ଆଲୋଚନା ଦ୍ୱାରା ମୁଁ ଭାବୁଛି ଲୋକଙ୍କ ମଧ୍ୟରେ ନିଶ୍ଚିତ ସଚେତନତା ଆସିବ । ‘କାଦମ୍ବିନୀ ମହୋତ୍ସବ’ ବିଷୟରେ ଶୁଣିଥିଲି; ମାତ୍ର ମୁଁ ଜାଣିନଥିଲି ଏହା ଏତେ ବଡ଼ ମହୋତ୍ସବ ହୋଇଥିବ ବୋଲି ! ମୁଁ ଆସିବା ପରେ ଜାଣିଲି, ଏହା ନିଶ୍ଚିତ ରୂପେ ଏକ ଜାତୀୟସ୍ତରୀୟ ମହୋତ୍ସବ । ହୁଏତ କେହି କହିପାରନ୍ତି, ଏହା ଭୁବନେଶ୍ୱରରେ ଅନୁଷ୍ଠିତ ବା ରାଜ୍ୟସ୍ତରୀୟ ମହୋତ୍ସବ; ମାତ୍ର ମୋ ପାଇଁ ନୁହେଁ । କାରଣ ଏଠାରେ ବିଭିନ୍ନ ସ୍ଥାନରୁ ଆସିଥିବା ସାହିତ୍ୟିକ ତଥା ବିଜ୍ଞ ବ୍ୟକ୍ତିଙ୍କର ଏତେମାତ୍ରାରେ ସମାଗମ ହୋଇଛି, ଯାହା ଦେଖି ମୁଁ ଆଶ୍ଚର୍ଯ୍ୟଚକିତ । ଏପରି ସାହିତ୍ୟ ମହୋତ୍ସବର ଆୟୋଜନ ପାଇଁ ମୁଁ ଡ. ଇତି ସାମନ୍ତଙ୍କୁ ଧନ୍ୟବାଦ ଜଣାଉଛି । ତାଙ୍କ ପାଇଁ ମୁଁ ଗର୍ବିତ ।

ରେବତୀ ଲାଉଲ

‘କାଦମ୍ବିନୀ’ ଏକ ଆଗଧାଡ଼ିର ପତ୍ରିକା ଯେଉଁଥିରେ ସାଂପ୍ରତିକ ସମୟର ବିଭିନ୍ନ ବିଷୟକୁ ସ୍ଥାନିତ କରାଯାଏ । ଆଉ ଏଥର ‘କାଦମ୍ବିନୀ’ରେ ମହିଳାମାନଙ୍କ ପ୍ରତି ଘଟୁଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ‘ଯୌନ ହିଂସା’କୁ ସ୍ଥାନିତ କରାଯାଇଛି । ଏହା ବେଶ୍ ଉଲ୍ଲେଖନୀୟ । ମୋତେ ଏହା ବେଶ୍ ପ୍ରଭାବିତ କରିଛି । ଏଥିରୁ ମୁଁ ଖୁବ୍ ବେଶୀ ପ୍ରଭାବିତ ହୋଇଗଲି । ଏହାର ଯେତେ ବି ପ୍ରଶଂସା କଲେ କମ୍ ହେବ । କେବଳ ‘କାଦମ୍ବିନୀ’ ନୁହେଁ, ‘କାଦମ୍ବିନୀ ସାହିତ୍ୟ ମହୋତ୍ସବ’ ଦ୍ୱାରା ମଧ୍ୟ ମୁଁ ଖୁବ୍ ବେଶୀ ପ୍ରଭାବିତ ହୋଇ ଆୟୋଜକଙ୍କୁ ଧନ୍ୟବାଦ ।

ସୁଚିତ୍ରା ଆୟାର

‘କାଦମ୍ବିନୀ ସାହିତ୍ୟ ମହୋତ୍ସବ’ରେ ଯୋଗ ଦେଇ ଏକ ସୁନ୍ଦର ଅନୁଭୂତି ମୁଁ ଆପଣେଇଛି । କେତେ ବିଜ୍ଞ ଲୋକଙ୍କ ସମାଗମ ଏହି ଉତ୍ସବରେ ! ଏତେ ପୁରସ୍କାର, ସମ୍ମାନ ତଥା ସମ୍ବର୍ଦ୍ଧନା ଦିଆଗଲା; ଯାହାକି ସାହିତ୍ୟିକମାନଙ୍କୁ ପ୍ରୋତ୍ସାହିତ କରିବ ନିଶ୍ଚୟ । ଏହି ଦୃଷ୍ଟିରୁ ମୁଁ ଏହାର ଆୟୋଜକ ଡ. ଅଚ୍ୟୁତ ସାମନ୍ତ ଓ ଡ. ଇତି ସାମନ୍ତଙ୍କୁ ଧନ୍ୟବାଦ ଜଣାଉଛି ।

e-News & Magazine

ସଭାମଞ୍ଚରେ ଆଲୋଚିକାଗଣ

ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ପୁସ୍ତକ ଉନ୍ମୋଚିତ

କବି ଓ କବିତା



ଗୋହର ରାଜା



ଅଶ୍ୱିନୀ କୁମାର

ଅନୁରାଧା ସିଂହ

ସର୍ବଦା ନୂତନତାକୁ ପ୍ରାଥମିକତା ଦେଇ ଆସିଥିବା କାଦମ୍ବିନୀ ମିଡିଆ ଷୋଡ଼ଶ 'କାଦମ୍ବିନୀ ସାହିତ୍ୟ ମହୋତ୍ସବ' ଅବସରରେ ଆୟୋଜନ କରିଥିଲା ଏକ ନୂତନ ସ୍ୱାଦର 'କବି ଓ କବିତା' କାର୍ଯ୍ୟକ୍ରମ। ମହୋତ୍ସବର ତୃତୀୟ ପ୍ରସ୍ଥର ଏହି କାର୍ଯ୍ୟକ୍ରମ କିଟ୍ ବିଶ୍ୱବିଦ୍ୟାଳୟ ପରିସରସ୍ଥ ସୁନ୍ଦର ଓ ମନୋରମ ଉଦ୍ୟାନ ଗୋଲାପ ବଗିଚା ବା ରୋଜ୍ ଗାର୍ଡେନ୍‌ରେ ଅନୁଷ୍ଠିତ ହୋଇଥିଲା। ବିସ୍ତୀର୍ଣ୍ଣ ଏହି ଗୋଲାପ ବଗିଚାର ସୌନ୍ଦର୍ଯ୍ୟମୟ ପରିବେଶରେ ଅନୁଷ୍ଠିତ ଏହି 'କବି ଓ କବିତା' କାର୍ଯ୍ୟକ୍ରମ ଥିଲା ମହୋତ୍ସବର ଅନ୍ୟତମ ଆକର୍ଷଣ। ଆୟୋଜିତ ଏହି କବିତା ଆସରରେ ଓଡ଼ିଶା ବାହାରୁ ନିମନ୍ତ୍ରିତ ତିନିଜଣ ବିଶିଷ୍ଟ କବି ଗୋହର ରାଜା, ଅଶ୍ୱିନୀ କୁମାର ଓ ଅନୁରାଧା ସିଂହଙ୍କ ସମେତ ଓଡ଼ିଆ ସାହିତ୍ୟର ଜଣାଶୁଣା କବି ମମତା ଦାଶ, ହୁସେନ ରବିଗାନ୍ଧୀ, ସୌଭାଗ୍ୟବନ୍ତ ମହାରଣା, ଅପର୍ଣ୍ଣା ମହାନ୍ତି,

ମମତା ଦାଶ

ହୁସେନ ରବିଗାନ୍ଧୀ

ସୌଭାଗ୍ୟବନ୍ତ ମହାରଣା

ଅପର୍ଣ୍ଣା ମହାନ୍ତି

ହୃଷିକେଶ ମଲ୍ଲିକ

ପ୍ରବାସିନୀ ମହାକୁଡ଼

ବୀଣାପାଣି ପଣ୍ଡା

ସୂର୍ଯ୍ୟ ମିଶ୍ର

ସୁଚେତା ମିଶ୍ର

ରବି ଶତପଥୀ

ସାବିତ୍ରୀ କବି

ହୃଷିକେଶ ମଲ୍ଲିକ, ପ୍ରବାସିନୀ ମହାକୁଡ଼, ବୀଣାପାଣି ପଣ୍ଡା, ସୂର୍ଯ୍ୟ ମିଶ୍ର, ସୁଚେତା ମିଶ୍ର, ରବି ଶତପଥୀ, ସୁରେଶ ନାୟକ, ସାବିତ୍ରୀ କବି ଓ ହିମାଂଶୁ ଆଚାରୀ କବିତା ପାଠ କରିଥିଲେ। ଏହି କବିତା ଆସରକୁ ସଂଯୋଜନା କରିଥିଲେ କବୀ ବିଜୟଲକ୍ଷ୍ମୀ ପରିଡ଼ା ଓ ସୁଦାମବନ୍ଧୁ ଭଞ୍ଜମିଶ୍ର। କବିତା ଆସର ଆରମ୍ଭ ହେବା ପୂର୍ବରୁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ନିମନ୍ତ୍ରିତ କବିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ 'କାଦମ୍ବିନୀ'ର ପ୍ରତିଷ୍ଠାତା ଓ ଦିଗ୍‌ଦର୍ଶକ ଡ. ଅଚ୍ୟୁତ ସାମନ୍ତ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ 'କାଦମ୍ବିନୀ' ସମ୍ପାଦିକା ଡ. ଇତି ସାମନ୍ତ। ଏହି କବିତା ଆସରକୁ ଖୁବ୍ ମନଭରି ଉପଭୋଗ କରିଥିଲେ ଉପସ୍ଥିତ ଶ୍ରୋତୃମଣ୍ଡଳି। 'କବି ଓ କବିତା' କାର୍ଯ୍ୟକ୍ରମରେ ପଠିତ କବିତାଗୁଡ଼ିକ ଚଳିତ ସଂଖ୍ୟାରେ ପ୍ରକାଶ ପାଇଛି।

ସୁରେଶ ନାୟକ

ହିମାଂଶୁ ଆଚାରୀ

ବିଜୟଲକ୍ଷ୍ମୀ ପରିଡ଼ା

ସୁଦାମ ଭଞ୍ଜମିଶ୍ର

କିଟ୍ ରୋଜ୍ ଗାର୍ଡେନ୍‌ରେ 'କବି ଓ କବିତା' କାର୍ଯ୍ୟକ୍ରମର ମନୋରମ ପରିବେଶ

‘କାଦମ୍ବିନୀ ପତ୍ରିକା ହାଟ’ର ଉଦ୍‌ଘାଟନ

କାଦମ୍ବିନୀ ପତ୍ରିକା ହାଟ

ଓଡ଼ିଶାର ସାମାଜିକ, ସାଂସ୍କୃତିକ, ସାହିତ୍ୟିକ ଓ ଶୈକ୍ଷିକ ଅଭିବୃଦ୍ଧି କ୍ଷେତ୍ରରେ ଓଡ଼ିଆ ପତ୍ରିକାର ରହିଛି ଏକ ଯୁଗାନ୍ତକାରୀ ଅବଦାନ। ଏକଦା ‘ପତ୍ରିକା’ ହିଁ ଅଶିକ୍ଷା ଓ ଅନ୍ଧକାରରେ କାଳାତିପାତ କରୁଥିବା ତତ୍କାଳୀନ ଓଡ଼ିଶାର ଆଖିରେ ନବ-ଆଲୋକର ସଞ୍ଚାର କରିଥିଲା। ତେଣୁ ଓଡ଼ିଶାର ଶିକ୍ଷା, ସାହିତ୍ୟ, ସଂସ୍କୃତି ଓ ସାମାଜିକ ପରିବର୍ତ୍ତନ ଏବଂ ଉତ୍‌ଥାନ ପତନରେ ବିଭିନ୍ନ ସମୟରେ ବିଭିନ୍ନ ପତ୍ରିକାର ରହିଛି ମହତ୍ତ୍ୱପୂର୍ଣ୍ଣ ଅବଦାନ। ଠିକ୍ ସେଇଭଳି ବର୍ତ୍ତମାନ ସମୟର ଏକ ଐତିହ୍ୟପୂର୍ଣ୍ଣ ପତ୍ରିକା ହେଉଛି ‘କାଦମ୍ବିନୀ’, ଯାହାର ମଧ୍ୟ ରହିଛି ସମାଜ ଓ ସାହିତ୍ୟ ପାଇଁ ମହତ୍ତ୍ୱପୂର୍ଣ୍ଣ ଅବଦାନ। ତେବେ ‘କାଦମ୍ବିନୀ’ ତା’ର ମହତ୍ତ୍ୱପୂର୍ଣ୍ଣ ଅବଦାନ ସହିତ ଭୁଲି ନାହିଁ ଅନ୍ୟାନ୍ୟ ଅନେକ ପତ୍ରିକାର ଅବଦାନକୁ। ପତ୍ରିକାଗୁଡ଼ିକର ଏହି ଅବଦାନକୁ ମନେପକେଇବା ସହ ସେଇ ଗୌରବମୟ ଐତିହ୍ୟର ସ୍ମୃତିକୁ ପୁନଃ ଜାଗ୍ରତ କରି ଗୋଟିଏ ପତ୍ରିକା ହାଟରେ ପ୍ରାଚୀନ, ଆଧୁନିକ ଓ ସମକାଳୀନ ସମସ୍ତ ପତ୍ରିକାକୁ ଦେଖି, ଛୁଇଁ, ଅନୁଭବ କରିବା ଭଳି ଏକ ଦୃଷ୍ଟିଭଙ୍ଗୀକୁ ନେଇ ‘କାଦମ୍ବିନୀ ପତ୍ରିକା ହାଟ’ର ବିଶେଷ ଆୟୋଜନ। ଯେଉଁଠି ଓଡ଼ିଶା ତଥା ଓଡ଼ିଶା ବାହାରୁ ଏଯାବତ୍ ବିଭିନ୍ନ ପ୍ରାନ୍ତରୁ ପ୍ରକାଶ ପାଇଥିବା ଓ ପାଉଥିବା ପତ୍ରିକାକୁ ଗୋଟିଏ ‘ହାଟ’ରେ ଦେଖିବା ସହ ଆଦରି ନେଇହେବ। ଅଧୁନା ପ୍ରକାଶ ପାଉ ନ ଥିବା ପତ୍ରିକା ସହ ସଂଯୁକ୍ତ ବ୍ୟକ୍ତିବିଶେଷ/ସମ୍ପାଦକ ଏବଂ ସମକାଳରେ ପ୍ରକାଶ ପାଉଥିବା ବିଭିନ୍ନ ପତ୍ରିକାର ସମ୍ପାଦକ କିମ୍ବା ତତ୍‌ସଂଯୁକ୍ତ ବ୍ୟକ୍ତି ବିଶେଷଙ୍କୁ ଏହି ହାଟରେ ନିଜନିଜର ପତ୍ରିକାର ପ୍ରଦର୍ଶନ ସହ କିଣାବିକା କରିବାର ସୁଯୋଗ ମିଳିବ। ଯେଉଁଠି ଗୋଟିଏ ପରିସରରେ ଗୋଟିଏ ବୃହତ୍ ମୁକ୍ତ ମଞ୍ଚରେ ବିବିଧ ବିଷୟ ଆଧାରିତ ‘ପତ୍ରିକା’କୁ ବହୁ ଜନ ସମାରୋହ ଭିତରେ ପ୍ରଦର୍ଶିତ କରିବା ସହ ଓଡ଼ିଆ ପତ୍ରିକାର ବିପୁଳ ସମ୍ଭାରକୁ ଗର୍ବର ସହ ଅନୁଭବ କରିହେବ।

ଏଇଭଳି ଏକ ଦୃଷ୍ଟିଭଙ୍ଗୀ ନେଇ ୨୦୦୯ରେ ‘କାଦମ୍ବିନୀ ଜାତୀୟସ୍ତରୀୟ ଲେଖକ ସମ୍ମିଳନୀ’ ଅବସରରେ ଆୟୋଜିତ ହୋଇଥିଲା ‘କାଦମ୍ବିନୀ ପତ୍ରିକା ହାଟ’। ପ୍ରଥମ ଆୟୋଜନରେ ହିଁ ମିଳିଥିଲା ଅପାର ସଫଳତା। ଓଡ଼ିଶାର କୋଣ ଅନୁକୋଣରୁ ବହୁ ପତ୍ରିକା କର୍ତ୍ତୃପକ୍ଷ ଏଥିରେ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷ ‘କାଦମ୍ବିନୀ ପତ୍ରିକା ହାଟ’ ଏକାଦଶ ବର୍ଷରେ ପଦାର୍ପଣ କରିଛି ଏବଂ ବିପୁଳ ସଫଳତା ମଧ୍ୟ ଲାଭ କରିଛି। ଏପରିକି ବର୍ଷକୁ ବର୍ଷ ଏହାର ଆୟୋଜନରେ ନୂତନତା ଓ ବିପୁଳତା ସାହିତ୍ୟିକ ବର୍ଗଙ୍କୁ ଅଭିଭୂତ କରୁଛି।

୬ ଜାନୁଆରୀ ୨୦୧୯ରେ ଷୋଡ଼ଶ ‘କାଦମ୍ବିନୀ ସାହିତ୍ୟ ମହୋତ୍ସବ’ ଅବସରରେ ଆୟୋଜିତ ହୋଇଥିଲା ଏକାଦଶ ‘କାଦମ୍ବିନୀ ପତ୍ରିକା ହାଟ’। କାର୍ଯ୍ୟକ୍ରମର ପ୍ରଥମ ପ୍ରସ୍ଥରେ କେନ୍ଦ୍ର ସାହିତ୍ୟ ଅକାଦେମୀର ସଚିବ ଡ. କେ. ଶ୍ରୀନିବାସ ରାଓଙ୍କ ଦ୍ୱାରା ଅତିଥିମାନଙ୍କ ଗହଣରେ ‘ପତ୍ରିକା ହାଟ’ ଉଦ୍‌ଘାଟିତ ହେବାପରେ ଅତିଥିମାନେ ପତ୍ରିକା ହାଟ ପରିଦର୍ଶନ କରିଥିଲେ। ଦିବସବ୍ୟାପି ଅନୁଷ୍ଠିତ ଏହି ପତ୍ରିକା ହାଟରେ ଓଡ଼ିଶା ଓ ଓଡ଼ିଶା ବାହାରର ଶହଶହ ପତ୍ରିକା ତଥା ପାଠାଗାର ଓ ସଂଗ୍ରାହକ ଅଂଶଗ୍ରହଣ କରିଥିଲେ। ସମ୍ମିଳନୀରେ ଯୋଗ ଦେଇଥିବା ସାହିତ୍ୟିକ ଓ ସାଧାରଣ ଲୋକଙ୍କ ମଧ୍ୟରେ ଏହି ପତ୍ରିକା ହାଟକୁ ନେଇ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା। ପତ୍ରିକା ହାଟରେ ମଧ୍ୟ ଗହଳି ଲାଗି ରହିଥିଲା। ବିକ୍ରିବଟା ବି ଚାଲିଥିଲା। ଗୋଟିଏ ସ୍ଥାନରେ, ଗୋଟିଏ ଛାତତଳେ ଏତେ ସଂଖ୍ୟକ ପତ୍ରିକା ଦେଖି ଅନେକେ ଅଭିଭୂତ ହେଉଥିଲେ ତ ପୁଣି ପତ୍ରିକା କର୍ତ୍ତୃପକ୍ଷ ନିଜନିଜ ଭିତରେ ଭାବର ଆଦାନ ପ୍ରଦାନରେ ମଜ୍ଜି ରହିଥିଲେ। ଦିବସବ୍ୟାପି ଏହି କାର୍ଯ୍ୟକ୍ରମରେ କଳା, ସଂସ୍କୃତି, ସାହିତ୍ୟ, ସିନେମା, ସଙ୍ଗୀତ ଆଦି ବିଭିନ୍ନ ବିଭାଗରୁ ପାଖାପାଖି ଛଅ ହଜାରରୁ ଊର୍ଦ୍ଧ୍ୱ ସମ୍ପାଦକ, ପ୍ରକାଶକ, ଲେଖକ, ପାଠକ, ଆଲୋଚକ ଆଦି ସମ୍ମିଳିତ ହୋଇ ‘କାଦମ୍ବିନୀ’ର ଏହି କାର୍ଯ୍ୟକ୍ରମକୁ ଏକ ଅନନ୍ୟ ସାରସ୍ୱତ କୁମ୍ଭମେଳା ବୋଲି ମତପ୍ରଦାନ କରିଥିଲେ। ସମସ୍ତଙ୍କ ପାଇଁ ଏହା ଏକ ନିଆରା ଅନୁଭବ ଆଣିଦେଇଥିଲା।

eNews & Magazine

ସେମାନେ କୁହନ୍ତି

■ 'କାଦମ୍ବିନୀ ସାହିତ୍ୟ ମହୋତ୍ସବ' ଓଡ଼ିଆ ସାହିତ୍ୟ ଜଗତର ଏକ କୁମ୍ଭମେଳା। ଓଃ, କି ଆୟୋଜନ। ଏଥିପାଇଁ ମୁଁ ଡ. ଅଚ୍ୟୁତ ସାମନ୍ତ ଓ ଡ. ଇତି ସାମନ୍ତଙ୍କୁ ଶୁଭେଚ୍ଛା ଜଣାଉଛି। ମୁଁ ଏଠାକୁ ନିୟମିତ ଆସୁଛି। ଏହି ମହୋତ୍ସବର ସବୁଠୁ ଆକର୍ଷଣୀୟ ତଥା ଗୁରୁତ୍ୱପୂର୍ଣ୍ଣ ହେଉଛି 'ପତ୍ରିକା ହାଟ'। ଏହା ଏକ ନିଆରା ପରିକଳ୍ପନା। ରାଜ୍ୟର କୋଣ ଅନୁକୋଣର ସାହିତ୍ୟିକ, ପତ୍ରପତ୍ରିକାର ସମ୍ପାଦକମାନଙ୍କ ସହିତ ଭେଟ ହେବାର ଏକ ଅପୂର୍ବ ସୁଯୋଗ ସୃଷ୍ଟି କରିଛି 'ପତ୍ରିକା ହାଟ'। ଏହାର ଅଧିକ ବିସ୍ତୃତି କାମନା କରୁଛି।

ଭବାନୀ ପ୍ରସାଦ ନିଆଲ, ସମ୍ପାଦକ 'ମହୁରି', ଭବାନୀପାଟଣା, କଳାହାଣ୍ଡି

■ ଏହିପରି କାର୍ଯ୍ୟକ୍ରମ ଓଡ଼ିଆ ଭାଷା ସାହିତ୍ୟ ନିମନ୍ତେ ଏକ ଅନନ୍ୟ ପ୍ରଶଂସନୀୟ ଉଦ୍ୟମ। ଏହାର ଉଦ୍ୟୋକ୍ତା ଦିନେ ଓଡ଼ିଶା ଇତିହାସର ଜଣେ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ଭାବରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବେ। ଏହି କାର୍ଯ୍ୟକ୍ରମ ପ୍ରତି ମୋର ଗଭୀର ଆନ୍ତରିକ ଶୁଭେଚ୍ଛା ରହିଛି।

ସନ୍ତୋଷ କୁମାର ସାହୁ, ସମ୍ପାଦକ 'ପର୍ବ', ଭୁବନେଶ୍ୱର

■ 'କାଦମ୍ବିନୀ ପତ୍ରିକା ହାଟ'ର ଆୟୋଜନ ଏକ ସୁନ୍ଦର ବ୍ୟବସ୍ଥା। ଏଥିରେ ଓଡ଼ିଶାର ପତ୍ରପତ୍ରିକା, ସମ୍ପାଦକ ସାହିତ୍ୟିକଙ୍କ ସହିତ ଭେଟଘାଟ ହୋଇଥାଏ। ଏହାଦ୍ୱାରା ଓଡ଼ିଆ ସାହିତ୍ୟର ଉନ୍ନତି ନିଶ୍ଚିତ ସାଧିତ ହୋଇପାରିବ।

ସଙ୍କର୍ଷଣ ଦାଶ, ସମ୍ପାଦକ 'ଗୌରବ', କେନ୍ଦ୍ରାପଡ଼ା

■ ସାହିତ୍ୟ ଓ କଳା ସାଧନାର କ୍ଷେତ୍ର 'କାଦମ୍ବିନୀ ପତ୍ରିକା ହାଟ' ଆମ ସାରସ୍ୱତ ସାଧକମାନଙ୍କ ମଧ୍ୟରେ ଶାଶ୍ୱତ ଭାବନାର ସ୍ରୋତସ୍ୱିନୀ ଭାବଧାରାର ପ୍ରେମୋଚ୍ଛ୍ୱାସ ଭରିଦେଇ ଅତ୍ୟନ୍ତ ଆନନ୍ଦ ଉଲ୍ଲାସ ପ୍ରଦାନ କରୁଅଛି।

ଗୀତା ଦାସ, ସମ୍ପାଦକ 'ଶୁଭଶ୍ରୀ ସାରଦା', ଜଗତସିଂହପୁର

■ 'ପତ୍ରିକା ହାଟ' ଏକ ସୁନ୍ଦର ଭାବର ସମନ୍ୱୟ। ଭାରତବର୍ଷରେ ବିରଳ।

କ୍ଷେତ୍ରବାସୀ ସାହୁ, ସମ୍ପାଦକ 'ଆଇନା', କଟକ

■ ଛୋଟ ପତ୍ରିକାମାନଙ୍କ ପାଇଁ 'ପତ୍ରିକା ହାଟ' ଏକ ନବ ଉନ୍ମାଦନା।

ଯଜ୍ଞଦତ୍ତ ଆର୍ଯ୍ୟ, ସମ୍ପାଦକ 'ଗନ୍ଧଭୂମି', ଖୋର୍ଦ୍ଧା

■ 'କାଦମ୍ବିନୀ ପତ୍ରିକା ହାଟ' ଏକ ସୁନ୍ଦର ପଦକ୍ଷେପ। ଆୟୋଜକଙ୍କୁ ଶୁଭେଚ୍ଛା।

ଗୋପୀନାଥ ଦଣ୍ଡସେନା, ସମ୍ପାଦକ 'ଚିକି କାଇଁଚ', ବଲାଙ୍ଗିର

■ ଓଡ଼ିଆ ଭାଷା ସାହିତ୍ୟ ପାଇଁ 'ପତ୍ରିକା ହାଟ' ଏକ ମହତ୍ତର ପ୍ରଚେଷ୍ଟା। ଏହାର ଅଗ୍ରଗତି ହେଉ। ଲକ୍ଷ୍ୟସ୍ଥଳରେ ପହଞ୍ଚୁ।

ଅଖିଳ କୁମାର ସ୍ୱାଇଁ, ସମ୍ପାଦକ 'ସମ୍ଭବ', ଯାଜପୁର

■ ଅନ୍ୟ ପତ୍ରିକାର ସମ୍ପାଦକ ଓ ସାହିତ୍ୟିକଙ୍କ ସହ ମିଶିବାର ଏହା ଏକ ଭଲ ମାଧ୍ୟମ।

ପ୍ରିୟରଞ୍ଜନ କର, ସମ୍ପାଦକ 'କାରିଗର', ଯାଜପୁର

■ ସଂଯୋଗ ଓ ମିଳନର ସେତୁ ହେଉଛି ଏହି ପତ୍ରିକା ହାଟ। ଅନନ୍ୟ ଉପଲବ୍ଧି।

ଦିବ୍ୟଜ୍ୟୋତି ପାଣି, ସମ୍ପାଦକ 'ଶିଶୁବଜାର', କଟକ

■ ସାହିତ୍ୟର ଚିରସ୍ରୋତ ପ୍ଲାବନଧାରାର ଏହା ଏକ ସଂପର୍କର ସେତୁ।

ସରୋଜିନୀ ପାଣି, ସମ୍ପାଦକ, 'ବିଦିଶା', ଭୁବନେଶ୍ୱର

■ ଏକ ନିଆରା ଅନୁଭୂତି ପ୍ରଦାନ କରେ ଏହି 'ପତ୍ରିକା ହାଟ'।

ମଧୁଲିତା ପରିଡ଼ା, ସମ୍ପାଦକ 'ମଧୁଲିତା', ଭୁବନେଶ୍ୱର

■ 'ପତ୍ରିକା ହାଟ' ଏକ ବହୁତ ଅଭିନନ୍ଦନୀୟ କାର୍ଯ୍ୟ ଏବଂ ଏହା ଭାରତର ଏକ ସ୍ୱତନ୍ତ୍ର ସାହିତ୍ୟ ଆସର।

କୁମାର ଚନ୍ଦ୍ର ମିଶ୍ର, ସମ୍ପାଦକ 'ଅମୃତଭାଷା', ବାଲେଶ୍ୱର

■ ପାଞ୍ଚବର୍ଷ ହେବ ପତ୍ରିକା ହାଟକୁ ଆସୁଛି। ଆକର୍ଷଣୀୟ ଲାଗୁଛି। ପଦକ୍ଷେପ ଅତ୍ୟନ୍ତ ଉଚ୍ଚକୋଟୀର।

ହରମୋହନ କୁଅଁର, ସମ୍ପାଦକ 'କାଇଁଚ ମାଳି', ଭଦ୍ରକ

■ 'କାଦମ୍ବିନୀ ପତ୍ରିକା ହାଟ' ଏକ ଅଭିନବ ପ୍ରୟାସ। ପତ୍ରିକା ହାଟର ପରିବେଶ ଓ ଆନନ୍ଦ ଅବିସ୍ମରଣୀୟ।

କୈଳାଶ ଚନ୍ଦ୍ର ପଣ୍ଡା, ସମ୍ପାଦକ 'ପ୍ରେମ ପୃଥିବୀ', ଭଦ୍ରକ

■ ଲେଖକ, ପାଠକ ତଥା ସାହିତ୍ୟ ଅନୁଗାମୀମାନଙ୍କୁ ଆକର୍ଷିତ କରିବା କ୍ଷେତ୍ରରେ 'କାଦମ୍ବିନୀ ପତ୍ରିକା ହାଟ' ଏକ ବଳିଷ୍ଠ ଉଦ୍ୟମ।

ଉମାକାନ୍ତ ନାୟକ, ସମ୍ପାଦକ 'ମକର', ଜଗତସିଂହପୁର

■ 'ପତ୍ରିକା ହାଟ' ସାହିତ୍ୟିକମାନଙ୍କର ଏକ ମହାକୁମ୍ଭ।

ସୁକାନ୍ତ ପଣ୍ଡା, ସମ୍ପାଦକ 'ଶିଶୁ ସମାଚାର', ପୁରୀ

■ ପତ୍ରିକା ଆନ୍ଦୋଳନର ସୂତ୍ରଧର ଏବଂ ଐତିହାସିକ ପଦକ୍ଷେପ ଏହି 'ପତ୍ରିକା ହାଟ'।

ରମେଶ ଚନ୍ଦ୍ର ମିଶ୍ର, ସମ୍ପାଦକ 'ତ୍ରିଧାରା', ଅନୁଗୁଳ

■ 'ପତ୍ରିକା ହାଟ'ର ଆୟୋଜନ ଓ ସୁବ୍ୟବସ୍ଥା ଯୋଗୁଁ ବହୁ ପୁରୁଣା ପତ୍ରିକାର ପ୍ରଚାର ଓ ପ୍ରସାର ହୋଇପାରୁଛି।

ଲିଙ୍ଗରାଜ ମହାନ୍ତି, ସମ୍ପାଦକ 'ଚନ୍ଦନ', କଟକ

■ 'କାଦମ୍ବିନୀ ପତ୍ରିକା ହାଟ' ଏକ ନିଆରା ଅନୁଭବ ଏବଂ ଏକାନ୍ତ ଆତ୍ମୀୟତାଭରା ପରିବେଶ।

ସରୋଜିନୀ ମିଶ୍ର, ସମ୍ପାଦକ 'ଅନନ୍ତ ନିର୍ଝର', କଟକ

'କାଦମ୍ବିନୀ ପତ୍ରିକା ହାଟ' ପରିଦର୍ଶନରେ ଅତିଥିମାନେ

e-News & Magazine

କୁନାକୁନି ମେଳା

'କାଦମ୍ବିନୀ ସାହିତ୍ୟ ମହୋତ୍ସବ'ର ଶେଷ ପ୍ରସ୍ଥର କାର୍ଯ୍ୟକ୍ରମ ଥିଲା 'କୁନାକୁନି ମେଳା'। କିଟ୍ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ-୬ସ୍ଥିତ କନ୍‌ଭେନ୍‌ସନ୍ ସେଣ୍ଟରଠାରେ 'କୁନିକଥା' ପକ୍ଷରୁ ଅନୁଷ୍ଠିତ ହୋଇଥିଲା 'କୁନାକୁନି ମେଳା'। ଯେହେତୁ ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କର ଅତ୍ୟନ୍ତ ପ୍ରିୟ ଏହି 'କୁନାକୁନି ମେଳା', ତେଣୁ ଏହାକୁ ଦେଖିବା ପାଇଁ ସମସ୍ତ ଦର୍ଶକ ନିଜନିଜ ଆସନରେ ବସି ଆଗ୍ରହର ସହିତ ଅପେକ୍ଷା କରିଥାନ୍ତି, କେତେବେଳେ ଆରମ୍ଭ ହେବ ସମସ୍ତଙ୍କ ପ୍ରିୟ 'କୁନାକୁନି ମେଳା'। ଦଳଗତ ନୃତ୍ୟର ଏହି ଅନୁପମ କାର୍ଯ୍ୟକ୍ରମକୁ ବିଗତ କେତେବର୍ଷ ହେଲା ଦର୍ଶକମାନେ ଯେପରି ଆଗ୍ରହରେ ଅପେକ୍ଷା କରି ରହିଥାନ୍ତି, ଏ ବର୍ଷ ମଧ୍ୟ ଠିକ୍ ସେହିପରି ସଭିଏଁ ଉତ୍କଣ୍ଠାର ସହିତ ଅପେକ୍ଷା କରିଥାନ୍ତି। କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ପ୍ରେକ୍ଷାଳୟରେ ଦର୍ଶକମାନେ ନିଜନିଜ ଆସନରେ ବସିଯାଇଥାନ୍ତି। ପ୍ରତ୍ୟେକ ଦର୍ଶକ ଅତ୍ୟନ୍ତ ଉତ୍କଣ୍ଠାର ସହିତ ଲକ୍ଷ୍ୟ କରିଥାନ୍ତି ମଞ୍ଚକୁ। କାରଣ ଏ ବର୍ଷର କୁନାକୁନି ମେଳା, ପୂର୍ବବର୍ଷ ଅପେକ୍ଷା ସ୍ୱତନ୍ତ୍ର ଭାବରେ ଅନୁଷ୍ଠିତ ହେବ ବୋଲି ସଭିଏଁ ପୂର୍ବରୁ ଜାଣିଯାଇଥାନ୍ତି।

ଠିକ୍ ଅପରାହ୍ଣ ୩ଟାରେ ଆରମ୍ଭ ହେଲା 'କୁନାକୁନି ମେଳା'। ରାଜ୍ୟସ୍ତରୀୟ ଦଳଗତ ନୃତ୍ୟ ପ୍ରତିଯୋଗିତାରେ ସମଗ୍ର ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା ବଛାବଛା ପନ୍ଦରଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଏହିସବୁ ଦଳଗୁଡ଼ିକ ମଧ୍ୟରେ ଥିଲେ : ଆନନ୍ଦପୁର-କେନ୍ଦୁଝରର 'ବୀଣାପାଣି କଳା ନିକେତନ', ପୁରୀର 'ବାଲିଦୋକାନ ନୋଡାଲ ୟୁ.ପି. ସ୍କୁଲ', ପୁରୀର 'ନିଳାଦ୍ରି ଗୋଟିପୁଅ ନୃତ୍ୟ ପରିଷଦ', ଭୁବନେଶ୍ୱରର 'ଦ ବ୍ଲୁ ଲାଇଟ୍ ଡ୍ୟାନ୍ସ ଷ୍ଟୁଡ଼ିଓ', 'ପଦ୍ମିନୀ ଡ୍ୟାନ୍ସ ଏକାଡେମି', 'ସାଇ ୱାର୍ଲ୍ଡ ଅଫ ଡ୍ୟାନ୍ସ', 'ନୃତ୍ୟନିପୁଣା ଡ୍ୟାନ୍ସ ଇନ୍‌ଷ୍ଟିଚ୍ୟୁଟ୍', 'କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍‌ସେସ୍' ବା 'କିସ୍', 'ସୁନିଲ ଡ୍ୟାନ୍ସ ଏକାଡେମି', 'କ୍ରିଏଟିଭ ଡ୍ୟାନ୍ସ ସ୍କୁଲ', 'ଗୌତମ ଡ୍ୟାନ୍ସ ଷ୍ଟୁଡିଓ', 'ୱାନ୍ ଷ୍ଟେପ୍ ଡ୍ୟାନ୍ସ ଏକାଡେମି' କଟକର 'ଶ୍ରୀବିଦ୍ୟା ଡ୍ୟାନ୍ସ ଗ୍ରୁପ୍', ସମ୍ବଲପୁରର 'ଖୁଲିଆ ସେବାଶ୍ରମ ସ୍କୁଲ' ଓ କଟକର 'କଲରାବାଙ୍କ ଉଚ୍ଚବିଦ୍ୟାଳୟ' ଇତ୍ୟାଦି।

ପ୍ରତ୍ୟେକଟି ଦଳଗତ ନୃତ୍ୟ ପାରମ୍ପରିକ ଓଡ଼ିଆ ଲୋକ ସଙ୍ଗୀତ ଓ ସମସାମୟିକ ଥିମ୍‌କୁ ଭିତ୍ତି କରି ପ୍ରଦର୍ଶିତ ହୋଇଥିଲା ଏବଂ ପ୍ରତି ନୃତ୍ୟ ପରେପରେ ଦର୍ଶକମାନଙ୍କ କରତାଳିରେ ପ୍ରେକ୍ଷାଳୟ ପ୍ରକମ୍ପିତ ହେଉଥିଲା। ଏହି ନୃତ୍ୟ କାର୍ଯ୍ୟକ୍ରମ ଏତେ ମନଛୁଆଁ ହୋଇଥିଲା ଯେ, ଶ୍ରୋତା ଓ ଦର୍ଶକମାନେ ନିଜନିଜ ଆସନରେ ନିମଗ୍ନ ହୋଇ ବସି ରହିଥିଲେ ଆରମ୍ଭରୁ ଶେଷଯାଏ। ସେମାନେ ପ୍ରତ୍ୟେକ ନୃତ୍ୟକୁ ବେଶ୍ ଉପଭୋଗ କରିଥିଲେ ସେହି ଦିନରେ। ପ୍ରତ୍ୟେକଟି ନୃତ୍ୟକୁ ଶିଶୁ ନୃତ୍ୟଶିଳ୍ପୀମାନେ ଏତେ ସୁନ୍ଦର ଏବଂ ଆକର୍ଷଣୀୟ ଢଙ୍ଗରେ ପରିବେଷଣ କରୁଥିଲେ ଯେ, ତାହା ଦର୍ଶକମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା। ଏହି ରାଜ୍ୟସ୍ତରୀୟ ଦଳଗତ ନୃତ୍ୟ କାର୍ଯ୍ୟକ୍ରମକୁ ଟେଲିଭିଜନ ଜଗତର ଜଣାଶୁଣା ଉପସ୍ଥାପକ ଅଶ୍ୱିନୀ ଓ ଉପସ୍ଥାପିକା ପ୍ରେରଣା ଆକର୍ଷଣୀୟ ଢଙ୍ଗରେ ଉପସ୍ଥାପନା କରିଥିଲେ।

କାର୍ଯ୍ୟକ୍ରମର ବିଚାରକ ରୂପେ ଯୋଗ ଦେଇଥିଲେ ଓଡ଼ିଶାର ନୃତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର

ଦର୍ଶକଙ୍କ ସହ ବିଚାରକମଣ୍ଡଳୀ

e-News & Magazine

ଜଗତର ବେଶ୍ ଜଣାଶୁଣା ବ୍ୟକ୍ତିମାନେ। ସେମାନେ ହେଲେ: ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ମୀରା ଦାସ, ଚଳଚ୍ଚିତ୍ର ଅଭିନେତ୍ରୀ ଗାର୍ଗୀ ମହାନ୍ତି, ଅଭିନେତ୍ରୀ ଓ ଓଡ଼ିଶୀ ନୃତ୍ୟଶିଳ୍ପୀ ଜୟା ବିଶ୍ୱାସ, ନୃତ୍ୟ ନିର୍ଦ୍ଦେଶକ ସୂର୍ଯ୍ୟନ୍ ରଥ ପ୍ରମୁଖ। ଏହି କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲେ ଅତିଥି ଭାବେ ଯୋଗ ଦେଇଥିବା ଅଭିନେତ୍ରୀ ଅର୍ଚ୍ଚିତା। ଅଭିନେତ୍ରୀ ଅନୁ ଚୌଧୁରୀ ମଧ୍ୟ ବେଶ୍ କିଛି ସମୟ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।

କାର୍ଯ୍ୟକ୍ରମ ଶେଷ ହେବା ମାତ୍ରେ ଘୋଷଣା ହୋଇଥିଲା ବିଜେତା ନୃତ୍ୟଦଳର ନାମ। ଦଳଗତ ନୃତ୍ୟର ପ୍ରଥମ ପୁରସ୍କାର ୨୫ ହଜାର ଟଙ୍କା ଅର୍ଥରାଶି ଲାଭ କରିଥିଲେ ଭୁବନେଶ୍ୱରର 'ସାଇ ୱାର୍ଲ୍ଡ ଅଫ ଡ୍ୟାନ୍ସ ଗ୍ରୁପ୍'। ସେହି ଗ୍ରୁପ୍‌ର ନୃତ୍ୟଶିଳ୍ପୀମାନେ ହେଲେ: ଆଶୁତୋଷ ବୈଶ୍ୟ, ସାଇସ୍ୱରୂପ ପଟ୍ଟନାୟକ, ସାଇକୃଷ୍ଣ ସାମଲ, ପ୍ରିୟାନ୍ସି ନନ୍ଦ, ନିର୍ଭିକ୍ ମହାପାତ୍ର, ଅନ୍ୱେଶ କର, ଶାନ୍‌ଵି ସୁମନ, ଅର୍ଣ୍ଣବ ଓ ଅନ୍ୱେଶା ସାମନ୍ତରାୟ। ଦଳଗତ ନୃତ୍ୟର ଦ୍ୱିତୀୟ ପୁରସ୍କାର ୧୫ ହଜାର ଟଙ୍କା ଲାଭ କରିଥିଲେ ଭୁବନେଶ୍ୱରର 'ଗୌତମ ଡ୍ୟାନ୍ସ ଷ୍ଟୁଡିଓ'। ସେହି ଗ୍ରୁପର ନୃତ୍ୟଶିଳ୍ପୀମାନେ ହେଲେ: ପ୍ରୀତି, ପ୍ରତିଭା, ଶ୍ୱସ୍ତିଦୀପା, ମନସ୍ୱିନୀ, ଜ୍ୟୋତି, ଅଶ୍ଳେଶା, ମନିଶା, ପ୍ରତ୍ୟାଶା ଓ ଅଭିଜିତ। ସେହିପରି ତୃତୀୟ ପୁରସ୍କାର ୧୦ ହଜାର ଟଙ୍କା ଲାଭ କରିଥିଲେ ଭୁବନେଶ୍ୱରର 'କିସ' ଅନୁଷ୍ଠାନର ନୃତ୍ୟଶିଳ୍ପୀମାନେ। ସେହି ଗ୍ରୁପର ନୃତ୍ୟଶିଳ୍ପୀମାନେ ହେଲେ: ଗୀତାଞ୍ଜଳି ମୁଡିକା, ସାଗରିକା କନ୍‌ହାରା, ମୁନିହରି ତିଲରୀ, ମୁଙ୍ଗୀ ମୁଣ୍ଡ, ମୋନାଲିସା ମହାପାତ୍ର, ଗୋଲାପି ମୁଣ୍ଡ, ନିଖିଲ ପିଲାମାନେ, ନିଲା ମାଝୀ, ସୁଶାନ୍ତ ଜାଣୀ, ଜ୍ୟୋସ୍ନା ପୁଆଲା, ଭାନୁରେଖା ନାଏକ, ସନ୍ତୋସିନୀ ମୁଣ୍ଡ୍ରୀ, ସୁନାଜିତ ମୁଆକା ଓ ତାକୁଲୁ ମୁଣ୍ଡା।

ଚଳିତ ବର୍ଷର 'କୁନାକୁନି ମେଳା'ର ପ୍ରାୟୋଜକମାନେ ଥିଲେ: କୁଚିନା କିଚେନ୍ ଆପ୍ଲିଏନ୍‌ସେସ୍, ଇମାମି ଗ୍ରୁପ ଅଫ୍ କମ୍ପନିଜ୍, ଦି ବ୍ଲୁ

ରାଜ୍ୟସ୍ତରୀୟ ଦଳଗତ ନୃତ୍ୟ ପ୍ରତିଯୋଗିତାରେ ବିଜୟୀ ଦଳ

ପ୍ରଥମ ପୁରସ୍କାର

ଦ୍ୱିତୀୟ ପୁରସ୍କାର

ତୃତୀୟ ପୁରସ୍କାର

Downloaded from : https://t.me/odianewspaper

ଲାଇଟ୍ ଡ୍ୟାନ୍ସ ଷ୍ଟୁଡ଼ିଓ, ଟ୍ୟାଣ୍ଡେମ୍ ହେଲ୍‌ଥ କେୟାର, ହିଲିୟସ୍ ମେଡ଼ିକାଲ ସିଷ୍ଟମ୍ ଓ ହାପି ହଲିଡେଜ୍। ଏହି ପ୍ରାୟୋଜକମାନଙ୍କର ପ୍ରତିନିଧିଗଣ ଯଥାକ୍ରମ ସଂଜୟ ଚୌଧୁରୀ, ଅଭିମନ୍ୟୁ ପ୍ରସାଦ କର, ଲିପିକା ମହାପାତ୍ର, ବିମଳ ଭୋରା, ପ୍ରମୁଖ ଉପସ୍ଥିତ ଥିଲେ।

ଏହି 'କୁନାକୁନି ମେଳା'ରେ କେବଳ ଯେ ବିଜେତାମାନଙ୍କୁ ଅର୍ଥରାଶି ପ୍ରଦାନ କରାଯିବା ସହ ପ୍ରତିଯୋଗିତାର ଅନ୍ୟ ସମସ୍ତ ଦଳଙ୍କୁ ସାର୍ଟିଫିକେଟ, ୨ ହଜାର ଟଙ୍କାର ଅର୍ଥରାଶି ଓ 'କୁନିକଥା' ପତ୍ରିକା ମଧ୍ୟ ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥିଲା।

ସମସ୍ତ କୃତୀ ନୃତ୍ୟଦଳଙ୍କୁ ପୁରସ୍କାର ଓ ପୁଷ୍ପଗୁଚ୍ଛ ସହ ସମ୍ମାନ ପ୍ରଦାନ କରିଥିଲେ କଳିଙ୍ଗ ଟିଭିର ପରିଚାଳନା ନିର୍ଦ୍ଦେଶକ ହିମାଂଶୁ ଖଟୁଆ ଏବଂ 'କାଦମ୍ବିନୀ' ତଥା 'କୁନିକଥା'ର ସମ୍ପାଦିକା ଡ. ଇତି ସାମନ୍ତ। ମଞ୍ଚରେ ଉପସ୍ଥିତ ଥିଲେ ଅଭିନେତ୍ରୀ ଅର୍ଚ୍ଚିତା ଏବଂ 'କୁନାକୁନି ମେଳା' ନୃତ୍ୟ ପ୍ରତିଯୋଗିତା ପୁରସ୍କାରର ପ୍ରାୟୋଜକମାନେ। ନୃତ୍ୟର ଏହି ମନୋରମ କାର୍ଯ୍ୟକ୍ରମରେ ଅଭିନେତ୍ରୀ ଅର୍ଚ୍ଚିତାଙ୍କୁ ପୁଷ୍ପଗୁଚ୍ଛ ଓ ଶାଲ୍ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଏହି କାର୍ଯ୍ୟକ୍ରମକୁ ନିରପେକ୍ଷ ରୂପେ ବିଚାର କରିଥିବାରୁ ଏହି ପ୍ରତିଯୋଗିତାର ବିଚାରକମାନଙ୍କୁ ପୁଷ୍ପଗୁଚ୍ଛ, ଶାଲ୍ ଓ ଉପହାର ପ୍ରଦାନପୂର୍ବକ ସମ୍ମାନିତ କରାଯାଇଥିଲା। କେବଳ ସେତିକି ନୁହେଁ, ନୃତ୍ୟର ଏହି କାର୍ଯ୍ୟକ୍ରମକୁ ବେଶ୍ ଆକର୍ଷଣୀୟ ତଥା ଶୃଙ୍ଖଳାର ସହିତ ପରିଚାଳନା କରିଥିବାରୁ ସଂଚାଳକ ଓ ସଂଚାଳିକା ଅଶ୍ୱିନ୍ ଓ ପ୍ରେରଣାଙ୍କୁ ମଧ୍ୟ ପୁଷ୍ପଗୁଚ୍ଛ, ଶାଲ୍, ଅର୍ଥରାଶି ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

ଦୀର୍ଘ ସମୟର ଏହି ମନୋରମ, ମନଛୁଆଁ, ଆକର୍ଷଣୀୟ ଓ ଅନେକଦିନ ପାଇଁ ମନେ ରଖିବାଭଳି ସ୍ମୃତିମଧୁର 'କୁନାକୁନି ମେଳା'କୁ ପ୍ରେକ୍ଷାଳୟ ଭର୍ତ୍ତି ଦର୍ଶକ ଉପସ୍ଥିତ ରହି ଯେପରି ଉପଭୋଗ କରିଥିଲେ, ପ୍ରକୃତରେ ତାହା 'କାଦମ୍ବିନୀ' ଓ 'କୁନିକଥା'ର ଆୟୋଜନକୁ ସଫଳତା ପ୍ରଦାନ କରିଥିଲା। ଦର୍ଶକମାନଙ୍କ ଦ୍ୱାରା ବେଶ୍ ପ୍ରଶଂସନୀୟ ହୋଇପାରିଥିଲା ଏହି କାର୍ଯ୍ୟକ୍ରମ।

(ଫଟୋ: ମଣ୍ଟୁ ବରାଳ ଓ ବିଶ୍ୱଜିତ ରଥ)

'କୁନାକୁନି ମେଳା'ର ସଞ୍ଚାଳକ ଅଶ୍ୱିନୀ ଓ ସଞ୍ଚାଳିକା ପ୍ରେରଣା

'କୁନାକୁନି ମେଳା'ର ଉତ୍ସାହୀ ଦର୍ଶକ

ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା
କୁନାକୁନି ମେଳା

କୁନାକୁନି ମେଳା
୨୦୧୯
ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା

୨୦୧୯
କୁନାକୁନିମାନଙ୍କ ଦ୍ୱାରା
ରାଜ୍ୟସ୍ତରୀୟ
ନୃତ୍ୟ ପ୍ରତିଯୋଗିତା

ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା

ମୋ କବିତା ସତ୍ୟର ଫଳ

- ପ୍ରଫେସର ଆର୍ନେଷ୍ଟୋ କାହାନ୍

ଚିକିତ୍ସା ଶାସ୍ତ୍ର, ସାହିତ୍ୟ ଓ ସମାଜସେବାର ଜଣେ ବିଶ୍ୱବିଦିତ ବ୍ୟକ୍ତିତ୍ୱ ହେଉଛନ୍ତି ପ୍ରଫେସର ଆର୍ନେଷ୍ଟୋ କାହାନ୍। ବିଶ୍ୱ ମାନବ ସେବା ପ୍ରତି ସମର୍ପିତ ପ୍ରଫେସର କାହାନ୍ ଦୀର୍ଘ ବର୍ଷ ହେଲା ବିଶ୍ୱ ସ୍ୱାସ୍ଥ୍ୟ ଓ ଶାନ୍ତି ପାଇଁ କାର୍ଯ୍ୟ କରି ଆସୁଛନ୍ତି। ସବୁଠୁ ଉଲ୍ଲେଖନୀୟ ବିଷୟ ହେଉଛି, ପ୍ରଫେସର କାହାନ୍ ଉପାଧ୍ୟକ୍ଷ ଥିବା ଅନ୍ତର୍ଜାତୀୟ ସଙ୍ଗଠନ **'International Physicians for prevention of Nuclear War (IPPNW)'** ୧୯୮୫ ମସିହାରେ ସମ୍ମାନଜନକ ନୋବେଲ ଶାନ୍ତି ପୁରସ୍କାର ଲାଭ କରିଥିଲା। ଏହାପରଠାରୁ ବିଶ୍ୱର ବହୁ ଖ୍ୟାତିସଂପନ୍ନ ସ୍ୱାସ୍ଥ୍ୟ ଓ ସାମାଜିକ ସଙ୍ଗଠନର ଉଚ୍ଚ ପଦପଦବୀରେ ସେ ଦାୟିତ୍ୱ ନିର୍ବାହ କରିଆସିଛନ୍ତି। କେବଳ ସେତିକି ନୁହେଁ, ଜଣେ କବି ଭାବେ ମଧ୍ୟ ତାଙ୍କର ବେଶ୍ ପ୍ରସିଦ୍ଧି ରହିଛି। ୨୦ରୁ ଊର୍ଦ୍ଧ୍ୱ ପୁସ୍ତକ ଏଯାବତ୍ ସେ ରଚନା କରିସାରିଲେଣି।

୧୯୪୦ରେ ଆର୍ଜେଣ୍ଟିନାରେ ପ୍ରଫେସର ଆର୍ନେଷ୍ଟୋ କାହାନ୍ଙ୍କର ଜନ୍ମ। ଉଭୟ ଆର୍ଜେଣ୍ଟିନା ଓ ଆମେରିକାରେ ସେ ଉଚ୍ଚଶିକ୍ଷା ଲାଭ କରିଛନ୍ତି। ଆର୍ଜେଣ୍ଟିନାର ବୁଏନ୍ସ ଆୟରିସ୍ ବିଶ୍ୱବିଦ୍ୟାଳୟ ଏବଂ ଆମେରିକାର ୱାଶିଂଟନ୍ ବିଶ୍ୱବିଦ୍ୟାଳୟରୁ ଡାକ୍ତରୀ ଶିକ୍ଷା ଲାଭ କରିଥିବା ପ୍ରଫେସର କାହାନ୍ ଡାକ୍ତରୀ ଅଧ୍ୟାପନାକୁ ନିଜର ବୃତ୍ତି ଭାବରେ ଗ୍ରହଣ କରିନେଇଥିଲେ। ଜଣେ ଉଚ୍ଚକୋଟୀର ପ୍ରଫେସର ଭାବେ ପ୍ରଫେସର୍ କାହାନ୍ ଖୁବ୍ କମ୍ ଦିନରେ ବିଶ୍ୱବ୍ୟାପୀ ଖ୍ୟାତି ଅର୍ଜନ କରିପାରିଥିଲେ। ଆର୍ଜେଣ୍ଟିନା, ଇସ୍ରାଏଲ୍, ପେରୁ, ଡୋମିନିକାନ୍ ରିପବ୍ଲିକ୍, ମେକ୍ସିକୋ, ସ୍ପେନ୍ ଆଦି ଦେଶର ଖ୍ୟାତନାମା ବିଶ୍ୱବିଦ୍ୟାଳୟଗୁଡ଼ିକରେ ସେ ଅଧ୍ୟାପନା କରିଛନ୍ତି। ପରବର୍ତ୍ତୀ ସମୟରେ ବିଶ୍ୱର ଜଣେ ପ୍ରତିଷ୍ଠିତ ଶିକ୍ଷାବିତ୍ ଓ ଚିକିତ୍ସାଶାସ୍ତ୍ରବିତ୍ ଭାବେ ପ୍ରଫେସର୍ କାହାନ୍ ଖ୍ୟାତି ଅର୍ଜନ କରିଥିଲେ। ଫଳରେ ତାଙ୍କୁ ବିଶ୍ୱର ଅନେକ ସଙ୍ଗଠନ, ସରକାର ପକ୍ଷରୁ ଆମନ୍ତ୍ରଣ ଆସିଥିଲା, ସେମାନଙ୍କ କାର୍ଯ୍ୟରେ ସହଯୋଗ ପାଇଁ। ପ୍ରଫେସର କାହାନ୍ ମଧ୍ୟ ଏହି ଡାକରାକୁ ଗ୍ରହଣ କରିଥିଲେ ଏବଂ

ଅନେକ ବିଶ୍ୱବିଖ୍ୟାତ ସଙ୍ଗଠନର ଦାୟିତ୍ୱ ତୁଲାଇଥିଲେ। ତନ୍ମଧ୍ୟରୁ କେତୋଟି ହେଉଛି ସ୍ପେନ୍‌ର **International Academy of Sciences, Technology, Education and Humanities**ର ମୁଖ୍ୟ, ଆର୍ଜେଣ୍ଟିନାର **Ministry of Health**ର **Director Genearal**, ଇସ୍ରାଏଲର ରବିନ୍ ମେଡ଼ିକାଲ ସେଣ୍ଟରର **Deputy Director, Head of Epidemiology at Tel Aviv University, World Academy of Arts & Culture**ର ଉପାଧ୍ୟକ୍ଷ ଇତ୍ୟାଦି। ଏହାବ୍ୟତୀତ ଜଣେ କବି ଓ ଲେଖକ ଭାବେ ମଧ୍ୟ ପ୍ରଫେସର୍ କାହାନ୍‌ଙ୍କର ପରିଚିତି ରହିଛି। ବିଶ୍ୱର ବହୁ ପ୍ରତିଷ୍ଠିତ ପତ୍ରପତ୍ରିକାରେ ନିୟମିତ ଲେଖାଲେଖି କରୁଥିବା ପ୍ରଫେସର କାହାନ୍ ୨୨ଟି ପୁସ୍ତକ ରଚନା କରିଛନ୍ତି। ତନ୍ମଧ୍ୟରୁ ତାଙ୍କ ପୁସ୍ତକ 'ଜେନୋସାଇଡ୍' ବିଶ୍ୱବ୍ୟାପୀ ପାଠକାଦୃତି ଲାଭ କରିଛି। ବହୁ ବିଦେଶୀ ଭାଷାରେ ମଧ୍ୟ ଏହା ଅନୁବାଦ ହୋଇଛି। ଅନେକ ପୁରସ୍କାର ଲାଭ କରିଥିବା ଏହି ପୁସ୍ତକ ବିଶ୍ୱବିଖ୍ୟାତ **'Golden Key of Literature'** ପୁରସ୍କାର ଲାଭ କରିଛି।

ଇସ୍ରାଏଲ୍, ଉରୁଗୁଏ, ଚିଲି ଓ ବୋଲିଭିଆରେ କାର୍ଯ୍ୟ କରୁଥିବା **'Physicians for Peace'**ର ପ୍ରତିଷ୍ଠାତା, ସାହିତ୍ୟ ସଙ୍ଗଠନ **'BRASEGO'**ର ସଭାପତି, **'International Forum Literature and Culture of Peace' (IFALAC)**ର ସଭାପତି, ଶାନ୍ତି ପ୍ରତି ସମର୍ପିତ ପତ୍ରିକା **'PALABRAS DIVERSAS'**ର ସମ୍ପାଦକ, **World Congress of Poets**ର ଚାରିଥର ଉପ-ସଭାପତି ଏବଂ ୨୦୧୨ର ସଭାପତି ଭାବେ କାର୍ଯ୍ୟ କରିଥିବା ପ୍ରଫେସର କାହାନ୍‌ଙ୍କ ସଂପୃକ୍ତିର ଆଉ ଏକ ସଙ୍ଗଠନ **International Physicians for Prevention of Nuclear War (IPPNW)**କୁ ୧୯୮୫ ମସିହାରେ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାଛଡ଼ା ବିଶ୍ୱର ଅନ୍ୟ ଅନେକ ପୁରସ୍କାର ସେ ଲାଭ କରିଛନ୍ତି। ତନ୍ମଧ୍ୟରେ ରହିଛି: **Gold Medal for culture of the world Parliament of Literature**, ବାର୍ସିଲୋନାର **Royal European Academy of Doctors** ସମ୍ମାନ, **World Congress of Poets - Gold Medallion**, ଆମେରିକାର **International Writers Association** ପକ୍ଷରୁ **Best Poet** ସମ୍ମାନ, ମଙ୍ଗୋଲିଆ ୟୁନିଭର୍ସିଟିରୁ ଆକାଡ଼େମୀ ଅଫ୍ ସାଇନ୍ସରେ ସମ୍ମାନଜନକ ଡକ୍ଟରେଟ୍ ପ୍ରଭୃତି ଶତାଧିକ ସମ୍ମାନ ଓ ସମ୍ବର୍ଦ୍ଧନା।

ପେସାରେ ଡାକ୍ତର, ନିଶାରେ କବି ଓ ସମାଜସେବୀ ପ୍ରଫେସର ଆର୍ନେଷ୍ଟୋ କାହାନ୍‌ଙ୍କ ପ୍ରସିଦ୍ଧି ବିଶ୍ୱବ୍ୟାପୀ। ସର୍ବୋପରି ଜଣେ ଭଲ ମଣିଷଭାବେ ବେଶ୍ ସୁଖ୍ୟାତ ସେ। ଗତ କିଛିଦିନ ତଳେ ପ୍ରଫେସର କାହାନ୍ ପ୍ରଥମଥର ପାଇଁ ଓଡ଼ିଶା ଭ୍ରମଣରେ ଆସି 'କିଟ୍' ଓ 'କିସ୍' ପରିଦର୍ଶନ କରିଥିଲେ। ଏହି ଅବସରରେ କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ସାମ୍ବତ୍ସରିକ ଉତ୍ସବରେ ଯୋଗଦାନ କରିଥିଲେ ସେ। ପ୍ରଫେସର କାହାନ୍‌ଙ୍କ ବକ୍ତୃତା ଶୁଣିଲେ ଯେ କେହି ଅଭିଭୂତ ହୋଇଯିବ। ପ୍ରଫେସର କାହାନ୍‌ଙ୍କୁ ସାକ୍ଷାତ କରିବା, ତାଙ୍କ ବକ୍ତବ୍ୟ ଶୁଣିବା ଭାଗ୍ୟର କଥା। ପ୍ରିୟ 'କାଦମ୍ବିନୀ'ର ସମ୍ପାଦିକା ଭାବରେ କିଛି ସମୟ ତାଙ୍କୁ ସାକ୍ଷାତ କରିବାର ସୌଭାଗ୍ୟ ହୋଇଥିଲା ମୋର। ନିଜର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ଭିତରୁ ବହୁକଷ୍ଟରେ କିଛି ସମୟ ବାହାରି କରିଥିଲେ ସେ। ଭେଟିଥିଲି ଯାଇ ମୁଁ। ସ୍ୱଳ୍ପ ସମୟର ସାକ୍ଷାତ ଥିଲା ତାଙ୍କ ସହିତ। ସେହି କ୍ରମରେ କିଛି ସମୟ ଆଳାପ କରିବାର ସୁଯୋଗ ମିଳିଥିଲା ମୋତେ। ପ୍ରଫେସର କାହାନ୍‌ଙ୍କ ସହ ସେହି ସ୍ୱଳ୍ପ ସମୟର ସାକ୍ଷାତ ଆଲୋଚନା ଏଠାରେ 'କାଦମ୍ବିନୀ'ର ପ୍ରିୟ ପାଠକମାନଙ୍କ ନିମନ୍ତେ।

ଇତି ସାମନ୍ତ

ପ୍ରଫେସର ଆର୍ନେଷ୍ଟୋ କାହାନ୍‌ଙ୍କ ସହ 'କାଦମ୍ବିନୀ' ସମ୍ପାଦିକା ଡ. ଇତି ସାମନ୍ତ

e-News & Magazine

Downloaded from : https://t.me/odianewspaper

ମୋର ପ୍ରଶ୍ନ - ▸ **ଆପଣ ପେସାରେ ଜଣେ ଡାକ୍ତର ଏବଂ କବିତା ହେଉଛି ଆପଣଙ୍କ ନିଶା । କେବେଠାରୁ କବିତା ପ୍ରତି ଆପଣଙ୍କ ଦୁର୍ବଳତା ?**

ତାଙ୍କର ଉତ୍ତର - ଆପଣଙ୍କ ଭଳି ଅନେକ ଲୋକ ମୋତେ ଏହି କଥା ପଚାରନ୍ତି- ଆପଣ କେଉଁଟି ଅଧିକ ? ଡାକ୍ତର ନା କବି ? ମୁଁ କହେ, ଉଭୟ । କାରଣ ମୋ ପାଇଁ ଦୁଇଟାଯାକ ସମାନ । ବୁଝିବାକୁ ଚେଷ୍ଟା କରନ୍ତୁ । ଡାକ୍ତର ଶରୀରର ଏବଂ କବି ଆତ୍ମାର ଯତ୍ନ ନେଇଥାଏ । ଶରୀର ଭିତରେ ଆତ୍ମା ରହିଛି ଭାବି କବି ଏହାର ଯତ୍ନ ନେଇଥାଏ । ତେଣୁ ଗୋଟିଏ ଅନ୍ୟଟିକୁ ସାହାଯ୍ୟ କରିଥାଏ ।



▸ **କେତେବେଳେ ଆପଣ ବିଚାର କଲେ ଯେ କବିତା ହେଉଛି ଆପଣଙ୍କର ପ୍ରକୃତ ନିଶା ଏବଂ ଏହାକୁ ଗମ୍ଭୀରତାର ସହ ଗ୍ରହଣ କଲେ ?**

- କବିତା ହେଉଛି ଏକ ଗମ୍ଭୀର ବିଷୟ । କବିତାରେ ଅନେକ କିଛି ରହିଛି । ଭାଷାର ବ୍ୟବହାର କ୍ଷେତ୍ରରେ କବିତା ସବୁବେଳେ ସୁନ୍ଦର । ଆପଣ ଯଦି ଲୋକମାନଙ୍କ ବିଷୟରେ ଚିନ୍ତା କରିବେ, ସେମାନଙ୍କର ସମସ୍ୟା, ସେମାନଙ୍କର ଦୁଃଖ ଦୁର୍ଦ୍ଦଶା, ସ୍ୱାଧୀନତାର ଅଭାବ କଥା ଭାବିବେ ଏବଂ ଏସବୁ କଥା ଯଦି କବିତା ମାଧ୍ୟମରେ କରାଯାଏ, ତା'ହେଲେ କବିତା ହେଉଛି ଏକ ସଂପୂର୍ଣ୍ଣ ସାମାଜିକ, ଦାର୍ଶନିକ ଓ କଳାତ୍ମକ ଭାବନା ବା କାର୍ଯ୍ୟ । ଏଇଠି ଆଉ ଗୋଟେ କଥା କହିଦିଏ, ଅନେକ ଲୋକ ମୋର ପ୍ରେରଣାର ଉତ୍ସ ସଂପର୍କରେ ପଚାରନ୍ତି । ତେବେ ଗୋଟିଏ କଥା କହିଲେ ଠିକ୍ ହେବ ଯେ, ମୁଁ ସବୁବେଳେ ପ୍ରେରଣାକୁ ଅନୁସରଣ କରିଥାଏ । ବର୍ତ୍ତମାନ ମୋର କବିତା ହେଉଛି ସତ୍ୟର ଫଳ ।

ବିଶ୍ୱ ସମ୍ବିଧାନ ଓ ସଦଭାବ ଉପରେ ଆଧାରିତ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ଏକ ବିଶ୍ୱ-ଅନୁବନ୍ଧ ମଧ୍ୟରେ ଆଲୋଚନା

ପ୍ରଫେସର୍ ଆର୍ନେଷ୍ଟୋ କାହାନ

ଉପସ୍ଥିତ ସଜ୍ଜନ ଓ ମହିଳାମାନେ !

ବର୍ତ୍ତମାନର ମାନବ ସମାଜ ଏହାର ଇତିହାସରେ କେବେ ଦୁଇଟି ବାସ୍ତବ ବିରୋଧୀ ସମ୍ଭାବନା ମଧ୍ୟରେ ନ ଥିଲା । ଗୋଟିଏ ପକ୍ଷରେ ଆଣବିକ ଅସ୍ତ୍ର ପ୍ରୟୋଗ ଦ୍ୱାରା ବା ଧୀରେଧୀରେ ପରିବେଶ ନଷ୍ଟ ହେବା ଦ୍ୱାରା, ପୃଥିବୀ ପୃଷ୍ଠରେ ଜୀବନ ସଂପୂର୍ଣ୍ଣ ବିନାଶ ହେବା ସମ୍ଭାବନାର ସମ୍ମୁଖୀନ ହୋଇଛି । ଅନ୍ୟପକ୍ଷରେ ଯେହେତୁ ମାନବ ସଭ୍ୟତା ଆବଶ୍ୟକ ବିକାଶର ଚରମ ସୀମାରେ ପହଞ୍ଚିସାରିଛି, ସେହି ଦୃଷ୍ଟିରୁ ବର୍ତ୍ତମାନ ବିଶ୍ୱରୁ କ୍ଷୁଧା ସଂପୂର୍ଣ୍ଣ ଦୂର କରିବା ସମ୍ଭବ, କିଛି ବର୍ଷ ପୂର୍ବରୁ ଏକଥା ବିଶ୍ୱାସ କରି ହେଉନଥିଲା ଏବଂ ଦେଶ-ଦେଶ ମଧ୍ୟରେ ଶାନ୍ତିପୂର୍ଣ୍ଣ ସଂପର୍କ ସୁନିଶ୍ଚିତ କରିବା ଦିଗରେ ସଦ୍‌ଭାବ ପାଇଁ ବିଶ୍ୱ ଅନୁବନ୍ଧନ ହାସଲ କରିବା କଥାକୁ ମଧ୍ୟ ବିଶ୍ୱାସ କରି ହେଉ ନ ଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ କିମ୍ବା ତଥାକଥିତ ଶୀତଳ ଯୁଦ୍ଧ ସମୟରେ ମଧ୍ୟ ଏହାକୁ ପୂର୍ବାନୁମାନ କରିବା ସମ୍ଭବ ହେଉ ନଥିଲା ।

ସହନଶୀଳତା ଦ୍ୱାରା ସଦ୍‌ଭାବନାର ଏଭଳି ଏକ ବିଶ୍ୱ ଅନୁବନ୍ଧନ ହାସଲ କରାଯାଇପାରେ, ଯାହାକୁ ବ୍ୟବସ୍ଥାର ପ୍ରତ୍ୟେକ ଅଂଶ କିମ୍ବା ଅଂଶ ସମୂହ ବୁଝାମଣା ଭିତ୍ତିରେ ଏହାକୁ ଗ୍ରହଣ କରିଥାନ୍ତି । ଦେଶ-ଦେଶ ମଧ୍ୟରେ ଏବଂ ରାଜନୈତିକ ବୁଝାମଣା ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ସଦ୍‌ଭାବନାର ମୂଳମନ୍ତ୍ର ହେବା ଉଚିତ । ସଦ୍‌ଭାବନା କେବେ ବି ସର୍ବକାଳୀନ ଓ ସଂପୂର୍ଣ୍ଣ ହୋଇ ନ ପାରେ, କିନ୍ତୁ ଯଦି ମାନବ ସଭ୍ୟତାକୁ ତିଷ୍ଠି ରହିବାର ଅଛି, ତେବେ ବର୍ତ୍ତମାନ ପରିସ୍ଥିତିରେ ମାନବ ସଭ୍ୟତା ପାଇଁ ସଦ୍‌ଭାବନାର ଆବଶ୍ୟକତା ରହିଛି ।

ସହନଶୀଳତା ଉପରେ ପର୍ଯ୍ୟବସିତ ସଦ୍‌ଭାବନା ବିଚାର ନୂଆ ନୁହେଁ । ଆମେ ଯଦି ଏକ ନିର୍ଦ୍ଦିଷ୍ଟ ଡାଞ୍ଚାକୁ ଫେରିଯିବା, ତେବେ ସହନଶୀଳତା ଉପରେ ପର୍ଯ୍ୟବସିତ ସଦ୍‌ଭାବନାର ଚିନ୍ତାଧାରା ଦେଖିବାକୁ ପାଇବା । ୧୬୭୯ରୁ ୧୬୯୦ ମଧ୍ୟରେ ଜନ୍ ଲକି ଲେଖିଥିବା 'ଏ ଲେଟର୍ କନ୍‌ସର୍ଣ୍ଣିଂ'ରେ ଧର୍ମୀୟ ସ୍ୱାଧୀନତା ପ୍ରତି ସ୍ୱାଧୀନତା ଓ ସହନଶୀଳତାର ମାତ୍ରା ଉପରେ ଗୁରୁତ୍ୱ ଦେଇଥିଲେ । ଏଥିରେ ସେ ଉତ୍କୃଷ୍ଟ ସହନଶୀଳତାର ରାଜନୈତିକ ଓ ଦାର୍ଶନିକ ପ୍ରଭାବ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେବେଠାରୁ ସେହି ବିଚାରଧାରା ଆମେରିକା, ଫରାସୀ ବିପ୍ଲବ ଓ ବିଭିନ୍ନ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନରେ ବହୁ କିମ୍ବା ଅଳ୍ପ ମାତ୍ରାରେ ଦେଖିବାକୁ ମିଳିଥାଏ । ପରବର୍ତ୍ତୀ ସମୟରେ ଭୋଲ୍‌ଟାୟାରଙ୍କ 'ଟ୍ରିଏଟାଇଜ୍ ଅନ ଟଲରେସନ୍' (୧୭୬୩) ପୁସ୍ତକ ସୂଚୀତ କରେ ଯେ, ଗ୍ରୀକ୍ ଏବଂ ପୁରାତନ ସଭ୍ୟ ଲୋକମାନେ ସ୍ୱାଧୀନ ଚିନ୍ତାଧାରାରେ ବାଧା ସୃଷ୍ଟି କରୁ ନ ଥିଲେ । ଗ୍ରୀକ୍‌ମାନେ ଅତି ଧର୍ମୀୟ ଥିଲେ, ସେମାନେ ଏପିକୁରିଆନ୍‌ଙ୍କୁ ମଧ୍ୟ ଗ୍ରହଣ କରିନେଇଥିଲେ, ଯିଏ ଆତ୍ମାର ସତ୍ତା ଏବଂ ପୂଜାକୁ ଅସ୍ୱୀକାର କରୁଥିଲେ । ଭୋଲ୍‌ଟାୟାର ତାଙ୍କ ପୁସ୍ତକର ୨୨ତମ ଅଧ୍ୟାୟରେ ବିଶ୍ୱ ସହନଶୀଳତା ଉପରେ ଲେଖିଥିଲେ, "ପ୍ରତ୍ୟେକ ଖ୍ରୀଷ୍ଟିଆନ୍‌ଙ୍କ ମଧ୍ୟରେ ସହନଶୀଳତାକୁ ପ୍ରମାଣ କରିବାକୁ ବିରାଟ କଳାର ଆବଶ୍ୟକ କରେନାହିଁ କିମ୍ବା ବାକ୍‌ପଟୁତାରେ ଭଲଭାବେ ତାଲିମ୍ ପ୍ରାପ୍ତ ହୋଇଥିବା ଆବଶ୍ୟକ ନାହିଁ । ତେବେ ମୁଁ ଆଗକୁ କହିବାକୁ ଯାଉଛି, ଆମେ ସମସ୍ତେ ସମସ୍ତ ମଣିଷଙ୍କୁ ଆମର ଭାଇ ଭାବେ ସମ୍ମାନ ଦେବା ଉଚିତ । ତୁର୍କୀମାନେ ମୋ ଭାଇ ? ଚୀନାମାନେ ମୋ ଭାଇ ? ଇହୁଦୀମାନେ ? ସାୟାମ୍‌ମାନେ ? ହଁ, ବିନା ସନ୍ଦେହରେ ! ଆମେ କ'ଣ ସେହି ସମାନ ପିତାଙ୍କ ସନ୍ତାନ ଏବଂ ସମାନ ଭଗବାନଙ୍କ ସୃଷ୍ଟି ନୁହେଁ କି ?"

ଏପରିକି ଦଲାଇଲାମାଙ୍କ ପରି ବର୍ତ୍ତମାନର ଆଧ୍ୟାତ୍ମିକ ଗୁରୁ ବୁଝାମଣା ଉପରେ ପର୍ଯ୍ୟବସିତ ଆନ୍ତଃ-ଧର୍ମୀୟ ସଦ୍‌ଭାବନା ଓ ସହନଶୀଳତା ସପକ୍ଷରେ ଉତ୍ସାହର ସହ ଲଢ଼େଇ କରିଆସୁଛନ୍ତି । କିନ୍ତୁ, ବର୍ତ୍ତମାନ ସମୟରେ, ଏହି ପ୍ରସଙ୍ଗ ଯେତେବେଳେ ସଂଗୀନ ହୋଇପଡୁଛି, କାରଣ ମାନବ ସଭ୍ୟତା ଏବେ ଯେପରି ଅଛି ପୂର୍ବରୁ ସେଭଳି ନ ଥିଲା । ଏବେ ମାନବ ସଭ୍ୟତା ନିକଟରେ ପୃଥିବୀ ପୃଷ୍ଠର ସମସ୍ତ ଲୋକଙ୍କୁ ଖାଦ୍ୟ, ପିଇବା ପାଇଁ ପାଣି, ଶିକ୍ଷାଲାଭ, ଗଣଯୋଗାଯୋଗ ଓ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟ ହାସଲ କରିବାର କ୍ଷମତା ରହିଛି । ଏହି ଲକ୍ଷ୍ୟ ଯାହା ସମସ୍ତ ଐତିହାସିକ ଯୁଗରେ ଅସମ୍ଭବ ଥିଲା, ଆଜି ଏସବୁ ହାସଲ୍ ହୋଇପାରୁଛି । କାରଣ ଏଥିପାଇଁ ଆବଶ୍ୟକ ସମ୍ବଳ ରହିଛି । ଆହୁରି ମଧ୍ୟ ବର୍ତ୍ତମାନ ପରି ପୃଥିବୀରୁ ଜୀବସତ୍ତା

e-News & Magazine

ଲୋପ କରିଦେବା ଭଳି ସବୁକିଛିକୁ ଧ୍ୱଂସ କରିଦେବାର କ୍ଷମତା ପୂର୍ବରୁ ନ ଥିଲା। ଏଥିପାଇଁ ଆମେ ପରମାଣୁ ଅସ୍ତ୍ର ପ୍ରତିଯୋଗିତା ଏବଂ ପ୍ରାକୃତିକ ସମ୍ପଦର ମନଇଚ୍ଛା ବ୍ୟବହାର ଭଳି ଅପରାଧ ଘଟାଇ ଚାଲିଛେ।

ପୃଥିବୀ ପୃଷ୍ଠରେ ତିଷ୍ଠି ରହିବା ପାଇଁ ହେଲେ ଆମକୁ ନିଶ୍ଚିତ ଭାବେ ବିଶ୍ୱ ଶାନ୍ତି ଲକ୍ଷ୍ୟ ହାସଲ କରିବାକୁ ପଡ଼ିବ। ଆମକୁ ବିଶ୍ୱ ଶାନ୍ତି ହାସଲ କରିବାକୁ ହେଲେ ଆମେ ସଦ୍‌ଭାବନା ଉପରେ ପ୍ରତିଷ୍ଠିତ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ବିଶ୍ୱ ସମୁଦାୟକୁ ରାଜି କରାଇବାକୁ ପଡ଼ିବ। ସଦ୍‌ଭାବନା ଉପରେ ଆଧାରିତ ବିଶ୍ୱ ରାଜିନାମା ହାସଲ କରିବାକୁ ହେଲେ ଆମ ମଧ୍ୟରେ ସହନଶୀଳତା ରହିବା ଉଚିତ। ସହନଶୀଳତାକୁ ବାଦ ଦେଲେ ଆମେ ସଦ୍‌ଭାବନା ଓ ଶାନ୍ତି ପାଇଁ ଗଠିତ ସଂଗଠନକୁ ମଧ୍ୟ ଧ୍ୱଂସ କରିଦେବା।

ଯଦିଓ ସଂଘର୍ଷ ଓ ଶତ୍ରୁତାର ସମାଧାନ ସଂପୃକ୍ତ ସରକାର, ମିଳିତ ଜାତିସଂଘ ଭଳି ଅନ୍ତର୍ଜାତୀୟ ଏଜେନ୍‌ସିମାନଙ୍କର ତତ୍‌କାଳ ଦାୟିତ୍ୱ। ଦେଖାଯାଇଛି ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥା ଏବଂ ବ୍ୟକ୍ତିବିଶେଷମାନେ ଏଭଳି ଶତ୍ରୁତାର ସମାଧାନ ପାଇଁ ଅଲଗା ଅଲଗା ଦିଗରେ ସେମାନଙ୍କର ବ୍ୟାପକ ଅବଦାନ ରହିଛି। ଅଧିକରୁ ଅଧିକ ଏହି ଚ୍ୟାଲେଞ୍ଜକୁ ସ୍ୱୀକାର କରୁଛନ୍ତି। ଆହୁରି ମଧ୍ୟ ଯେତେବେଳେ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ବିବାଦ ଏକ ଶିଥିଳ ସ୍ଥିତିରେ ରହିଯାଏ ଏବଂ ଘରୋଇ ରାଜନୈତିକ କାରଣ ଯୋଗୁଁ ସେମାନଙ୍କର ଆତଯାତ ସୀମିତ ହୋଇଯାଏ, ସେତେବେଳେ ଘୃଣା, ଦ୍ୱେଷ, ଭୁଲ୍ ଧାରଣା, ଦ୍ୱନ୍ଦ୍ୱ, ଜିଦ୍ ଓ ବିଶ୍ୱାସର ଅଭାବ ଆଦି ଜାତୀୟ ଓ ଆନ୍ତର୍ଜାତୀୟ ମଧ୍ୟସ୍ଥି ଏବଂ ଶାନ୍ତିରକ୍ଷାକାରୀ ମିଶନ ଆଦି ସମସ୍ତ ପ୍ରକାର ସାମାଜିକ ସମ୍ବଳର ହସ୍ତକ୍ଷେପକୁ ବନ୍ଦ କରିଦେଇଥାଏ।

ବିଶ୍ୱ ମହାସଂଘର ସମ୍ବିଧାନ ଅନୁସାରେ ବିଶ୍ୱ ମହାସଂଘ ଗଠନର ସୁଯୋଗ ଏ ପ୍ରକାର ଲକ୍ଷ୍ୟ ହାସଲ୍‌ରେ ସ୍ୱତନ୍ତ୍ର ହେବ। ବିଶ୍ୱ ସଂବିଧାନ ଏବଂ ସଂସଦ ସଂଘ, ଏହି ସମ୍ମିଳନୀର ଏକ ପୃଷ୍ଠପୋଷକ ୧୯୫୮ ମସିହାରୁ ଏହି ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରି ଆସୁଛି। ବର୍ତ୍ତମାନ ସେମାନେ ବିଶ୍ୱ ସଂସଦକୁ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରସ୍ତାବ ଦେଉଛନ୍ତି, ଯାହା ବିଶ୍ୱ ସମ୍ବିଧାନ ଦ୍ୱାରା ଆମର ବିଶ୍ୱ ସାମାଜିକ ଅନୁବନ୍ଧନ ଭାବେ ବ୍ୟାଖ୍ୟା କରାଯାଇଛି।

ଏହା ସହିତ 'ସୋସିଆଲ୍ କଣ୍ଟ୍ରାକ୍ଟ' (୧୭୬୨) ଯେଉଁ ପୁସ୍ତକରେ ରୁସୋଉ ବାଣିଜ୍ୟିକ ସମାଜର ସମସ୍ୟା ସମାଧାନ ଦିଗରେ ପଥ ପ୍ରଦର୍ଶନ କରିଛନ୍ତି, ଏହା ଶାନ୍ତି ଓ ସୌହାର୍ଦ୍ଦ୍ୟ ପାଇଁ ଏକ ନୂତନ ସାର୍ବଜନୀନ ଅନୁବନ୍ଧ, ପୃଥିବୀରେ ମାନବବାଦ ଓ ଜୀବସତ୍ତା ଅତିକମ୍‌ରେ ନିକଟ ଭବିଷ୍ୟତ ପାଇଁ ସୁରକ୍ଷିତ ରଖିବାକୁ ମୁଁ ପ୍ରସ୍ତାବ ଦେଉଛି। ୟୁରୋପରେ ରାଜନୈତିକ ସଂସ୍କାର କିମ୍ବା ବିପ୍ଳବକୁ ଅନୁପ୍ରାଣିତ କରିବାରେ ଏହି ସାମାଜିକ ଅନୁବନ୍ଧ ସାହାଯ୍ୟ କରିଥିଲା। ଶାନ୍ତି ଓ ସୌହାର୍ଦ୍ଦ୍ୟ ପାଇଁ ଏହି ନୂତନ ବିଶ୍ୱ ଅନୁବନ୍ଧ ଆବଶ୍ୟକ ବିଶ୍ୱ ସମ୍ବିଧାନର ପରିଣାମ କିମ୍ବା ଅନୁପ୍ରେରକ ହୋଇପାରେ।

ଏହାର କାର୍ଯ୍ୟକାରିତା ପାଇଁ ଭରସା ହେଉଛି ସବୁଠାରୁ ମୁଖ୍ୟ ବିଷୟ, ଅନ୍ୟମାନଙ୍କ ସାଧୁତା ଓ ବିଶ୍ୱସନୀୟତା ଉପରେ ଭରସା ଏବଂ ମଧ୍ୟସ୍ଥତା ହେଉଛି ଏହାର ପରିଚାଳନା ସହଯୋଗୀ। ଏଲ୍ ଲିଓନ୍‌ଙ୍କ ଭାଷାରେ, "ମଧ୍ୟସ୍ଥତା ହେଉଛି ଏକ ପ୍ରକ୍ରିୟା ଯାହାର ପ୍ରଥମ ଲକ୍ଷ୍ୟ ହେଉଛି ଭ୍ରାନ୍ତ ଧାରଣା, ପକ୍ଷପାତିତା ଓ ତର୍କହୀନ ଭୟ ଆଦି ବାଧାକୁ ଦୂର କରିବା। ଯାହା କି ଦେଶ-ଦେଶ ମଧ୍ୟରେ ବିବାଦାତ୍ମକ ବୈଠକରେ ଲୋକମାନଙ୍କ ସହ ଗଠନମୂଳକ ଆଲୋଚନା, ଯଥା: ଦ୍ୱନ୍ଦ୍ୱ ଦୂର କରିବା ପାଇଁ ମଧ୍ୟସ୍ଥିଙ୍କ ହସ୍ତକ୍ଷେପରେ ବାଧା ସୃଷ୍ଟି କରିଥାଏ। ଏହି ପ୍ରାଥମିକ ଦାୟିତ୍ୱ ସଫଳ ହେବା, ମଧ୍ୟସ୍ଥଙ୍କୁ ସୂତ୍ରଧର ଭାବେ କାର୍ଯ୍ୟ କରିବା, ବିବାଦ କରୁଥିବା ଗୋଷ୍ଠୀଙ୍କୁ ଅନୁମତି ଦେବା, ସାମ୍ନା ସାମ୍ନି ଆଲୋଚନା କରିବା, ଆଧାରଭୂତ କାର୍ଯ୍ୟ କରିବା ଆଦି ଜରିଆରେ ଅନେକ କିଛି ସମସ୍ୟାର ସମାଧାନ କରାଯାଇପାରିବ। ବିବାଦ ସୃଷ୍ଟି କରୁଥିବା ଦେଶମାନଙ୍କ ଦ୍ୱାରା ଆଲୋଚନା କରିବା ପାଇଁ ଅନୁରୋଧ କରାନଯିବା ପର୍ଯ୍ୟନ୍ତ ମଧ୍ୟସ୍ଥି ସିଧାସଳଖ ଆଲୋଚନା କରିବା ଉଚିତ ନୁହେଁ; କାରଣ ପେଶାଗତ କୂଟନୀତିଜ୍ଞ ଓ ରାଜନୈତିକ ବ୍ୟକ୍ତିମାନେ ହିଁ ସିଧାସଳଖ ଆଲୋଚନା କରିଥାନ୍ତି।"

ତେଣୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସହିଷ୍ଣୁତା, ଅତ୍ୟନ୍ତ ଅସନ୍ତୋଷ ବା ଅସୁବିଧାରେ ସଂପୃକ୍ତି ହେବା କ୍ଷେତ୍ରରେ ଆମେ ସଚେତନ ହେବା ଉଚିତ। କାରଣ ସେମାନେ ଜୀବନ ଧାରଣ ସହ ବଞ୍ଚିବା ପାଇଁ ସବୁକିଛି ତ୍ୟାଗ କରିଦେଇଥାନ୍ତି। ତାହା ଆମ ପାଇଁ ବା ଆମ ସଂସ୍କୃତି ପାଇଁ ଉଚିତ ସାବ୍ୟସ୍ତ ହୁଏ ନାହିଁ ଏବଂ ସାଧାରଣତଃ ଆମେ ଯେମିତି ଆଶା କରୁଛୁ ସେମିତି ହୋଇନଥାଏ।

ଏକ ସାମାଜିକ ଅନୁବନ୍ଧନର ଚାହିଦାରୁ ମିଳୁଥିବା କେତେକ ଉପକାର ସହନଶୀଳତା ନିଶ୍ଚିତ ଭାବେ ତର୍କସଙ୍ଗତ ପ୍ରତିକ୍ରିୟା ହେବା ଉଚିତ। ଉଭୟ ଉଭୟକୁ ସହନଶୀଳତାର ସହ ଦେଖିଲେ, ଏହାର ପରିଣାମସ୍ୱରୂପ, ଉଭୟ ଦେଶ ମଧ୍ୟରେ ଫଳପ୍ରଦ ରାଜିନାମାର ସକାରାତ୍ମକ ପରିଣାମ ମିଳିଥାଏ।

(ପ୍ରଫେସର ଆର୍ନେଷ୍ଟୋ କାହାନଙ୍କ ପ୍ରଦତ୍ତ ଏକ ଅଭିଭାଷଣର ଓଡ଼ିଆ ଅନୁବାଦ)

କବିତା ପାଇଁ ମୁଁ ପ୍ରତ୍ୟେକଟି କାର୍ଯ୍ୟକ୍ରମ ନିଖୁଣ ଭାବେ ସ୍ଥିର କରିଥାଏ। କିଭଳି ଭାବେ, କେଉଁ ଶୈଳୀରେ ଲେଖାଯିବ- ଏ ନେଇ ମୁଁ ମୋ କବିତା ପାଇଁ ଏକ ସଂପୂର୍ଣ୍ଣ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥାଏ। ଗୋଟିଏ କବିତା ବଡ଼ ହୋଇପାରେ କିମ୍ବା ଛୋଟ ବି ହୋଇପାରେ। ମୁଁ ଲେଖେ, ଅଧିକାଂଶ ସମୟରେ କମ୍ପ୍ୟୁଟରରେ ଟାଇପ୍ କରେ, ଏହାର ପ୍ରିଣ୍ଟ୍ ବାହାର କରିଥାଏ। ତା'ପରେ ଦିନେ ବା ଦୁଇଦିନ ପାଇଁ ଏହାକୁ ଛାଡ଼ି ଦେଇଥାଏ। ପ୍ରିଣ୍ଟ୍ କରାଯାଇଥିବା କାଗଜରେ ମୁଁ କବିତାର ସମ୍ପାଦନା କରିଥାଏ। ଏଥିରେ କିଛି ଯୋଡ଼ିଥାଏ ଅବା କିଛି ସଂଶୋଧନ କରିଥାଏ। କବିତା ଲେଖିବାରେ ମୁଁ ବହୁତ



ଶୃଙ୍ଖଳିତ। ପ୍ରତିଦିନ ମୁଁ ୬ଟାରେ ଉଠେ, କଫି ପିଏ, ବଗିଚାକୁ ଯାଏ, ଫୁଲ ଓ ଗଛ ସହ କଥା ହୋଇଥାଏ। ସେଠାରୁ ଫେରି ମୁଁ କ'ଣ କରିବାକୁ ଚାହୁଁଛି ତାହା ପ୍ରସ୍ତୁତ କରିଥାଏ। ଦୈନିକ୍ ମୁଁ ସାତ/ଆଠ ଘଣ୍ଟା କାମ କରିଥାଏ। ବିଶ୍ୱର ଅନ୍ୟ କବିମାନଙ୍କ କବିତାକୁ ପଢ଼ିବା ଓ ଅଧ୍ୟୟନ କରିବା ପ୍ରତ୍ୟେକ କବି ପାଇଁ ଗୁରୁତ୍ୱପୂର୍ଣ୍ଣ। ମୁଁ ଯେଉଁ ପୁସ୍ତକଟି ଆପଣଙ୍କୁ ଦେଇଛି ତାହା ହେଉଛି ସେଇ ସଂପର୍କିତ।

▸ କବିତା ବ୍ୟତିରେକ ଆପଣ ଅନେକ କ୍ଷେତ୍ର ସହ ଜଡ଼ିତ। ସେସବୁ ଆପଣଙ୍କ ଲେଖାରେ କିଛି ସାହାଯ୍ୟ କରିଥାଏ କି ?

- କବିତା ବ୍ୟତିରେକ ମୋର ଅନ୍ୟ ଏକ କାମ ହେଉଛି ରୋଷେଇ। ପ୍ରତ୍ୟେକ ଦିନ ମୁଁ ରୋଷେଇ କରିବାକୁ ଭଲ ପାଏ। ମୁଁ ମୋ ସ୍ତ୍ରୀ ପାଇଁ ରୋଷେଇ କରେ। ପ୍ରତିଦିନ ମୁଁ ତାଙ୍କୁ ଡାକି, ଆଜି ତମେ କ'ଣ ଖାଇବାକୁ ଚାହୁଁଛ ବୋଲି ପଚାରେ। ତା'ଛଡ଼ା ମୁଁ ମଧ୍ୟ ଚିତ୍ର ଆଙ୍କେ। ମୁଁ କେବଳ ଯେ କବିତା ଲେଖେ ତାହା ନୁହେଁ; ଭାଷା, ଶାନ୍ତି ବିଶେଷତଃ ବର୍ତ୍ତମାନ

eNews & Magazine

ସମୟରେ ଶାନ୍ତି ପାଇବା ପାଇଁ କ'ଣ ସବୁ ସମ୍ଭାବନା ରହିଛି ତାହା ଉପରେ ପ୍ରବନ୍ଧ ଲେଖେ।

▸ 'ଜେନୋସାଇଡ୍' ଆପଣଙ୍କ ରଚିତ ଏକ ବହୁ ପାଠକାଦୃତ ପୁସ୍ତକ। ଏଥିରେ ଆପଣ ଗଣସଂହାର ବା 'ଜେନୋସାଇଡ୍'କୁ ଯେଉଁଭଳି ଭାବେ ସ୍ଥାନୀତ କରିଛନ୍ତି ତାହା ବହୁଳ ପ୍ରଶଂସା ଲାଭ କରିଛି। ଏହି ସ୍ମରଣୀୟ ପୁସ୍ତକ ଲେଖିବା ପାଇଁ ଆପଣଙ୍କ ପ୍ରେରଣା କ'ଣ ଥିଲା ?

- ଏହା ନିଶ୍ଚିତ ଯେ, ମୋ ଲିଖିତ ସମସ୍ତ ବହି ମଧ୍ୟରେ 'ଜେନୋସାଇଡ୍' ହେଉଛି ଅଧିକ ପ୍ରସିଦ୍ଧି ଲାଭ କରିଥିବା ପୁସ୍ତକ। ତେବେ ମୁଁ କହିପାରେ ଯେ, ଅନ୍ୟ ବହିଗୁଡ଼ିକ ପାଠକଙ୍କ ପସନ୍ଦ ଆସିବା ହିଁ ମୋତେ ଏଥିପାଇଁ ମାର୍ଗଦର୍ଶନ କରିଛି। ମୁଁ ଯଦି ବିଂଶ ଶତାବ୍ଦୀର ଏହିସବୁ ଜେନୋସାଇଡ୍‌ର ଘଟଣାକ୍ରମର ଅଂଶବିଶେଷ ହୋଇ ନ ଥାନ୍ତି, ତାହେଲେ ଆଜି ମୁଁ ମୋ ଭଳି ହୋଇ ପାରିନଥାନ୍ତି। ଏହା ସବୁ ମଣିଷମାନଙ୍କ ଯନ୍ତ୍ରଣା। ଅନେକ ଲୋକ ମୋତେ ପଚାରନ୍ତି – ମୁଁ ସ୍ୱଦେଶୀ ଜୀବନ ବିତାଉ ନ ଥିଲି କି? ମୋର କେତେକ ପରିବାର ସଦସ୍ୟ ଜେନୋସାଇଡ୍‌ର ଶିକାର ହୋଇଥିଲେ କି? ଇତ୍ୟାଦି। ମୁଁ କୁହେ- ନା'। କାରଣ ଆର୍ଜେଣ୍ଟିନାରେ ମୁଁ ପ୍ରଥମ ପିଢ଼ି ନୁହେଁ ଏବଂ ଆର୍ଜେଣ୍ଟିନାରେ ଇହୁଦୀମାନେ କଷ୍ଟ ପାଉନଥିଲେ। ମାତ୍ର ଜେନୋସାଇଡ୍ ଏକ ପଦଚିହ୍ନ ଛାଡ଼ି ଯାଇଛି। ଆପଣ ଜାଣନ୍ତି ଏହି ପଦଚିହ୍ନ କ'ଣ? ଆପଣ ଜୀବାଶ୍ମ ଦେଖିଥିବେ। ପଥର ଉପରେ ଜୀବାଶ୍ମର ଚିହ୍ନ ଥାଏ। ତାହା ହେଉଛି ଏକବିଂଶ ଶତାବ୍ଦୀର ପଦଚିହ୍ନ। ଜେନୋସାଇଡ୍‌କୁ ନେଇ ମୁଁ ଏହି ପୁସ୍ତକକୁ ତିନି ଭାଗରେ ବିଭକ୍ତ କରିଛି। ଗୋଟିଏ ଭାଗରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଇହୁଦୀମାନେ ଶିକାର ହୋଇଥିବା ଗଣସଂହାର; ଦ୍ୱିତୀୟ ଭାଗରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ନାଗାସାକି ଓ ହିରୋସିମାର ଗଣସଂହାର ଏବଂ ତୃତୀୟରେ ତୁର୍କୀବାସୀଙ୍କ ଗଣସଂହାର ସ୍ଥାନ ପାଇଛି। ତୁର୍କୀରେ ଲକ୍ଷଲକ୍ଷ ଆର୍ମେନିଆବାସୀଙ୍କୁ ତୁର୍କୀବାସୀ ହତ୍ୟା କରିଥିଲେ। ମାତ୍ର ସେମାନେ ଏହାକୁ ଅସ୍ୱୀକାର କରି କୁହନ୍ତି, "ଆମେ ମାତ୍ର ୧୦ଲକ୍ଷ ମାରି ନ ଥିଲୁ, ଆମେ ୧୦୦ ହଜାର ହତ୍ୟା କରିଥିଲୁ।" ତେଣୁ ମୋର ପ୍ରଶ୍ନ ହେଉଛି, ଗଣସଂହାରରେ କେତେ ଲୋକ ମରିଥିଲେ? ଚତୁର୍ଥ ଗଣସଂହାର ଏବେ ବି ଚାଲୁରହିଛି। ବର୍ତ୍ତମାନ ସମୟରେ ହେଉଥିବା ଗଣସଂହାରରେ ଲାଟିନ୍ ଆମେରିକା, ଆଫ୍ରିକା ଓ ଦକ୍ଷିଣ ଏସିଆର ଅନେକ ସ୍ଥାନରେ ଶିଶୁ, ପୁରୁଷ, ମହିଳା ଏବଂ ଗରିବ ଲୋକଙ୍କୁ ହତ୍ୟା କରାଯାଉଥିବା ଦେଖିବାକୁ ମିଳୁଛି। ବହୁଦିନ ପୂର୍ବରୁ, ବେଶୀ ଦିନ ନୁହେଁ, ୧୯୫୦ ପୂର୍ବରୁ ଚୀନରେ ମଧ୍ୟ ଏଭଳି ଗଣସଂହାର ଆମେ ଦେଖିବାକୁ ପାଇଥିଲେ। ଏ ଦୃଷ୍ଟିରୁ ଭାରତ ଭାଗ୍ୟବାନ। ଆପଣଙ୍କ ଦେଶରେ ଏଭଳି ଗଣସଂହାର ଦେଖିବାକୁ ମିଳେନାହିଁ। ଆପଣଙ୍କ ଦେଶରେ ଗରିବୀ ରହିଛି, କିନ୍ତୁ ଏଭଳି ଜଘନ୍ୟ ସାମାଜିକ ଅପରାଧ ନାହିଁ। ଜଳ, ଖାଦ୍ୟ, ପ୍ରାଥମିକ ଯତ୍ନ ଓ ମୌଳିକ ଶିକ୍ଷାର ଅଭାବ ଯୋଗୁଁ ପ୍ରତ୍ୟେକ ଦିନ ଶିଶୁ ମୃତ୍ୟୁବରଣ କରୁଛନ୍ତି। ଯଦି ଆମେ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେଇପାରିବା, ତେବେ ଆମେ ବିଶ୍ୱରେ ପରମାଣୁ ଅସ୍ତ୍ର ପ୍ରତିଯୋଗିତାକୁ ରୋକି ଦେଇପାରିବା।

▸ ବିଶ୍ୱ ଶାନ୍ତି, ମୈତ୍ରୀର ପ୍ରଚାର ପ୍ରସାର ପାଇଁ ଆପଣ ଯେଉଁସବୁ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି ସେଥିପାଇଁ ଆପଣ ବହୁ ପୁରସ୍କାର ଓ ସମ୍ମାନ ପାଇଛନ୍ତି। ଏହା ଆପଣଙ୍କ କାର୍ଯ୍ୟକୁ କେତେ ପ୍ରୋତ୍ସାହିତ କରିଆସିଛି ?

କବିତାରେ ମାତୃଭୂମିର ଭାବନା : ଦେଶଭକ୍ତି ବନାମ ରାଷ୍ଟ୍ରବାଦୀ କବିତା

ପ୍ରଫେସର ଆର୍ନେଷ୍ଟୋ କାହାନ୍

ଜର୍ଜ ଓରୱେଲ୍ ଲେଖିଥିଲେ, ଜାତୀୟତାବୋଧ ଏପରି ଏକ ଭାବନା ଯାହା ଜୀବନ ଜିଇବାର କଳା, ଦେଶ କିମ୍ବା ଜାତୀୟ ସମୂହ ହେଉଛି ଅନ୍ୟମାନଙ୍କଠାରୁ ଶ୍ରେଷ୍ଠ। ଅନ୍ୟପକ୍ଷରେ ସେ କହିଥିଲେ, ଦେଶଭକ୍ତି ହେଉଛି ଜୀବନ ଜିଇବା ପାଇଁ ପ୍ରଶଂସା ଅନୁଭବ କରିବା ଇତ୍ୟାଦି। ଏହି ଦୁଇଟି ମଧ୍ୟରେ ପ୍ରତ୍ୟକ୍ଷ ପ୍ରଭେଦ ହେଉଛି- ଦେଶଭକ୍ତି ଏକ ନିଷ୍କ୍ରିୟ ମନୋଭାବ ଏବଂ ଜାତୀୟବାଦ ହେଉଛି ଆକ୍ରମଣାତ୍ମକ ସ୍ୱଭାବ।

କବିତା ହେଉଛି ଯନ୍ତ୍ରଣା, ପ୍ରେମ, ଆନନ୍ଦର ଭାବ ପ୍ରକାଶ କରିବା। ଆମ ଶରୀରରେ ରକ୍ତ ସଂଚାଳନ, ଉତ୍ତାପ, ଚକ୍ଷୁର ଉଜ୍ଜ୍ୱଳତା, ମୁଖମଣ୍ଡଳ ମାଂସପେଶୀ, ହର୍‌ମୋନ୍‌ର ପ୍ରବାହ, ଲୁହ ଓ ଲାଳର ଉତ୍ପତ୍ତି, ଯୌନାଙ୍ଗର ଉତ୍ତେଜନ, ନିଶ୍ୱାସ ପ୍ରଶ୍ୱାସରେ ପରିବର୍ତ୍ତନ ସହ ଆମ ଶରୀର ବିଭିନ୍ନ ପ୍ରକାର ପ୍ରତିକ୍ରିୟା ପ୍ରକାଶ କରିଥାଏ। ଏ ସବୁର କାରଣ ହେଉଛି ଆମ ଶରୀରରେ ରହିଥିବା ଏଣ୍ଡୋର୍ଫିନ୍ ଯାହାକି ଏସବୁ ଶାରୀରିକ ପ୍ରତିକ୍ରିୟା ଉତ୍ପନ୍ନ କରିଥାଏ।

ସାହିତ୍ୟ ଏବଂ ଅନ୍ୟାନ୍ୟ କଳାରେ ପ୍ରେମରୁ ପ୍ରକୃତିବାଦ ରାସ୍ତାରେ ପ୍ରକୃତି ସହ ସାମଞ୍ଜସ୍ୟ ଓ ମାତୃଭୂମିର ଉତ୍‌ଥାନ ଏକ ପ୍ରମୁଖ ପ୍ରସଙ୍ଗ ଥିଲା, ଯାହାକି ୧୮୫୦ରୁ ୧୯୦୦ ମଧ୍ୟରେ ଦେଖିବାକୁ ମିଳିଥିଲା।

ଫ୍ରାନ୍ସରେ ବିଚାର କରାଯାଉଥିଲା ଯେ, ଯଥାର୍ଥବାଦୀ ଲେଖକଙ୍କ ଉଦ୍ଦେଶ୍ୟ ହେଉଛି ରୋମାଣ୍ଟିକ୍ କଳ୍ପନାର ବିପରୀତ ସାମାଜିକ ବାସ୍ତବତାର ପ୍ରସ୍ତୁତି। ଏହା ସମ୍ପୂର୍ଣ୍ଣ ଠିକ୍ ନୁହେଁ, କାରଣ ଭିକ୍ଟର ହ୍ୟୁଗୋଙ୍କ ଭଳି ଅନେକ ରୋମାଣ୍ଟିକ୍ ଲେଖକ ସେମାନଙ୍କ ସମାଜର କ୍ରୁର ବାସ୍ତବବାଦକୁ ଉପସ୍ଥାପନ କରିଥିଲେ।

ଫରାସୀ ଔପନ୍ୟାସିକ ତଥା ସାମ୍ବାଦିକ ଇମାଇଲ୍ ଜୋଲା (୧୮୪୦-୧୯୦୨)ଙ୍କୁ ପ୍ରକୃତିବାଦୀ ଆନ୍ଦୋଳନର ସ୍ରଷ୍ଟା ଭାବେ ବିବେଚନା କରାଯାଏ। ଯେଉଁ ଆନ୍ଦୋଳନ ପରବର୍ତ୍ତୀ ସମୟରେ ୟୁରୋପ ଓ ଆମେରିକାକୁ ବ୍ୟାପୀ ଥିଲା। ସେ ସମୟରେ ଜୋଲା ତାଙ୍କ ଉପନ୍ୟାସ ଓ ଲେଖାରେ ତାଙ୍କ ସମୟର ବାସ୍ତବବାଦକୁ ସ୍ଥାନ ଦେଇଥିଲେ, ଯାହା ତାଙ୍କ ସମୟର ପ୍ରମୁଖ ସିଦ୍ଧାନ୍ତ ଥିଲା। ସେସବୁ ହେଉଛି ବସ୍ତୁବାଦ ଓ ସିଦ୍ଧାନ୍ତବାଦ।

ଏଠାରେ ପାଶ୍ଚାତ୍ୟ ସାହିତ୍ୟରେ ବାସ୍ତବବାଦ ପ୍ରକୃତିବାଦର ଅଧିକ ପ୍ରସିଦ୍ଧ ଓ ପ୍ରମୁଖ ଲେଖକଙ୍କ ତାଲିକା ଦିଆଗଲା। ସେମାନେ ହେଉଛନ୍ତି-

ଷ୍ଟେନ୍ଧାଲ୍ (୧୭୮୩ -୧୮୪୨), ହୋନୋର୍ ଡି ବାଲ୍‌ଜାକ (୧୭୯୯-୧୮୫୦), ଗୁସ୍ତଭେ ଫ୍ଲବର୍ଟ (୧୮୨୧-୧୮୮୦), ଇମାଇଲ୍ ଜୋଲା (୧୮୪୦-୧୯୦୨) ପ୍ରମୁଖ। ସେହିପରି ଇଂଲଣ୍ଡର ଚାର୍ଲସ ଡିକେନ୍ (୧୮୧୨-୧୮୭୦)। ସ୍ପେନ୍‌ର ପେଡ୍ରୋ ଆଣ୍ଟୋନିଓ ଡି ଆଲାର୍‌କନ (୧୮୩୩-୧୮୯୧), ଜୁଆନ୍ ଭାଲେରା (୧୮୨୪-୧୯୦୫), ଜୋସ୍ ମାରିଆ ପେରେଦା (୧୮୩୩-୧୯୦୬), ଭିସେଣ୍ଟ ବାଲାସ୍କୋ ଇବାନେଜ୍ (୧୮୬୭-୧୯୨୮), ଋଷର ଫେଡର ଦସ୍ତୋଭିସ୍କି (୧୮୨୧-୧୮୮୧), ଲିଓ ଟଲ୍‌ଷ୍ଟୟ (୧୮୨୮-୧୯୧୦) ପ୍ରମୁଖ ପ୍ରକୃତିବାଦୀ ଲେଖକ ଥିଲେ।

ଆମେରିକାରେ ସ୍ଥାନୀୟ ଆଦିବାସୀ ମୁଖ୍ୟଙ୍କ ଦ୍ୱାରା ଜନ୍ମଭୂମିର ଭାବନାକୁ ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି। 'ଇନ୍‌ସ୍ପାଏରେସନ୍'ରେ ପ୍ରକାଶିତ କେତେକ ଉଦାହରଣ ନିମ୍ନରେ ପ୍ରଦାନ କରାଗଲା।

ଚିଫ୍ ସିଟିଲ୍ (୧୭୮୬-୧୮୬୬):

ପୃଥିବୀ ଆମର ନୁହେଁ, ଆମେ ପୃଥିବୀର; ସମସ୍ତେ ପରସ୍ପର ସହ ବାନ୍ଧି ହୋଇ ରହିଛନ୍ତି, ଯେପରି ରକ୍ତ ସଂପର୍କ ଗୋଟିଏ ପରିବାରକୁ ବାନ୍ଧି ରଖିଥାଏ। ପୃଥିବୀ ଉପରେ

e-News & Magazine

ଯାହା ଘଟିଥାଏ ତାହା ପୃଥିବୀର ସନ୍ତାନଙ୍କ ଉପରେ ଘଟିଥାଏ। ଆମେ ଜୀବନର ଜାଲ ବୁଣି ପାରିବା ନାହିଁ। ଆମେ କେବଳ ଏହାର ଗୋଟିଏ ଗୋଟିଏ ଅଂଶ।

ଚିଫ୍ ସିଟିଂ ବୁଲ୍ (୧୮୩୧-୧୮୯୦):

ପୃଥିବୀ ସୂର୍ଯ୍ୟଙ୍କ ଆଲିଙ୍ଗନ ଲାଭ କରିଛି ଏବଂ ଆମେ ଖୁବ୍ ଶୀଘ୍ର ସେହି ପ୍ରେମର ଫଳ ଦେଖିବାକୁ ପାଇବା। ପ୍ରତ୍ୟେକଟି ବୀଜ ଯେପରି ଅଙ୍କୁରିତ ହୋଇଥାଏ, ପ୍ରତ୍ୟେକ ପଶୁଙ୍କ ଜୀବନରେ ସେହିପରି ହୋଇଥାଏ। ଏହା ସେହି ରହସ୍ୟଜନକ ଶକ୍ତି ମାଧ୍ୟମରେ ହିଁ ହୋଇଥାଏ ଏବଂ ତେଣୁ ଏଭଳି ଭାବେ ଆମେ ଆମ ପରିବାର ବୃଦ୍ଧି ଘଟାଇଥାଉ। ପଶୁମାନେ ମଧ୍ୟ ସେହିପରି ଭାବେ ସେମାନଙ୍କ ପରିବାର ବଢ଼ାଇଥାଆନ୍ତି। ଏହି ପୃଥିବୀରେ ଆମର ବଞ୍ଚିବାର ଅଧିକାର ଯେପରି ରହିଛି, ସେମାନଙ୍କର ମଧ୍ୟ ବଞ୍ଚିବାର ଅଧିକାର ରହିଛି।

ଆଫ୍ରିକାରେ ମାତୃଭୂମିର ଭାବନା ଉପରେ ଲିଖିତ ଉଦାସୀନ କବିତାର ଏକ ଉତ୍ତମ ଉଦାହରଣ ଆମେ ରିଚାର୍ଡ ନୋଲିଙ୍କ ଦ୍ୱାରା ଲିଖିତ କବିତାର ନିମ୍ନ ଉଦ୍ଧୃତାଂଶରୁ ପାଇପାରିବା-

ଜଷ୍ଟ ଲାଇକ୍ ମି
ଜଷ୍ଟ ଲାଇକ୍ ମି
ଉଇ ଆର୍ ସେମ୍
ଉଇ ଅଲ୍ ଆର୍ ଫ୍ରମ୍ ଆଫ୍ରିକା
ସମ୍ ୱାଜ୍ ଷ୍ଟୋଲେନ୍ ଆୱେ
ସମ୍ ଆନ୍‌ସେଷ୍ଟର୍‌ସ ମାଇଗ୍ରେଟେଡ୍
ସମ୍ ଷ୍ଟେଡ୍ ବ୍ୟାକ୍ ହୋମ୍
ଜଷ୍ଟ ଲାଇକ୍ ମି।

ଯେଉଁ କବିମାନେ ପୃଥିବୀପୃଷ୍ଠର ଜୀବନର ସୁରକ୍ଷା ଓ ପରିବେଶ ସଂରକ୍ଷଣ ପାଇଁ ତ୍ୟାଗ ଏବଂ ଉତ୍ସାହ ଦେଖାଇଛନ୍ତି ସେମାନେ 'ଗାୟା' କିମ୍ବା 'ଜିଏ', ଗ୍ରୀସ୍‌ର ପୁରାତନ ଦେବୀ ଯିଏକି ଧରଣୀ ମାତାର ଅବତାର, ଯିଏକି ରୋମାନ୍‌ର ଇନ୍‌କା ଲୋକଙ୍କ 'ତେରା ମାତର' ବା 'ପାଚା ମାମା'ଙ୍କ ସମକକ୍ଷ ଥିଲେ। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ଗ୍ରୀକ୍ କବି ଥିଓକ୍ରିଟସ୍ ଗ୍ରାମ୍ୟ ଜୀବନର ସରଳତାକୁ ପ୍ରଶଂସା କରି ସୁଖଦ ଜୀବନ ଉପରେ ଲେଖା ଆରମ୍ଭ କରିଥିଲେ।

ଏହାର ଏକ ଉଦାହରଣ ନିମ୍ନରେ ମୋ କବିତାର ଉଦ୍ଧୃତାଂଶରେ ବର୍ଣ୍ଣନା କରିଛି-

ଗାୟା...ଲ୍ୟାଣ୍ଡ... ମଦର...
ଆଫ୍‌ଟର୍ ଦି ଚାଓଜ୍
ଇନ୍ ମାଇଁ ନାଇଟ୍‌ସ ଅଫ୍ ଗ୍ରେ ମୁନ୍
ଆଇ ୱାକ୍ ୟୋର ରୋଡ୍‌ସ ଉଇଥ ରେଡ୍ କେପ୍‌ସ ଅଫ୍ ମଡ୍
ଆଣ୍ଡ ମାଉଣ୍ଟେନ୍‌ସ କର୍ଭଡ୍ ହୁଇଚ୍ ଲଭ

"ମେ ବି ଟୁମୋରୋ ଉଇଲ୍ ବି:
ରିକ୍ୟୁଇଏମ୍ ଫର୍ ଦି ଲିଭ୍‌ସ,
ଏଣ୍ଟ୍ରୋପି ଏମୋଙ୍ଗ ଦି ଡଲ୍‌ଫିନ୍‌ସ..
ବ୍ୟୁରିଆଲ୍ ଏମୋଙ୍ଗ ଦି ପ୍ଲାଣ୍ଟ୍‌ସ... ଟୁ ଦି ଏଣ୍ଡ ଅଫ୍ ଗାୟା..."

ହଁ, ଆମ ସଭ୍ୟତା କେବେ ବି ଏହାର ଇତିହାସରେ, ଦୁଇଟି ପରସ୍ପର ବିରୋଧୀ ସମ୍ଭାବ୍ୟ ମଧ୍ୟରେ ନ ଥିଲା। ଗୋଟିଏ ପକ୍ଷରେ ପରମାଣୁ ଅସ୍ତ୍ରଶସ୍ତ୍ରର ବ୍ୟବହାର ଦ୍ୱାରା ପୃଥିବୀ ପୃଷ୍ଠରେ ଜୀବନ ଧ୍ୱଂସର ସମ୍ଭାବନା ରହିଥିବା ବେଳେ ଅନ୍ୟ ପକ୍ଷରେ ମାନବ ସମାଜ ବିକାଶର ଆବଶ୍ୟକସ୍ତରରେ ପହଞ୍ଚିଛି, ଏବେ ସମଗ୍ର ବିଶ୍ୱରୁ କ୍ଷୁଧାକୁ ସମ୍ପୂର୍ଣ୍ଣ ଭାବେ ଦୂର କରିଦେବା ସମ୍ଭବ ହୋଇଛି।

ଯେତେବେଳେ କବିତା ସ୍ୱାଧୀନତା ସହ ଏକାଠି ହୋଇଥାଏ, ସେତେବେଳେ ଏହା ପ୍ରେମର ଅନିବାର୍ଯ୍ୟ ପ୍ରସ୍ତାବରେ ପରିଣତ ହୋଇଥାଏ। ଏହା ଶାନ୍ତି ପ୍ରକ୍ରିୟାକୁ ପ୍ରୋତ୍ସାହିତ କରିଥାଏ, ଯାହାକି ଆମ ଭିତରେ ସହନଶୀଳତା ଆଣି ଦେଇଥାଏ। ଏହାଦ୍ୱାରା କବିତା ଜୀବନ ଉତ୍ଥାନର ଆଶା ସଂଚାର କରିଥାଏ।

(ପ୍ରଫେସର ଆର୍ନେଷ୍ଟୋ କାହାନ୍‌ଙ୍କ ପ୍ରଦତ୍ତ ଏକ ଅଭିଭାଷଣର ଓଡ଼ିଆ ଅନୁବାଦ)

- କୌଣସି ପ୍ରାପ୍ତି ଆଶା ନ ରଖି ମୁଁ ଏସବୁ କରିଥିଲି। ଏବେ ବି କରୁଛି।

▸ ବର୍ତ୍ତମାନ ସମୟରେ ବିଶ୍ୱ ମାନଚିତ୍ରରେ ଆପଣ କିଛି ବାସ୍ତବ ପରିବର୍ତ୍ତନ ଦେଖୁଛନ୍ତି କି? ଭବିଷ୍ୟତଠାରୁ ଆପଣ କ'ଣ ଆଶା କରୁଛନ୍ତି?

- ଆପଣଙ୍କର ଏହି ପ୍ରଶ୍ନର ଉତ୍ତରକୁ ମୁଁ ଦୁଇ ଭାଗରେ ବିଭକ୍ତ କରୁଛି। ଗୋଟିଏ ହେଉଛି ଭବିଷ୍ୟତ ପାଇଁ ମୋର ଆଶା ଏବଂ ଅନ୍ୟଟି ସେଥିନେଇ ଆମେ କ'ଣ ଅନୁଭବ କରୁଛୁ। ଜଣେ ଡାକ୍ତର ଭାବେ ନିରାଶବାଦୀ ହେବାର କୌଣସି କାରଣ ନାହିଁ। ବେଳେବେଳେ ମୋର ଗଳ୍ପ ଏପରି ନିରାଶ ଅନୁଭବ କରିବାକୁ ଖୋରାକ ଯୋଗାଇଥାଏ। ମୁଁ କେବେ ବି ନିରାଶ ହୋଇନାହିଁ। କୌଣସି ବ୍ୟକ୍ତି ବି ନିରାଶ ହେବା ଉଚିତ ନୁହେଁ। ପ୍ରତ୍ୟେକ ଚିକିତ୍ସକ ଆଶାବାଦୀ ହେବା ଉଚିତ। ବର୍ତ୍ତମାନ ସମ୍ଭାବନାର ବିଷୟ। ସମ୍ଭାବନାଗୁଡ଼ିକୁ ହାସଲ କରିବା ସହଜ। ଯଦି ଆମେ ନିରାଶାବାଦୀ ହେବା, ତା'ହେଲେ ଆମେ କିଛି ସମୟ ମଧ୍ୟରେ ସବୁକିଛି ଧ୍ୱଂସ କରିଦେବା। ମାତ୍ର ତିନି ଚାରି ବର୍ଷ ମଧ୍ୟରେ ଦାରିଦ୍ର୍ୟ ଦୂର କରିବା ପାଇଁ ସମସ୍ତ ବ୍ୟବସ୍ଥା ଉପଲବ୍ଧ କରିବାର କ୍ଷମତା ଆମ ନିକଟରେ ରହିଛି। ଏଥିପାଇଁ ସହଯୋଗ କରିବା ଆମର ନିହାତି ଆବଶ୍ୟକ ଏବଂ ଏଥିପାଇଁ ଆମକୁ ଏକ ଅନୁବନ୍ଧ ତିଆରି କରିବାକୁ ପଡ଼ିବ। ଅନୁବନ୍ଧ ବିଷୟରେ ମୁଁ ଲେଖିଛି, ଅନୁବନ୍ଧ ହେଉଛି ନୂତନ ବିଶ୍ୱରେ ଏକ ସାମାଜିକ ଯୋଗାଯୋଗ। ଅନୁବନ୍ଧ ଭଲ ହେଲେ କେହି ସନ୍ତୁଷ୍ଟ ନୁହନ୍ତି। ମୁଁ ତାହା ଆଶା କରୁଛି। ନୂଆ ଅନୁବନ୍ଧରେ କେହି ସନ୍ତୋଷ ଲାଭ କରିବେ ନାହିଁ। ତା'ପରେ ଟଙ୍କା, ୟୁରୋର ରୂପରେଖ। ୟୁରୋପରେ ଗୋଟିଏ ଆଇନ ଅଛି। ସଂପ୍ରତି ୟୁରୋପକୁ ଦେଖ, ଗୋଟିଏ ମୁଦ୍ରା ଏକ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ମୁକ୍ତ ଭାବେ ଯାଇ ଏକତ୍ରିତ

e-News & Magazine

ମଣିଷର କଥା

ମୂଳ ଇଂରାଜୀ : **ଆର୍ନେଷ୍ଟୋ କାହାନ୍**

ଅନୁବାଦ : **ସୁରେନ୍ଦ୍ର ମିଶ୍ର**

ତମେ ଆଉ ମୁଁ
ପୃଥିବୀ ନାମକ ଏଇ ଗ୍ରହର
ମାଟି ଆଉ କାଦୁଅରେ ଚାଲିଚାଲି...

ପଥର, ବାଲି
ଆଉ ଘାସ ଭିତରେ ବୁଲିବୁଲି
ଜୀବଜନ୍ତୁ... ଫୁଲ...
ପାଣି... ଶବ୍ଦ...
ପବନ... ଭାଷା...
ମାଟି... ରୁଟି... ମାଟି...
ଶିଶୁ... ଓ ବହିଙ୍କ ମେଳରେ
ଆଦାମ୍ ଓ ଇଭ୍‌ଙ୍କର
ପ୍ରେମ ଗୀତକୁ ଗାଇଲେ ।

ତା'ପରେ...
ଦୁର୍ବଳତା ଆମକୁ ମାଡ଼ିବସିଲା
ଆମେ କଳ ତିଆରି କଲେ,
ପଥର... ଲୁହା... ତମ୍ବାରୁ
ଅଣୁକୁ ଖୋଜିଲେ
ବାଷ୍ପ... ତେଲ...
ବିଜୁଳିରେ ଯନ୍ତ୍ର ଚଳେଇଲେ
ଏବଂ ଅଣୁକୁ ହତିଆର କରି
ଯୁଦ୍ଧରେ ମାତିଗଲେ ।

ହଁ, ସବୁବେଳେ ଡର
(ଭୟ ଓ ଆତଙ୍କର ଈଶ୍ୱର)
ପ୍ରେମ ଓ ରକ୍ତର ସନ୍ତାନ
ଘୃଣ୍ୟ ଆତଙ୍କ ଓ ତା'ର ସନ୍ତତି
ଅବୁଝା କଥା ସବୁ, ପ୍ରାର୍ଥନା, ଔଷଧ
ଓ ଅନୁରୋଧ...

ତା'ପରେ ସାନ୍ତ୍ୱନା, ଦୟା, ସ୍ନେହ
ଏବଂ ଡାକ୍ତରଙ୍କ ଶପଥ ଜନ୍ମନେଲା
ଆଜି ତମେ, ଆଉ କବିତା
ସାଥିହୋଇ
ଆଲୁଅକୁ ବାସ୍ନାୟିତ କରିବାରେ...

ଏଲ୍ଆଇଜି-୧୫୧, ବ୍ରିଟ୍ କଲୋନୀ, ନୂଆପଲ୍ଲୀ, ଭୁବନେଶ୍ୱର

କରିପାରୁଛି । ଆମେ ମଧ ସେମିତି କରିପାରିବା । ଗୋଟିଏ ବାକ୍ୟରେ କହିବାକୁ ଗଲେ- ହଁ, ଆମେ ତାହା କରିପାରିବା । ଯଦି ଆମେ ସଫଳ ନ ହେଲେ, ତା'ହେଲେ ଆମର ଏହି ଗ୍ରହ ଧ୍ୱଂସ ପାଇଯିବ । ମାତ୍ର ବିଶ୍ୱର କିଛି କ୍ଷତି ହେବନାହିଁ । ପ୍ରତ୍ୟେକ ଦିନ ସୂର୍ଯ୍ୟ ପରି ତାରକାଗୁଡ଼ିକର ଆବିଷ୍କାର କରାଯାଉଛି । ବ୍ଲାକ୍‌ହୋଲ୍‌ରେ ଅନେକ ତାରକା ଜନ୍ମ ନେଉଥିବା ଆପଣ ଜାଣନ୍ତି । ମାତ୍ର ପ୍ରଶ୍ନ ହେଉଛି, ଆମେ ଆମ ଗ୍ରହରୁ ଯାହା ପାଉଛନ୍ତି, ଏହି ଗ୍ରହକୁ ଧ୍ୱଂସ କରିଦେବାର ଅଧିକାର ଆମର ଅଛି କି ? ନା ।

▸ ପ୍ରଥମଥର ଲାଗି ଆପଣ ଓଡ଼ିଶା ଗସ୍ତରେ ଆସି 'କିଟ୍' ଓ 'କିସ୍' ପରିଦର୍ଶନ କରିଛନ୍ତି । ଏ ବିଷୟରେ ଆପଣ କ'ଣ କହିବେ ?

- ଓଡ଼ିଶା ମୋତେ ଖୁବ୍ ଭଲ ଲାଗିଲା । ବହୁତ ସୁନ୍ଦର ଜାଗା । 'କିଟ୍' ଓ 'କିସ୍' ମୋତେ ଅଭିଭୂତ କରିଦେଲା । ବିଶ୍ୱର ଅନେକ ବିଶ୍ୱବିଦ୍ୟାଳୟ ମୁଁ ପରିଦର୍ଶନ କରିଛି । ଏହା ହେଉଛି ଏକମାତ୍ର ବିଶ୍ୱବିଦ୍ୟାଳୟ, ଯାହା ମୋତେ ବେଶ ପ୍ରଭାବିତ କରିଛି । 'କିଟ୍' ଓ 'କିସ୍' ବିଷୟରେ ଜାଣି ମୁଁ ଅତ୍ୟନ୍ତ ଆଶ୍ଚର୍ଯ୍ୟ ଚକିତ । ମୋତେ ଏହି ସ୍ଥାନ ବହୁତ ଭଲ ଲାଗିଲା । ବିଶେଷକରି କିସ୍‌ର ଅନୁଭବକୁ ବୋଧହୁଏ କେବେ ଭୁଲିପାରିବି ନାହିଁ ।

▸ ଏସବୁ ଆପଣଙ୍କ କବିତାରେ ସ୍ଥାନ ପାଇଥାଏ କି ? ଏସବୁ ଅଭିଜ୍ଞତା କିଛି ଆପଣଙ୍କୁ କବିତା ଲେଖିବାରେ ସାହାଯ୍ୟ କରିଥାଏ କି ? ନା ସେଗୁଡ଼ିକ କେବଳ ଅଭିଜ୍ଞତା ହୋଇ ରହିଯାଇଥାଏ ?

- ଅନୁଭବ ଓ ଅଭିଜ୍ଞତା ଲେଖାଲେଖିରେ ସାହାଯ୍ୟ କରେ ନିଶ୍ଚୟ । ମୋତେ କବିତା ଲେଖିବାରେ ମୋର ଅନୁଭବ ଓ ଅଭିଜ୍ଞତା ବେଳେବେଳେ ସାହାଯ୍ୟ କରିଥାଏ । ମୁଁ ଜଣେ କବି, ମୁଁ ମୋ ଢଙ୍ଗରେ ଚିନ୍ତା କରିଥାଏ । ତେବେ ଏହା କହିବାରେ ଆଦୌ ଦ୍ୱିଧା ନାହିଁ ଯେ, ଅନେକ କବି, ଲେଖକ, ସର୍ଜନାତ୍ମକ କ୍ଷେତ୍ର ଓ ପରିବେଶ ଦ୍ୱାରା ମୁଁ ଅନୁପ୍ରାଣିତ ହୋଇଛି । ସେହି ପ୍ରେରଣା ମୋତେ ଅଧିକରୁ ଅଧିକ ଲେଖିବାକୁ ପ୍ରେରିତ କରିଛି । ଉଦାହରଣସ୍ୱରୂପ, ମୋର ଏକ ପୁସ୍ତକ, ଯାହାକୁ ଦିନେ ଏକ ଅପେରା ଦେଖିବା ପରେ ମୁଁ ଲେଖିଥିଲି । ଏହି ଅପେରାର ମ୍ୟୁଜିକ୍ ଦ୍ୱାରା ମୁଁ କିଛିମାତ୍ରାରେ ପ୍ରଭାବିତ ହୋଇଥିଲି । ଅପେରା ହାଉସ୍‌ରୁ ଫେରିବା ପରେ ମୁଁ ମୋ ରୁମ୍‌ରେ ଏହି ଅପେରାର ମ୍ୟୁଜିକ୍‌କୁ ଲଗାଇ ଶୁଣିଲି ଏବଂ ଏକ କବିତା ଲେଖିବାକୁ ଆରମ୍ଭ କଲି । ସେହି କବିତାଟି ସୁଦୀର୍ଘ ହୋଇ ପୁସ୍ତକଭାବେ ପ୍ରକାଶ ପାଇଲା । ସେହି ଦଳ ଏବେ ସ୍ପେନ୍‌ରେ ଗୋଟିଏ ରକ୍ ଅପେରା ପାଇଁ ସେମାନଙ୍କର ପ୍ରସ୍ତୁତି ଚଳାଇଛନ୍ତି । ସେହି ଅପେରାର ସଙ୍ଗୀତଜ୍ଞ ମୋତେ ପଚାରିଲେ, 'ଆପଣ କେଉଁ ପ୍ରକାର ଅପେରା ପସନ୍ଦ କରନ୍ତି ?' ମୁଁ କହିଲି, 'ଶାସ୍ତ୍ରୀୟ' । ଅପେରାର ସଙ୍ଗୀତଜ୍ଞ ହେଉଛନ୍ତି ସ୍ପେନ୍‌ର ଜଣେ ନାଗରିକ । ସେ ମୋତେ ଆର୍ନେଷ୍ଟୋ ବୋଲି ଡାକୁଥିଲେ । କହିଲେ, 'ନା' ଆର୍ନେଷ୍ଟୋ, ଆମେ ଯଦି ସେମିତି କରିବା, ତେବେ ଖୁବ୍ କମ୍ ଲୋକ ଏହାକୁ ପସନ୍ଦ କରିବେ । ମୁଁ ଚାହୁଁଛି ଯୁବକମାନଙ୍କ ପାଇଁ କିଛି କରିବାକୁ, ସେମାନେ ନିଶ୍ଚିତ ରକ୍‌କୁ ପସନ୍ଦ କରିବେ ।' ମୁଁ ସାମାନ୍ୟ ହସି କହିଲି, 'ଆଗେଇ ଚାଲ' । କା

e-News & Magazine

With Best Compliments from:

APPASAMY ASSOCIATES

SUPER SPECIALITY SERVICES

- MEDICAL ONCOLOGY
- SURGICAL ONCOLOGY
- NEUROLOGY
- NEURO SURGERY
- HEAD & NECK SURGERY
- SPINE SURGERY
- GASTROENTEROLOGY
- NEPHROLOGY
- UROLOGY/ UROSURGERY
- JOINT REPLACEMENT SURGERY

OUR CORPORATES

DIAGNOSTIC

8-Slice CT Scan, 4D Ultrasonography, 2D ECHO & Doppler, Endoscopy, Colonoscopy Bronchoscopy, ERCP, TMT, PFT, Mammography, Colposcopy, ECG, EEG, Digital X-ray

SPARSH HOSPITALS & CRITICAL CARE (P) LTD.

A-407, Sahid Nagar, Bhubaneswar-751007,
Ph. :+91 674 2540183 / 188 /189, 6626666 Fax : +91 674 2545860
Email : info@sparshhospitals.com, Website :www.sparshhospitals.com

e-News & Magazine

କବିତା

ହରିଦ୍ରାପତ୍ରର ବଣ

ଉର୍ଦ୍ଦୁ: **ଗୌହର ରାଜା**
ଅନୁବାଦ: **ପ୍ରବାସିନୀ ମହାକୁଡ଼**

ହରିଦ୍ରାପତ୍ରର ବଣ ଯିଏ ମୋର ଦେଶ
ଯନ୍ତ୍ରଣାର ବାସସ୍ଥଳୀ ଯିଏ ମୋର ଦେଶ
ଯେତେବେଳେ ପଢୁଥିଲେ ଏଇ ପଂକ୍ତି ତ
କାହିଁକି ନିଖୋଜ ଥିଲା
ହରିଦ୍ରାପତ୍ରର ବଣ, ଯିଏ ଫୌଜ୍‌ର ଦେଶ
ଯନ୍ତ୍ରଣାର ବାସସ୍ଥଳୀ ଫୌଜ୍‌ର ଦେଶ
ବାସ୍ ସେଇ ଦେଶ
ଯିଏ ଅନ୍ଧକାର
ବାସ୍ ସେଇ ଦେଶ ଯାଏ
ଅଛି ଝରାପତ୍ରର ରାସ୍ତା
ବାସ୍ ସେଇ ଦେଶ ହରିଦ୍ରାପତ୍ରର ବଣ
ବାସ୍ ସେଇ ଯନ୍ତ୍ରଣାର ନିବାସ
ମୋର କାହିଁକି ବିଶ୍ୱାସ ଥିଲା
ଯେ ମୋ ଦେଶରେ
ହରିଦ୍ରାପତ୍ର ପଡ଼ିବାର ଋତୁ
ନାହିଁ
ମୋର କାହିଁକି ବିଶ୍ୱାସ ଥିଲା
ମୋ ଦେଶଯାଏ
ଝରାପତ୍ରର କୌଣସି ରାସ୍ତା ହିଁ ନାହିଁ
ଏଇ ଦେଶର ପଣତରେ ଯେତେ ବି
ଦାଗ ଲାଗିଛି
ଆଗାମୀ ବର୍ଷାରେ ଧୋଇ
ହୋଇଯିବ
ଏଇନା ଯେଉଁ ପତ୍ରଝରା ଆସିଛି
ମୋ ଦେଶରେ
ସ୍ପନ୍ଦିତ ଜୀବନ
ଅଟକିଯାଇଛି
ତଲୱାରର କଥା ନାଚ କରିବାକୁ ଲାଗେ
ଫୁଲ ଫୁଟିବାରେ ଲାଗିଯାଇଛି କଟକଣା
ଶୂଳି ଜାଗାକୁ ସଜାଯାଇଛି
ଆଉ ମାନବିକତାକୁ ଶୂଳି ଦିଆଯାଇଛି
ରକ୍ତର ଶୋଷ ଏତେ ତୀବ୍ରଗତିରେ ବଢ଼ିଯାଏ ଯେ
ଶେଷରେ
ସୁରାପାତ୍ର ବି ମେହଫିଲର ଲହୁରେ ଛଳକିବାରେ
ଲାଗନ୍ତି
କାହା ନାଁରେ କରିବି
ଏଇ ଝରାପତ୍ରକୁ ମୁଁ
କାହାକୁ ପଚାରିବି
ବସନ୍ତ କେଉଁଆଡ଼େ ହଜିଗଲା
କାହାକୁ ଯାଇ କହିବି
ହରିଦ୍ରାପତ୍ରର ବଣ, ଏଇନା ମୋର
ଦେଶ
ଯନ୍ତ୍ରଣାର ନିବାସ, ଏଇନା ମୋର ଦେଶ
ହେ ମୋର ବନ୍ଧୁ
ହରିଦ୍ରାପତ୍ରର ବଣ, ଯନ୍ତ୍ରଣାର ନିବାସ
ଆସିବାକୁଥିବା ଦୂତର ଭାଗ୍ୟ ନୁହେଁ
ଇୟେ ବି ସତ ଯେ ସେଇ
ଫୌଜ୍‌ର ଦେଶରେ
ଜହ୍ନ କେତେ ବି ଅନ୍ଧାରରେ
ଥାଉନା କାହିଁକି
ଆଲୋକ ତା'ର ବିଚ୍ଛୁରିତ କରୁଥିଲା ପ୍ରତି
ପାଦରେ ବେଡ଼ି ଅଛି, ତେବେ ବି
ସତ ତ ଏଇୟା ଯେ
ଜୀବନ ଏବେ ବି ନୃତ୍ୟ କରୁଥାଏ
ସେଇ ଦେଶରେ
ସଜା ହେଉରହିଛି ଜାଗା-ଜାଗାରେ ଶୂଳିଆପଦା
ଜୀବନକୁ ବାଜି ଲଗେଇ ଜିତିବା ଲୋକ ତ କମ୍ ନାହାନ୍ତି

ଆଉ ମୋ ଦେଶରେ
ରାତି ଦୀର୍ଘ ହେଉ ପଛେ
ଜହ୍ନ ମଦ୍ଧିମ ହେଉ ପଛେ
ମୋର ବିଶ୍ୱାସ
ଜନତା ହାତରେ ପ୍ଲାକାର୍ଡ ଧରି ଉଠିବେ
ସକାଳ ପାଉଁଜି ପିନ୍ଧି ଆସିବ
ଧକ୍କା ଖାଇବ ବସନ୍ତ - ଝରାପତ୍ର
ହରିଦ୍ରାପତ୍ରର ବଣ ବି
ଏକାକାର ହେଇଯିବ
ଯନ୍ତ୍ରଣାର ନିବାସ ବି
ଏକାକାର ହୋଇଯିବ।

ଷ୍ଟେସନ ବଜାର,
ଢେଙ୍କାନାଳ-୭୫୯୦୧୩

e-News & Magazine

ଆଲାମ ଓ ଗାଲିବ କୁରଦିନ୍ ପାଇଁ

ମୂଳ ଇଂରାଜୀ : **ଅଶ୍ୱିନୀ କୁମାର**
ଅନୁବାଦ : **ରବିନ୍ଦ୍ର ବିଶ୍ୱାଳ**

ଆମେ କ'ଣ ପାଇଁ ବଞ୍ଚିଛୁ ?

ଅନେକ ଦେଶର ଅଭିଯୋଗ
ଆମେ ତୁମକୁ ନିଷ୍ପିତ କରୁଛୁ
ଏ ଆମ ଇଲାକା ନୁହେଁ।

ଆମର ପୁରୁଣା ସମ୍ପର୍କିୟ ଭାଇମାନଙ୍କ ଦ୍ୱାରା
ଉଲଗ୍ନ ହେବା ପରେ
ସାମୁଦ୍ରିକ ପକ୍ଷୀର ଡେଣାରେ ଆମେ
ଆମ ଘର ଛାଡ଼ି ଉଡ଼ି ଆସିଲୁ,
ଘଡ଼ଘଡ଼ି ନାହିଁ, ବିଜୁଳି ନାହିଁ
ଉଡ଼ିଚାଲ, ଉଡ଼ିଚାଲ
ପାଣି ପଶୁଥିବା, ବାରମ୍ବାର ଆଙ୍କୁଥିବା
ଡେଣାଲଗା ଡଙ୍ଗାରେ ଆମେ ଚିତ୍କାର କରୁଥିଲୁ
ସେଇ ସାମୁଦ୍ରିକ ପକ୍ଷୀ ଗୁପ୍ତରେ ଆମକୁ
ତଟରକ୍ଷୀଙ୍କୁ ବିକି ଦେଇଥିବା ଆମେ ଜାଣିନଥିଲୁ
ସେମାନେ ତାଙ୍କ ଡେଣାକୁ
ତଳକୁ ଛାଟି ଦେଲେ
ସାଗର ଦେବତା ନରଭକ୍ଷକ ପାଲଟିଗଲେ
ଆମକୁ ଜଣକ ପରେ ଜଣକୁ ସିଏ ଗିଳିଗଲେ
ଆମ କୁନି ପୁଅମାନେ ବିଳିବିଳେଇଥିଲେ
ବାବା ତୁମେ ମରିବନି
ମୁଁ ଯାଉଛି ଭଗବାନଙ୍କୁ ସବୁକଥା କହିବି
ଏବେ ତୁମେ ବୁଝୁଛ ଆମେ
କ'ଣ ପାଇଁ ଏଇଠି ଅଛୁ ?

ତଥାପି ପଚାରୁଛ ଆମେ ବଞ୍ଚିଛୁ ନା' ନାହିଁ ?

ଆଚାର୍ଯ୍ୟ ବିହାର, ଭୁବନେଶ୍ୱର

କ'ଣ ଭାବୁଥିବ ଦୁନିଆଁ

ମୂଳ ହିନ୍ଦୀ : **ଅନୁରାଧା ସିଂହ**
ଅନୁବାଦ : **ପ୍ରବାସିନୀ ମହାକୁଡ଼**

ମୁଁ ପାରାମାନଙ୍କଠୁ ସବୁକିଛି ଛଡ଼େଇନେଲି
ସେମାନଙ୍କ ଜଙ୍ଗଲ
ସେମାନଙ୍କ ଗଛ
ସେମାନଙ୍କ ନୀଡ଼
ସେମାନଙ୍କ ବଂଶଜ
ଏଇ ଆକାଶ ଯେଉଁଠି ଠିଆ ହେଇ
ଲଗାଏ ଆଖିରେ କଜଳ
କେଶରେ ଲଗାଏ ଆକାଶ କୁସୁମ
ଓଜନ କରେ ନିଜ ଡେଣାକୁ
ଏଇ ପନ୍ଦର ମହଲା ମୋର ନୁହେଁ
ସେମାନଙ୍କର ଥିଲା
ତେବେ ବି ବାଲକୋନୀରେ ରଖିବାକୁ
ଦିଏନି ସେମାନଙ୍କୁ ଅଣ୍ଡା

ମୁଁ ବାଘଙ୍କଠୁ ଛଡ଼େଇ ଆଣିଲି ଶୌର୍ଯ୍ୟ
ଛଡ଼େଇ ଆଣିଲି ପୁରୁଷାର୍ଥ
ଲୁଟିନେଲି ସେଇ ନଦୀ
ଯେଉଁଠି ସେମାନେ ପ୍ରତୀକ୍ଷା କରୁଥିଲେ ତୃଷ୍ଣାର
ସେତେବେଳେ ପିଉଥିଲେ କଲିଜା ଯାଏ ପାଣି
ସେମାନଙ୍କୁ କହିଲି ନରଭକ୍ଷୀ
ଆଉ ଭୁସି ଭର୍ତ୍ତି କରିଦିଆଗଲା ସେମାନଙ୍କ ଛାଲରେ
ସେମାନେ କ'ଣ କହୁଥିବେ ମୋତେ ନିଜ ବାଘଭାଷାରେ
ଦୁନିଆଁଠୁ ସବୁ ଛଡ଼େଇ ଆଣି ତୁମକୁ ଦେଇଦେଲି
ତାରାର ବାତ୍ସଲ୍ୟଠୁ ଅଧିକ ଆଦର କଲି
ବାଘର ଅସ୍ତିତ୍ୱଠୁ ଅଧିକ ସୁରକ୍ଷିତ କଲି
ପ୍ରେମର ଏଇ ଅବ୍ୟବସ୍ଥିତ ଜଙ୍ଗଲକୁ ସଞ୍ଚିବା ପାଇଁ
ଚୋରେଇ ରଖିଥିବା ନଦୀକୁ ବାନ୍ଧି ରଖିଲି ନିଜ ଆଖିରେ
ତେବେ ବି ବଞ୍ଚେଇ ପାରିଲିନି କିଛି କେବେ ଆମ ଭିତରେ
କ'ଣ ଭାବୁଥିବ ଦୁନିଆ
ନାରୀର ବ୍ୟର୍ଥ ହେଇଯାଇଥିବା ଅପରାଧ ବିଷୟରେ।

e News & Magazine

ଧ୍ୱନି

ମମତା ଦାଶ

ସେ ସମୁଦ୍ର ଏବେ କେଉଁଠି ?
ମଙ୍ଗଳ ଉଷା କାଳର,
ଉଷ୍ଣ ଢେଉ ଢେଉକା ମଧ୍ୟାହ୍ନର
ଅଧାଲିଭା ସଞ୍ଜ ବିହ୍ୱଳ ସେ ସମୁଦ୍ର,
କେଉଁଠି ଏବେ ?

ସେ ସମୁଦ୍ର ଯାହା ଥିଲା ତମର ଅହଂ
ଆଉ ଥିଲା ମୋର ଦେହ !

ସେ ସାମୁଦ୍ରିକ ବିସ୍ତୀର୍ଣ୍ଣ କାଳ
ସେ ସବୁଜ ପ୍ରାଣ ଧାର
ସେ ଗଛ ଛାଇ ମିଶ୍ରିତ ଆକାଶ-ଅବତରଣ,
ସବୁକିଛି ପଡ଼ି ରହିଛନ୍ତି ଏବେ
ଦୂର ଗାଁର ପ୍ରାଚୀନ କୂଅ ଭିତରେ ଯଦି
ପୁଣି ଉଛୁଳି ଆସି କାହିଁକି ବାଡ଼େଇ ହୁଅନ୍ତି
ମୋ ଆଖି ପତାରେ,
ମୁଁ ଯେ ଛିଞ୍ଚାଡ଼ି ହୋଇ ପୁଣି ପହଞ୍ଚିଛି ଯାଇ
ସେଇ ପ୍ରାଚୀନ କୂଅ ନିକଟରେ !

ସେ ସମୁଦ୍ର କେଉଁଠି ଏବେ,
ଯାହା ଥିଲା ତମର ମୁହଁ
ଆଉ ଥିଲା ମୋର ମୋହ !

ଏବେ ଯାହାଯାହା ଘଟୁଚି ଏଠି ଦେଖିହୁଏନା,
ଯାହା ଯାହା ରଖୁଚି ଏଠି ଦେଇପାରେନା ।
ଯାହା ଯାହା ପାଉଛି ଏଠି ସଞ୍ଚିହୁଏନା ।
ଯାହା ଯାହା ଭୋଗୁଚି ଏଠି ସହିହୁଏନା ।

ମୋ ପାଖେ ବଳକା ଥିବା
କିଛି ମୃତ ସମୁଦ୍ର ଓ ଆକାଶକୁ ପୋଡ଼ି ଦେଇଛି ମୁଁ,
ଜଳୁ ଥିବା ନିଆଁ ନୀଳବର୍ଣ୍ଣ ଦିଶୁଛି ।

ତମ ପାଇଁ କାମନା ମୋର
ଶ୍ରାବଣ ବୃନ୍ଦାଏ, ଶୀତଳ ଲାଗେ ସିନା
ଓଠ ଛୁଇଁଛୁଇଁ ଫାଟିଯାଏ,
ଶୋଷ ମେଣ୍ଟେନା ।

ତମ ପାଇଁ ବାସନା ମୋର
ବେଣୀ ଝଲ୍ଲା ରଜନୀ ଗନ୍ଧା
ବାସେ ସିନା, ମଉଳି ମଳିନ ହୁଏ ଦିନକରେ ।

ତମେ ସେଇ ଦୂରତ୍ୱ ଯାହାକୁ
ପାରିହୋଇ ପାରେନା ମୋର କଚ୍ଛ କଚ୍ଛାନ୍ତରର
ଜନ୍ମ ଜନ୍ମାନ୍ତରର ଅପେକ୍ଷା ।

ଏ ଆୟୁଷର ଓଜନିଆ ବୋଝ
କାନ୍ଧରୁ ଓହ୍ଲାଇ ରଖେ ଦିନେ ଦିନେ,
ପହଞ୍ଚେ ସେଇ ପ୍ରାଚୀନ କୂଅ ପାଖରେ ।

କୂଅ ଭିତରୁ ରହି ରହି ଶୁଭେ ଯେ ଅଦ୍ଭୁତ ଧ୍ୱନି
ତାହା କ'ଣ ?
ନିନାଦିତ ଚରାଚର,
ମୋ ସମୁଦ୍ର, ସମୁଦ୍ର ସହିତ ଆକାଶ
ଆକାଶ ସହିତ ତମେ
ବିଲୀନ ସେଇ ଗମ୍ଭୀର ଧ୍ୱନି ଭିତରେ ।

ହାତ ମୁଠା ଖୋଲେନି ମୁଁ
ମୋ ଶେଷ ଅଭିଳାଷର ପାଉଁଶତକ
ବିସର୍ଜିବାକୁ ମୁଁ ଡରେ,
ମୁଁ ଆହୁରି ଡରେ,
ସବୁକିଛିର ବିଲୟ ସେହି ଗଭୀର,
ଗଭୀରତର ଧ୍ୱନିକୁ
ମୁଁ ଡରେ ସତେ, ଭାରି ଡରେ ।

୨୧୭-ଏ, କେଦାରଗୌରୀ ରୋଡ୍, ଭୁବନେଶ୍ୱର-୨

ଦୃଶ୍ୟ ବଦଳୁଥାଏ

ସୌଭାଗ୍ୟବନ୍ତ ମହାରଣା



ନିଜକୁ ଖୋଜୁଖୋଜୁ ଭିଡ଼ ଭିତରେ
ପ୍ରତି ମୁହୂର୍ତ୍ତରେ ମୁଁ ବଦଳି
ଆପଣେଇ ନେଉଥାଏଁ
ଦୃଶ୍ୟାନ୍ତରର ପ୍ରିୟ ନିଃଶ୍ୱାସମାନଙ୍କୁ
ଆଉଁଶି ଦେଉଥାଏଁ ମୋ ଛାଇର ଆୟୁଷକୁ
ମୋ ଜୀବନ ଯାତ୍ରାର ପ୍ରତିଟି ମାଇଲ୍ ଖୁଣ୍ଟରେ
ଛାଡ଼ି ଯାଇଥିବା ମୋ ପ୍ରେମ ଓ ବିଶ୍ୱାସର ସ୍ପର୍ଶକୁ ।

ନିଃଶ୍ୱାସ ସହ ସାଲିସ୍ କଲାବେଳେ
ପ୍ରଶ୍ୱାସର ମୁହଁଫୁଲା ଅଭ୍ୟାସ ମତେ ତାଜୁବ୍ କରେ
ଠିକ୍ ଦୁଇଟି ମୋହଗ୍ରସ୍ତ ଶବ୍ଦ ଭିତରେ ନୀରବତା
ଯେମିତି ନିଜ ସ୍ଥିତିର ଗୁରୁତ୍ୱ ବଢ଼ାଏ ।

ମୋ ଦୈନନ୍ଦିନ ଜୀବନ ଜିଜ୍ଞାସାର ବହିରେ
ଆୟୁଷର ଅକ୍ଷରମାନଙ୍କୁ ପଢ଼ିବି
ପୂରା ବୁଝିହୁଏନି ଜିଇଁବାର ଭାଷା
ଖୋଜିପାରେନି ବେଳେବେଳେ
ଯୁବା ବୟସ ଭିତରେ ଛପିଥିବା ହୃଦୟ ଫାଙ୍କରେ
ମୋ ଚିରାଚରିତ ଦ୍ରୋହକାଳର ନିଶା ।

ଜୀବନ, ଜଞ୍ଜାଳ ଓ ଜଗତୀକରଣର
ବ୍ୟସ୍ତ, ବହୁଳ ଘଟଣା ଭିତରେ
ଦୁର୍ଘଟଣାର ରୂପକଳ୍ପ ଖୋଜିବାକୁ
ବାସ୍ତବତା ବି ଭ୍ରମରେ ନିଜକୁ ଭୁଲିଯାଏ
ପରମାୟୁର ଘାତ ପ୍ରତିଘାତରେ ।
ମୋ ଜୀବନଟା ଏମିତି ଆତଯାତ ହୁଏ ଯେ
ପ୍ରତିଟି ମୁହୂର୍ତ୍ତରେ ମୁଁ ମରି ଅନାୟାସେ
ପର ମୁହୂର୍ତ୍ତରେ ଜୀବନ୍ୟାସ ପାଉଥାଏଁ ଆପେଆପେ ।

ମୋ କଙ୍କାଳର କାରୁକାର୍ଯ୍ୟରେ
ରକ୍ତ, ମାଂସ, ହାଡ଼ର କଳାତ୍ମକ ଫୁଲ ଫୁଟିଯାଏ
ମତେ ଲାଗେ ମୁଁ ଯେମିତି ଜୀବ-ପରମର ପ୍ରିୟବନ୍ଧୁ
ଚିହ୍ନାଚିହ୍ନା ଅବତାରଟିଏ ଏ ମାଟିର
ନିଜକୁ ନିଜ ଭିତରେ ପ୍ରତିକ୍ଷଣ ଜନ୍ମ ଦେଉଥାଏଁ ।

ଭାରତୀ ଭବନ, ଶିବମ୍ କଲୋନୀ,
ଆୟକର ଭବନ ପଛ, ସମ୍ବଲପୁର-୭୬୮୦୦୪

e-News & Magazine

ଚିତ୍ରକୋଣ୍ଡାରେ ଚିତ୍ର ଆଙ୍କୁଚି ଅନାମିକା

ହୁସେନ ରବିଗାନ୍ଧୀ

ଚିହ୍ନାଚିହ୍ନା ସକାଳସବୁ ସଂତ୍ରସ୍ତ ଚିତ୍ରକୋଣ୍ଡାର
ବନ ଇଲାକାରେ,
ନିଷେଧାଦେଶ ଜାରି ହୋଇଚି । ପଶୁ, ପକ୍ଷୀଙ୍କୁ ବି
ଏ ପର୍ବତରେ, ଏ ଜଙ୍ଗଲରେ, ଏ ଜଳଭଣ୍ଡାରରେ
ଆତଯାତ ନିଷେଧ,
ମଣିଷକୁ ପଚାରେ କିଏ ହୋ ?

ତଥାପି ଚିତ୍ର ଆଙ୍କୁଚି ଅନାମିକା
ଚିତ୍ରକୋଣ୍ଡାର ଉଚ୍ଚଉଚ୍ଚ ଶୈଳଶିଖର ଉପରେ
ଘଞ୍ଚ ବଣ ମୁଲକରେ ହାଡ଼ଭଙ୍ଗା ଜାଡ଼କୁ
ଜବାବ ଦେଇ । ବୁକୁର ଲୁହକୁ ରଙ୍ଗ, କୋହକୁ
କ୍ୟାନ୍‌ଭାସ୍ ଓ ପୋଲିସ୍ ଲାଠିରେ ଭାଙ୍ଗି ଯାଇଥିବା
ଆଙ୍ଗୁଠିକୁ ତୂଳୀରେ ରୂପାନ୍ତରିତ କରି ।

ଉତ୍‌ଖନନ ହେବ ସାରା ବଣ ମୁଲକ । ଏ ପାହାଡ଼,
ଝରଣା, ବୃକ୍ଷ, ଲତା, ଗୁଳ୍ମ-
ସମସ୍ତେ ଯଜ୍ଞକୁଣ୍ଡରେ ଘୃତର ସ୍ଥାନ ନେବେ
ନୂତନ ଇନ୍ଦ୍ରପ୍ରସ୍ଥର ସ୍ଥାପନା ପାଇଁ
ଯେଉଁଠାରେ ଆରମ୍ଭ ଏକ ନୂତନ ସଭ୍ୟତା
ଯନ୍ତ୍ର ଦାନବର ।

ବିକାଶର କଳା ଘୋଡ଼ା, ଧଳା ଘୋଡ଼ା ଝପଟି ଚାଲିଛନ୍ତି
କାଞ୍ଚିଗଡ଼ ବିଜୟ ପାଇଁ । ନୂଆ କୁରୁବଂଶୀଙ୍କ ସମୃଦ୍ଧି ପାଇଁ
ବଣୁଆମାନଙ୍କୁ ବଳିଦାନ ଦେବାକୁ ହେବ ଆଙ୍ଗୁଠି ।
ଅଧିକ ଶାସ୍ତ୍ରାର୍ଥ କଲେ ଶମ୍ବୁକ ପରି
ମୋକ୍ଷପ୍ରାପ୍ତି ।

ଚତୁର୍ଦ୍ଦିଗରେ ଆଲୋକର ଶବଶୋଭାଯାତ୍ରା
ଏବଂ ଅଚିହ୍ନା ବ୍ୟାଧିରେ ମୃତ ବଣୁଆ ଶିଶୁଙ୍କ ସହ
ବଣୁଆ ସକାଳ ବି ଶ୍ମଶାନଯାତ୍ରୀ
ଅସ୍ମିତାର କୋକେଇରେ,
ବନବାସୀ ଘିନୁଆମାନଙ୍କୁ ନିର୍ବାଣର ମନ୍ତ୍ର ପ୍ରଦାନି ।
ବଣୁଆ ଅନାମମାନେ ପ୍ରଶ୍ନ ପଚାରି କାରାରୁଦ୍ଧ,
ପ୍ରତିବାଦକାରୀ ମୋକ୍ଷ ପଥର ଯାତ୍ରୀ ।

ହଠାତ୍ ବିଜୁଳିକନ୍ୟା ପରି ବଣମୁଲକରେ
ଝଲସି ଉଠିଲା ଚେହେରାଟିଏ
ଶକ୍ତି ରୂପରେ, ଭକ୍ତି ରୂପରେ, ମାତୃ ରୂପରେ,
ଜ୍ଞାନ ରୂପରେ ଅସୁର ନିଧନ ପାଇଁ । କିଏ ଏହି
ଶକ୍ତି ସ୍ୱରୂପିଣୀ ?

ନାଁଆରୁ କ'ଣ ମିଳିବ, ସେ ଅନାମିକା
ହୋଇ ଥାଉ । ଅନାମିକା ପ୍ରଶ୍ନ ପଚାରିଲାନି,
ପ୍ରତିବାଦ ବି କଲା ନାହିଁ ବାକ୍ୟରେ । ସେ ନିଆଁର
ଅୟୁତ କେନ୍ଦ୍ରକୁ ବୁକୁରେ ଧାରଣକରି ନିଜେ
ହୋଇଗଲା ଆଗ୍ନେୟ ପରିଧି ।

ଏହାପରେ ଜଗତ ଦେଖିଲା ଅସଂଖ୍ୟ କୁରୁକ୍ଷେତ୍ର
ନାରାୟଣ ପାଟଣାଠାରେ, ଶହଶହ ନିୟମଗିରି,
ଶହଶହ କଳିଙ୍ଗ ନଗର । ମାଟିର ବନ୍ଦନା ଗାଇ
ଶବ ବି ବାକ୍‌ବାନ୍ ହେଲା । ବିଜୁଳି କନ୍ୟା
ଅନାମିକା କଂସର କାରାଗାରରୁ ଅନାମଙ୍କ ମୁକ୍ତି ପାଇଁ,
ଜଳ, ଜମି, ଜଙ୍ଗଲର ପରିତ୍ରାଣ ପାଇଁ
ଆତ୍ମବିସର୍ଜନର ରାଗ ଭୈରବୀରେ
ଗାନ କଲେ କ୍ରାନ୍ତିର ଗଜଲ ।
ପୁନରାୟ ସମୟର ସ୍ତମ୍ଭ ଭିତରୁ ଆବିର୍ଭୂତ ହେଲେ
ସହସ୍ର ଅନାମିକା ଘଞ୍ଚ ବନାନୀ ଭିତରେ
ନିଜର ବୁକୁର ଶୋଣିତରେ ପ୍ରତିବାଦର
ଆଗ୍ନେୟ ଚିତ୍ର ଆଙ୍କିବାକୁ ନୂଆ ସୂର୍ଯ୍ୟୋଦୟର
ପ୍ରଥମ କିରଣରେ ।

ଅନାମିକା ଚିତ୍ର ଆଙ୍କି ଚାଲିଚି ଯେ ଚାଲିଚି
ଚିତ୍ରକୋଣ୍ଡାର ଘଞ୍ଚ ଅରଣ୍ୟ ଭିତରେ
ଏବଂ ଏବେ ବି ସେ ଚିତ୍ର ଅଙ୍କା ଅସମାପ୍ତ ।

ଅମିନ୍ ହାଉସ୍, ଆଜମ୍‌ଖାନ୍ ବଜାର, କଟକ-୭୫୩୦୦୧

e-News & Magazine

ଧୂଆଁ

ଅପର୍ଣ୍ଣା ମହାନ୍ତି

କୋଉଠି କ'ଣ
ରନ୍ଧାହୁଏ କେଜାଣି ।
ପ୍ରତିଦିନ ଧୂଆଁ ଉଠେ
ଆକାଶକୁ ।

ଧୂଆଁରେ ଭାସିଆସେ
ବସୁଧାର ଦୀର୍ଘଶ୍ୱାସ
ଝାଳ, ଲୁହ, ରକ୍ତ, ରଜ
ଆର୍ତ୍ତନାଦର ଗନ୍ଧ ।

ଖବରକାଗଜଗୁଡ଼ିକ
କଳା ପଡ଼ିଯାଏ
କଦବା କାହାର
ଆଖିରୁ ନିଗିଡ଼ିପଡ଼େ ପାଣି
ତ କାହାର ଭୋକ ବଢ଼ିଯାଏ ।

ସକାଳର ଧୂଆଁ
ସଞ୍ଜକୁ ନିଖୋଜ ଶୂନ୍ୟରେ
ଅନ୍ଧାର ଘୋଟିଲେ
ପୁଣି ଭୋକ,
ପୋଡ଼ାମାଂସର ବାସ୍ନା
ପୁଣି ଚହଟିଯାଏ
ଘନଘନ ହିଂସ୍ର ନିଶ୍ୱାସରେ ।

ସାରାରାତି ଝୁଣିଝୁଣି ଖାଉଥିବା
ଭୁକ୍ତାବଶେଷ, କଛୋଟେ
କଙ୍କାଳଟେ, ଦରଖିଆ ଦେହଟେ
ପଡ଼ିଥାଏ ରାସ୍ତାକଡ଼ରେ
ଜଙ୍ଗଲରେ, ନଈପଠାରେ
ହୋଟେଲ୍‌ରୁମ୍‌ରେ,
ଶୋଇବାଘର ଶେଯରେ,
ଧୀରେଧୀରେ ଲିଭିଯାଉଥିବା
ତରାଙ୍କ ଛାଇରେ ।

ଟିକିଏ ଫର୍ଚ୍ଚାହେଲେ ଦିଗ
କୋଟି କୋଟି
ମଳା, ଦରମଳା ଦେହଙ୍କ ଭିତରୁ
ବସୁଧା ଆସ୍ତେ ଉଠିଆସେ ।

ପ୍ରେମର ଚୁଲି ଜଳାଏ
କ୍ଷମାର ଚାହା ତିଆରି କରେ
ମମତାର ଭାତ ରାନ୍ଧିଦିଏ ।

ଦିନସାରା
ସେ ସବୁର ମଧୁର ସୁଗନ୍ଧ
ପହଁରୁଥାଏ ଧୂଆଁରେ ।

ଧୂଆଁବାଣ ହୋଇ
ଚତୁର୍ଦ୍ଦିଗରେ ଉଡୁଥାଏ
ତା'ର ସୁରକ୍ଷାର
ବିଚାର ବିମର୍ଶ ।

ନିରୀହ, କଅଁଳ ଭବିଷ୍ୟତଟିଏ
ନିରାପଦରେ ଶୋଇପଡ଼େ
ତା'ର କ୍ଷତବିକ୍ଷତ
ଉଷୁମ୍ କୋଳରେ

**କପାଳେଶ୍ୱର, ଠାକୁରପାଟଣା,
କେନ୍ଦ୍ରାପଡ଼ା - ୭୫୪୨୫୦**

କଳା-ଧଳା ଫଟୋଗ୍ରାଫ

ପ୍ରବାସିନୀ ମହାକୁଡ଼

ମୋତେ ଡାକିନିଅନ୍ତି ନୂଆ ପୁରୁଣା ଜଣା-ଅଜଣା
କଳା-ଧଳା ଅନେକ ଫଟୋଗ୍ରାଫ୍ ଅତୀତ ପାଖକୁ
ପଚାଶ ବର୍ଷ ତଳର କୋଡାକ୍ ବଟମ କ୍ୟାମେରାରେ
ଉଠାଯାଇଥିବା ସେଇ ସବୁ ଫ୍ୟାମିଲି ଫଟୋ
ବାବା ମାଆ ନାନି ନନା ସାନଭଉଣୀମାନଙ୍କ ସାଙ୍ଗରେ
ଯାହାକୁ ଦେଖିଲେ ଆଲବମ୍ ବି ସ୍ମୃତିରେ ଛଟପଟ ହୁଏ
ସ୍ପର୍ଶକାତର ହେଇଉଠେ ପୁରା ଆଲବମ୍ ।

ମୁଁ ଠିଆହୁଏ ଗୋଟେ ସମୟ ପାଖରେ
ରାଜକପୁର-ନର୍ଗିସଙ୍କର ଛତାତଳେ ଠିଆ ହେଇଥିବାର
ସେଇ ଅପୂର୍ବ ଫଟୋଗ୍ରାଫ୍ ଯାହାକୁ ସମୟ ମନେ ରଖିବ
ଯାହାକୁ ଦେଖି ମୋ ପରି ଆବେଗ ପ୍ରବଣ ଆହୁରି ଅନେକ ମଣିଷ
ବିହ୍ୱଳ ହେବେ ଚିରକାଳ
କଳା-ଧଳା ଏଇ ଫଟୋ ମୋ ହୃଦୟରେ ଥାଏ
ଭଲ ପାଇବାର ସର୍ବଶ୍ରେଷ୍ଠ ପ୍ରତୀକ ହୋଇ

ମୁଁ ଠିଆହୁଏ ଗୋଟେ ସମୟ ପାଖରେ
ଜୀବନ ଯେତେ ନିକଟର ମନେହୁଏ
ସମୟ ତା'ଠୁ ଆହୁରି ନିକଟତର ହେଇଯାଏ
କଳା-ଧଳା ଫଟୋଗ୍ରାଫ୍ ପରି
ଉଭୟଙ୍କ ଭିତରେ ମୁଁ ସମାହିତ
ସେମାନେ ସମାହିତ ମୋ ଭିତରେ
ଅନୁଭୂତିରେ ଜର୍ଜରିତ ଏଇ ଛୋଟିଆ ଦେହରେ
ବିଭିନ୍ନ ସମୟର ଫଟୋଗ୍ରାଫ୍
କିଛି କ୍ଲୋଜ-ଅପ୍‌ରେ ଆଉ କିଛି ଲଙ୍ଗ ସଟ୍‌ରେ
ବିଭିନ୍ନ ପରିବେଶରେ
କଳା-ଧଳା ଯେଉଁ ଫଟୋ ସବୁ ଥାଆନ୍ତି
ସେମାନେ ପାଇବାର ହରେଇ ଦବାର ଦୟା କ୍ଷମା କରୁଣାର
ଏଇନା ମୋ ପାଖରେ ଆଉ କିଛି ବି ନାହିଁ
କିଛି କଳା-ଧଳା ଫଟୋଗ୍ରାଫ୍ ବ୍ୟତୀତ
ଯା' ଭିତରେ ସମାହିତ
ମୋର ସମଗ୍ର ଅସ୍ତିତ୍ୱ

ଷ୍ଟେସନବଜାର, ଢେଙ୍କାନାଳ-୭୫୯୦୧୩

e-News & Magazine

କଥା, ଖାଲି କଥା...

ହୃଷୀକେଶ ମଲ୍ଲିକ

ସଭିଙ୍କ ମନ ନେଇ ଚଳିବା ବୋଲି
କଥା ଦେଇଥିଲେ ଆମେ,
ଭୁଲିଗଲେ...
କଥା ଦେଇଥିଲେ କୁଟୁମ୍ବ ପରି ଚଳିବା
ଧରାତଳ ଲୋକ, ଭୁଲିଗଲେ... ।

ଚୁଲିରେ କରେଇ ଥୋଇ
ଲୁଣ ସଡ଼େଇଏ ପାଇଁ ଆସିଥିବା
ପଡ଼ିଶାଘର ବୋହୂକୁ ହସିହସି
ଲୁଣ ଦବା (ବି ଦବା ବଳେଇ ବଳେଇ
ବାରି-ପରା ପିଜୁଳି ପୁଞ୍ଜେ)
କଥା ଦେଇଥିଲେ...
ଲୁହ ପୋଛିଦବା ଲୁଗାକାନିରେ
ଯୋଉଠି ଯିଏ କାନ୍ଦୁଥାଉ,
କଥା ଦେଇଥିଲେ... ।

କ'ଣ ହେଲା ଯେ
ଦେଇଥିବା କଥାସବୁ ଭୁଲିଗଲେ
କୁନିକୁନି ପିଲାଙ୍କ ପାଇଁ
କାଇଁ କୋଉଠି ରଖିଲେ ବି
ଅରାଏ ବୋଲି ଜାଗା, ଯୋଉଠି
ଫୁଟିବ ନାହିଁ ଗୁଳି, ଜମି ଉଠିବ
ବେକ ଗଡ଼ାଣି, ଜହ୍ନ ଉଠାଣି
ରୁମାଲ-ଚୋରି ଖେଳ... ।
କାହିଁକି ଆମେ ଆପଣା ଛଡ଼ା
ପର ଭାବିଲେ ଜଗତକୁ ?
ଦିଅଁ ହଉହଉ ହେଇଗଲେ
ଦୁରାଚାର ? କାହିଁକି ଚରିଗଲେ
ଉଇ ପରି, ଉଲ୍‌କା ପରି
ପାହାଡ଼, ଜଙ୍ଗଲ ?
କାହିଁକି ହଡ଼ପ କଲେ ଗଂଡୁଷରେ
ଶୋଷୀର ଜଳପାତ୍ରରୁ, ତୃଣ ଚେରରୁ
ଓହରାଇ ନଦନଦୀ, ହ୍ରଦ ଓ ସାଗର ?
କଟା-କିଆରିରେ ସଂଚାଥିବା ଶସ୍ୟକୁ
ବାରି ବସିଲେ କାହିଁକି
ଭୋକ-ଆତୁରା ଚଢ଼େଇ ଦଳ ?
ହାତୀପଲର ରାଗତମତମ ପାହୁଲ ତଳେ
(ଆଜି ଏଠି ତ କାଲି ସେଠି)
ଲଣ୍ଡଭଣ୍ଡ କାହିଁକି, ଫୁଲ ଉନଉଥିବା
ସ୍ୱପ୍ନ, ନିଶସ୍ୱ ଚାଷୀର ?

କହିଥିଲେ, ଦବା ବୋଲି ନିରନ୍ନକୁ ଅନ୍ନ
ଦେଲେ, ପୋଡ଼ା ଧାନକାଦି,
ଘୁଞ୍ଚୁଘୁଞ୍ଚୁ ଯାଉଥିବା ମାୟା-ଜଳାଶୟ
କହିଥିଲେ, ଦବା ବୋଲି ଏକଲା ଝିଅକୁ
ଗୋଟେ ନିଡ଼ର ସଞ୍ଜ, ଦେଲେ
ବେଇଜ୍ଜତି, ଭୟ
କହିଥିଲେ, ଦବା ବୋଲି
ସବୁ ଘର ଅଳିନ୍ଦରେ ସୂର୍ଯ୍ୟୋଦୟ
ଦେଲେ ଅନ୍ଧାର ନିରଂଧ୍ର
କହିଥିଲେ ଦବା ବୋଲି ମଣିଷକୁ
ଏକ ଅବୈର ଭବିଷ୍ୟ
ଦେଲେ, ନୂଆନୂଆ ଯୁଦ୍ଧ ।

କଥା ଦେଇଥିଲେ
ହାତ ଧରାଧରି ହେଇ ପାରିହବା
ଆମ ଘୋର, ଇଜାମାଲି ଭାଗ୍ୟ
ଭୁଲିଗଲେ, ଭୁଲିଗଲେ... !!

ମିରା ପୟର, ୩୩୧/୧୯୦୫/୪୦, ଶ୍ରୀଅରବିନ୍ଦ ନଗର,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୬

e-News & Magazine

ପୁନର୍ବିନ୍ୟାସ

ବୀଣାପାଣି ପଣ୍ଡା



ଧୀରେଧୀରେ ସବୁକିଛି ଲିଭିଆସେ
ଉଜ୍ଜ୍ୱଳ ଦୀପଶିଖା
ଆଖିର କଜଳରେଖା
ସ୍ମୃତିର ଅଙ୍ଗାର
ହାତର ହସ୍ତାକ୍ଷର।
ଅନ୍ଧାରର ଓଦାକାନି
ଦିଗନ୍ତରୁ ପୋଛିଦିଏ ଦିନାନ୍ତର ଚିତ୍ର
ନଈପାଣିରୁ ନିର୍ଜନ ନକ୍ଷତ୍ର।
ରାତିରେ ଜଳୁଥିବା ଜୁଇ
ସକାଳକୁ ମୁଠାଏ ପାଉଁଶ
ନିଆଁ କି ନିଆଁର ଚିହ୍ନବର୍ଣ୍ଣ ନାହିଁ।

କ୍ରମଶଃ ପଥପ୍ରାନ୍ତରୁ ଲିଭିଯାଏ
ପାଦପର ଛାଇ
ଶିଳାଗାତ୍ରରୁ ଶିଳାଲିପି,
ଧଉଳିର ଧୂସର ଛାତିରେ
ଏକାଏକା ଘୂରିବୁଲୁଥାଏ
କାରୁଣ୍ୟର କାରୁବାକୀ।

ଲିଭିବାର ନିରବଚ୍ଛିନ୍ନ ପ୍ରକ୍ରିୟାରେ
ଦିନେ ପ୍ରେମ ପାଲଟେ ପ୍ରତ୍ନତତ୍ତ୍ୱ
ମାଟି ତଳେ ପୋତିହୋଇଯାଏ
ସଭ୍ୟତା ଓ ସାମ୍ରାଜ୍ୟର ଇତିହାସ,
ପ୍ରାସାଦ, ଦୁର୍ଗ ପୁଣି ପ୍ରାଚୀରର
ଧ୍ୱଂସାବଶେଷ।

ଯେତେ ଖୋଜିଲେ ବି ମିଳେନାହିଁ
ମେହେଫିଲ୍‌ର ମୁଜ୍‌ରା
ଗଭାର ଗଜରା
ରଦ୍ଧ କୋଠରିର ବାତାୟନ ଫାଙ୍କରେ
ଅଚିହ୍ନା ଆଖିର ଇସାରା।

ଅବଶ୍ୟ ସବୁ ଲିଭିଗଲା ପରେ
ନୂଆ କିଛି ଜଳେ
ଆକାଶରେ ଅରୁଣିମା
ପୋଡ଼ାମାଟିରେ ସବୁଜିମାର
ଛୁଆଁ ଲାଗେ
ମୋ ଭିତରେ
ଶୋଇଥିବା ସୂର୍ଯ୍ୟର ନିଦ ଭାଙ୍ଗେ।

‘ଆଶ୍ରୟ’, ଜହ୍ନ ବଗିଚା, ଯାଜପୁର-୧



ପଲଙ୍କ

ସୂର୍ଯ୍ୟ ମିଶ୍ର

ସେ ସ୍ମରଣୀୟ ରାତିରେ ପତ୍ନୀ ଅପେକ୍ଷା
ମୋତେ ଦେଇଥିଲ ଅଧିକ ଅଦୃଶ୍ୟ ଆଲିଙ୍ଗନ ଓ ଚୁମ୍ବନ,
ହେଲେ ଏବେ ?

ମୁଁ ଚାହୁଁଛି ପିନ୍ଧିବାକୁ ନୀଳ ବିଛଣା ଚାଦର
ତୁମେ ଦେଉଛ ଲାଲ, ରକ୍ତବର୍ଣ୍ଣର
ଭାବିଥିଲି ରଖିବ ମୋ ପାଖରେ ମାଛର ଚିତ୍ର,
ତୁମେ ରଖିଲ ଲକ୍ଷ୍ମୀପାଦ-
ଜାଣିନକି ଶୋଇବାବେଳେ ଧନରତ୍ନ ସବୁ ଅବାନ୍ତର।

ବାଡ଼ ପକାଇ ମୋତେ ଆବଦ୍ଧ କଲ,
ଭାବିଥିଲି ବୁଲି ଆସିବି ସଂସାର ତୁମେ ଶୋଇଥିଲାବେଳେ
ତୁମ ଆଗରେ ବଖାଣିବି
ପଲଙ୍କମାନଙ୍କୁ କେମିତି ସଜାଂତି, ଭଲ ପାଆନ୍ତି
ରାଜକୁମାର, ପ୍ରେମିକ ପ୍ରବର-
ତୁମର ଖାଲି ସ୍ୱାସ୍ଥ୍ୟରକ୍ଷା ବିଚାର, ମଶାଂକୁ ଡର !

ଯାହା ପାଇଲ ମୋ ଉପରେ ରଖିଲ-
ଶେଯ, ତକିଆ, ବହିପତ୍ର, ଆଲାର୍ମ, ଦୀପରୁଖା କି କ୍ଷୀର ଗ୍ଲାସ୍
ଗେହ୍ଲାକୁ ଏତେ ଓଜନିଆ କରି କି ଲାଭ ପାଇଲ,
ଜାଣିନ କି କାଠ ହେଲେ ବି ମୁଁ କେତେ ସୁକୁମାର !

ପଢ଼ିନ କି ସଂସ୍କୃତ, ଶାସ୍ତ୍ରୀୟ, ରୀତିଶାସ୍ତ୍ର, ରତିଗ୍ରନ୍ଥ
ଛାଡିଥରା ଅନେକ ବର୍ଣ୍ଣନା
ଟିକେ ଭାବିଲ, ଚମତ୍କାର ଶୟନସ୍ଥଳକୁ କେତେ ଦୁଃଖ ନ ଦେଲ !
ସାରା ଦ୍ୱିପହରଟା ମୋର କଟୁଛି ବିରହରେ
ରାତିଟାଯାକ ଖାଲି ଦୁଶ୍ଚିନ୍ତା ଓ ଅନ୍ୟମନସ୍କତା
ଅଧରାତିରେ ମୋର କାନ୍ଦ ଶୁଣିନ ?
ଗୋଡ଼କୁ ମାଗିଥିଲି କୋମଳ ବଇଠି, ଦେଲ ?
ଘୋର ଯନ୍ତ୍ରଣାରେ ଅଣ୍ଟା ମୋର କଟକଟ ହେବାର ଶୁଣିନ ?
ମୋ ଉପରେ ନଦଘଷ ହୋଇ ସମୟ ସାରିଲ
ଜୀବନରେ ଥରେ ମାତ୍ର ମୋ କଥା ଭାବିଲ ?

ମନେରଖ, ମୁଁ ଖୁବ୍ ପ୍ରତିଶୋଧପରାୟଣ,
ସମୟ ଆସିବ-
ତୁମେ ଶୋଇଥିବ ନୀରବ ନିଶ୍ଚଳ ମୋ ଉପରେ
ପାଖଲୋକ ବି ଛୁଇଁବେନି କି
ମନବୋଧ ଚଉତିଶା ଧାଡ଼ି ପାସୋରିବେନି,
ମୋର କାନ୍ଦିବାର ବି ନ ଥିବ ସେତେବେଳେ କି
ତୁମ ସାଙ୍ଗରେ ଯିବାର ନ ଥିବ ବିଦାୟବେଳେ।

ଅପେକ୍ଷା ବଢ଼ିବ କିଏ ତୁମ ପରି ପହଞ୍ଚିବ କାଳେ !

‘ପ୍ରାର୍ଥନା’, ୮୯୫/୮୯୬, ସତ୍ୟନଗର, ଭୁବନେଶ୍ୱର-୭

e-News & Magazine

Downloaded from : https://t.me/odianewspaper

ବିକଳ୍ପ: ଏକ ଦାବି

ସୁଚେତା ମିଶ୍ର

ସବୁକିଛି ଦେବାକୁ ରାଜି
ମୋର ଧର୍ମ କର୍ମ
ଅର୍ଥ କାମ ମୋକ୍ଷ
ଭାଷା ଶବ୍ଦ କବିତା ।

ମୋର ଆତ୍ମା ମୋର ଅସ୍ତିତ୍ୱକୁ
ବେଦାଗ ଛାଡ଼ିଦିଅ ।

ବୃଦ୍ଧର କଣ୍ଠରେ ଭରି ଦେଇପାରେ
ତାରୁଣ୍ୟର କଲ୍ୟାଣ ରାଗ
ଯୁବକ ହାତରେ କୌଶଳର ହାଲଚାଲ
ଜୀବନର ସମସ୍ତ ସାଇତା ବିଶ୍ୱାସ
ବାଣ୍ଟି ଦେଇପାରେ
ପରାଜିତ ହୋଇ ତୁମେ ଲେଉଟିପାର
ଆଉ ଉଦୀପ୍ତ ସୂର୍ଯ୍ୟ ଭଳି ତୁମକୁ
ଆକାଶରେ ସଜେଇ ଦେଇପାରେ
ବାସ୍, ମୋର ଆତ୍ମା ମୋର ଅସ୍ତିତ୍ୱକୁ
ବେଦାଗ ଛାଡ଼ି ଦିଅ ।

କେତେବାର ନଗ୍ନ ହୋଇଛ ତୁମେ, କହିଲ
କେତେବାର ମୁଁ ତୁମ ଲାଗି
ସିଲେଇଛି କପଡ଼ା
ମୋର ଟୁକୁଡ଼ା ଟୁକୁଡ଼ା ଅଭୀପ୍ସାମାନଙ୍କୁ ଯୋଡ଼ି
କେତେବାର ମୁଁ ତିଆରିଛି ତୁମ ଲାଗି ପାଲ
ତୁମେ ଦିଗନ୍ତ ଯାଏଁ ଯାଇ
ଆଉ ଲେଉଟିବା କଥା ଭାବିନ
ଈଶ୍ୱରଙ୍କ ଭଳି କେତେଥର ତୁମେ
ହୋଇଛ ଅସହାୟ
ମୁଁ ଓଷା ବ୍ରତ କରିବାକୁ ଭୁଲିନି
ବାସ୍, ମୋର ଆତ୍ମା ମୋର ଅସ୍ତିତ୍ୱକୁ
ବେଦାଗ ଛାଡ଼ିଦିଅ ।

ତୁମ ପ୍ରାଚୁର୍ଯ୍ୟର ଔଜଲ୍ୟରେ
ମିଶିଥାଇପାରେ ମୋ ଅସ୍ଥିଚୂର୍ଣ୍ଣ
ତୁମ ବିସ୍ମୃତିର ଖାଲି ଗିଲାସରେ
ଭରିଥାଇପାରେ ମୋର ମହତ୍ତ୍ୱାକାଂକ୍ଷା
ଅତର ଭଳି ଉଡ଼ିଯାଇଛି ଯାହା ତୁମ ଦିହରୁ
ମୋଠାରୁ ପାଇଥିବା
ଜୀବନଦାୟୀ ସ୍ପର୍ଶ ହୋଇଥାଇପାରେ ।

ନା’ ସ୍ୱପ୍ନ ନା’ ପ୍ରତିଶ୍ରୁତି
ନା’ ପ୍ରତୀକ୍ଷା ନା’ ଅଭିସାର
କିଛି ବି ଲୋଡ଼ା ନାହିଁ ମୋର
ମୋର ଆତ୍ମା ମୋର ଅସ୍ତିତ୍ୱକୁ
ବେଦାଗ ଛାଡ଼ିଦିଅ ।

ଭୋକ କ୍ଷୋଭ ପ୍ରେମ ନିଆଁ ଭଳି
ଅଛି ତୁମ ଭିତରେ
ଉନ୍ମାଦ ପାପୁଲିରେ ମୋତେ ସଜାଅନି
ବିକଳାଙ୍ଗ ନୁହେଁ ମୁଁ
ସହଚର୍ଯ୍ୟର ଲାଠି ମୋତେ ଧରାଅନି ।

ଗୋଟେ ଧରାବନ୍ଧା ଆବୃତ୍ତି
ଔପଚାରିକତାମାନଙ୍କର ମୂର୍ଖତା
ପୀଡ଼ାଦାୟୀ ଅନ୍ୟାୟ ସମ୍ମତି ପାଖରୁ
ଗୋଟିଏ ଅଭୟାରଣ୍ୟରୁ
ମୁକ୍ତି ଚାହେଁ ମୁଁ ।
ମୋର ଆତ୍ମା ମୋର ଅସ୍ତିତ୍ୱକୁ
ବେଦାଗ ଛାଡ଼ିଦିଅ ।

ଲିଡ୍ ବ୍ୟାଙ୍କ ଲେନ୍, ପୋଲିସ୍ ଲାଇନ୍, ପୁରୀ

e-News & Magazine

ଆଲାରାମ୍

ସୁରେଶ ନାୟକ

ବଡ଼ ବିଶ୍ୱସ୍ତ ତା'ର ଡାକ
ମୋର ଗତିଶୀଳତାକୁ ସୂଚାଇଦିଏ
ଧାପେ ଜୀବନ କେଉଁଠୁ
ଡେଇଁପଡ଼େ ମୋ କାନ୍ଧକୁ ସେ ଡାକରେ।

ଅନେକ କିଛି ସାରିବାର ଥାଏ
ପିଲାଙ୍କ ଜାମାପଟା ଇସ୍ତ୍ରି କରିବା
ସ୍କୁଲବସ୍‌କୁ ଅପେକ୍ଷା
ସକାଳ ବ୍ୟାୟାମ
ଖବରକାଗଜ ଭିତରେ ଅନ୍ୟମନସ୍କ ରହିବା
ଚା'କପ୍‌ର ମଜା ନେବା।

ମର୍ଣ୍ଣିଂୱାକ୍ ସାରି ଫେରିଆସନ୍ତି ପଡ଼ୋଶୀ
ମନ୍ଦିରରେ ବାଜୁଥାଏ, ପୁରୁଣା ଦେବୀ ଭଜନ
ଦାଣ୍ଡଘରେ ଫୁଲମାଳ ଗୁନ୍ଥି ବସିଥାଏ ବୋଉ।

ଏ ଆକାଶ ଆରପାଖେ
ଆମକୁ ଚାହିଁ ରହିଛି ଆଉ ଏକ ଆକାଶ
ମୁଁ ଜାଣେନା ସେ ଆକାଶର ଦୈର୍ଘ୍ୟ-ପ୍ରସ୍ଥ
କେତେ ତୋଫା କି ଆହୁରି ଘର ଶୂନ୍ୟ !

ଖରା ପାକଳ ହୋଇ ଆସିଲା ବେଳକୁ
ଆମ ଦୁଃଖର ବୟସ
ଆଉ ଟିକେ ହୁସିଆର୍ ହୋଇଯିବ
ହିଡ଼ବାଡ଼ ଡେଇଁ ପାହାଡ଼ ପାଦଦେଶରେ ଠିଆହେବ
ଶିଖର ଆରୋହଣର ଯାଦୁ ମାଗିବ ପବନକୁ
ଆକାଶକୁ ମାଗିବ ଅଚଳ ଓ ପ୍ରଶସ୍ତ ହେବାର କଳା
ତାରାଙ୍କୁ ମାଗିବ ଯୋଜନ ଯୋଜନ ଦୂରରୁ ଫିଙ୍ଗିବା ଆଶ୍ୱାସନା
ମେଘଙ୍କୁ ମାଗିବ ନିରୁଦ୍ଦିଷ୍ଟ ବନ୍ଧୁର ଠିକଣା
ସୂର୍ଯ୍ୟଠୁ ସନ୍ତକ ମାଗିବ ଚିହ୍ନିନେବା ପାଇଁ କାଲିର ସକାଳ।

ଆମ ହାତ ଖବର ରଖିବା ଶିଖିଲାନି
କିଏ ଗୀତ ଗାଉଥାଏ ନା କାନ୍ଦୁଥାଏ
ଗାଇଗୋଠ ପଛରେ।
ଆଜିକ ଲାଗି ଯେତିକି ସମୟ ମୁଠାରେ ବନ୍ଦ ଥିଲା
ଆମର ଖର୍ଚ୍ଚ ସରିଲାଣି।
ଯାହା ବଳକା ରହିଗଲା ଫୁର୍ତ୍ତି ଫାଜିଲ୍,
କାନିରେ ବାନ୍ଧି ଟାଙ୍ଗି ଦିଆଯାଉ ଗଛ ଡାଳରେ କାଲିର ଖେଳକୁ।
ଏବେ ତମେ ମୋ ଜାଗାରେ ଠିଆହୋଇପଡ଼,
ମୁଁ ଆଉ ମୁଁ ହୋଇ ନ ରହେ ଏ ରାତିରେ, ଅନ୍ଧାରରେ।

ପ୍ଲଟ୍ ନଂ-୧୭୩,୧୭୪, ଏଚ୍‌ଲେନ୍, ୧୨ଶ କ୍ରସ୍, କ୍ରିଷ୍ଣାନଗର,
ଲସ୍‌ପେଟ୍, ପଣ୍ଡିଚେରୀ - ୬୦୫୦୦୮

ଭୋକ

ରବି ଶତପଥୀ

କେବେ ପେଟରୁ ଯାଇ
ବସିଲାଣି ମୁଣ୍ଡରେ
ପତ୍ରରୁ ଯାଇ
ବସିଲାଣି ଫୁଲରେ,
ଏବେ ତୁମେ ଭୋକିଲା ମହୁମାଛିକୁ
କାହିଁକି ମନା କରୁଛ
ଫୁଲ ପାଖକୁ ଯିବାକୁ।
ତୁମେ ଜାଣିଛ ?
ଯେଉଁ ଭୋକ ସମୁଦ୍ରକୁ
ସେଇ ଭୋକ ବି ଆକାଶକୁ
ମାଟିକୁ ମଶାଣିକୁ
ମନ୍ଦିରକୁ ମଶାଲକୁ
ଅଧର୍ମକୁ ଅନ୍ଧାରକୁ
ନନା ନ ଥିବା ଦିଅଁ ଘରକୁ
ପ୍ରେମିକାର ଦୀର୍ଘଶ୍ୱାସକୁ।
ଯେତେ ହେଲେ ବି
ସବୁ ନିଅଣ୍ଟ
ଏ ଶୋଷିଲା ଓଠକୁ।

ତମେ ଦେଖିଛ
ମହୁଲ ବଣରେ
କେମିତି ମତୁଆଲା ହୋଇ
ନାଚୁଥିଲା ଭୋକ,
ବୟସର ବଢ଼ିଲା ନଈ କୂଳରେ
ଠିଆ ହୋଇ
କେମିତି ଗାଉଥିଲା
ସେ ଅପାଶୋରା ଗୀତ



ଆଉ ବଇଁଶୀ ବଜାଉଥିବା
ସେ ଗଉଡ଼ପିଲାର
ଧୁନ୍‌ରେ କେମିତି କହୁଥିଲା
ଭାତ ଦିଅ ଭାତ।

ସେ ଦିନ କିନ୍ତୁ କୁନିଝିଅ
ଆଙ୍କି ପାରିଲାନି ତା'ର ଚିତ୍ର
ଲେଖି ପାରିଲାନି ତା' ଉପରେ ରଚନା
ସେ କୁଆଡୁ ବୁଝିବ ?
ଭୋକ କହିଲେ ଗୋଟେ ଭୂଗୋଳ ନୁହେଁ
କେତେକେତେ ଇତିହାସ
କେତେକେତେ ଜ୍ୟାମିତିର ନକ୍ସା
କେତେକେତେ କବିତାରେ
ଲେଖା ହୋଇ ପାରୁଥିବା ଅସହାୟ ଶବ୍ଦ
ପୁଣି କେତେ ଅସରନ୍ତି ଶୂନ୍ୟସ୍ଥାନ।

ଏବେ ସେ ଭୋକ
ଯିଏ ଲୁହରୁ ଉଠିଆସି
ବସିଲାଣି ଆଖିରେ,
ଆଖିରୁ ଉଠି ଆସି
ବସା ବାନ୍ଧିଲାଣି ହୃଦୟରେ,
ଆଉ ଅମାନିଆ ହୋଇ
ଖେଳି ବୁଲିଲାଣି
କେବେ ନିଆଁରେ ତ
ପୁଣି ପାଣିରେ
କେବେ ପବନରେ,
ଏତେ ପରେ ବି
ତମେ କ'ଣ ବୁଝିଲ କେଜାଣି
କହୁଛ, ଚାଲଟିକେ
କୁହୁଡ଼ି ପହଁରି ଆସିବା
ଏ ଭୋକିଲା ସକାଳରେ।

ଅଧ୍ୟାପକ, ଓଡ଼ିଆ ବିଭାଗ
ନନ୍ଦପୁର କଲେଜ, କୋରାପୁଟ

e-News & Magazine

ଝିଅର ଚିତ୍ରଖାତା

ସାବିତ୍ରୀ କବି

ଝିଅର ଚିତ୍ରଖାତାରେ
ଜହ୍ନ, ଫୁଲ, ପ୍ରଜାପତି, ପାହାଡ଼
ଆକାଶ, ନଈ, କୁଳୁକୁଳୁ ଝରଣା
ଇନ୍ଦ୍ରଧନୁ, ସୁନ୍ଦର ଘର ଓ ବହୁବର୍ଣ୍ଣୀ
ରଙ୍ଗର ଛବି।

ଝିଅ ସୁନ୍ଦର ଚିତ୍ର ଆଙ୍କେ,
ସ୍ୱପ୍ନ ଆଙ୍କେ, ଜୀବନ ଆଙ୍କେ
ସଞ୍ଜ ଆକାଶରେ ଚଢ଼େଇମାନଙ୍କୁ
ଫେରେଇ ଆଣେ ବସାକୁ,
ଝିଅ ସୁନ୍ଦର ଆକାଶର ଚିତ୍ର ଆଙ୍କେ।

ସେ ସରୁନଥିବା ରାସ୍ତାର ଚିତ୍ର ଆଙ୍କେ
ସେଇ ରାସ୍ତା ଉପରେ ଛାଇଟିଏ ହୋଇଗଲେ,
କଣ୍ଟା-ଝଣ୍ଟାରେ, ନଈବାଙ୍କରେ, ନିଚ୍ଛାଟିଆ ସହରରେ
ଗହଳିରାସ୍ତାରେ, ମରୁଭୂଇଁରେ, ପାଣିରେ, ନିଆଁରେ
ଖଣ୍ଡାଧାରରେ, ଛୁଞ୍ଚିମୁନରେ, ସେ ଚାଲିବା ପାଇଁ
ରାସ୍ତାଟିଏ ତିଆରି କରୁଥାଏ ସାରାକାଳ।

ଝିଅ ଉଡ଼ିବାକୁ ଭଲପାଏ
ପକ୍ଷୀପରି, ଡାଳରୁ ଡାଳ ଆକାଶରୁ ଆକାଶ
ବାଟହୁଡ଼େ, ସ୍ୱପ୍ନହୁଡ଼େ,
ଚାଲୁଚାଲୁ ଭୁଆଁ ବୁଲେଇଦିଏ
ଭଉଁରୀ ମଝିରେ ଚକ୍ରାକାରରେ ଘୂରେ
ସେ ଯେଉଁଠୁ ଯାଇଥାଏ, ସେଇ ଜାଗାରେ
ପୁଣି ପହଞ୍ଚେ, ଗୋଟେ ସୁନ୍ଦର ସଂସାରର
ଚିତ୍ର ଆଙ୍କେ।

ଝିଅ ଫୁଲ ତୋଳିବାକୁ ଯାଏ
ତା' ନରମ ହାତ ପାପୁଲିରୁ ରକ୍ତଝରେ
ସେ କାନ୍ଦୁକାନ୍ଦୁ ଚାଲୁଥାଏ ରାସ୍ତା
ତା' ଲୁହବୁନ୍ଦା ସବୁ ଫୁଲଗଛ ହୁଏ ମାଟିରେ
ଝିଅ ଫୁଲପରି ମହକେ।
ଝିଅ ସୁନ୍ଦର ଫୁଲର ଚିତ୍ର ଆଙ୍କେ।

ଝିଅ ପାହାଡ଼ ଚଢ଼ିବାକୁ ଭଲପାଏ
ଅଧାବାଟରୁ ଖସିପଡ଼େ, ଭାଙ୍ଗିରୁଜି
ଚୂରମାର ହୁଏ, ଯନ୍ତ୍ରଣା ସହେ
ଲୁହ ପିଇ, ପୁନଶ୍ଚ ପାହାଡ଼ର
ଶୀର୍ଷ ଛୁଇଁବାକୁ ସ୍ୱପ୍ନଦେଖେ
ଝିଅ ସୁନ୍ଦର ପାହାଡ଼ର ଚିତ୍ର ଆଙ୍କେ।

ଝିଅ ଅନ୍ଧାରକୁ ଡରେନି
ଭୂତପ୍ରେତ କି ସଇତାନକୁ ଡରେନି
ମଣିଷ ପରି ଦିଶୁଥିବା ଚିତ୍ରମାନଙ୍କୁ ଡରେ
ଝିଅ ମନ୍ତ୍ର ଜାଣେ, ତନ୍ତ୍ର ଜାଣେ, କିମିଆ ଜାଣେ
ଯାଦୁବିଦ୍ୟା ଜାଣେ, ସ୍ୱର୍ଗର ଠିକଣା ଜାଣେ।

ବେଳେବେଳେ ସ୍ୱର୍ଗର ଦେବତାମାନେ
ଓହ୍ଲେଇ ଆସନ୍ତି ତା' ଚିତ୍ରଖାତାକୁ
ତା' ଭିତରେ କେବେ ରାକ୍ଷସମାନଙ୍କ ମୁହଁ ଦିଶେ
କେବେ ଦେବଦୂତମାନେ ସ୍ୱର୍ଗରୁ ବାର୍ତ୍ତାଧରି
ଠିଆ ହୁଅନ୍ତି, କେବେ ପୁଣି ରାଜାପୁଅ
ଫେରୁଥାଏ ପୋହଳା ଦ୍ୱୀପରୁ
ଝିଅ ଗୋଟେ ସୁନ୍ଦର ସ୍ୱପ୍ନର ଘର
ତିଆରୁଥାଏ।

ଝିଅ ସୁନ୍ଦର ଚିତ୍ର ଆଙ୍କିବାର କଳା ଜାଣେ
ଝିଅ ସୁନ୍ଦର ଚିତ୍ର ଆଙ୍କିପାରେ।

ବିଶ୍ୱନାଥପୁର, ରାହାଂଜ, ରାଣୀତାଳ,
ଭଦ୍ରକ - ୭୫୬୧୧୧

ଝିଅ

ଏମ୍. ହିମାଂଶୁ ଆଚାରୀ

ପାପୁଲିଏ ସୁଖ ପାଇଁ
ପାଦରେ କଂଟା ଫୋଡୁ
ଅଳତା ହେଉ କି ରକ୍ତ
ତୋ ପାଇଁ ସମାନ ବୋଲି ତ
ଝୁଣ୍ଟିଆଟେ ପିନ୍ଧିବା ଆଗରୁ
ଝୁଣ୍ଟି ପଡୁଥାଉ !

ନିଜେ ଆଣ୍ଠେଇପଡ଼ି
ନିଜକୁ ବସୁନ୍ଧରା ବୋଲି
ଭାବିଲା ବେଳକୁ
ଅକାତକାତ ସମୁଦ୍ରରେ
ଏକାଏକା
ନିଜ ଭାଗ୍ୟକୁ
ନିଜେ ଇ ପଖାଳୁଥାଉ !!

ପର ପାଇଁ ଘର କରିବାର
ବିଧିକୁ ତୋ କପାଳରେ ବାନ୍ଧି
ବାରମ୍ବାର ଆବିର୍ଭୂତା ହେଉ
ତୋ ଆସିବାର ଲକ୍ଷ୍ମୀପାଦ
ସଭିଏଁ ଦେଖନ୍ତି ସିନା
ଫେରିବାର ପାଦ ଚିହ୍ନ
ତୁ ନିଜେ ଇ ଲିଭେଇଦେଉ !

କଣ୍ଢେଇ ଭଳି
କୁଣ୍ଢେଇଲା ବେଳେ ତୋତେ
ଘରସାରା ବିଚ୍ଛେଇଯାଏ
ସ୍ୱର୍ଗ ପାରିଜାତ
ଅଗଣାରେ ବାସୁଥାଏ
ମହମହ ତୁଳସୀ ଚନ୍ଦନ
ପରକରି ଫେରିଯାଉ ଯେବେ
ଫିଟିଯାଏ ଆପେଆପେ
ଜୋର୍ କରି ଗଣ୍ଠି ପଡ଼ିଥିବା
ସବୁତକ ନିବିଡ଼ ବନ୍ଧନ !!

ଶିବାଜୀ ନଗର, ଉମରକୋଟ,
ନବରଙ୍ଗପୁର

e-News & Magazine

କାଦମ୍ବିନୀ ମିଡିଆ ପ୍ରକାଶିତ

ଡ. ଇତି ସାମନ୍ତଙ୍କ

ନୂତନ ପୁସ୍ତକ

କୁନାକୁନିଙ୍କୁ ଚିଠି

ଚାରି ଭାଗରେ ପ୍ରକାଶିତ ଏ ପୁସ୍ତକର ପ୍ରତ୍ୟେକଟି ଚିଠିରେ ରହିଛି ପିଲାମାନେ ଶିଖିଲା ଭଳି ତଥା ସେସବୁକୁ ନିଜ ଜୀବନରେ କାମରେ ଲଗାଇଲା ଭଳି ବହୁ ଉପାଦେୟ କଥାମାନ।

ଯୋଗାଯୋଗ:
କାଦମ୍ବିନୀ ମିଡିଆ,
୪୨୧/୨୩୫୮, ପଦ୍ମାବତୀ ବିହାର,
ଶୈଳଶ୍ରୀ ବିହାର, ଭୁବନେଶ୍ୱର- ୭୫୧୦୨୧
ଦୂରଭାଷ: ୭୩୨୮୪୧୯୩୩, ୭୦୭୭୭୦୪୧୧୯

ଓଡ଼ିଶା : ପ୍ର

- ରାଜ୍ୟର କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ତଥା ଭୂମିହୀନ କୃଷି ଶ୍ରମିକଙ୍କ ପାଇଁ ନୂଆ ଯୁଗାନ୍ତକାରୀ 'କାଳିଆ' ଯୋଜନା ।
- ବିଗତ ୪ ବର୍ଷରେ ୮ ଲକ୍ଷ ହେକ୍ଟର ଅଧିକ ଜମିକୁ ଜଳସେଚନ ସୁବିଧା । ଏପ୍ରିଲ ୨୦୧୯ ସୁଦ୍ଧା ହାସଲ ହେବ ୧୦ ଲକ୍ଷ ହେକ୍ଟର ଅଧିକ ଜମିକୁ ଜଳସେଚନ ଲକ୍ଷ୍ୟ ।
- 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ' ଯୋଜନାରେ ପରିବାର ପାଇଁ ବାର୍ଷିକ ୫ଲକ୍ଷ ଟଙ୍କା ଏବଂ ପରିବାରର ମହିଳାଙ୍କ କ୍ଷେତ୍ରରେ ୭ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା । ସମସ୍ତଙ୍କ ପାଇଁ ସବୁଠି ସମୁଚିତ ସ୍ୱାସ୍ଥ୍ୟସେବା ।
- 'ମମତା' ଯୋଜନାରେ ଉପକୃତ ହେଲେଣି ୩୪ ଲକ୍ଷ ମା' ।
- ମିଶନ ଶକ୍ତି ଜରିଆରେ ୭ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ରାଜ୍ୟର ୭୦ ଲକ୍ଷ ମହିଳାଙ୍କ ଆର୍ଥିକ ସଶକ୍ତିକରଣ । ୩ ଲକ୍ଷ ନୂଆ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୫ ହଜାର ଟଙ୍କା ଲେଖାଏଁ ମୂଳଧନ । ୬ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଡିଜିଟାଲ ସଶକ୍ତିକରଣ ପାଇଁ ୩ ଲକ୍ଷ ଟଙ୍କା ଲେଖାଏଁ ସହାୟତା ।
- ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିଥିବା ରାଜ୍ୟର ୨୫ ଲକ୍ଷ ହିତାଧିକାରୀଙ୍କୁ ନିଜସ୍ୱ ପାଣ୍ଠିରୁ 'ନିଜ ଖାଦ୍ୟ ସୁରକ୍ଷା' ଯୋଜନାରେ ସାମିଲ ।
- ରାତ୍ରିକାଳୀନ ଆହାର ବ୍ୟବସ୍ଥାର ଶୁଭାରମ୍ଭ ।
- ମଧୁବାବୁ ପେନ୍‌ସନ୍ ଯୋଜନାରେ ୫ ଲକ୍ଷ ନୂଆ ହିତାଧିକାରୀଙ୍କୁ ସମିଲ । ଉପକୃତ ହେଉଥିବା ୪୮ ଲକ୍ଷ ହିତାଧିକାରୀଙ୍କ ଭତ୍ତା ପରିମାଣ ୩୦୦ ରୁ ୫୦୦ ଟଙ୍କା ଓ ୫୦୦ ରୁ ୭୦୦ ଟଙ୍କାକୁ ବୃଦ୍ଧି ।
- ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ରାଜ୍ୟର ୫୦ ହଜାର କଳାକାରଙ୍କୁ ମାସିକ ୧୨ଶହ ଟଙ୍କା ଆର୍ଥିକ ସହାୟତା ।
- 'ଆମ ଗାଁ ଆମ ବିକାଶ' ଯୋଜନାରେ ରାଜ୍ୟର ୩୧୪ ବ୍ଲକର ୬୭୯୮ଟି ଗ୍ରାମ ପଞ୍ଚାୟତ ନିମନ୍ତେ ୬୨,୮୫୭ ମୌଳିକ ଭିତ୍ତିଭୂମି ବିକାଶ ପ୍ରକଳ୍ପ ପାଇଁ ୧୫୫୪ କୋଟି ଟଙ୍କା ମଞ୍ଜୁର ।

e-News & Magazine

ତିର ନୂଆ ପରିଭାଷା

ଓଡ଼ିଶା ସରକାର

- **ପିଠା : ସଶକ୍ତିକରଣ ଓ ସଚେତନତା**– ରାଜ୍ୟର ୩୧୪ ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ପ୍ରତିମାସ ୧୫ ରୁ ୨୦ ତାରିଖ ମଧ୍ୟରେ ସ୍ୱତନ୍ତ୍ର ଭାବେ 'ପିଠା କ୍ୟାମ୍ପ' ଜରିଆରେ ହିତାଧିକାରୀମାନଙ୍କୁ ବିଭିନ୍ନ ଯୋଜନା ମାଧ୍ୟମରେ ସାମାଜିକ ସୁରକ୍ଷା, ଖାଦ୍ୟ ସୁରକ୍ଷା, ମିଶନ ଶକ୍ତି ଗୋଷ୍ଠୀଙ୍କୁ ସହାୟତା, ଚିକିତ୍ସା ଓ ଶିକ୍ଷା ସହାୟତା, ଏଲଇଡ଼ିବଲ୍, ବିଦ୍ୟୁତିକରଣ ଭଳି ବିବିଧ ଆବଶ୍ୟକୀୟ ସୁବିଧା ପ୍ରଦାନ ।
- ରାଜ୍ୟର ସହରାଞ୍ଚଳର ୩ ହଜାର ବସ୍ତିର ୧୮ ଲକ୍ଷ ବାସିନ୍ଦାଙ୍କ ପାଇଁ ବିଶ୍ୱର ସର୍ବବୃହତ୍ ବସ୍ତିବାସିନ୍ଦା ଭୂମି ଅଧିକାର ପ୍ରକଳ୍ପ '**ଜାଗା**' କାର୍ଯ୍ୟକାରୀ ।
- ରାଜ୍ୟର ଜନଜାତି ସମ୍ପ୍ରଦାୟଙ୍କ ସାମଗ୍ରିକ ବିକାଶ ଲକ୍ଷ୍ୟରେ ୯ଟି ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ପାଇଁ **ସ୍ୱତନ୍ତ୍ର ଉନ୍ନୟନ ପରିଷଦ** ଗଠନ ।
- ମାଲକାନଗିରି ଜିଲ୍ଲାର ୧୫୧ଟି ଅଗମ୍ୟ ଗ୍ରାମର ୩୦ ହଜାରରୁ ଊର୍ଦ୍ଧ୍ୱ ବାସିନ୍ଦାଙ୍କ ଜୀବନରେଖା ଐତିହାସିକ '**ଗୁରୁପ୍ରିୟା ସେତୁ**' କାର୍ଯ୍ୟକ୍ଷମ । ସ୍ୱାଭିମାନ ଅଞ୍ଚଳ ପାଇଁ ମୁଖ୍ୟମନ୍ତ୍ରୀଙ୍କ ୧୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ।
- ଗ୍ରାମାଞ୍ଚଳର ୯୫ ଲକ୍ଷରୁ ଊର୍ଦ୍ଧ୍ୱ ଘରକୁ **ବିଦ୍ୟୁତ୍ ଶକ୍ତି** ଯୋଗାଣ ।
- ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ବସତିଗୁଡିକୁ ପର୍ଯ୍ୟାପ୍ତ ନିରାପଦ ପାନୀୟଜଳ ଯୋଗାଇଦେବା ଲକ୍ଷ୍ୟରେ '**ବସୁଧା**' ଯୋଜନା ।
- ରାଜ୍ୟରେ **ମେକ୍ ଇନ୍ ଓଡିଶା କନ୍‌କ୍ଲେଭ୍-୨୦୧୮** ସଫଳତାର ସହିତ ଆୟୋଜିତ । ଏହାଦ୍ୱାରା ୪.୨୦ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଓ ପ୍ରାୟ ୬ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ।
- **ଦକ୍ଷତା ବିକାଶ** କର୍ତ୍ତୃପକ୍ଷଙ୍କ ଜରିଆରେ ବିଗତ ୫ ବର୍ଷ ମଧ୍ୟରେ ରାଜ୍ୟର ୯ ଲକ୍ଷରୁ ଊର୍ଦ୍ଧ୍ୱ ଯୁବକ ଯୁବତୀଙ୍କ ଦକ୍ଷତା ବିକାଶ ।
- ୨୦୨୦ ମସିହା ସୁଦ୍ଧା ରାଜ୍ୟରେ **୧୦୦୦ ଟି ଷ୍ଟାର୍ଟ-ଅପ୍**ର ଲକ୍ଷ୍ୟ ।
- ବିଶ୍ୱ ବଜାର ନିମନ୍ତେ ଦକ୍ଷମାନବ ସମ୍ବଳ ସୃଷ୍ଟି ଲକ୍ଷ୍ୟରେ ଭୁବନେଶ୍ୱରଠାରେ '**ବିଶ୍ୱ ଦକ୍ଷତା କେନ୍ଦ୍ର**' ନିର୍ମାଣ ।
- ସତ୍ୟବାଦୀଠାରେ **ଓଡିଆ ବିଶ୍ୱ ବିଦ୍ୟାଳୟ**ର ଶୁଭାରମ୍ଭ ।
- **ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା** କ୍ଷେତ୍ରରେ ଓଡ଼ିଶା ସମଗ୍ର ଦେଶରେ ଉଚ୍ଚ ପ୍ରଶଂସିତ ଏବଂ ଅନୁକରଣୀୟ ।

ସୂଚନା ଓ ଲୋକସମ୍ପର୍କ ବିଭାଗ

e-News & Magazine

କାଳଜୟୀ

ବିଂଶ ଶତକର ସ୍ୱାଧୀନତା ଦଶକ। ଦ୍ୱିତୀୟ ବିଶ୍ୱସମରର ସମୟ। ଓଡ଼ିଆ ସାହିତ୍ୟ ପାଇଁ ଅମଳ ହେଉଥିଲା ଗଦାଗଦା କବିତା। କୁଳବୃଦ୍ଧ ଫକୀରମୋହନଙ୍କ ମାନସସୃଷ୍ଟି କ୍ଷୁଦ୍ରଗଳ୍ପ କିନ୍ତୁ ସଲିଳ ଅଭାବରେ ଝାଉଁଳି ପଡ଼ିଥିଲା। ଏହି ସମୟରେ ଓଡ଼ିଆ ସାହିତ୍ୟର ମାଟିରେ କ୍ଷୁଦ୍ରଗଳ୍ପକୁ ପୁଷ୍ଟ କରିବାକୁ ଜଳ ଏବଂ ଖଣିଜ ଲବଣ ଭରିଥିଲେ ଜଣେ ସୌମ୍ୟଦର୍ଶୀ ପ୍ରଜ୍ଞାବନ୍ତ ଯୁବକ। ସେ କିଏ ? ସେ ଆଉ କେହି ନୁହଁନ୍ତି। ସେ ହେଉଛନ୍ତି ଅଦ୍ୱିତୀୟ କଥା କାରିଗର ରାଜକିଶୋର ରାୟ। ମନେପଡ଼ିଯାଏ ସୁରେନ୍ଦ୍ର ମହାନ୍ତିଙ୍କ ଗୋଟିଏ ଧାଡ଼ି 'ଓଡ଼ିଆ କ୍ଷୁଦ୍ରଗଳ୍ପ ରାଜ୍ୟରେ ପ୍ରାୟ ଏକ ଦୁର୍ଭିକ୍ଷ ଦେଖା ଦେଇଥିବା ବେଳେ ରାଜକିଶୋରଙ୍କ ସୃଷ୍ଟି ସମ୍ପଦ ଏହି ବିଭାଗଟିକୁ ଋଦ୍ଧିମନ୍ତ କରିପାରିଥିଲା।' କଥାଟି ସତ। ଆଉ ଏଇଥିପାଇଁ ହିଁ ଓଡ଼ିଆ କ୍ଷୁଦ୍ରଗଳ୍ପ ଜଗତ ରାଜକିଶୋରଙ୍କ ପାଖରେ ଋଣୀ। ଜାଣି ଆଶ୍ଚର୍ଯ୍ୟ ହେବେ ତାଙ୍କର ସାହିତ୍ୟିକ ଜୀବନ ଆରମ୍ଭ ହୋଇଥିଲା କବିତାରୁ। କିନ୍ତୁ ପରବର୍ତ୍ତୀ ସମୟରେ ସେ ଓଡ଼ିଆ କ୍ଷୁଦ୍ରଗଳ୍ପରେ ବିପ୍ଳବ ଆଣିଥିଲେ। ସାହିତ୍ୟର ପ୍ରାୟ ସବୁ କ୍ଷେତ୍ରରେ ନିଜର ପଦଚିହ୍ନ ଛାଡ଼ିଯାଇଥିଲେ ମଧ୍ୟ ଜଣେ ଅନନ୍ୟ ଗଳ୍ପସ୍ରଷ୍ଟା ଭାବରେ ଓଡ଼ିଆ ସାହିତ୍ୟ ତାଙ୍କୁ ମନେରଖିଛି।

ରାଜକିଶୋରଙ୍କ ଜନ୍ମ ହୋଇଥିଲା ୧୯୧୪ ମସିହା ନଭେମ୍ବର ୨୩ ତାରିଖରେ ଖୋର୍ଦ୍ଧାର ମେଣ୍ଢାଶାଳ (ମାତୁଳାଳୟ) ଗ୍ରାମରେ। ବୃତ୍ତିରେ ଅଧ୍ୟାପକ ହୋଇଥିଲେ ମଧ୍ୟ ତାଙ୍କ ପରିଚୟ ଏକାଧିକ ବ୍ୟକ୍ତିତ୍ୱରେ ଜାଜ୍ୱଲ୍ୟବନ୍ତ। ଗାଳ୍ପିକ, କବି, ଔପନ୍ୟାସିକ, ସାହିତ୍ୟ ସମାଲୋଚକ, ନାଟ୍ୟକାର, ଅଭିନେତା, ସାହିତ୍ୟ ପ୍ରଶାସକ ଭାବରେ ଗୋଟିଏ ପରିପୂର୍ଣ୍ଣ ଜୀବନ ସେ ଜିଇଁ ଥିଲେ। 'ନୀଳଲହରୀ', 'ବିକଚ ଶତଦଳ', 'ଜୟଶ୍ରୀ', 'ବନଜ୍ୟୋସ୍ନା', 'ଅଶୋକଚକ୍ର', 'ଜୟଶଙ୍ଖ', 'ଶୋଣିତ କାବ୍ୟ', 'ମନର ମୃଣାଳ', 'ଏହି କି ଦେବାୟତନ', 'ଆଦି ପୁରୁଷ', 'ମଧ୍ୟାହ୍ନର ମରୁପଥେ', 'ପଙ୍କ ଚନ୍ଦନ', 'ଜୀବନ ସଙ୍ଗୀତ', 'ଦୁର୍ବଳ ଦେବାଳୟ', 'ସୁନ୍ଦରର ଆବାହନ', 'ମନ୍ୱନ୍ତରର ମାନବ', 'ଅମୃତ', 'ଦୃଶ୍ୟ ଦୃଶ୍ୟାନ୍ତର', 'ରାଜକିଶୋର ରାୟଙ୍କ କ୍ଷୁଦ୍ରଗଳ୍ପ (ପ୍ରଥମା)', 'ହେ କାଳ ମହାକାଳ', 'ଋତୁମାନଙ୍କ ସହ ସାକ୍ଷାତକାର', 'ଭବବନ୍ଧନ' ଭଳି ବାଇଶିଗୋଟି ଗଳ୍ପ ସଙ୍କଳନ, ଉପନ୍ୟାସ 'ଉଲଗ୍ନ ବନବାସ', ଜୀବନୀ 'ବାପୁ ସ୍ମରଣେ', ଆତ୍ମଜୀବନୀ 'ଆଦ୍ୟପ୍ରାଣ ଚିନ୍ମୟ', ଶିଶୁ ସାହିତ୍ୟ 'ଅମର କଥା', ସାହିତ୍ୟ ସମାଲୋଚନା 'ସାହିତ୍ୟ ଓ ସାହିତ୍ୟ ତତ୍ତ୍ୱ', ଏକାଙ୍କିକା 'ପଞ୍ଚପଲ୍ଲବ', ଚିଠି ସଂକଳନ 'ପ୍ରଣୟର ପତ୍ରଲିପି', କବିତା ସଂକଳନ 'ଦୀପାଳି' ଆଦି ତାଙ୍କ ସାହିତ୍ୟିକ ଜୀବନର ଗୋଟିଏ ଗୋଟିଏ ଉଜ୍ଜ୍ୱଳ ବତୀଖମ୍ବ। ୧୯୮୯ ମସିହାରେ ସେ ଗଳ୍ପ ସଂକଳନ 'ମନ୍ୱନ୍ତରର ମାନବ' ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରରେ ପୁରସ୍କୃତ। ୧୯୯୮ ମସିହା ଅଗଷ୍ଟ ୧୧ ତାରିଖରେ ଏହି କାଳଜୟୀ ସ୍ରଷ୍ଟା ଅମରଧାମକୁ ଯାତ୍ରା କରିଥିଲେ।

ରାଜକିଶୋରଙ୍କ ଗଳ୍ପମାନଙ୍କର ବିଶେଷତ୍ୱ ହେଲା ଏଥିରେ ଅକଳ୍ପନୀୟ କଳ୍ପନାବିଳାସତା ନ ଥାଏ, ଥାଏ କିନ୍ତୁ ସାଧାରଣ ଆବେଗିକ କଳ୍ପନା ପ୍ରୀତି। ବାସ୍ତବବାଦ, ଆଦର୍ଶବାଦ, ବ୍ୟଙ୍ଗ ଦୃଷ୍ଟିକୋଣ, ମାନବୀୟ ମନସ୍ତାତ୍ତ୍ୱିକ ବିଶ୍ଳେଷଣ, ଅନୁପମ ଭାଷାଶୈଳୀରେ ଭରପୂର ତାଙ୍କ ଗଳ୍ପମାନେ ପ୍ରଦାନ କରିଥାନ୍ତି ରସୋଚ୍ଛଳ ଅନନ୍ୟ ପାଠ୍ୟସୁଖ। ଚଳିତ କାଳଜୟୀ ପୃଷ୍ଠାରେ ପାଠକମାନଙ୍କ ପାଇଁ ସ୍ଥାନିତ କରୁଛୁ ଏହି ଅସାଧାରଣ କଥାଶିଳ୍ପୀଙ୍କର ଚର୍ଚ୍ଚିତ ଗଳ୍ପ 'ଦୁର୍ବଳ ଦେବାଳୟ'। ଉକ୍ତ ଗଳ୍ପଟି ହେଉଛି 'ଦୁର୍ବଳ ଦେବାଳୟ' ଗଳ୍ପ ସଂକଳନର ନାମଗଳ୍ପ। ଗଳ୍ପର କେନ୍ଦ୍ର ଚରିତ୍ର ଭୀଷଣ ଭାବରେ ବକ୍ତୃତା ଅନୁରାଗୀ। କିନ୍ତୁ ତାଙ୍କର ଏହି ପ୍ରାଜ୍ଞ ଅନୁରାଗଟି ବିଛା ଯାଇଥିବା ସ୍ୱାର୍ଥ କଣ୍ଟକରେ କ୍ଷତାକ୍ତ ହେଉଛି। ଗଳ୍ପଟିକୁ ସୁନ୍ଦର ଭାବରେ ଆଲୋଚନା କରିଛନ୍ତି ଜଣାଶୁଣା ଆଲୋଚକ ନାରାୟଣ ସାହୁ। ଆସନ୍ତୁ ପଢ଼ିବା।

– ସମ୍ପାଦିକା

e-News & Magazine

‘ଦୁର୍ବଳ ଦେବାଳୟ’ର ସବଳ ସ୍ୱୀକାରୋକ୍ତି

■ ନାରାୟଣ ସାହୁ

“ସେ ତ କେବଳ ଲେଖୁନାହାନ୍ତି, ଗଳ୍ପ ହିଁ ଲେଖି ଚାଲିଛି ତାଙ୍କୁଇ- ଆଉ ସେ ଲେଖି ଚାଲିବାର ବିଶ୍ରାମ ନାହିଁ କି ଅନ୍ତ ନାହିଁ- ଅସରନ୍ତି ସେଇ କାହାଣୀ।” ଏହା ଥିଲା ରାଜକିଶୋର ରାୟଙ୍କ ଗଳ୍ପ ସଂପର୍କରେ ପ୍ରତିଷ୍ଠିତ କଥାକାର କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ମନ୍ତବ୍ୟ।

ବାସ୍ତବିକ କଥାକାର ରାଜକିଶୋରଙ୍କର କଥା ସାହିତ୍ୟ କ୍ଷେତ୍ରରେ ଅପୂର୍ବ ଦକ୍ଷତା ଥିଲା। ନିଜେ ଥିଲେ ଜଣେ ଅଭିନେତା ଏବଂ ନିର୍ଦ୍ଦେଶକ। ନାଟକଠାରୁ ସିନେମାଯାଏ ତାଙ୍କର ଦକ୍ଷତା ଥିଲା ପରିବ୍ୟାପ୍ତ। ସାମାନ୍ୟ ଘଟଣାକୁ ଶବ୍ଦଛିଟା ଓ ଲେଖାର ପରିପାଟୀ ଦେଇ ସେ ତାହାକୁ ଅସାମାନ୍ୟ କରି ଗଢ଼ି ତୋଳୁଥିଲେ। ରାଜକିଶୋରଙ୍କ ଗଳ୍ପର ଶବ୍ଦ ସଂଯୋଜନା, ଭାବ ଓ ଶୈଳୀରୁ ଏକପ୍ରକାର କାବ୍ୟିକତାର ଗୁଞ୍ଜରଣ ସୃଷ୍ଟି ହୁଏ। ତାଙ୍କର ପ୍ରତିଟି ସୃଷ୍ଟିରେ ଗଳ୍ପକାରିତା ସହ ମିଶିଥିଲା ସଙ୍ଗୀତର ମଧୁର ମୂର୍ଚ୍ଛନା। ତାଙ୍କ ରଚନା ଶୈଳୀର ବର୍ଣ୍ଣନା ପାଟବତା ଓ ଗୁରୁଗମ୍ଭୀର ଭାଷା ପାଠକର ପ୍ରାଣକୁ ସ୍ପର୍ଶ କରୁଥିଲା।

ସାମାଜିକ ମଣିଷର ବାସ୍ତବ ସ୍ୱରୂପକୁ ସେ ଲେଖନୀ ମୁନରେ ଜୀବନ୍ୟାସ ଦେଉଥିଲେ। ନିର୍ଭୀକତା, ସ୍ପଷ୍ଟବାଦିତା ଓ ସତ୍ୟନିଷ୍ଠା ଥିଲା ତାଙ୍କ ଜୀବନର ମୂଳମନ୍ତ୍ର। ଶବ୍ଦାଡ଼ମ୍ବରସଂପନ୍ନ ଭାଷା ସହିତ ଅଭିଜାତ ରୋମାଣ୍ଟିକ ଭାବପ୍ରବଣତା ତାଙ୍କ ଗଳ୍ପକୁ ଏକ କାଳଜୟୀ ଗୌରବ ପ୍ରଦାନ କରୁଥିଲା।

ଏହି ସୁଦକ୍ଷ ସାରସ୍ୱତ ବିନ୍ଧାଣୀ ୧୯୧୪ ମସିହା ନଭେମ୍ବର ୨୩ ତାରିଖରେ ଖୋର୍ଦ୍ଧା ନିକଟସ୍ଥ ମେଣ୍ଢାଶାଳ (ମାତୃଳାଳୟ) ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗରେ ସବ୍‌ଇନ୍‌ସପେକ୍ଟର ଭାବେ ଚାକିରି ଆରମ୍ଭକରି ୧୯୬୯ରେ ଅବସର ଗ୍ରହଣ କରିଥିଲେ। ଓଡ଼ିଶାର ବାଣୀଭଣ୍ଡାରକୁ ଗଳ୍ପ, ଉପନ୍ୟାସ, ଜୀବନୀ, ଆତ୍ମଜୀବନୀ, କବିତା, ସମାଲୋଚନା, ଶିଶୁ ସାହିତ୍ୟ, ଚିଠି ଓ ଏକାଙ୍କିକା ଦାନକରି ୧୯୯୮ ଅଗଷ୍ଟ ୧୧ ତାରିଖରେ ଇହଲୀଳା ସମ୍ବରଣ କରିଥିଲେ।

୧୯୪୪ରୁ ୧୯୯୭ ମଧ୍ୟରେ ତାଙ୍କ ଅମରଲେଖନୀରୁ ନିସୃତ ହୋଇଥିଲା ବାଇଶିଗୋଟି ଗଳ୍ପ ସଂକଳନ। ୧୯୮୯ ମସିହା ପାଇଁ ଗଳ୍ପପୁସ୍ତକ ‘ମନ୍ୱନ୍ତରର ମାନବ’ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିଲେ। ଚାଳିଶୀଦଶକରୁ ଗଳ୍ପରଚନା ଆରମ୍ଭ କରିଥିଲେ ରାଜକିଶୋର। ଓଡ଼ିଆ ଗଳ୍ପ ସାମ୍ରାଜ୍ୟ ପାଇଁ ଏହା ଥିଲା ଏକ ଗୁରୁତ୍ୱପୂର୍ଣ୍ଣ ସମୟ। ଯଥାର୍ଥରେ ସୁରେନ୍ଦ୍ର ମହାନ୍ତି କହିଥିଲେ, “ଓଡ଼ିଆ କ୍ଷୁଦ୍ରଗଳ୍ପ ରାଜ୍ୟରେ ପ୍ରାୟ ଦୁର୍ଭିକ୍ଷ ଦେଖା ଦେଇଥିବା ବେଳେ ରାଜକିଶୋରଙ୍କ ସୃଷ୍ଟି ସଂପଦ ଏହି ବିଭାଗଟିକୁ ଋଦ୍ଧିମନ୍ତ କରିପାରିଥିଲା।”

ରାଜକିଶୋର ବୃତ୍ତିରେ ଅଧ୍ୟାପକ ଥିଲେ। ଅଧ୍ୟାପନା ସହିତ ପ୍ରଶାସନିକ କାର୍ଯ୍ୟରେ ମଧ୍ୟ ସେ ଧୂରୀଣ ଥିଲେ। ରେଭେନ୍‌ସା ସାନ୍ଧ୍ୟ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଭାବେ ତାଙ୍କର ବେଶ୍ ସୁନାମ ଥିଲା। ନିଜର ଅଙ୍ଗେଲିଭା ଅନୁଭୂତିକୁ ରାଜକିଶୋର ଅଧିକାଂଶ ଗଳ୍ପରେ ବଖାଣିଛନ୍ତି। ସ୍ଥଳବିଶେଷରେ ସେ ସାମାଜିକ ବିଧିବ୍ୟବସ୍ଥାକୁ ଅତି ନିର୍ଦ୍ଦୟଭାବେ ସମାଲୋଚନା ମଧ୍ୟ କରିଛନ୍ତି। ତାଙ୍କ ଗଳ୍ପରେ ରୋମାଣ୍ଟିକ ଭାବାବେଗ ସହିତ ବ୍ୟଙ୍ଗବିଦ୍ରୂପ ବି ସମାନଭାବେ ଆରୋପିତ ହୋଇଥାଏ।

‘କଳିଙ୍ଗଶିଳ୍ପୀ’ର ଏଇ ବିନ୍ଧାଣୀ ଜୀବନକୁ ଏକ ଭିନ୍ନଭାବରେ ଉପଭୋଗ କରିଛନ୍ତି। ଏକ ସ୍ୱୀକାରୋକ୍ତିରେ ସେ କହିଛନ୍ତି, ‘ଜୀବନକୁ ଯେଉଁ ରୂପରେ ମୁଁ ଦେଖିଛି, ଜଗତକୁ ଯେଉଁ ଭାବରେ ବୁଝିଛି, ତା’ର ଚିତ୍ର ମୋର ସୃଷ୍ଟି ଭିତରେ ରୂପାୟନ ପାଇଁ ଚେଷ୍ଟା କରିଛି। ଜୀବନ ସହିତ ମୋର ପରିଚୟପତ୍ରର ମିଳିତ ସ୍ୱାକ୍ଷରରେ ପ୍ରତ୍ୟେକଟି ଗଳ୍ପ ସାକ୍ଷୀ ସ୍ୱରୂପ।’ ଅର୍ଦ୍ଧଶତାବ୍ଦୀ ଧରି ଓଡ଼ିଆ ଗଳ୍ପକୁ ଉଭୟ ଗୁଣାତ୍ମକ ଓ ପରିମାଣାତ୍ମକ ଭାବେ ସମୃଦ୍ଧ କରିଥିବା ଗାଳ୍ପିକ ରାଜକିଶୋର ଓଡ଼ିଆ ଗଳ୍ପ ସାହିତ୍ୟର ଇତିହାସରେ ଥିଲେ ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ।

ରୋମାଣ୍ଟିକ ତନ୍ମୟତା ସାଙ୍ଗକୁ ଅଦ୍ଭୁତ ଶବ୍ଦାଡମ୍ବର ରାଜକିଶୋରଙ୍କ ଗଳ୍ପକୁ କାଳଜୟୀ କରିପାରିଛି। ମନୋବୈଜ୍ଞାନିକ ଶୈଳୀରେ ଚରିତ୍ରକୁ ବିଶ୍ଳେଷଣ କରିବାର ଅସାମାନ୍ୟ ଦକ୍ଷତା ତାଙ୍କର ଥିଲା। ‘ଦୁର୍ବଳ ଦେବାଳୟ’ ରାଜକିଶୋର ରାୟଙ୍କର ଏକ ଭିନ୍ନସ୍ୱାଦର ଗଳ୍ପ। ଏହି ଅନୁପମ ସୃଷ୍ଟିରେ ଗାଳ୍ପିକ ଆଜିର ସ୍ୱାର୍ଥସର୍ବସ୍ୱ ମଣିଷର ସ୍ୱରୂପକୁ ଉଦ୍‌ଘାଟନ କରିଛନ୍ତି। ଗଳ୍ପଟିର ଭାଷା ଭାବ ଶୈଳୀ ଓ ସର୍ବୋପରି ଭବିଷ୍ୟସଂଚାରୀ ଦୃଷ୍ଟିଭଙ୍ଗୀ ଏହାକୁ କାଳଜୟୀ ସୋପାନକୁ ଉତ୍ତୀର୍ଣ୍ଣ କରାଇ ପାରିଛି।

ଗଳ୍ପର ନାୟକ ନରସିଂହ ଚୌଧୁରୀ କୌଣସି ଏକ କଲେଜର ଅଧ୍ୟକ୍ଷ। ସଭାସମିତିରେ ଭାଷଣ ପ୍ରତି ତାଙ୍କର ଅହେତୁକ ଦୁର୍ବଳତା। ଜୀବନସାରା ଅନ୍ୟକୁ ସମୟାନୁବର୍ତ୍ତୀତା ଶିକ୍ଷା ଦେଇଆସିଥିବା ଚୌଧୁରୀ ଛ’ଟା ବେଳକୁ ନିଜକୁ ପ୍ରସ୍ତୁତ କରିସାରିଥିଲେ। କଲେଜ ଲାଇବ୍ରେରୀରୁ ଉତ୍କଳଗୌରବ କୁଳବୃଦ୍ଧ ମଧୁସୂଦନଙ୍କ ବହି ଘାଣ୍ଟି ସେଥିରୁ ତାଙ୍କ ବାଣୀଗୁଡ଼ିକୁ ଲିପିବଦ୍ଧ କରିଛନ୍ତି। ଭାଷଣ ପରେପରେ ଶ୍ରୋତାମଣ୍ଡଳୀ କିପରି ଉଚ୍ଛ୍ୱସିତ ହୋଇ କରତାଳି ଦେବେ, ସେହି ଘଟଣା ଭାବିଭାବି ମନେମନେ କୁରୁଳି ଉଠୁଥିଲେ ନରସିଂହ ଚୌଧୁରୀ। ବାରମ୍ବାର ଝିଅ ରମାର ତାଗିଦ୍ “କାର୍ ଆସିବା ମାତ୍ରେ ତୁମେ ଉଠିପଡ଼ିବ, ତୁମ ଆଡୁ ଯିମିତି ଅଡୁଆ କିଛି ନ ଥାଏ।” ସହଧର୍ମିଣୀ ମୃଦୁଳା ଦେବୀଙ୍କର ମଧ୍ୟ ତାଗିଦ୍- “ହଁ, ମଝିରେ ମଝିରେ ପାଣି ପିଇବ। ଏବେ ସେମାନେ ଭୁଲି ଯାଉଛନ୍ତି ପାଣିଗ୍ଲାସ ଟେବୁଲ ଉପରେ ରଖିବାକୁ। ଆଉ କ’ଣ ବୟସ ଅଛି ଯେ, ଅନର୍ଗଳ କହିଯିବ ବିନା ଶୋଷରେ।”

ସନ୍ଧ୍ୟା ସାତଟା ହେଲା। ତଥାପି କାର୍ ଆସିଲା ନାହିଁ। ମନେମନେ ଅନେକ କଥା ଭାବି ଚାଲିଥିଲେ ଚୌଧୁରୀ। ଅପେକ୍ଷାଟା ତାଙ୍କୁ ଭୀଷଣ ବାଧୁଥିଲା। ତଥାପି ମନେମନେ ଖୁସୀ ହେଉଥିଲେ, ଯାହାହେଲେ ବି ଶ୍ରୋତାଗଣ ତାଙ୍କ ଭାଷଣକୁ ତାରିଫ

e-News & Magazine

Downloaded from : https://t.me/odianewspaper

କରିବେ। ମଧୁସୂଦନଙ୍କ ପ୍ରତିମୂର୍ତ୍ତି ଦେହରେ ଫୁଲମାଳ ଲମ୍ବାଇ ତାଙ୍କ ସାମନାରେ ପ୍ରଦୀପ ଜଳାଇ ଶ୍ରଦ୍ଧା ନିବେଦନ କରିବାକୁ ହେବ। ଭାବନାର ଅସରନ୍ତି ଖିଅ ମଧ୍ୟରେ ଚୌଧୁରୀ ଅନ୍ତର୍ଲୀନ ଅବସ୍ଥାକୁ ଆସିଯାଇଛନ୍ତି। ସମ୍ୟକ ତନ୍ଦ୍ରା ଭିତରେ ସେ ଅବଲୋକନ କରୁଛନ୍ତି, ମଧୁସୂଦନ କିପରି ପ୍ରଚଣ୍ଡ କ୍ରୋଧରେ ତାଙ୍କ କାରଖାନା ତିଆରି ଯୋତାଗୁଡ଼ାକ କାଟିପକାଉଛନ୍ତି ଆଉ କହୁଛନ୍ତି, "ବିଦେଶକୁ ଏଇ ଯୋତାଗୁଡ଼ାକ ପଠାଇବି ? ଓଡ଼ିଆ କାରିଗର କଅଣ ମରିଗଲେଣି ? ମୋର ସବୁ ସ୍ୱପ୍ନ କ'ଣ ବୃଥା ହୋଇଯିବ ?"

ସାଢ଼େ ସାତ ବାଜିଲା। ତଥାପି କାର୍ ଆସିଲା ନାହିଁ। ସେଦିନ କିନ୍ତୁ ମୃଦୁଳା ଦେବୀ ଠିକ୍ ଟିପ୍ପଣୀ ଦେଇଥିଲେ- "ବାପାଙ୍କର ଏଇ ଗୋଟିଏ ଦୁର୍ବଳତା ପାନ ନାହିଁ, ସିଗାରେଟ ନାହିଁ, କୌଣସି ନିଶା ନାହିଁ... ଏଇ ଗୋଟାଏ ନିଶା... ଯିଏ ଡାକିଦେଲା ସଭାସମିତି ନାଁରେ, ନାହିଁ କରିବାର ଉପାୟ ନାହିଁ।"

ଭାଷଣ ପ୍ରତି ଚୌଧୁରୀଙ୍କ ଥିଲା ବଡ଼ ଦୁର୍ବଳତା। ଅନେକ ସମୟରେ ସେ ସଭାସ୍ଥଳରୁ ଭୋକ ଉପାସରେ ଚାଲିଚାଲି ମଧ ଘରକୁ ଫେରିଛନ୍ତି। ହେଲେ କାହାରି ଆଗରେ ନିଜ ମନର ଦୁର୍ବଳତା ପ୍ରକାଶ କରିନାହାନ୍ତି।

ନରସିଂହ ଚୌଧୁରୀଙ୍କ ଭାବନାରେ ବାଧା ସୃଷ୍ଟିକରି ହଠାତ୍ ଆବିର୍ଭାବ ହୋଇଛନ୍ତି ଲୋକପ୍ରତିନିଧି। କୃତ୍ୟକୃତ୍ୟ ହୋଇଛନ୍ତି ଚୌଧୁରୀ। ତତ୍‌କ୍ଷଣାତ୍ ଅତିଥିଙ୍କ ଜଳଯୋଗର ବ୍ୟବସ୍ଥା କରିଛନ୍ତି। ପରେପରେ ଲୋକପ୍ରତିନିଧି ପ୍ରସ୍ତାବ ବାଢ଼ିଛନ୍ତି- "ଆଜି ସନ୍ଧ୍ୟା ସାଢ଼େ ଛ'ଟାରେ କ୍ଲବ୍‌ଘରେ ମଧୁବାବୁଙ୍କ ଜୟନ୍ତୀ ପାଳିତ ହେବ। ସବୁ ଆୟୋଜନ ଶେଷ, କେବଳ ଆପଣଙ୍କର ସ୍ୱୀକୃତି। ମୁଁ ଜାଣେ ଅନ୍ୟ କେହି ଆସିଲେ ଆପଣ ମନା କରିଦେଇଥାନ୍ତେ, ମୁଁ ସେଥିପାଇଁ ନିଜେ ଆସିଲି। ଆପଣଙ୍କୁ ଯିବାକୁ ହେବ। ଠିକ୍ ସମୟରେ କାର୍ ଆସିଯିବ... ସବୁ ବ୍ୟବସ୍ଥା ହୋଇଛି।"

ମନେମନେ ଖୁସୀ ହେଉଥିଲେ ଚୌଧୁରୀ। କାରଣ ତାଙ୍କ ଦୁର୍ବଳତାର ବିଜୟ ଘଟିବାକୁ ଯାଉଛି। ସମ୍ମତି ପ୍ରଦାନ କଲେ। ହେଲେ ଲୋକପ୍ରତିନିଧିଙ୍କ ଅସଲ ଉଦ୍ଦେଶ୍ୟ ଥିଲା ଭିନ୍ନ। ତାଙ୍କ ପୁତୁରା ପରୀକ୍ଷାରେ କପିକରି ଧରାପଡ଼ିଛି। ତାକୁ ମୁକୁଳାଇବା ଉଦ୍ଦେଶ୍ୟରେ ସେ ଆସିଥିଲେ। କିନ୍ତୁ ଉପରକୁ ରିପୋର୍ଟ ଚାଲିଯାଇଥିବାରୁ ଆଉ କିଛି କରିହେବନାହିଁ ବୋଲି ଜଣାଇଥିଲେ ଚୌଧୁରୀ। ବାଧ ହୋଇ ଉଠିଲେ ଲୋକପ୍ରତିନିଧି। ନମସ୍କାର କରି ଚୌଧୁରୀ କହିଲେ- "କ୍ଷମା କରିବେ, ଆପଣଙ୍କର ଅନୁରୋଧ ରକ୍ଷାକରିପାରିଲି ନାହିଁ।" ତତ୍‌କ୍ଷଣାତ୍ ଲୋକପ୍ରତିନିଧିଙ୍କ ପ୍ରଶ୍ନଥିଲା, "କ'ଣ ମିଟିଂକୁ ଯିବେ ନାହିଁ ?" ନିଜର ଦୁର୍ବଳତାକୁ ଆହୁରି ପ୍ରଶସ୍ତ କରି ଚୌଧୁରୀ କହିଲେ – "ନା', ନା', ସେ କେମିତି କଥା; ସେ ତ ମୋର ଆନନ୍ଦ ! ଆପଣ ଯେତେବେଳେ ଏତେ ଖରାରେ ମତେ ନିମନ୍ତ୍ରଣ କରିବାକୁ ଆସିଲେ, ମୁଁ ଏତିକି ସୌଜନ୍ୟ ଦେଖେଇପାରିବି ନାହିଁ ? ମୁଁ କହୁଥିଲି, ପୁତୁରା କଥା...।"

କାଳବିଳମ୍ବ ନ କରି ଲୋକପ୍ରତିନିଧି ଆଗେଇଥିଲେ ଫାଟକଆଡ଼େ। ହେଲେ ଚୌଧୁରୀ ନିଜର ଦୁର୍ବଳତାକୁ ଲୋକପ୍ରତିନିଧିଙ୍କ ଦୁର୍ବଳତା ସହିତ ମିଳାଇବାକୁ ଚେଷ୍ଟା କରୁଥିଲେ। ରାତି ନ'ଟା ବାଜିଲା। ମିଟିଂର କୌଣସି ଖୋଜଖବର ନ ଥିଲା। କାର୍ ଆସିନଥିଲା। ତେବେ ଯଥା ସମୟରେ ମଧୁଜୟନ୍ତୀ ଅନୁଷ୍ଠିତ ହୋଇଯାଇଥିବା ଜଣାପଡ଼ିଥିଲା। ପରଦିନ ସମ୍ବାଦପତ୍ରରେ ମଧୁଜୟନ୍ତୀ ଉପଲକ୍ଷେ ଲୋକପ୍ରତିନିଧିଙ୍କ ଅନବଦ୍ୟ ଭାଷଣ ପୃଷ୍ଠାମଣ୍ଡନ କରିଥିଲା। ନିଜ ଭିତରର ଅହଂଟାକୁ ଫିଙ୍ଗିଦେଇ ଚୌଧୁରୀ ମହାଶୟ ମନକୁ ମନ କହି ଚାଲିଥିଲେ- 'ଦେବାଳୟଟି ସୁନ୍ଦର... କିନ୍ତୁ ପ୍ରତିମାଟି ଦୁର୍ବଳ।'

ଗଳ୍ପଟିରେ ରାଜକିଶୋର ନିଜ ପାଇଁ ଏବଂ ତଥାକଥିତ ସମାଜ ପାଇଁ ଛାଡ଼ିଯାଇଛନ୍ତି ଅସରନ୍ତି ପ୍ରଶ୍ନ। ଏଠାରେ କାହାର ଭୂମିକା ଗୁରୁତ୍ୱପୂର୍ଣ୍ଣ ? ଦେବାଳୟର ନା' ପ୍ରତିମାର ? ସମାଜମନସ୍କ ଏହି ଗାଳ୍ପିକଙ୍କ ରଚନାର ବାଲିତଳେ ଏକ ନିଦାରୁଣ ବାସ୍ତବତା ଯେ ଅନ୍ତଃସଲିଳା ଫଲ୍‌ଗୁ ଭଳି ପ୍ରବହମାନ, ଏଥିରେ କାହାରି ଦ୍ୱିମତ ହେବାର ନାହିଁ। ଅନ୍ନଦାଶଙ୍କର ରାୟ ଯଥାର୍ଥରେ କହିଥିଲେ, "ରାଜକିଶୋର ରାୟ ଜଣେ born story-teller ଯେକୌଣସି ବିଷୟରେ ସେ ଗଳ୍ପଟିଏ ଲେଖିବା ପରେ ପଢ଼ିଲେ ମନେହେବ ସବୁ ସତ-ସବୁ ତାଙ୍କୁ ଜଣା।" କଥା କଥାରେ ନାଟକୀୟତା ବୁଣି ଚାଲିଥିବା ଏହି ସତ୍ୟସନ୍ଧ ମଣିଷଟି ଚିନ୍ତା ଓ ଚେତନାରେ ଥିଲେ ଗାଳ୍ପିକ କିନ୍ତୁ ମନହୃଦୟ ଥିଲା ଜଣେ କବିର... ଜଣେ ଦରଦୀ ନାଟ୍ୟକାରର।

ଦୁର୍ବଳ ଦେବାଳୟ

ରାଜକିଶୋର ରାୟ

ଘଟଣାଟି ଘଟିଯିବା ପରେ ଚିରସ୍ମରଣୀୟ ସ୍ତରକୁ ଆସିବା ବେଳକୁ ଶ୍ରୀଯୁକ୍ତ ନରସିଂହ ଚୌଧୁରୀ ଭାବିଲେ, କାହାର ଦୁର୍ବଳତା ନାହିଁ ? ମଣିଷ ଶରୀର ଧରି କାହାର ଏପରି ଆସ୍ପର୍ଦ୍ଧା ହେବ ଯେ, ସେ କହିବ ତା'ର ଦୁର୍ବଳତା ନାହିଁ ?

ଦୁର୍ବଳତା ସମସ୍ତଙ୍କର ଅଛି ଏବଂ ଏହି ଦୁର୍ବଳତା ଯୋଗୁ ମଣିଷର ଅଧଃପତନ ଘଟିଥାଏ, କିନ୍ତୁ ଶ୍ରୀଯୁକ୍ତ ନରସିଂହ ଚୌଧୁରୀଙ୍କର ଯେଉଁ ଦୁର୍ବଳତାଜନିତ ଘଟଣା ଜୀବନରେ ଘଟିଗଲା, ଯାହା କି ତାଙ୍କର ଜୀବନୀ-ଲେଖକଙ୍କ ମତରେ ସାହିତ୍ୟରେ ସ୍ଥାନ ପାଇବା ଆବଶ୍ୟକ, ସେ ଦୁର୍ବଳତାର ରୂପରେଖ ଏପରି କିଛି ନୁହେଁ, ଯାହା ପାଇଁ ସେ ଲଜ୍ଜିତ ହେବେ ଅବା ଜୀବନସାରା ଆତ୍ମଗ୍ଲାନିରେ ଭାବି ହେଉଥିବେ ।

ବିଚିତ୍ର ଜୀବନର ବିଚିତ୍ର ଧାରା କେତେ କୁଆଡ଼େ ଭାସିଯାଇଛି । ଛୋଟ ହେଉ ବଡ଼ ହେଉ, ମଣିଷର ଜୀବନ ଗୋଟିଏ ପ୍ରଶସ୍ତ ଗନ୍ତାଘର । ମଣିମାଣିକ୍ୟଠାରୁ ଆରମ୍ଭ କରି ଅତି ତୁଚ୍ଛ ପଦାର୍ଥର ସଂସାରରେ ଏହା ପରିପୂର୍ଣ୍ଣ ହୁଏ ବୋଲି ଜୀବନ ଏତେ ସୁନ୍ଦର, ପୁଣି ଏତେ କୁତ୍ସିତ ।

ଝିଅ ରମା ଆସି କେତେବେଳୁ ତାଗିଦା କରି ଗଲାଣି, "ବାପା, ଠିକ୍ ଛଅଟା ତିରିଶ ମିନିଟ୍‌ରେ ସଭା, ମନେ ଅଛି ତ ? ଏଇନେ ତ ଛଅଟା ପଚିଶ ମିନିଟ୍ । ଗାଡ଼ି ପ୍ରାୟ ଆସିଗଲା ବୋଲି ଭାବ; ତମେ ବରଂ ବୈଠକଖାନା ଛାଡ଼ି ବାହାର ବାରଣ୍ଡାରେ ବସ । କାର୍ ଆସିବାମାତ୍ରେ ତୁମେ ଉଠିପଡ଼ିବ, ତୁମଆଡୁ ଯିମିତି ଅଡୁଆ କିଛି ନ ଥାଏ ।"

ସ୍ତ୍ରୀ ମୃଦୁଳା ଦେବୀ ଦୁଇଥର ଆସି ଚେତେଇ ଦେଇଛନ୍ତି, "ଶୁଣ, ଗଳାବନ୍ଧା କୋଟ୍‌ର ଗଳା ପାଖ ବୋତାମ ବକ୍ତୃତା ଦେଲାବେଳେ ଖୋଲିଦେବ । ତମର ଅନେକ ସମୟରେ ମନେରହେନି । କୋଟ୍‌ଟା ପୁରୁଣା ହେଲାଣି ବା ବୋତାମଟା ଆଣ୍ଟ ହେଉଛି । ମୁଁ ସାଙ୍ଗରେ ଯାଇଥିଲେ ଏତେ କଥା ଭାବିବାକୁ ପଡ଼ନ୍ତା ନାହିଁ; ପେଣ୍ଡାଲ ଉପରେ ନ ବସିଲେ ବି ତଳେ ବସି ଚେୟାର ଉପରୁ ସଙ୍କେତ ଦେଇଦିଅନ୍ତି ବୋତାମଟା ଖୋଲିଦେବାକୁ । ମୁଁ ତ ଯାଉ ନାହିଁ । ତୁମେ ମନେକରି ସବୁ ଚଳେଇନେବ ।"

"ହଁ, ମଝିରେ ମଝିରେ ପାଣି ପିଇବ । ଏବେ ସେମାନେ ଭୁଲିଯାଉଛନ୍ତି ପାଣିଗ୍ଲାସ୍ ଟେବୁଲ ଉପରେ ରଖିବାକୁ । ସଭା ପରେ ଫାଣ୍ଟା ଆଣି ଦେଉଛନ୍ତି, କିଏ ବା ଦେଉନାହାନ୍ତି । ଆଉ କ'ଣ ବୟସ ଅଛି ଯେ, ଅନର୍ଗଳ କହିଯିବ ବିନା ଶୋଷରେ ।"

ଗଳାବନ୍ଧା କୋଟ୍‌ର ନିର୍ମମ ଉତ୍ତାପରେ ଯେତେ ନୁହେଁ, ସଭାର ଉଦ୍ୟୋକ୍ତାମାନଙ୍କର ତାଙ୍କ ପ୍ରତି ଏ ଅପମାନର ଉତ୍ତାପ ବହୁଗୁଣରେ ନରସିଂହ ଚୌଧୁରୀଙ୍କୁ ଉତ୍ତପ୍ତ କରିଦେଇଛି । ତଥାପି ସେ ବିମୂଢ଼ ହୋଇ ଅପେକ୍ଷମାଣ ଅବସ୍ଥାରେ ଚେୟାରଟି ଉପରେ ବସି ରହି ପ୍ରସ୍ଥାୟମାନ ସନ୍ଧ୍ୟାର ରୂପକୁ ଦେଖୁଥାନ୍ତି ।

ଯୁବକ ଅବସ୍ଥାରୁ ଶିକ୍ଷା ବିଭାଗରେ କାର୍ଯ୍ୟ କରିବା ପ୍ରାରମ୍ଭରୁ ଆଜି ଜୀବନର ସନ୍ଧ୍ୟା ପର୍ଯ୍ୟନ୍ତ ସାଂସ୍କୃତିକ ସଭା-ସମିତିରେ ତାଙ୍କୁ ଖୋଜି ଲୋଡ଼ି ନେଇଛନ୍ତି ଦେଶବାସୀ । ପ୍ରତ୍ୟେକଟିରେ ଯେ ଉପଯୁକ୍ତ ଭାବରେ ସେ ସମ୍ମାନିତ ହୋଇଛନ୍ତି, ତାହା ନୁହେଁ, ତେବେ ଉଦ୍ୟୋକ୍ତାମାନଙ୍କର ଆଗ୍ରହ ତାଙ୍କୁ ଆକର୍ଷଣ କରିନିଏ ବିଭିନ୍ନ ସ୍ଥାନକୁ । ତାହା ହିଁ ତାଙ୍କର ଆନନ୍ଦ; ତରୁଣ, ଯୁବକ, ପ୍ରୌଢ଼ ସମସ୍ତଙ୍କ ସହିତ ମିଶିବେ, ଭାବଧାରା ଗ୍ରହଣ କରିବେ, ଦେବେ ନେବେ, ଏଇଆ ।

e-News & Magazine

ଲାଇବ୍ରେରୀରୁ ବହି ଆଣି ଚୌଧୁରୀ ଟିପି ରଖିଛନ୍ତି ଉତ୍କଳଗୌରବ କୁଳବୃଦ୍ଧ ମଧୁସୂଦନଙ୍କର ବାଣୀଗୁଡ଼ିଏ – ସଭାରେ ବ୍ୟାଖ୍ୟାନ ଦେବେ। ମହାତ୍ମା ଗାନ୍ଧୀ ଯାହା ଚିନ୍ତା କରିପାରି ନ ଥିଲେ, ଗୋଟାଏ ଓଡ଼ିଆ ତାହା ବହୁ ଆଗରୁ ଚିନ୍ତା କରିଥିଲା – ଏହାର ପ୍ରମାଣ ଦେଲାବେଳେ ଶ୍ରୋତୃମଣ୍ଡଳୀ କିପରି ଉଚ୍ଛ୍ୱସିତ କରତାଳି ଦେବେ, ସେ କିପରି ବିନମ୍ରଭାବରେ ମଥା ପୋତି ତାହା ଗ୍ରହଣ କରିବେ, ଏହା ଭାବୁଭାବୁ ନରସିଂହ ଚୌଧୁରୀ ହାତଘଣ୍ଟା ଦେଖିବାରେ ଜାଣିଲେ ଯେ ସନ୍ଧ୍ୟା ସାତଘଣ୍ଟା ଅତିକ୍ରାନ୍ତ ହୋଇଯାଇଛି।

ଯଦି କାର୍‌ଟା ବାଟରେ ଖରାପ ହୋଇଯାଇଥାଏ, ଟାଉନ୍ ଜାଗାରେ କ'ଣ ଟାକ୍ସିର ଅଭାବ ଅଛି ଯେ, ଏ ପରିସ୍ଥିତିର ସମାଧାନ ହେବ ନାହିଁ ? ଅବା ଫୁଲମାଳ ଆସିବାରେ ଡେରି ହୋଇଥିବ, ତାହା ହେଉ। ଅବଶ୍ୟ ନିଜ ପାଇଁ ନ ହେଲେ ଚଳିଯିବ; କିନ୍ତୁ ପ୍ରୋଗ୍ରାମ୍‌ରେ ଅଛି ଗୁଡ଼ିଏ ପ୍ରଦୀପ ଜଳାଇ ମଧୁସୂଦନଙ୍କର ଆବକ୍ଷ ମୂର୍ତ୍ତି ଉପରେ ବକ୍ତା ପୁଷ୍ପମାଲ୍ୟ ଅର୍ପଣ କରିବେ।

ମୃଦୁଳା ଦେବୀ ବିରକ୍ତି ଭାବ ଦେଖାଇ ଘରଭିତରୁ ଆସି କହିଲେ, କାହିଁକି ଯେ ତୁମେ ଏ ସଭା-ସମିତିର ଡାକରାରେ ଭୁଲିଯାଇ ସମସ୍ତଙ୍କୁ 'ହଁ' କରିଦିଅ, ମୁଁ ବୁଝିପାରେନି। ଆଉ କ'ଣ ସୁନାମ ନା' ଯଶର ବାକି ଅଛି ? ବରଂ ସେତିକି ସମୟ ଘରେ ସୁସ୍ଥଭାବରେ ବସି ରହିଲେ ଭଲ ହୁଅନ୍ତା, ଏବେ ଏ ଯେଉଁ ଅପେକ୍ଷା, ତାହା ତ କଷ୍ଟକର ହୁଅନ୍ତା ନାହିଁ !

ଶ୍ରୀ ଚୌଧୁରୀ ଅନ୍ତର୍ଲୀନ ଅବସ୍ଥାରେ ବସିରହିଛନ୍ତି। କ୍ଳାନ୍ତି ଧୀରେଧୀରେ ଚକ୍ଷୁପତା ଉପରେ ଆଚ୍ଛନ୍ନ ହୋଇ ଆସୁଛି। ସେହି ସମ୍ୟକ୍ ତନ୍ଦ୍ରା ଭିତରେ ସେ ଅବଲୋକନ କରୁଛନ୍ତି ମଧୁସଦନ କିପରି ପ୍ରଚଣ୍ଡ କ୍ରୋଧରେ ତାଙ୍କ କାରଖାନା ତିଆରି ଯୋତାଗୁଡ଼ାକ କାଟିପକାଉଛନ୍ତି ଆଉ କହୁଛନ୍ତି, 'ବିଦେଶକୁ ଏଇ ଯୋତାଗୁଡ଼ାକ ପଠାଇବି ? ଓଡ଼ିଆ କାରିଗର କ'ଣ ମରିଗଲେଣି ? ମୋର ସବୁ ସ୍ୱପ୍ନ କଅଣ ବୃଥା ହୋଇଯିବ ?'

ପୁଣି ଯେତେବେଳେ କେହି ଜଣେ ତାରକସି କାମର ଗୋଲାପ ଅତର-ଦାନିକୁ ବୁଢ଼ାଙ୍କ ଆଖିଆଗକୁ ନେଇଆସୁଛନ୍ତି, ତାକୁ ଦେଖି ସେ ଚିତ୍କାର କରୁଛନ୍ତି- "ସାବାସ୍ ଓଡ଼ିଆପୁଅ ! ଆରେ ମୁଁ ମରିଗଲେ ବି ଏ ଶିଳ୍ପୀ ବଞ୍ଚିବ... କାଳ-କାଳକୁ ବଞ୍ଚିବ... ଉଠିବେ ସହସ୍ର ଭୁଜା...।"

ରମା ପୁଣି ଆସି ସମ୍ବାଦ ଦେଲା- "ବାପା ଘରଭିତରକୁ ଚାଲ, ସେମାନେ ଆସିବେ ନାହିଁ; ସାଢ଼େ ସାତଘଣ୍ଟା ହୋଇଗଲା। ଆସିଲେ ବି ତମର ଯିବା ଉଚିତ ହେବ ନାହିଁ, କାରଣ ତୁମେ ଜୀବନଯାକ ସମୟାନୁବର୍ତ୍ତିତା ଶିଖେଇ ଆସିଛ ଛାତ୍ରମାନଙ୍କୁ। ସେମାନେ କେତେମାତ୍ରାରେ ତାହା ଗ୍ରହଣ କଲେ କି ନ କଲେ ତାହା ଭିନ୍ନ କଥା। ତୁମର ପ୍ରିନ୍‌ସିପ୍‌ଲ ଉପରେ ତୁମେ ଦୃଢ଼ ରୁହ।"

ମୃଦୁଳା ଦେବୀ ପାଖରେ ଛିଡ଼ା ହୋଇଥିଲେ। ଟିପ୍‌ପଣୀ ଦେଲେ- "ବାପାଙ୍କର ଏଇ ଗୋଟିଏ ଦୁର୍ବଳତା... ପାନ ନାହିଁ, ସିଗାରେଟ୍ ନାହିଁ, କୌଣସି ନିଶା ନାହିଁ... ଏଇ ଗୋଟାଏ ନିଶା... ଯିଏ ଡାକିଦେଲା ସଭା-ସମିତି ନାଁରେ, ନାହିଁ କରିବାର ଉପାୟ ନାହିଁ... କ'ଣ ନା' ସାଂସ୍କୃତିକ ଚେତନା ପ୍ରସାର କରିବେ ବାପା ! ତୁ ତ ଜାଣୁ କେତେଥର ସଭା ପରେ ବାପା ଚାଲିଚାଲି ଆସିଛନ୍ତି, କେତେ ଥର ଅଖିଆ ଅପିଆ ଫେରିଛନ୍ତି। ମୁଁ କାଳେ ବିରକ୍ତ ହେବି ଭାବି ଚୁପ୍‌ଚାପ୍ ଶୋଇ ଯାଇଛନ୍ତି କିଛି ନ ଖାଇ। ସଭାର ଉଦ୍ୟୋକ୍ତାମାନେ ସଭାପରେ ଆଉ ଷ୍ଟେସନକୁ ଆସି ନାହାନ୍ତି। ବାପା ନିଜେ ଟିକେଟ କରି ଗାଡ଼ିରେ ବସି ଫେରିଛନ୍ତି; ଅଥଚ ଏ ଅପମାନ ଅସମ୍ମାନର ଛାୟା ବି ତାଙ୍କୁ ସ୍ପର୍ଶ କରି ନାହିଁ। ଉଠ, ଘରକୁ ଆସ। ମଧୁବାବୁଙ୍କ ଜୟନ୍ତୀ ଅବା ଜନ୍ମ-ମୃତ୍ୟୁ ଏ ଦେଶରେ ସବୁ ସମାନ। ଜନ୍ମକୁ ମୃତ୍ୟୁ ବା ମୃତ୍ୟୁକୁ ଜନ୍ମ କହିଲେ ବି ଚଳିଯିବ।"

ନରିସଂହ ଚୌଧୁରୀ ତଥାପି ସ୍ଥାଣୁ ନିସ୍ପନ୍ଦଭାବରେ ବସି ରହିଲେ ଆକାଶର ଏକ ପ୍ରାନ୍ତ ଉପରେ ଦୃଷ୍ଟି ରଖି। ମନେପଡ଼ିଗଲା ଖରାବେଳର ସେ ଦୃଶ୍ୟ। ସଭାକୁ ନିମନ୍ତ୍ରଣ କରିବାକୁ ଯେ ବ୍ୟକ୍ତି ଆସିଲେ ତାଙ୍କର ଆଗ୍ରହ, ତାଙ୍କର ନମ୍ରତା, ତାଙ୍କର ମିଷ୍ଟବାଣୀ, ତାଙ୍କର ବିଗଳିତ ହେବାର ଭଙ୍ଗୀ। ନରିସଂହ ଚୌଧୁରୀଙ୍କୁ ବକ୍ତା ଭାବରେ ନ ନେଲେ ମଧୁସୂଦନ ଦାସଙ୍କର ଆତ୍ମା ଯେ ଅବଶୋଷ କରିବ, ତାହାର ଚେତନା ଦେଇ ନିମନ୍ତ୍ରଣକାରୀ ବ୍ୟକ୍ତି ଯେ ଭାଷ୍ୟ ରଚନା କଲେ, ରବିବାସରୀୟ ମଧ୍ୟାହ୍ନରେ, ସେସବୁ ଦୃଶ୍ୟ ଓ କଥା ନରିସଂହ ଚୌଧୁରୀଙ୍କର ସ୍ମରଣରେ ଆସିଗଲା।

ଆଜି ରବିବାର, କଲେଜ ନାହିଁ, କିନ୍ତୁ ଶାନ୍ତି କାହିଁ ? ଏ ଯେ ବିଶ୍ୱବିଦ୍ୟାଳୟ ପରୀକ୍ଷା ପରିଚାଳନା, ପୁଲିସ ଫୌଜ, ପିଲାଙ୍କର 'କପି କରିବା ଜନ୍ମଗତ ଅଧିକାର' ସ୍ଲୋଗାନ- ଏସବୁ ଭିତରେ ଶାନ୍ତି କାହିଁ ?

"ଆସିପାରେ କି ?"

"କିଏ ?"

ମୁଣ୍ଡ ଉପରେ ଗାମୁଛା, ପାଦରେ ଚପଲ, କାଖ ଭିତରେ ଛତା, ହାତରେ ମୁଣି... ଅପୂର୍ବ...

"ଆପଣ ଏ ସମୟରେ ? ଏତେ ଖରାଟାରେ... ଆସନ୍ତୁ ଆସନ୍ତୁ ! କେବେ ତ ଆସନ୍ତିନି, ହଠାତ୍ ! ସଞ୍ଜବେଳେ ଆସିଥିଲେ ଭଲ ହୋଇଥାନ୍ତା... ଏବେ ଖରାଟାରେ ?" ନରିସଂହ ଚୌଧୁରୀ ଉଠିଯାଇ

e-News & Magazine

ସଂଭ୍ରମରେ ଆଗନ୍ତୁକଙ୍କୁ ବୈଠକଖାନାକୁ ଘେନିଆସିଲେ।

ଡାକିଲେ- "ରମା, ଲୋକପ୍ରତିନିଧି ଆସିଛନ୍ତି ! ମାଆଙ୍କୁ କହ ଖରାବେଳଟାରେ ଆସିଛନ୍ତି... ସର୍ବତ୍ କି ଦହି-ଲୁଣ ଯାହା ଅଛି ଶୀଘ୍ର ଆଣିବେ।"

ଲୋକପ୍ରତିନିଧି ଆଡ଼କୁ ଚାହିଁ କହିଲେ - ଖାଇସାରି ଆସିଛନ୍ତି ତ... ସେ କଥା କହନ୍ତୁ - ନ ଖାଇଥିଲେ ସବୁ ବ୍ୟବସ୍ଥା ହୋଇଯିବ। ଏଡ଼େ ସମ୍ମାନୀୟ ବ୍ୟକ୍ତି, ଏପରିଭାବରେ ଆସିଲେ...

ଚୌଧୁରୀ ସତରେ ସଙ୍କୁଚିତ ହୋଇଗଲେ।

ଲୋକପ୍ରତିନିଧି ଟିକିଏ ସୁସ୍ଥ ହେବାପରେ କହିଲେ - ଆଗ ଶପଥ କରନ୍ତୁ, ଆପଣ 'ନାହିଁ' କରିବେ ନାହିଁ ମୁଁ ଯାହା କହିବି। ଆପଣଙ୍କ ବ୍ୟତୀତ ସେ କାର୍ଯ୍ୟ ସୁସମାହିତ ହୋଇପାରିବ ନାହିଁ। ପିଲାଏ ଲଗାଇଛନ୍ତି... ଟାଉନ୍‌ର ବାସିନ୍ଦା... ସେଇ ଏକ କଥା-ମାନେ କହିବାକୁ ଗଲେ ଆବାଳବୃଦ୍ଧବନିତା।

ଚୌଧୁରୀ ଆନନ୍ଦିତ ହେଲେ। ତେବେ ଆଶଙ୍କା ହେଲା, ଯଦି ଲୋକପ୍ରତିନିଧି ଅସମ୍ଭବକୁ ସମ୍ଭବ କରିବା ପାଇଁ କହୁଥିବେ, ଯାହା ଏଇ ଶ୍ରେଣୀୟ ବ୍ୟକ୍ତିଙ୍କର ଖୁବ୍ ଅଭ୍ୟାସ, ତେବେ ଆନନ୍ଦ ପରିବର୍ତ୍ତେ ପରିଶେଷରେ ଦୁଃଖିତ ହେବାକୁ ପଡ଼ିବ।

ସ୍ତ୍ରୀ ମୃଦୁଳା ଦେବୀ ଉପସ୍ଥିତ ହେଲେ ଦହି, ଲୁଣ ଓ ଲେମ୍ବୁରସରେ ଗ୍ଲାସ୍ ଭର୍ତ୍ତିକରି। ଲୋକପ୍ରତିନିଧିଙ୍କୁ ପରିଚୟ କରାଇ ଦେବାରେ ସେ ଆଶ୍ଚର୍ଯ୍ୟ ହେଲେ, କାରଣ ତାଙ୍କୁ କେବେ ସେ ଦେଖି ନାହାନ୍ତି, କେବଳ ପତ୍ରପତ୍ରିକାରୁ ଓ ଲୋକମୁଖରୁ ତାଙ୍କର ନାଁ ଶୁଣିଛନ୍ତି। ତେଣୁ ଏଭଳି ଅପୂର୍ବ ବ୍ୟକ୍ତିପୁରୁଷଙ୍କୁ ଦେଖିବାମାତ୍ରେ ସେ ଯଥୋଚିତ ସମ୍ମାନ ଦେଇ ଉପବେଶନ କଲେ।

ପାନୀୟ ଶେଷ ହେବା ପରେ ମୃଦୁଳା ଦେବୀ ପାତ୍ରଟିକୁ ଧରି ପ୍ରସ୍ଥାନ କରିବାରୁ ଲୋକପ୍ରତିନିଧି କହିଲେ... "କଅଣ ରାଜି ?"

ଚୌଧୁରୀ କହିଲେ... ବିଷୟଟା ଜାଣି ନାହିଁ, କି ଉତ୍ତର ଦେବି ?

ଲୋକପ୍ରତିନିଧି ହସିଲେ। କହିଲେ "ଆଜି ସନ୍ଧ୍ୟା ସାଢ଼େ ଛଅଟାରେ ମଧୁବାବୁଙ୍କ ଜୟନ୍ତୀ ଉତ୍ସବ ପାଳିତ ହେବ କ୍ଲବ ଘରେ। ସବୁ ଆୟୋଜନ ଶେଷ, କେବଳ ଆପଣଙ୍କର ସ୍ୱୀକୃତି। ମୁଁ ଜାଣେ ଅନ୍ୟ କେହି ଆସିଲେ ଆପଣ ମନା କରିଦେଇଥାନ୍ତେ ଏବଂ କହିଥାନ୍ତେ ପରୀକ୍ଷା ପରିଚାଳନା ଦାୟିତ୍ୱ ଘେନି ଆପଣଙ୍କର ମାନସିକ ଶାନ୍ତି ବିନଷ୍ଟ; ତେଣୁ ଆପଣ ସଭା-ସମିତିରେ ଯୋଗ ଦେଇପାରିବେ ନାହିଁ। ମୁଁ ସେଥିପାଇଁ ନିଜେ ଆସିଲି। ଆପଣଙ୍କୁ ଯିବାକୁ ହେବ। ଠିକ୍ ସମୟରେ କାର୍ ଆସିଯିବ... ସବୁ ବ୍ୟବସ୍ଥା ହୋଇଛି।"

ନରସିଂହ ଚୌଧୁରୀ ଅନୁଗୃହୀତ ହେଲେ। ଦୁର୍ବଳତାର ବିଜୟ ହେଲା। ସେ ହଁ ଭରିଲେ।

ଲୋକପ୍ରତିନିଧି ଯିବା ପାଇଁ ପ୍ରସ୍ତୁତ ହେଲେ; କିନ୍ତୁ ଯାଉ ନ ଥାନ୍ତି। ଶେଷରେ କହିଲେ-

"ପରୀକ୍ଷା କେମିତି ଚାଲିଛି ?"

"ଅଶାନ୍ତିକର ପରିସ୍ଥିତି।" - ଚୌଧୁରୀ ଉତ୍ତର ଦେଲେ।

"ପିଲାଏ ଏକ୍‌ସପେଲ୍ ହେଉଛନ୍ତି ?"

"ହେଉଛନ୍ତି।"

"ଯାହାହେଉ; ଅଧ୍ୟକ୍ଷ ଭାବରେ ଆପଣ କାମ ଚଳାଇ ନେଉଛନ୍ତି।"

"ମୋଟେ ନୁହେଁ; ବରଂ ମୁଁ ମର୍ମାହତ।

ଲୋକପ୍ରତିନିଧି ହଠାତ୍ ଚମକି ପଡ଼ିଲେ। କଅଣ ତାଙ୍କର ମନେପଡ଼ିଗଲା। ଆଖି ଦୁଇଟାକୁ ବଡ଼ବଡ଼ କରି କହିଲେ ଶୁଣନ୍ତୁ, ଆସିବାବେଳେ ପୁତୁରା କହିଲା ସେ କଅଣ କପି କରୁଥିବାରୁ ଧରାପଡ଼ିଛି। ସେ ତ କହୁଛି ସେ କପି କରୁ ନ ଥିଲା। ଛୋଟ ଚିରକୁଟି କାଗଜ ତା' ପାଖରୁ ମିଳିଲା। ସେଇଟା ବା କି ଅପରାଧ... ମୁଁ ତାକୁ ବୁଝାଇଦେଲି। ଆପଣ କଅଣ କାର୍ଯ୍ୟାନୁଷ୍ଠାନ କରିଛନ୍ତି ତା' ବିଷୟରେ ?

ଚୌଧୁରୀ ଉତ୍ତର ଦେଲେ ଅଗତ୍ୟା ଯେଉଁମାନେ ଧରାପଡ଼ିଛନ୍ତି ରିପୋର୍ଟ ହୋଇଥିବ।

'ଘୋଡ଼େଇ ହୋଇପାରିବନି ?'

"କ୍ଷମାକରିବେ, ହଲ୍ ଭିତରେ ସମସ୍ତେ ଜାଣିଥିବେ। ଦୁଇଦିନ ତଳର କଥା, ରିପୋର୍ଟ ତ ବାକି ପଡ଼େ ନାହିଁ, ସେହିଦିନ ଚାଲିଯାଏ।"

ଲୋକପ୍ରତିନିଧିଙ୍କର ମୁଖମଣ୍ଡଳରୁ ଜଣା ପଡ଼ିଲା ସେ ଆଶାହୀନ ହୋଇପଡ଼ିଲେ। ପୁତୁରାର ଦୌତ୍ୟସାଜି ଆସିବାରେ ସୁଫଳ ନାହିଁ ବୋଲି ସେ ବୁଝିପାରିଲେ।

ସେ ଉଠିଲେ।

ଚୌଧୁରୀ ବି ଉଠିଲେ... ନମସ୍କାର ନିବେଦନ କରି କହିଲେ, "କ୍ଷମା କରିବେ, ଆପଣଙ୍କର ଅନୁରୋଧ ରକ୍ଷା କରିପାରିଲି ନାହିଁ।"

"କଅଣ ମିଟିଂକୁ ଯିବେ ନାହିଁ ?"

"ନା, ନା, ସେ କିମିତି କଥା; ସେ ତ ମୋର ଆନନ୍ଦ ! ଆପଣ ଯେତେବେଳେ ଏତେ ଖରାରେ ମତେ ନିମନ୍ତ୍ରଣ କରିବାକୁ ଆସିଲେ, ମୁଁ ଏତିକି ସୌଜନ୍ୟ ଦେଖେଇ ପାରିବି ନାହିଁ ? ମୁଁ କହୁଥିଲି, ପୁତୁରା କଥା..."

ଲୋକପ୍ରତିନିଧି ସେତେବେଳକୁ ଫାଟକ ପାଖରେ ଉଭା। ପଛକୁ ଆଉ ଚାହିଁନାହାନ୍ତି। ନରସିଂହ ଚୌଧୁରୀ ଦୁଇ ଦୁର୍ବଳତାକୁ... ଅର୍ଥାତ ଲୋକପ୍ରତିନିଧିଙ୍କର ଦୁର୍ବଳତାକୁ ତୁଳନା କରି ଭାବୁଥିଲେ- ସମାନ ତ ହେଲା ନାହିଁ।

X X X

ଦେବାଳୟର ବାହାରେ ଯୋତା ରଖି ଭକ୍ତମାନେ ଦେବଦର୍ଶନ କରିବାକୁ ଯାଆନ୍ତି। ସାଙ୍ଗରେ ଘେନିଥାନ୍ତି ଗୋଲାପଗୁଚ୍ଛ- ପ୍ରତିମା ପାଖରେ ସମର୍ପଣ କରିବାକୁ। ମଧୁବାବୁ ଯୋତା କାରଖାନାରେ ଯୋତା ତିଆରି କରୁଥିଲେ, ତାରକସି ଗୋଲାପ ପୁଷ୍ପ ଭିତରେ ଅତର ରଖିଥିଲେ।

ନରସିଂହ ଚୌଧୁରୀ... ଅଧ୍ୟକ୍ଷ ଓ ଶିକ୍ଷାବିତ୍... ଯୋତାର ସ୍ୱରୂପ ଦେଖିଲେ, ଗୋଲାପକୁ ଆଘ୍ରାଣ କଲେ।

ତେଣେ ମଧୁ-ଜୟନ୍ତୀ ପର୍ବ ଅନୁଷ୍ଠିତ ହୋଇଗଲା।

"ବାପା, ଆସ ଘର ଭିତରକୁ... ରାତି ନଅଟା ବାଜିଲା ଯେ ! ମାମା କହୁଛନ୍ତି ଯେ ବାପାଙ୍କୁ ଖୁବ୍ ଶିକ୍ଷାଟାଏ ହେଲା" - ରମାର ମନ୍ତବ୍ୟ।

ଚୌଧୁରୀ ଉଠିଲେ ଟପ୍‌ଟପ୍ କରି ଗଳାବନ୍ଧା କୋଟ୍‌ର ପ୍ରତ୍ୟେକଟି ବୋତାମ ଖୋଲିଲେ। ନିଶ୍ୱାସରେ ସେ କଥା କହିଲେ... ଓଃ, ବଡ଼ ଉଶ୍ୱାସ ଲାଗିଲା... ଅହଂଟା ଏତେବେଳଯାଏ ବଡ଼ କଷ୍ଟ ଦେଉଥିଲା; ଏବେ ସେ ଅହଂ ନଷ୍ଟ ହୋଇଯାଇଛି। ଖୁବ୍ ଶାନ୍ତି।

X X X

ସମ୍ବାଦପତ୍ରରେ ଦିନକ ପରେ ସମ୍ବାଦ ପରିବେଷଣ- ମଧୁଜୟନ୍ତୀ ଉପଲକ୍ଷେ ସଭାରେ ଲୋକପ୍ରତିନିଧିଙ୍କର ଅନବଦ୍ୟ ଭାଷଣ...

ସମ୍ବାଦପତ୍ର ହାତରେ ଧରି ନରସିଂହ ଚୌଧୁରୀ କ୍ଷୀଣ ହସ ହସି ମନକୁ ମନ କହିଲେ-

"ଦେବାଳୟଟି ସୁନ୍ଦର... କିନ୍ତୁ ପ୍ରତିମାଟି ଦୁର୍ବଳ।"

(ଲେଖକଙ୍କର 'ଦୁର୍ବଳ ଦେବାଳୟ' ସଙ୍କଳନରୁ ଆନୀତ)

ଗଳ୍ପ

ଅଶ୍ୱଗତି

e-News & Magazine

ସୋନୁ ଆଗକୁ ଚାଲୁଥିଲା। ତା'ର ସବୁ ବଳକୁ ଖଟେଇ ଯେମିତି ଯନ୍ତ୍ର ଚାଳିତ ଯାନଟିଏ ପରି। ମୁଁ ଖୁବ୍ ନିରିଖେଇ ତାକୁ ଚାହିଁରହି ଦେଖୁଥାଏ। ତା'ର ମାଲିକର ନିର୍ଦ୍ଦେଶକୁ ସେ ତନ୍ନତନ୍ନ କରି ଅନୁସରଣ କରିଚାଲିଥାଏ। କୋଉଠି ବାମ, ଡାହାଣ ଆଉ ବୁଲାଣି। ପିଚୁ ରାସ୍ତାରେ ତା'ର ଚାରିଗୋଡ଼ରେ ଠିକ୍‌ଠାକ୍ ତାଳମେଳ ସଙ୍ଗେ ଠପ୍‌ଠପ୍ ଶବ୍ଦ ମୋ ହୃଦୟରେ କିଏ ଯେପରି ପିଟି ଚାଲିଥିଲା। ପଶୁ ହେଲେ ବି ସୋନୁ ତା'ର ମାଲିକ ପ୍ରତି ଖୁବ୍ ବିଶ୍ୱସ୍ତ ଓ ଅନୁରକ୍ତ।

ପିଲାବେଳେ ଅବଶ୍ୟ ଥରେ କି ଦି'ଥର ମତେ ବଳଦଗାଡ଼ିରେ ବସିବାର ଅବକାଶ ମିଳିଥିଲା; କିନ୍ତୁ ମନଥିଲେ ବି ଘୋଡ଼ାଗାଡ଼ିରେ ବସିବା ଅନୁଭୂତି ମୋର ନ ଥିଲା କେବେ। ଆହ୍ଲାବାଦ ଓ ବନାରସରେ ଉଚ୍ଚାଉଚ୍ଚା ଟାଙ୍ଗା ଗାଡ଼ିକୁ ଦେଖି ବସିବାକୁ ଆଗ୍ରହ ବଢ଼ିଛି ହେଲେ ସାହସ କରି ବସିପାରିନି।

ଗୟା ସହରରୁ ବୁଦ୍ଧଗୟା ପାଖାପାଖି ସତର କିଲୋମିଟର।

ରାସ୍ତା ପିଚୁ ହୋଇଥିଲେ ବି ଆବଡ଼ାଖାବଡ଼ା। କୋଉକାଳରୁ ମରାମତି ହୋଇନି। ଗୟାରେ ଆମର ଯାହା କାର୍ଯ୍ୟକ୍ରମ ଥିଲା, ଆମେ ଭାବିଥିଲୁ ପ୍ରାୟ ପାଞ୍ଚ କି ଛଅ ଦିନ ଲାଗିଯିବ। ଟିକିଏ କଷ୍ଟ ପଡ଼ିଲା କମଲକୁ ହେଲେ ସବୁ କାମ ଗୋଟିଏ ଦିନରେ ସରିଯିବାରୁ ଆମେ ଆଶ୍ୱସ୍ତ ହେଲୁ ସତ କିନ୍ତୁ ଆଉ ଚାରିଦିନ କେମିତି କାଟିବୁ ଭାବୁଭାବୁ କମଲ କହିଲା, ଆମେ କାଲି ସକାଳୁ ବୁଦ୍ଧଗୟା ଯିବା।

ପ୍ରସ୍ତାବରେ ମୁଁ ରାଜି ହେଲି। ପୂର୍ବରୁ ମୁଁ ବୁଦ୍ଧଗୟା ଯିବା କଥା ମୋ ଗପ ବହିରୁ ସେ ପଢ଼ିଥିଲା। ପରିବାର ସହ ଅଟୋରିକ୍ସାରେ ଯିବା କଥା ମଧ୍ୟ ସେ ଜାଣିଥିଲା।

ଆମ ହାତରେ ତ ଢେର ସମୟ। ଆମେ ଅଟୋରିକ୍ସା କି କୌଣସି ମଟରଗାଡ଼ିରେ ଯିବାନାହିଁ। ଆରାମରେ ଗୋଟିକିଆ ଟାଙ୍ଗାରେ ବସି ପୂରା ଦିନର ଭଡ଼ା ଦେଇ ସକାଳୁ ଯାଇ ସନ୍ଧ୍ୟାରେ ଏଠିକି ଫେରିବା।

କ'ଣ କହୁଛୁ ? ସୁରଜ !

ମୁଁ ଭାବଗମ୍ଭୀର ହେଇ କିଛି ନ କହି କମଲକୁ ଖାଲି ଚାହିଁଲି। ମନେମନେ ଭାବିଲି, ସତରେ କମଲ କେଡ଼େ ଅନୁରାଗୀ ବିମୁଗ୍ଧ ପାଠକଟିଏ। ଆଗରୁ ମୋ ଗଳ୍ପଗୁଡ଼ିକର ନିୟମିତ ପାଠକ ସେ ଥିବା କଥା ମୋ ହୃଦବୋଧ ହୋଇଥିଲା। ମୋ ନିରବତାକୁ ଭାଙ୍ଗି ସେ କହିଲା- ଆରେ ସୁରଜ ! ମୁଁ ଏଥର ଭାଉଜ ପରି ଜମା କନ୍ଦାକଟା କରିବିନି-ତୋ ହାତଗୋଡ଼ ବାନ୍ଧି ଟାଙ୍ଗାକୁ ଆଣିବାକୁ ମୋ ବାହୁରେ ଢେର ତାକତ୍ ଅଛି- ଦେଖୁଛୁ ତ ! ମୋର ବଳିଷ୍ଠ ବଳିଲା ବଳିଲା ଚେହେରା-ତୋ ପରି ନହନହକା ଶରୀର ମୋର ନୁହଁ।

ତା'ର ମୁରୁକି ମୁରୁକି ହସରୁ ମୁଁ ବାରି ପାରୁଥିଲି ମୋ ପ୍ରତି ତା'ର ସ୍ନେହ, ଦରଦ ଓ ଭଲପାଇବାର ସ୍ୱଷ୍ଟ ଚିହ୍ନ। ମୁଁ ଠୋ ଠୋ ଜୋର୍‌ରେ ହସିଦେଲି। ସେଥର ଲେଖିଥିବା ଗପର କାହାଣୀକୁ ତା' ସ୍ମୃତିର ଅଇନାରେ ଏତେଦିନ ଧରି ସାଇତି ରଖିଥିବାରୁ ମୁଁ ଖୁସୀ ହେଲି।

କହିଲା, ତୋ ଗପ ତ ସବୁ ଅଙ୍ଗେନିଭା ସରଳ ସହଜିଆ ଘଟଣା ଲିପି। ପଢ଼ିଲା ପରେ ସେଗୁଡ଼ା କ'ଣ ଭୁଲିଯାଇ ହେବ। ଯିଏ ଥରେ ମନଦେଇ ପଢ଼ିବ ବେଶ୍ ବୁଝିବ କଳ୍ପନାକୁ ଆଡ଼େଇଯାଇ ଅନୁଭୂତିକୁ ପ୍ରାଧାନ୍ୟ ଦେଇ ଗପ ଲେଖିବାରେ କି ରହସ୍ୟ... ମୁଁ ମୋ ଗପର ଜଣେ ନିର୍ଭୀକ ସମାଲୋଚକକୁ ସାମ୍ନାରେ

ଦେଖୁଥିଲି କମଳର ଚେହେରା ଭିତରେ। ଏ ଭିତରେ ତିନିବର୍ଷ ହେଲାଣି; କମଳକୁ ମୁଁ ଆଉ ଦେଖୁନି- ତା' ସହ ମୋ ଫଟୋକୁ ଆଲବମ୍‌ରେ ଦେଖୁଛି। ବେଳେବେଳେ ଲାଲ୍‌କିଲ୍ଲା, ତାଜମହଲ, କୁତବମୀନାର, ହୁମାୟୁନ ଟୋମ୍ବରେ ମୁଁ ଯେଉଁ ଫଟୋସବୁ ତା'ର, ମୋ ମୋବାଇଲରେ ଚୋଳିଥିଲି ସେ ସବୁ ଜୀବନ୍ତ ହେଇଥିଲେ ବି ସେ ଆଉ ଏ ଧରାଧାମରେ ନାହିଁ - ତା' ଜୀବନରେ ଅନେକ ଦୁଃଖ ହତାଶା ଓ ଦୁର୍ଭାଗ୍ୟକୁ ସାମ୍ନା କରିଥିଲେ ମଧ୍ୟ ସେ ମନଖୋଲି ହସୁଥିଲା - ଜୀବନରେ ଘଟଣାଚକ୍ରରେ ପଡ଼ି କେବଳ ଥରେ ସାଲିସ୍ କରିଦେଇ ଜଣେ ସହପାଠିନୀକୁ ଜୀବନସଙ୍ଗିନୀ ରୂପେ ବରଣ କରିନେଇ ଅନେକ ଯନ୍ତ୍ରଣା ସେ ପାଇଥିଲା। ସଂପର୍କ ଛିନ୍ନ ହେଇଥିଲା । ଡାକ୍ତରୀ ପଢୁଥିବା ଝିଅ ଆତ୍ମହତ୍ୟା କରିଦେଇଥିଲା- ଇତ୍ୟାଦି ଅନେକ ଅଭାବନୀୟ ମୁହୂର୍ତ୍ତକୁ ସେ ଅଙ୍ଗେ ନିଭେଇଛି। ଦୁଃଖକୁ ଭୁଲିବାକୁ ସେ ଅଧିକାଂଶ ସମୟ ନିଶାସକ୍ତ ରୁହେ।

ସରକାରୀ ଛାପାଖାନା ସଂସ୍ଥାର ନିର୍ଦ୍ଦେଶକ ପଦରୁ ଅବସରପରେ ପିଆପିଇ ଅଧିକ ହେବାରୁ ରୋଗକବଳିତ ହେଇ ସେ ସଂସାରରୁ ବିଦାୟ ନେଇଛି।

ମନେପଡ଼ିଲା ଗପଟିର କେତେ ଧାଡ଼ି-

ବୁଲାବୁଲି ଭିତରେ ସେଥର ଭିଡ଼ରେ ମୁଁ ହଜିଗଲି। ଶ୍ରୀମତୀ ଓ ଅନ୍ୟମାନେ ବିବ୍ରତ ହେଇଗଲେ ମତେ ନ ପାଇ। ଶେଷରେ ନିରାଶ ହେଇ ମୋ ଉପରେ ଗାଳି ବର୍ଷଣ କରୁଥାଆନ୍ତି ମୋ ବନ୍ଧୁମାନେ- ମୁଁ ସେତେବେଳେ ବୋଧିଦ୍ରୁମ ସଂଲଗ୍ନ ବୁଦ୍ଧ ଯେଉଁଠି ପଦଚାଳନା କରି ଇଷ୍ଟ ସ୍ମରଣ କରୁଥିଲେ ସେଇ ପଦଚିହ୍ନ ଥିବା କୋଣରେ ଧ୍ୟାନସ୍ଥ ହେଇଯାଇଥିଲି। ଦାରୁଭୂତ ମୁରାରୀ ସାଜି ଧ୍ୟାନସ୍ଥ ସନ୍ନ୍ୟାସୀ ପରି ସବୁ ଭୁଲିଯାଇଥିଲି। ଶ୍ରୀମତୀ ମତେ ପାଇ ବଡ଼ ପାଟିରେ ସମସ୍ତଙ୍କୁ ଡାକି ଚମକେଇ ଦେଇଥିଲେ। ବୁଦ୍ଧଗୟା ମାଟିର ବାସ୍ନା, ମହକ, ପବିତ୍ରତା ଅନନ୍ୟ। ଆକର୍ଷଣ ନିଆରା। ପରିବେଶ ସ୍ୱତନ୍ତ୍ର। କମଳର ତରଙ୍ଗାୟିତ ହସରେ ପ୍ରତିଧ୍ୱନିତ ହେଲା ମୋ ମନର ନିଭୃତ କୋଣ ଅନୁକୋଣ। କ୍ଷଣକେ ଶିହରିତ ହେଇଗଲା ମୋ ଦେହ। ଖୁବ୍ ଜୋରରେ ସେ କହିଲା- ଆରେ! ବୁଦ୍ଧ ସିନା ବୋଧିଦ୍ରୁମ ତଳେ ବସିରହି ସିଦ୍ଧି ପାଇ ନିର୍ବାଣ ପାଇଲେ ବୋଲି ଆମେ ପଢ଼ିଛେ। ହେଲେ ସତରେ କ'ଣ ବୁଦ୍ଧ ନିର୍ବାଣ ପାଇଗଲେ, କି ପ୍ରମାଣ ରହିଛି ଇତିହାସରେ? ମୁଁ ଇତିହାସର ଛାତ୍ର; ଇତିହାସର ତଥ୍ୟକୁ ପାଥେୟ କରି ଆମେ ସହଜରେ ଘଟଣାଟିକୁ ବିଶ୍ୱାସ କରିଯାଉଛେ ସିନା ହେଲେ ଜଣେ ସତ୍ୟନିଷ୍ଠ ଛାତ୍ର ଭାବରେ ମୁଁ ଚାହେଁ ପ୍ରମାଣ।

ହଁ... ପ୍ରମାଣ - ମୁଁ ଦେବି। ଚାଲ ବୁଦ୍ଧଗୟା- ପହଞ୍ଚି ସାରିଲା ପରେ ମୁଁ ଦେବି ପ୍ରମାଣ।

ସରୋଜ ମିଶ୍ର

୬୯-ଏ/ ୩୮/୨୩୩, କଳିଙ୍ଗ ଅଶୋକା ସିଟି, ନଖଭର ପାଟଣା, ଭୁବନେଶ୍ୱର-୨

ତୁ ବୁଦ୍ଧ ନ ହେଲେ ବି ତୁ ବୁଦ୍ଧଙ୍କ ପୁନଃସଂସ୍କରଣ। ମୁଁ ଭାବୁଛି ତୁ ବୁଦ୍ଧଙ୍କର ଖୁବ୍ ପାଖ ଲୋକ କି ପରମ ଶିଷ୍ୟ ହିଁ ଥିଲୁ; ନ ହେଲେ ଏତେ ପ୍ରବେଶ ଏତେ ନିଷ୍ଠା ଏତେ ଆବେଗ ଆଉ ନିବିଷ୍ଟ ଭାବନା ଆସନ୍ତା କୋଉଠୁ? ଏ ମାଟିରେ ପହଁଚୁ ପହଁଚୁ ଏତେ ଭାବପ୍ରବଣତା ଆସୁଛି କେମିତି, ଏ ଅନିତ୍ୟ ସଂସାରକୁ ହଠାତ୍ ଭୁଲିଯାଉଛୁ କେମିତି? ବୋଧହୁଏ କମଳ ମତେ ଥଟ୍ଟା ହିଁ କରୁଥିଲା।

ସୋନୁ ଟାଙ୍ଗାଟିକୁ ଟାଣୁଥିଲା। ଖାଲଖମାରେ ଚକ ପଡ଼ି ପୁଣି ଉଠିଯାଉଥାଏ। ରାସ୍ତା ଦୁଇପାଖେ ବଡ଼ବଡ଼ ଜାମୁଗଛ, ଗୋଟେ ପଟେ ଶୁଖିଲା ଫଲ୍‌ଗୁ ନଦୀ। ସୂର୍ଯ୍ୟକିରଣରେ ଝଲମଲ କରୁଥାଏ ଚିକ୍‌ଚିକ୍ ବାଲିମାଳ। ଅନ୍ୟପଟେ ମାଇଲ ମାଇଲ ସୁନା ସୋରିଷ ଫୁଲର ମହକ। ଅଙ୍କାବଙ୍କା ହେଇ ପିଚ୍ଛିଳ ହେଇ ପଡ଼ିଛି ପିଚୁରାସ୍ତା।

ରାଜପୁତ୍ର ସିଦ୍ଧାର୍ଥ!

ଘନଘୋଟିଆ ନିବିଡ଼ ଅନ୍ଧାର ରାତିରେ ଜଣେ ବିଶ୍ୱସ୍ତ ରଥୀ ସହ ରାଜଉଆସରୁ ଅନ୍ତର୍ଦ୍ଧାନ ହେଇଗଲେ ଏକ ସୁସଜ୍ଜିତ ରଥରେ। ଆଜି ଆମେ ଯେଉଁ ବାଟରେ ଯାଉଛୁ ସେ ବାଟରେ। ଆମ ପାଇଁ ତ ରଥ ନାହିଁ ମିଳିଛି ଏଇ ଟାଙ୍ଗା। ଆମ ଭ୍ରମଣ ବେଶ୍ ମୁକ୍ତ, ନିପରବାୟ ଓ ସ୍ୱାଧୀନ ଥିଲା। ହେଲେ ସିଦ୍ଧାର୍ଥଙ୍କ ଯାତ୍ରା ଥିଲା ସେଦିନର- ଆଶଙ୍କା, ଅନିର୍ଦ୍ଦିଷ୍ଟ ଓ ଅନୁସନ୍ଧିତ୍ସୁ। କପିଳବାସ୍ତୁର ଶାକ୍ୟ ମହାରାଜା ଶୁଦ୍ଧୋଦନ ମହାରାଣୀ ମାୟାଦେବୀଙ୍କ ସୁପୁତ୍ର ସିଦ୍ଧାର୍ଥ। କେତେ ସ୍ୱପ୍ନ, ଅସୁମାରୀ ସ୍ନେହ ଶ୍ରଦ୍ଧା ଆଶା ଭରସା ସିଦ୍ଧାର୍ଥଙ୍କ ଉପରେ। ଆନମନା ସିଦ୍ଧାର୍ଥଙ୍କୁ ବିଷୟ ଜଞ୍ଜାଳର ଆସକ୍ତିରେ ନିପୀଡ଼ିତ କରିବାକୁ ଯାଇ ରୂପବତୀ ଅନନ୍ୟା ଯଶୋଧାରାଙ୍କୁ ବିବାହ ବନ୍ଧନରେ ଆବଦ୍ଧ କଲେ ପିତା ଶୁଦ୍ଧୋଦନ। କାଳେ କିଛି ପରିବର୍ତ୍ତନ ଘଟିବ ସିଦ୍ଧାର୍ଥଙ୍କର। ତଥାପି ସିଦ୍ଧାର୍ଥ ସଂସାର ଜଞ୍ଜାଳରେ ରହି ମଧ୍ୟ ନିଜକୁ ଅନ୍ୱେଷଣ ହିଁ କରୁଥିଲେ ନିରନ୍ତର।

ନିରୋଳାରେ ରାଜପ୍ରାସାଦ ଭିତରେ ଥିବା ଜାମୁଗଛ ମୂଳରେ ସେ ଧ୍ୟାନ କରୁଥିଲେ। ଖୋଲା ଆକାଶ ତଳେ ନଭମଣ୍ଡଳର ନୀଳିମାକୁ ଚାହିଁଚାହିଁ ନିଜେ ନିଜକୁ ପ୍ରଶ୍ନ କରୁଥିଲେ- ଆସିଲେ କୋଉଠୁ- ଯିବେ କୋଉଠିକୁ-ନିଜ ସ୍ଥିତି କ'ଣ! ଏ ଅନିତ୍ୟ ଦୁନିଆକୁ ଭୁଲିବାକୁ ଚାହୁଁଥିଲେ। କେବେକେବେ ଘଞ୍ଚ ଜଙ୍ଗଲ ତ କେତେବେଳେ ନଦୀକୂଳରେ ବସିବସି କେତେ ଯେ ନିରୋଳା ମୁହୂର୍ତ୍ତକୁ ସେ ନିଜ ଭିତରେ ଉପଲବ୍ଧି କରୁଥିଲେ ତା'ର କଳନା କରିହେବନି। ଘୋଡ଼ା ପିଠିରେ ବସି ସମଗ୍ର ସାମ୍ରାଜ୍ୟକୁ ବୁଲିବୁଲି ଦେଖୁଥିଲେ। କମଳ ଆଖିକୁ ନିଦ ଆସିଯାଇଥାଏ।

ପଛରେ ରହିଗଲା ସାଂସାରିକ ମୋହ, ମାୟା, ବନ୍ଧନ, ଆସକ୍ତି, ଜ୍ଞାନ ପାଇଁ ଦଉଡ଼ର ଅଜ୍ଞାନତା। ଧନ ଦରବ ବଢ଼େଇବାକୁ ଯେତେ ମୂର୍ଖତା। ବିଦ୍ୟାଲାଗି ଯେତେସବୁ ଅବିଦ୍ୟା। ସୁଖ ପାଇଁ କ୍ଷଣିକ ଆହ୍ଲାଦ, ଦୁଃଖ ଯନ୍ତ୍ରଣା ଯାତନାକାତର ମଣିଷର ଅସହାୟତା ଇତ୍ୟାଦି... ମୁହୂର୍ତ୍ତ ପରେ ମୁହୂର୍ତ୍ତ ମାନସପଟରେ ତାଙ୍କର ପ୍ରତିଫଳିତ ହେଉଥିଲା ବାର୍ଦ୍ଧକ୍ୟ, ରୋଗ, ଯନ୍ତ୍ରଣା ଆଉ ମୃତ୍ୟୁର ଚରମ ବିଭୀଷିକା।

ମୁଁ କିନ୍ତୁ ସିଦ୍ଧାର୍ଥଙ୍କ ଜୀବନକୁ ତର୍ଜମା କରୁଥାଏ ଟାଙ୍ଗାରେ ବସି।

ପ୍ରବାଦ ଅଛି- ଘୋଡ଼ା ଟାପୁର ଶବ୍ଦରେ କୁଆଡ଼େ କିମିଆଁ ଅଛି। ସେଇ ଶବ୍ଦର ଯାଦୁରେ ସମ୍ମୋହିତ ସୈନିକ କୁଆଡ଼େ ନିଜ ଜୀବନକୁ ଉତ୍ସର୍ଗ କରିବାକୁ ତିଳେ ମାତ୍ର ପଛଘୁଞ୍ଚା ଦିଏ ନାହିଁ।

ସେଇ ଶବ୍ଦର ଅନୁଭବ ସିଦ୍ଧାର୍ଥଙ୍କ ହୃଦୟକୁ ଛୁଇଁ ଯାଇଥିଲା।

ପୁତ୍ର ରାହୁଲର ମୁହଁକୁ ନିରେଖି ଚାହିଁଲେ- ପରମେଶ୍ୱରଙ୍କୁ ପ୍ରଣିପାତ କରି ରାଜମହଲର ଅନ୍ତର୍ଦ୍ୱାର ଖୋଲି ରଥାରୁଢ଼ ହେଇ ରଥୀକୁ ନିର୍ଦ୍ଦେଶ ଦେଲେ ଆଗକୁ ଯିବାକୁ। ଗଭୀର ରାତିର ନିର୍ଜନତା ଘଞ୍ଚ ଜଙ୍ଗଲ ପାରହେବା ପରେ - ଫଲ୍‌ଗୁ ନଦୀକୂଳ - ମୁକ୍ତ ପବନ - ରଥ ଆଗକୁ ଅଗ୍ରସର ହେଉଥାଏ। ହଠାତ୍ ନିର୍ଦ୍ଦେଶ ଦେଲେ ସିଦ୍ଧାର୍ଥ- ରଥ ରଖିବାକୁ। ରାଜସିକ ଥାଟବାଟ ପୋଷାକ ପରିଚ୍ଛଦ ସବୁ ତୁଚ୍ଛ ମନେହେଲା। ଓହ୍ଲାଇଦେଲେ ସମସ୍ତ ରାଜକୀୟ

e-News & Magazine

ଅଙ୍ଗବସ୍ତ୍ର। ମୁକୁଟକୁ ଖୋଲି ରଥୀକୁ ରାଜଉଆସକୁ ଫେରିଯିବାକୁ କହିଲେ, ତା'ପରେ ଅନ୍ତର୍ହିତ ହୋଇଗଲେ ସିଦ୍ଧାର୍ଥ ସେଇ ଅନ୍ଧାରରେ।

ପଛରେ ରହିଗଲା ସାଂସାରିକ ମୋହ, ମାୟା, ବନ୍ଧନ, ଆସକ୍ତି, ଜ୍ଞାନ ପାଇଁ ଦଉଡ଼ର ଅଜ୍ଞାନତା। ଧନ ଦରବ ବଢ଼େଇବାକୁ ଯେତେ ମୂର୍ଖତା। ବିଦ୍ୟାଲାଗି ଯେତେସବୁ ଅବିଦ୍ୟା। ସୁଖ ପାଇଁ କ୍ଷଣିକ ଆହ୍ଲାଦ, ଦୁଃଖ ଯନ୍ତ୍ରଣା ଯାତନାକାତର ମଣିଷର ଅସହାୟତା ଇତ୍ୟାଦି... ମୁହୂର୍ତ୍ତ ପରେ ମୁହୂର୍ତ୍ତ ମାନସପଟରେ ତାଙ୍କର ପ୍ରତିଫଳିତ ହେଉଥିଲା ବାର୍ଦ୍ଧକ୍ୟ, ରୋଗ, ଯନ୍ତ୍ରଣା ଆଉ ମୃତ୍ୟୁର ଚରମ ବିଭୀଷିକା।

ଛବିଶ ଶହ ଷାଠିଏ ବର୍ଷ ତଳର ଏଇ ମର୍ମସ୍ପର୍ଶୀ ଘଟଣାରାଜି।

ଯେଉଁ ନଦୀକୂଳର ଘଞ୍ଚ ଅଗନାଅଗନି ବନ ଅତିକ୍ରମି ସିଦ୍ଧାର୍ଥ ସେଦିନ ଚାଲିଚାଲି ଯାଉଥିଲେ ରଥରୁ ଓହ୍ଲାଇ ସେଇଠି ଆଜି ଏ ପିଚୁ ରାସ୍ତା- ପବିତ୍ର ଏ ପୀଠ- ମାଟି ସଂସ୍କାରିତ - ସୋନୁ ତା' ମାଲିକର ନିର୍ଦ୍ଦେଶରେ ଆମକୁ ଟାଣିନେଇ ଆଗକୁ ଚାଲୁଛି, ଆମେ ପ୍ରାୟ ଅଧାବାଟ ଚାଲିଆସିଲୁଣି।

ସୋନୁର ପାଦ ମନ୍ଥର ହେଇଯାଉଥାଏ।

ଆକାଶରେ ନାଲିଆଶିଆ ସୂର୍ଯ୍ୟ ଧଳାବର୍ଣ୍ଣ ହେବାକୁ ଲାଗିଲାଣି। ଆମ ବାମପଟରେ ଫଲଗୁ ନଦୀ ସ୍ୱଚ୍ଛ ଓ ଶୁଖିଲା। ଖାଲି ବିସ୍ତୀର୍ଣ୍ଣ ବାଲୁକା ସ୍ତୁପ। ବାଲି ଉପରେ ସୂର୍ଯ୍ୟରଶ୍ମୀ ଚକ୍‌ଚକ୍ ମାରୁଛି।

ଶୁଣିଛି ମା' ସୀତା ଠାକୁରାଣୀଙ୍କ ଦ୍ୱାରା ଅଭିଶପ୍ତ ଫଲଗୁ ନଦୀରେ ପାଣି ନ' ଥାଏ। ଚାଖଣ୍ଡେ କି ହାତେ ବାଲି ଆଡ଼େଇଦେଲେ ପାଣି ବାହାରିଆସେ।

ଡାହାଣ ପଟେ ବିସ୍ତୀର୍ଣ୍ଣ ଚାଷଜମି।

ରାତି ଅଧରୁ ଉଠିଆସିଥିବାରୁ କମଲ ଆଖିରେ ଆଖିଏ ନିଦ। ମୁଁ କିନ୍ତୁ ବୁଡ଼ିରହିଥାଏ ସିଦ୍ଧାର୍ଥଙ୍କ ଘଟଣା ପ୍ରବାହ ଜୀବନ ଶୈଳୀର ନିଚ୍ଛକ ଭାବାବେଗରେ।

ସୋନୁକୁ ବାଧୁଥିବ- ଆମ ତିନିଜଣଙ୍କୁ ଏତେବାଟ ଟାଣିଟାଣି ଆଣିଲାଣି। ନିଶ୍ଚୟ ଥକିଯିବଣି, ସୋନୁର ମାଲିକକୁ ପଚାରିଲି- ସୋନୁ କ'ଣ ଖାଇଛି ? ବିହାରୀ ଭାଷାରେ ସୋନୁକୁ ତା' ମାଲିକ କ'ଣ ଗୁଡ଼ାଏ କହିଲା, ସୋନୁ ବୁଝିଗଲା। ବାମପଟକୁ ଜାମୁଗଛର ଛାଇରେ ଯାଇ ରହିଗଲା।

ଆମେ ସମସ୍ତେ ଓହ୍ଲାଇଗଲୁ ଟାଙ୍ଗାରୁ। ସୋନୁର ମାଲିକ ଟାଙ୍ଗା ପଛକୁ ଯାଇ ଗୋଟେ ମୁଣି ଆଣି ସୋନୁର ମୁହଁ ଭିତରେ ପୂରେଇ ଉପରେ କାନ ପାଖରେ ତା'ର ବାନ୍ଧିଦେଲା। ସୋନୁ ଖାଇବା ଆରମ୍ଭ କରିଦେଲା।

କମଲ ମତେ ଅନେଇ ହସିଦେଲା, ହସର ମର୍ମ ବେଶ୍ ବୁଝିନେଲି- ତାହା ଥିଲା- ସୋନୁର ପେଟ କଥା ମୁଁ କିପରି ଜାଣିଲି ? ରାସ୍ତାର ଦୁଇପଟେ କଳାକଳା ଜାମୁକୋଳି କୁଢ଼କୁଢ଼ ହେଇ ବିକ୍ରି ହେଉଥାଏ। ଜାମୁକୋଳି କିଣି ଆମେ ଖାଇଲୁ ଏବଂ ସୋନୁର ମାଲିକକୁ ଖାଇବାକୁ କିଛି ଦେଲୁ। କମଲ କହିଲା ସୁରଜ ! ତୋ ହୃଦୟଟା ଏକ ଭିନ୍ନ ଉପାଦାନରେ ଗଢ଼ା। ଅଧୁନା ମଣିଷ ଅନ୍ଧ ପରି ନିଜ ସ୍ୱାର୍ଥ ପାଇଁ ଅହରହ ଧାଉଁଛି। ଅନ୍ୟ କଥା ଭାବିବା ଲାଗି କାହାରି ସମୟ ନାହିଁ। ଜନ୍ମ ମୃତ୍ୟୁର ସୀମିତ ବ୍ୟବଧାନରେ ଅବାଟରେ ଗୋଡ଼ ଦେଇ ସମୟକୁ ବରବାଦ କରୁଛି ସିନା- ନିଜକୁ ଚିହ୍ନିନି- ଆଉ ଚିହ୍ନିଲା ସମୟ ଉପନୀତ ବେଳକୁ ଗୁଡ଼ ଯାଇ କହୁଣୀରେ- ନା' କ'ଣ କହୁଛୁ ସୁରଜ !

ତୋ'ର ମନେ ପଡୁଛି, ଆମେ ପଢ଼ିଲାବେଳେ ପାଣିଟାଙ୍କି ତଳେ ଅନବରତ କଳା ଛିଣ୍ଡା କମ୍ବଳ ଘୋଡ଼େଇ ହୋଇ ମଣିଷଟିଏ ସବୁବେଳେ ବସୁଥିଲା। ଡେଙ୍ଗା ଗୋରା ତକ୍‌ତକ୍ ଲମ୍ବା ଦାଢ଼ି, ଯାହାକୁ ତୁ ସବୁଦିନେ ଯାଇ ଖାଇବାକୁ ଦେଇଆସୁଥିଲୁ।

ହଁ... ତୁ ଅଜୁ ପାଗଳା କଥା କହୁଛୁ ତ !

ସପ୍ତାହରେ ଗୋଟିଏ ଦିନ ସିଏ କଥା କୁହେ, ସନ୍ଧ୍ୟା ପୂର୍ବରୁ ଘଣ୍ଟାଏ ବଂଶୀ ବଜାଏ। ଖୁବ୍ ମର୍ମଭେଦୀ ତା'ର ବଂଶୀସ୍ୱନ। ଆମେ ଦୂରରେ ରହି ତା'ର ବଂଶୀ ବଜାଇବାର ଶୈଳୀକୁ ଲକ୍ଷ୍ୟ କରି ତଲ୍ଲୀନ ହେଇପଡୁଥିଲେ। ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ବଂଶୀବାଦକ ଥିଲା ସେ। ଶୁଣିଛି ସେ କୁଆଡ଼େ ଜଣେ ସଙ୍ଗୀତ ଶିକ୍ଷକ। ଥିଲାବାଲା ଖାନଦାନୀ ଘରର ଲୋକ ସେ। ତା' ବାପା ଦି'ଟା ଘୋଡ଼ା ତାଙ୍କ ଡିଆରେ ବାନ୍ଧିଥିଲେ। ସକାଳ ସନ୍ଧ୍ୟାରେ ଦଶକୋଶ ଘୋଡ଼ାରେ ସବାର ହୋଇ ପୂରା ଇଲାକାକୁ ଖେଦୁଥିଲେ। ଘୋଡ଼ା ଟାପୁର ଶବ୍ଦରେ ସେ ଅଞ୍ଚଳରେ ଯେତେ ମନ୍ଦ ପ୍ରଭାବ ସବୁ ନଷ୍ଟ ହେଇଯାଉଥିଲା। ମଣିଷ ମନରେ କୁପ୍ରକୃତି ଆସୁ ନ ଥିଲା। ସମସ୍ତେ ଯେଝା ଧନ୍ଦାରେ ବ୍ୟସ୍ତ ଥିଲେ।

ହେଲେ ଅବସ୍ଥାଚକ୍ରରେ ଯେଉଁଦିନ ଦୁଇଟା ଘୋଡ଼ାକୁ ତା' ବାପା ବିକି ଦେଲେ ଘରକୁ ଅଜଣା ବିପତ୍ତି ମାଡ଼ିଆସିଲା। ଅଜୁର ବାପା ରୋଗାକ୍ରାନ୍ତ ହେଇ ମଲେ। ଅଜୁ ପ୍ରେମରେ ପଡ଼ି ପ୍ରତାରିତ ହେଲା, ମୁଣ୍ଡ ବିଗିଡ଼ିଗଲା, ରାତିରେ ବଂଶୀ ବଜାଇବା ଅପରାଧରେ ପୋଲିସ ଅଜୁକୁ ଧରିନେଇ ରୀତିମତ ଛେଚିଲେ, ପରେ ହାତଗୋଡ଼ ବାନ୍ଧି ଟ୍ରେନରେ ବିଦା କରିଦେଲେ ଯେ ପାଣିଟାଙ୍କି ତଳଟା ହିଁ ତା'ର ଆଶ୍ରୟସ୍ଥଳୀ ପାଲଟିଗଲା ସବୁଦିନ ପାଇଁ।

ହଁ... ମୁଁ ଭାବଗମ୍ଭୀର ହେଇ ପଡ଼ି କହିଲି, ଅଜୁର ଅପରାଧ ଥିଲା ରାତିରେ କାହିଁକି ସେ ବଂଶୀ ବଜାଇ ରିଆଜ୍ କରେ ଆଉ ଏଇଥିପାଇଁ ଥାନା ବଡ଼ବାବୁଙ୍କ ସ୍ତ୍ରୀ କୁଆଡ଼େ କିଛି ଖାଉ ନ ଥିଲେ। କଥାରେ ଅଛି ରାତିରେ ଗୋଟିଏ ପୁଅର ମା' ଯଦି ବଂଶୀ ବାଜୁଥିବାର ଶୁଣେ ପିଲାର ଅହିତ ହୁଏ।

ତୁ ଏ କଥା କେମିତି ଜାଣିଲୁ ? କମଲ ପଚାରିଲା ଏକ ଅନୁସନ୍ଧିତ୍ସୁ ଚକ୍ଷୁରେ। ମୁଁ କହିଲି - ତୁ ତ ଜାଣୁ ମୁଁ ପ୍ରାୟ ଅଜୁ ପାଖକୁ ଯାଏ - ଦିନେ ଅଜୁ ବହୁତ ଖୁସ୍ ମିଜାସ୍‌ରେ ଥିଲା - ତା'ର ପାଗଳାମି ସେତେ ନ ଥିଲା। ପଚାରୁ ପଚାରୁ ତା' ସଂପର୍କରେ ସେ ହିଁ ମତେ ଏ କଥା କହିଥିଲା। କମଲ ପଢ଼ାସାରି ଆଉ ୟୁନିଭରସିଟି ଆଡ଼େ ଜମା ଯାଇନି, କିନ୍ତୁ ମୁଁ ଅନେକ ଥର ଯାଇଛି, ପାଣିଟାଙ୍କି ପାଖ କଲଭର୍ଟ ଉପରେ ବସିଛି ଢେର ସମୟ। ଅତୀତକୁ ଅତୀତରେ ନ ହଜାଇ ପ୍ରକ୍ଷାଳନ କରିଛି ସେ ସବୁ ଦିନଗୁଡ଼ିକୁ। ଖବର ନେଇଛି ଅଜୁ କୋଡ଼ିଏ ବର୍ଷ ହେଲାଣି ଏକ ଟ୍ରକ ଚାପାରେ ମୃତ୍ୟୁ ବରଣ କରିଛି ସେଇ ପାଣିଟାଙ୍କି ଗୋଲେଇ ଛକରେ।

ବଡ଼ ଦୁଃଖଦାୟକ କରୁଣ ସେ ଘଟଣା - କମଲ ଆଖିରୁ ଲୁହ ପୋଛିଲା ଆଉ କହିଲା- ଅଜୁର ବାପା କାହିଁକି ସେ ଘୋଡ଼ା ଦି'ଟାଙ୍କୁ ବିକିଲେ ? ପରିଣତ ବୟସ ହେତୁ ରକ୍ଷଣାବେକ୍ଷଣ କରି ନ ପାରିବାରୁ ଅଜୁର ବାପାଙ୍କୁ ଘୋଡ଼ା ଦି'ଟାକୁ ବିକ୍ରି କରିବାକୁ ପଡ଼ିଥିଲା।

ଏ ଦୁନିଆରେ କିଛି ଚିରସ୍ଥାୟୀ ନୁହେଁ। ସଂଯୋଗ ଆଉ ବିଯୋଗ ଏଠି ନିରନ୍ତର। ଅଭିବୃଦ୍ଧି ଆଉ ବିପର୍ଯ୍ୟୟ- ଜନ୍ମ ଆଉ ମୃତ୍ୟୁ, ପ୍ରତାରଣା ସଂଶୟ ଅସହାୟତା ଶଠତା ବିଷାଦରେ ଭରା ଏ ପୃଥ୍ୱୀରେ ଜୀବନ ବାରବାର ଆସୁଥିବ ପୁଣି ଯାଉଥିବ। ମଣିଷ ଜଞ୍ଜାଳ ଭିତରେ ଖାଲି ଦଉଡୁଥିବ।

ଠପ୍‌ଠପ୍ ହେଇ ସୋନୁ ପିଚୁ ରାସ୍ତା ଉପରେ ଦଉଡୁଥିଲା। ମାଲିକ ତା'ର ପରିବାର ଓ ସ୍ୱାର୍ଥ ପାଇଁ ସୋନୁକୁ ଆୟୁଧକରି ବେଶ୍ କିଛି ବେଶୀ କେମିତି କମେଇ ପାରିବ ଚିନ୍ତା କରୁଥିଲା। ଜାଣିଲି - ସୋନୁ ଛଡ଼ା ତା'ର ଅନ୍ୟ ରୋଜଗାରର ପନ୍ଥା କିଛି ନ ଥିଲା।

ଏ ଧରାଧାମରେ ଯେତେ ପ୍ରାଣୀ ଅଛନ୍ତି ମଣିଷ ତ ସବୁଠୁ ଚତୁର - ଅନ୍ୟକୁ ବିନିଯୋଗ କରି ନିଜେ

> **ଏଇ କମଲ ଅଠର ବର୍ଷ ହେବ ଏକାଏକା ଜିଉଁଛି, ପିଲା ଛୁଆ ସ୍ତ୍ରୀ ଥାଇ ବି ତା' ପାଖରେ କେହି ନାହାନ୍ତି। ଏକାଏକା, ଭରା ନଈର ଦୁଃଖ ତରୀରେ ବସି ମଧ୍ୟ ସେ ମନ ଖୋଲି ହସେ। କହେ- ମୁଁ ସତ୍ୟରେ ବଞ୍ଚିଛି, ଗୁରୁତ୍ୱ ଦେଇଛି ନଦୀ ପରି ବହିଯାଉଥିବା ପ୍ରବହମାନ ସ୍ରୋତସ୍ୱିନୀ ପରି ଛଳନାରହିତ ପିଲାଳିଆମିକୁ।**

e-News Magazine

କିପରି ନିଜ ଫାଇଦାରେ ରହିବ ସଦାସର୍ବଦା ଏଇ ଚିନ୍ତାରେ ନିମଗ୍ନ, ଜୀବନକୁ ବୁଝୁବୁଝୁ ହାତ ପାପୁଲିରେ ସରୁବାଲି ଖସିଯିବା ପରି ଜୀବନ ଯେ କେତେବେଳେ ସରିଯାଏ ଏ ଭିଡ଼ ଭିତରେ ସେ ବୁଝିପାରେନା, ନିଜକୁ ଅନ୍ୱେଷଣ କରିବାକୁ ତା'ର ନିମିଷେ ସମୟ ନ ଥାଏ। ମଣିଷ ଭିତରେ କାହିଁ କେତେ ଅମଣିଷପଣିଆ। ବୁଢ଼ିଆଣୀ ଜାଲରେ ଛନ୍ଦିହେଇ ମଣିଷ ଅଣନିଶ୍ୱାସୀ ହେଇ ଖାଲି ଧାଉଁଛି। ସେ ଧାଇଁବା ଶେଷ ନିଶ୍ୱାସ ଛାଡ଼ିବା ଯାଏଁ । ତା' ଚାରିପଟେ ଜଞ୍ଜାଳର ଜାଲ, ଯେତେ ମୁକ୍ତିଲାଗି ଛାଟିପିଟି ହେଲେ ସେତେ ବନ୍ଧନର ଶକ୍ତ ରଜ୍ଜୁରେ ବାନ୍ଧି ହେଇ ଛାଟିପିଟି ହେବ, ଏକାଏକା ଯନ୍ତ୍ରଣାରେ କାକୁସ୍ଥ ହୋଇ ଚିତ୍କାର କଲେ ବି କେହି ଆଡ଼ ଆଖିରେ ଚାହିଁବେ ନାହିଁ।

ଏଇ କମଲ ଅଠର ବର୍ଷ ହେବ ଏକାଏକା ଜିଉଁଛି, ପିଲା ଛୁଆ ସ୍ତ୍ରୀ ଥାଇ ବି ତା' ପାଖରେ କେହି ନାହାନ୍ତି। ଏକାଏକା, ଭରା ନଈର ଦୁଃଖ ତରୀରେ ବସି ମଧ୍ୟ ସେ ମନ ଖୋଲି ହସେ। କହେ- ମୁଁ ସତ୍ୟରେ ବଞ୍ଚିଛି, ଗୁରୁତ୍ୱ ଦେଇଛି ନଦୀ ପରି ବହିଯାଉଥିବା ପ୍ରବହମାନ ସ୍ରୋତସ୍ୱିନୀ ପରି ଛଳନାରହିତ ପିଲାଳିଆମିକୁ। ଶୈଶବର କୋମଳ ନିଷ୍ପାପ ଅଜ୍ଞାନତା ଯେ ଏତେ ସୁଖକର, ତାହା ହିଁ ସତ୍ୟ ଓ ଚିରନ୍ତନ ସତ୍ୟ ଜାଣେନା କ'ଣ ମୃତ୍ୟୁ, କ'ଣ ଜନ୍ମ, କେଉଁଠି ଆରମ୍ଭ କେଉଁଠି ଶେଷ। ସତ୍ୟର ଅନ୍ୱେଷଣରେ ବୁଦ୍ଧ ପରା ସମଗ୍ର ଜୀବନ କଟେଇଦେଲେ କେବଳ ଅନୁସନ୍ଧାନରେ। ନଦୀଟିଏ ପରି ସହଜ ସାବଲୀଳ ସରଳ ନିଷ୍କପଟ ଛଳନାଶୂନ୍ୟ ହେଇଗଲେ ଦେଖିବୁ ସୁରଜ- ସବୁ ଗଢ଼ିଯିବ ଏ ଜୀବନ ଭିତରେ। ଜ୍ଞାନଚକ୍ଷୁ ଉନ୍ମୀଳିତ ହେଇଯିବ ସିଦ୍ଧାର୍ଥଙ୍କ ପରି। କମଲର ମୁହଁରେ ଏକ ଅନିର୍ବଚନୀୟ ରୂପକାନ୍ତି। ଫଲ୍‌ଗୁ ନଦୀର ବାଲି ଉପରେ ନରମ ସୂର୍ଯ୍ୟକିରଣ ପ୍ରତିଫଳିତ ହୋଇ କମଲ ମୁହଁ ଉପରେ ଝଟକି ଉଠୁଥାଏ। ହାତରୁ ଆମର କଳାକଳା ଜାମୁକୋଳି ସରିଯାଇଥାଏ। ବାଟ ମଧ୍ୟ ସରି ଆସିଥାଏ।

ଆମେ ଟାଙ୍ଗାରୁ ଓହ୍ଲାଇ ସୋନୁର ମାଲିକକୁ କିଛି ଟଙ୍କା ଧରାଇ ଆମକୁ ଅପେକ୍ଷା କରିବାକୁ କହିଲୁ।

ମୁଁ ଆଉଁଶି ଦେଲି ସୋନୁକୁ। ସତେ କ'ଣ ଏତେଗୁଡ଼ାଏ ବାଟ ଟାଣିଟାଣି ଆଣିଥିବା ସୋନୁର ଋଣ ଶୁଝିହେବ ?

ଟାଙ୍ଗା ମାଲିକ ପଚାରିଲା, ଆମ ଫେରିବା ସଂପର୍କରେ।

କମଲ ଉତ୍ତର ଦେଇ କହିଲା, ଦିନକର ଭଡ଼ାଠାରୁ ତାକୁ ଅଧିକ ଦିଆଯିବ ଏଣୁ ଫେରିବା ସମୟ ନିର୍ଦ୍ଦିଷ୍ଟଭାବେ କହିହେବନି।

ପର୍ଯ୍ୟାପ୍ତ ଅଟୋ ଓ ଟାକ୍ସି ଚାଲିବା ହେତୁ ଟାଙ୍ଗାର ଚାହିଦା ନ ଥିବା କଥା ଆମେ ଆଗରୁ ଜାଣିସାରିଥିଲୁ।

ଆମେ ଆଗକୁ ଚାଲିଲୁ ଡାହାଣ ପଟରେ ଏକ

ଦୀର୍ଘ ପାଚେରି ଭିତରେ ମନ୍ଦିରଟିଏ- ଜରାଜୀର୍ଣ୍ଣ ଅବସ୍ଥା। ଜଗତରନାଥ ଜଗନ୍ନାଥଙ୍କ ମନ୍ଦିର କେଉଁକାଳରୁ। ପର୍ଯ୍ୟଟକ କେହି ଯାଉ ନ ଥାଆନ୍ତି। ସାମ୍ନାରେ ବିରାଟ ନୋଟିସଟିଏ, ଭିତରକୁ ଯିବା ମନା, ବିପଦ। ଗତଥର ଆସିଲାବେଳେ ଏ ନୋଟିସ ନ ଥିଲା। ମୁଁ ସେଥର ଖୁବ୍ ସତର୍କତାର ସହ ମନ୍ଦିର ଭିତରକୁ ଯାଇ ତ୍ରିମୂର୍ତ୍ତିଙ୍କୁ ଦର୍ଶନ କରି ଫେରିଥିଲି। ଏଥର ସଂପୂର୍ଣ୍ଣ ମନା। ଏଠା ସରକାର ମନ୍ଦିରଟିକୁ ବିପଦପୂର୍ଣ୍ଣ ସାବ୍ୟସ୍ତ କରି ଦରଜା ମୁଦ କରିଦେଲେଣି। ପୂଜାରୀ ଆସି ମନ୍ଦିର ବାହାରୁ କେବଳ ଦୀପଦାନ ଦେଉଛି, ଭିତରେ ତିନି ଦିଅଁ କି ଅବସ୍ଥାରେ ଅଛନ୍ତି କହିହେବନି। ହେ ଜଗନ୍ନାଥ, ଏବେ ତମେ ହିଁ ତମର ତ୍ରାଣକର୍ତ୍ତା, ରକ୍ଷାକାରୀ। ମଥାପାତି ପାଚେରିଧାରରେ ରହି ଆମେ ପ୍ରଣାମ କଲୁ।

ହାଏରେ ଭାବପ୍ରବଣ ଓଡ଼ିଆ ପୁଅ - ବଡ଼ ଠାକୁରଙ୍କୁ ନେଇ ତମର ଏତେ ସ୍ୱାଭିମାନ ଅଭିମାନ ଗର୍ବ, ତାଙ୍କୁ ନେଇ କେତେ ମାନ ଇଜ୍ଜତ ତମେ ଦେଶ ବିଦେଶରେ ପାଉଛ - ଝଗଡ଼ା ତର୍କ ବିତର୍କରେ ତାଙ୍କ ନୀତିକାନ୍ତି ପାଇଁ ତୁମ୍ଫିତୋଫାନ କରୁଛ ହେଲେ ଥରେ ଏ ଭୂଲୁଣ୍ଠିତ ହେବାକୁ ଯାଉଥିବା ମନ୍ଦିରଟିର ପୁନରୁଦ୍ଧାର ନିମନ୍ତେ କେହି କେବେ ଭାବିଛ କି ? ବୋଧହୁଏ ନା- ଆମ ପୂର୍ବରୁ ଆମ ପ୍ରଦେଶରୁ ଅନେକ ଆସି ଫେରିଗଲେଣି - କାହାରି ଦୃଷ୍ଟିକୁ ଏହା ଆସୁନି- ଆତ୍ମଗ୍ଲାନି, ମର୍ମଦାହ, ଅନୁଶୋଚନାର ଅନୁରଣନରେ ମୁଁ ଭାଙ୍ଗି ପଡୁଥିଲି।

ଗୋଟାଏ ବିଶ୍ୱାବସୁ ସିନା ତୁମକୁ ଅଗନାଅଗନି ବନସ୍ତରୁ ନେଇ ଆସିଥିଲା ଦିନେ, ହେଲେ ଆଉ ଗୋଟାଏ ବିଶ୍ୱାବସୁ କେବେ ଆସି ତମ ଦୟନୀୟ

e-News & Magazine

ଦୁର୍ଦ୍ଦଶା ଦେଖିବ, ମନ୍ଦିର ଭିତରୁ ଅକ୍ଷତ ଭାବରେ ତମକୁ ଉଦ୍ଧାରିବ। ପ୍ରାର୍ଥନା କଲୁ ଖୁବ୍ ଭାବ ବିହ୍ୱଳ ହେଇ, କି ତମେ ଏ ମନ୍ଦିର ଭିତରେ ରହିରହି ବାଲ୍ମୀକି ସାଜିବ ! ତମ ଇଚ୍ଛା। ହେ ମହାପ୍ରଭୁ ତମେ ତ ଇଚ୍ଛାମୟ !

ସେତେବେଳକୁ ସୂର୍ଯ୍ୟ ମୁଣ୍ଡ ଉପରେ। ଆମ ସମ୍ମୁଖରେ ବିରାଟ ପୁଷ୍କରିଣୀ- ଅକାତକାତ ପାଣି ଭିତରେ ମଧ୍ୟଭାଗରେ ଧ୍ୟାନସ୍ଥ ବୁଦ୍ଧମୂର୍ତ୍ତି, ମଥା ଉପରେ ସପ୍ତଫେଣୀ ବାସୁକୀ ନାଗ। ଘନମେଘମେଦୁର ସେଦିନ ରାତ୍ରୀର ନିରୋଳ ଘନ ଅନ୍ଧାର ଆକାଶ। ଏଇଠି ସେଦିନ ସାତଟି ଲାଗଲାଗ ବଜ୍ରପାତ ହେଇଥିଲା। କାନଫଟା ଶବ୍ଦ, ସ୍ତ... ସୁ ଗର୍ଜନ - ସତେ ଯେପରି ମେଦିନୀ ଫାଟି ପଡ଼ିବ, ହେଲେ ଅବିଚଳିତ ଭାବରେ ଧ୍ୟାନମଗ୍ନ ଥିଲେ ସିଦ୍ଧାର୍ଥ।

ବିଜୁଳି ଚମକରେ ଘନ ଅନ୍ଧାର ଫେଡ଼ି ଚତୁର୍ଦ୍ଦିଗ ଆଲୋକମୟ ହେଇଗଲା। ସିଦ୍ଧାର୍ଥ ତପୋମଗ୍ନ, ଅବିଚଳିତ ସ୍ଥିର ନିରୁଦ୍‌ବିଗ୍ନ ପୂର୍ବପରି ନିଷ୍କାମ ଓ ନିଥର।

ମୁଣ୍ଡ ଉପରେ ସପ୍ତଫେଣୀ ନାଗଟିର ଫଣାର ସୁରକ୍ଷା ବଳୟ।

ବର୍ଷବର୍ଷ ତଳର ତପସ୍ୟା ସାଧନାର ଅମୃତ ସିଦ୍ଧି ସେଦିନ ହିଁ ତାଙ୍କୁ ପ୍ରାପ୍ତ ହେଲା।

ରାଜପୁତ୍ର ସିଦ୍ଧାର୍ଥରୁ ସେଇଠୁ ବଦଳିଗଲେ ତପସ୍ୱୀ ସିଦ୍ଧ ବୁଦ୍ଧ ଭାବରେ।

ନିକଟରେ ଥିବା ଅଶ୍ୱତ୍ଥ ବୃକ୍ଷର ଘଞ୍ଚ ପତ୍ରଛାୟା ତଳେ ସମୁଦ୍ଭାସିତ ନିର୍ବାଣର ଅଲିଭା ଦୀପକୁ ବୁଦ୍ଧ ପ୍ରଜ୍ୱଳିତ କଲେ।

ଆଜି ବି ଜଳୁଛି ସେଇ ସ୍ମୃତିର ହଜାର ହଜାର ଅଖଣ୍ଡ ଦୀପ ସମୂହ।

ଆମେ ପହଞ୍ଚିଲୁ ଠିକ୍ ବୋଧିଦ୍ରୁମର ମୂଳରେ।

ମୁଁ କହିଲି- କମଲ ! ଏବେ ଆମେ ଅଲଗା ହେଇଯିବା। ସାଧନା ଆଉ ଧ୍ୟାନ ପରା ଏକେଲା କରିବାକୁ ହୁଏ।

'ଏ ସର୍ତ୍ତ ତ ଆଗରୁ ସରିଛି।' ସେ ଉତ୍ତର କଲା।

ଧ୍ୟାନ ବିନା ଜ୍ଞାନପ୍ରାପ୍ତି ହୁଏନା- ଧ୍ୟାନ ଓ ସତ୍ୟସନ୍ଧାନ ତ ଜ୍ଞାନ।

ଯାହାର ପ୍ରଜ୍ଞା ଯେତିକି ବଳିଷ୍ଠ ତା'ର ଧ୍ୟାନଶକ୍ତି ସେତିକି ପ୍ରଗାଢ଼। ହେ ତଥାଗତ ! ତମେ ଆଜି ଯାହା ଦେଖେଇବ ତାହା ହିଁ ମୋର ଜ୍ଞାନ। ମୁଁ ଏ ଅନିତ୍ୟ କ୍ଷଣଭଙ୍ଗୁର ଭବସଂସାରକୁ ଆସିଛି ଏକୁଟିଆ- ମୁଁ ଆଜି ଏକାକୀ ସାଧକ।

ଏକୁଟିଆ ଦୀପଟିଏ ହେଇ ଜଳିବି ତୁମର ସିଦ୍ଧି ପାଇଥିବା ଏଇ ପବିତ୍ର ତୀର୍ଥର ମାଟିରେ।

କମଲ ମତେ ଛାଡ଼ିଯିବାର କେଇ ମୁହୂର୍ତ୍ତ ପରେ ଏଇ ଚିନ୍ତାଧାରା ମତେ ଆଚ୍ଛାଦିତ କରିଦେଲା।

ମୁଁ ସ୍ଥିର ନିର୍ବିକାର ଭାବରେ ବୋଧିଦ୍ରୁମ ତଳେ ଏକ ନିକାଞ୍ଚନ ସ୍ଥାନରେ ବସିପଡ଼ିଲି। ମୋ ନଜରରେ କେହି ଆସୁ ନ ଥିଲେ କି ମୁଁ କାହା ଦୃଷ୍ଟିକୁ ମଧ୍ୟ ଆସୁ ନ ଥିଲି।

ହେ ସତ୍ୟାଲୋକ ! ପରମ କାରୁଣିକ ବୁଦ୍ଧ ! ହେ ଅସୀମ - ମତେ ଟିକିଏ ତମ କରୁଣାର ବାରି ବରଷି ଦିଅ। ହେ ଅମୃତମୟ, ମତେ ନିତ୍ୟ ପଥ ଦେଖାଅ। ତମ ଅନୁପମ ସତ୍ତା ମୁଁ ଟିକିଏ ଆଜି ଧ୍ୟାନରେ ଉପଲବ୍ଧି କରେ, ଅନୁଭବ କରେ ତମ ସ୍ନିଗ୍ଧ ପରଶ- ଦୁର୍ଲଭ ଆଶୀର୍ବାଦ। କ୍ରମେ ମୁଁ ସମ୍ମୋହିତ ହେଇ ପଡୁଥିଲି - ଆଖି ବନ୍ଦ ହେଇଗଲା। ମତେ ଲାଗିଲା ମୋ ମୁଣ୍ଡ ଉପରେ ଆକାଶ ଦୋହଲୁଛି। ମୋ ବସିଥିବା ମସୃଣ ମର୍ମର ପଥର ତଳେ ମାଟି ବି ଦୋହଲୁଛି। ଝିମ୍‌ଝିମ୍ ହେଇଯାଉଛି ମୋ ସର୍ବାଙ୍ଗ- ମୁଁ ଗୁଣୁଗୁଣେଇଲି।

ଅସତୋ ମା' ସଦ୍‌ଗମୟ, ତମସୋ ମା' ଜ୍ୟୋତିର୍ଗମୟ, ମୃତ୍ୟୋର୍ମା ଅମୃତଂ ଗମୟ 'ମତେ ଅସତ୍‌ରୁ ସତ୍ ପଥ ଦେଖାଅ - ମତେ ଅନ୍ଧକାରରୁ ଚିର ଆଲୋକର ପଥ ଦେଖାଅ। ମତେ ମୃତ୍ୟୁ ପଥରୁ ଅମୃତ ପଥରେ ନିଅ' ପ୍ରଭୁ ତଥାଗତ ! ପାତଞ୍ଜଳଙ୍କ ଯମ, ନିୟମ, ଆସନ, ପ୍ରାଣାୟମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି ଯୋଗର ଏଇ ଆଠଟି ଅଂଶକୁ ତତ୍ତ୍ୱତଃ ମୁଁ ଜାଣିଥିଲେ ମଧ୍ୟ କେବେ ବି ସାଧି ନ ଥିଲି।

ମନରେ ହଠାତ୍ ବଜ୍ର ଦୃଢ଼ ସଂକଳ୍ପ ଜାଗରିତ ହେଇଗଲା। ପାଖ ବୁଦ୍ଧ ମନ୍ଦିରରୁ ଭାସିଆସୁଥିଲା ମନ୍ତ୍ର। ବୁଦ୍ଧଂ ଶରଣଂ ଗଚ୍ଛାମି...। ବୁଦ୍ଧଦୀପ୍ତ ମାଟିର ସ୍ପର୍ଶରେ ଦେହରେ ଅନନୁଭୂତ ଶିହରଣ ଅକଳ୍ପିତ ପୁଲକ ପାଇ ଧ୍ୟାନ ପ୍ରଗାଢ଼ରୁ ପ୍ରଗାଢ଼ତର ହେଲା।

ଖୁବ୍ ଅନତି ଦୂରରେ କିଏ ଜଣେ ମେଘମହ୍ଲାର ରାଗରେ ବଂଶୀ ବଜାଉଥିଲା... ଠିକ୍ ପାଗଳା ଅଳୁ ବଜାଇବା ପରି।

ଘନୀଭୂତ ଧ୍ୟାନର ପୁଞ୍ଜୀଭୂତ ବଳୟ ଭିତରେ ହିରଣ୍ମୟ କୋଣରୁ ନିର୍ଗତ ହେଲେ ଜ୍ୟୋତିର୍ମଣ୍ଡଳୀ। ଆଲୋକର ଦ୍ୟୁତି କ୍ଷଣକେ ଉଦ୍‌ଭାସିତ ହେଲା ଚିତ୍ରପଟ ପରି ସିଦ୍ଧାର୍ଥଙ୍କ ଜନ୍ମଠାରୁ ପରିବର୍ତ୍ତିତ ମହାନ ବୁଦ୍ଧ ପର୍ଯ୍ୟନ୍ତ ସମସ୍ତ ଘଟଣାବଳୀ ଆଉ ବୁଦ୍ଧରୁ ମହାନିର୍ବାଣ ପ୍ରାପ୍ତି ଯାଏ କେତେ ଘଟଣା ଓ ଅଘଟଣର ଦିନଲିପି।

ଆସିଲେ ଶିଷ୍ୟ ନନ୍ଦ, ଦେବଦତ୍ତ, ଅନିରୁଦ୍ଧ, ଆନନ୍ଦ, ସାରିପୁତ୍ତ ଆହୁରି ଅନେକ... ଅନେକ।

ସବୁଠୁ ମାର୍ମିକ ଥିଲା ଶିଷ୍ୟ ଆନନ୍ଦଙ୍କ ସହ କୁଶୀନାରାକୁ ତାଙ୍କ ଶେଷଯାତ୍ରାର ସମୟ।

ସବୁ ମନ୍ଦ ହେଉଛି ମୃତ୍ୟୁ। ସବୁ ସତ୍ୟ ହିଁ ଜୀବନ- ସତ୍ୟ ହିଁ ତ ନିର୍ବାଣ - ପୃଥିବୀରେ ସବୁ ଅବକ୍ଷୟ ଘଟୁଛି ଓ ରହିଛି କିନ୍ତୁ ସତ୍ୟର ଅବକ୍ଷୟ ନାହିଁ। ସତ୍ୟ ସଦା ଚିରନ୍ତନ। ସତ୍ୟ ହିଁ ନିର୍ବାଣର ମାର୍ଗ।

ଏଇ ଶେଷୋକ୍ତି ଥିଲା କୁଶୀନାରାରେ ତଥାଗତ ବୁଦ୍ଧଙ୍କର। ମୋ କାନରେ ପ୍ରତିଧ୍ୱନିତ ହେଉଥିଲା ବାରମ୍ବାର ସେଇ ବଜ୍ରଗମ୍ଭୀର କଣ୍ଠସ୍ୱର। ଖରା ନଇଁ ସଞ୍ଜ। ସନ୍ଧ୍ୟା ପରେ ରାତି - ପୁଣି ଭୋଅର୍ - ମୁଁ ସମ୍ମୋହନ ଭିତରେ ଏତେ ସମୟ ବିତେଇ ଦେଲିଣି।

ମୁଁ ଆଖି ଖୋଲିଲି। ସାମ୍ନାରେ ନିରବରେ ବସିଥିଲା କମଲ। ମୋ ଆଖିରୁ ଅନବରତ ଖସିଚାଲିଥିଲା ଲୁହ। ଏତେ ଅଶ୍ରୁ ଆଖି ଭିତରେ କେମିତି ଥିଲା। ସାର୍ଟ ଭିଜି ତଳ ଭିଜିଛି। ମତେ କିଛି ଜଣାପଡ଼ିନି।

କମଲ କହିଲା, ଟାଙ୍ଗାବାଲା ଆମକୁ ସେମିତି ଅନେଇ ବସିଛି। ସୋନୁକୁ ସଜେଇଛି- ଘାଗୁଡ଼ି ପିନ୍ଧେଇଛି- ଆବଡ଼ାଖାବଡ଼ା ପିଚୁରାସ୍ତାରେ ଘୋଡ଼ା ଟାପୁର ଶବ୍ଦରେ ବେକର ଘାଗୁଡ଼ି ବେଶ୍ ସାଜିବ ତାକୁ। ତୁ ପରା ଭାବବିହ୍ୱଳ ହେଇ ଘୋଡ଼ା ଟାପୁର ଠପ୍‌ଠପ୍ ଶବ୍ଦକୁ ଶୁଣୁ।

ଉଠ୍ ଏବେ ଯିବା। ସୋନୁର ଗତି କାଲିଠାରୁ ଆଉ ଟିକିଏ ପ୍ରଖର ହେଇଥିଲା। କା

e-News & Magazine

With Best Compliments from:

SOOR PHARMA

ଚାରିଟି ମିନି କଥା

ଶିବ ମିଶ୍ର
ବାଣପୁର, ଖୋର୍ଦ୍ଧା - ୭୫୨୦୩୧

'ତମକୁ ମୋ ରାଣ'

ଏଇଲାଗେ କି ଆଉ ଟିକକୁ ପ୍ରାଣ ଛାଡ଼ିବା ଅବସ୍ଥାରେ ପଡ଼ିଥିବା ସ୍ତ୍ରୀ- ତା' ପାଖରେ ମୁହଁ ପୋତି ଠିଆ ହୋଇଥିବା ସ୍ୱାମୀକୁ କହିଲା, "ଶୁଣ, ମୁଁ ଗଲାପରେ ତମେ ଆଉ ଜଣକୁ ବାହା ହେବ। ନ ହେଲେ ଚଳିବ କେମିତି ? ହେଲେ ଏବେ ମୋତେ ଖୁଆଇଲା ପରି ତାକୁ କେବେ ବି ବିଷ ଖୁଆଇବନି। ତମକୁ ମୋ ରାଣ।"



'ଦି'ଧାର ଲୁହ'

ଠାକୁର ଦର୍ଶନ କରି ଫେରିବା ବାଟରେ – ନାତି ପଚାରିଲା, "ଜେଜ ତମେ ଦିଅଁଙ୍କୁ କ'ଣ କହିଲ ?" ଜେଜ କହିଲେ, "ମୋ ମନର କଥା ଜଣେଇଲି।" ନାତି ସଙ୍ଗେସଙ୍ଗେ କହିଲା, "ତମକୁ ଖାଇବାକୁ ଦେଲାବେଳେ ବୋଉ ଯୋଉ ଗାଳି ଦଉଛି, ସେ କଥା ମନେପକାଇ କହିଲ ତ ?" ଜେଜ ନାତି ମୁହଁକୁ ଚାହିଁଲେ, ତାଙ୍କ ଆଖିରୁ ନିଗିଡ଼ି ପଡ଼ିଲା ଦି'ଧାର ଲୁହ।

'ସଭା ସାଙ୍ଗ'

ଦିନ କେଇଟାର ବୋହୂ ଏଡ଼େ ଗୁମାନୀ ଯେ, ଶାଶୂକୁ କଥା କହୁନି। ଏ କଥା ଗାଁ ମାଇପିଙ୍କ ଦେହରେ ଗଲାନି। ବଛାବଛା ମାଇପି କେତେଜଣ ସଜିଲ ହୋଇ ଆସି, ସେ ବୋହୂକୁ ପଚାରିଲେ, "ତୁ ଶାଶୂକୁ କଥା କହୁନୁ କାହିଁକି ?" ବୋହୂ କହିଲା, "ଆମର ଦି' ଗିଲାସ କ୍ଷୀର ପାଇଁ ପଇସା ନାହିଁ। ଗୋଟେ ଗିଲାସ କିଣା ହଉଛି। ମୁଁ କହୁଛି ସେତକ ଶାଶୂ ପିଅନ୍ତୁ। ତାଙ୍କୁ ଡାକ୍ତର କହିଛି। ହେଲେ ସିଏ ଜୋର କରି ମୋତେ ପିଆଇ ଦେଉଛନ୍ତି। ମୁଁ କହିବା କଥା ତ ସିଏ ଶୁଣୁ ନାହାନ୍ତି। ତୁଚ୍ଛାଟାରେ କିଆଁ ତୁଣ୍ଡ ସାରିବି ?"

ଗାଁ ମାଇପେ ବସିଲା ଥାନରୁ ଉଠିଲେ; ସଭା ସାଙ୍ଗ ହେଲା।



'ଅନ୍ତର୍ଯ୍ୟାମୀ'

ସିଏ ମିଠା ପୁଡ଼ାଟିଏ ଧରି ଲସର ପସର ହୋଇ ଧାଉଁଥିବାର ଦେଖି ମୁଁ ପଚାରିଲି, "କ'ଣ ପୁଅ ହେଲା ନା' କ'ଣ ?" ସିଏ ହଁ'ଟାଏ ଫିଙ୍ଗିଦେଇ ପବନରେ ଉଡ଼ିଗଲେ। ତା'ପରେ ମୁଁ କୁଆଡ଼େ ଗଲି, ସିଏ କୁଆଡ଼େ ଗଲେ, ଦିନ ସବୁ କୁଆଡ଼େ ଗଲା। ପଚିଶି ବର୍ଷ ପରେ ଏବେ ଅକସ୍ମାତ ତାଙ୍କ ସହିତ ଦେଖା ହେଲା। ଖଣ୍ଡହଳଦିର କାଗଜ ପୁଡ଼ାଟାଏ ପରି ଆବୁଡ଼ା ଖାବୁଡ଼ା ଦିଶୁଥିବା ମୁହଁ ଓହଳାଇ ସିଏ ଖୁବ୍ ଧୀରେଧୀରେ ଚାଲୁଥିଲେ। ମୁଁ ପଚାରିଲି, "କ'ଣ ଘରକୁ ବୋହୂ ଆସିଲାଣି କି ?" ସିଏ ଅଟକି ଯାଇ କହିଲେ, "ମୁଁ ଏବେ ଜାଣିଲି, ଖାଲି ନାମରେ ନୁହେଁ କାମରେ ବି ତମେ ଅନ୍ତର୍ଯ୍ୟାମୀ।" କା

e-News & Magazine

ବିରଳ ବିଦ୍ରୋହ

ଗଳ୍ପ



ଚନ୍ଦିରୀକୁ କଲେଜ କ୍ୟାମ୍ପସରେ ଦେଖିବା ସେଦିନ ସଂପୂର୍ଣ୍ଣ ଅପ୍ରତ୍ୟାଶିତ ଥିଲା। ବୋଧହୁଏ ଦଶ ପନ୍ଦର ବର୍ଷ ପରେ ତା' ସାଙ୍ଗରେ ଥିଲା ଗୋରା ତକ୍‌ତକ୍ ତନୁପାତଳୀ ଝିଅଟିଏ। ଦୁହେଁ ଲାଗୁଥିଲେ ବିବ୍ରତ। ସେମାନଙ୍କ ମୁହଁରେ ବିଷାଦର ରେଖା ସ୍ପଷ୍ଟ ବାରି ହୋଇ ପଡୁଥିଲା। ସିଏ କିଛି କହିବା ପୂର୍ବରୁ ମୁଁ କହିଲି-

ଚନ୍ଦିରୀ ! ତୁ କୁଆଡ଼େ ?

ସେ କୁଣ୍ଠିତ ହସଟିଏ ହସି କହିଲା, ମୋ ଝିଅର ନାଁ ଲେଖିବାକୁ ଆସିଥିଲି।

ମୁଁ ତା'ପାଖରେ ଠିଆ ହୋଇଥିବା ଝିଅଟାକୁ ବିସ୍ମୟ ବିସ୍ଫାରିତ ଚକ୍ଷୁରେ ଚାହିଁଲି। ଅଜାଣତରେ ମୋ ପାଟିରୁ ବାହାରିପଡ଼ିଲା, ତୋ ଝିଅ !

ସେ ଈଷତ୍ ଲଜ୍ଜାଶୀଳା ହୋଇ କହିଲା, ହଁ।

ହଠାତ୍ ମୋ ସ୍ମୃତି ଆକାଶରେ ପିଛଲା ଦିନଗୁଡ଼ାକ ଇନ୍ଦ୍ରଧନୁ ପରି ଉଦ୍‌ଭାସିତ ହୋଇଉଠିଲା, ସେଇ-ଦିନର ଚନ୍ଦିରୀକୁ ମୁଁ ଆଜିର ଚନ୍ଦିରୀ ଭିତରେ ଖୋଜି ହେଉଥିଲି। ଚନ୍ଦିରୀ ଦିବ୍ୟ ସୁନ୍ଦରୀ ନ ଥିଲା। ଗୋରା ବି ନ ଥିଲା। ଏଠିକାର ଭାଷାରେ ସେ ଥିଲା ମାଗୁର ଗୋରୀ। କିନ୍ତୁ ଗଠନରେ ପରିପକ୍ୱତା ଥିଲା। ଗୋଟାଏ ଚାଉଳରେ ଗଡ଼ା, ହସିଦେଲେ ତା' ଦୁଇ ଗାଲରେ ଯେଉଁ ଦୁଇଟା ଭଉଁରୀ ସୃଷ୍ଟି ହେଉଥିଲା, ସେଥିରେ ସେ ଭାରି ଗେଲ୍ହି ଗେଲ୍ହି ଲାଗୁଥିଲା। କିନ୍ତୁ ତା'ର ଦୁର୍ଭାଗ୍ୟ ଯେ ସେ କେବେ ବି କାହାର ଗେହ୍ଲା ହୋଇପାରିଲାନି। ତା' ଜନ୍ମର ବର୍ଷେ ନ ପୁରୁଣୁ ତା' ମାଆ କି ଏକ ଅଜଣା ରୋଗରେ ଆରପାରିକୁ ଚାଲିଗଲା। ବାପା ଦ୍ୱିତୀୟ ବିବାହ କଲା। ସାବତ ମାଆ ପାଖରେ ଦୟନୀୟ ହୋଇ କଟିଥିଲା ତା' ଶୈଶବ। ଏ ସବୁ ଚନ୍ଦିରୀ ଠୁଁ ମୁଁ ଶୁଣିଥିଲି। ମୁଁ ଯେତେବେଳେ ତାକୁ ଆବିଷ୍କାର କଲି ସେ ସେତେବେଳକୁ ବାହାରଲୋକଙ୍କ ସହିତ ବଞ୍ଚୁଥିଲା। ପରକୁ ଆପଣାର କରିବାର ଗୋଟାଏ ଅଦ୍ଭୁତ କଳା ତା' ପାଖରେ ଥିଲା। କଥା କହିବାବେଳେ ବାମକଡ଼କୁ ଈଷତ୍ ବକ୍ର ହୋଇ ଯାଉଥିବା ତା' ଓଠ ଓ ଛନ୍ଦ ତା'ର ଦୁଇ ଭୂରୁର ନର୍ତ୍ତନ ବୋଧହୁଏ ଏହି କଳାକୁ ଆହୁରି ଶାଣିତ କରୁଥିଲା। ଶୈଶବରେ ଯେଉଁ ଗୁଣ ତାକୁ ସମସ୍ତଙ୍କ ପାଖରେ ଶ୍ରଦ୍ଧାଶୀଳ କରିଥିଲା ବଡ଼ ହେଲାପରେ ତାହା ତା' ପାଇଁ ଅବିଗୁଣ ହୋଇଗଲା। ଲୋକେ କହିଲେ, ଚନ୍ଦିରୀ ପାଖରେ ମୋହିନୀ ଶକ୍ତି ଅଛି। ସେ ବଶ କରିନେଉଛି ପୁରୁଷମାନଙ୍କୁ। ଘରେ ସ୍ତ୍ରୀ ପିଲାମାନଙ୍କୁ ଅଣଦେଖା କରି ଭେଣ୍ଡାଠୁଁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ଧାଇଁଛନ୍ତି ତା' ପଛରେ। ଏମିତି ପ୍ରଚାର ପ୍ରସାର ମୂଳରେ ତା' ସାବତ ମାଆର ହିଁ ପ୍ରଚ୍ଛନ୍ନ ଭୂମିକାଟିଏ ଥିଲା। ତା' କପାଳ ପୁଣି ଏମିତି ଫଟା ଯେ ଯାହାକୁ ବାହା ହୋଇଥିଲା, ବାହାଘରର ଦଶବର୍ଷ ପର୍ଯ୍ୟନ୍ତ ପିଲାଛୁଆ ନ ହେବାରୁ ସିଏ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କଲା। ଲାଞ୍ଛନା ଅପମାନ ଓ ନିର୍ଯାତନା ଭିତରେ ଆଉ ବେଶୀକାଳ ସେ ରହିପାରିଲା ନାହିଁ ସେଠି। ଫେରି ଆସିଲା ବାପଘରକୁ। କିନ୍ତୁ ସାବତ ମାଆ ତାକୁ ଗ୍ରହଣ କରିବା ମାନସିକ ସ୍ଥିତିରେ ନ ଥିଲା। ସେ ବାରଦ୍ୱାର ଶୁଣ୍ଢୀପିଣ୍ଡା ହେଉଥିବା ବେଳେ ସେ ମୋ ଦୃଷ୍ଟି ଆକର୍ଷଣ କରିଥିଲା। ମୁଁ ବି ମୋ ପୁଅ ପାଇଁ ପରିଚାରିକାଟିଏ ଖୋଜୁଥିଲି। ସେ ସମସ୍ୟା ସମାଧାନ ହୋଇଗଲା। ମୋ ପୁଅର ଦାୟିତ୍ୱ ସହ ଆମ ଘରର ଯାବତୀୟ ଜଞ୍ଜାଳ ସେ ସ୍ୱତଃ ଆପଣେଇ ନେଲା। ଖୁବ୍ କମ୍ ଦିନ ଭିତରେ ସେ ଆମ ଘରର ଜଣେ ବିଶ୍ୱସ୍ତ ସଦସ୍ୟ ପାଲଟି ଗଲା। ମୋ ପାଖରେ ରହିବା ପରେ ଧୀରେଧୀରେ ତା'ର ଚାଲିଚଳଣି, ରୀତିନିତିରେ ପରିବର୍ତ୍ତନ ଆସିଲା। ୧୦/୧୨ ହାତ ଶାଢ଼ିକୁ କାନ୍ଧରେ ଗଣ୍ଠିଟାଏ ପକାଇ ସେ ଏତେ ସୁନ୍ଦର କରି ପିନ୍ଧୁଥିଲା ଯେ ତା'ର ଆଉ ଶାୟା କି ବ୍ଲାଉଜ୍ ଆବଶ୍ୟକ ହେଉ ନ ଥିଲା। ଠିକ୍ ଆଣ୍ଠୁ ତଳ ପର୍ଯ୍ୟନ୍ତ ରହୁଥିଲା ଶାଢ଼ି। ମୁଁ ତାକୁ ଶାୟା, ବ୍ଲାଉଜ୍ ପିନ୍ଧି ଆମପରି ଶାଢ଼ି ପିନ୍ଧିବାର ପରାମର୍ଶ ଦେଲି। ପ୍ରଥମେ ପ୍ରଥମେ ସବୁ ତାକୁ ଅଡୁଆ ଲାଗୁଥିଲା। କିନ୍ତୁ ପରେ ତା'ର ଦେହସୁହା ହୋଇଗଲା। ସେ ମୁଣ୍ଡରେ ଆଉ ଜଡ଼ାତେଲର ବାଙ୍କଜୁଡ଼ା କଲା ନାହିଁ। ବଜାରରୁ

ବାସନ୍ତୀ ମହାନ୍ତି
ଭୈରବ କଲେଜ, ଡାବୁଗାଁ,
ନବରଙ୍ଗପୁର - ୭୬୪୦୭୨

ମିଳୁଥିବା ବାସ୍ନାତେଲ ଲଗାଇଲା। ଜୁଡ଼ା ବଦଳରେ ବେଣୀ କଲା ତ ଆଉ କେତେବେଳେ ପଛପଟେ ଖୋସା। ପାଦରେ ଚପଲ ପିନ୍ଧିଲା। ତା'ର ଏସବୁ ପରିବର୍ତ୍ତନ ମୋତେ ବେଶ୍ ଆମୋଦଦାୟକ ମନେ ହେଉଥିଲା। ମୁଁ ବି ତାକୁ ଏଥିପାଇଁ ବେଶ୍ ଉତ୍ସାହିତ କରୁଥିଲି।

ମୋ ଘରକୁ ଆସୁଥିବା ଛାତ୍ରଛାତ୍ରୀମାନଙ୍କ ସହ ତା'ର ସମ୍ପର୍କ ବଢ଼ିଲା। କଲେଜରେ ଭୋଜିଭାତ, ପିକ୍‌ନିକ୍ ଆଦି ହେଲେ ମୁଁ ତାକୁ କଲେଜ ନେଉଥିଲି। ଦରକାର ପଡ଼ିଲେ ଆବଶ୍ୟକୀୟ ଶ୍ରମଦାନ କରୁଥିଲା। ଏଥିପାଇଁ ତାକୁ ପାରିଶ୍ରମିକ ଦେଲେ ସେ ଗ୍ରହଣ କରୁନଥିଲା। ହସମଜା ଟାହିଟାପରାରେ ସେ ସମସ୍ତଙ୍କର ମନ କିଣି ନେଉଥିଲା। ପରେ ମୁଁ ଜାଣିବାକୁ ପାଇଲି, କଲେଜରେ ପୁଅଝିଅଙ୍କ ଭିତରେ ଯେଉଁ ପ୍ରେମ ସମ୍ପର୍କ ଗଢ଼ିଉଠେ ତାକୁ ଆଗକୁ ବଢ଼ାଇବା ପାଇଁ ପ୍ରମୁଖ ଭୂମିକା ନେଉଥିଲା ଚନ୍ଦିରୀ। ସେତେବେଳେ ମୋବାଇଲର ପ୍ରଚଳନ ନ ଥିଲା, ସବୁ ଚାଲୁଥିଲା ଚିଠି ପତ୍ରରେ। ଚନ୍ଦିରୀ ଥିଲା ପତ୍ର ବାହିକା। ଏଥିପାଇଁ ଉଭୟ ପକ୍ଷରୁ ତାକୁ କିଛି ବକ୍‌ସିସ୍ ମିଳୁଥିଲେ ବି ସମସ୍ତଙ୍କର ପ୍ରେମ ଗୁରୁ ହୋଇ ଯାଇଥିଲା ସେ। ସମସ୍ତେ ତା' ଉପରେ ଭରସା କରୁଥିଲେ। ତାକୁ ଡାକୁଥିଲେ ଚନ୍ଦିରୀଦିଦି। ସେ ବି ଦିଦି ସୁଲଭ ଅଧିକାର ସେମାନଙ୍କ ଉପରେ ସାବ୍ୟସ୍ତ କରୁଥିଲା।

ମୁଁ ମୋ ପରିବାରଠୁଁ ଦୂରରେ ରହୁଥିବାରୁ ଛୁଟିଗୁଡ଼ାକ ମୋର କଟେ ପରିବାର ସହ, ମୋ ସହରଠାରୁ ଦୂରରେ ରହନ୍ତି ମୋ ପରିବାର। ଏଇ ସମୟତକ ଚନ୍ଦିରୀ ଏକୁଟିଆ ରହେ ଘରେ। ତା' ନିଜର ଆଶ୍ରୟ ସହ ମୋ ଘର ଜଗିବା କାମ ମଧ୍ୟ ହୋଇଯାଏ। କହିବାକୁ ଗଲେ ଚନ୍ଦିରୀ ମୋ ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଥିଲା। ତା' ଉପରେ ନିର୍ଭର କରିବାରେ ମୁଁ ଏମିତି ଅଭ୍ୟସ୍ତ ହୋଇପଡ଼ିଲି ଯେ ତା' ବିନା ମୋ ଚଳିବା ଅସମ୍ଭବ ହୋଇପଡ଼ିଲା।

ଗୋଟାଏ ଲମ୍ବା ଛୁଟି ପରେ ମୁଁ ଆସି ଦେଖିଲି ଚନ୍ଦିରୀର ଦୁନିଆ ବଦଳି ଯାଇଛି। ତା'ର ସେ ଡଉଲ ଡାଉଲ ଚେହେରା ଆଉ ନାହିଁ, ଶୁଖି କଳାକାଠ ପଡ଼ିଯାଇଛି। ସବୁବେଳେ ଚିନ୍ତିତ ରହୁଛି। କଥାବାର୍ତ୍ତା କରୁନାହିଁ। ବେଙ୍ଗବତୀ କନ୍ୟାପରି ରାତି ପାହାନ୍ତାରୁ ଉଠି ସବୁ କାମଦାମ ସାରିଦେଉଛି। ନିହାତି ଆବଶ୍ୟକ ନ ପଡ଼ିଲେ ସେ ତା' କୋଠରି ଭିତରୁ ବାହାରୁ ନାହିଁ। ମୁଁ ଯେତେ ପଚାରିଲେ ବି ସେ ମୋ ପ୍ରଶ୍ନର କୌଣସି ଉତ୍ତର ଦେଉନାହିଁ। ଏତେ ପ୍ରଗଲ୍‌ଭ ଝିଅଟା ଏମିତି ନିରବୀ ଗଲା କାହିଁକି ? ମୁଁ କିଛି କୂଳ କିନାରା ପାଇଲି ନାହିଁ। ଜଣେ ଡାକ୍ତରବାବୁଙ୍କୁ ଘରକୁ ଡାକି ଆଣିଥିଲି, ଚନ୍ଦିରୀର ଅନିଚ୍ଛା ସତ୍ତ୍ୱେ ସେ ତାକୁ ପରୀକ୍ଷା କରି ମୋତେ ଯାହା କହିଲେ ମୁଁ ସ୍ତବ୍ଧ ହୋଇଗଲି। ମୋ ପାଦତଳୁ ମାଟି ସବୁ ଖସିଯିବା ପରି ମୋତେ ଲାଗିଲା ଓ ମୋ ଦେହରେ ଯେମିତି ନିଆଁ ଲାଗିଲା। ଡାକ୍ତରବାବୁ ଚାଲିଗଲା ପରେ ମୁଁ କ୍ରୋଧରେ ଅଜ୍ଞାନ ହୋଇ ବର୍ଷିଗଲି ଚନ୍ଦିରୀ ଉପରେ। ମୋ ଘରେ ମୋ ଅନୁପସ୍ଥିତିର ସୁଯୋଗ ନେଇ ତା'ର ଯଥେଚ୍ଛାଚାରକୁ ଈଶ୍ୱର ସହିଲେ ନାହିଁ ବୋଲି ତାକୁ ଅଭିସଂପାତ ଦେଲି। ସେ ତୁନିପଡ଼ି ସବୁ ମୋ କଥା ଶୁଣୁଥିଲା। ପାଟି ଖଣ୍ଡକୁ ଦିଖଣ୍ଡ କଲାନାହିଁ। ତା'ର ନିରବତା ମୋ କ୍ରୋଧକୁ ଆହୁରି ପ୍ରଜ୍ଜ୍ୱଳିତ କରିଦେଲା। ମୋର ଧମକ ଚମକ ସତ୍ତ୍ୱେ କାହାରି ନାଁ ସେ ତା' ତୁଣ୍ଡରେ ଧରିଲା ନାହିଁ।

ତା' ସଂସ୍ପର୍ଶରେ ଆସୁଥିବା ଲୋକମାନଙ୍କ ନାଁ ମଧ୍ୟ କହିଲି। ଏପରି କଲେଜରେ ପଢୁଥିବା ଓ ମୋ ଘରକୁ ଯିବା ଆସିବା କରୁଥିବା କେତେକ କଲେଜ ପିଲାଙ୍କ ନା' ମଧ୍ୟ ଉଚ୍ଚାରଣ କଲି। କିନ୍ତୁ ସିଏ ଯେମିତି ପଣକରି ବସିଥିଲା ମୋର କୌଣସି କଥାର ଜବାବ୍ ଦେବନାହିଁ, ଯେତେ କୋମଳ କଣ୍ଠ ହେଉ କି କଠୋର ତା' ପାଇଁ କିଛି ଫରକ୍ ପଡୁ ନ ଥିଲା। ସେ ଦାରୁଭୂତମୁରାରି ପରି ବସି ରହିଥିଲା। ମୁଁ ଶେଷକୁ ନିରୁପାୟ ହୋଇଗଲି।

ଦୁଇଦିନ କାଳ ଅନେକ ମାନସମନ୍ଥନ ପରେ ମୁଁ ସେହି ଡାକ୍ତରବାବୁଙ୍କ ପରାମର୍ଶ କଲି। ତାଙ୍କ ପାଖରୁ କିଛି ଔଷଧ ଆଣିଥିଲି ଗର୍ଭପାତ ପାଇଁ, ଚନ୍ଦିରୀକୁ ଯେତେବେଳେ ଏଗୁଡ଼ା ଖାଇବା ପାଇଁ ବାଧ କଲି ସେ ସିଧା ମୋ ଗୋଡ଼ ତଳେ ପଡ଼ିଯାଇ କହିଲା, ମାଆ ! ମୁଁ ତମ ଗୋଡ଼ ତଳେ ପଡୁଛି, ମୋତେ ତମେ ବାଧ କରନାହିଁ। ଏତେ ବଡ଼ ପାପ କାମ କରିପାରିବି ନାହିଁ। ମୁଁ ତାକୁ ବିଦ୍ରୂପ କଲାପରି କହିଲି, ପାପ କାମ ! କୋଉ ପୁଣ୍ୟ କାମ ତୁ କରିଛୁ କହିଲୁ ! କାହାର ପୁଣ୍ୟ ଫଳକୁ ପେଟରେ ଧରିଛୁ ? ସେତେବେଳକୁ ତା' ଆଖିରୁ ଦୁଇଧାର ଲୁହ ଗଡ଼ି ଆସିଲାଣି। ସେ ପିନ୍ଧା ଲୁଗାର କାନିରେ ଲୁହତକ ପୋଛି ଧୀର ଅଥଚ ଗମ୍ଭୀର କଣ୍ଠରେ କହିଲା- ବାହାଘରର ସାତ ବରଷ ପର୍ଯ୍ୟନ୍ତ ପିଲାଛୁଆ ହେଲେ ନାହିଁ। କେତେ ନିନ୍ଦା ଅପବାଦ ଶୁଣିଲି, ଶାଶୂ ନଣନ୍ଦଙ୍କ ଖୁଣ୍ଟା ଶୁଣିଲି। ସାଇପଡ଼ିଶାଙ୍କ ଦେଖାଶିଖା କଥା ଶୁଣିଶୁଣି ଛାତିକି ପଥର କରିଦେଉଥିଲି। ମୋର ମାଇକୀ ଜନମ ଅସାର ବୋଲି ମଣିଥିଲି। ଶେଷକୁ ମନୁଷଟା ବି ମତେ ତୁଚ୍ଛ କରିଦେଲା, ମତେ ତଡ଼ି ଦେଇ ଆଉ ଗୋଟାଏ ମାଇକୀ ଆଣିଲା। ଏବେ ସେଇ ଟାଙ୍ଗର ଭୂଇଁରେ ଗଜା ଉଠିଛି। ମତେ ତମେ ଦୟାକର।

କାହାକୁ କି ଜବାବ ଦେବୁ ଲୋ ହତଭାଗୀ ! କାହା ମଞ୍ଜିର ଏ ଗଜା ! କାହାର ନାଁ ନେଇ ଦାଣ୍ଡରେ ବୁଲିବ ତୋ ଛୁଆ ?

ଚନ୍ଦିରୀ ମୋ ମୁହଁକୁ ଚାହିଁ କହିଲା, ଶାଶୂଘର ଲୋକେ ବାଞ୍ଝନୀ କହି ଯେତେବେଳେ ମୋତେ ଘରୁ ତଡ଼ିଦେଲେ, ମୁଁ ବାରଦ୍ୱାର ଶୁଖୀପିଣ୍ଡା ହେଉଥିଲି, କିଏ ଆସିଥିଲା ମୋ ଲୁହ ପୋଛିବାକୁ, ତମେ ମତେ ଆଶ୍ରା ଦେଇନଥିଲେ ମୁଁ ଦାଣ୍ଡରେ ଭିକ ମାଗିଥାନ୍ତି କି ଜୀବନ ହାରିଦେଇଥାନ୍ତି। ମୁଁ କାହିଁକି କାହାର ଜବାବକୁ ଖାତିର୍ କରିବି ମାଆ।

ଏ ନିଆଁ ଲଗା ଦେହଟାର ବି ତ ଭୋକ ଥିଲା, ସେଇ ଭୋକର ଦାଉରେ କେତେବେଳେ ମୁଁ କାହା ପାଖେ ଆଉଜି ପଡ଼ିଛି ତ ଆଉ କିଏ ମତେ ଆଉଜେଇ ନେଇ ତା' ଭୋକର ଦାଉ ମେଣ୍ଟେଇଛି। ମୋତେ ଆଦର ଯତ୍ନ କରିଛି। ପେଟର ଭୋକ ପରି ଦେହର ଭୋକ ବି ଭାରି ପରପଞ୍ଚ ମାଆ ! ତାରି ତାଡ଼ନାରେ ମୁଁ ଅବାଟରେ ପାଦ ଦେଇଛି, ଏବେ କାହା ପାଖରେ କାନିପାତି ମୁଁ ଭିକ ମାଗିବି ମୋ ପିଲାର ବାପ ହେବାପାଇଁ ?

ମୁଁ ଟିକେ ନରମି ଗଲି। ତା'ର ଭାବପ୍ରବଣତା ମୋତେ ଯଥାର୍ଥ ମନେହେଲା। ତା'ର ଅପୂର୍ଣ୍ଣ ନାରୀତ୍ୱ ଏବେ ପୂର୍ଣ୍ଣତା ଲାଭ କରୁଛି, ତା'ର ଏ ମାତୃତ୍ୱ ବୈଧ ହୋଇଥିଲେ କେତେ ଆନନ୍ଦମୁଖର ହୋଇଥାନ୍ତା ତା' ପାଇଁ ଏ ସମ୍ବାଦ। ମୁଁ ଯାହାକୁ ଅବାଞ୍ଛିତ ବୋଲି ଭାବୁଛି ତା'ପାଇଁ ସେ ବହୁ ବାଞ୍ଛିତ। ତା' ନାରୀତ୍ୱ ଯେ ବ୍ୟର୍ଥ ନୁହେଁ, ସେ ଅଫଳନ୍ତି ନୁହେଁ, ସେ ଅକ୍ଷମ ନୁହେଁ। ତା'ର ମଧ୍ୟ ମାଆ ହେବାର ସାମର୍ଥ୍ୟ ରହିଛି ଏ କଥା ସେ ଦୁନିଆକୁ ଦେଖାଇଦେବା ପାଇଁ ଚାହୁଁଛି। ମାତୃତ୍ୱ ପାଖରେ ସେ ଲୋକ ଲଜ୍ଜାକୁ ହୀନ ମଣିଛି। ତା' ମାତୃତ୍ୱକୁ ସେ ଅପମାନିତ କରିବନାହିଁ। ତା' ଗର୍ଭରେ ବଢୁଥିବା ଭ୍ରୂଣକୁ ସେ ମହୀରୁହ କରିବ। ସେ ସାବ୍ୟସ୍ତ କରିବ ତା' ନାରୀତ୍ୱ ଅଧୁରା ନୁହେଁ, ମାତୃତ୍ୱର ବରଦାନରେ ସେ ବି ଅଭିଷିକ୍ତା।

ମୁଁ ଏଥର ଯଥାସମ୍ଭବ କଣ୍ଠ ନରମ କରି କହିଲି, କହ, କିଏ ଏ ପିଲାର ବାପ। ମୁଁ ତାକୁ ଜମା ଛାଡ଼ିବିନି।

e-News & Magazine

ସେ ଯେତେ ବଡ଼ଲୋକ ହେଉଥାଉ ନା' କାହିଁକି, ସିଏ ତୋର ତୋ ପିଲାର ସବୁ ଦାୟିତ୍ୱ ନେବ। ସବୁ ଖର୍ଚ୍ଚ ତୁଲେଇବ। କୁଆଡ଼େ ସେ ଖସି ଯାଇପାରିବନି।

ଚନ୍ଦିରୀ ମୁହଁ ତଳକୁ କରି କହିଲା, ଥାଉ ମାଆ! କାହାକୁ କାହିଁକି ଦୋଷ ଦେବି ମାଆ। ଏ ନିଆଁ ଲଗା ଦେହଟାର ବି ତ ଭୋକ ଥିଲା, ସେଇ ଭୋକର ଦାଉରେ କେତେବେଳେ ମୁଁ କାହା ପାଖେ ଆଉଜି ପଡ଼ିଛି ତ ଆଉ କିଏ ମତେ ଆଉଜେଇ ନେଇ ତା' ଭୋକର ଦାଉ ମେଣ୍ଟେଇଛି। ମୋତେ ଆଦର ଯତ୍ନ କରିଛି। ପେଟର ଭୋକ ପରି ଦେହର ଭୋକ ବି ଭାରି ପରପଞ୍ଚ ମାଆ! ତାରି ତାଡ଼ନାରେ ମୁଁ ଅବାଟରେ ପାଦ ଦେଇଛି, ଏବେ କାହା ପାଖରେ କାନିପାତି ମୁଁ ଭିକ ମାଗିବି ମୋ ପିଲାର ବାପ ହେବା ପାଇଁ? କାହା ପାଖରେ ଦାବି କରିବି ମୋ ପିଲାର ଭରଣପୋଷଣ ପାଇଁ। ଗୋଟାଏ ଛାଡ଼ିରୀ ମାଇଜୀ ଛୁଆର ବାପା ହେବା ପାଇଁ କୋଉ ସତିଆ ପୁରୁଷ ଆଗେଇ ଆସିବ ମାଆ।

ତା'ର ଆତ୍ମବିଶ୍ୱାସ ମତେ ମୁଗ୍ଧ କଲା। ତଥାପି ତା' ମନୋଭାବ ସ୍ପଷ୍ଟ କରିବା ପାଇଁ ମୁଁ ତାକୁ କାହିଲି, ତୁ ଏବେ କ'ଣ କରିବୁ? ବାପ ପରିଚୟ ବିନା ତୁ ତୋ ପିଲାକୁ ଜନ୍ମ ଦେଇ ପାରିବୁ?

ଚନ୍ଦିରୀ ସେମିତି ବେପରୁଆ କଣ୍ଠରେ କହିଲା, କାହିଁକି ନୁହେଁ ମାଆ। ପିଲାଟା କି ଦୋଷ କଲା ଯେ ମୁଁ ତାକୁ କୋଳରେ ଧରିପାରିବି ନାହିଁ। ସେ ପାଚିଫଳ ଜନମ ହେବ, ମୁଁ ତାକୁ ଜନମ ଦେବି, ମୋ ପାରିବାପଣିଆ ଦେଖେଇ ଦେବି ଦୁନିଆକୁ।

ଏ ସବୁ ଯେ ତା' ସ୍ୱାମୀ ବିରୁଦ୍ଧରେ ପ୍ରଚ୍ଛନ୍ନ ବିଦ୍ରୋହ, ଏକଥା ବୁଝିବା ପାଇଁ ମୋତେ କଷ୍ଟ ହୋଇନଥିଲା।

ଚନ୍ଦିରୀର କଥାରେ ଯେତେ ଯୌକ୍ତିକତା ଥିଲେ ସୁଦ୍ଧା ମୁଁ ତାକୁ ଆଦୌ ସହଜ ଭାବରେ ଗ୍ରହଣ କରିପାରୁନଥିଲି। ନିଆଶ୍ରୀଟାକୁ ଘରୁ ବାହାରି ଯିବାକୁ ବି କହିପାରୁ ନ ଥିଲି। ତା'ପ୍ରତି ଥିବା ମୋର ସକଳ ସହାନୁଭୂତିରେ ଧୀରେଧୀରେ ଭଟ୍ଟା ପଡ଼ିଆସିଲା। ମୋ ଘରେ ସ୍ୱାମୀ ପରିତ୍ୟକ୍ତା ଝିଅଟିଏ ଅବୈଧ ସନ୍ତାନଟିଏ ଜନ୍ମ କରିବ, ଏ ଘଟଣାଟିକୁ ମୁଁ ଆଦୌ ସହଜ ଭାବରେ ଗ୍ରହଣ କରିପାରୁନଥିଲି। ତାକୁ କୌଣସି ସର୍ଟ ଷ୍ଟେ ହୋମ୍‌କୁ ପଠେଇ ଦିଆଯାଇପାରନ୍ତା, କିନ୍ତୁ ମୋ ପରିବାରକୁ ସେ ଏତେ ଭଲ ପାଉଥିଲା ଯେ, ତା'ର ଯଦି ପରିବାରଟିଏ ଥାଆନ୍ତା ସେମାନଙ୍କୁ ମଧ୍ୟ ଏତେ ଭଲ ପାଉଥାନ୍ତା କି ନା' ସନ୍ଦେହ। ତାକୁ ଆଉ କୋଉଠିକୁ ପଠାଇବା ପାଇଁ ମୋ ଅନ୍ତରାତ୍ମା ଚାହୁଁ ନ ଥିଲା। ତଥାପି ମୁଁ ଆତଙ୍କ ଗଣିଲି। ମୋ ଉପରକୁ ସେମିତି କିଛି ପ୍ରମାଦ ମାଡ଼ି ଆସିବନି ତ! ଅବଶ୍ୟ ମୋ ପରିବାରର ସନ୍ଦେହଘେରକୁ ଆସିବାପରି କୌଣସି ସଦସ୍ୟ ନିକଟ ଅତୀତରେ ତା' ସଂସ୍ପର୍ଶରେ ଆସିନାହାଁନ୍ତି। ତଥାପି ମୋ' ଛାଇ ମୋତେ ଡରେଇଲା। ସାମାଜିକ ନିରାପତ୍ତା ଦୃଷ୍ଟିରୁ ମୁଁ ଅସ୍ଥିର ହୋଇପଡ଼ିଲି। ସତେ ଯେମିତି ଚନ୍ଦିରୀ ନୁହେଁ ମୁଁ ନିଜେ ସେମିତି କିଛି ଅପରାଧଟିଏ କରିଦେଇଛି, ଯାହା ପାଇଁ ମୁଁ ସମାଜ ପାଖରେ ଉତ୍ତରଦାୟୀ ରହିବି।

ତା'ପରଠାରୁ ଚନ୍ଦିରୀ ପ୍ରତି ମୋ ବ୍ୟବହାର ବଦଳିଗଲା। ତା'କୁ ସାମ୍ନାରେ ଦେଖିଲେ ଅସହ୍ୟ ବୋଧହେଲା। ଛୋଟଛୋଟ କଥାରେ ବିରକ୍ତି ପ୍ରଦର୍ଶନ କଲି। ତା'ର କୌଣସି କାମ ମତେ ପସନ୍ଦ ହେଲାନାହିଁ। ତରକାରି ଲୁଣି ଲାଗିଲା। ଭାତ କଅଁଳ ଲାଗିଲା ତ ପୁଣି କେତେବେଳେ ଟାଣ। ଘର ଝାଡୁ କଲେ କୋଣରେ

ବାଲି ରହିଲା। ଲୁଗାପଟାରୁ ମଇଳା ଛାଡ଼ିଲାନି। ମୁଁ ଅନୁଭବ କରୁଥିଲି ସିଏ ମୋତେ ସନ୍ତୁଷ୍ଟ କରିବା ପାଇଁ ସକଳ ପ୍ରକାର ପ୍ରୟାସ ଜାରି ରଖିଥିଲା। ମୁଁ କିନ୍ତୁ ସନ୍ତୁଷ୍ଟ ହେଉ ନ ଥିଲି। ମୁଁ ମନେମନେ ଚନ୍ଦିରୀର ବିକଳ୍ପ ଖୋଜୁଥିଲି।

ଚନ୍ଦିରୀକୁ ବୋଧହୁଏ ମୋ ଉଦ୍ଦେଶ୍ୟ ଅମାଲୁମ୍ ନ ଥିଲା। ହଠାତ୍ ସେ ଦିନେ ମୋତେ ପ୍ରସ୍ତାବଟିଏ ଦେଲା। ତା'ର ଜଣେ ଦୂର ସଂପର୍କୀୟ ମାଉସୀ ଅଛି। ସେ କିଛିଦିନ ତା' ଘରକୁ ଯିବା ପାଇଁ ଚାହୁଁଛି। ମୁଁ ବିନା ବାକ୍ୟବ୍ୟୟରେ ରାଜି ହୋଇଗଲି। ନିଷ୍ଠୁରତାର ଆଉ ଦୁଇପାଦ ଆଗକୁ ବଢ଼ି ଚତୁରତାର ସହ କହିଲି, ସେଠି କେତେଦିନ ରହିବୁ, ତୋତେ ଚଳିବାକୁ ଅସୁବିଧା ହେବ। ତୋ ଜିନିଷ ପତ୍ର ସବୁ ବି ନେଇଯା'।

ବାସ୍! ଚନ୍ଦିରୀକୁ ଆଉ କିଛି ଦୁର୍ବୋଧ ନ ଥିଲା ବୋଧେ। ସେ ମୋ ମୁହଁକୁ ଚାହିଁଲା। ଦୁନିଆଯାକର ସବୁ ଅସହାୟତା ଯେମିତି ଗୋଟାଏ ମୁହୂର୍ତ୍ତରେ ଠୁଳ ହୋଇଗଲେ ତା' ମୁଖମଣ୍ଡଳରେ। କାଳେ ମୁଁ ପୁଣି ଦୁର୍ବଳ ହୋଇଯିବି, ସେଥିପାଇଁ ମୁଁ ତା' ମୁହଁରୁ ଦୃଷ୍ଟି ଫେରାଇ ବେଡ୍‌ରୁମ୍‌କୁ ଚାଲିଗଲି। ଆଲ୍‌ମିରା ଖୋଲି ସେ ମୋ ପାଖରେ ରଖିଥିବା ତା' ନାକଫୁଲ ହଳେ ଓ ଦୁଇ ହଜାର ଟଙ୍କା ସହ ଆଉ ହଜାରେ ଟଙ୍କା ମିଶାଇ ତା' ହାତକୁ ବଢ଼େଇ ଦେଲି।

ତା' ସହ ମୋର ସବୁ ସଂପର୍କର ହିସାବ ନିକାଶ ହୋଇଗଲା। ଚନ୍ଦିରୀ ତା' ଟିଣ ଟ୍ରଙ୍କଟିରେ ତା'ର ସବୁ ଟିକିନିକି ଜିନିଷ ଭର୍ତ୍ତିକଲା। ଅଭିମାନରେ କି ଦୁଃଖରେ କେଜାଣି, ମୋ ଘର ଛାଡ଼ିବା ପର୍ଯ୍ୟନ୍ତ ତା' ଓଠରୁ ଆଉ ପଦୁଟିଏ ଭାଷା ବାହାରି ନ ଥିଲା।

ଗଲାବେଳେ ମୋ ପାଦ ଛୁଇଁ ମୁଣ୍ଡିଆ ମାରିଲାବେଳେ କହିଲା, ମୁଁ ତମ ଋଣ ସୁଝିପାରିବି ନାହିଁ। ତା' କଣ୍ଠରୋଧ ହୋଇ ଆସୁଥିଲା।

ମୁଁ ମୋ ଛାତିକୁ ଯେତେ ପଥର କଲେ ବି ମୋ ଆଖି କୋଣଦେଇ ଦୁଇଧାର ଲୁହ ଗଡ଼ି ପଡ଼ିଲା।

e-News & Magazine

ଚନ୍ଦିରୀ ଆଉ ଫେରିଲା ନାହିଁ। ମୁଁ ତା'ର ଆଉ କିଛି ଖବର ରଖୁନଥିଲି। ବରଂ ତା'ର ବିକଳ୍ପଟିଏ ଖୋଜିବାରେ ସମର୍ଥ ହେଲି। ପ୍ରଥମେ ପ୍ରଥମେ ଅନେକ ଅସୁବିଧାର ସମ୍ମୁଖୀନ ହେଲେ ବି ମୁଁ ତାକୁ ପ୍ରାୟତଃ ଭୁଲିବାକୁ ବସିଲି। ସିଏ ଆକଣ୍ଠ ଅଭିମାନରେ ଏକ ମୁହାଁ ହୋଇ ଚାଲିଗଲା ଯେ ଆଉ ମୁହଁ ଫେରାଇଲାନି। ଯାହା ବିନା ଗୋଟାଏ ମୁହୂର୍ତ୍ତ ମୁଁ ଚଳିପାରୁ ନ ଥିଲି, ଯିଏ ଛାଇପରି ମୋର ସବୁ ସୁବିଧା ଅସୁବିଧା ବୁଝୁଥିଲା, ସିଏ ଚାଲିଗଲା ଘରଛାଡ଼ି। ଚାଲିଗଲା କହିଲେ ବୋଧହୁଏ ଭୁଲ୍ ହେବ, ମୁଁ ତାକୁ ତଡି ହିଁ ଦେଇଥିଲି। ସ୍ୱାଭିମାନୀ ମଣିଷଟା ଚନ୍ଦିରୀ। ସେ ମୋ ଘରେ ରହିବା ପାଇଁ ମୋତେ ଆଉଥରେ ଅନୁରୋଧ ବି କଲା ନାହିଁ। ସେ ଗଲାପରେ ମୋ ମନଟା ଖରାପ ହୋଇଗଲା। ଦୁଃଖିନୀ ସ୍ତ୍ରୀଟା। ସାରାଜୀବନ ଦୁନିଆର ଦୁଃଖକୁ ହିଁ ସାଉଁଟି ବଞ୍ଚିଛି। ଶୈଶବ ସୁଖ କ'ଣ ଜାଣିଲା ନାହିଁ ସାବତ ମାଆର ଦୌରାତ୍ମ୍ୟରେ। ଶାଶୂଘର ବି ତାକୁ ବୁଝିଲା ନାହିଁ। ମୋ ପାଖରେ ଆଶ୍ରୟ ନେଇଥିଲା ଯେ ମୁଁ ତା'ର ସବୁଠୁଁ ବଡ଼ ଶତ୍ରୁ ପାଲଟି ଗଲି। ଗର୍ଭିଣୀ ସ୍ତ୍ରୀଟା କେଉଁଠି କେମିତି ରହିଲା, ଦିନେ ବି ଖବର ନେବାର ଆବଶ୍ୟକତା ମଣିଲି ନାହିଁ। ମୋ ବିବେକବୋଧ ମୋତେ ବାରମ୍ବାର ଦଂଶନ ଦେଲା। ଗୋଟାଏ ଗଭୀର ଅନ୍ତର୍ଦାହ ମୋତେ କିଛିଦିନ ପାଇଁ ଆବୋରି ବସିଲା।

କିନ୍ତୁ ବେଶୀଦିନ ଏ ଅବସ୍ଥା ରହିଲା ନାହିଁ। ମୋ ଘରେ ଚନ୍ଦିରୀର ଡେଲିଭରି ହୋଇଥିଲେ ମୋର କ'ଣ ଅସୁବିଧା ହୋଇଥାନ୍ତା। ମୋର ପାରିବାରିକ, ସାମାଜିକ ଜୀବନକୁ କେମିତି ପ୍ରଭାବିତ କରିଥାନ୍ତା, ମୋ ଆତ୍ମପକ୍ଷ ସମର୍ଥନ କରି ଏହିପରି କିଛି ଯୁକ୍ତିରେ ମୋ ଅସ୍ଥିର ମାନସିକତାକୁ ସ୍ୱାଭାବିକ କଲି। ତାକୁ ଭୁଲିବାକୁ ଚେଷ୍ଟା କଲି। ତା' ଖବର ସଂଗ୍ରହ କରିବାର କୌଣସି ମାଧ୍ୟମ ନ ଥିଲା। ଧୀରେଧୀରେ ତା' ସ୍ମୃତିରେ ଅଳନ୍ଧୁ ଜମିଗଲା। ତାକୁ ଉଖାରୀ ଆଉ ସତେଜ କରିବାର ଆବଶ୍ୟକତା ମଣିଲି ନାହିଁ। ଏବେ ପୁଣି ଚନ୍ଦିରୀ।

ମୁଁ ଭୁଲି ଯାଇଥିଲି ଯେ ଚନ୍ଦିରୀ ଯେବେ ମୋ ଘରୁ ବାହାରି ଯାଇଥିଲା, ସେ ଅନ୍ତଃସତ୍ତ୍ୱା ଥିଲା। ମୁଁ ମୋ ସ୍ମୃତିକୋଷକୁ ସଜାଗ କଲି। ମନେମନେ ହିସାବ କଲି ତା' ଗର୍ଭସ୍ଥ ସନ୍ତାନ ଯଦି ଆଲୋକକୁ ଆସିଥିବ ଏହି ଝିଅ ବୟସର ହୋଇଥିବ। ଝିଅଟାର ବେଶ୍ ସମ୍ଭ୍ରାନ୍ତ ଚେହେରା। ଗୋରା ତକ୍ତକ୍। ଖଣ୍ଡାଧାର ପରି ନାକ। ଲମ୍ବାଲମ୍ବା ଆଖି। ପତଳା ଓଠ। ଦାନ୍ତଗୁଡ଼ିକ ବି ବେଶ୍ ଶୃଙ୍ଖଳିତ। ଶାରୀରିକ ଗଠନ ଦୃଷ୍ଟିରୁ ସେ ଆଦିବାସୀ ସଂପ୍ରଦାୟ ନୁହେଁ ବରଂ କୌଣସି ଉଚ୍ଚବର୍ଗର ଝିଅଟିଏ ପରି ଲାଗୁଥିଲା।

ଏହା ପ୍ରକୃତ ତଥ୍ୟ କି ମୋ ମନର ଭ୍ରମ କେଜାଣି। ଚନ୍ଦିରୀ ସହ ସଂପର୍କ ଥିବା ମୋ ପରିସରର ଜଣେ ଚିହ୍ନା ମଣିଷର ମୁହଁର ପ୍ରତିଫଳନ ମୁଁ ଝିଅଟା ମୁହଁରେ ଅନୁଭବ କରୁଥିଲି। ମୁଁ ଟିକେ ଅନ୍ୟମନସ୍କ ହୋଇପଡ଼ିଲି।

ଚନ୍ଦିରୀ ଝିଅଟିକୁ ତା' କହୁଣୀରେ କେଞ୍ଚିଦେଇ କହିଲା, ମୁଣ୍ଡିଆ ମାର ମାଆଙ୍କୁ। ଝିଅଟା ସମ୍ଭ୍ରମତାର ସହ ମୋତେ ମୁଣ୍ଡିଆ ମାରିଲା। ଝିଅଟା ମୋତେ ମୁଗ୍ଧ କରିଦେଲା। ମନେମନେ ଭାବୁଥିଲି, ସେତେବେଳେ ଚନ୍ଦିରୀକୁ ଗର୍ଭପାତ କରିବାକୁ ବାଧ୍ୟକରି କେତେବଡ଼ ଅପରାଧ କରିବାକୁ ଯାଉଥିଲି ମୁଁ, ମୋର ଅବାଧ୍ୟ ହୋଇନଥିଲେ ଏତେ ସୁନ୍ଦର ଝିଅଟା ଦୁନିଆର ଆଲୋକ ଦେଖି ନ ଥାନ୍ତା। ଗୋଟାଏ ମହାପାପର ଭାଗୀ ହୋଇଥାନ୍ତି। ମନେମନେ ଚନ୍ଦିରୀର ସାହସିକତାକୁ ସାବାସୀ ଦେବା ସହ ମୋ କୃତକର୍ମ ପାଇଁ ନିଜକୁ ଧିକ୍କାର କରୁଥିଲି।

ମୁଁ ଝିଅଟାର କପାଳରେ କର ସ୍ପର୍ଶ କଲି। ସ୍ନେହବୋଳା କଣ୍ଠରେ ପଚାରିଲି, କେଉଁ ସ୍କୁଲରେ ପଢୁଥିଲୁ ଝିଅ? ନବରଙ୍ଗପୁର ଅନାଥାଶ୍ରମରେ ଛାଡ଼ି ଦେଇଥିଲି। ଏ ବର୍ଷ ପାସ୍ କଲା। ଆତ୍ମତୃପ୍ତି ସହ ଝିଅ କିଛି କହିବା ପୂର୍ବରୁ ଚନ୍ଦିରୀ ଉତ୍ତର ଦେଲା।

ମୁଁ ତାକୁ କହିଲି। ନାଁ ଲେଖା ହୋଇଗଲା? ସେ ମୁହଁ ଶୁଖେଇ କହିଲା, ହେଲା ଆଉ କେଉଁଠି? ବହୁ କଷ୍ଟରେ ତିନିହଜାର ଟଙ୍କା ଯୋଗାଡ଼ କରିଥିଲି, ଆଉରି ତିନିହଜାର ମାଗୁଛନ୍ତି। ମୁଁ ଏତେ ପଇସା କେଉଠୁ ପାଇବି? ଫେରିଯାଉଛି।

ସେ ମୋ ହାତକୁ ଖଣ୍ଡେ କାଗଜ ବଢ଼େଇଦେଇ କହିଲା, ସେ ଯେଉଁଠି ପଢୁଥିଲା, ସେମାନେ ଏ ଚିଠି ଦେଇଛନ୍ତି। ଏ ଚିଠି ଦେଖିଲେ ପଇସା କମେଇବେ ବୋଲି କହୁଥିଲେ।

ମୁଁ ତା' ହାତରୁ ଚିଠି ଖଣ୍ଡକ ନେଇ ପଢ଼ିଲି। ସି.ଡବ୍ଲ୍ୟୁ.ସି.ରୁ ଆସିଥିବା ଚିଠି। ଝିଅଟାର ଫ୍ରି ଏଜୁକେସନ୍ ପାଇଁ ସୁପାରିଶ। ଅବଶ୍ୟ ସି.ଡବ୍ଲ୍ୟୁ.ସି.ଙ୍କ ସୁପାରିଶକୁ ମାନିବା ପାଇଁ କଲେଜ ବାଧ୍ୟ ନୁହେଁ। କିନ୍ତୁ ଚନ୍ଦିରୀର ଆର୍ଥିକ ସ୍ଥିତି ସଂପର୍କରେ ପୂର୍ବରୁ ମୋ ସହକର୍ମୀମାନେ ଅବଗତ ଥିଲେ। ପରଘରେ ବାସନ ମାଜୁଥିବା ମା'ଟିଏ ପାଇଁ ଛଅ ହଜାର ଟଙ୍କା ଯୋଗାଡ଼ କରିବା କେତେ କାଠିକର ପାଠ, ତାହା ଯେ କେହି ଅନୁମାନ କରିପାରିବ। ତଥାପି ସେମାନେ ତାକୁ ଫେରାଇ ଦେବାଟା ଅତ୍ୟନ୍ତ ଅମାନୁଷିକ ବୋଲି ମୋତେ ମନେ ହେଲା।

ପୂର୍ବରୁ ଚନ୍ଦିରୀ ପ୍ରତି କରିଥିବା ଅନ୍ୟାୟ ହେତୁ ମୋ ଭିତରେ ଅପରାଧବୋଧର ଯେଉଁ ବୀଜଟିଏ ଅବଦମିତ ହୋଇ ରହିଥିଲା, ତାହା ମହୀରୁହ ହୋଇ ମୋତେ ଅସ୍ଥିର କଲା। ପ୍ରାୟଶ୍ଚିତ କରିବା ପାଇଁ ବୋଧହୁଏ ମୁଁ ଆଉ ସୁଯୋଗ ପାଇବି ନାହିଁ। ମୁଁ ଚନ୍ଦିରୀକୁ ଆଶ୍ୱାସନା ଦେଇ କହିଲି, ତୁ ବ୍ୟସ୍ତ ହ'ନା, ତୋ ଝିଅର ନାଁ ଲେଖାହେବ। ସେ ପାଠ ପଢ଼ିବ। ଆ' ମୋ ସାଙ୍ଗରେ।

ମୁଁ ଆଡ୍‌ମିଶନ୍ ହେଉଥିବା କୋଠରି ଆଡ଼କୁ ଗଲି। ଚନ୍ଦିରୀର ମୁହଁ ଉଜ୍ଜ୍ୱଳ ହୋଇଉଠିଲା, ଅଖଣ୍ଡ ଆଶାୟୀ ହୋଇ ମାଆଝିଅ ଦୁହେଁ ମୋତେ ଅନୁସରଣ କଲେ।

Xavier College of Hotel Management

Admission Open
MHM - +3 Pass, 2 Years
PGDHM - +3 Pass, 1½ Years
BHM - +2 Pass, 4 Years
RM - +2 Pass, 1½ Years
DHM - 10th / +2 Pass, 1½ Years
Online Entrance Test
www.xchm.in
Best Placement Provider in Eastern India
INDIA TODAY
May, 2017
Corporate Office :
Shramik Bhawan, Link Road, Cuttack - 12
Cuttack Mob. 94397 03145
Bhubaneswar Mob. 94397 03146
Berhampur Mob. 94397 03147
Konark Mob. 94387 42701
Nayagarh Mob. 76550 50272
Chandikhol Mob. 94397 15829
Balasore Mob. 90786 93621
Kandarpur Mob. 94371 75129
24X7 94397 03145

e-News & Magazine

ମାଟି ମୋହ

ଏବେଏବେ ଖରା ଟାଣ ହୋଇ ଆସିଲାଣି... ଶୀତ ନାହିଁ ଆଉ। ପାହାନ୍ତାକୁ ଯାହା ମହୁଲ ଥିପୁଥିବା ଶୀତକୁ କାଇଁ ଶୀତ କହିବ। ସୁକୁମାରୀ ସେଇ ଯା' ମହୁଲଡାଲା ଧରି ବନ୍ଧହୁଡ଼ାରେ ଦୁଇ କରି ବମୁର କାଠିରେ ଦାନ୍ତ ଘଷିଘଷି ପଡ଼ା ଶେଷମୁଣ୍ଡ ମୁଣ୍ଡିଆ ଆଡ଼େ ଗଡ଼ିଲା। ସୂରୁଜ ପୂରୁବ ପଟେ ଲାଲ୍ ହେଇଆସିଲେ ଭାଲୁ ଭୟଟା ନ ଥାଏ। ଏଇ ଭାଲୁ ହାବୁଡ଼େ ପଡ଼ି ସାଇବାଣୀ ବାଁ ପାଖ ଆଖିଟେ ହରେଇ କାଣି ହେଲା ଯେ ପାଖ ଗାଁ ତିନିପିଲାର ବାପା ସାଙ୍ଗେ ଘର ବସାଇଲା। ନ ହେଲେ ମହୁଲଫୁଲପରି ବାସ ଚହଟାଉଥିଲା ସାଇବାଣୀ। ଗାଁ ଭେଣ୍ଡିଆ ସବୁ ଆଖିମାରି ଟିହିଲି କଥା କହିବା ସାଇବାଣୀ ଶୁଣେ ନ ଶୁଣିଲା ପରି। କେବେ ଥରେ ସୁକୁମାରୀ କାନ୍ଧରେ ହାତମାରି କହିଥିଲା ସେଇ ଯେଉଁ ବଲାଙ୍ଗିରର ପିଲାଟା କେନ୍ଦୁଫଡ଼ିରେ ମୁନ୍‌ସି ଅଛି ତା' ସାଙ୍ଗେ ତା'ର ଭାବ। କେତେ ସରାଗରେ ଆଣି ଦେଇଥିଲା ପାଉଁଜଲ୍... ଝୁମ୍‌କା ଯେ ଝୁମ୍‌କା... ଭୂଇଁରେ ପାଦ ବାଡ଼େଇ ଶୁଣେଇ ଥିଲା ଗୀତ... ନିଦା ପାଉଁଜଲ୍‌ର ଗୀତ। ସୁକୁମାରୀ ଛାତିରେ ହାତମାରି କହିଥିଲା ସେଇଠି କେଉଁଠି ମନଟେ ଦେଇଚି ବିଦେଶୀ....। ହେଇ ଦେଖ୍ ତା' ଟେରୀକଟା ବାଳକୁ କେମ୍‌ତି ଅତର ଲଗା ସାର୍ଟ...। ଗାଁ ଭେଣ୍ଡା କେଉଁ ପାଟି ଫିଟାଇ ପାରନ୍ତିକି ସର୍କାରୀ ବାବୁଟା ପାଖରେ... ମେଁ ମେଁ ହେବାଟା ସାର। ସୁକୁମାରୀ ସେଦିନ ଥ ହେଇ ରହିଗଲା ଯେଉଁଦିନ ଭାଲୁଟାଏ ରାମ୍ପି ନେଇଗଲା ସାଇବାଣୀର ଆଖି। ସେଦିନୁ କାଇଁ ବିଦେଶୀ ବାବୁଟା ସାଇକେଲ ନେଇ ଭାଙ୍ଗି ଯାଉନଥିଲା ରାସ୍ତା!! ସାଇବାଣୀ ବି ଆଉ କାଇଁ କହିନଥିଲା ଛାତିପାଖ ବ୍ୟଥାଟା ଭାଲୁ ରାମ୍ପୁଡ଼ା ଦୁଃଖଠୁ ବି ଅଧିକ ଥିଲା। ସୁକୁମାରୀ ବୁଝେଇଥିଲା ବିଦେଶୀକୁ ମନଦେଲେ କେଉଁ ନେଇ ପଳେଇଥାନ୍ତା ତୋତେ, ସେଇ ଭାଲୁପରି ବିଦାରୀ ଝୁଣି ଛାଡ଼ି ଦେଇଥାନ୍ତା... ଯାଉ ଗୁ ଖ୍ୟା। ଗଲା ତ ଗଲା ଏମ୍‌ତିରେ ସାଧୁଟା କେଉଁ ରୂପର ନୁହେଁକି ତିନିପିଲାର ବାପା ହେଲେ ବି ତ ନିଦାପିଟା ଦେହଟା ଶିଶୁକାଠ ପରି ଦେଖାଯାଏ... କାଠ ହାଣୁଥିଲେ ନିଥିରି ପଡୁଥାଏ ଝାଳ ତ କେଉଁ ବଢ଼ିଲା ଝିଅଟା ମନ ନ କରିବ କି ? ସାଇବାଣୀ ହାବୁକାଏ ହାଓ୍ୱା ହେଇ ଯାଏ... ଛାଡ଼ ଗୋ କେଉଁ ସରାଗ କରେ କି... ରାତିରାତି ତିନିଟା ପିଲାର ଝନ୍‌ଝଟ୍‌କୁ ଖପର କଣା କରି ଜହ୍ନ ଲହଡ଼ା ଭାଙ୍ଗିବ ତ ଲୋକଟା ଶୋଇଯାଏ ଆଡ଼ ହୋଇ... କାଇଁ ଦେହ ସୁଖ କଥା ବୁଝେ ନା' ମନକଥା... ଯା' ଟଙ୍କା କେଇଟା ଧରାଇ ଦେଇ କାମ ସାରେ। ସୁକୁମାରୀ ବୁଝେ ସାଇବାଣୀର ମୁହଁଟା ଭିଡ଼ି ପାରେ ନାହିଁ ସାଧୁକୁ, ନ ହେଲେ ତିନିଟା ପିଲାର ବାପାଟାକୁ କାଇଁ ତୁଛାକୁ ନିନ୍ଦା!!

ସୁକୁମାରୀର ବାପା ଯେଉଁ ତିନି ଏକର ଜମିରେ ଧାନ ବୁଣିଥିଲା ବସ୍ତାଟାଏ ବି ବାହାରିଲା ନାହିଁ...ଜମିରେ ଗୋରୁ ପୂରାଇଦେଲା। ଦୁଇଦୁଇଟା ବମ୍ବୁକମ୍ପାନୀ ଜଙ୍ଗଲ ଖମନରୁ ବାଉଁଶ କାଟିନେଇ ଗଲେ କୋଡ଼ିଏ କି ତିରିଶ ବର୍ଷ ଭିତରେ। ଦୁଇଦୁଇଟା ସ' ମିଲ୍ ମାଲିକ ଲିଜ୍ ନେଇ ଜଙ୍ଗଲ ପଦା କଲାପରେ ଆଉ କାଇଁ ବର୍ଷା ନ ଥିଲା ତୁରେଇକେଲା, ଲାଠୋର, ଝାର୍‌ବାହାଲ୍, ଖପ୍ରାଖୋଲ୍ ପଟକୁ। ସୁକୁମାରୀ ଜାଣେ ସେଇ ଭୂଖଣ୍ଡ ସେମାନଙ୍କର ଯେଉଁଠି କେବେ ଗୋଟେ ଜିନ୍ଦା ଜଙ୍ଗଲଟେ ଥିଲା... ଏବେ ନାହିଁ। ଯା' ବାପା କଥାଣୀ କହିବା ପରି କହିଯାଏ। ବମ୍ବୁକମ୍ପାନୀ ଥିଲା ତ ଜୀବନ ଜୀବିକାର ରାସ୍ତା ଥିଲା... ସପ୍ତା ପୂରିଲେ ପଇସା। ସେଇଟା କାଇଁ ତିରିଶ ବର୍ଷ ତଳର କଥା... କଥା କହୁଥିଲା ଜଙ୍ଗଲ। କରଡ଼ି, ଛତି, ଶାଗ, ମାଛରେ କେଉଁ କମି ଥିଲା କି, ଏବେ ପରି ଲୋକ ଗାଁ ଛାଡ଼ି ଆନ୍ଧ୍ର କି ଜଗଦଲ୍‌ପୁର କି ରାୟପୁର ଧାଉଁଥିଲା!! କେଉଁ ଲୋକ ଜାଣୁଥିଲା କି କାଟି ଚାଲିଲେ ସଫା ହୁଏ ଜଙ୍ଗଲ ଖମନ... ବର୍ଷା ବିଗିଡ଼ି ଯାଏ... ଦୁବ କଅଁଳେ ନାଇଁ ମାଟିରେ। ବାଉଁଶ ଖତମ୍ ତ ବମ୍ବୁକମ୍ପାନୀ ବନ୍ଦ... ଗଛ ଖତମ୍ ତ ସ' ମିଲ ଲିଜ ବନ୍ଦ...। ସେତେବେଳକୁ ଡେରି ହେଲାଣି କାହିଁରେ କ'ଣ। ଏବେ ସର୍କାର ପାଟିକରୁଚି ଜଙ୍ଗଲ କାଟନା

କାଠ ଜାଳନା ଏଇଟା ସରିଲେ ମରୁଭୂମି ହେବ ତମ ଇଲାକା। କେଉଁ ଆଉ ଲୋକ ରହିଲେକି ଗାଁରେ ଯେ ଜଙ୍ଗଲ ଆଡ଼କୁ ଟାଙ୍ଗି ଧରି ଧାଇଁବ। ଗାଁ ଗାଁରୁ ତ ଅଧା ଲୋକ ତୁରେଇକେଲା, କଣ୍ଟାବାଞ୍ଜି କି ଲାଠୋର ରେଳ ଷ୍ଟେସନ୍‌ରେ ବସି ଭାଗିଲେ ଇଟା ଗଢ଼ିବାକୁ। ଲାଲ୍‌ଇଟାର ମୋହରେ ଏବେ ଗାଁ ଖାଁ ଖାଁ। ଯିଏ ଦମ୍ ଧରି ଜମି ଚଷିଲା ଧାର କରଜ କରି ତ କିଏ ବଞ୍ଚିଲା ତ କିଏ ଜୀବନ ହାରିଲା। ଏଇ ମହୁଲଗଛ କେଇଟାକୁ ଆଶ୍ରା କରି କେଉଁ ଉଧେଇ ପାରେ ଜୀବନ ? ? କେନ୍ଦୁପତ୍ର ତୋଳି କେଉଁ ଭରିହୁଏ ପେଟ ? ?

ସୁକୁମାରୀର ବାପା କହୁଥିଲା କଥାହେବ ପାଖ ଗାଁ ଧନବଳ ସାଙ୍ଗରେ... ତା'ର ପୁଅଟାଏ ଅଛି... କଥା ପକ୍କା କଲେ ସୁକୁମାରୀ କାମ ପଟାଇ ଦେଲେ ହେଲା। ଆଉ କେଉଁ ଆଗକୁ ପଛକୁ କିଏ ଅଛି କି। ବୁଢ଼ୀ ଗଲାଣି ତିନିବର୍ଷ ତଳୁ। ଦୁଇଟା ଛେଳି ବଡ଼ କଲାଣି... ଗାଁ ଭୋଜିଭାତରେ ମାଉଁସ ଟିକିଏ ନ ହେଲେ ନ ଚଳେ। ଧନବଳର ଜମି ଥାଉ ନ ଥାଉ ସେ ଏବେ ନାଏବ ସରପଞ୍ଚ... କିଛି ତ ଅଛି ତା' ପାଖରେ। ପିଲାଟା ସୁଧାର, କଣ୍ଟାବାଞ୍ଜିରେ କେଉଁ ଶେଠ୍ ଘରେ ଗାଡ଼ି ଚଲଉଚି। ସୁକୁମାରୀ କହିଥିଲା ସାଇବାଣୀକୁ ଡ୍ରାଇଭର ଲୋକର କେଉଁ ଦିନ କେଉଁ ରାତି... ତୁଛାଟାରେ ଘର ବସାଇବ। ମନ ମରି ଯାଇଥିଲା ତା'ର। ଯା'ବି କହିଲେ ସାଇବାଣୀ ହିଁ ତା' କଥା ବୁଝିପାରେ। ପଡ଼ାକୁ ପଡ଼ା ଲାଗିଚି... ମହୁଲ ବେଟିବାକୁ ଆସିଲେ ସେଇଠି ସାଙ୍ଗ ସାଙ୍ଗର ଭେଟ, ଦେହକଥା ମନକଥା ଖୋଲି ହୋଇଯାଏ। ସୁକୁମାରୀ କହିଥିଲା, ଗାଁ ଭେଣ୍ଡିଆ ଲକ୍ଷ୍ମଣ ଗହୀର କହୁଥିଲା, ଚାଲ୍ ବୁଢ଼ାକୁ ନେଇ ଆନ୍ଧ୍ର ପଳେଇଯିବା... କହିବୁ ତ କଥା ହେବି ନରେନ୍ଦ୍ର ମେହେର ସାଙ୍ଗରେ, ସିଏ ସର୍ଦ୍ଦାର। ଆଗୁଆ ଟଙ୍କା ବି ଦେବ। ନୂଆଖାଇ ଆଡ଼କୁ ଗାଁ ଗାଁ ବୁଲି ବଇନା ଦିଏ। ସୁକୁମାରୀ ଭରସି କହିପାରି ନ ଥିଲା ଲକ୍ଷ୍ମଣର କଥା କି ବୁଢ଼ାକୁ ଗାଁ ଛାଡ଼ିବା କଥା। ପସନ୍ଦ ଲାଗେନାହିଁ। ବାପା ଅଜା ଅମଳର ମାଟି ଅରାଏ... କାହିଁ ଛାଡ଼ି ଭାଗିବ ବିଦେଶ... ଇଟା ଗଢ଼ି ଯାଉଥିବା ଲୋକ କେଉଁ ଉଧେଇ ପାରିଚି ନା' ନିଜ ଘରକୁ ଉଠିଆ କରିପାରିଚି। କିଏ ଶବ ହେଇ ଫେରିଚି ତ କିଏ ହାତଗୋଡ଼ ହରାଇ ଫେରିଚି। କେଉଁ ସର୍କାର କି ସର୍ଦ୍ଦାର ଦେଇ ଯାଇଚି କ୍ଷତିପୂରଣ ଯେ ଦେହର ଘା' ଶୁଖିବ। ଗଲାବର୍ଷ ପୂର୍ଣ୍ଣମୀ ବେଓ୍ୱା ମଲା ଯେ ତା' ଶବକୁ କିଏ ନେଲା ତା'ର ଖୋଜ୍ ନେବାକୁ କିଏ ଥିଲା କି ? ? ପଞ୍ଚାନନ ଯା' କହୁଥିଲା ସେଇ ଜଳନ୍ତାଭାଟି ଭିତରକୁ ଫୋପାଡ଼ି ଦେଲା ସର୍ଦ୍ଦାର। ପୂର୍ଣ୍ଣମୀର ଆଗପଛକୁ କିଏ ଥିଲା କି ? ? କଥା ଉଠାଇଥାନ୍ତା।

ସାଇବାଣୀ କହୁଥିଲା ଏବେ ଲୋକଟା ରାତିକୁ ତା'ରି ପାଖରେ ଶୋଉଚି...ପେଟ ଉପରୁ ଲୁଗା ହଟେଇ

ମନୋଜ ମହାନ୍ତି
ଜୁନାଗଡ଼, କଳାହାଣ୍ଡି-୭୬୬୦୧୪

ଦେଖାଇ ଦେଇଥିଲା... ହେଇ ଦେଖ୍ ତିନିମାସର ହେଲାଣି। ସୁକୁମାରୀର ଦେହଟା ସିର୍‌ସିରେଇ ଯାଉଥିଲା... ମନେପଡୁଥିଲା ଲକ୍ଷ୍ମଣ କଥା ଲୋକଟା ଯାଇଚି ତିନିମାସ ହେଲା ରାୟପୁର ତା'ର ଦେଖା ନାହିଁ। ଗାଁରେ ଥିଲେ କଥା ଉଠାଇଥାନ୍ତା ବାପା ପାଖରେ। ଡ୍ରାଇଭର ଲୋକଟା ତାକୁ ପସନ୍ଦ ନୁହେଁ... କେଉଁ ମୁହଁ ଖୋଲି କହିପାରେ ନା' ବାପା ଆଗରେ ଲକ୍ଷ୍ମଣ କଥା ଉଠାଇ-ପାରେ। କଥା ଉଠାଇବ ମାନେ ବୁଢ଼ା ମନଦୁଃଖ କରିବ ବୁଢ଼ୀ ନାହିଁ ବୋଲି ଝିଅ ତା'ର ବିଗିଡ଼ି ଯାଉଚି... ଥାଉ କଥା ଉଠାଇଲେ ମୁହଁ ଖୋଲିବ। ସେତେବେଳକୁ ଫେରିନଥିବକି ଲକ୍ଷ୍ମଣ। ସାଇବାଣୀ କହୁଥିଲା ସାଧୁ ବି କହିପାରିବ। ଗଲାବେଳେ କହିଯାଇଥିଲା ସଙ୍ଗାତ ଦେଖୁଥିବ ଆମ ପଡ଼ାଆଡ଼େ ବୁଲିଗଲେ, ଘର ଆଡ଼େ। ସେତେବେଳକୁ ସାଇବାଣୀ ଘର ଉପରେ ଶୁଖି ସାରିଥିଲା କଖାରୁ ଲଟା... କେଉଁ ଆଉ ଆସନ୍ତା ବର୍ଷକୁ ପଲ୍‌ଟେଇ ପାରିବ ଖପର... କେଜାଣି ? ?

ସେଦିନ ଦେଖିଲା ଲକ୍ଷ୍ମଣ ଫେରିଚି... ହାତରେ ଘଡ଼ି ବାନ୍ଧିଚି... ଭଲ ହଳେ ପ୍ୟାଣ୍ଟ ସାର୍ଟ ପିନ୍ଧିଚି... ଗୀତ ଗାଇଗାଇ ଚାଲିଗଲା ବେଳେ ଅଟକି ଯାଇଥିଲା ସୁକୁମାରୀ ପାଖରେ...। କହିଥିଲା ଭାଗିବୁ କି ମୋ ସାଙ୍ଗରେ ରାୟପୁର... ସେଠି କମାଣି ଧମାଣି ଭଲରେ ସୁକୁମାରୀ... ରାଣୀ କରି ରଖିବି। ମୁହଁ ମୋଡ଼ିଥିଲା ସୁକୁମାରୀ... ଭାଗ୍‌ରେ ବାଗଧରା। ସୁକୁମାରୀ ଦେଖିଥିଲା କେଉଁ ଲକ୍ଷ୍ମଣର ଦେହଟା ଆଉ ଆଗପରି ପୂରନ୍ତା ଲାଗୁନଥିଲା... ଛାତି ପାଖ ହାଡଟାକୁ ଯା' ଲୁଚାଇ ରଖିଥିଲା ସାର୍ଟଟା...। ସୁକୁମାରୀ କହିଥିଲା ମଦ ପିଉଚୁ ଲକ୍ଷ୍ମଣ... ? ? ଲକ୍ଷ୍ମଣ ଧରାଦେଲା ନାହିଁ, ମୁହଁ ବୁଲାଇ ଚାଲିଗଲା। ନା' ସେଠି କେଉଁଠି ସୁକୁମାରୀ ଠଉରାଇ ପାରିଲାନାହିଁ ତା' କୋହକୁ... ଲକ୍ଷ୍ମଣ ବି କ'ଣ ଫସିଯାଇଚି ବିଦେଶ ମାଟିର ମୋହରେ ? ? ଚାରିଦିନ ପରେ ଲକ୍ଷ୍ମଣ ସେମିତି ଗୀତ ଗାଇଗାଇ ପାର୍ ହେଇଗଲା ସୁକୁମାରୀର ଘର... ନା' ଥରଟେ ବି ଚାହିଁଲାନାହିଁ ତାକୁ...। କୋହରେ ଓଦା ହୋଇଗଲା ସୁକୁମାରୀ...। ଭାବୁଥିଲା ଧାଇଁଯିବକି ପଛରୁ ଡାକିବ ଲକ୍ଷ୍ମଣ

ସୁକୁମାରୀ ଜାଣେ ସର୍କାରୀ ବାବୁ, ପୋଲିସ୍ ବାବୁ ସବୁ ଥିଲାବାଲାର... ତାଙ୍କ ବେଳକୁ ସମସ୍ତେ ଗରମ ଦେଖାଇବେ... ଭାଉ ଖାଇବେ। ହେଲେ ପିଆଜ ଅମଳର ଆଗରୁ ଅଦିନ ବର୍ଷାରେ ଅଧା ପିଆଜ ମାଟିରେ ମିଶିଲା ଯା' ଯେମିତି ରହିଲା ସାଉକାର ସୁଧମୂଳକୁ ମିଶାଇ ବିଡ଼ି ଖଇନି ଦାମ୍‌ରେ ଉଠାଇ ନେଲା ଘରଘର ବୁଲି।

କୁଆଡ଼େ ନରେନ୍ଦ୍ର ମେହେର ସାଙ୍ଗରେ କଥା ହେଉଥିଲା... ଏବେ ତ ଆଉ ଗାଁରେ କାମ କମାଣି ନାହିଁ... ସେଠି ତ ଇଟା ଇଟାରେ ପଇସା। ପିଲା ଦୁଇଟା ବଡ଼ହେଲେଣି ଗଡ଼ିଦେଇ ପାରିବେ ଇଟା... ! ଚାରିଟା ମଣିଷର କମାଣିରେ ପୂରନ୍ତା ଲାଗିବ ଘର...। ସୁକୁମାରୀ ମୁହଁ ମୋଡ଼ିଥିଲା କେଉଁ ଘର ସଙ୍ଗାତ... ସେଠି ବିଦେଶ ମାଟିରେ ନିଜ ଘର ଖୋଜିବୁ ? ? ଭାଷା ବୁଝିବୁ ନା' ଭାବ... ମାଟି ହେଇଯିବୁ... ଯା' ନା' ବୁଝା ସାଧୁକୁ ଏଇଟା ହିଁ ଘର ଏଇଟା ହିଁ ନିଜର ମାଟି। କାହିଁ ଧାଇଁବ ମାଟି ତଲାସ୍‌ରେ ?

କେଉଁ କଥା ମାନିଲା କି ସାଇବାଣୀ। ସେଇ ଯାହା ଶେଷ ଦେଖା... ମହୁଲଗଛ ପାଖରେ। ସେଦିନ ଖପରଘରେ ତାଲା ପକାଇ ପିଲା କବିଲା ସାଙ୍ଗରେ ସାଧୁ ତୁରେଇକେଲା ଷ୍ଟେସନ୍ ଆଡ଼କୁ ଚାଲିଗଲାବେଳକୁ ଆଖି ଓଦା କରିଥିଲା ସୁକୁମାରୀ...। କେଉଁ ଭେଟହେବ କି ଆଉ ସାଇବାଣୀ... ମନକଥା ଫେରିଆ... ଯା' ନା' କୁଆଡ଼େ ମାଟିଖଣ୍ଡେର ତଲାସ୍‌ରେ... ଏଇ ମାଟି ତ ତୋର ନିଜର, ଘରକୁ ଦେଖ୍... ଏ ବର୍ଷ ନହେଲା ନାହିଁ ଆର ବର୍ଷ ବର୍ଷିପାରେ ବର୍ଷା... ହସିପାରେ ଧାନ ଖେତରେ, ଖଳାରେ... ରହିଯା ଏଇ ବର୍ଷଟା ! !

ବୁଢ଼ା ନାଲି ଚା'ରେ ମୁଢ଼ି ପକାଇ ପିଇଗଲା ବେଳେ ସୁକୁମାରୀ ମୁହଁକୁ ଚାହିଁଲା...। ନା' ଝିଅଟା କାହିଁ ଦିନକୁ ଦିନ ଦବି ଯାଉଚି। ଭରସୀ ପଚାରି ପାରେନାହିଁ ବଡ଼ିଲା ଝିଅକୁ। କେଉଁ ଧନବଳ ସହ କଥା ହେବାକୁ ଏଇ ବର୍ଷ ଘରେ କମାଣି ଅଛି ଯେ ! ତା' ସାଙ୍ଗର ଝିଅ ସବୁ ଘରକଲେଣି ଚାରିବର୍ଷ ତଳୁ। ଛୁଆପିଲା ଧରି କିଏ କଣ୍ଟାବାଞ୍ଜି ଗଲାଣି ତ କିଏ ରାୟପୁର ତ କିଏ ଆନ୍ଧ୍ର। ବୁଢ଼ା ମାନି ପାରେନାହିଁ ବୋଲି ଲକ୍ଷ୍ମଣ ପରି ଘରେ କଥା ଉଠାଏ ନାହିଁ। ନିଜ ମାଟି ନିଜର... ଜୋର ଅଛି ଠୋ କରି କଥା କହିବାର। ନିଜ ମାଟିରେ ଯିଏ ଇଟା ନହେଲେ

e-News & Magazine

ଚାଳଘର ଖଣ୍ଡେ କରି ଜିଉଁଚି ତା'ରି ସାଙ୍ଗରେ ସୁକୁମାରୀକୁ ବାହାଦେବ। ନିଜ ପାଖରେ ନିଜ ମାଟିରେ ନାତିନାତୁଣୀର ମୁହଁ ଦେଖିବ। ଦିନେ ତ ସୁନା ଫଳୁଥିଲା ଏଇ ମାଟିରେ। ଶହଶହ ବର୍ଷର ମାଟି ଇଏ। ଏଇଠି ବାପାଅଜାର ମଲାମୁହଁରେ ମାଟି ଦେଇଚି। ଧାନ କମେଇଚି, ମୁଗ କମେଇଚି ବିରି କମେଇଚି ଘର କରିଚି... କାଇଁ ଏବକୁ ଏତେ ନିନ୍ଦା... ଏତେ ବିମୁଖତା। ନା' ପରପର ବର୍ଷ ମରୁଡ଼ି ହେବ ନା' ମଥାନ ଉପରେ ଡଙ୍କେଇବ ନାଇଁ କଖାରୁଲଟା, ସିମ ଝଟା। ଥାଉ, ଯିଏ ଗଲେ ଯାଉ କାହା କାହାକୁ ନ କହିଚି... କିଏ ଶୁଣିଲାକି!! ଗାଁ ମଝିରେ ହାତ ହଲାଇ ମୁରବି ପଣିଆ ଦେଖାଇଥିଲା... ଲୋକେ ମୁହଁ ମୋଡ଼ିଲେ। ଯା' ଥା' ଏଇଠି ମାଟି କାମୁଡ଼ି... ଝିଅଟାକୁ ବୁଢ଼ୀ କରୁଥା... ପୁରୁଷ ଲୋକ କାହିଁ ବୁଝିବୁ ଝିଅର ମନର କଥା, ଦେହର କଥା!! ମା' ଥା'ନ୍ତା ତ କେଉଁ ରଖାଇ ଦେଇଥାନ୍ତା ଆଠ ବର୍ଷ ହେଲା ବଢ଼ିଲା ଝିଅକୁ। କିଏ ନ ଯାଉଚି ଯେ ବିଦେଶ?

କେଉଁ କାମ ଯୋଗାଉଚି ସର୍କାର ନା' ଡଙ୍ଗର ଖମନରେ ଗଛ ଅଛି ଯେ ପେଟ ପୋଷିବ। ଯା' କଳା ହେଇ ରାସ୍ତାଟେ ଚଉଡ଼ା ହେଇ ତାଙ୍କ ଗାଁ ଦେଇ ଲମ୍ବି ଗଲାଯେ ମେସିନ୍ ଲଗାଇ କାମ କଲା ଠିକାଦାର। ହାତଗଣତି କେଇଟା ଦିନର କାମ ପରେ ଗାଁ ଟପି ସାରିଥିଲା ରାସ୍ତା... ତା' ପରଠୁ ହାତରେ କାମ କାଇଁ?? ଆଗ ଗାଁର ଲୋକ ଠେଙ୍ଗା ଧରି ଜଗିଲେ ତାଙ୍କ ଗାଁ ରାସ୍ତାରେ ସେମାନେ ଖଟିବେ। ଏତେ କାମ ଖୋଜିବାକୁ ଠିକାଦାର, ମେଟ୍, ମୁନ୍‌ସି ପାଖରେ ତରାତରା ହେବାଟାକୁ ସୁକୁମାରୀ ଦେହକୁ ନେଇପାରେ ନାହିଁ। ସପ୍ତାଟେ କାମକୁ ଯାଇଥିଲା ଯେ ମୁନ୍‌ସି ଅଶ୍ଳୀଳ ଇଙ୍ଗିତ କଲା... କେଉଁ ବୁଝାଇ ପାରିଲା ବାପାକୁ... ସାଇବାଣୀ ଥିଲେ କହିପାରିଥାନ୍ତା ମନର ବ୍ୟଥାଟା। ଯାଇଥିଲା ସେଦିନ ସାଇବାଣୀ ଘରଆଡ଼େ... ଚାଳ ବାଡ଼ଟା ଡିଆଁ ଖାଇ ଭାଙ୍ଗିଗଲାଣି। କେଉଁ ଅଟ୍‌କାଇ ପାରିବ ଦଶ ପଚାଶ ଟଙ୍କାର ତାଲାଟାଏ ଘରଟାକୁ ମାଟି ହେବାରୁ। ଏଇ ବର୍ଷ ନ ଫେରିଲେ ମାଟି କୁଦଟାଏ ଠିଆ ହୋଇଥିବ... ଦୁଇଟା ବର୍ଷରେ ହଜିଯିବ ସାଇବାଣୀର ପରିଚୟ...।

ପିଆଜ ଚାଷକର ବୋଲି ସର୍କାରୀ ବାବୁମାନେ କେତେ ରକମ କଥା କହିଗଲେ। ଲୋକେ ଖୋଲିଲେ ଚୁଆଁ ନିଜ ଜମିରେ ସାଉକାରଠୁ ମଞ୍ଜି, ସାର ଆଣି ଏକର ଏକର ଚାଷ ହେଲା। ବୁଢ଼ା ଖୁସିହେଇ ସୁକୁମାରୀକୁ କହିଲା ଦେଖ୍ କେମିତି ମାଟିକୁ ନିନ୍ଦୁଥିଲେ ଲୋକ... ଫେରିବେ ପୁଣି ବିଦେଶରୁ... ଭିଟା ମାଟିକୁ। ସୁକୁମାରୀ ଖୁସିହେଲା ନା' ଯାହା ବି ହେଉ ଅଦିନ ବର୍ଷା ନହେଲେ ଏ ବର୍ଷ ପିଆଜ ପୂରା ବର୍ଷଟାଏର ଖାଇବା ଯୋଗାଇ ଦେବ। ସହର ପଟୁ ବେପାରୀ ବୁଲି ଗଲେଣି ତୁରେଇକେଲା, ଖପ୍ରାଖୋଲ, ଲାଠୋର, ଗଇଦିମାଲ, ଧଣ୍ଡାମୁଣ୍ଡା, କଣ୍ଟାବାଞ୍ଜି। ସାଉକାର ଲୋକ ଲାଗାଇଚି ତାଙ୍କ ଗାଁରେ ମଞ୍ଜି, ସାର, ଓଷ କଷା ବିନାପଇସାରେ ଦେଇଚି ସୁଧ ମୂଳ ସାଙ୍ଗରେ ଶୁଝିବ ନାଇତ... କଥା ଭଲ ହେବନାହିଁ। ସୁକୁମାରୀ ଜାଣେ ସର୍କାରୀ ବାବୁ, ପୋଲିସ୍ ବାବୁ ସବୁ ଥିଲା ବାଲାର... ତାଙ୍କ ବେଳକୁ ସମସ୍ତେ ଗରମ ଦେଖାଇବେ... ଭାଉ ଖାଇବେ। ହେଲେ ପିଆଜ ଅମଳର ଆଗରୁ ଅଦିନ ବର୍ଷାରେ ଅଧା ପିଆଜ ମାଟିରେ ମିଶିଲା ଯା' ଯେମିତି ରହିଲା ସାଉକାର ସୁଧମୂଳକୁ ମିଶାଇ ବିଡ଼ି ଖଇନି ଦାମ୍‌ରେ ଉଠାଇ ନେଲା ଘରଘର ବୁଲି। ମାସ ଦୁଇଟା

ନ ପୂରୁଣୁ ସାଉକାର ଦୋକାନରୁ କୋଡ଼ିଏ ପଚିଶଟଙ୍କାରେ ପିଆଜ କିଣି ଖାଇବାର କଷ୍ଟ ସୁକୁମାରୀ ଜାଣେ... ବୁଢ଼ା ବି।

ବୁଢ଼ା ମନରେ ଯା' ଭାବିଥିଲା ବେଦବରକୁ ଜ୍ୱାଇଁ କରିବ ତା' ଆଉ ହେଲାନାହିଁ। ବେଦବର ଦୁଇଏକର ଜମିରେ ଲଗାଇଥିଲା ପିଆଜ... ବୁଢ଼ା ସାହସ ଦେଇଥିଲା... ଖଟ୍ ବେଟା ନିଜ ଜମିରେ... କାଇଁ ହଳିଆଗିରି କରିବୁ... ତୋର ବାପା ନ ଥାଉ ମା' ନ ଥାଉ... ଟୁରା ତୋତେଇ ସୁକୁମାରୀକୁ ଦେବି... ମୋର ତିନିଏକର ବି ଆର ବର୍ଷକୁ କମାଇବୁ। କେଉଁ ଆଉ ରହିଲାକି ବେଦବର... ଜୀବନ ଧରି କୁଆଡ଼େ ଗଲା ତା'ର ଖୋଜ୍ ନାହିଁ। ଥିଲେ କଣ୍ଟାବାଞ୍ଜିର ଡମ୍ବୁ ବରଗଡି ପରି ବିଷ ପିଇଥାନ୍ତା... ଚାଲିଗଲା... ବଞ୍ଚିଗଲା। ଥାଉ ଯେଉଁଠି ଟୁରା ପିଲାଟା ବଞ୍ଚିଥାଉ... ସୁକୁମାରୀ ଆଖି ପୋଛିଲା। ବୁଢ଼ା ବିଡ଼ିରେ ନିଆଁ ଲଗାଇ ଭକ୍‌ଭକ୍ ଧୂଆଁ ଛାଡ଼ିଲା, ଗାଁ ଗାଁ ସବୁ ଖାଁ ଖାଁ ଲାଗିଲାଣି... ଭାଗିଲେଣି ମଣିଷ ସବୁ କାମର ତଲାସରେ... ଜୀବନର ତଲାସରେ...। ଯେଉଁଠି ମାପିହୁଏ ନାହିଁ ଦେହ... ଓଦା ହୁଏନାହିଁ ମନ। ସୁକୁମାରୀ ଦେଖିଲା ବୁଢ଼ା ଏଣିକି ଆଉ ପାଟି ଫିଟାଉ ନାହିଁ... ଜିଦି ଧରୁନାହିଁ ଗାଁ ମାଟିରେ ଝିଅ ଘରବସାଉ ବୋଲି ତଥାପି କେଉଁ ଖୋଲି କହୁଚି କି ଏଇ ଥର ଲକ୍ଷ୍ମଣ ଆସିଲେ କଥା ପକାଇବା...!!

ପିଆଜଚାଷ ପରେ କାଇଁ କେତେକେତେ ବାବୁଭାୟା ଆସିଲେ... କେତେ କଥା କେତେ ବ୍ୟଥା ବୁଝିଲେ ବୁଝାଇଲେ। ସଞ୍ଜକୁ ବୁଢ଼ା ବିଡ଼ିରେ ନିଆଁ ଧରାଇ ଗୀତ ଗାଇଲା... ଡଙ୍ଗର ପଟୁ ଶୁଖିଲାପତ୍ରରେ ନିଆଁ ଧରିଲାଣି। ସେଦିନ ତୁରେଇକେଲା ପଟୁ ପୋଲିସ ଆସି ଛାନ୍‌ବିନ୍ କରିଗଲା, ଘରଘର ବୁଲିଲା... ଏବେ କୁଆଡ଼େ ନକ୍‌ସଲ୍ ନା' କିଏ ମାଡ଼ି ଆଇଲେଣି ଖପ୍ରାଖୋଲ, ତୁରେଇକେଲା, ହରିଶଙ୍କର ଏବେ ଚରାଭୂଇଁ ତାଙ୍କର। ଗାଁର ଭେଣ୍ଡିଆ ଯା' ଯେମିତି ଥିଲେ ଧରାହେଇ ଦୁଇଦିନ ଥାନାରେ ରହି ଫେରିଲେ... ସେଇ ରାତିରେ କେତେଜଣ ଗାଁ ଛାଡ଼ିଲେ। ପୋଲିସ ଗାଳିକଲା ଶଳା ସେଇମାନଙ୍କ ସାଙ୍ଗରେ କୁଆଡ଼େ ଲଟ୍‌ପଟ୍ ଥିଲା ନକସଲ୍‌ମାନଙ୍କର। ଭାଗିଲେ ନାଇତ ଫେରାର ହେଇଗଲେ। ପୋଲିସ ବାବୁ ଜଣେ ଖେଞ୍ଚି ପକାଇଲା ବୁଢ଼ାକୁ... ତୋ ଘରେ ଜୁଆନ୍ ପୁଅଝିଅ କିଏ ଅଛି କି??? ବୁଢ଼ା ଜଳଜଳ ଚାହିଁଲା... ହାତ ବଢ଼ାଇଲା... ସୁକୁମାରୀ କାଠ ହୋଇଗଲା କବାଟ ପାଖରେ। ପୋଲିସ ହାଙ୍କିଲା ଦେଖି କିଏ ଆସିଲେ ରାତି ପହରକୁ ସଜାଗ ରହିବ... ଜାଗା ଦେବତ ସବୁ ଠୁଙ୍କା ହେବ ହାଜତ୍ ଭିତରେ। କେଇଜଣ ଗାଁର ଦରବୁଢ଼ା ମେଳି ହେଇ ବୁଢ଼ାକୁ କହିଲେ ଚାଲ୍ ଭାଗିବା ଗାଁ ଛାଡ଼ି... ସବୁତ ଗଲାଣି କାଇଁ ଦଶ ପନ୍ଦର ଜଣ ପଡ଼ିରହି ହିନସ୍ତା ହେବା... କେଉଁ ଆମେ ଫେରିଲେ ଗାଁ ନଥିବ କି?? ବୁଢ଼ା ପାଟିକଲା ଦଶ ପନ୍ଦର କୁଆଡୁ ହିସାବ କର ଏବେ ବି ଗାଁରେ ପଚାଶ ଷାଠିଏ ଲୋକ ଅଛୁ... ଡରିବା କାହିଁକି। ନକସଲ୍ ଆମର ବନ୍ଧୁ ନୁହେଁ କି ପୁଲିସ ଆମର ସାଙ୍ଗ ନୁହେଁ। ଆମେ ଜଗିବା ନିଜ ଗାଁ... ନିଜ ମାଟି... ନିଜ ମାନ... ନିଜ ଇଜ୍ଜତ। ସୁକୁମାରୀ ସୁକ୍‌ସୁକ୍ ହେଲା... ବୁଢ଼ା ନ ଶୁଣିଲା ପରି ଡଙ୍ଗର ଆଡ଼େ ଚାହିଁଲା... ନିଆଁ ଲିଭି ଆସୁଥିଲା ସେତେବେଳକୁ।

ସେଦିନ ସକାଳ ରାୟପୁର ପଟୁ ଆସୁଥିବା ଟ୍ରେନ୍‌ରୁ ଓହ୍ଲାଇ ଲକ୍ଷ୍ମଣ ତୁରେଇକେଲାରୁ ଗାଁରେ ପହଞ୍ଚିଲା ବେଳକୁ ଗାଁରେ ଟୁପୁର୍ ଭୁଷୁର୍ କଥା ଉଠିଲା। ଲକ୍ଷ୍ମଣ ନେଇ ଆସିଚି ଝିଅଟାଏ... କିଏ କହିଲା ଜାତିର

e-News Magazine

ନୁହେଁ... କିଏ କହିଲା ଦୁଇପିଲାର ମା'କୁ ଭଗାଇ ଆଣିଚି ଲକ୍ଷ୍ମଣ। ତା' ମା' ଗର୍‌ଗର୍ ହେଲା... ଘରେ ପୂରାଇ ଦେଲାନାହିଁ। କାଇଁ ପାଣି ଛୁଆଁଇବ ଅଜାତି ଝିଅଟାକୁ। ଲକ୍ଷ୍ମଣ ଖୁଣ୍ଟଟାଏ ପରି ବସିଲା ବାରଣ୍ଡାରେ। ନା' ବୁଢ଼ୀର ମନ ତରଳିଲା ନା' ଗାଁ ଲୋକ ଭରସା ଦେଲେ। ସୁକୁମାରୀକୁ ଚାହିଁ ପାରିଲାନାହିଁ ଲକ୍ଷ୍ମଣ। କେଉଁଠି ଆଖି କୋଣରେ ଜକେଇ ଆସିଲା ଲୁହ ସୁକୁମାରୀର... କେଉଁ ତା'ଠୁ ସୁନ୍ଦରୀ ଦେଖା ଯାଉଥିଲା ନା' ଡଉଲ ଡାଉଲ ଦେଖା ଯାଉଥିଲା ଯେ ବାଗ୍‌ଧରା ଲକ୍ଷ୍ମଣ ପସନ୍ଦ କଲା। କହି ପାରିଲାନାହିଁ କିଛି, ମେଞ୍ଚାଏ କୋହ ହୋଇଯିବା ଆଗରୁ ଘରକୁ ଫେରିଲା। ବୁଢ଼ା କହିଲା ବିଦେଶ ମାଟିରେ ଏମ୍‌ତି ଲୋକ ସବୁ ବିଗିଡ଼ି ଯାଉଛନ୍ତି କେଉଁଠି ମଦପାଣିରେ ମାତି ଗାଁ ବଦନାମ୍... ନାଁ ବଦନାମ୍। ଲକ୍ଷ୍ମଣ ଫେରିଯାଇଥିଲା ସଞ୍ଜୀ ଟ୍ରେନରେ... ଗଲାବେଳେ ବୁଲି ଚାହୁଁଥିଲା ସୁକୁମାରୀ ଘର ଆଡ଼କୁ... ଯେଉଁଠି ବୁଢ଼ାଟାଏ ଏବେ ବି ଜଗିଚି ମାଟିକୁ, ଘରକୁ, ଗାଁକୁ, ସୁକୁମାରୀକୁ।

ସେଦିନ ଗାଁ ଲୋକ ମିଶି ତୁରେଇକେଲା ଯାଇଥିଲେ କେଉଁଠି ଗୋଟେ ଚାଷୀ ସମାବେଶ ହେଇଥିଲା। ଚାଷ କରିବାକୁ ନିଜ ଜମିରେ ଗୋବରଖତ ପକାଅ, ଦେଶୀ ମଞ୍ଜିରେ ଚାଷ କର... ଛାଡ଼ ସବୁ ଏ କମ୍ପାନୀ ବାଲାଙ୍କ ଓଷକଷା, ସାର, ବିହନ। ଏମାନେ ଲୁଟୁଛନ୍ତି ଆମକୁ। ଗର୍ଜିଲେ କେତେ କିଏ... ଜିନ୍ଦାବାଦ୍, ମୁର୍ଦାବାଦରେ ସଭା କମ୍ପିଲା। ଗାଁରେ ପହଞ୍ଚିଲା ବେଳକୁ ଭୋକରେ ଭୋକରେ କେଉଁଠି ଲୁଚି ଯାଇଥିଲା ବିହନ, ସାର, ଗୋବରଖତ, ଦେଶୀ ମଞ୍ଜି। ସେଦିନ ରାତିରେ ବୁଢ଼ା ପାଟି କରୁଥିଲା କେଉଁ ଗାଈଗୋରୁ ରହିଲେ ଯେ ଗୋବରଖତ ଜମିକୁ ନେବୁ!! କେଉଁ ଦେଶୀଧାନର ମଞ୍ଜି ଅଛି ଯେ ବିଲରେ ବୁଣିବୁ... କାଇଁ ତିରିଶବର୍ଷ ହେଲା ମଲାଣି ଦେଶୀଧାନର ବଂଶ। କେଉଁ ବର୍ଷା ଠିକ୍‌ରେ ମାଟିରେ ପଡୁଚି ଯେ ଲୋକ ଆଶା ରଖିବ ମାଟିକୁ। ସେଇ ଯା' ବୁଢ଼ା ଶୋଇଲା ଯେ ଆଉ ଉଠିଲାନାହିଁ।

ଗାଁର ସବୁଠୁ ପୁରୁଣା ମୁରବୀ ଚାଲିଗଲା...। ଗାଁ କାନ୍ଦିଲା ନାଇଁତ ଭାଙ୍ଗିଗଲା ପରି ଲାଗିଲା। ମୁଣ୍ଡିଆ ପାଖରେ ବୁଢ଼ାର ଜୁଇ ଜଳିଲା... ବୁଢ଼ା ମାଟିମୋହରେ ପାଉଁଶ ହୋଇଗଲା... କେଉଁ ଜୀବନ ପାଇଁ ବିଦେଶ ମାଟିରେ ରାହା ଖୋଜିନଥିଲା। ଲୁହ ଡବ୍‌ଡବ୍ ଆଖିରେ ଦଶମୁ ବର୍ଗତି ନିଆଁ ଦେଲା ବୁଢ଼ା ମୁହଁରେ। ବଂଶ ହିସାବରେ ସେଇ ଜଣେଇ ବୁଢ଼ାର ଦାୟାଦ। ଗାଁ ଲୋକଙ୍କ ଚାନ୍ଦାଭେଦାରେ କାମ ସରିଲା। ଦଶମୁ କହିଲା ଚାଲ୍ ସୁକୁମାରୀ ମୋରି ଘରେ ରହ ତୋତେ ବାହା କରାଇ ଦେବା ଦାୟିତ୍ୱ ମୋର... ସୁକୁମାରୀ ପିଣ୍ଡା ଛାଡ଼ିଲାନାହିଁ।

XXX

ସେଦିନ ଟ୍ରେନ୍‌ରେ ତୁରେଇକେଲାରୁ ଦଶମୁ, ବିଦେଶୀମାନଙ୍କ ପରିବାର ସାଙ୍ଗରେ ସୁକୁମାରୀ ବି ଗାଁ ଛାଡ଼ିଲା। ନରେନ୍ଦ୍ର ମେହେର ତା' ବାବୁରୀବାଳକୁ ପାନିଆରେ କୁଣ୍ଡାଇ ପକାଇ କହିଲା ଦେଖ ପୋଲିସ୍ ପଚାରିଲେ କହିବନାଇଁ ଆନ୍ଧ୍ର ଯାଉଚୁ ବୋଲି... କହିବ ତ ଧରାହେଇ ଥାନାରେ ରହିବ... ଦୁଇଦିନ ପରେ ଗାଁକୁ ଗଲେ ଶଳା ଭୋକରେ ମରିବ। ସୁକୁମାରୀ ଆଡ଼କୁ ଆଖି ନଚାଇ କହିଲା ବିଦେଶ ମାଟିରେ ଇଟା ଇଟାରେ ପଇସା କାଇଁ ତୁଛାଟାରେ ଏଠି ମାଟି ସାଙ୍ଗରେ ମାଟି ହେବରେ ଟୁରେ!! ଟି.ଟି. ଆସିଲା ମୁର୍କି ହସିଲା କ'ଣ ମେହର ବାବୁ ଆଜି ଯାଉଚ। ନରେନ୍ଦ୍ର ମେହେର ଟଙ୍କା କେଇଟା ଗୁଞ୍ଜି ଦେଲା ଟି.ଟି. ହାତରେ। ଟି.ଟି. କହୁଥିଲା ହେଃ... ପୋଲିସ୍ ଆସିଲେ କେଇଜଣ ପଶିଯିବ ପାଇଖାନା ଭିତରେ...!!

ଟ୍ରେନ୍ ଚାଲିଥିଲା। ପଛରେ ରହିଯାଉଥିଲେ ବାପାର ନିଆଁ...ଗାଁ ଘର... ତିନିଏକର ବଞ୍ଜରା ଭୂଇଁ... ଧସ୍‌କି ଯାଉଥିବା ଜଙ୍ଗଲ... ପାଣିନଥିବା ନାଥ ନଦୀର ବାଲି... ମେଞ୍ଚାଏ କୋହ... କେତେ ଯେ ଲୁହ ଯାହା ପୋଛି ପାରେନାହିଁ ସୁକୁମାରୀ।

ଆଗ ଷ୍ଟେସନ୍‌ରେ ଗାଡ଼ି ରହିଲା... ସୁକୁମାରୀ ଦେଖିଲା ଲକ୍ଷ୍ମଣ ବି ତା' ସ୍ତ୍ରୀ ସାଙ୍ଗରେ ଉଠୁଚି ତାଙ୍କରି ସାଙ୍ଗରେ। ଏଇ ଦେଖୁଦେଖୁ ବର୍ଷଟାଏ ଗଡ଼ିଗଲାଣି ଲକ୍ଷ୍ମଣ ଗାଁ ଛାଡ଼ିବା। ସୁକୁମାରୀ ଦେଖିଲା ଲକ୍ଷ୍ମଣ ସ୍ତ୍ରୀର ରଗଡ଼ା ଛାତିରେ ଚାରିମାସର ଛୁଆଟାଏ ଝର ଖୋଜୁଚି। ଚେଁ ଚେଁ ହେଉଚି... କେଉଁ ଝରୁଚି ସେଠୁ ଟୋପାଏ ପାଣି ଯେ ଛୁଆର ପେଟ ପୂରିବ। ସୁକୁମାରୀର ଛାତି ପାଖଟା ସିର୍‌ସିରେଇ ଗଲା ଭାବୁଥିଲା ନେଇ ଆସିବକି ତା'ଠୁ ଛୁଆକୁ ଜାକି ଦେବକି ଛାତିରେ... ହେଲେ ସେଠି ବି କେଉଁ ଝରଣାଟାଏ ବୋହୁଚି ଯେ...!! ଲକ୍ଷ୍ମଣ ଚାହିଁଲା ତାକୁ... ସେ ଲକ୍ଷ୍ମଣକୁ... ଟ୍ରେନ୍‌ର ଧୂଆଁ ସାଙ୍ଗରେ କେଉଁଠି ମିଳାଇ ଯାଉଥିଲା ପୁଳାଏ କୋହ... ଯା' ସେ ବୁଝୁଥିଲା... ଲକ୍ଷ୍ମଣ ବୁଝୁଥିଲା...!! ଟ୍ରେନ୍ ଚାଲିଥିଲା ତ ଚାଲିଥିଲା... କେଉଁଠି ଗୋଟାଏ ଠିକଣା ଜାଗାରେ ପହଞ୍ଚାଇ ଦେବାକୁ ଡଜନେ ହେବ ଭୋକିଲା ମଣିଷଙ୍କୁ... ଯେଉଁଠି ଗରିବୀର ଆଉଗୋଟେ ପରିଚୟ ଲେଖା...!! ଅନ୍ଧାର ଛାଇ ଆସୁଥିଲା ଟ୍ରେନ୍ ବଗିରେ... ଲକ୍ଷ୍ମଣ ହାତ ରଖିଲା ସୁକୁମାରୀ କାନ୍ଧରେ... ସୁକୁମାରୀ ଆଡ଼ ହୋଇଗଲା... ନା' ଥାଉ ଆଉ କେଉଁ ସୋହାଗ ଥାଏ କି ଜଳିଗଲା ମାଟିରେ...!!!

କା

PROGRESSIVES @ infiniti VISION SHOP

When it comes to perfect vision after 40, come what may be your profession or lifestyle, we have the perfect progressive spectacle lens for you. So choose the perfect progressives that matches your style, work and budget from the widest range of brands from around the world and also pick the perfect spectacle frame to go with it.

SURYANAGAR BHUBANESWAR

Mob. No. 9040215487 9861064659

CRP SQUARE BHUBANESWAR

MAHATAB ROAD CUTTACK

www.infinitivisionshop.com

e-News & Magazine

ମୂଳ ଜାପାନ:
ତୋଶି ମାରୁକି

ହିରୋଶିମାର ନିଆଁ

ସେହିଦିନ ସକାଳେ ହିରୋଶିମାରେ ଆକାଶ ନୀଳ ଓ ବାଦଲହୀନ ଥିଲା। ପରିଷ୍କାର ସୂର୍ଯ୍ୟାଲୋକ ପଡୁଥିଲା। କାମକୁ ବାହାରିଥିବା ଲୋକମାନଙ୍କୁ ଟାଉନ୍ ବସ୍ ଘରୁ ଉଠାଇ ନେଉଥିଲା। ହିରୋଶିମାର ସାତଟିଯାକ ନଦୀ ସହର ମଧ୍ୟ ଦେଇ କୁଳୁକୁଳୁ ନାଦ ଦେଇ ବହି ଯାଉଥିଲା। ଖରାଦିନର ସୂର୍ଯ୍ୟାଲୋକ ନଦୀର ଜଳରେ ଚିକ୍‌ଚିକ୍ କରୁଥିଲା।

ଏହା ଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧର ସମୟ। ଟୋକିଓ, ଓସାକା, ନାଗୋୟା ଏବଂ ଜାପାନର ଅନ୍ୟାନ୍ୟ ଅନେକ ସହରରେ ଆକାଶ ମାର୍ଗରୁ ଆକ୍ରମଣ ହେଉଥିଲା। ହିରୋଶିମାର ଲୋକମାନେ ଆଶ୍ଚର୍ଯ୍ୟ ହେଉଥିଲେ ଯେ ଏହି ଆକ୍ରମଣରୁ ସେମାନଙ୍କ ସହର କିପରି ରକ୍ଷା ପାଇବ। ଆକାଶ ମାର୍ଗରୁ ଆକ୍ରମଣରୁ ରକ୍ଷା ପାଇବା ପାଇଁ ସେମାନେ ଯଥୋଚିତ ପ୍ରସ୍ତୁତି କରିଥିଲେ। ନିଆଁ ନ ବ୍ୟାପିବା ପାଇଁ ସେମାନେ ପୁରୁଣା କୋଠାଗୁଡ଼ିକୁ ଭାଙ୍ଗି ଦେଇଥିଲେ ଏବଂ ସହରର ରାସ୍ତାକୁ ଅଧିକ ଚଉଡ଼ା କରିଥିଲେ। ସେମାନେ ବିଭିନ୍ନ ଜାଗାରେ ପାଣି ସଞ୍ଚୟ କରି ରଖିଥିଲେ ଏବଂ ବୋମାମାଡ଼ରୁ ରକ୍ଷା ପାଇବା ପାଇଁ ଲୋକମାନେ କେଉଁଆଡ଼େ ଯିବେ, ତାହା ସ୍ଥିର କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ନିଜ ପାଖରେ ଆବଶ୍ୟକୀୟ ଔଷଧ ରଖିଥିଲେ ଏବଂ ଯେତେବେଳେ ଘର ବାହାରକୁ ଯାଉଥିଲେ ନିଜ ମୁଣ୍ଡକୁ ରକ୍ଷା କରିବା ପାଇଁ ବିଶେଷ ପ୍ରକାର ଟୋପି ପିନ୍ଧୁଥିଲେ।

ହିରୋଶିମାରେ ସାତ ବର୍ଷର ଝିଅ ମୀ ନିଜ ମାତା ଓ ପିତାଙ୍କ ସହ ବାସ କରୁଥିଲା। ସେହିଦିନ ସକାଳେ ସେ ଓ ତା'ର ମାତାପିତା ଜଳଖିଆ ଖାଉଥିଲେ। ଜଳଖିଆ ପାଇଁ ତା' ମା' କନ୍ଦମୂଳ ପ୍ରସ୍ତୁତ କରିଥିଲେ। ତା'ର ମାଉସୀ ଝିଅ ଭଉଣୀ ପୂର୍ବଦିନ ଗାଁରୁ ଆସିବା ବେଳେ ଏହାକୁ ଆଣିଥିଲା। ସେହିଦିନ ସକାଳେ ମୀକୁ ବହୁତ ଭୋକ ଲାଗୁଥିଲା। କନ୍ଦମୂଳକୁ ଦେଖି ତା'ର ଭୋକ ଆହୁରି ବଢ଼ିଗଲା। ଏଣୁ କନ୍ଦମୂଳ ଜଳଖିଆ ପ୍ରସ୍ତୁତ କରିବା ପାଇଁ ବାପା ରାଜି ହେଲେ ଯଦିଓ ସେମାନେ ଭାତ ଖାଇବାକୁ ପସନ୍ଦ କରୁଥିଲେ।

ଏହି ସମୟରେ ଘଟଣାଟି ଘଟିଲା। ହଠାତ୍ ଚାରିଆଡ଼େ ଗୋଟିଏ ଭୟଙ୍କର ଆଲୋକ ଜଳି ଉଠିଲା। ପ୍ରଥମେ ଏହା ଉଜ୍ଜ୍ୱଳ ନାରଙ୍ଗୀ ରଙ୍ଗର ଥିଲା ଏବଂ ପରେ ଧଳା ରଙ୍ଗ ହେଲା। ଜଣାପଡ଼ିଲା ସତେ ଯେପରି ଆକାଶରୁ ଏକା ସାଙ୍ଗରେ ହଜାର ହଜାର ଚଡ଼ଚଡ଼ି ଖସି ପଡ଼ିଲା। ଏହାପରେ ପୃଥିବୀ ଥରି ଉଠିଲା, କୋଠାଗୁଡ଼ିକ ଦୋହଲିଗଲା ଓ ଆଖି ପିଛୁଳାକେ ସବୁ ଧୂଳିସାତ୍ ହୋଇଗଲା। ଏହି ଘଟଣାର ଠିକ୍ ପୂର୍ବରୁ ଯୁକ୍ତରାଷ୍ଟ୍ର ଆମେରିକା ବିମାନ ବାହିନୀର ବୋମା

e-News & Magazine

ନିକ୍ଷେପକାରୀ ଏନୋଲା ଗାଏ ସହର ଉପରେ ନିଜର ବିମାନ ଉଡ଼ାଇଥିଲେ ଏବଂ ସହର ଉପରେ ଗୋଟିଏ ଅତି ଗୋପନୀୟ ବିସ୍ଫୋରକ ବସ୍ତୁ ନିକ୍ଷେପ କରିଥିଲେ। ଏହି ବିସ୍ଫୋରକ ବସ୍ତୁ ଗୋଟିଏ ପରମାଣୁ ବୋମା ଥିଲା ଯାହାର ନାମ ଦିଆ ଯାଇଥିଲା 'ଛୋଟ ବାଳକ'। ଏହି ବୋମା ହିରୋଶିମା ଉପରେ ୧୯୪୫ ମସିହା ଅଗଷ୍ଟ ଛଅ ତାରିଖରେ ସକାଳ ଆଠଘଣ୍ଟା ୪୫ ମିନିଟ୍‌ରେ ପଡ଼ିଥିଲା।

ଆଲୋକର ତୀବ୍ରତାରେ ମୀ ବେହୋସ୍ ହୋଇଗଲା। ତା'ର ଚେତା ଫେରିବା ବେଳକୁ ତା' ଚାରିପଟ ସବୁଆଡ଼େ ଶାନ୍ତ ଓ ଅନ୍ଧାର ଥିଲା। ପ୍ରଥମେ ସେ ଉଠି ପାରିଲା ନାହିଁ। ଅନ୍ଧକାରରେ ତାକୁ କିଛି ଦେଖାଯାଉ ନ ଥିଲା। ସେ ଭୀଷଣ ଭାବେ ଭୟଭୀତ ହୋଇ ଯାଇଥିଲା। ଅନ୍ଧାରରେ ବହୁ ଦୂରରେ ସେ ଲାଲ୍ ରଙ୍ଗର ଆଲୋକ ଦେଖିପାରିଲା। ଚାରିଆଡ଼େ ନିଆଁ ଲାଗି ଯାଇଥିଲା।

ମୀ ଅନ୍ଧାରରେ ଦୂରରୁ ତା' ମାଆର ସ୍ୱର ଶୁଣି ପାରିଲା। ମା' ଆକୁଳରେ ତା' ନାଁ ଧରି ଡାକୁଥିଲେ। ମୀ ଉପରେ ଘରର ଅନେକ ଜିନିଷ ପତ୍ର ଓ ଇଟା ପଡ଼ିଥିଲା। ସେ ବହୁତ କଷ୍ଟରେ ତା' ମଧ୍ୟରୁ ବାହାରିଲା। ତା' ମାଆ ତା' ପାଖକୁ ଦୌଡ଼ିଦୌଡ଼ି ଆସିଲେ। ମୀ'କୁ ଦେଖି ସେ କାନ୍ଦି ପକାଇଲେ ଏବଂ ତାକୁ ନିବିଡ଼ ଭାବେ ଜାବୁଡ଼ି ଧରିଲେ। ମାଆ କହିଲେ, "ଆମେ ଡେରି କରିବା ନାହିଁ। ଆମକୁ ଜଲ୍‌ଦି ଏଠାରୁ ବାହାରିବାକୁ ପଡ଼ିବ। ଚାରିଆଡ଼େ ନିଆଁ ଲାଗିଗଲାଣି। ତୋ ବାପା ନିଆଁ ଭିତରେ ଅଟକି ଯାଇଛନ୍ତି।"

ମୀ ଓ ତା' ମାଆ ନିଆଁ ଆଡ଼କୁ ଚାହିଁ ପ୍ରାର୍ଥନା କଲେ। ଏହାପରେ ମାଆ ନିଆଁ ଭିତରକୁ ଡେଇଁ ପଡ଼ିଲେ ଓ କିଛି କ୍ଷଣ ପରେ ତା'ର ବାପାଙ୍କୁ ଧରି ବାହାରକୁ ଟାଣି ଆଣିଲେ। ବାପାଙ୍କୁ ପରୀକ୍ଷା କରି ସେ କହିଲେ, "ସେ ଖୁବ୍ ଜଳିପୋଡ଼ି ଯାଇଛନ୍ତି।" ମାଆ ପିନ୍ଧିଥିବା ସାଲ୍‌କୁ କାଢ଼ି ବାପାଙ୍କ ଦେହରେ ଗୁଡ଼ାଇଦେଲେ। ଏହାପରେ ମୀ ଦେଖିଲା ଯେ ମାଆ ବହୁତ ସାହସର ସହ ବାପାଙ୍କୁ ପିଠିରେ ଉଠାଇଲେ ଏବଂ ମୀ ହାତ ଧରି ଦୌଡ଼ିବାକୁ ଲାଗିଲେ।

ନଦୀ ଆଡ଼କୁ ଆଙ୍ଗୁଠି ଦେଖାଇ ମାଆ କହିଲେ, "ନଦୀ। ଆମମାନଙ୍କୁ ନଦୀ ପାଖରେ ପହଞ୍ଚିବା ଦରକାର।"

ତା'ପରେ ସେମାନେ ନଦୀ ଆଡ଼କୁ ଦୌଡ଼ିଲେ। ନଦୀ କୂଳରେ ପହଞ୍ଚି ତିନିଜଣଯାକ ହାତ ଧରାଧରି ହୋଇ ପାଣିକୁ ଲମ୍ଫ ଦେଲେ। ଏହା ମଧ୍ୟରେ ମୀ ମାଆର ହାତ ଛାଡ଼ି ଦେଇଥିଲା।

ତା'ର ମା' ବଡ଼ ପାଟିରେ କହିଲେ, "ମୀ-ଚାଙ୍ଗ ! ମୋତେ ଧରିବାକୁ ଚେଷ୍ଟା କର।" ମୀ ପୁଣି ମାଆର ହାତ ଧରି ପକାଇଲା।

ଅନୁବାଦ:

ମାୟାଧର ସ୍ୱାଇଁ

ଡାଇରେକ୍ଟର, ସ୍କୁଲ ଅଫ୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ
କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୨୪

ହଜାର ହଜାର ଲୋକ ନିଆଁଠାରୁ ଦୌଡ଼ି ବାହାରକୁ ଯାଉଥିଲେ। ପିଲାମାନଙ୍କର ପୋଷାକରେ ନିଆଁ ଲାଗି ଯାଇଥିବାର ଏବଂ ଓଠ ଓ ଆଖିପତା ଫୁଲି ଯାଇଥିବାର ମୀ ଦେଖିଲା। ସେମାନେ ଭୂତ ଭଳି ଦେଖା ଯାଉଥିଲେ। ସେମାନଙ୍କର ଜୋର୍‌ରେ କାନ୍ଦିବା ପାଇଁ ମଧ୍ୟ ଶକ୍ତି ନ ଥିଲା। ହାଲିଆ ହୋଇ କେତେଜଣଙ୍କ ଚାଲିବା ପାଇଁ ଆଉ ବଳ ନ ଥିଲା। କେତେଜଣ ପିଲା ତଳେ ମୁହଁମାଡ଼ି ପଡ଼ିଗଲେ ଏବଂ ଆଉ କେତେଜଣ ସେମାନଙ୍କ ଉପରେ ପଡ଼ିଗଲେ। ଯୁଆଡ଼େ ଚାହିଁଲେ ଗଦାଗଦା ଲୋକ ପଡ଼ିଥିବାର ଦେଖାଗଲା।

ମୀ ଏବଂ ତା'ର ମାଆ ଓ ବାପା କୌଣସିଠାରେ ନ ଅଟକି ଆଗକୁ ଆଗକୁ ଚାଲୁଥିଲେ। ସେମାନେ ଗୋଟିଏ ନଦୀ ଅତିକ୍ରମ କରିବା ପରେ ଆଉ ଗୋଟିଏ ନଦୀ ପାର ହେଲେ। ନଦୀର ଅନ୍ୟ କୂଳରେ ପହଞ୍ଚିବା ପରେ ମୀ ଓ ତା' ବାପାଙ୍କୁ ତା'ର ମା'ତଳେ ବସାଇଦେଲେ। ଏହାପରେ ସେ ସେମାନଙ୍କ ପାଖରେ ପଡ଼ିଗଲେ।

ତା' ପାଦ ତଳେ କ'ଣ ଗୋଟାଏ ଡେଉଁଥିବାର ମୀ ଅନୁଭବ କଲା। ତା' ଗୋଟିଏ ଘରଚଟିଆ ଚଢ଼େଇ। ତା'ର ଡେଣା ଦୁଇଟି ନିଆଁରେ ପୋଡ଼ି ଯାଇଥିଲା। ଏଣୁ ସେ ଉଡ଼ି ପାରୁ ନ ଥିଲା। ସେ ଡେଇଁଡେଇଁ ଆଗକୁ ଗଲା।

ନଦୀରେ ଜଣେ ଲୋକ ଧୀରେଧୀରେ ତଳ ଆଡ଼କୁ ଭାସି ଯାଉଥିବାର ମୀ ଦେଖିପାରିଲା। ତା' ପଛରେ ଗୋଟିଏ ବିରାଡ଼ିର ଶବ ଭାସିଭାସି ଯାଉଥିଲା।

ମୀ ମୁହଁ ବୁଲାଇ ଜଣେ ଯୁବତୀଙ୍କୁ ଦେଖିଲା। ଯୁବତୀଜଣଙ୍କ ଗୋଟିଏ ଛୋଟ ଶିଶୁକୁ ଧରିଥିଲେ ଏବଂ କାନ୍ଦୁଥିଲେ। ସେ କହିଲେ, "ଆମେ ଦୌଡ଼ି ଦୌଡ଼ି ଏତେ ବାଟ ଆସିଗଲୁ ଏବଂ ତାକୁ କ୍ଷୀର ଖୁଆଇବା ପାଇଁ ମୁଁ ଅଟକିଲି। କିନ୍ତୁ ସେ କ୍ଷୀର ପିଉନାହିଁ। ମୋ ପୁଅ ମରିଯାଇଛି।" ଯୁବତୀଟି ନିଜ ପୁଅର ଶବକୁ ଧରି ନଦୀ ଭିତରକୁ ପଶିଲା। କ୍ରମେ ସେ ଆଗକୁ ଆଗକୁ ଗଲା ଏବଂ ମୀ ଆଉ ତାକୁ ଦେଖି ପାରିଲା ନାହିଁ।

କ୍ରମେ ଆକାଶ ଅନ୍ଧକାର ହେଲା। ଘଡ଼ଘଡ଼ିର ଗର୍ଜନ ଶୁଣାଗଲା ଏବଂ ବର୍ଷା ହେଲା। ଯଦିଓ ଏହା ଖରାଦିନ ଥିଲା, ବହୁତ ଥଣ୍ଡା ଲାଗୁଥିଲା। ବର୍ଷା ପାଣି କଳା ରଙ୍ଗ ଓ ଅଠାଳିଆ ଥିଲା। ଏହାପରେ ଆକାଶରେ ଗୋଟିଏ ଇନ୍ଦ୍ରଧନୁ ଦେଖାଦେଲା। କ୍ରମେ ଅନ୍ଧାର ଦୂରେଇ ଯାଇ ଆକାଶ ପରିଷ୍କାର ହେଲା। ମୀ ଅନେକ ଲୋକଙ୍କୁ ମରି ପଡ଼ିଥିବାର ଦେଖିଲା। ଅନେକ ଲୋକ କ୍ଷତାକ୍ତ ହୋଇ ଆର୍ତ୍ତଚିତ୍କାର କରୁଥିଲେ।

ମୀ'ର ମା' ତା'ର ବାପାଙ୍କୁ ନିଜ ପିଠିରେ ରଖିଲେ ଏବଂ ମୀ'କୁ ହାତରେ ଧରି ପୁଣି ଜୋର୍‌ରେ ଚାଲିବାକୁ ଲାଗିଲେ। ସେମାନଙ୍କ ଆଡ଼କୁ ନିଆଁ ମାଡ଼ି ଆସୁଥିଲା। ଘର ଭାଙ୍ଗିଯାଇ ରାସ୍ତା ଉପରେ ଭଙ୍ଗା ଟାଇଲ, ଟେଲିଫୋନ୍ ଖୁଣ୍ଟ ଓ ତାର ଆଦି ପଡ଼ିଥିଲା। ସେମାନେ ସେହିସବୁ ଉପରେ ମଧ୍ୟ ଦୌଡ଼ି ଦୌଡ଼ି ଯାଉଥିଲେ। ଚାରିଆଡ଼େ ଘରଗୁଡ଼ିକ ଜଳୁଥିଲା। ସେମାନେ ଆଉ ଏକ ନଦୀ ନିକଟରେ ପହଞ୍ଚିଲେ ଏବଂ ନଦୀ ପାର ହେବା ପାଇଁ ତା' ଭିତରେ ପଶିଲେ। ପାଣି ଭିତରେ ମୀ'କୁ ହଠାତ୍ ଅବଶ ଲାଗିଲା। ସେ କିଛି ଜାଣିବା ପୂର୍ବରୁ ସେ କିଛି ପାଣି ପିଇ ଦେଇଥିଲା। ତା'ର ମା' ତା' ମୁଣ୍ଡକୁ ପାଣି ଉପରକୁ ଟାଣି ଆଣିଲେ। ସେମାନେ ନଦୀର ଅନ୍ୟ କୂଳରେ ପହଞ୍ଚିଗଲେ ଏବଂ ପୁଣି ଦୌଡ଼ିବାକୁ ଲାଗିଲେ।

ବହୁ ସମୟ ଦୌଡ଼ିବା ପରେ ସେମାନେ ହିରୋଶିମା ସହର ବାହାରେ ଥିବା କୂଳରେ ପହଞ୍ଚିଲେ। ସେମାନେ ପାଣି ଭିତରେ ମିୟାଜିମା ଦ୍ୱୀପକୁ ଦେଖି ପାରିଲେ। ମୀ'ର ମା' ଭାବିଲେ ଯେ ସେମାନେ ଡଙ୍ଗାରେ ଦ୍ୱୀପକୁ ଯାଇ ପାରିବେ। ମିୟାଜିମା ଚାରିପଟେ ପରିଷ୍କାର ପାଣି ଥିଲା ଏବଂ ଦ୍ୱୀପରେ ଅନେକଗୁଡ଼ିଏ ସୁନ୍ଦର ପାଇନ୍ ଓ ମାପ୍‌ଲ ଗଛ ଥିଲା। ସେମାନେ ଭାବିଲେ ଯେ ସେମାନଙ୍କଠାରୁ ନିରାପତ୍ତା ଆଉ ବେଶୀ ଦୂର ନୁହେଁ। ଏଣୁ ଆଶ୍ୱସ୍ତ ହୋଇ ସେମାନେ ଶୋଇଗଲେ।

ସୂର୍ଯ୍ୟ ଦିଗ୍‌ବଳୟରେ ଲୁଚିଗଲେ। ରାତି ଆସିଲା ଓ ଚାଲିଗଲା। ପୁନଶ୍ଚ ସୂର୍ଯ୍ୟ ଉଦୟ ହେଲେ ଓ ପୁଣି ଅସ୍ତ ହୋଇଗଲେ ଏବଂ ପୁଣି ତୃତୀୟ ଥର ପାଇଁ ଉଦୟ ହେଲେ।

ମୀ'ର ମା' ଆଖି ଖୋଲି ଚାରିଆଡ଼କୁ ଚାହିଁଲେ। ପାଖରେ ଯାଉଥିବା ଜଣେ ଲୋକଙ୍କୁ ସେ ପଚାରିଲେ, "ଆଜି କେଉଁଦିନ, ଦୟାକରି କୁହନ୍ତୁ।"

ଲୋକଜଣଙ୍କ ଉତ୍ତର ଦେଲେ, "ଆଜି ନଅ ତାରିଖ।"

e-News & Magazine

ମାଆ ଆଙ୍ଗୁଠି ଗଣିଲେ। ସେ ଆଶ୍ଚର୍ଯ୍ୟରେ ପାଟି କରି କହିଲେ, "ଚାରିଦିନ ! ଆମେମାନେ ଏଠାରେ ଚାରିଦିନ ଧରି ଅଛୁ ?"

ମୀ ଧୀରେଧୀରେ କାନ୍ଦିବାକୁ ଲାଗିଲା। ସେମାନଙ୍କ ନିକଟରେ ଜଣେ ପ୍ରୌଢ଼ା ପଡ଼ିଥିଲେ। ସେ ଉଠି ବସିଲେ ଏବଂ ନିଜ ଝୁଲାରୁ କିଛି ଭାତ ବାହାର କରି ମୀ'କୁ ଦେଲେ। ମୀ ଏହାକୁ ତାଙ୍କଠାରୁ ନେଲା। ପ୍ରୌଢ଼ା ଜଣଙ୍କ ପୁଣି ତଳେ ପଡ଼ିଗଲେ। ଏଥର ସେ ଆଉ ହଲଚଲ ହେଲେ ନାହିଁ।

ନିକଟସ୍ଥ ଗାଁରୁ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଲୋକ କେଇଜଣ ଆସିଲେ। ସୈନ୍ୟମାନେ ଆସି ଶବଗୁଡ଼ିକୁ ନେଇଗଲେ। ଭାଙ୍ଗିଯାଇ ନ ଥିବା ଗୋଟିଏ ସ୍କୁଲ କୋଠାକୁ ଡାକ୍ତରଖାନାରେ ପରିଣତ କରା ଯାଇଥିଲା। ମୀ' ଓ ତା'ର ମା' ତା' ବାପାଙ୍କୁ ସେଠାକୁ ନେଲେ। ସେଠାରେ ଡାକ୍ତର ନ ଥିଲେ। ଔଷଧ କିମ୍ବା ପଟି ମଧ୍ୟ ନ ଥିଲା। କେବଳ ଆଶ୍ରୟ ନେବା ପାଇଁ ଜାଗା ଥିଲା।

ଡାକ୍ତରଖାନାରେ ତା' ବାପା ଟିକିଏ ସୁସ୍ଥ ହେବା ପରେ ମୀ' ଓ ତା' ମା' ସହରକୁ ଫେରି ନିଜ ଘର ଅବସ୍ଥା ଦେଖିବାକୁ ସ୍ଥିର କଲେ। ହିରୋଶିମାରେ କେଉଁଠାରେ ଘାସ, ଗଛ କିମ୍ବା ଘରଟିଏ ମଧ୍ୟ ଦେଖିବାକୁ ମିଳିଲାନି। ସେମାନଙ୍କ ଆଖି ଯେ ପର୍ଯ୍ୟନ୍ତ ଦେଖିପାରୁଥିଲା, ତାହା କେବଳ ଗୋଟିଏ ପୋଡ଼ାଜଳା ପତିତ ଜମିହିଁ ଥିଲା। ସହରର ସବୁକିଛି ଧ୍ୱଂସ ହୋଇ ଯାଇଥିଲା। ମୀ ନିଜ ଘରେ ପହଞ୍ଚି କେବଳ ଗୋଟିଏ ଖାଇବା ବାସନ ପାଇଲା। ଏଥିରେ କିଛି କନ୍ଦମୂଳ ତଥାପି ଥିଲା।

ସେଦିନ ଥିଲା ୧୯୪୫ ମସିହା ଅଗଷ୍ଟ ମାସ ୯ ତାରିଖ। ମୀ ଓ ମା' ହିରୋଶିମାର ଧ୍ୱଂସସ୍ତୂପକୁ ଅବାକରେ ଚାହିଁ ରହିଥିଲେ। ସେହିଦିନ ନାଗାସାକିରେ ଆଉ ଗୋଟିଏ ପରମାଣୁ ବୋମା ପଡ଼ିଲା। ହିରୋଶିମା ଭଳି ସେଠାରେ ମଧ୍ୟ ହଜାର ହଜାର ବ୍ୟକ୍ତି ପ୍ରାଣ ହରାଇଲେ। ଯେଉଁମାନେ ଏଥିରୁ ବର୍ତ୍ତି ଯାଇଥିଲେ ସେମାନେ ବାସହରା ହୋଇଗଲେ। ମୃତାହତ ଲୋକମାନଙ୍କ ମଧ୍ୟରେ ଜାପାନ ବ୍ୟତୀତ କୋରିଆ, ଚାଇନା, ରୁଷିଆ, ଇଣ୍ଡୋନେସିଆ ଓ ଯୁକ୍ତରାଷ୍ଟ୍ର ଆମେରିକାର ଲୋକ ମଧ୍ୟ ଥିଲେ।

ପୂର୍ବରୁ ବ୍ୟବହୃତ ଅନ୍ୟ ବୋମା ଭଳି ପରମାଣୁ ବୋମା ନ ଥିଲା। ହଜାର ହଜାର ପାରମ୍ପରିକ ବୋମା ଏକାସାଥିରେ ବିସ୍ଫୋରଣ ହେଲେ ଯେତିକି କ୍ଷତି ହେବ, ଗୋଟିଏ ପରମାଣୁ ବୋମାର କ୍ଷତି ତାହାଠାରୁ ଅଧିକ ଥିଲା। ପୁନଶ୍ଚ ଏହା ପଡ଼ିଥିବା ଅଞ୍ଚଳରେ ତେଜସ୍କ୍ରିୟ ବିକିରଣ ନିର୍ଗତ କରିଥିଲା ଯାହା ଯୋଗୁଁ ବିସ୍ଫୋରଣର ଅନେକ ବର୍ଷ ପର୍ଯ୍ୟନ୍ତ ଲୋକମାନେ ମୃତ୍ୟୁ ବରଣ କରିବା ସହ ଅନେକ ରୋଗର ଶିକାର ହୋଇଥିଲେ।

ସେହିଦିନଠାରୁ ମୀ ଆଉ ବଢ଼ିଲା ନାହିଁ। ଅନେକ ବର୍ଷ ବିତି ଯାଇଥିଲେ ମଧ୍ୟ ସାତ ବର୍ଷ ବୟସ ବେଳେ ସେ ଯେତିକିଟିଏ ଥିଲା, ଠିକ୍ ସେହିପରି ରହିଥିଲା। ତା'ର ମା' କୁହନ୍ତି ଯେ, "ବୋମାର ପ୍ରଭାବ ଯୋଗୁଁ ଏପରି ହୋଇଛି।" ବେଳେବେଳେ ମୀ ଅଭିଯୋଗ କରୁଥିଲା ଯେ ତା'ର ମୁଣ୍ଡ କୁଣ୍ଡାଇ ହେଉଛି। ତା' ମା' ମୁଣ୍ଡର କେଶକୁ ଅଲଗା କରି ମୁଣ୍ଡରେ ଚିକ୍‌ଚିକ୍ କରୁଥିବା କିଛି ପଦାର୍ଥ ଦେଖିପାରିଲେ ଏବଂ ଗୋଟିଏ ଛୋଟ ଚିମୁଟାରେ ସେସବୁକୁ ବାହାର କରି ଆଣିଲେ। ଆଃ ! ଏହା ହେଉଛି କାଚ ! ବାସ୍ତବରେ ବୋମା ଫୁଟିବା ପରେ କିଛି କାଚ ଟୁକୁରା ତା' ଖପୁରିରେ ପଶି ଯାଇଥିଲା।

ମୀ ବାପାର ଶରୀରରେ ସାତଟି କ୍ଷତ ଥିଲା। କିନ୍ତୁ ଏହା ଧୀରେଧୀରେ ଶୁଖିଗଲା ଏବଂ ସେ ଭାବିଲେ ଯେ ସେ ସୁସ୍ଥ ହୋଇଗଲେ। ମାତ୍ର ବୋମା ପଡ଼ିବାର ଅଳ୍ପ କିଛି ଦିନ ପରେ ଦିନେ ତାଙ୍କ ମୁଣ୍ଡରୁ କେଶ ଝଡ଼ି ପଡ଼ିଲା ଓ ସେ ରକ୍ତ ବାନ୍ତି କଲେ। ତାଙ୍କ ସାରା ଶରୀରରେ ଲାଲ୍‌ରଙ୍ଗର ଦାଗ ଦେଖାଦେଲା ଏବଂ ସେ ମରିଗଲେ।

ବୋମା ପ୍ରଭାବରୁ ରକ୍ଷା ପାଇ ଯାଇଥିବା ଅନେକ ଲୋକ ଆଶ୍ୱସ୍ତିର ସହ କହିଥିଲେ, "ଭଗବାନଙ୍କୁ ଧନ୍ୟବାଦ। ଆମେ ବଞ୍ଚିଗଲୁ।" ମାତ୍ର କିଛିଦିନ ପରେ ତେଜସ୍କ୍ରିୟ ବିକିରଣ ଯୋଗୁଁ ସେମାନେ ରୋଗାକ୍ରାନ୍ତ ହେଲେ। ଯଦିଓ ଏହା ୧୯୪୫ ମସିହାରେ ଘଟିଥିଲା, କେତେକ ଲୋକ ଏବେ ମଧ୍ୟ ଡାକ୍ତରଖାନାରେ ଅଛନ୍ତି। ସେମାନଙ୍କ ରୋଗ ପାଇଁ କୌଣସି ଚିକିତ୍ସା ନାହିଁ।

ପ୍ରତିବର୍ଷ ଅଗଷ୍ଟ ଛଅ ତାରିଖରେ ହିରୋଶିମାର ଲୋକମାନେ ବୋମାରେ ମୃତ୍ୟୁବରଣ କରିଥିବା ଆତ୍ମୀୟସ୍ୱଜନମାନଙ୍କ ନାମକୁ ଲଣ୍ଠନରେ ଲେଖନ୍ତି। ଲଣ୍ଠନକୁ ପ୍ରଜ୍ୱଳିତ କରି ହିରୋଶିମା ଦେଇ ପ୍ରବାହିତ ହେଉଥିବା ସାତଟି ନଦୀରେ ଭସାଇ ଦିଅନ୍ତି। ନଦୀଗୁଡ଼ିକ ମୃତକମାନଙ୍କ ସ୍ମୃତିର ଲଣ୍ଠନଗୁଡ଼ିକୁ ନେଇ ଧୀରେଧୀରେ ଯାଇ ସମୁଦ୍ରରେ ମିଶିଥାଆନ୍ତି।

ମୀ ଏବେ ମଧ୍ୟ ଛୋଟ ପିଲାଟିଏ ଭଳି ଅଛି। ସେ ଗୋଟିଏ ଲଣ୍ଠନରେ 'ବାପା' ଲେଖି ନଦୀରେ ଭସାଇଦିଏ। ତା' ମାଆର କେଶ ବର୍ତ୍ତମାନ ଧଳା ହୋଇଯାଇଛି। ମୀ ନଦୀରେ ଲଣ୍ଠନକୁ ଭସାଇବା ବେଳେ ତା' ମାଆ ଦୁଃଖରେ ଚାହିଁଥାଆନ୍ତି। ସେ କହନ୍ତି, "ଯଦି କେହି ବୋମା ନ ପକାଏ, ତା'ହେଲେ ଏପରି ଆଉ କଦାପି ହେବ ନାହିଁ।" କା

e-News & Magazine

ମୋ ଝର୍କାରୁ ପୃଥିବୀ

(୧୮)

(ଭ୍ରମଣ କାହାଣୀ 'ମୋ ଝର୍କାରୁ ପୃଥିବୀ' ୧୯୯୧ରୁ ୧୯୯୩ ପର୍ଯ୍ୟନ୍ତ ଧାରାବାହିକ ଭାବରେ 'ସୁଚରିତା'ରେ ପ୍ରକାଶ ପାଇ ଲୋକପ୍ରିୟ ହୋଇଥିଲା। ପରେ ଏହାର ଦ୍ୱିତୀୟ ଭାଗ ଲେଖିବା କଥା ମୋତେ ଅନେକ ପାଠକ ପାଠିକା କହିଥିଲେ। ବିଭିନ୍ନ କାରଣରୁ ତାହା ଆଉ ସମ୍ଭବ ହୋଇପାରି ନ ଥିଲା। ମୋର ମନେହୁଏ ସବୁ ପାଇଁ ଗୋଟିଏ ଉପଯୁକ୍ତ ସମୟ ଥାଏ। ଏବେ କଲମ ଧରିଲେ 'ମୋ ଝର୍କାରୁ ପୃଥିବୀ' ଲେଖିବା ପାଇଁ ନିଜ ଭିତରୁ ଏଭଳି ଆଗ୍ରହ ଆସୁଛି ଯେ, ତାକୁ ମୁଁ ଆଡ଼େଇ ଦେଇ ପାରୁନାହିଁ। ଆଶା କରୁଛି, ପ୍ରଥମ ଭାଗ ଭଳି 'କାଦମ୍ବିନୀ'ରେ ପ୍ରକାଶିତ ଦ୍ୱିତୀୟ ଭାଗଟି ମଧ୍ୟ ପାଠକ ପାଠିକାଙ୍କୁ ଭଲ ଲାଗିବ। - ଲେଖିକା)

ସୁସ୍ମିତା ବାଗ୍‌ଚୀ

ଏସ୍.ଜିଓ-୫, ୟୁନିଟ୍-୬, ଭୁବନେଶ୍ୱର

ପ୍ରିୟ ପାରିବାରିକ ପତ୍ରିକା
ଆମର, ଆପଣମାନଙ୍କର, ଆମ ସମସ୍ତଙ୍କର

ବେଲ୍ ମିଡ୍

୧ ସେପ୍ଟେମ୍ବର, ୨୦୦୨

ସ୍ନେହର ମିତୁ,

ଆଟ୍‌ଲାଣ୍ଟିକ୍ ମହାସାଗର ଉପର ଦେଇ ଉଡ଼ିଯାଉଛି ଆମର ବିମାନ। ଆଠ ଘଣ୍ଟାର ଫ୍ଲାଇଟ୍। ତା' ପୁଣି ଦିନ ବେଳା। ନିଦ ହେବାର ସମ୍ଭାବନା ଆଦୌ ନାହିଁ। ସେଥିପାଇଁ ଚିଠି ଲେଖିବା ପାଇଁ କାଗଜ କଲମ ଧରି ବସିଛି। ମନ ଚାଲିଯାଉଛି ପଛକୁ ପଛକୁ। ସ୍କଟ୍‌ଲ୍ୟାଣ୍ଡର ସ୍ମୃତି ଭିତରେ ହଜି ଯାଉଛି ମୁଁ। ଏହା ପୂର୍ବର ଚିଠିରେ ମୁଁ ତୋତେ କହିଥିଲି ଯେ ଆମେରିକା ଫେରିବା ସମୟରେ ଚିଠି ଲେଖିବି। ଗତ ଦୁଇ ଦିନର ବିବରଣୀ ଜାଣିବାକୁ ତୁ ନିଶ୍ଚୟ ଆଗ୍ରହର ସହିତ ଅପେକ୍ଷା କରିଥିବୁ।

ତୁ ତ ଜାଣିଛୁ, ଅଗଷ୍ଟ ୩୦ ତାରିଖ ଦିନ ଆମର ଲକ୍ ନେସ୍ ଯିବାର ପ୍ରୋଗ୍ରାମ ପ୍ରଥମରୁ ସ୍ଥିର ହୋଇଯାଇଥିଲା। ଗୌତମ କହିଥିଲେ ସକାଳୁ ଯେମିତି ଆମେ ଶୀଘ୍ର ପ୍ରସ୍ତୁତ ହୋଇଯାଉ। ଭୋରରୁ ଉଠିବା କଥା ହେଲେ ଗିଁଟିର କେତେ ରକମର ବାହାନା ଆରମ୍ଭ ହୋଇଯାଏ। 'ଆଉ ପାଞ୍ଚ ମିନିଟ୍ ଶୋଇବି', 'ଆଉ ଦୁଇ ମିନିଟ୍, ପ୍ଲିଜ୍' କରି କରି ସେ ଉଠିବାକୁ ବେଶ୍ ଡେରି କରିଦିଏ। ଅଥଚ ଆଶ୍ଚର୍ଯ୍ୟର କଥା, ମୋର ଯେତେବେଳେ ନିଦ ଭାଙ୍ଗିଲା, ସେତେବେଳକୁ ଗିଁଟି ଗାଧୋଇ ସାରିଛି। ମୋତେ ତ ପ୍ରସ୍ତୁତ ହେବାକୁ ସମୟ ଲାଗେନାହିଁ। ଆମେ କ୍ୟାମେରା, ସନ୍ ଗ୍ଲାସ୍ ଆଉ କେତେଟା ଆବଶ୍ୟକୀୟ ଜିନିଷ ବ୍ୟାଗ୍‌ରେ ରଖି ରୋଷେଇଘରକୁ ଚାଲି ଆସିଲୁ। ବାହାରେ ତଥାପି ଛାପିଛାପିକିଆ ଅନ୍ଧାର। ଅଳ୍ପ ସମୟ ପରେ ଗୌତମ ଆସିଲେ। ସେ ଆମକୁ ଦେଖି ଆଶ୍ଚର୍ଯ୍ୟ। ଗିଁଟି ତାଙ୍କୁ କହିଲା, 'ୟୁ ଆର୍ ଲେଟ୍, ଗୌତମ ଅଙ୍କଲ୍।'

ଗୌତମ ଉତ୍ତର ଦେଲେ, 'ଲେଟ୍ ଆଦୌ ନୁହଁ। ତୁମେମାନେ ଶୀଘ୍ର ବାହାରି ପଡ଼ିଛ। ... ଆଜି ଏତେ ଶୀଘ୍ର କେମିତି ନିଦ ଭାଙ୍ଗିଗଲା, ଗିଁଟି ? 'ନେସି କା ନଶା' ଛା ଗୟା ହୈ କ୍ୟା ?'

ଟୋଷ୍ଟରେ ଜ୍ୟାମ୍, ବଟର୍ ଲଗେଇ ଖାଇ ଦେଇ ଆମେ ବାହାରି ଆସିଲୁ। ସେପର୍ଯ୍ୟନ୍ତ ମାଧୁରିମା ଆଉ ପୁଅ ଦୁଇ ଜଣ ଉଠି ମଧ୍ୟ ନ ଥାଆନ୍ତି। ଡଣ୍ଡିରୁ ଲକ୍ ନେସ୍ ତିନି ଘଣ୍ଟାର ବାଟ। ମଝିରେ ଚାହା ପିଇବା ପାଇଁ ପନ୍ଦର କୋଡ଼ିଏ ମିନିଟ୍ ପାଇଁ ରହି ଆମେ ଯେତେବେଳେ ବିଶାଳ ହ୍ରଦ ପାଖରେ ପହଞ୍ଚିଲୁ, ସେତେବେଳେ ସାଢ଼େ ଦଶଟା। ୩୬ କିଲୋମିଟର୍ ଲମ୍ବା ହ୍ରଦ। ହ୍ରଦ କଡ଼ରେ କଡ଼ରେ ଗଢ଼ି ଉଠିଛି ଛୋଟ ବଡ଼ ହୋଇ ଅନେକ ବସତି। ସେସବୁକୁ ସହର ତ କହି ହେବ ନାହିଁ। ତେବେ ପର୍ଯ୍ୟଟକମାନଙ୍କର ଦୟାରୁ ଗାଁ ହୋଇ ମଧ୍ୟ ରହିନାହିଁ। ମ୍ୟାପ୍ ଦେଖି ଦେଖି ଗୌତମ ଚାଲିଥିଲେ। ଶେଷରେ ଗାଡ଼ି ଅଟକେଇଲେ ଲକ୍ ନେସ୍‌ର ପଶ୍ଚିମ ତୀରରେ। ସେଇଠି ରହିଥିଲା 'ଲକ୍ ନେସ୍ ସେଣ୍ଟର୍'। ଆଉ ସେଣ୍ଟର୍‌ର ପରିସରରେ ଚାଲିଥିଲା ପ୍ରଦର୍ଶନୀଟିଏ। ଆମେ ସେଣ୍ଟର୍ ଓ ପ୍ରଦର୍ଶନୀ ଦେଖିବାକୁ ଟିକେଟ କାଟି ଭିତରେ ପଶିଲୁ। ଆମ ମନରେ କୌତୂହଳ।

ଅଳ୍ପ ସମୟ ଭିତରେ ମୁଁ ବୁଝିଗଲି ଯେ ଏଇ ସେଣ୍ଟର୍‌ରେ ହ୍ରଦର ଭୂତତ୍ତ୍ୱ ତଥ୍ୟ ପ୍ରାୟ ନାହିଁ। ହ୍ରଦ ଭିତରେ ରହୁଥିବା ସମ୍ଭାବ୍ୟ ଦାନବ ସମ୍ପର୍କରେ ପରିଚର୍ଚ୍ଚା ଅଧିକ। ବିଷୟ ସେଇ ଏକ। ନେସି। ଅର୍ଥାତ୍, ସେଇ 'ଲକ୍ ନେସ୍ ମନ୍‌ଷ୍ଟର।' ପ୍ରଦର୍ଶନୀଟି ମଧ୍ୟ ଭିନ୍ନ ନୁହଁ। କେବଳ ବାହ୍ୟିକ ମାତ୍ର।

ପର୍ଯ୍ୟଟକମାନଙ୍କୁ ଟାଣି ଧରିବା ପାଇଁ କୌଣସି ପ୍ରମାଣ ନ ଥିବା ତଥ୍ୟମାନ କେବଳ ସଜାଡ଼ି ରଖା ହୋଇଛି। କିଛି ଖବରକାଗଜର ରିପୋର୍ଟ। କିଛି ଡକୁମେଣ୍ଟାରି। ପୁଣି 'ନେସି ଦାନବ'ର କେତେଟା ମନଗଢ଼ା ମୂର୍ତ୍ତି। ଏଇତକ ଦେଖିବା ପାଇଁ ଆମେ ଯାହା ଟିକେଟ୍ କାଟି ଭିତରକୁ ପଶିଥିଲୁ! ତେବେ ଦୋଷ ଠିକ୍ ପରିଚାଳନା କମିଟିକୁ ଦେଇ ହେବନାହିଁ। ଅଧିକାଂଶ ପର୍ଯ୍ୟଟକ ତ ଆମ ଭଳି ନୁହନ୍ତି। ସେମାନେ ଭୟ ପାଇବାକୁ ଚାହାନ୍ତି। ନିଜ ଭିତରେ ଉତ୍ତେଜନା ଅନୁଭବ କରିବାକୁ ଚାହାନ୍ତି। ସେମାନଙ୍କର ମନ ତ ରଖିବାକୁ ହେବ। ଆଉ ପରିଚାଳନା କମିଟି ଯଦି ସେଇ ମାଧ୍ୟମରେ କିଛି ଅର୍ଥ ରୋଜଗାର କରିପାରିଲା, ତା'ହେଲେ କ୍ଷତି କ'ଣ? କିଛି ନ ହେଲେ ହ୍ରଦଟିକୁ ପରିଷ୍କାର ରଖିବାର ଖର୍ଚ୍ଚ ତ ଉଠିଯିବ।

ଅଳ୍ପ ସମୟ ଭିତରେ ଆମେ ପ୍ରଦର୍ଶନୀରୁ ବାହାରି ଆସିଲୁ। ପାଖରେ 'ଗିଫ୍ଟ ଶପ୍'ଟିଏ। ତା' ଭିତରେ ଆମେ ପଶିଲୁ। ଯଦି କିଛି ସୁନ୍ଦର ଜିନିଷ ଆଖିରେ ପଡ଼ିଯାଏ। ହେଲେ ମିତ୍ର, ସେଠି କୌଣସି ସ୍ଥାନୀୟ ଜିନିଷ ନାହିଁ। ଥାକମାନଙ୍କରେ ସଜଡ଼ା ହୋଇ ରଖା ହୋଇଥିଲା ଚୀନ୍‌ରେ ତିଆରି ନିମ୍ନ ମାନର ଜିନିଷପତ୍ର।

ଗିଟିର ମନ ଭାଙ୍ଗିଗଲା। ସେ କହିଲା ଯେ ଏହା ଅପେକ୍ଷା ଢେର ଭଲ ହ୍ରଦ କୂଳେ କୂଳେ ଗାଡ଼ି ନେଇ ବୁଲିବା। ଯେତେ ଯାହା ହେଲେ ସ୍କଟ୍‌ଲ୍ୟାଣ୍ଡର ଦ୍ୱିତୀୟ ବୃହତ୍ତମ ହ୍ରଦ। 'ନେସି ଦାନବ' ଦେଖିବାକୁ ମିଳିଲା ନାହିଁ ବୋଲି ହ୍ରଦର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ତ ଅଣଦେଖା କରି ଦେଇ ହେବନାହିଁ।

ଗାଡ଼ି ନେଇ ହ୍ରଦ କୂଳରେ ବୁଲୁବୁଲୁ ଆଖିରେ ପଡ଼ିଲା ଛୋଟ ଧଳା ଘରଟିଏ। ନାଲି ଟାଇଲ୍ ଘେରା ଛାତ ଉପରେ ଲତା ମାଡ଼ିଛି। ସେଥିରୁ ଓହଳି ପଡ଼ିଛି ବିଭିନ୍ନ ରଙ୍ଗର ପେନ୍ଥା ପେନ୍ଥା ଫୁଲ। ସାମ୍ନାର ଧଳା ଫାଟକଟି ଖୋଲା। ଫଳକଟିଏ ଲାଗିଛି- 'ଡୋରେସ୍ ଇନ୍'।

ଗିଟି କହିଲା, 'କି ସୁନ୍ଦର! ଭିତରକୁ ଯାଇ ହେବ ନାହିଁ, ଗୌତମ ଅଙ୍କଲ୍?'

ନ ଯାଇ ପାରିବାର କୌଣସି କାରଣ ନାହିଁ। ଗୌତମ ଧଳା ଫାଟକ ଭିତରେ ଗାଡ଼ି ପୂରାଇଲେ। 'ଡୋରେସ୍ ଇନ୍' ହେଉଛି ଗୋଟିଏ ଛୋଟ ରେସ୍ତୋରାଁ। ସ୍ଥାନୀୟ ପରିବାରଟିଏ ଚଳାନ୍ତି ସେଇଟିକୁ। ସେଥିପାଇଁ ମେନୁଟି ସଂକ୍ଷିପ୍ତ। ଗିଟି ପାଇଁ ନିରାମିଶ ଖାଦ୍ୟ ମିଳିବ କି ନାହିଁ, ତା' ନେଇ ଚିନ୍ତା ଥିଲା। କିନ୍ତୁ 'ଇନ୍' ଚଳାଉଥିବା ଭଦ୍ରମହିଳା କହିଲେ ଯେ ଚିନ୍ତା କରିବାର କିଛି ନାହିଁ। ସେ ଗିଟି ପାଇଁ ମେନୁରେ ନ ଥିବା ନିରାମିଶ ଖାଦ୍ୟ ପ୍ରସ୍ତୁତ କରି ଆଣିଦେବେ। ତେବେ ସାମାନ୍ୟ ଅଧିକ ସମୟ ଲାଗିପାରେ।

ଅପେକ୍ଷା କରିବାରେ ଆମର କୌଣସି ଅସୁବିଧା ନ ଥିଲା। ଡୋରେସ୍ ଇନ୍‌ର ପଛ ପଟରେ ହ୍ରଦକୁ



ଲାଗି ବଗିଚାଟିଏ। ସେଇଠି ପଡ଼ିଥାଏ ଟେବୁଲ ଚୌକି। ଆମେ ଆବଦ୍ଧ କୋଠରି ଭିତରେ ନ ବସି ସେଇ ବଗିଚାକୁ ଚାଲିଗଲୁ। ମୁଁ ଦେଖିଲି ଯେ ସାମାନ୍ୟ ଦୂରରେ ହ୍ରଦ କଡ଼ରେ ଚାଲୁଚାଲୁ ଗୌତମ କ'ଣ ଗୁଣୁଗୁଣୁ ହେଉଛନ୍ତି। ଗୀତ ଗାଇବା ଲୋକ ତ ସେ ନୁହନ୍ତି। କ'ଣ ଗୁଣୁଗୁଣୁ ହେଉଛନ୍ତି ତା'ହେଲେ? ଆମ ପାଖକୁ ଗୌତମ ଯେତେବେଳେ ଆସିଲେ, ତାଙ୍କ କଥା ଏଥର ଆମେ ପରିଷ୍କାର ଶୁଣି ପାରିଲୁ। ମୁଣ୍ଡ ହଲେଇ ହଲେଇ ଗୌତମ କହୁଥିଲେ, 'ନେସି କା' ନଶା ଉତର୍ ଗୟା। ନେସି କା ନଶା ଉତର୍ ଗୟା।'

ଗିଟି ମିଛ ରାଗ ଦେଖାଉ ଦେଖାଉ ହସି ପକେଇଲା। କଥାଟି ତ ମିଛ ନୁହଁ।

ତା'ରି ଭିତରେ ଆମ ଖାଦ୍ୟ ଆସିଗଲା। ଅତି ସୁସ୍ୱାଦୁ। ଆମେ ତ କିଛି ନ ଜାଣି କେବଳ ରେସ୍ତୋରାଁର ବାହାର ଚେହେରା ଦେଖି ଭିତରେ ପାଦ ରଖିଥିଲୁ। ପରେ ଜାଣିଲୁ ଯେ ଆଖପାଖରେ ତଥା ପର୍ଯ୍ୟଟକଙ୍କ ମହଲରେ 'ଡୋରେସ୍ ଇନ୍' ବେଶ୍ ଜଣାଶୁଣା। ତେବେ ନିୟମିତ ଖାଦ୍ୟ ଅପେକ୍ଷା ଚାହା ଓ ବିଭିନ୍ନ ରକମର ଜଳଖିଆ ବେଶୀ ଜନପ୍ରିୟ। ସେ ଯାହା ହେଉ, ଖାଉଖାଉ ଆମେ ଲକ୍ଷ୍ୟ କଲୁ ଯେ ଡୋରେସ୍ ଇନ୍‌ଠାରୁ କିଛି ଦୂରରେ ହ୍ରଦ କୂଳରେ ଗୋଟିଏ ରଙ୍ଗଛଡ଼ା ଶାଗୁଆ ବୋଟ୍। ବୋଟ୍ ଉପରେ ତମ୍ବୁ ଲଗା ହୋଇ ଅସ୍ଥାୟୀ ଘରଟିଏ। ଆଉ ତା' ସାମ୍ନାରେ ଖାଲି ଦେହରେ କେବଳ ଗୋଟିଏ ହାଫ୍ ପ୍ୟାଣ୍ଟ ପିନ୍ଧି ଜଣେ ପଚାଶ ପାଖାପାଖି ବୟସର ଲୋକ ନିବିଷ୍ଟ ଭାବରେ ଚାହିଁ ରହିଛନ୍ତି ହ୍ରଦକୁ। ଆଖି ଘୂରୁଛି, କିନ୍ତୁ କେବଳ ସେଇ ହ୍ରଦ ଉପରେ।

ସେ କିଏ? ମୁଁ କୌତୂହଳରେ ଆମକୁ ଯିଏ ଖାଦ୍ୟ ପରଷୁଥିଲେ ତାଙ୍କୁ ପଚାରିଲି। ଭଦ୍ରମହିଳା କହିଲେ ଯେ ସେ ଲୋକଟି କିଏ, କୋଉଠୁ ଆସିଛନ୍ତି, ସେକଥା ସେ ଜାଣନ୍ତି ନାହିଁ। ତେବେ ଗତ ଆଠ ବର୍ଷ ଧରି ସେ ଏଇଠି ରହୁଛନ୍ତି। ତାଙ୍କର ଦୃଢ଼ ବିଶ୍ୱାସ ପାଣିରେ ଦାନବଟି ରହିଛି। ସେଇ 'ଲକ୍ ନେସ୍ ମନ୍‌ଷ୍ଟର୍'କୁ ଠାବ କରିବା ପାଇଁ ସେ ଡଙ୍ଗା ଉପରେ ଘର କରି ହ୍ରଦ କୂଳରେ ପଡ଼ି ରହିଛନ୍ତି।

କଥାରେ ବିଦ୍ରୁପ ନ ଥିଲା। ଆମକୁ କଥାଟି କହିବା ବେଳେ ଭଦ୍ରମହିଳାଙ୍କ ଓଠରେ ବ୍ୟଙ୍ଗାତ୍ମକ ହସ ନ ଥିଲା। ଆଖିରେ ନ ଥିଲା ଥଟ୍ଟାର ଝଲକ। ଆମେ ଜାଣି ପାରିଲୁ ଯେ ଅନେକଙ୍କ ଭଳି ତାଙ୍କର ମଧ୍ୟ ଦୃଢ଼ ବିଶ୍ୱାସ ହ୍ରଦର ପାଣିରେ ଲୁଚି ରହିଛି 'ନେସି'- 'ଲକ୍ ନେସ୍ ମନ୍‌ଷ୍ଟର୍'। ନିଶ୍ଚୟ ଦିନେ ଦେଖା ଦେବ।

ସେ ଚାଲିଯିବା ମାତ୍ରକେ ଗୌତମ ପଚାରିଲେ, 'ଏଇଠି ଘରଟିଏ ଭଡ଼ା ନେଇ ରହିଯିବ କି, ଗିଟି?'

ଗିଟି ମୁହଁ ଶୁଖାଇ କହିଲା, 'ନିଶ୍ଚୟ ରହି ଯାଇଥାଆନ୍ତି, ଗୌତମ ଅଙ୍କଲ୍। ପର୍ କ୍ୟା କରେଁ, ନେସିକା ନଶା ତୋ ଉତର୍ ଗୟା।'

ହସାହସି ହୋଇ ଆମେ ଲକ୍ ନେସ୍‌କୁ ପଛରେ ପକାଇ ଗାଡ଼ିରେ ବାହାରିଗଲୁ। ଗୌତମ କହିଲେ ହାଇଲ୍ୟାଣ୍ଡସ୍‌ର ଗୋଟିଏ ଝଲକ ଆମକୁ ଦେଖାଇଦେବେ ସେ। ତା'ପରେ ଆମେ ଫେରିଯିବୁ ଡଣ୍ଡି।

ପ୍ରାୟ ନିର୍ଜନ ରାସ୍ତା। ଘର ଦ୍ୱାର ନିହାତି କମ୍। କିମ୍ବା ଆଦୌ ନାହିଁ। ମଝିରେ ସାପ ଭଳି ଲମ୍ବିଛି ରାସ୍ତା। ଗାଡ଼ିରେ ଗୀତ ଶୁଣିଶୁଣି ଆମେ ଚାଲିଥାଉ। ଧୀରେଧୀରେ ଗାଡ଼ି ଚଢ଼ିଲା ଗୋଟିଏ ପାହାଡ଼ ଉପରକୁ। ପାହାଡ଼ ଉପରେ ପହଞ୍ଚି ମୁଁ ଆଶ୍ଚର୍ଯ୍ୟ। ସେଇଠି ରହିଛି 'ଭିଜିଟର୍ ସେଣ୍ଟର୍'ଟିଏ। ଲକ୍ ନେସ୍‌ର ସେଣ୍ଟର ଭଳି ପର୍ଯ୍ୟଟକ - କୈନ୍ଦ୍ରିକ ନୁହଁ। ତଥ୍ୟ ସମ୍ବଳିତ ଜ୍ଞାନର ଭଣ୍ଡାର ସେଇଟି। ସେଣ୍ଟର୍ ପାଖରେ ରହିଛି କେବଳ କାର୍‌ଟିଏ। ତା' ଉପର ଦେଇ ଆମେ ପାହାଡ଼ର ଆହୁରି ଉପରକୁ ଚାଲିଗଲୁ, ଯେଉଁଠିକି ଗାଡ଼ି ଯାଇ ପାରିବ ନାହିଁ। ଉପରେ ପର୍ଯ୍ୟବେକ୍ଷଣ ପାଇଁ ରହିଛି ଜାଗାଟିଏ। ସେଇଠି ଠିଆ ହୋଇ ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ବେଳେ ମୁଁ ଜାଣି ପାରିଲି ଯେ କାହିଁକି ସମସ୍ତେ କହନ୍ତି, 'ଯଦି ସ୍କଟ୍‌ଲ୍ୟାଣ୍ଡ ଯାଅ, ତେବେ ହାଇଲ୍ୟାଣ୍ଡସ୍ ନ ଦେଖି ଆଦୌ ଫେରିବ ନାହିଁ।' ଯେତେ ଦୂର ଆଖି ପାଉଥାଏ,

e-News & Magazine

କେବଳ ପାହାଡ଼ ପରେ ପାହାଡ଼ ଆଉ ମଝିରେ ମଝିରେ ଶାଗୁଆ ରଙ୍ଗର ଚଦର।

ଆଗରୁ ତ କହିଛି, ସ୍କଟ୍‌ଲ୍ୟାଣ୍ଡର ଏପାଖ ଅଞ୍ଚଳରେ ଲୋକସଂଖ୍ୟା ବହୁତ କମ୍। କିନ୍ତୁ ଊନବିଂଶ ଶତାବ୍ଦୀ। ପୂର୍ବରୁ ଏମିତି ନ ଥିଲା। ବିଭିନ୍ନ ଜନଜାତି ସ୍ଥାୟୀ ଭାବରେ ଏଠାରେ ରହିଯାଇଥିଲେ। ପରିବର୍ତ୍ତନ ଆଣିଲା ଶିଳ୍ପ ବିପ୍ଳବ। ସେତେବେଳେ ବହୁ ଲୋକ ସହରମାନଙ୍କୁ ଚାଲିଗଲେ। ଏବେ ଇଉରୋପର ସର୍ବନିମ୍ନ ଜନସଂଖ୍ୟା ଥିବା ସ୍ଥାନମାନଙ୍କ ମଧ୍ୟରେ ସ୍କଟ୍‌ଲ୍ୟାଣ୍ଡର ହାଇଲ୍ୟାଣ୍ଡସ୍ ଅନ୍ୟତମ।

ଗାଡ଼ି ନେଇ ପାହାଡ଼ ଉପରୁ ତଳକୁ ଓହ୍ଲେଇ ଆସିଲୁ ଆମେ। ମନ ଭରିଯାଇଥିଲା ମୋର। ଫେରିବା ବେଳେ କାହାର ବେଶୀ କଥାବାର୍ତ୍ତା ନାହିଁ। ଘରେ ପହଞ୍ଚିବା ମାତ୍ରକେ କିନ୍ତୁ ଗୌତମ ଗିଟିକୁ କଣେଇ କଣେଇ ଦେଖି ମୁହଁ ଶୁଖାଇ ମାଧୁରିମାକୁ କହିଲେ ଯେ ଲକ୍ ନେସ୍ ମନ୍‌ଷ୍ଟର୍ ଦେଖିବାକୁ ମିଳିଲା ନାହିଁ।

ନ ହେଲା ନାହିଁ। ମାଧୁରିମା ଗୌତମଙ୍କ ଉପରେ ବିରକ୍ତ ହେଲେ। ସତରେ କ'ଣ ନେସିକୁ ଦେଖିବ ବୋଲି ଗିଟି ଲକ୍ ନେସ୍ ଯିବାକୁ ଚାହିଁଥିଲା? ଆମ ଝିଅ ଏତେ ବୋକୀ ନୁହଁ। ଗୌତମ ହସି ପକେଇଲେ। ତୁମ ଦୁଇଜଣଙ୍କ ଭଳି ମାଧୁରିମା, ଗୌତମଙ୍କର ଦୁଇ ପୁଅ। ହୁଏତ ସେଇଥିପାଇଁ ତୁମମାନଙ୍କ ଭଳି ସେମାନେ ସବୁବେଳେ ମୁଣ୍ଡରେ ବସେଇ ରଖନ୍ତି ରୁମି, ଗିଟିଙ୍କୁ। ନିଜ ଝିଅ ଭଳି ଭଲ ପାଆନ୍ତି।

ରାତି ଖାଇବା ଖାଉଖାଉ ପର ଦିନ କଥା ପଡ଼ିଲା। ପରଦିନ, ଅର୍ଥାତ୍ ଗତକାଲି, ଆମର ସ୍କଟ୍‌ଲ୍ୟାଣ୍ଡ ବୁଲି ଦେଖିବାର ଶେଷ ଦିନ। ଆଗରୁ ସ୍ଥିର ହୋଇଥିଲା ଯେ ଏଇଟି ହେବ ଏଡିନ୍‌ବରା ଦେଖିବାର ଦିନ। ମୁଁ ଜାଣେ, ଏଡିନ୍‌ବରା ଭଳି ସହର ବୁଲି ଦେଖିବା ପାଇଁ ଦିନଟିଏ ଯଥେଷ୍ଟ ନୁହଁ। କିନ୍ତୁ ଆମ ପାଖରେ ସମୟ କାହିଁ? ସେଇଥିପାଇଁ ଭାବିଥିଲୁ ବେଶ୍ ସକାଳୁ ବାହାରିଯିବୁ। ସାରା ଦିନ ସେଠି କଟେଇ ଆମେ ଫେରିବୁ ରାତିରେ।

ଆମେ, ଅର୍ଥାତ୍ କେବଳ ଗିଟି ଓ ମୁଁ। ଏବେ ମାଧୁରିମା, ଗୌତମଙ୍କ ଦୁଇ ପୁଅଙ୍କର କ୍ରିକେଟ୍ କୋଚିଙ୍ଗ୍, ଫୁଟ୍‌ବଲ୍ କୋଚିଙ୍ଗ୍ ଏବଂ ଅନ୍ୟାନ୍ୟ କେତୋଟି ସମର୍ କ୍ଲାସ୍ ଚାଲିଛି। ଗୌତମ ଆମକୁ ନେଇ ପୂରା ଦିନ ପାଇଁ ଚାଲିଗଲେ ସବୁ ଦାୟିତ୍ୱ ମାଧୁରିମାଙ୍କ ଉପରେ ପଡ଼ିଯିବ। ଏମିତିରେ ଦୁଇ ଦିନ କଲେଣି ସେ। ତାଙ୍କ ଭଳି ବ୍ୟସ୍ତ ଡାକ୍ତର ପକ୍ଷରେ ଦିନ ପରେ ଦିନ ସେମିତି କରିବା କ'ଣ ସହଜ? ଗୌତମ ପିଲାଙ୍କ କଥା ବୁଝନ୍ତୁ; ଆମକୁ ନେଇ ଏଡ଼ିନ୍‌ବରା ନ ଗଲେ ବି ଚଳିବ। ମୋ କଥା ଶୁଣି କି ଆପତ୍ତି ସେ ଦୁଇ ଜଣଙ୍କର। ହେଲେ ମୁଁ କୋଉ ଛାଡ଼ିବା ଲୋକ। ଯାହେଉ, ଶେଷରେ ସେମାନେ ରାଜି ହେଲେ।

ଡଣ୍ଡି ସହରରୁ ଏଡ଼ିନ୍‌ବରା ଯିବାରେ ଅସୁବିଧା କିଛି ନାହିଁ। ଦ୍ରୁତଗାମୀ ଟ୍ରେନ୍ ଅଛି। ମାଧୁରିମା ଡାକ୍ତରଖାନାକୁ ଯିବା ରାସ୍ତାରେ ଆମକୁ ଷ୍ଟେସନରେ ଓହ୍ଲେଇ ଦେଇ ଚାଲିଗଲେ। କହିଦେଇଗଲେ ଯେ ରାତିରେ ଷ୍ଟେସନ୍‌ରେ ପହଞ୍ଚି ତାଙ୍କୁ ଫୋନ୍ କରିଦେଲେ, ସେ ପୁଣି ଆମକୁ ନେଇଯିବେ। ଘରଠୁଁ ଷ୍ଟେସନ୍ ବେଶୀ ଦୂର ନୁହଁ।

ଟ୍ରେନ୍‌ର ଟିକେଟ୍ କେମିତି କଟାହେବ, ସେସବୁ ଆଗରୁ ଆମକୁ କହିଦେଇଥିଲେ ଗୌତମ। କିଛି ଅସୁବିଧା ହେଲା ନାହିଁ। ମୁଁ ଯଦିଓ ଲଣ୍ଡନରେ ଲୋକାଲ୍ ଟ୍ରେନ୍‌ରେ ଯିବା ଆସିବା କରିଥିଲି, ଗୋଟିଏ ସହରରୁ ଆଉ ଗୋଟିଏ ସହରକୁ ଯିବା ଏଇ ପ୍ରଥମ। ଏତେ ପରିଷ୍କାର ଟ୍ରେନ୍ ମୁଁ ବହୁ ବର୍ଷ ତଳେ ଜାପାନ୍‌ରେ ଯାହା ଦେଖିଥିଲି। ଆଉ କୋଉଠି ଦେଖିନାହିଁ। ମୋ ହାତରେ କେବଳ ଗୋଟିଏ ପର୍ସ। ଗିଟିର ପିଠିରେ ଛୋଟ ବ୍ୟାକ୍‌ପ୍ୟାକ୍। ତା' ଭିତରେ ମୁଁ ଆମେରିକାରୁ କିଣି ଆଣିଥିବା ସ୍କଟ୍‌ଲ୍ୟାଣ୍ଡର ଗାଇଡ୍ ବୁକ୍, ଗୌତମ ଦେଇଥିବା ଏଡିନ୍‌ବରାର ମ୍ୟାପ୍। କିନ୍ତୁ ଝରକା ବାହାରର ଦୃଶ୍ୟ ଏତେ ସୁନ୍ଦର ଯେ ସେଠୁ ଆଖି ଫେରାଇ ବହି କିମ୍ବା ମ୍ୟାପର ଛପା ଅକ୍ଷର ଆଡ଼କୁ ଚାହିଁବାକୁ ଇଚ୍ଛା ହେଉ ନ ଥାଏ।

ଟ୍ରେନ୍ ଏଡିନ୍‌ବରା ପହଞ୍ଚିଗଲା। ଏଥର ଓହ୍ଲେଇ ପଡ଼ି ତତ୍ପର ହୋଇ ଆମେ ମ୍ୟାପ୍ ଖୋଲିଲୁ। ଆମର ଲକ୍ଷ୍ୟ ଐତିହାସିକ ଏଡିନ୍‌ବରା ଦୁର୍ଗ। ମୁଁ ପଢ଼ିଥିଲି ଯେ ବର୍ଷକୁ ଆଠ ଦଶ ଲକ୍ଷ ପର୍ଯ୍ୟଟକ ଏଡିନବରା ଦୁର୍ଗ ଦେଖିବାକୁ ଆସନ୍ତି। ଆମେ ସେଥିପାଇଁ ଆଗରୁ କମ୍ପ୍ୟୁଟର୍‌ରେ ପ୍ରବେଶ ଟିକେଟ୍ କାଟି ଦେଇଥିଲୁ। ନ ହେଲେ ଟିକେଟ୍ ପାଇଁ ଯେ ଲମ୍ବା ଲାଇନ୍‌ରେ ଠିଆ ହେବାକୁ ପଡ଼ିଥାଆନ୍ତା। ଗୌତମ କହିଥିଲେ ଯେ ଷ୍ଟେସନ୍‌ରୁ ଚାଲିଚାଲି ଗଲେ ଦୁର୍ଗଟି ମାତ୍ର ବାର, ଚଉଦ ମିନିଟ୍‌ର ରାସ୍ତା। ବସ୍ ନେବାର ପ୍ରୟୋଜନ ନାହିଁ। ଠିକ୍ କଥା। ବିରାଟ ପାହାଡ଼ ଉପରେ ନିର୍ମିତ ଦୁର୍ଗଟିକୁ ଷ୍ଟେସନ୍‌ରୁ ପରିଷ୍କାର ଦେଖି ହେଉଥାଏ। ହେଲେ ଚଢ଼େଇଟିଏ ଭଳି ତ ଆଉ ଉଡ଼ି ଯାଇ ହେବ ନାହିଁ। ମ୍ୟାପ୍ ଦେଖିଦେଖି ରାସ୍ତାରେ ଆଗେଇଲୁ ଆମେ।

ଦୁର୍ଗ ଯେତେ ପାଖେଇ ଆସୁଥାଏ, ରାସ୍ତାର ରୂପରେଖରେ ସେତିକି ପରିବର୍ତ୍ତନ ଆଖିରେ ପଡୁଥାଏ। ଶେଷ ଗଳିଟି କଥା ଆଉ କ'ଣ କହିବି? ପୂରାପୂରି ପର୍ଯ୍ୟଟକଙ୍କ ପାଇଁ ସଜେଇ ରଖା ହୋଇଛି ଯେମିତି। ଐତିହାସିକ ଚରିତ୍ରମାନଙ୍କର ପୋଷାକ, ମସ୍ତକାବରଣ ପିନ୍ଧି ମଣିଷମାନେ ଘୁରି ବୁଲୁ ଥାଆନ୍ତି। ଦୋକାନମାନଙ୍କରେ ଅନ୍ୟାନ୍ୟ ଜିନିଷ ସହ ବିକ୍ରି ହେଉଥାଏ ଖଣ୍ଡା, ଢାଲ, ଆଉ ପୁଣି ଲୁହା ସାଞ୍ଜୁ। ବହୁତ ମଜା ଲାଗୁଥାଏ ଆମକୁ। ରାସ୍ତା ଶେଷରେ ଏଡ଼ିନ୍‌ବରା ଦୁର୍ଗ। ଦୂରରୁ ଛବିଟିଏ ଭଳି ମନେ ହେଉଥିବା ଦୁର୍ଗଟି ଯେ କି ବିଶାଳ, ତା' ପାଖକୁ ଆସିବା ପରେ ଜାଣିଲୁ। ଦୁର୍ଗର ଟିକେଟ୍ ଘର ସେପର୍ଯ୍ୟନ୍ତ ଖୋଲି ନ ଥାଏ। ଅଥଚ ତା' ସାମ୍ନାରେ ଟିକେଟ୍ କିଣିବା ପାଇଁ ଲମ୍ବା ଧାଡ଼ି। ଭାଗ୍ୟକୁ ଆମେ ଆଗରୁ ଟିକେଟ୍ କିଣି ନେଇଥିଲୁ। ନ ହେଲେ ଯେ ଆମକୁ ସେଇ ଧାଡ଼ିରେ ଠିଆ ହୋଇ ସମୟ ନଷ୍ଟ କରିବାକୁ ହେଇଥାଆନ୍ତା!

ଏବେ ଯେଉଁ ପାହାଡ ଉପରେ ଦୁର୍ଗଟି ଅଛି, ଭୂତତ୍ତ୍ୱବିତ୍‌ମାନେ କହନ୍ତି ଯେ ୩୫ କୋଟି ବର୍ଷ ତଳେ ଗୋଟିଏ ବିରାଟ ଆଗ୍ନେୟଗିରିର ଉଦ୍‌ଗୀରଣ ଦ୍ୱାରା ସେଇ ପାହାଡ଼ଟି ସୃଷ୍ଟି ହେଇଥିଲା। ସେମାନେ ଏକଥା ମଧ୍ୟ କହନ୍ତି ଯେ ଦୁର୍ଗ ନିର୍ମାଣ ହେବାର ଢେର ପୂର୍ବରୁ ଏଇ ପାହାଡ଼ ଉପରେ ବହୁ ସହସ୍ର ବର୍ଷ ଧରି ଜନବସତି ରହିଥିଲା। ପରେ ଦ୍ୱାଦଶ ଶତାବ୍ଦୀରେ ଏଇଠି ରାଜପ୍ରାସାଦଟିଏ ନିର୍ମିତ ହୋଇଥିଲା। କିନ୍ତୁ ବିଭିନ୍ନ କାରଣରୁ ରାଜ ପରିବାର ସେ ପ୍ରାସାଦରେ ରହିଲେ ନାହିଁ। ତା'ର ସ୍ଥାନ ନେଲା ଏଇ ଦୁର୍ଗ। ଦୁର୍ଗଟି ସ୍କଟ୍‌ଲ୍ୟାଣ୍ଡ ସ୍ୱାଧୀନତା ଆନ୍ଦୋଳନ ସମୟର ବହୁ ଐତିହାସିକ ଘଟଣାର ମୂକ ସାକ୍ଷୀ। ଇଂରେଜ ବିରୋଧୀ ଯୁଦ୍ଧ ମଧ୍ୟ ରୂପ ନେଇଥିଲା ଏଇଠି। କିନ୍ତୁ ଯୁଦ୍ଧରେ ସ୍କଟ୍‌ଲ୍ୟାଣ୍ଡ ହାରିଗଲା। ସ୍ୱାଭିମାନୀ, ସ୍ୱାଧୀନଚେତା ସ୍କଟ୍‌ଲ୍ୟାଣ୍ଡବାସୀଙ୍କୁ ଇଂରେଜ ଅଧୀନତ୍ୱ ମାନି ନେବାକୁ ହେଲା। ଏଡିନ୍‌ବରା ସହର ସହିତ ଦୁର୍ଗ ମଧ୍ୟ ଚାଲିଗଲା ସେମାନଙ୍କ ହାତକୁ। ଏଭଳି

e-News & Magazine

Downloaded from : https://t.me/odianewspaper

ଘଟଣାରେ ସ୍କଟ୍‌ଲ୍ୟାଣ୍ଡବାସୀ କ୍ଷୁବ୍ଧ ହେବା ସ୍ୱାଭାବିକ। କିନ୍ତୁ ମିତୁ, ଇଂରେଜମାନେ ଦୁର୍ଗର ଐତିହ୍ୟକୁ ଅସମ୍ମାନ କରି ନ ଥିଲେ। ପରବର୍ତ୍ତୀ ସମୟରେ ସେମାନେ ଦୁର୍ଗର କେତେକାଂଶ ପୁନଃନିର୍ମାଣ କରିଥିଲେ। ହୁଏତ ସେଇଥିପାଇଁ ଏବେ ମଧ୍ୟ ଏଇଟି ମହିମାମଣ୍ଡିତ। ଏହାକୁ ବୁଲି ଦେଖିବା ପାଇଁ ବହୁ ପର୍ଯ୍ୟଟକ ପୃଥିବୀର ବିଭିନ୍ନ କୋଣରୁ ଆସି ଭିଡ଼ ଜମାନ୍ତି।

ଯାହେଉ, ଦୁର୍ଗର ପ୍ରଧାନ ଦ୍ୱାର ଖୋଲିବା ମାତ୍ରକେ ଆମେ ଭିତରକୁ ପଶିଗଲୁ। ଜଣେ ଯଦି ଦୁର୍ଗର ପ୍ରତିଟି ଭାଗ ଭଲ ଭାବରେ ଦେଖିବାକୁ ଚାହିଁବ, ପ୍ରତିଟି ପଥର ତଳେ ଲୁଚି ରହିଥିବା କାହାଣୀମାନ ଜାଣିବାକୁ ଚାହିଁବ, ତେବେ ସାଙ୍ଗରେ ଗାଇଡ୍ ନେଇଯିବା ଭଲ। କିନ୍ତୁ ଆମ ଦୁଇଜଣଙ୍କର ସାମରିକ ଇତିହାସ ଜାଣିବା ପାଇଁ ଧୈର୍ଯ୍ୟର ଘୋର ଅଭାବ। ଆମର ଆଗ୍ରହ କେବଳ ସ୍ଥପତି କଳାରେ। ସେଥିପାଇଁ ଆମେ ଆଗରୁ ବିଭିନ୍ନ ବହି ପଢ଼ି ସ୍ଥିର କରି ନେଇଥିଲୁ ଯେ ଦୁର୍ଗର କେଉଁକେଉଁ ଭାଗ ଦେଖିବୁ। ଗାଇଡ୍ ନେବାର କୌଣସି ଆବଶ୍ୟକତା ନ ଥିଲା।

ଆମେ ପ୍ରଥମେ ଚାଲିଗଲୁ ରାଜ-ଅଳଙ୍କାର ସଂଗ୍ରହ ଦେଖିବାକୁ। ସବୁଠାରୁ ଅଧିକ ଭିଡ଼ ସେଇଠି ହୁଏ। ତେଣୁ ପ୍ରଥମରୁ ଦେଖି ନେଲେ ଭଲ। ଆଖପାଖରେ ବେଶ୍ କେତୋଟି ପଥର ନିର୍ମିତ କୋଠରି। ଏବେ ସେସବୁ ସଂଗ୍ରହାଳୟ। ସେଥିରୁ କେତୋଟିରେ ଥରେଥରେ ଆଖି ବୁଲେଇ ନେଇ ଦୁର୍ଗ ଉପରେ ଚାଲିଚାଲି ଆମେ ଯେଉଁଠି ପହଞ୍ଚିଲୁ, ତା'କୁ କହନ୍ତି- 'ଆର୍‌ଗାଇଲ୍ ବ୍ୟାଟେରି'। ଛଅଟା ଲୁହା ତିଆରି ବିରାଟ ତୋପ ରହିଛି ଏଇଠି। ଦେଖିବା ଭଳି। ସେଇଠି ଲେଖା ହୋଇଥିବା ଗୋଟିଏ ଫଳକ ଦେଖି ଜାଣିଲୁ ଯେ ଦୁର୍ଗ ଆରମ୍ଭରୁ ଏହି ଅଂଶଟି ଏଭଳି ନ ଥିଲା। ପରେ ୧୭୩୦ରେ ନୂଆ ଭାବରେ ନିର୍ମାଣ କରାଯାଇଥିଲା ଏଇଟିକୁ। ତୋପଗୁଡ଼ିକ ଦେଖି ଆମକୁ ଯେତେ ଖୁସି ନ ଲାଗିଲା, ତା'ଠୁଁ ବେଶୀ ଭଲ ଲାଗିଲା ପାହାଡ଼ ଉପରୁ ଦେଖାଯାଉଥିବା ଏଡିନ୍‌ବରା ସହରର ରୂପରେଖ।

ସେଇଠି ଗୋଟାଏ ବେଞ୍ଚରେ ବସିଗଲୁ ଆମେ। ପଥରର ଉଚ୍ଚ ପାହାଚ ଚଢ଼ିବା, ପଥରର ଲମ୍ବା ରାସ୍ତାରେ ଚାଲିବାର ଅଭ୍ୟାସ ନାହିଁ। ଗୋଡ଼ ତ କାଟିବ। ହଠାତ୍ ଗିଟି କହିଲା- 'ଜାଣିଛ, ଏ ଦୁର୍ଗକୁ ନେଇ ବହୁତ ଭୂତ ଗପ ରହିଛି।' ମୁଁ ଆଶ୍ଚର୍ଯ୍ୟରେ ତା' ମୁହଁକୁ ଚାହିଁଲି। ଭୂତ ଗପ ଖୋଜି ଲୋଡ଼ି ଆଣିବା ତ ମୋର ପ୍ରିୟ କାମ। ଏ ଝିଅ ପୁଣି କେବେଠୁ ସେସବୁରେ ଆଗ୍ରହ ଦେଖାଇଲାଣି ? କେବେଠୁଁ ଇଣ୍ଟରନେଟ୍ ଘାଣ୍ଟି ଭୂତ ଗପ ଯୋଗାଡ଼ କଲାଣି ? ତା'ଛଡ଼ା ଏଇଟା ତ ଶୁଷ୍କ ନିରସ ଦୁର୍ଗଟିଏ। କାହିଁ କେତେ ବର୍ଷରୁ କେବଳ ସେନାବାହିନୀ ରହି ଆସୁଛନ୍ତି। ରାଜପ୍ରସାଦ ନୁହଁ ଯେ ରାଣୀ, ସୁନ୍ଦରୀ ରାଜକନ୍ୟା, ପ୍ରଣୟ ପ୍ରାର୍ଥୀ ରାଜପୁତ୍ରମାନଙ୍କର କାହାଣୀମାନ ଗୁନ୍ଥା ହୋଇ ରହିଛି। ଭୂତ ଗପ ଆସିଲା କୁଆଡୁ ? ସେଥିପାଇଁ ପଚାରିଲି – କିଭଳି ଭୂତ ଗପ। ଗିଟି ଉତ୍ତର ଦେଲା – ପାଇପର୍ (Piper) ଭୂତ।

ଗପଟି ଜାଣିବା ପାଇଁ ତୋର ନିଶ୍ଚୟ କୌତୁହଳ ହେବଣି। ତେବେ ପ୍ରଥମରୁ କହି ରହୁଛି କାହାଣୀଟି ନିହାତି ଫିକା। ବିଶେଷ ରଙ୍ଗ ନାହିଁ ସେଥିରେ। କେଇ ଶହ ବର୍ଷ ତଳେ ଜଣା ପଡ଼ିଲା ଯେ ଦୁର୍ଗ ଭିତରେ କେତୋଟି ସୁଡ଼ଙ୍ଗ ରହିଛି। ତେବେ କେହି ଜାଣି ନ ଥିଲେ ସୁଡ଼ଙ୍ଗ ଲମ୍ବିଛି କେତେ ଦୂର। ତା' ଜାଣିବା ପାଇଁ ଜଣେ ପାଇପର୍‌କୁ ଅଣାଗଲା। ସେ ତା' ବାଗ୍‌ପାଇପର୍ ବଜେଇ ବଜେଇ ସୁଡ଼ଙ୍ଗ ଭିତରେ ଚାଲିଲା। ଉପରେ ଲୋକମାନେ କାନ ଡେରି କେବଳ ଶୁଣିଥିଲେ ସେଇ ବାଦ୍ୟଯନ୍ତ୍ରର ସ୍ୱର। ହଠାତ୍ ସବୁ ନିସ୍ତବ୍ଧ ହୋଇଗଲା। ପାଇପର୍‌ର କୌଣସି ଅସୁବିଧା ହେଲା ନାହିଁ ତ ? ଏଥର ବେଶ୍ କେତେଜଣ ଲୋକ ସୁଡ଼ଙ୍ଗରେ ପଶିଲେ। କିନ୍ତୁ ପାଇପର୍‌କୁ ଆଉ ଦେଖିବାକୁ ମିଳିଲା ନାହିଁ। ପବନରେ ଯେମିତି ହଜିଯାଇଥିଲା ସେ। ଏବେ ବି କୁଆଡ଼େ ମଝିରେ ମଝିରେ ବାଗ୍‌ପାଇପର୍‌ର ସ୍ୱର ସୁଡ଼ଙ୍ଗ ଭିତରୁ ଶୁଣାଯାଏ। ପୁଣି ହଜିଯାଏ।

ଏଇ ହେଲା କାହାଣୀ। ଗିଟିର ଭୂତ ଗପ ଶୁଣିବା ପରେ ଆମେ ଏଡିନ୍‌ବରା ଦୁର୍ଗ ବାହାରକୁ ବାହାରି ଆସିଲୁ। ବାରଟା ବାଜି ନ ଥାଏ ସେପର୍ଯ୍ୟନ୍ତ। କିନ୍ତୁ ପ୍ରବଳ ଭୋକ। ମୋର ଇଚ୍ଛା ଥିଲା 'ରୟାଲ୍ ମାଇଲ୍'ରେ କିଛି ବାଟ ଯାଇ ଗୋଟିଏ ଭଲ ରେସ୍ତୋରାଁରେ ଖାଇବାକୁ। କିନ୍ତୁ ଗିଟି କହିଲା ଯେ ଆମ ହାତରେ ସମୟ ଏତେ କମ୍। ଥରେ 'ରୟାଲ୍ ମାଇଲ୍' ଚାଲିଗଲେ ଆଉ ତ ଫେରି ଆସି ହେବ ନାହିଁ। ବରଂ ଏଇଠି ପାଖରେ ଯାହା ମିଳିବ ଖାଇଦେବା। ତା'ପରେ ଯିବା ଦୁର୍ଗର ବେଶ୍ ପାଖରେ ଥିବା ନ୍ୟାସନାଲ୍ ଗ୍ୟାଲେରି ଅଫ୍ ସ୍କଟ୍‌ଲ୍ୟାଣ୍ଡ। ସେଇଟା ନ ଦେଖିଲେ ଯେ ଏଡିନ୍‌ବରା ସହର ଦେଖା ବ୍ୟର୍ଥ ହୋଇଯିବ। ମୁଁ ଆପତ୍ତି କଲି। ଏତେ ବଡ଼ ଆର୍ଟ ମ୍ୟୁଜିଅମ୍, ଦେଖିବାକୁ ବହୁତ ସମୟ ଲାଗିଯିବ। ଆଉ କୋଉଠିକୁ ଯାଇ ହେବ ନାହିଁ। ଥାଉ ବରଂ। କିନ୍ତୁ ଗିଟି ନଛୋଡ଼ବନ୍ଧା। କହିଲା ଯେ ସେ ପୂରା ମ୍ୟୁଜିଅମ୍‌ଟି ବୁଲି ଦେଖିବ ନାହିଁ। କେବଳ ଗୋଟିଏ ପେଣ୍ଟିଙ୍ଗ୍ ଭଲ ଭାବରେ ଦେଖି ବାହାରିଯିବ। କୋଉ ପେଣ୍ଟିଙ୍ଗ୍, ମୁଁ ପଚାରିଲି। ଭର୍ମିଅର୍ – ଗିଟି ଉତ୍ତର ଦେଲା। ପୃଥିବୀର ଅଳ୍ପ କେତୋଟି ମ୍ୟୁଜିଅମ୍‌ରେ ପ୍ରସିଦ୍ଧ ଡଚ୍ ଚିତ୍ରକାର ଜୋହାନେସ୍ ଭର୍ମିଅର୍‌ଙ୍କର ମାତ୍ର ୩୪ଟି ପେଣ୍ଟିଙ୍ଗ୍ ରହିଛି। ସେଥିରୁ ଗୋଟିଏ ଏଡିନ୍‌ବରାର ନ୍ୟାସ୍‌ନାଲ୍ ଗ୍ୟାଲେରିରେ। ତାକୁ ନ ଦେଖି ସେ ଫେରିଯିବ କେମିତି ?

ମିତୁ, ସମୟ କେମିତି ବଦଳେଇ ଦିଏ ଆମ ମଣିଷମାନଙ୍କୁ। ଗିଟି ଯେତେବେଳେ ବହୁତ ଛୋଟ ହୋଇଥିଲା, ସେତେବେଳେ ଆର୍ଟ ଗ୍ୟାଲେରି ବା ମ୍ୟୁଜିଅମ୍ ନାଁ ଶୁଣିଲେ ନ ଯିବାର ହଜାର ବାହାନା କରୁ ଥିଲା। ଗୋଡ଼ କାଟୁଛି। ନିଦ ଲାଗୁଛି। ଇଚ୍ଛା ହେଉନି। ଅଥଚ ସେଇ ଗିଟି ଏବେ ଗୋଟିଏ ପେଣ୍ଟିଙ୍ଗ୍ ଦେଖିବାକୁ ଯିବା ପାଇଁ ଜିଦି କରୁଛି। କୃତିତ୍ୱଟା ବୋଧହୁଏ ସ୍କୁଲ୍‌ରେ ପଢୁଥିବା ଆର୍ଟ ହିଷ୍ଟ୍ରି କ୍ଲାସ୍‌ର।

ମୁଁ ଆଉ କିଛି ନ କହି ଗୋଟିଏ ଛୋଟ ଦୋକାନରୁ ପିଜ୍ଜା କିଣି ଆଣିଲି। ଚଟ୍ କରି ଖାଇ ନେଇ ଏଥର ଗିଟି ସାଙ୍ଗରେ ନ୍ୟାସ୍‌ନାଲ୍ ଗ୍ୟାଲେରି ଭିତରେ ପାଦ ଦେଲି। ଏତେ ଉଚ୍ଚକୋଟୀର ଗ୍ୟାଲେରି। କେବଳ ଗୋଟିଏ ପେଣ୍ଟିଙ୍ଗ୍ ଦେଖି କ'ଣ ବାହାରି ଆସି ହୁଏ ? ଭର୍ମିଅର୍‌ଙ୍କ ପେଣ୍ଟିଙ୍ଗ୍ ଦେଖି ସାରିବା ପରେ ମଧ୍ୟ ଆମେ ଆହୁରି ଗୋଟିଏ ଘଣ୍ଟା ତାରି ଭିତରେ କଟେଇ ଦେଲୁ।

ନ୍ୟାସ୍‌ନାଲ୍ ଗ୍ୟାଲେରିରୁ ବାହାରି ଏଥର ଆମର ଲକ୍ଷ୍ୟ 'ରୟାଲ୍ ମାଇଲ୍'। 'ରୟାଲ୍ ମାଇଲ୍' ହେଉଛି ଠିକ୍ ଗୋଟିଏ ମାଇଲ୍‌ର ରାସ୍ତାଟିଏ। ରାସ୍ତାର ଗୋଟିଏ ପଟେ ଏଡିନ୍‌ବରା ଦୁର୍ଗ। ଅନ୍ୟ ପଟେ ହୋଲିରୁଡ୍ ରାଜପ୍ରାସାଦ। ହୋଲିରୁଡ୍ ରାଜପ୍ରାସାଦ ଇଂଲାଣ୍ଡର ରାଣୀ ଦ୍ୱିତୀୟ ଏଲିଜାବେଥ୍‌ଙ୍କର ସ୍କଟ୍‌ଲ୍ୟାଣ୍ଡର ବାସଗୃହ। ଦେଖିବା ପାଇଁ ପ୍ରବଳ ଭିଡ଼। ଆମକୁ ଏତେ ଭିଡ଼ ଭଲ ଲାଗିଲା ନାହିଁ। ଚାଲିଚାଲି ଗୋଡ଼ ଦିଇଟା ବି ଥକି ଯାଇଥାଏ। କିନ୍ତୁ ଉଣ୍ଡି ଫେରିଯିବା ଆଗରୁ ଆଉ ଗୋଟିଏ ଜିନିଷ ଯେ ବାକୀ।

ମାଧୁରିମା କହିଥିଲେ – ଆଉ ଯାହା କର କି ନ କର, ଡେବେନ୍‌ହ୍ୟାମ୍‌ସ୍‌ର ଫୁଡ୍‌କୋର୍ଟକୁ ଯିବ ନିଶ୍ଚୟ। ଇଚ୍ଛା ହେଲେ କିଛି ଖାଇବ। ନ ହେଲେ ନାହିଁ। କିନ୍ତୁ ଚାହା କିମ୍ବା କଫି କପେକପେ ଧରି ଝରକା ପାଖ ଟେବୁଲରେ ଆସ୍ଥାନ ଜମେଇ ନେବ।

ଡେବେନ୍‌ହ୍ୟାମ୍‌ସ୍ ଏଠିକାର ଗୋଟିଏ ଜନପ୍ରିୟ ଡିପାର୍ଟମେଣ୍ଟାଲ୍ ଷ୍ଟୋର୍। ବେଶ୍ କେଇ ମହଲାରେ ବ୍ୟାପିଛି ଏହାର ପରିସର। ଲୁଗାପଟାଠାରୁ ଆରମ୍ଭ କରି ଘରକରଣା ଜିନିଷ ପର୍ଯ୍ୟନ୍ତ ସବୁ ଏଇଠି ମିଳେ। ଅନ୍ୟାନ୍ୟ ବଡ଼ବଡ଼ ଡିପାର୍ଟମେଣ୍ଟାଲ୍ ଷ୍ଟୋର୍ ଭଳି ଏଇ ଡେବେନ୍‌ହ୍ୟାମ୍‌ସ୍‌ର ସବୁଠାରୁ ଉପର ମହଲାରେ ରହିଚି ଫୁଡ୍‌କୋର୍ଟ। ସବୁ ରକମର ଖାଦ୍ୟ ମିଳେ। ହେଲେ ଫୁଡ୍‌କୋର୍ଟର ଖାଦ୍ୟ ତ କେବେହେଲେ ଅସାଧାରଣ କିଛି ହୁଏ ନାହିଁ। ଡେବେନ୍‌ହ୍ୟାମ୍‌ସ୍‌ର ଫୁଡ୍‌କୋର୍ଟ କ'ଣ ବ୍ୟତିକ୍ରମ? ଏଇଟା କ'ଣ ଏଡିନ୍‌ବରାର ସବୁଠାରୁ ଭଲ ଖାଇବା ଜାଗା ଭିତରେ ଗୋଟିଏ? ନା' ନୁହଁ। ତା'ହେଲେ ତୁ ନିଶ୍ଚୟ ଭାବୁଥିବୁ, ମାଧୁରିମା କାହିଁକି ବାଧ କରି ସେଠିକି ଯିବା କଥା କହିଥିଲେ। ଡେବେନ୍‌ହ୍ୟାମ୍‌ସ୍ ଫୁଡ୍‌କୋର୍ଟର ପ୍ରସିଦ୍ଧି ତା'ର ଅବସ୍ଥିତି ନେଇ। ଏଡିନ୍‌ବରା ଦୁର୍ଗର ଠିକ୍ ବିପରୀତରେ ଏଇ ଡେବେନ୍‌ହ୍ୟାମ୍‌ସ୍। ଦୃଷ୍ଟି ପ୍ରତିରୋଧ କରିବା ପାଇଁ ମଝିରେ କିଛି ନାହିଁ।

ଗିଟି ପ୍ରାୟ ଦୌଡ଼ି ଯାଇ କାଚ ଝରକା ପାଖରେ ଖାଲି ଥିବା ଶେଷ ଛୋଟ ଟେବୁଲ୍‌ଟି ଅକ୍ତିଆର୍ କରିନେଲା। ମୁଁ ପେଷ୍ଟ୍ରି ଆଉ କଫି କିଣି ଆଣି ତା' ପାଖରେ ବସିଲି। ସାମ୍ନାରେ ଏଡିନ୍‌ବରା ଦୁର୍ଗ। ସୂର୍ଯ୍ୟାସ୍ତ ସମୟ। ଆକାଶର ନୀଳ କ୍ୟାନ୍‌ଭାସ୍ ଉପରେ ନରମ ସୁନେଲୀ ରଙ୍ଗରେ କେଉଁ ପ୍ରସିଦ୍ଧ ଚିତ୍ରକାର ଯେମିତି ଆଙ୍କି ଦେଇଥାଏ ଅପରୂପ ଛବିଟିଏ। ଆଖି ଫେରାଇ ହେଉ ନ ଥାଏ। କଥା ନ କହି କଫି ପିଉପିଉ ଆମେ ମା' ଝିଅ ମୁଗ୍ଧ ଭାବରେ ବେଶ୍ କିଛି ସମୟ ବସି ରହିଲୁ ସେଇଠି। ଆମର ଏଡିନ୍‌ବରା ସହର ବୁଲି ଦେଖିବା ଯେମିତି ସଫଳ ହୋଇଗଲା। ଏହା ପରେ ଅନ୍ୟ କିଛି ଦେଖିବାର ଆବଶ୍ୟକତା ହିଁ ନାହିଁ।

ପୁଣି ଟ୍ରେନ୍‌ରେ ବସି ଡଣ୍ଡି। ମାଧୁରିମାଙ୍କୁ ମୁଁ ଫୋନ୍ କରି ଦେଇଥିଲି। ସେ ଆସି ଆମକୁ ନେଇଗଲେ। ଆଉ ଆଜି ସକାଳୁ ବାହାରି ଆସିଲୁ ଆମେ। ପୁଣି ଏଡିନ୍‌ବରା। ତେବେ ଗୌତମଙ୍କ ଗାଡ଼ିରେ। କେବଳ ଏଆର୍‌ପୋର୍ଟ୍ ପର୍ଯ୍ୟନ୍ତ। ବହୁତ ମନ ଖରାପ ଲାଗୁଥାଏ। ଆଖି ପିଛୁଳାକେ ଯେମିତି କଟିଗଲା ଏଇ ପାଞ୍ଚ ଦିନ। ଆମେ ଭିତରକୁ ଯିବା ବେଳେ ଗୌତମ କହିଲେ, 'ସି ୟୁ ନେକ୍‌ସ୍‌ଟ୍ ଇଅର୍।'

ନେକ୍‌ସ୍‌ଟ୍ ଇଅର୍? ଆଗାମୀ ବର୍ଷ? ମୋ ପାଦ ଅଟକିଗଲା। ଆସନ୍ତା ବର୍ଷରେ ତ ମୋର ସ୍କଟ୍‌ଲ୍ୟାଣ୍ଡ ଆସିବାର କୌଣସି ଯୋଜନା ନାହିଁ। ଗୌତମ ରହସ୍ୟମୟ ହସଟିଏ ହସି କହିଲେ– 'ଅଛି। ମୋର ସୁବ୍ରତ ସାଙ୍ଗରେ କଥା ହୋଇଯାଇଛି।'

ମିତୁ, ଗତ ରାତିରେ ତୋ ଭାଇନାଙ୍କ ସାଙ୍ଗରେ ଫୋନ୍‌ରେ ବହୁତ ସମୟ ଧରି କଥା କହିଥିଲେ ଗୌତମ। କଥା କହୁକହୁ କୁଆଡ଼େ ସ୍କଟ୍‌ଲ୍ୟାଣ୍ଡ ଆସିବା କଥା ଉଠିଲା। ତୋ ଭାଇନା ତ ସ୍କଟ୍‌ଲ୍ୟାଣ୍ଡ ଦେଖି ନାହାନ୍ତି। ତାଙ୍କର ସେଥିପାଇଁ ବହୁତ ଇଚ୍ଛା ଏଠିକି ଆସିବେ। ପ୍ରକୃତିକୁ ଉପଭୋଗ କରିବେ। ମାଧୁରିମା, ଗୌତମଙ୍କ ସାଙ୍ଗରେ ସମୟ କଟାଇବେ। ଆର ବର୍ଷ ତ ଗିଟି କଲେଜ ଚାଲିଯିବ। ତା'ପରେ ଆମେ ଦୁଇ ଜଣ ଆସିବୁ ଡଣ୍ଡି। ଚାରିଜଣ ଏକାଠି ବୁଲିବୁ ବହୁତ।

ମୋ ମନ ଖୁସି ହୋଇଗଲା। ଗୌତମଙ୍କୁ ହାତ ହଲେଇ ଦେଇ ଆମେ ଏଆର୍‌ପୋର୍ଟ ଭିତରେ ପାଦ ଦେଲୁ। ଚେକ୍ ଇନ୍, ସିକ୍ୟୁରିଟି ଚେକ୍। ପୁଣି ବୋର୍ଡିଙ୍ଗ୍। ତା'ପରେ ଏଇ ଯାତ୍ରା। ଆଉ କିଛି ଘଣ୍ଟା ଭିତରେ ଆମେ ପହଞ୍ଚିଯିବୁ ଆମେରିକାରେ। କାଲିଠୁଁ ଆରମ୍ଭ ହୋଇଯିବ ଆମର ନିତିଦିନିଆ ରୁଟିନ୍। ସ୍କୁଲ, ଚାକିରି, ଘର। ଏତେ ଦିନ ତୋ ଭାଇନା ଆଉ ରୁମି କେମିତି ଚଳିଥିବେ, କିଏ ଜାଣେ? ସେଥିପାଇଁ ଶୀଘ୍ରଶୀଘ୍ର ଘରେ ପହଞ୍ଚି ଯିବାକୁ ମନ ହେଉଛି। ହେଲେ ଜୀବନର ଏତେ କାର୍ଯ୍ୟ ବ୍ୟସ୍ତତା ଭିତରେ ଏଇ ଯୋଉ ନଅ ଦଶଦିନର ଛୁଟିଟାଏ ମିଳିଗଲା, ସେଇଟା କ'ଣ କମ୍?

ତୁମେମାନେ ଭଲରେ ଥିବ। ମୋର ସ୍ନେହ ନେବ।

ରହୁଛି,

ନାନୀ

କା





ବ୍ରଜନାଥ ରଥଙ୍କ କାବ୍ୟବିଶ୍ୱ

ଲେଖକ: **ଡ. ପୂର୍ଣ୍ଣଚନ୍ଦ୍ର ପାଢୀ**

ପ୍ରକାଶକ: **ଅମରଜ୍ୟୋତି ପବ୍ଲିକେଶନ୍ସ,**
କନ୍ଦରପୁର, ସୋର, ବାଲେଶ୍ୱର

ପୃଷ୍ଠା: ୫୧୫, ମୂଲ୍ୟ: ୨୫୦ ଟଙ୍କା

ଓଡ଼ିଆ କାବ୍ୟ ଜଗତରେ ଜଣେ ସ୍ୱର୍ବିତ ଉଚ୍ଚାରଣ ସ୍ୱନାମଧନ୍ୟ କବି ବ୍ରଜନାଥ ରଥ। ଓଡ଼ିଆ ସାହିତ୍ୟକୁ ସମୃଦ୍ଧ ଓ ଋଦ୍ଧିମନ୍ତ କରିବାରେ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ। ମାନବତାର ଜୟଗାନ ସହିତ ମଣିଷର ସୁଖ ଦୁଃଖ, ଆଶା ନିରାଶା, ସଂଗ୍ରାମ ସଂଘର୍ଷ, ସଂପ୍ରାପ୍ତିର ଏକ ବିଶଦ ଚିତ୍ର ଦେଖିବାକୁ ମିଳେ ବ୍ରଜନାଥଙ୍କ କବିତାରେ; ଯାହା ତାଙ୍କୁ ସମସାମୟିକ ଅନ୍ୟ ସ୍ରଷ୍ଟାଙ୍କଠାରୁ ଭିନ୍ନ ଓ ସ୍ୱତନ୍ତ୍ର କରିଥିଲା। ସେହି ମହାନ କବିଙ୍କ ଜୀବନ ଓ ସର୍ଜନା ଉପରେ ଗବେଷଣାତ୍ମକ ନିବନ୍ଧ ପୁସ୍ତକ ହେଉଛି 'ବ୍ରଜନାଥ ରଥଙ୍କ କାବ୍ୟବିଶ୍ୱ'। ତାଙ୍କ କବିତାର କ୍ରମବିକାଶ, ଭାବସଂପଦ, ନାନ୍ଦନିକ ବିଭବର ନାନାଦିଗ ଏହି ଗବେଷଣାରେ ସ୍ଥାନ ପାଇଛି। କବି ବ୍ରଜନାଥ ରଥଙ୍କ କାବ୍ୟଜଗତକୁ ନେଇ ପ୍ରକାଶିତ ଏହି ଅମୂଲ୍ୟ ଗବେଷଣାତ୍ମକ ଗ୍ରନ୍ଥଟିର ଲେଖକ ହେଉଛନ୍ତି ଡ. ପୂର୍ଣ୍ଣଚନ୍ଦ୍ର ପାଢୀ। ବ୍ରଜନାଥ ରଥଙ୍କୁ ଭଲପାଉଥିବା ବ୍ୟକ୍ତିମାନଙ୍କ ନିମନ୍ତେ ଏହା ଏକ ଉପଯୋଗୀ ପୁସ୍ତକ ନିଶ୍ଚୟ।

କଥା ହିଁ କଥା

ଲେଖକ: **ହାଡ଼ିବନ୍ଧୁ ମହାଖୁଡ଼**

ପ୍ରକାଶକ: **ପେନ୍ ଇନ୍ ବୁକ୍ସ,**
୭୮୪, ସହିଦ ନଗର, ଭୁବନେଶ୍ୱର

ପୃଷ୍ଠା: ୯୫, ମୂଲ୍ୟ: ୧୨୫ ଟଙ୍କା



ଏଗାରଟି ଗପକୁ ନେଇ ଗାଳ୍ପିକ ହାଡ଼ିବନ୍ଧୁ ମହାଖୁଡ଼ଙ୍କର 'କଥା ହିଁ କଥା' ଗଳ୍ପ ସଂକଳନ। 'ସ୍ମୃତି ସାଉଁଟିବା ବେଳ' ଗଳ୍ପରେ ଆମେରିକା ଯିବା ପାଇଁ ବାହାରିଥିବା ଜଣେ ଯୁବକଙ୍କୁ ନିଜ ଜନ୍ମମାଟିକୁ ନ ଭୁଲିବା ପାଇଁ କୁହାଯାଇଛି ଉପଦେଶ ଛଳରେ। ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳରେ ସରକାରୀ ପ୍ରୋତ୍ସାହନ କିପରି ଅପହଞ୍ଚ ତାହାକୁ ସୁନ୍ଦର ଭାବେ ଦର୍ଶାଯାଇଛି 'ବିଡ଼ମ୍ବନାର ବେଳ' ଗଳ୍ପରେ। 'ନିର୍ବାଚନ ବେଳ' ଗଳ୍ପରେ ଜଣେ ସଚ୍ଚୋଟ ଅଫିସର ହରିଶବାବୁ କିପରି ୫ ବର୍ଷରେ ୬ ଥର ବଦଳି ହୋଇ ହୀନସ୍ତା ହୋଇଛନ୍ତି, ବାସ୍ତବିକ ତାହା ବିଚାର କରିବା କଥା। 'ବସୁଧୈବ କୁଟୁମ୍ବକମ୍'ର କଥା କୁହାଯାଇଛି 'ହିନ୍ଦୁ ସଫାରୀ'ରେ। ବର୍ତ୍ତମାନ କରାଯାଉଥିବା ଶଲ୍ୟ ଚିକିତ୍ସାରେ ଅଙ୍ଗ ପ୍ରତ୍ୟାରୋପଣ କ୍ରମରେ କିଡ଼ନୀ ଓ ହୃତପିଣ୍ଡ ଭଳି ଗୋଟିଏ ଶିକ୍ଷିତ ଯୁବକର ମସ୍ତିଷ୍କକୁ ତା' ଅଜାଣତରେ କିପରି କାଢି ନିଆଯାଉଛି, ଏହି ସ୍ପର୍ଶକାତର ବିଷୟକୁ ସ୍ଥାନିତ କରାଯାଇଛି 'ହ୍ୟୁମାନ ପାର୍କ' ଗଳ୍ପରେ।

ନିଃଶବ୍ଦ କୋଳାହଳ

ଲେଖକ: **ନାଟ୍ୟସାରଥି ରଘୁନାଥ ମହାନ୍ତ**

ପ୍ରକାଶକ: **ଡମ୍ବରୁ ମହାନ୍ତ,**
ଅଭିଳାଷ ପ୍ରକାଶନ, ସଂଜୀବନୀ ସାହିତ୍ୟ ସଂସଦ, ଭଣ୍ଡା, କେନ୍ଦୁଝର-୭୫୮୦୪୪

ପୃଷ୍ଠା: ୬୪, ମୂଲ୍ୟ: ୫୫ ଟଙ୍କା

'ନିଃଶବ୍ଦ କୋଳାହଳ' ଏକ ଚେତନାଧର୍ମୀ ନାଟକ। କନ୍ୟାଭ୍ରୂଣ ହତ୍ୟାର ଅନ୍ତିମ ପରିଣତିକୁ ନାଟ୍ୟକାର ସୁନ୍ଦରଭାବେ ଉପସ୍ଥାପନ କରିଛନ୍ତି ନାଟକଟିରେ। ନାରୀକୁ ମା', ବଧୂ ଓ ପୁତ୍ରବଧୂ ଭାବେ ଗ୍ରହଣ କରୁଥିଲେ ବି କନ୍ୟା ସନ୍ତାନ ପ୍ରତି ସମସ୍ତେ ବିମୁଖ। ପରବର୍ତ୍ତୀ ବିଷମୟ ପରିସ୍ଥିତିକୁ ବିଚାର ନ କରି, ମାତୃଗର୍ଭରୁ ହିଁ କନ୍ୟା ସନ୍ତାନମାନଙ୍କୁ ହତ୍ୟା କରାଯାଉଛି। ଆଜିର ସମାଜରେ କନ୍ୟାଭ୍ରୂଣ ହତ୍ୟା ଏପରି ବଢ଼ିଯାଇଛି ଯେ, ସମୟ ଆସିବ ଗୋଟିଏ କନ୍ୟାକୁ ଅନେକ ପୁରୁଷ ବିବାହ କରିବାକୁ ବାଧ ହେବେ। ଏହିପରି ଏକ ଉତ୍କଣ୍ଠାପୂର୍ଣ୍ଣ କାହାଣୀକୁ ନେଇ ଗତିଶୀଳ ହୋଇଛି ନାଟକଟି। ସାମାଜିକ ସଚେତନତା ସୃଷ୍ଟିର ଉପାଦେୟ ଓ ଶକ୍ତିଶାଳୀ ମାଧ୍ୟମ ରୂପେ ନାଟକଟି ବେଶ୍ ଖୋରାକ୍ ଯୋଗାଇଛି।

ପୁନରପି କୁରୁକ୍ଷେତ୍ର

ଲେଖିକା: **ସରୋଜିନୀ ମିଶ୍ର**

ପ୍ରକାଶକ: **ଶାନ୍ତନୁ କୁମାର ମହାପାତ୍ର,**
ଆର୍ଯ୍ୟ ନିବାସ, ଚକ୍ରପାଡି ବନ୍ଧତଳ, ପୁରୁଣାବଜାର, କେନ୍ଦୁଝର-୭୫୮୦୦୨

ପୃଷ୍ଠା: ୯୧, ମୂଲ୍ୟ: ୫୦ ଟଙ୍କା



ଛତିଶଟି କବିତାକୁ ନେଇ କବୀ ସରୋଜିନୀ ମିଶ୍ରଙ୍କର 'ପୁନରପି କୁରୁକ୍ଷେତ୍ର' ପୁସ୍ତକ। ଶୀର୍ଷକ କବିତାରେ କୁହାଯାଇଛି, ଏବେ ବି କୁରୁକ୍ଷେତ୍ର ଚଳଚଞ୍ଚଳ, ସମସ୍ତେ ନିଜନିଜ ମଧ୍ୟରେ ଯୁଦ୍ଧରେ ବ୍ୟସ୍ତ। ଯୁଦ୍ଧର ପରିସମାପ୍ତି କେବେ ହେବ ? ଶାନ୍ତି କେବେ ଫେରି ଆସିବ ? ସେହି ପ୍ରଶ୍ନସବୁ କବୟିତ୍ରୀଙ୍କ ହୃଦୟକୁ ଆନ୍ଦୋଳିତ କରୁଛି। ଠିକ୍ ଏହିଭଳି ବାର୍ତ୍ତା ରହିଛି କବିତା 'ବିକଳ୍ପ ବିଶ୍ୱ'ରେ। ଚାରିଆଡେ ଅନ୍ୟାୟ ଓ ଅସତ୍ୟର ରାଜୁତି। ହିଂସା, ଅତ୍ୟାଚାର, ଶୋଷଣ, ଧର୍ଷଣ, ଘୃଣା, ଅସୂୟା ଓ ପ୍ରିୟାପ୍ରୀତି ସବୁକୁ ଦେଖି ମଧ ମ୍ଳେଚ୍ଛକୁ ନିପାତ କରିବାକୁ ବାରହାତ ଖଣ୍ଡା କାହିଁକି ଉଠେନାହିଁ ? 'ବିକଳ୍ପ ବିଶ୍ୱ'ର ସନ୍ଧାନରେ ତାଙ୍କ ମନରେ ଅନେକ ଅସମାହିତ ପ୍ରଶ୍ନ। 'ମାଆ' ଶବ୍ଦର ବିକଳ୍ପ ନାହିଁ, ମାଆର ଅମୃତରସ ପାନକରି ତା'ରି ପଣତକାନିର ଛାଇତଳେ ପ୍ରତ୍ୟକ ସନ୍ତାନ ସୁରକ୍ଷିତ।



ଅମୃତ ଅନୁଭବ

ସଂପାଦନା ଓ ସଂକଳନ: **ଶ୍ରୀକାନ୍ତ ମହାନ୍ତି**

ପ୍ରକାଶକ: **ବିଚିତ୍ରା ପବ୍ଲିକେଶନ୍,**
ଅନୁରାଗ, ମାର୍କଣ୍ଡେଶ୍ୱର ସାହି, ପୁରୀ-୦୧

ପୃଷ୍ଠା: ୩୧୨, ମୂଲ୍ୟ: ୧୫୦ ଟଙ୍କା

ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ର କରି ବହୁ ଶ୍ରଦ୍ଧାଳୁ ସେମାନଙ୍କ ଅନୁଭୂତି ଓ ଅଭିଜ୍ଞତାକୁ ବଖାଣିଛନ୍ତି 'ଅମୃତ ଅନୁଭବ'ରେ। ପୁସ୍ତକଟିରେ ୭୪ଜଣ ଶ୍ରଦ୍ଧାଳୁ ସେମାନଙ୍କ ଜୀବନରେ ଉପଲବ୍ଧ ଅଲୌକିକ ଘଟଣାର ଆବେଗପୂର୍ଣ୍ଣ କଥା ସବୁ ବେଶ୍ ସୁନ୍ଦରଭାବେ ଉପସ୍ଥାପିତ କରିଛନ୍ତି। ସାଧାରଣ ଭକ୍ତମାନଙ୍କ ଜଗନ୍ନାଥଙ୍କ ପ୍ରତି ଭକ୍ତି ଓ ବିଶ୍ୱାସର କଥା ଓ ଅଙ୍ଗେଲିଭା ରହସ୍ୟମୟ କଥାର ବହୁ ଉପଲବ୍ଧି ଏଥିରେ ଭରି ରହିଛି। ପାଠକ-ପାଠିକାଙ୍କୁ ଏହା ବିମଳ ଆନନ୍ଦ ଦେବା ସହିତ ଭକ୍ତିଭାବମୟ କରାଇବା ଓ ଚିନ୍ତା ଓ ଚେତନାକୁ ଭକ୍ତିରସରେ ଆପ୍ଲୁତ କରିବ ବୋଲି ଆଶା କରାଯାଏ।



ବଳୟ ଧାରର ମଣିଷ

ଲେଖକ: **ଅମରେଶ ପଟ୍ଟନାୟକ**

ପ୍ରକାଶକ: **ପ୍ରବାହ**, ଗୋବିନ୍ଦପୁର, ଜାହାନପୁର, ଦେବୀଦ୍ୱାର, ଯାଜପୁର-୭

ପୃଷ୍ଠା: ୧୩୬, ମୂଲ୍ୟ: ୧୩୦ ଟଙ୍କା

ଅମରେଶ ପଟ୍ଟନାୟକଙ୍କ 'ବଳୟ ଧାରର ମଣିଷ' ଏକ ବିରଳ ଗଦ୍ୟ ରଚନା। ଲେଖକଙ୍କର ଚମତ୍କାର ମନସ୍ତାତ୍ତ୍ୱିକ ମନନଶୀଳତା ଏଥିରେ ସ୍ପଷ୍ଟ ବାରି ହୋଇପଡୁଛି। ଧରାବନ୍ଧା ରୀତି ଶୈଳୀକୁ ଆଧାର ନ କରି ଭିନ୍ନ ଢଙ୍ଗରେ ରଚିତ ଲେଖକଙ୍କ 'ବଳୟ ଧାରର ମଣିଷ' ଏକ ଅନନ୍ୟ ଉପନ୍ୟାସ। ଏଥିରେ ଲେଖକଙ୍କର ସୂକ୍ଷ୍ମ ଗଭୀର ଶାଣିତ ଚିନ୍ତନର ରୂପାୟନ ହୋଇଛି। ଉପନ୍ୟାସ ହେଲେ ହେଁ ଏଥିରେ ଲେଖକଙ୍କର କାବ୍ୟିକଧାରା ଅନେକାଂଶର ପରିସ୍ଫୁଟ, ଯାହାକି ତାଙ୍କର 'ଆରତ ଅବିରତ' ଉପନ୍ୟାସରେ ଦେଖାଦେଇଥିଲା। ଏହି ଭିନ୍ନ କିସମର ଉପନ୍ୟାସଟି ପାଠକମାନଙ୍କୁ ନିଆରା ଅନୁଭବ ଓ ଆନନ୍ଦ ଆଣିଦେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ଅନିର୍ବାଣ ଜ୍ୟୋତି

ଲେଖକ: **କୃଷ୍ଣ ଚନ୍ଦ୍ର ପଟ୍ଟନାୟକ**

ପ୍ରକାଶକ: **ଲିଙ୍ଗରାଜ ପବ୍ଲିକେଶନ୍**, ୧୪୫୫, ଖରାଖିଆ ବୈଦ୍ୟନାଥ ସାହି, ପୁରୁଣା ଭୁବନେଶ୍ୱର-୭୫୧୦୦୨

ପୃଷ୍ଠା: ୨୧୩, ମୂଲ୍ୟ: ୧୫୦ ଟଙ୍କା



କୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କ ରଚିତ 'ଅନିର୍ବାଣ ଜ୍ୟୋତି' ଗ୍ରନ୍ଥରେ ସେ ମନୁଷ୍ୟ ଜୀବନର ସ୍ଥିତି ଓ ସ୍ତରକୁ ଗୁରୁତ୍ୱର ସହ ବିଚାର କରିଛନ୍ତି। ଗଭୀର ଶ୍ରଦ୍ଧା, ଅତୁଟ ଭକ୍ତି ଓ ଅଗାଧ ବିଶ୍ୱାସ ହେତୁ ଶ୍ରୀ ଜଗନ୍ନାଥଙ୍କୁ ମର୍ମେ-ମର୍ମେ ଉପଲବ୍ଧି କରି ଉତ୍କଳୀୟ ସଂସ୍କୃତିରେ କିଭଳି ତା'ର ପ୍ରଭାବ ପଡ଼ିଛି, ସେ ସମ୍ପର୍କରେ ଉକ୍ତ ଗ୍ରନ୍ଥରେ ସେ ଆଲୋକପାତ କରିଛନ୍ତି। ଶ୍ରୀମଦ୍ ଭଗବତ୍‌ଗୀତାଠାରୁ ଓଡ଼ିଆ ଭାଗବତ ଓ ଶ୍ରୀକୃଷ୍ଣ-ଶ୍ରୀଜଗନ୍ନାଥଙ୍କ ଐତିହ୍ୟ ଓ ପରମ୍ପରାର କଥାସବୁ ଗ୍ରନ୍ଥଟିକୁ ସମୃଦ୍ଧ କରିଛି। କଳିଯୁଗରେ ସମାଜରେ ହ୍ରାସ ପାଉଥିବା ନୈତିକ ମୂଲ୍ୟବୋଧ ଓ ମାନବିକତାକୁ ଉପଲବ୍ଧି କରି, ମଣିଷର ଚିନ୍ତା ଓ ଚେତନାରେ ଆଧ୍ୟାତ୍ମିକତା ଭରିଦେବା ପାଇଁ ସେ ପ୍ରୟାସ କରିଛନ୍ତି। ମଣିଷ ହୃଦୟରେ ବ୍ରହ୍ମଜ୍ୟୋତି କିପରି ଜାଜ୍ୱଲ୍ୟମାନ ହୋଇରହିବ ଏବଂ ସେହି ଅନିର୍ବାଣ ଜ୍ୟୋତିର ଆଲୋକରେ ସମଗ୍ର ଜଗତ କିପରି ଉଦ୍‌ଭାସିତ ହେବ ଏହା ହିଁ ଲେଖକଙ୍କର ପରିକଳ୍ପନା।



ଲଢ଼େଇ

କବି: **ପଞ୍ଚାନନ ନାୟକ**

ପ୍ରକାଶକ: **ପଞ୍ଚାନନ ନାୟକ କଲଚରାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ**, ଭୁବନେଶ୍ୱର

ପୃଷ୍ଠା: ୯୬, ମୂଲ୍ୟ: ୯୯ ଟଙ୍କା

ଗୀତିକାର ପଞ୍ଚାନନ ନାୟକଙ୍କ କବିତା ସଂକଳନ 'ଲଢ଼େଇ'ରେ ଏକଷଠିଟି କବିତା ରହିଛି। ଏହା ପାଠକଙ୍କ ମନକୁ ଛୁଇଁବ ନିଶ୍ଚୟ। ଗୋଟେ ଲଢୁଆ ପୁଅ ନିଜର ପୁରୁଷାକାର ଭିତରେ ପ୍ରେମ-ପ୍ରତାରଣା, ସୁଖ-ଦୁଃଖ, ଭଲ-ମନ୍ଦ ଭିତରେ ନିଜର ହକ୍ ଦାବି କରିପାରେ। କବିତାମାନଙ୍କରେ ମାଆ-ମାଟି, ଭୋକିଲା ପେଟର ବ୍ୟଥା ଓ ସାଧାରଣ ମଣିଷର ଭାଷା ପାଠକମାନଙ୍କୁ ବାନ୍ଧି ରଖିବାରେ ସହାୟକ ହୋଇପାରିବ। କବି କେବେ ପ୍ରେମକୁ ଅଜଗର ସାପ ସଙ୍ଗେ ତୁଳନା କରି ଗିଳିଦେବା କଥା କହୁଛନ୍ତି ତ କେବେ ଛୋଟ ପିଲା କହି ଗେହ୍ଲାରେ ଅବାଟରେ ଚାଲିବା କଥା କହିଛନ୍ତି। ଈଶ୍ୱର ପ୍ରଦତ୍ତ ପ୍ରେମରୁ ପ୍ରେମିକା, ଫୁଲରୁ ବାସ୍ନା ଓ ରାତିରୁ ରତି ମିଳିଥିବାରୁ କବି ଈଶ୍ୱରଙ୍କୁ ଧନ୍ୟବାଦ ଦେବା ଉଚିତ ବୋଲି କହିଛନ୍ତି ସଂକଳନର ଶେଷ କବିତାରେ। କବିତାର ଧାଡ଼ିମାନଙ୍କରେ ସୁନ୍ଦର ଶବ୍ଦ ସଂଯୋଜନା କବିତାଗୁଡ଼ିକୁ ଆହୁରି ମନୋରମ କରିପାରିଛି।

ମେଘ ସଞ୍ଚାର

କବି: **ପବିତ୍ର ମୋହନ ଦାଶ**

ପ୍ରକାଶକ: **ଟାଇମ୍‌ପାସ୍**, ବରମୁଣ୍ଡା, ଭୁବନେଶ୍ୱର

ପୃଷ୍ଠା: ୧୨୦, ମୂଲ୍ୟ: ୯୫ ଟଙ୍କା



କବି ପବିତ୍ର ମୋହନ ଦାଶଙ୍କର 'ମେଘ ସଞ୍ଚାର' କବିତା ସଂକଳନରେ ରହିଛି ଚଉବନଟି କବିତା। ସଂଘର୍ଷମୟ ଜୀବନରେ ଅନେକ ସୁବିଧା ଅସୁବିଧା ଭିତରେ 'ପଙ୍ଗତ'ର ନିଆରା ଆନନ୍ଦକୁ ମନେପକାଇବା ପାଇଁ ଚେଷ୍ଟା କରିଛନ୍ତି କବି ସଂକଳନର ପ୍ରଥମ କବିତାରେ। ଚାଷୀ ଅନେକ ପରିଶ୍ରମ କରି ନିଜକୁ ଜାଳିପୋଡ଼ି ସମସ୍ତଙ୍କୁ ଖାଦ୍ୟ ଯୋଗାଏ ଓ ଅନେକ ସରକାରୀ ଯୋଜନା ସତ୍ତ୍ୱେ ଋଣଭାରରେ ଆତ୍ମହତ୍ୟା କରେ, ଏହାରି ଆଧାରରେ କବିତା 'ପୋଡ଼ ପିଠା'କୁ ପରଶି ଦେଇଛନ୍ତି କବି ତାଙ୍କର ନିଜସ୍ୱ ଶୈଳୀରେ। ମହାକବିମାନଙ୍କର ମହାକାବ୍ୟ ତଳେ ନୂତନ ପିଢ଼ିର କବିମାନେ କିପରି ଦୂବଘାସ ବା ମନ୍ଦାଏ ପୋକ ଭଳି ଚାପି ହୋଇ ରହିଯାନ୍ତି ଏବଂ ଛଟପଟ ହେଉଥାନ୍ତି ପ୍ରଚଣ୍ଡ ଚାପରୁ ନିଜକୁ ମୁକୁଳାଇ ବାହାରି ଆସିବା ପାଇଁ, ସଂକଳନର ଶେଷ କବିତା 'ମହାକବିମାନଙ୍କୁ ସମର୍ପିତ'ରେ ଅତି ସୁନ୍ଦର ଭାବେ ପ୍ରକାଶ ପାଇଛି। ଅନ୍ୟାନ୍ୟ କବିତା ମଧ୍ୟ ଭଲ ହୋଇଛି।



ମନ କାନଭାସ୍

ଲେଖିକା: **ପ୍ରବୀଣା ପରିଡ଼ା**

ପ୍ରକାଶକ: **ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ**, ହାଉସିଂବୋର୍ଡ଼ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୬

ପୃଷ୍ଠା: ୧୦୦, ମୂଲ୍ୟ: ୮୦ ଟଙ୍କା

'ମନ କାନଭାସ୍' ପୁସ୍ତକରେ ବାଷଠିଟି କବିତା ସ୍ଥାନ ପାଇଛି। ପ୍ରାୟତଃ କବିତାଗୁଡ଼ିକ ପ୍ରେମରସରେ ଭରପୂର ହୋଇଥିବା ବେଳେ କିଛି କବିତାରେ ସମାଜ ସଚେତନତାର ସ୍ୱର ଫୁଟି ଉଠିଛି। ମଧୁର ସ୍ମୃତିରେ ଉବୁଟୁବୁ ମନ ଆକାଶରେ ଜହ୍ନ ଓ ତାରାମାନେ ରାତି ପାହିବା ଆଗରୁ ଆଙ୍କିହୋଇ ଯାଇଛନ୍ତି କବୀଙ୍କର 'ମନ କାନଭାସ୍'ରେ କବିତା ହେଇ। ରୋମାଣ୍ଟିକ୍ ମନନଶୀଳତାକୁ ଆଧାର କରି ବିବର୍ତ୍ତିତ ରୋମାଣ୍ଟିକ୍ ଚେତନାର ପ୍ରାପ୍ତି ଓ ଅପ୍ରାପ୍ତିର ଭାବନାକୁ ତୋଳି ଧରିବାରେ ସକ୍ଷମ ହୋଇପାରିଛନ୍ତି କବୟିତ୍ରୀ। ପ୍ରେମ ସହିତ ତ୍ୟାଗ ଅଙ୍ଗାଙ୍ଗୀଭାବେ ଜଡିତ, ତ୍ୟାଗ ଦ୍ୱାରା ପ୍ରେମ ବଢ଼ିଥାଏ ବୋଲି ସେ ତାଙ୍କ କବିତାରେ ଦେଖେଇବାକୁ ଚେଷ୍ଟା କରିଛନ୍ତି।

e-News & Magazine

ଚକ୍ଲେଟ୍ ୨

୨୦୧୧ ମସିହାରେ ସୁଶାନ୍ତ ମଣିଙ୍କ ନିର୍ଦ୍ଦେଶନାରେ ତଥା ବାବୁସାନ୍ ଓ ଅର୍ଚ୍ଚିତାଙ୍କ ଯୋଡ଼ିରେ ଏକ ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା 'ଚକ୍ଲେଟ୍'। ଏବେ ନିର୍ଦ୍ଦେଶକ ସୁଶାନ୍ତ ମଣି ଏହାର ସିକ୍ୱେଲ୍ ନିର୍ମାଣ କରିବାକୁ ଯାଉଛନ୍ତି, ଯାହାର ପ୍ରଯୋଜକ ଅଛନ୍ତି ଅକ୍ଷୟ କୁମାର ପରିଜା। କାହାଣୀ, ସଂଳାପ ଓ ନିର୍ଦ୍ଦେଶନା ଦାୟିତ୍ୱ ନିଜେ ସୁଶାନ୍ତ ମଣି ବହନ କରିଥିବାବେଳେ ସଙ୍ଗୀତ ନିର୍ଦ୍ଦେଶନାରେ ଅଛନ୍ତି ଗୁଡ଼ୁଲି ରଥ। ଅନ୍ୟାନ୍ୟ ବିଭାଗ ଯଥା ଚିତ୍ରୋତ୍ତୋଳନରେ ଅଛନ୍ତି ଶୁଭ୍ରାଂଶୁ ଦାସ ଓ ସମ୍ପାଦନାରେ ସୁକୁମାର ମଣି। ଗୀତ ରଚନା କରିଛନ୍ତି ତପୁ ନାୟକ। ତେବେ ଏଥିରେ ପୁରୁଣା 'ଚକ୍ଲେଟ୍'ର ଯୋଡ଼ିଙ୍କୁ ନିଆ ନ ଯାଇ ନୂଆ କଳାକାରଙ୍କୁ ନିଆଯାଇଛି। ମିସ୍ ଟୁରୁଜିମ୍ ଆଣ୍ଡ୍ କଲ୍‌ଚର ୟୁନିଭର୍ସ ପ୍ରତିଯୋଗିତାର ଥାର୍ଡ ରନର ଅପ୍ ତଥା ମିସ୍ ଫଟୋଜେନିକ୍ ଟାଇଟଲ୍ ବିଜୟିନୀ ସ୍ୱପ୍ନା ପ୍ରିୟଦର୍ଶିନୀଙ୍କୁ ଏଥିରେ ନାୟିକା ଭାବେ ଉପସ୍ଥାପିତ କରାଯାଉଛି। ସେହିପରି ଶିଶୁ କଳାକାର ଭାବେ ଓଡ଼ିଆ ଓ ହିନ୍ଦୀ ସିନେମା ତଥା ସିରିଏଲ ଜଗତରେ ପରିଚୟ ହାସଲ କରିଥିବା ରୀତ୍ ଓରଫ୍ ଲୋହିତାକ୍ଷ ପଟ୍ଟନାୟକ ତାଙ୍କ ବିପକ୍ଷରେ ନାୟକ ଭାବେ ନିଜର କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି।

- ଡଙ୍ଗ୍ୟୁ ଏଣ୍ଟରଟେନ୍‌ମେଣ୍ଟ ନିବେଦିତ ତଥା ଗଙ୍ଗାଧର-ଦୀପ୍ତି ପ୍ରଯୋଜନାରେ ପ୍ରସ୍ତୁତ ହୋଇଛି ଚଳଚ୍ଚିତ୍ର 'ଚମ୍ପିୟାନ'। ଏହାର ନିର୍ଦ୍ଦେଶନା ଦେଇଛନ୍ତି କେ. ମୁରଲୀକ୍ରିଷ୍ଣନ।
- ଅମର ମ୍ୟୁଜିକ୍ ଓ ଲେଡିକାଟ୍ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ପ୍ରସ୍ତୁତ ହେଉଛି ଚଳଚ୍ଚିତ୍ର 'ମାଲ୍ ମହୁ ଜୀବନ ମାଟି'। ଏହାର ନିର୍ଦ୍ଦେଶନା ଦେଉଛନ୍ତି ରମେଶ ରାଉତ। ଏଥିରେ ସବ୍ୟସାଚୀ, ଏଲିନା, ସ୍ୱପ୍ନା ପତି, ପ୍ରଦ୍ୟୁମ୍ନ ଲେଙ୍କା ପ୍ରମୁଖ ଅଭିନୟ କରୁଛନ୍ତି।

ସେଲ୍‌ଫିସ୍ ଦିଲ୍

ପ୍ରେମ ଓ ପାରିବାରିକ ପୃଷ୍ଠଭୂମିକୁ ଆଧାରକରି ପଞ୍ଚବଟୀ ସିନେ କ୍ରିଏସନ୍ ପ୍ରସ୍ତୁତ କରୁଛି ଚଳଚ୍ଚିତ୍ର 'ସେଲ୍‌ଫିସ୍ ଦିଲ୍'। ଏହି ଚଳଚ୍ଚିତ୍ର ମାଧ୍ୟମରେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ପଦାର୍ପଣ କରିବାକୁ ଯାଉଛନ୍ତି ନବାଗତ ଅଭିନେତା ଶ୍ରେୟାନ୍। ତାଙ୍କ ବିପକ୍ଷରେ ନାୟିକା ଅଛନ୍ତି ସୂର୍ଯ୍ୟମୟୀ। ବସନ୍ତ ସାହୁଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ହେମନ୍ତ ନାୟକ। ସୌମିତ୍ରୀ ପଲାଇ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବାବେଳେ ଗୀତ ରଚନା କରିଛନ୍ତି ଡ. ନିର୍ମଳ ନାୟକ। ଅନ୍ୟମାନଙ୍କ ମଧ୍ୟରେ କ୍ୟାମେରାରେ ଧ୍ରୁବାନନ୍ଦ ପଣ୍ଡା ଥିବାବେଳେ ଫାଇଟ୍‌ରେ ଅଛନ୍ତି ଜୁଡୋ ରାମୁ। ଏଥିରେ ବିଭିନ୍ନ ଭୂମିକାରେ ବିଜୟ ମହାନ୍ତି, ମୁନ୍ନା ଖାଁ, ପପି ସନ୍ତୁକା, ସଲିଳ ମିତ୍ର, କେ.କେ, ଗୁଡ୍ଡୁ, କାଳୀ ଓ ଅମର ପ୍ରମୁଖ ଅଭିନୟ କରିଛନ୍ତି। ଫେସ୍‌ବୁକ୍‌ର ଫେକ୍ ଆଇଡ଼ିରୁ ଆରମ୍ଭ ହୁଏ ପ୍ରେମ। ଏହି ପ୍ରେମ ସଫଳତାର ରୂପ ନିଏ ନା' ବିଫଳତାର ସ୍ୱାଦ ଚାଖେ ତାହାକୁ ଭିତ୍ତି କରିଛି ଚଳଚ୍ଚିତ୍ର 'ସେଲ୍‌ଫିସ୍ ଦିଲ୍'। ଲଭ୍, ରୋମାନ୍ସ, ଆକସନ, ଇମୋସନକୁ ନେଇ ଚଳଚ୍ଚିତ୍ରର କାହାଣୀ ପ୍ରସ୍ତୁତ।

e-News & Magazine

ପ୍ରେମ ପାଇଁ ମହାଭାରତ

ଆଚାର୍ଯ୍ୟ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ପ୍ରସ୍ତୁତ ହୋଇଛି ଚଳଚ୍ଚିତ୍ର 'ପ୍ରେମ ପାଇଁ ମହାଭାରତ'। ପ୍ରଦୀପ୍ତ ପ୍ରକାଶ ଆଚାର୍ଯ୍ୟଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ସହିତ ସଂଳାପ ଓ ଚିତ୍ରନାଟ୍ୟ ରଚନା କରିଛନ୍ତି ନିରଂଜନ ବେହେରା ଏବଂ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମଜୁମ୍‌ଦାର। ମହାଭାରତ ଛାୟାରେ ବର୍ତ୍ତମାନର ପ୍ରେମର ସ୍ୱରୂପକୁ ଏହି ଚଳଚ୍ଚିତ୍ର କାହାଣୀରେ ଆଧାର କରିଛି। ଏଥିରେ ନାୟକ ନାୟିକା ଭୂମିକାରେ ସମ୍ବିତ୍ ଓ ରିୟା ଅଭିନୟ କରିଥିବାବେଳେ ଅନ୍ୟାନ୍ୟ ଭୂମିକାରେ ସମରେଶ, ପିଣ୍ଟୁ ନନ୍ଦ, ଶ୍ରୀତମ ଦାସ, ପୁପିନ୍ଦର, ବବି ମିଶ୍ର, ମିହିର ଦାସ, ବିଜୁ ବଡ଼ଜେନା, ଗୁଡ୍ଡୁ, ପ୍ରତିଭା ପଣ୍ଡା ପ୍ରମୁଖ ଅଭିନୟ କରିଛନ୍ତି।

ବିଶ୍ୱରୂପ

ଏ.ବି. କ୍ରିଏସନ୍ ବ୍ୟାନରରେ ପ୍ରସ୍ତୁତ ହେଉଛି ଚଳଚ୍ଚିତ୍ର 'ବିଶ୍ୱରୂପ'। ବିଶ୍ୱଜିତ ମିଶ୍ରଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ସରୋଜକାନ୍ତ। ଅନ୍ୟମାନଙ୍କ ମଧ୍ୟରେ କ୍ୟାମେରା ପରିଚାଳନାରେ ଅଛନ୍ତି ଧୀରେନ୍, ସଂଳାପ ରଚନା ମନୋରଂଜନ ଦାସ, ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିଭୂତି ଭୂଷଣ ଗଡ଼ନାୟକ ଏବଂ ଗୀତ ରଚନା କରିଛନ୍ତି ପଞ୍ଚାନନ ନାୟକ ଓ ବାପୁ ଗୋସ୍ୱାମୀ। ବକ୍ସିଂକୁ ଆଧାର କରି ଗଢ଼ିଉଠିଛି ଏହି ଚଳଚ୍ଚିତ୍ର। ଏଥିରେ ନାୟକ ଭୂମିକାରେ ଅର୍ଥାତ୍ କିକ୍ ବକ୍ସର ଭୂମିକାରେ ଅଭିନୟ କରୁଛନ୍ତି ବିଶ୍ୱରୂପ। ସୂଚନାଯୋଗ୍ୟ, ବିଶ୍ୱରୂପ ବାସ୍ତବ ଜୀବନରେ ମଧ୍ୟ ଜଣେ ବକ୍ସର। ଜାତୀୟସ୍ତରରେ ତାଙ୍କର ସୁନାମ ରହିଛି। ସେଥିସହ କେତେ ଓଡ଼ିଆ ଚଳଚ୍ଚିତ୍ରରେ ମଧ୍ୟ ସେ ଅଭିନୟ କରିଛନ୍ତି। ଏଥିରେ ଅନ୍ୟାନ୍ୟ ଭୂମିକାରେ ଅଭିନେତ୍ରୀ ଅମ୍ରିତା, ତନିଶା, ଶ୍ୱେତା ଆଚାର୍ଯ୍ୟ ଏବଂ ଅଭିନେତା ମନୋଜ ମିଶ୍ର, ରକ୍ ପାତ୍ର, ଭବାନୀ ପ୍ରମୁଖ ଅଭିନୟ କରୁଛନ୍ତି।

କଟିପତଙ୍ଗ

ଶକ୍ତି ପ୍ରଡ଼କ୍ସନ୍ସ୍ ବ୍ୟାନରରେ ପ୍ରସ୍ତୁତ ହେଉଛି ଚଳଚ୍ଚିତ୍ର 'କଟି ପତଙ୍ଗ'। ଦେବେନ୍ଦ୍ରନାଥ ସାହୁଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦେଉଛନ୍ତି କୁମାର ସରୋଜ। ଅନ୍ୟମାନଙ୍କ ମଧ୍ୟରେ କାହାଣୀ ରଚନା କରିଛନ୍ତି ମଧୁସ୍ମିତା ଦାସ, ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଏସ୍. ଚନ୍ଦ୍ରକାନ୍ତ ଓ ସଂଳାପ ରଚନା କରିଛନ୍ତି ଅଜୟ ସାମଲ। ଏଥିରେ ନାୟକ ନାୟିକା ଭୂମିକାରେ ଅଭିଷେକ, ଆର୍.କେ. ଅନନ୍ୟା, ରାନୀ ଏବଂ ଅନ୍ୟାନ୍ୟ ଭୂମିକାରେ ଉତ୍ତମ ମହାନ୍ତି, ଅସିତ ପତି, ମନୀଷା ମିଶ୍ର, ସରୋଜ ଦାଶ ପ୍ରମୁଖ ଅଭିନୟ କରୁଛନ୍ତି। ବନ୍ଧୁତା ଓ ପ୍ରେମକୁ ଆଧାର କରିଛି ଏହି ଚଳଚ୍ଚିତ୍ର।

e-News & Magazine

■ ଅନ୍ତ ଆଳାପ

ଜିମି ପରାଶର

'କାଦମ୍ବିନୀ'ର ଚଳିତ ସଂଖ୍ୟାର ପ୍ରଚ୍ଛଦ ଶିଳ୍ପୀ ହେଉଛନ୍ତି ଜାତୀୟସ୍ତରର ମଡେଲ୍ ତଥା ଅନ୍ତର୍ଜାତୀୟ ସୌନ୍ଦର୍ଯ୍ୟ ପ୍ରତିଯୋଗୀ ଜିମି ପରାଶର। ଭାଗଲପୁରର ଝିଅ ଜିମି ଗତବର୍ଷ 'ମିସ୍ ଇଣ୍ଡିଆ ଇଣ୍ଟର୍‌ନ୍ୟାସ୍‌ନାଲ'ରେ ପ୍ରଥମ ରନର୍ସ ଅପ୍ ହୋଇଥିଲେ। ଚଳିତ ମାସ ଜିମିଙ୍କର ଜନ୍ମମାସ। ଜଣେ ଭଲ ଭଲିବଲ ଖେଳାଳିଭାବେ ମଧ୍ୟ ତାଙ୍କର ସୁନାମ ରହିଛି। 'କିଟ'ର ଛାତ୍ରୀ ଜିମିଙ୍କ ସହ 'କାଦମ୍ବିନୀ'ର ଏହି ଅନ୍ତ ଆଳାପ।

ତାଙ୍କ ବାପା ଥିଲେ ଜଣେ ଭଲିବଲ୍ ଖେଳାଳି। ତେବେ ଏହି କ୍ଷେତ୍ରରେ ବିଶେଷ ସଫଳତା ପାଇପାରି ନ ଥିଲେ ବି ତାଙ୍କର ଇଚ୍ଛାଥିଲା ତାଙ୍କର ପିଲାମାନେ ଭଲିବଲ ଖେଳନ୍ତୁ ଏବଂ ତାଙ୍କର ସୁନାମ ରଖନ୍ତୁ। ତେଣୁ ପିଲାମାନଙ୍କୁ ଛୁଆଟି ଦିନରୁ ଭଲି ମନସ୍କ କରାଉଥିଲେ ସେ। କିନ୍ତୁ ମଣିଷ ଚାହିଁଲେ ଯେ ସବୁ ହୋଇଯାଏ, ତାହା ନୁହେଁ। ତିନି ପିଲାଙ୍କ ମଧ୍ୟରୁ ଦୁଇଜଣ ଏଥିପ୍ରତି ଆଗ୍ରହୀ ନ ହେବାରୁ ଶେଷରେ ଝିଅ ଉପରେ ଅଧିକ ଆଶା ପ୍ରକଟ କରିଥିଲେ ବାପା। କିନ୍ତୁ ଝିଅର ମନ ଥିଲା ଗ୍ଲାମର ଦୁନିଆ ବା ସୌନ୍ଦର୍ଯ୍ୟ ଜଗତକୁ ଆସିବ। ଗୋଟିଏ ପଟେ ବାପାଙ୍କ ଇଚ୍ଛା, ଅନ୍ୟପଟେ ନିଜର ଆଗ୍ରହ। ଏହା ହିଁ ଥିଲା ଝିଅଟି ପାଇଁ ଏକ ବଡ଼ ଆହ୍ୱାନ। ଶେଷରେ ଝିଅ ନିଷ୍ପତ୍ତି ନେଲା, ଉଭୟକୁ ନେଇ ଆଗକୁ ବଢ଼ିବ। ଯେଉଁଥିରେ ଅଧିକ ସଫଳହେବ, ତାକୁ ହିଁ ଭବିଷ୍ୟତର କ୍ୟାରିୟର କରିବ। କୌତୂହଳର କଥା, ଝିଅଟି ଏବେ ସୌନ୍ଦର୍ଯ୍ୟ କ୍ଷେତ୍ରରେ ବେଶ୍ ପ୍ରତିଷ୍ଠା ଅର୍ଜନ କରିପାରିଛି। ତେବେ ଭଲିବଲ୍‌କୁ ଛାଡ଼ିପାରିନି। ବାପାଙ୍କ ଇଚ୍ଛାକୁ ସମ୍ମାନ ଦେଇ ଭଲିବଲ୍ କ୍ରୀଡ଼ା ଜାରିରଖି ଏବେ ଜଣେ ପ୍ରଶିକ୍ଷିକା ହୋଇପାରିଛି। ହଁ, ଆମେ ଏଠାରେ ଯାହାଙ୍କ କଥା କହୁଛୁ, ସେ ହେଉଛନ୍ତି ବିହାର, ଭାଗଲପୁରର ଝିଅ ତଥା ବୋହୂ ଜିମି ରାୟ ପରାଶର। ଜିମି ଏବେ ଜଣେ ଭଲିବଲ ପ୍ରଶିକ୍ଷକ ସହ ଜଣେ ପ୍ରତିଷ୍ଠିତ ମଡେଲ୍। ଗତବର୍ଷ ଅର୍ଥାତ ୨୦୧୮ରେ ମାଲେସିଆରେ ଅନୁଷ୍ଠିତ 'ମିସ୍ ଇଣ୍ଡିଆ ଇଣ୍ଟରନ୍ୟାସ୍‌ନାଲ'ରେ ସେ ପ୍ରଥମ ରନର୍ ଅପ୍ ହୋଇ ସୌନ୍ଦର୍ଯ୍ୟ ଜଗତର ଦୃଷ୍ଟି ଆକର୍ଷଣ କରିଥିଲେ। ଜିମି ଏହା ଭିତରେ ଆହୁରି କେତୋଟି ଛୋଟବଡ଼ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳ ହୋଇଛନ୍ତି।

ନିଜର ଏହି ସୌନ୍ଦର୍ଯ୍ୟ ଯାତ୍ରା ସଂପର୍କରେ ଜିମି କୁହନ୍ତି, "ବହୁ ଆହ୍ୱାନକୁ ସାମ୍ନାକରି ମୁଁ ସୌନ୍ଦର୍ଯ୍ୟ ଜଗତକୁ ଆପଣେଇଛି ଓ କିଛିଟା ସଫଳ ହୋଇଛି। ବାପା ଚାହୁଁଥିଲେ, ମୁଁ ଖେଳ ଜଗତରେ ରୁହେ କିନ୍ତୁ ମୁଁ ଚାହୁଁଥିଲି ଗ୍ଲାମର ଜଗତ। ଏହି ଦୁଇଟି ଭିତରେ ସନ୍ତୁଳନ ରକ୍ଷା କରିବା ଥିଲା ମୋ ପାଇଁ ସବୁଠୁ ବଡ଼ ଆହ୍ୱାନ। ପୁଣି ମୁଁ ଯେଉଁ ଅଞ୍ଚଳରେ ରୁହେ, ଏପରିକି ଆମ ରାଜ୍ୟରେ ମଧ୍ୟ ଗ୍ଲାମର ଦୁନିଆ ପାଇଁ ସେମିତି କିଛି ସୁଯୋଗ ନ ଥିଲା। ଏଥିପାଇଁ ଦିଲ୍ଲୀ କିମ୍ବା ମୁମ୍ବାଇ ଯାଇ ପ୍ରସ୍ତୁତ ହେବାକୁ ପଡୁଥିଲା। ଏଇମିତି ପରିସ୍ଥିତି ପରିବେଶ ମଧ୍ୟରେ ମୁଁ ଏହି ଜଗତରେ ପାଦ ଥାପିଥିଲି।"

ଏ କ୍ଷେତ୍ରରେ ନିଜର ପରିସ୍ଥିତିକୁ ପ୍ରେରଣାର ଉତ୍ସ ଭାବେ ବର୍ଣ୍ଣନା କରି ଜିମି କୁହନ୍ତି, "ପିଲାଟି ଦିନରୁ ଭଲ ପିନ୍ଧି ସଜେଇ ହେବାରେ ମୋର ସଉକ। ମୁଁ ସେତେବେଳେ ଖେଳକୁଦରେ ଥିଲି। କିନ୍ତୁ ମୋର ସାଙ୍ଗସାଥିମାନେ କହୁଥିଲେ, ତୁ ଏ ଖେଳ ଲାଇନ୍ ଛାଡ଼ି ଗ୍ଲାମର୍ ଲାଇନ୍‌କୁ ଯା'। ସେମାନେ ବାରମ୍ବାର ଏହି କଥା ହିଁ କହୁଥିଲେ। ଏହା ହିଁ ମୋ ଭିତରେ ଉତ୍ସାହ ସୃଷ୍ଟି କରିଥିଲା।"

୨୦୧୧ ମସିହାରେ 'ପ୍ରିନ୍‌ସେସ୍ ଅଫ୍ ବିହାର'ରେ ଅଂଶଗ୍ରହଣ କରି ଜିମି ସୌନ୍ଦର୍ଯ୍ୟ ଜଗତରେ ପାଦ ଥାପିଥିଲେ। ନିୟମିତ ଭାବେ ସେ ବିଭିନ୍ନ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିଲେ। ଏହି ସମୟରେ ବିହାର ଚଳଚ୍ଚିତ୍ର ଜଗତ ସହିତ ସଂପୃକ୍ତ ନବାଂଶୁଙ୍କୁ ବିବାହ କରନ୍ତି ଜିମି। ସୌଭାଗ୍ୟକୁ ଶ୍ୱଶୁର ଘର ମଧ୍ୟ ତାଙ୍କୁ ଏ ଦିଗରେ ପ୍ରୋତ୍ସାହନ ଦେବା ଆରମ୍ଭ କରନ୍ତି। ଶ୍ୱଶୁରଘର ଲୋକ ବିଶେଷତଃ ସ୍ୱାମୀଙ୍କଠାରୁ ସାହାଯ୍ୟ, ସହଯୋଗ ଓ ସମର୍ଥନ ପାଇ ଜିମି ସୌନ୍ଦର୍ଯ୍ୟ କ୍ଷେତ୍ରରେ ଆଗକୁ ଆଗକୁ ଯାଆନ୍ତି। ଶେଷରେ ମାଲେସିଆରେ ଅନୁଷ୍ଠିତ 'ମିସ୍ ଇଣ୍ଡିଆ ଇଣ୍ଟରନ୍ୟାସ୍‌ନାଲ'ରେ ଅଂଶଗ୍ରହଣ କରି ଫାଷ୍ଟ ରନର୍ ଅପ୍ ହୁଅନ୍ତି। ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସଂପର୍କରେ ଜିମି କୁହନ୍ତି, 'ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମୋତେ ଶେଷପର୍ଯ୍ୟନ୍ତ ସଂଘର୍ଷ କରିବାକୁ ପଡ଼ିଥିଲା। ଗୋଟିଏ ପଟେ ମା' ରୋଗଶଯ୍ୟାରେ ମରଣ ସହ ସଂଘର୍ଷ କରୁଥିବାବେଳେ ମୋତେ ଏଥିରେ ଅଂଶଗ୍ରହଣ ପାଇଁ ମାଲେସିଆ ଯିବାକୁ ପଡ଼ିଥିଲା। ଏଥିପାଇଁ ପ୍ରଥମେ ଅର୍ଥର ଅଭାବ ଦେଖାଦେଇଥିଲା। ତେବେ ଶ୍ୱଶୁରଘର ଲୋକେ ହିଁ ଏଥିପାଇଁ ସହଯୋଗ ଦେଇଥିଲେ ଏବଂ ମୁଁ ମାଲେସିଆ ଯାଇଥିଲି।"

ବିବାହ ପରେ ବି ଜଣେ ଝିଅ ଏପରି ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣକରି ସଫଳ ହୋଇପାରେ ତାହାର ଉଦାହରଣ ହେଉଛନ୍ତି ଜିମି ପରାଶର। ଏଥିନେଇ ସେ କୁହନ୍ତି, "ମନରେ ଦୃଢ଼ ଆତ୍ମବିଶ୍ୱାସ ଓ ଇଚ୍ଛାଶକ୍ତି ଥିଲେ ସବୁ ସମ୍ଭବ।"

ସେହିପରି ନିଜ ପିତାଙ୍କର ଇଚ୍ଛା ସଂପର୍କରେ ଜିମି କୁହନ୍ତି, "ମୋ ବାପା ଭଲିବଲ ଖେଳିବାକୁ ଏତେ ଭଲପାଉଥିଲେ ଯେ ମୋ ନାଁ ସେ ସମୟର ପ୍ରସିଦ୍ଧ ଅନ୍ତର୍ଜାତୀୟ ଭଲିବଲ୍ ଖେଳାଳି ଜିମି ଜର୍ଜଙ୍କ ନାଁ ଆଧାରରେ 'ଜିମି' ରଖିଥିଲେ। ଜଣେ ଭଲ ଭଲିବଲ ଖେଳାଳି ହେବା ପାଇଁ ସେ ମୋତେ ସର୍ବଦା ପ୍ରେରଣା ଦେଉଥିଲେ। ମୁଁ ତାଙ୍କ ଇଚ୍ଛାକୁ ଆଜିଯାଏ ସମ୍ମାନ ଦେଇଆସିଛି ଏବଂ ଭଲିବଲ୍ କ୍ରୀଡ଼ା ସହ ସଂପୃକ୍ତ ଅଛି।" ଏ କ୍ଷେତ୍ରରେ 'କିଟ୍' ଅନୁଷ୍ଠାନ ତାଙ୍କୁ ପ୍ରଶିକ୍ଷିତ କରିବାରେ ବହୁତକିଛି ସାହାଯ୍ୟ କରିଛନ୍ତି ବୋଲି ଜିମି ସ୍ୱୀକାର କରନ୍ତି। ତାଙ୍କ ମତରେ 'କିଟ୍'ରୁ ବିଶେଷତଃ ଏହାର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କଠାରୁ ଆଗକୁ ବଢ଼ିବାରେ ସେ ଯେଉଁ ଆଶୀର୍ବାଦ ଓ ଶୁଭେଚ୍ଛା ପାଇଛନ୍ତି; ତାହା ଆଦୌ ଭୁଲିବାର ନୁହେଁ।

e-News & Magazine

Downloaded from : https://t.me/odianewspaper

ରାଜଧାନୀ ପୁସ୍ତକ ମେଳା

ଜାନୁଆରୀ ୫ ରୁ ୧୪ ଯାଏ ଭୁବନେଶ୍ୱରସ୍ଥ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି ଊନବିଂଶ ରାଜଧାନୀ ପୁସ୍ତକମେଳା। ମହିଳା ଓ ଶିଶୁକଲ୍ୟାଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଥିଲେ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ। ରାଜଧାନୀ ପୁସ୍ତକ ମେଳା କମିଟିର ସଭାପତି ଉପେନ୍ଦ୍ର କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଆବାହକ ରମେଶ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭ୍ୟ ବୀରକିଶୋର ପ୍ରଧାନ, ଆକୁଳ ଚନ୍ଦ୍ର ନାଥ, କମଳିନୀ ମଲ୍ଲିକ, ବ୍ରହ୍ମାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପୁସ୍ତକ ମେଳାରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ପ୍ରକାଶକ, ବିକ୍ରେତା ଓ ବିତରକମାନେ ଯୋଗ ଦେଇଥିଲେ। 'କାଦମ୍ବିନୀ' ଓ 'କୁନିକଥା' ପକ୍ଷରୁ ମଧ୍ୟ ଏକ ସୁଦୃଶ୍ୟ ଷ୍ଟଲ୍ ଖୋଲାଯାଇଥିଲା। ପୁସ୍ତକ ମେଳା ମଞ୍ଚରେ ବିଭିନ୍ନ ଦିବସରେ ସାରସ୍ୱତ କାର୍ଯ୍ୟକ୍ରମମାନ ମଧ୍ୟ ଅନୁଷ୍ଠିତ ହୋଇଥିଲା।

ଉଦ୍‌ଯାପନ ସନ୍ଧ୍ୟାର ମୁଖ୍ୟ ଅତିଥି ଥିଲେ ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରା ଏବଂ ସମ୍ମାନିତ ଅତିଥି ଥିଲେ ବିଧାୟକ ଅରୁଣ କୁମାର ସାହୁ। ଏହି ଅବସରରେ 'ଶକୁନ୍ତଳାର ଝିଅ' ପୁସ୍ତକ ନିମନ୍ତେ ଡ. ଇତି ସାମନ୍ତଙ୍କୁ ଔପନ୍ୟାସିକ କାଳୀପ୍ରସାଦ ଦାସ ଉପନ୍ୟାସ ସମ୍ମାନ ପ୍ରଦାନ କରାଯିବା ସହିତ ଗଳ୍ପ ପାଇଁ ଦେବାଶିଷ ପାଣିଗ୍ରାହୀ, କବିତା ପାଇଁ ସୁଶାନ୍ତ କୁମାର ନାୟକ ଓ ଅକ୍ଷୟ ବେହେରା, ଅନୁବାଦ ପାଇଁ ସାଧନା ପତ୍ରୀ, ବିଜ୍ଞାନ ପୁସ୍ତକ ପାଇଁ ରବି ମହାପାତ୍ର, ଭ୍ରମଣ କାହାଣୀ ପାଇଁ ଦୀପ୍ତି ରଞ୍ଜନ ମାର୍ଥା, ଶିଶୁ ସାହିତ୍ୟ ପାଇଁ ନୀଳମଣି ଚାନ୍ଦ, ଧର୍ମ ପୁସ୍ତକ ପାଇଁ ବିଜୟଲକ୍ଷ୍ମୀ ସାହୁ, ଜୀବନୀ ସାହିତ୍ୟ ପାଇଁ ଅରୁଣ କୁମାର ସାହୁ ଓ ଅରବିନ୍ଦ ରାୟ, ଗୀତି କବିତା ପାଇଁ ନିରଂଜନ ସେଠୀ ଏବଂ ପୁସ୍ତକ ପ୍ରକାଶନ ପାଇଁ 'ଆମ ଓଡ଼ିଶା'କୁ ରାଜଧାନୀ ପୁସ୍ତକମେଳା ସମ୍ମାନ ପ୍ରଦାନ କରାଯାଇଥିଲା।

'ଶକୁନ୍ତଳାର ଝିଅ' ପାଇଁ ଇତି ସାମନ୍ତଙ୍କୁ ଔପନ୍ୟାସିକା ସମ୍ମାନ

ରାଜଧାନୀ ପୁସ୍ତକମେଳାର 'ଔପନ୍ୟାସିକ କାଳୀପ୍ରସାଦ ଦାସ ଉପନ୍ୟାସ ସମ୍ମାନ' ପାଇଥିବା ଡ. ଇତି ସାମନ୍ତଙ୍କ 'ଶକୁନ୍ତଳାର ଝିଅ' ସମ୍ପର୍କରେ କେତେଜଣ ସ୍ୱନାମଧନ୍ୟ ସାହିତ୍ୟିକଙ୍କର ଅଭିମତ ଏଠାରେ ସ୍ଥାନିତ କରୁଛୁ।

ସାତକଡ଼ି ହୋତା

'ଶକୁନ୍ତଳାର ଝିଅ'ରେ ଗ୍ରାମାଞ୍ଚଳ ଓଡ଼ିଶାର ମଧ୍ୟବିତ୍ତ ପରିବାରର ଦୈନନ୍ଦିନ ଜୀବନ କାହାଣୀ ଏତେ ନିଖୁଣତାର ସହିତ ବର୍ଣ୍ଣନା ହୋଇଛି ଯେ, ତାହା ନାରୀ ଜୀବନର ଯନ୍ତ୍ରଣାକାତର ଜୀବନଧାରାର ଏକ ନିର୍ମଳ ପ୍ରତିଛବି ହୋଇପାରିଛି। ନାରୀକୁ ମୁଖ୍ୟ ଚରିତ୍ର କରି ଲେଖିକା ଶକୁନ୍ତଳାକୁ ଦେଇଥିବା ସ୍ୱାଧୀନତା ଓ ମର୍ଯ୍ୟାଦାବୋଧ ସ୍ୱାଧୀନ ସାର୍ବଭୌମ ଭାରତରେ ସାମାଜିକ ପରିବର୍ତ୍ତନର ଅଗ୍ରଲେଖ ହୋଇ ରହିବ କାଳକାଳ ଧରି। ଡ. ଇତି ସାମନ୍ତ ଓଡ଼ିଆ ସାହିତ୍ୟରେ ନୂତନ ଚେତନାର ବାର୍ତ୍ତା ପ୍ରକାଶ କରିଥିବାରୁ ନାରୀ ସ୍ୱାଧୀନତା ଓ ସ୍ୱାଭିମାନର ପ୍ରତୀକ ହୋଇ ରହିବେ।

ହରପ୍ରସାଦ ଦାସ

ନାରୀ ଜୀବନର ଅମୂଲ୍ୟ ଦସ୍ତାବେଜ୍ 'ଶକୁନ୍ତଳାର ଝିଅ'। ଗତ ପାଞ୍ଚବର୍ଷ ଭିତରେ ପଢ଼ିଥିବା ଓଡ଼ିଆ ଉପନ୍ୟାସମାନଙ୍କ ମଧ୍ୟରେ ଶ୍ରେଷ୍ଠ ଏ ଉପନ୍ୟାସ। କାହ୍ନୁଚରଣ ପରମ୍ପରାର ଅବସାନ ପରେ ସତରେ ଯେ କେବେ ସେ ନିରବ ଅଶ୍ଳୀଳ ପରମ୍ପରା ପୁନର୍ଜନ୍ମ ହେବ ଏ ବିଶ୍ୱାସ ମୋର ନ ଥିଲା। ଏବେ ମୁଁ ନିଶ୍ଚିତ ଯେ କାହ୍ନୁଚରଣଙ୍କ ଅମ୍ଳାନ ନାୟିକାମାନଙ୍କ ଗହଣରେ ଇତିଙ୍କ ଶକୁନ୍ତଳା ବି ରହିବ। 'ଶକୁନ୍ତଳାର ଝିଅ' ଆମ ସମୟର ଏକ କ୍ଲାସିକ୍ ସୃଷ୍ଟି।

ବାଉରୀବନ୍ଧୁ କର

'ଶକୁନ୍ତଳାର ଝିଅ' ଉପନ୍ୟାସଟି ଓଡ଼ିଆ ଉପନ୍ୟାସ ଜଗତରେ ଏକ ନୂତନ ସଂଯୋଗ। ଉନ୍ନତ ଓ ଉଦାର ମାନବିକ ଭାବନା ନାରୀ ସ୍ୱାଧୀନତା ପ୍ରତି ସଚେତନତା, ପୁରୁଷପ୍ରଧାନ ସମାଜରେ ନାରୀର ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରିବା ଦିଗରେ ଏହା ଏକ ସାର୍ଥକ ଉପନ୍ୟାସ। ଓଡ଼ିଆ ଉପନ୍ୟାସ ସାହିତ୍ୟକୁ ସମୃଦ୍ଧ କରିବା ଦିଗରେ 'ଶକୁନ୍ତଳାର ଝିଅ' ବେଶ୍ ପ୍ରଭାବଶାଳୀ।

ଗାୟତ୍ରୀ ସରାଫ୍

ସମାଜରେ ସଚେତନତା ସୃଷ୍ଟି କରିଛି 'ଶକୁନ୍ତଳାର ଝିଅ'। ବନ୍ଦଘରର ଝର୍କା ଖୋଲି ଦିଶା ନିର୍ଦ୍ଦେଶ କରିଛି। ଉପନ୍ୟାସ ଶେଷରେ ହିଁ ଏକ ନୂଆ ଆରମ୍ଭର ସୂଚନା ରହିଛି। ଉପନ୍ୟାସର ଅନ୍ୟ ଏକ ବିଭବ ହେଲା ନାରୀର ସ୍ୱାଭିମାନ, ଯାହାକି ସବୁରି ଉର୍ଦ୍ଧ୍ୱରେ। ଉପନ୍ୟାସର ଭାଷା ସହଜ ସରଳ, ଭାବୋଦ୍ଦୀପକ, ବର୍ଣ୍ଣନା ଶୈଳୀରେ ରହିଛି ଏକ ଚମତ୍କାରିତା।

ବିଜୟିନୀ ଦାସ

'ଶକୁନ୍ତଳାର ଝିଅ' ସମୟୋପଯୋଗୀ। ଭାଷା ସରଳ ଓ ଭାବୋଦ୍ଦୀପକ ବର୍ଣ୍ଣନା ଗତିଶୀଳ ଓ ହୃଦୟସ୍ପର୍ଶୀ। କାହାଣୀର ସାବଲୀଳ କଥନ ଶୈଳୀରେ ଓଡ଼ିଆ ଘରର ସଂସ୍କୃତି ଓ ସଂସ୍କାରର ଛାପ ପ୍ରତିଫଳିତ।

ଦୀପ୍ତି ପଟ୍ଟନାୟକ

'ଶକୁନ୍ତଳାର ଝିଅ' ଜଣେ ଦୁଃଖୀ-ତପସ୍ୱିନୀର ଗାଥା, ଏକ ଦୁଃଖିନୀ ମା'ର କଥା। ହୁଏତ ସେ ଦିନେ ଐଶ୍ୱର୍ଯ୍ୟମୟୀ ହେବ, ମାତୃତ୍ୱର ଗୌରବରେ ଗରବିଣୀ ହେବ। ଡ. ସାମନ୍ତଙ୍କର ଏହି କାହାଣୀ ନିଶ୍ଚିତ ଭାବରେ ଆମ ସମାଜରେ ଥିବା ବହୁ ଶକୁନ୍ତଳାଙ୍କ ମନରେ ସାହସ ଓ ଆଶାର ସଞ୍ଚାର କରିବ, ଏଥିରେ ସନ୍ଦେହ ନାହିଁ।

ରାଜାରାଣୀ ସଙ୍ଗୀତ ମହୋତ୍ସବ

ଜାନୁଆରୀ ୧୮ରୁ ୨୦ ତିନିଦିନ ଧରି ଭୁବନେଶ୍ୱରସ୍ଥ ପ୍ରସିଦ୍ଧ ରାଜାରାଣୀ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି 'ରାଜାରାଣୀ ସଙ୍ଗୀତ ମହୋତ୍ସବ'। ପ୍ରଥମ ସନ୍ଧ୍ୟାର ଅତିଥି ଥିଲେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଭାଗୀୟ ଶାସନ ସଚିବ ବିଶାଲ କୁମାର ଦେବ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେ଼ମୀର ସଚିବ ବିଜୟ କୁମାର ଜେନା। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଡ. ସଙ୍ଗୀତା ଗୋସାଇଁ। ସନ୍ଧ୍ୟାର ପ୍ରଥମ ଆକର୍ଷଣ ଥିଲା ଅନ୍ତର୍ଜାତୀୟ ଖ୍ୟାତିସଂପନ୍ନ କର୍ଣ୍ଣାଟକୀ ଶାସ୍ତ୍ରୀୟ ସଙ୍ଗୀତ ଗାୟିକା ଅରୁଣା ସାଇରାମଙ୍କ ଶାସ୍ତ୍ରୀୟ ସଙ୍ଗୀତ। ସେହିଭଳି ଦ୍ୱିତୀୟ ସନ୍ଧ୍ୟାର ଆକର୍ଷଣ ଥିଲା ପଣ୍ଡିତ କୁମାର ବୋଷଙ୍କ ତବଲା ବାଦନ ଏବଂ ସଙ୍ଗୀତା ପଣ୍ଡାଙ୍କ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ। ଏଥିରେ ଅତିଥିଭାବେ ଯୋଗ ଦେଇଥିଲେ ପୂର୍ବତନ ମୁଖ୍ୟ ଶାସନ ସଚିବ ତରୁଣକାନ୍ତି ମିଶ୍ର, ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ପ୍ରମୁଖ। ସେହିଭଳି ଉଦ୍‌ଯାପନ ସନ୍ଧ୍ୟାର ଆକର୍ଷଣ ଥିଲେ ଶୋଭା ମୁଦ୍‌ଗଲଙ୍କ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଏବଂ ଅଗ୍ନିମିତ୍ର ବେହେରା ଓ ସାଥୀଙ୍କ ଶାସ୍ତ୍ରୀୟ ବାଦନ।

ଗୀତରେ ୮ ଦଶନ୍ଧି

୧୯୩୬ ମସିହାରୁ ଯାତ୍ରା ଆରମ୍ଭ କରିଥିବା ଓଡ଼ିଆ ଚଳଚ୍ଚିତ୍ର ଜଗତ ୮ ଦଶନ୍ଧି ଧରି ନିଜର ଯାତ୍ରା ଅବ୍ୟାହତ ରଖିଛି। ସମୟକ୍ରମେ ଏଥିରେ ବହୁ ସଙ୍ଗୀତଜ୍ଞ, କଣ୍ଠଶିଳ୍ପୀ ଓ ଗୀତିକାର ସଂଶ୍ଳିଷ୍ଟ ହୋଇ ଚିରସବୁଜ ଓ ଅବିସ୍ମରଣୀୟ ଗୀତ ମାଧ୍ୟମରେ ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ଋଦ୍ଧିମନ୍ତ କରିଛନ୍ତି। ଏହି ସଙ୍ଗୀତ ଶିଳ୍ପୀମାନଙ୍କୁ ପୂଜ୍ୟପୂଜା ଉଦ୍ଦେଶ୍ୟରେ ଜାନୁଆରୀ ୨୧ରେ 'ଭୁବନେଶ୍ୱର ମ୍ୟୁଜିକ ସର୍କଲ' ପକ୍ଷରୁ ଏକ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଏହି ସଙ୍ଗୀତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ପାର୍ଥସାରଥୀ ପାଣିଗ୍ରାହୀ, ଲକ୍ଷ୍ମୀକାନ୍ତ ପାଲିତ, ଆଦ୍ୟାଶା ଦାସ, ସଙ୍ଗୀତା ଗୋସାଇଁ, ଝୁମ୍‌କି ରଥ, ମୀରା ପଣ୍ଡା, ସୁସ୍ମିତା ଦାସ, ଛନ୍ଦା ମିଶ୍ର, ଗୁରୁ ରାମହରି ଦାସ, ଗୁରୁ କେଶବ ଚନ୍ଦ୍ର ରାଉତ ଓ ଗୁରୁ ବିଜୟ କୁମାର ଜେନା ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ପ୍ରକାଶ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି କ୍ଷୀରୋଦ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

e-News & Magazine

ହୋପ୍-୨୦୧୯

ସାଂସ୍କୃତିକ ଅନୁଷ୍ଠାନ ସଂସ୍କୃତି ଓ ସଂସ୍କୃତି ଏବଂ ହାଡ଼ିବନ୍ଧୁ ହାଲି ଫାଉଣ୍ଡେସନ୍ ପକ୍ଷରୁ ଜାନୁଆରୀ ୧୦ରେ ଭୁବନେଶ୍ୱରସ୍ଥ ଜୟଦେବ ଭବନରେ ଅନୁଷ୍ଠାନର ପଞ୍ଚମ ପ୍ରତିଭା ସମ୍ମାନ ଉତ୍ସବ ଏବଂ ହିନ୍ଦୀ ଚଳଚ୍ଚିତ୍ର ଜଗତର ଅଭୁଲା ଗୀତକୁ ନେଇ ହୋପ୍-୨୦୧୯ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ 'କିଟ୍' ଓ 'କିସ୍'ର ପ୍ରତିଷ୍ଠାତା ତଥା ସାଂସଦ ଡ. ଅଚ୍ୟୁତ ସାମନ୍ତ ଏବଂ ସମ୍ମାନିତ ଅତିଥିଭାବେ ବିଶିଷ୍ଟ ହନୁମାନ ସାଧକ ଜ୍ଞାନଯୋଗୀ ରାମ ନାରାୟଣ ଦାଶଜୀ ମହାରାଜ ଯୋଗ ଦେଇଥିଲେ। ହାଡ଼ିବନ୍ଧୁ ହାଲି ଫାଉଣ୍ଡେସନ୍‌ର ଅଧକ୍ଷ ପ୍ରଦୋଷ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଫାଉଣ୍ଡେସନ୍‌ର ସମ୍ପାଦକ ଡ. ମିନାକ୍ଷୀ ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଏବଂ ସଂସ୍କୃତି ଓ ସଂସ୍କୃତିର ସମ୍ପାଦକ ଦିଲ୍ଲୀପ ହାଲି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଭାଓଲିନ ବାଦକ ମାଷ୍ଟର ରାକେଶ ବିଶ୍ୱାଳଙ୍କ ଜନ୍ମଦିବସ ଉପସ୍ଥିତ ଅତିଥି ଓ ସଙ୍ଗୀତ ଶିଳ୍ପୀଙ୍କ ଗହଣରେ ପାଳନ କରାଯାଇଥିଲା। ସେହିପରି ଉତ୍ସବରେ ଅବନୀକାନ୍ତ ଦାସ, ଦେବ ଦାସ, ବରଦା ପ୍ରସନ୍ନ ପଟ୍ଟନାୟକ, ଲୋଭା ବିଶ୍ୱାଳ, ବିଷ୍ଣୁ ଷଡ଼ଙ୍ଗୀ, ଅର୍ଣ୍ଣବ ପଣ୍ଡା, ସିଦ୍ଧାନ୍ତ ଶତପଥୀ, ତାପସ କୁମାର, ବସନ୍ତ ତିହାଡ଼ି ଓ ଏମ୍. କିରନ୍ କୁମାରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ମନୋଜ୍ଞ ସଙ୍ଗୀତ ସନ୍ଧ୍ୟା ଆୟୋଜିତ ହୋଇଥିଲା। ଏଥିରେ କଣ୍ଠଦାନ କରିଥିଲେ ଛନ୍ଦା ମିଶ୍ର, ରିତ୍ୱିକା ରିମ୍‌ଝିମ୍, ସିଦ୍ଧାନ୍ତ ଶତପଥୀ, ଅର୍ଣ୍ଣବ ପଣ୍ଡା ପ୍ରମୁଖ।

ଅଭିନନ୍ଦନିକା ସମାରୋହ

ସାରସ୍ୱତ ଓ ସାଂସ୍କୃତିକ ସଙ୍ଗଠନ 'ଅଭିନନ୍ଦନିକା'ର ରାଜ୍ୟସ୍ତରୀୟ ରୌପ୍ୟଜୟନ୍ତୀ ସମାବର୍ତ୍ତନ ସମାରୋହ - ୨୦୧୯ ଏବଂ ପ୍ରତିଭା ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ପୁରୀ ଶରଧାବାଲିଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଭାପତି ହରିହର ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ଏକାଡ଼େମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ କବି ଓ ସମାଲୋଚକ ଡ. ହରପ୍ରସାଦ ପରିଛା ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଶ୍ରୀମନ୍ଦିର ରାଜସ୍ୱ ପ୍ରଶାସକ କବି ମଧୁସୂଦନ ଦାଶ ଯୋଗଦେଇଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସର୍ବୋଚ୍ଚ ପୁରସ୍କାର 'ବିଷ୍ଣୁପ୍ରିୟା ସ୍ମୃତି ସମ୍ମାନ' ଏବଂ 'ବଂଶୀଧର ସ୍ମୃତି ସମ୍ମାନ' ଯଥାକ୍ରମେ ଓଡ଼ିଶୀ ସଙ୍ଗୀତ ପରମ୍ପରାର ମହାନ୍ ସାଧିକା ଇନ୍ଦିରା ପ୍ରତିହାରୀ ଓ ଶ୍ରୀଜଗନ୍ନାଥ ସଂସ୍କୃତିର ଅନନ୍ୟ ଗବେଷକ ଡ. ଗୋପାଳକୃଷ୍ଣ ଦାଶଙ୍କୁ ପ୍ରଦାନ କରାଯାଇଥିଲା। ଏତଦ୍‌ବ୍ୟତୀତ ଓଡ଼ିଶା ଆଇଡଲ୍ ଶିଶୁ କଣ୍ଠଶିଳ୍ପୀ ଦର୍ଶନା କର,

ଶିଶୁ ସାହିତ୍ୟିକା ଅନସୂୟା ନନ୍ଦ, ସାହିତ୍ୟିକ ଡ. ପ୍ରଦୀପ କୁମାର ଚୌଧୁରୀ, କ୍ରିକେଟ୍ ତାରକା ରଶ୍ମିରଂଜନ ପରିଡ଼ା, ଓଡ଼ିଶୀ ନୃତ୍ୟଶିଳ୍ପୀ ସସ୍ମିତା ପଣ୍ଡା, କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍‌ଆନନ୍ଦ, ଓଲିଉଡ୍ ଅଭିନେତ୍ରୀ ଏଲି ପାଢ଼ୀ ଓ ଅଭିନେତା ଚିନ୍ମୟ ମିଶ୍ର ପ୍ରମୁଖଙ୍କୁ 'ଅଭିନନ୍ଦନିକା ସମ୍ମାନ-୨୦୧୯'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡକ୍ଟର ମିଲନ୍ ସଞ୍ଚାଳନ କରିଥିଲେ। ପରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

e-News & Magazine

Downloaded from : https://t.me/odianewspaper

ବିବାହର ରୂପ ଶୃଙ୍ଗାର

ବିବାହ ଏକ ବନ୍ଧନ ନୁହେଁ, ଏକ ସୁଦୃଢ଼ ସମ୍ପର୍କର ମୂଳଦୁଆ। କୁହାଯାଏ, ଏହା ଏକ ଜନ୍ମଜନ୍ମାନ୍ତରର ସମ୍ପର୍କ। ତେଣୁ ବିବାହ ସମୟରେ ପୁଅ ହୁଅନ୍ତୁ ବା ଝିଅ, ସମସ୍ତେ ନିଜ ନିଜ ସୌନ୍ଦର୍ଯ୍ୟକୁ ନେଇ ହୋଇଯାନ୍ତି ବିଶେଷ ସଚେତନ। ଆଜିକାଲି ବିବାହ ସୌନ୍ଦର୍ଯ୍ୟ ସହ ଯୋଡ଼ି ହୋଇଯାଇଛି ଫ୍ୟାଶନ୍। ତଥାପି ବିବାହ ସମୟରେ କରାଯାଉଥିବା ଫ୍ୟାଶନ୍ ସହ ଯୋଡ଼ି ହୋଇ ରହିଛି ପାରମ୍ପରିକତା। ତେଣୁ ଏହି ବିବାହର ପାରମ୍ପରିକ ତଥା ଆଧୁନିକ ରୂପ ଶୃଙ୍ଗାରକୁ ନେଇ 'କାଦମ୍ବିନୀ'ର ଏହି ସୌନ୍ଦର୍ଯ୍ୟାଲେଖ୍ୟ।

ଉପସ୍ଥାପନା: ଅମ୍ରିତା ମହାନ୍ତି

ଉସାଣ: ଇମା

ବିବାହ ପରି ଏକ ସାମାଜିକ ପରମ୍ପରାରେ ପୁରୁଷ ଓ ନାରୀ ଭିତରେ ଏକ ସମ୍ପର୍କର ଦେଉଳ ଗଢ଼ି ଉଠେ, ଯାହା କେବଳ ଗୋଟିଏ ଦିନର ସମ୍ପର୍କ ହୋଇ ରହେନା; ଜନ୍ମଜନ୍ମାନ୍ତର ପାଇଁ ରହିଥାଏ ସେ ସମ୍ପର୍କ। ତେଣୁ ଏପରି ଏକ ଅବିସ୍ମରଣୀୟ ଦିନରେ ନବବଧୂ ନିଜକୁ ବିଭିନ୍ନ ରୂପ ଶୃଙ୍ଗାରରେ ସଜେଇ ଥାଏ।

ମାତ୍ର ତା' ପୂର୍ବରୁ ଆରମ୍ଭ ହୋଇଯାଇଥାଏ ଏହି ଦିନ ପାଇଁ ପ୍ରସ୍ତୁତି। ବିବାହର ପ୍ରାୟ ୪-୫ ଦିନ ପୂର୍ବରୁ ଫେସିଆଲ୍ କରାଯାଇଥାଏ। କେବଳ ଫେସିଆଲ୍ କରିଦେଲେ ଯେ ମୁଖ ସୌନ୍ଦର୍ଯ୍ୟ ଉକୁଟି ଉଠିଥାଏ ତା'ନୁହେଁ ବରଂ ଫେସିଆଲ୍ ପରେ ମୁଖର ଉପଯୁକ୍ତ ଯତ୍ନନେବାକୁ ମଧ୍ୟ ପଡ଼ିଥାଏ।

ମନର ଦର୍ପଣ ହେଉଛି ମୁହଁ, ଆଉ ମୁହଁର ମୁଖ୍ୟ ଆକର୍ଷଣ ହେଉଛି ତ୍ୱଚା। ତେଣୁ ନବବଧୂ ନିଜର ତ୍ୱଚା ପ୍ରତି ଯତ୍ନବାନ ହେବା ଜରୁରୀ। ତ୍ୱଚାର ସୁରକ୍ଷା ଏବଂ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧିରେ ଫେସିଆଲ୍ ସହାୟକ ହୋଇଥାଏ। ତେବେ ଫେସିଆଲ୍‌ରେ କିଛି ସତର୍କତା ଓ ସଚେତନତା ମଧ୍ୟ ଆବଶ୍ୟକ। ଫେସିଆଲ୍ ପରେ ଯଦି ଆପଣଙ୍କ ତ୍ୱଚା କୁଣ୍ଡେଇ ହୁଏ, ନାଲିଦାଗ ଆସେ ବା ଛୋଟଛୋଟ ଫଳିଯାଏ, ତେବେ ଆପଣଙ୍କ ତ୍ୱଚାର ବିଶେଷ ରକ୍ଷଣାବେକ୍ଷଣ କରିବାର ଆବଶ୍ୟକ ରହିଛି।

ଫେସିଆଲ୍ କରିବାର ଅନ୍ତତଃ ଦୁଇଦିନ ପର୍ଯ୍ୟନ୍ତ ମୁହଁକୁ ସାବୁନ, ଫେସିଆଲ୍ କ୍ଲିଂଜର, ଫେସ୍‌ୱାସ୍ ଏବଂ ମେକଅପ୍ ଛଡ଼ାଇବା ପାଇଁ ବ୍ୟବହୃତ ପ୍ରସାଧନଠାରୁ ଦୂରରେ ରଖନ୍ତୁ। କାରଣ ଏଗୁଡ଼ିକର ବ୍ୟବହାର ଫଳରେ ତ୍ୱଚାରେ ଥିବା ପ୍ରାକୃତିକ ତୈଳୀୟ ଅଂଶ ନଷ୍ଟ ହୋଇଯାଏ ଏବଂ ଆପଣଙ୍କ ତ୍ୱଚା ପୂର୍ବଭଳି ନିସ୍ତେଜ ଲାଗିପାରେ।

ଫେସିଆଲ୍ ପରେ ମୁହଁ ଧୋଇଲାବେଳେ, କୁଞ୍ଚିତ ରେଖା ପଡ଼ିଥିବା ସ୍ଥାନଗୁଡ଼ିକୁ ରଗଡ଼ି ଧୁଅନ୍ତୁ ନାହିଁ। ଏହା ତ୍ୱଚାରେ ପ୍ରତିକୂଳ ପ୍ରଭାବ ପକାଇଥାଏ।

ଫେସିଆଲ କଲାପରେ ଯଦି ଆପଣଙ୍କ ଆଖିତଳ ବେଶୀ ମାତ୍ରରେ କଳା ଦେଖାଯାଏ ତେବେ ଆଖି ଉପରେ କାକୁଡ଼ିକୁ ଗୋଲକରି କାଟି ରଖିଲେ ଆଖିକୁ ଆରାମ ଆସିବା ସହ ଆଖିତଳ କଳାଅଂଶ କମିଥାଏ। ଫେସିଆଲ୍ କରିବାର ଠିକ୍ ପରେ ମେକ୍‌ଅପ୍ ନିଅନ୍ତୁ ନାହିଁ।

ସବୁବେଳେ ନିଜ ତ୍ୱଚାନୁଯାୟୀ ଫେସିଆଲ୍ କରିବା ଭଲ। ଯଦି ଏଭଳି ନ କରୁଛନ୍ତି ତେବେ ତ୍ୱଚାରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିପାରେ। ଉଦାହରଣସ୍ୱରୂପ, ଯଦି ଆପଣଙ୍କର ତୈଳୀୟ ତ୍ୱଚା ଏବଂ ଆପଣ ଆଲ୍‌ମଣ୍ଡ ଫେସିଆଲ୍ କରୁଛନ୍ତି ତେବେ ମୁହଁରେ ବ୍ରଣ ହେବାର ସମ୍ଭାବନା ବଢ଼ିଯାଏ। ଯଦି ତ୍ୱଚା ଶୁଷ୍କ ଏବଂ ଆପଣ ମିଣ୍ଟ୍ ଥିବା ଫେସିଆଲ୍

କରୁଛନ୍ତି ତେବେ ତ୍ୱଚା ଅଧିକ ଶୁଷ୍କ ହୋଇଯିବ।

କୌଣସି ଛୋଟ ପାର୍ଲରକୁ ନ ଯାଇ ସର୍ବଦା ଅଭିଜ୍ଞ ବ୍ୟୁଟିସିଆନଙ୍କ ପାଖକୁ ଯିବା ଭଲ। ଯଦି ଆପଣ ପ୍ରଥମ କରି କିମ୍ବା ନିଜର ନିୟମିତ ଫେସିଆଲ୍‌ରୁ ଦୂରେଇ ଅଲଗା ଫେସିଆଲ୍ କରୁଛନ୍ତି ତେବେ ପ୍ୟାଚ୍ ଟେଷ୍ଟ କରିନେବା ଭଲ। ଏହାଦ୍ୱାରା ଆଲର୍ଜିର ଡର ନ ଥାଏ। ଫେସିଆଲ୍ କରିବା ପରେ ଯଦି ଖରାକୁ ବାହାରୁଛନ୍ତି ତେବେ ଭଲ କମ୍ପାନୀର ସନ୍‌ସ୍କ୍ରିନ୍ ଲୋସନ୍ ବ୍ୟବହାର କରନ୍ତୁ। କାରଣ ଫେସିଆଲ୍ ପରେ ତ୍ୱଚା ଅଧିକ ସମ୍ବେଦନଶୀଳ ହୋଇଯାଏ, ତେଣୁ ସୂର୍ଯ୍ୟାଲୋକରୁ ଏହାକୁ ରକ୍ଷା କରିବା ଉଚିତ।

ତେବେ ଫେସିଆଲ ପରେ ଆସନ୍ତୁ ଜାଣିବା ନବବଧୂର ସୌନ୍ଦର୍ଯ୍ୟକୁ ନୂଆ ରୂପରେଖ ଦେଉଥିବା ଶୃଙ୍ଗାର ସମ୍ବନ୍ଧରେ।

ନବବଧୂର ସୌନ୍ଦର୍ଯ୍ୟକୁ ବଢ଼ାଇବାରେ ମେକଅପ୍ ଏକ ପ୍ରମୁଖ ଭୂମିକା ନିର୍ବାହ କରିଥାଏ। ଯଦି ଆପଣଙ୍କ ତ୍ୱଚା ତୈଳୀୟ, ତେବେ ଫାଉଣ୍ଡେସନ ବେସ୍‌ଡ; ଯଦି ଶୁଷ୍କ, ତେବେ କ୍ରିମ ବେସ୍‌ଡ ଏବଂ ଯଦି ସାଧାରଣ, ତେବେ ଜେଲ୍ ବେସ୍‌ଡ ମେକ୍‌ଅପ ନେବା ଭଲ। ସାଧାରଣତଃ ଦିନରେ ହାଲକା ମେକ୍‌ଅପ୍ ଏବଂ ରାତିରେ ଗାଢ଼ ମେକ୍‌ଅପ୍ ନେଲେ ଏହା ଆପଣଙ୍କୁ ଷ୍ଟାଇଲିସ୍ ଲୁକ୍ ଦେବାରେ ସାହାଯ୍ୟ କରିଥାଏ।

ନବବଧୂର ରୂପ କଥା ଭାବିଲେ ଆମ ଆଖି ସାମ୍ନାକୁ ଆସିଯାଏ ତା'ର ମଥାରେ ଝଟକୁଥିବା ଲାଲ ସିନ୍ଦୂର ବିନ୍ଦୁ। ସିନ୍ଦୂର, ଯାହା ସୌଭାଗ୍ୟ ଓ ସୁହାଗର ଚିହ୍ନ। ସଧବା ନାରୀ ପାଇଁ ସିନ୍ଦୂରର ମହତ୍ତ୍ୱ ଖୁବ୍ ବେଶୀ। ବିବାହ ସମୟରେ ଓ ବିବାହ ପରେ ନାରୀ ଲଲାଟରେ ସିନ୍ଦୂର ଲଗାଇ ବାକି ଜୀବନ ପାଇଁ ପାଲଟିଯାଏ ପତ୍ନୀ। କେବଳ ଯେ ସିନ୍ଦୂର ସୌଭାଗ୍ୟ, ଓ ସୁହାଗର ପ୍ରତୀକ ତା' ନୁହେଁ ; ବିନ୍ଦି ମଧ୍ୟ ନାରୀ ପାଇଁ ଗର୍ବ ଓ ଗୌରବର ବିଷୟ। ବିନ୍ଦି ନାରୀ ଭିତରେ ଆତ୍ମବିଶ୍ୱାସ ସୃଷ୍ଟି କରେ, ସାହସ ଯୋଗାଏ, ସଚେତନତା ଆଣେ ଓ ସଂଯତ କରାଏ । ସତରେ, ବିନ୍ଦି ଗୋଟିଏ ଛୋଟିଆ ସୌନ୍ଦର୍ଯ୍ୟ ସାମଗ୍ରୀ ହେଲେ ମଧ୍ୟ ଏହାର ଗୁରୁତ୍ୱ ଖୁବ୍ ବେଶୀ।

ମନୋବିଶେଷଜ୍ଞଙ୍କ ମତରେ, ନାରୀ ମଥାର ବିନ୍ଦି ଅନେକ କଥା କହେ। ତେଣୁ ନିଜର ବିନ୍ଦିର ଆକାର ଲଲାଟ ଆକାରର ସମାନୁପାତିକ ହେବା ଆବଶ୍ୟକ। ସୌନ୍ଦର୍ଯ୍ୟ ସୂତ୍ର ଅନୁଯାୟୀ, ଓସାର କପାଳରେ ଛୋଟ ବିନ୍ଦି ଏବଂ ଅଣଓସାର କପାଳରେ ବଡ଼ ବିନ୍ଦି ଲଗାଇବା ଉଚିତ। ଯଦି ଆପଣଙ୍କ ମଥା ଚଉଡ଼ା ତେବେ ଭ୍ରୁ'ର ସାମାନ୍ୟ ଉପରକୁ ମଧ୍ୟଭାଗରେ ବିନ୍ଦି ଲଗାନ୍ତୁ। ଫଳରେ ମଥାର ମେକ୍‌ଅପ୍ ଠିକ୍ ରହିବ। ଯଦି ମଥା ଛୋଟ କିମ୍ବା ସାମାନ୍ୟ ତେବେ ଦୁଇ ଭ୍ରୁ'ର ଠିକ୍ ମଝିରେ ବିନ୍ଦି ଲଗାନ୍ତୁ।

ମାତ୍ର ବିନ୍ଦି ଏବଂ ସିନ୍ଦୂରର ବ୍ୟବହାର କରିବା ସମୟରେ ବିଭିନ୍ନ ଦିଗ ପ୍ରତି ମଧ୍ୟ ସଚେତନ ରହିବା ଉଚିତ। ତେବେ ଆସନ୍ତୁ ଜାଣିବା କେଉଁସବୁ ଦିଗ ପ୍ରତି ଧ୍ୟାନ ଦେବା ଉଚିତ।

ଯେଉଁ ସ୍ଥାନରେ ଆପଣ ବିନ୍ଦି ଲଗାଉଛନ୍ତି, ସେହି ସ୍ଥାନକୁ ନିୟମିତ ସଫା କରନ୍ତୁ। ସେହି ସ୍ଥାନ ସଫା ହେଲା ପରେ କଞ୍ଚା କ୍ଷୀର, ମଲାଇ, କୋଲ୍ଡକ୍ରିମ କିମ୍ବା ଅଲିଭ ଅଏଲ ନେଇ ସେହି ସ୍ଥାନକୁ ନିଶ୍ଚୟ ମାଲିସ କରନ୍ତୁ। ତଳେ ପଡ଼ିଥିବା କିମ୍ବା ଅନ୍ୟ ଦ୍ୱାରା ବ୍ୟବହୃତ ବିନ୍ଦିକୁ ଆପଣ କେବେ ନିଜ ମଥାରେ ଲଗାନ୍ତୁ ନାହିଁ। ସିନ୍ଦୂର ବ୍ୟବହାର ଦ୍ୱାରା ଯଦି ଆପଣଙ୍କ କେଶ ଉପୁଡୁଥାଏ ତେବେ ସୁନ୍ଥାକୁ ନିୟମିତ ବ୍ୟବଧାନରେ ବଦଳାନ୍ତୁ। ବିବାହ ସମୟରେ ନିଜର ପୋଷାକ ଅନୁଯାୟୀ ବିନ୍ଦିର ଚୟନ କରନ୍ତୁ। ଯଦି ଆପଣ ସିନ୍ଦୂର ଲଗାଉଥିବା ସ୍ଥାନରେ କୁଣ୍ଡେଇ ହୁଏ ବା ଏହା ଲାଲ ପଡ଼େ ତେବେ ସିନ୍ଦୂରକୁ ପରିବର୍ତ୍ତନ କରନ୍ତୁ। ସିନ୍ଦୂରକୁ ବେଶୀ ଦିନ ଯାଏଁ ବ୍ୟବହାର ନ କରି ବରଂ ନିୟମିତ ବ୍ୟବଧାନରେ ଡବାର ସିନ୍ଦୂରକୁ ବଦଳାନ୍ତୁ। ଯଦି ଡବା ସିନ୍ଦୂରରେ ଆଲର୍ଜି ହୁଏ ତେବେ ଆପଣ ବଜାରରେ ଉପଲବ୍ଧ ଲିକ୍ୱିଡ୍ ସିନ୍ଦୂରର ବ୍ୟବହାର କରିପାରିବେ।

ନବବିବାହିତା ନାରୀର ଶୃଙ୍ଗାରରେ ସିନ୍ଦୂର ଓ ବିନ୍ଦି ପରେ ଏକ ବିଶେଷ ସ୍ଥାନ ନେଇଥାଏ ଚୁଡ଼ି। ନାରୀର ସତୀତ୍ୱ, ପବିତ୍ରତା ଆଉ ସଧବା-ସୁହାଗିନୀର ସଙ୍କେତ ହେଉଛି ଚୁଡ଼ି। ନବବଧୂ ମୁଖ୍ୟତଃ କାଚଚୁଡ଼ି, ଲାଖ ତିଆରି ଲାଖଚୁଡ଼ି ଓ ନାଲିଶଙ୍ଖାରେ ନିଜ ହାତକୁ ସଜାଇଥାଏ। ବିବାହରେ ଏହି ଶଙ୍ଖା-ସିନ୍ଦୂରର ଗୁରୁତ୍ୱ ସର୍ବାଧିକ।

ଚୁଡ଼ି କେବଳ ନାରୀର ଭୂଷଣ ନୁହେଁ। ଏହା ନାରୀତ୍ୱର ପୂର୍ଣ୍ଣତାକୁ ଅଭିବ୍ୟକ୍ତ କରେ। ନବବଧୂର ହାତଭର୍ତ୍ତି ଚୁଡ଼ିର ଶାବ୍ଦିକ ସମ୍ମୋହନ କହିଯାଏ ଅନେକ କିଛି। ଭାରତୀୟ ସଂସ୍କୃତିରେ ବିବାହିତା ମହିଳା ସହିତ ଚୁଡ଼ିର ବନ୍ଧନ ବେଶ୍ ନିବିଡ଼।

ଚୁଡ଼ି ପିନ୍ଧିବାବେଳେ କେଉଁକେଉଁ ବିଷୟ ପ୍ରତି ଧ୍ୟାନ ଦେବା, ଆସନ୍ତୁ ଜାଣିବା।

ସର୍ବଦା ନିଜ ହାତକୁ ମାନିଲା ପରି ଚୁଡ଼ି ପିନ୍ଧନ୍ତୁ। ବିବାହ ସମୟରେ ନିଜ ପୋଷାକ ସହ ମେଳ ଖାଇଲା ପରି ଚୁଡ଼ି ଚୟନ କରନ୍ତୁ। ଯଦି ଚୁଡ଼ି ଅଳ୍ପ ଟାଇଟ୍ ହେଉଥାଏ ତେବେ ହାତରେ ସାବୁନ, ତେଲ ବା କୌଣସି ଅଏଲି କ୍ରିମ ଲଗାଇ ଚୁଡ଼ି ପିନ୍ଧନ୍ତୁ। କାଚ ଚୁଡ଼ି ପିନ୍ଧିବା ସମୟରେ ବିଶେଷ ଧ୍ୟାନ ଦିଅନ୍ତୁ କାରଣ

ଉପସ୍ଥା : ଉତ୍ସ

e-News & Magazine

ଏହା ହାତକୁ କ୍ଷତାକ୍ତ କରିବାର ସମ୍ଭାବନା ଥାଏ। ନିୟମିତ ବ୍ୟବଧାନରେ ଚୁଡ଼ିକୁ ବଦଳାନ୍ତୁ।

ହସ୍ତଫୁଲ ନବବଧୂର ଶୃଙ୍ଗାରରେ ଏକ ପ୍ରମୁଖ ଭୂମିକା ନେଇଥାଏ। ହାତର ସୌନ୍ଦର୍ଯ୍ୟ ଏବଂ ଶୃଙ୍ଗାରକୁ ଏହା ଏକ ନୂଆ ରୂପରେଖ ଦେଇଥାଏ। ଏହାକୁ ହସ୍ତପଦ୍ମ ମଧ୍ୟ କୁହାଯାଇଥାଏ। ଆଜିକାଲି ବଜାରରେ ବିଭିନ୍ନ ପ୍ରକାର ହସ୍ତଫୁଲ ମିଳୁଥିଲେ ମଧ୍ୟ ପ୍ରାୟ ସୁନେଲି ରଙ୍ଗ ତଥା ଷ୍ଟୋନ କାମ ହୋଇଥିବା ହସ୍ତପଦ୍ମର ଚାହିଦା ବେଶୀ ଦେଖିବାକୁ ମିଳିଥାଏ।

ସମୟ ଥିଲା ଯେତେବେଳେ ବିବାହ ସମୟରେ ହାତରେ ପାଦରେ କେବଳ ଅଳତା କିମ୍ବା ନେଲପଲିସ୍‌ର ବ୍ୟବହାର କରାଯାଉଥିଲା। ମାତ୍ର ଆଧୁନିକ ସମୟରେ ସେହି ସ୍ଥାନ ଗ୍ରହଣ କରିଛି ମେହେନ୍ଦି। ମେହେନ୍ଦି ପ୍ରତି ସମସ୍ତଙ୍କର ରହିଛି ଅହେତୁକ ଆକର୍ଷଣ। ତେଣୁ ବର୍ତ୍ତମାନ ବିବାହ ପୂର୍ବରୁ ସ୍ୱତନ୍ତ୍ର ମେହେନ୍ଦି ଉତ୍ସବ ଅନୁଷ୍ଠିତ ହେଉଛି। ଯେଉଁଥିରେ କନ୍ୟା ଓ ବିବାହରେ ଯୋଗଦେବାକୁ ଆସିଥିବା ନାରୀମାନେ ହାତରେ ସୁନ୍ଦର ସୁନ୍ଦର ଡିଜାଇନ୍‌ର ମେହେନ୍ଦି କରୁଛନ୍ତି। ବାସ୍ତବିକ୍ ବିବାହରେ ମେହେନ୍ଦି ନ ଲଗାଇଲେ ଆଜିକାଲି ନବବଧୂର ଶୃଙ୍ଗାର ପୂର୍ଣ୍ଣ ହୋଇପାରୁନି। ସୁନ୍ଦର ସୁନ୍ଦର ମେହେନ୍ଦିର ଡିଜାଇନ୍‌ରେ ଖୁବ୍ ସୁନ୍ଦର ଲାଗୁଛି ନବବଧୂର ହାତ ପାଦ। ଏପରିକି ବିଶ୍ୱାସ ରହିଛି ଯେ, ନବବଧୂର ହାତରେ ମେହେନ୍ଦି ଯେତେ ଗାଢ଼ ହେବ, ବିବାହ ପରେ ପତିପତ୍ନୀଙ୍କ ଭଲପାଇବା ସେତେ ଅଧିକ ସୁଦୃଢ଼ ହେବ।

ଆଗରୁ ମଞ୍ଜୁଆତି ପତ୍ର, ହରଗଉରା ଫୁଲ ଆଦିକୁ ବାଟି ହାତରେ ମେହେନ୍ଦି ଲଗାଯାଉଥିଲା। ମାତ୍ର ବର୍ତ୍ତମାନ ଅଧିକ ଗାଢ଼ ରଙ୍ଗ ହେବା ପାଇଁ ବିଭିନ୍ନ କମ୍ପାନୀ ମେହେନ୍ଦି ବିକ୍ରି କରୁଛନ୍ତି। ତେଣୁ ବଜାରରେ ଉପଲବ୍ଧ ମେହେନ୍ଦି ଲଗାଇବାବେଳେ କିଛିକିଛି ଦିଗ ପ୍ରତି ସଚେତନ ରହିବା ଭଲ।

ମେହେନ୍ଦି ଲଗାଇବା ପୂର୍ବରୁ ହାତରେ ଅଳ୍ପ ମେହେନ୍ଦି ଲଗାଇ ପରୀକ୍ଷାକରି ନିଅନ୍ତୁ ଏହା କିପରି ପାଚୁଛି। ଏହାଛଡ଼ା ପରୀକ୍ଷା ଦ୍ୱାରା ଏହା ମଧ୍ୟ ଜଣାପଡ଼ିବ କି ମେହେନ୍ଦିର ହାତ ଉପରେ କିଛି ପାର୍ଶ୍ୱ ପ୍ରତିକ୍ରିୟା ଅଛି ନା' ନାହିଁ। ବାହାଘରର ପ୍ରାୟ ଦୁଇ-ତିନି ଦିନ ପୂର୍ବରୁ ମେହେନ୍ଦି କରନ୍ତୁ, କାରଣ ମେହେନ୍ଦିର ରଙ୍ଗ ଆସିବାକୁ ସମୟ ଲାଗେ। ମେହେନ୍ଦିର ରଙ୍ଗ ଗାଢ଼ କରିବାକୁ ଚାହୁଁଥିଲେ ମେହେନ୍ଦି ଶୁଖିଲା ପରେ ସେଥିରେ ଲେମ୍ବୁ-ଚିନିର ରସ ଦିଅନ୍ତୁ। ପରେ ଅଳ୍ପ ସୋରିଷ ତେଲ ଦେଇ ଘଷି ଛଡ଼ାଇ ଦିଅନ୍ତୁ। ମେହେନ୍ଦି ଆମ ଓଡ଼ିଆ ପରମ୍ପରାରେ ନ ଥିଲେ ମଧ୍ୟ ଆଜିକାଲି ବିବାହ ଉତ୍ସବରେ ଏହାର ଚାହିଦା ବେଶୀ।

ବିବାହ ଶୃଙ୍ଗାରରେ କଜ୍ଜ୍ୱଳ ଏକ ପ୍ରମୁଖ ସ୍ଥାନ ନେଇଥାଏ। କଜ୍ଜ୍ୱଳ ହେଉଛି ଆଖିର ଶୃଙ୍ଗାର। ଏହା ଆଖିର ସୁନ୍ଦରତାକୁ ବଢ଼ାଇବା ସହ ମୁଖମଣ୍ଡଳକୁ ଆକର୍ଷଣୀୟ କରିଥାଏ। କୁହାଯାଏ, କଜ୍ଜ୍ୱଳର କଳା ନବବଧୂକୁ ଅନ୍ୟମାନଙ୍କ କୁ-ନଜରରୁ ରକ୍ଷା କରିଥାଏ।

ତେଣୁ ଆସନ୍ତୁ ଜାଣିବା କଜ୍ଜ୍ୱଳ ଲଗାଇବା ବେଳେ କେଉଁ କେଉଁ ଦିଗ ପ୍ରତି ଧ୍ୟାନ ଦେବା ଉଚିତ।

ଆଖି ଖୁବ୍ ସମ୍ବେଦନଶୀଳ। ତେଣୁ ଆଖିରେ କଜ୍ଜ୍ୱଳ ଲଗାଇବା ବେଳେ ଧ୍ୟାନ ଦିଅନ୍ତୁ ଯେପରି ଏହା ଆଖି ଭିତରେ ପଶିବ ନାହିଁ। ଯଦି କଜ୍ଜ୍ୱଳ ଲଗାଇବା ପରେ ଆଖି କୁଣ୍ଡେଇ ହୁଏ ବା ପୋଡ଼େ ତେବେ ସଙ୍ଗେସଙ୍ଗେ ଆଖିରେ ପାଣିଛିଟା ମାରି କଜ୍ଜ୍ୱଳ ଧୋଇ ସଫା କରିଦିଅନ୍ତୁ। ରାତିରେ ଶୋଇବା ପୂର୍ବରୁ ଆଖିରୁ କଜ୍ଜ୍ୱଳ ପୋଛି ଦିଅନ୍ତୁ। ନଚେତ୍ ଆଖି ତଳ କଳା ଦେଖାଯିବାର ସମ୍ଭାବନା ବଢ଼ିଯାଏ।

ନବବଧୂର ଶୃଙ୍ଗାର ମଧ୍ୟରେ ପୋଷାକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। କାରଣ ସଠିକ୍ ପୋଷାକ ନବବଧୂର ଆତ୍ମବିଶ୍ୱାସ ବଢ଼ାଇଥାଏ। ସାଧାରଣତଃ ଲାଲ୍ ରଙ୍ଗକୁ ସୁହାଗର ପ୍ରତୀକ ରୂପେ ଗ୍ରହଣ କରାଯାଉଥିବାରୁ ବାହାଘର ଶାଢ଼ି ମଧ୍ୟ ଲାଲ ରଙ୍ଗର ହୋଇଥାଏ। ମାତ୍ର ବର୍ତ୍ତମାନ ସମୟ ବଦଳିଛି। କେବଳ ଲାଲ ରଙ୍ଗର ନୁହେଁ ବରଂ ନିଜର ଶରୀରର ରଙ୍ଗ, ମୁଖର ଗଢ଼ଣ ତଥା ବଡ଼ିଲାଙ୍ଗୁଏଜ୍‌କୁ ନଜରରେ ରଖି ପୋଷାକ ଚୟନ କରାଯାଉଛି। ତେଣୁ ବଜାରରେ ଆଜିକାଲି ବିଭିନ୍ନ ଡିଜାଇନ୍‌ର ଶାଢ଼ି ଓ ଲେହେଙ୍ଗା ଉପଲବ୍ଧ, ଯାହା ଆପଣଙ୍କୁ ଏକ ଟ୍ରେଣ୍ଡି ଲୁକ୍ ଦେବ।

କେଶ ସୌନ୍ଦର୍ଯ୍ୟ ବିବାହର ରୂପ ଶୃଙ୍ଗାର ସହ ପୂର୍ଣ୍ଣତଃ ଜଡ଼ିତ। ବିବାହ ରୂପଚର୍ଯ୍ୟାରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିଥାଏ ନବବଧୂର କେଶ ବିନ୍ୟାସ। ତେଣୁ କେଶର ଯତ୍ନ ନେବା ନିହାତି ଜରୁରୀ। ବିବାହର ପ୍ରାୟ ଏକ ମାସ ପୂର୍ବରୁ ନବବଧୂ ଆପଣା କେଶର ଯତ୍ନ ନେବା ଉଚିତ।

କେଶକୁ ସୁସ୍ଥ ରଖିବା ପାଇଁ ନିଜର ଦୈନନ୍ଦିନ ଖାଦ୍ୟ ଶୈଳୀ ପ୍ରତି ସାବଧାନ ହୁଅନ୍ତୁ। ପ୍ରୋଟିନ, ମିନେରାଲସ୍ ଓ ଭିଟାମିନ୍ ଯୁକ୍ତ ଖାଦ୍ୟ କେଶ ବୃଦ୍ଧି ପାଇଁ ଖୁବ୍ ସହାୟ ହୋଇଥାଏ। ଲୋ-ଫ୍ୟାଟ୍ ଜାତୀୟ ଖାଦ୍ୟ, ଫଳ ଓ ପରିବା ଯୁକ୍ତ ସନ୍ତୁଳିତ ଖାଦ୍ୟ ଗ୍ରହଣ କଲେ ମୁଣ୍ଡର ତ୍ୱଚା ସହ କେଶ ବି ସୁସ୍ଥ ଓ ସତେଜ ରୁହେ।

ଯଦି ଆପଣଙ୍କ ମୁଣ୍ଡର ତ୍ୱଚା ଶୁଷ୍କ, ତେବେ ହେୟାର ଡ୍ରାୟାର, ରୋଲର ଆଦିର ବ୍ୟବହାର କମ କରନ୍ତୁ।

ଯଦି ଆପଣଙ୍କର ରୁପି ସମସ୍ୟା ଦେଖାଯାଏ, ତେବେ ବଜାରରେ ମିଳୁଥିବା ଏଣ୍ଟି ଡ୍ୟାନ୍‌ଡ୍ରଫ ସାମ୍ପୋ ବ୍ୟବହାର କରି ଏହାକୁ ନିୟନ୍ତ୍ରଣ କରନ୍ତୁ, ଯଦି ଏହା ଭଲ ନ ହୁଏ ତେବେ ଘରୋଇ ଉପାୟରେ ଏହାକୁ ଦୂର କରିବାକୁ ଚେଷ୍ଟା କରନ୍ତୁ। ଏଥିପାଇଁ ହଟ୍‌ଅଏଲ ଥେରାପି ଖୁବ୍ ଲାଭକାରୀ।

ନଡ଼ିଆ ତେଲ ବା ସୋରିଷ ତେଲକୁ ଉଷୁମ କରି ତୁଳାରେ ନେଇ ହାଲକା ଭାବେ ମୁଣ୍ଡର କେଶ ମୂଳରେ ମାଲିସ କରନ୍ତୁ। ତା'ପରେ ମୁଣ୍ଡରେ ଗରମ ପାଣିର ବାମ୍ଫ ଦିଅନ୍ତୁ। ଗରମ ପାଣିର ବାମ୍ଫ ଦେବା ପାଇଁ ଗୋଟିଏ ପାତ୍ରରେ ଗରମ ପାଣି ରଖନ୍ତୁ। ସେଥିରେ ଟାୱେଲ ବୁଡ଼ାଇ ଚିପୁଡ଼ି ମୁଣ୍ଡରେ ଗୁଡ଼ାଇ ୫ମିନିଟ୍ ରଖନ୍ତୁ। ଥଣ୍ଡା ହୋଇଗଲେ ପୁଣି ସେହିପରି କରନ୍ତୁ। ଏହି ଭାବରେ ୪/୫ ଥର କରନ୍ତୁ। ଏହାଦ୍ୱାରା କେଶ ଓ କେଶମୂଳରେ ଭଲଭାବେ ତେଲ ପହଞ୍ଚି ପାରିବ। ସାଧାରଣତଃ ସନ୍ଧ୍ୟା ସମୟରେ ଏପରି କରି ମୁଣ୍ଡରେ ତେଲକୁ ରାତିସାରା ରହିବାକୁ ଦିଅନ୍ତୁ। ସକାଳେ କେଶମୂଳରେ ଲେମ୍ବୁରସ ଲଗାନ୍ତୁ। ୨୦ ମିନିଟ୍ ପରେ କେଶକୁ ଧୋଇଦିଅନ୍ତୁ। କେଶ ବିଶେଷଜ୍ଞଙ୍କ ମତରେ, ଯଦି ଆପଣ କେଶ ଉପରେ କୌଣସି କେମିକାଲ ଟ୍ରିଟ୍‌ମେଣ୍ଟ କରାନ୍ତି ତେବେ ମୁଣ୍ଡର ତ୍ୱଚା ତଥା କେଶମୂଳ ଉପରେ ତା'ର ପାର୍ଶ୍ୱପ୍ରତିକ୍ରିୟା ପଡ଼େ। ତେଣୁ ଯେତେ ସମ୍ଭବ କେଶରେ କୌଣସି କେମିକାଲ ଟ୍ରିଟ୍‌ମେଣ୍ଟ କରାନ୍ତୁ ନାହିଁ। କେଶମୂଳ ତଥା ମୁଣ୍ଡ ତ୍ୱଚାରେ ଏଲୋଭେରା ଜେଲ୍ ଲଗାନ୍ତୁ। ଭିଟାମିନ୍ 'ଇ' ତେଲ ଲଗାଇଲେ ବି କେଶମୂଳ ସୁସ୍ଥ ରୁହେ।

ଗୋଲାପଜଳରେ କିଛି ରୋଜମେରୀ ଏସେନ୍‌ସିୟଲ ଅଏଲ ମିଶାଇ ଗୋଟିଏ ବୋତଲରେ ଠିପି ବନ୍ଦ କରି ରଖନ୍ତୁ। ସାମ୍ପୋ କଲାପରେ ଏହାକୁ କେଶମୂଳରେ ଲଗାନ୍ତୁ। କିଛି ସମୟ ପରେ ଖାଲି ପାଣିରେ ମୁଣ୍ଡକୁ ଧୋଇ ଦିଅନ୍ତୁ। ମୁଣ୍ଡର ତ୍ୱଚା ସୁସ୍ଥ ରହିବା ସହ କେଶମୂଳ ମଜବୁତ ହେବ।

କିଛି ନିମପତ୍ରକୁ ଉଷୁମ ପାଣିରେ ପକାଇ ରାତିସାରା ରଖନ୍ତୁ। ସକାଳୁ ଏହି ପାଣିରେ କେଶ ଧୁଅନ୍ତୁ। କେଶମୂଳ ସୁସ୍ଥ ଓ ସଂକ୍ରମଣରୁ ଦୂରେଇ ରହିବ। କେଶ ପତଳା ହେବା, କେଶ ଝଡ଼ିବା, କେଶର କମ୍ ବୃଦ୍ଧି ଏସବୁ କେଶର ସାଧାରଣ ସମସ୍ୟା। ଏସବୁ ନ ହେବା ପାଇଁ ପ୍ରଥମରୁ ଚେଷ୍ଟା କରନ୍ତୁ। ସେଥିପାଇଁ ମୁଣ୍ଡର ତ୍ୱଚା ତଥା କେଶମୂଳ ପରିଷ୍କାର କରନ୍ତୁ। ତଥାପି ଯଦି ଆପଣଙ୍କ କେଶରେ ଏହି ସମସ୍ୟା ଦୂର ନ ହୁଏ ତେବେ ତୁରନ୍ତ କେଶ ବିଶେଷଜ୍ଞଙ୍କ ମତାମତ ନିଅନ୍ତୁ।

ସୁସ୍ଥ, ଲମ୍ବା ଓ ଚମକ୍‌ଦାର କେଶ ସମସ୍ତଙ୍କୁ ଭଲ ଲାଗିଥାଏ। ତେଣୁ ସୁସ୍ଥ କେଶ ପାଇଁ ଏହାକୁ ଟ୍ରିମିଂ କରାନ୍ତୁ। ଏହାଦ୍ୱାରା ଦୁଇମୁହାଁ କେଶ ବାହାରିଯିବ, ଫଳରେ କେଶ ଠିକ୍ ଭାବରେ ବଢ଼ିବ। କାରଣ ଦୁଇମୁହାଁ କେଶ, କେଶର ପ୍ରକୃତ ଚମକ୍ ହଜାଇ ଦିଏ ଏବଂ ବଢ଼ିବାକୁ ମଧ୍ୟ ଦିଏନାହିଁ। ଏତଦ୍‌ବ୍ୟତୀତ କେଶକୁ ସର୍ବଦା ଖୋଲା ରଖନ୍ତୁ ନାହିଁ।

ବିବାହ ପାଇଁ ଯଦି ଆପଣ ନିଜ କେଶକୁ ରଙ୍ଗେଇବା ପାଇଁ ଚାହୁଁଛନ୍ତି ତେବେ ନିଜ ମୁହଁ ତଥା

e-News & Magazine

ଶରୀରକୁ ମାନିଲା ପରି ରଙ୍ଗର ଚୟନ କରନ୍ତୁ। ଆଜିକାଲି କେହିକେହି ନିଜ ବିବାହ ପୋଷାକ ସହ ମଧ୍ୟ ମାନିଲା ପରି ରଙ୍ଗ ଚୟନ କରୁଛନ୍ତି।

କେବଳ ସେତିକି ନୁହେଁ, ଆଜିକାଲି ବଜାରରେ ବିଭିନ୍ନ ଷ୍ଟୋନ୍ ଓ ଟିକିଲି ମଧ୍ୟ ମିଳୁଛି ଯାହାକୁ ବ୍ୟବହାର କରି ନବବଧୂଙ୍କ କେଶ ବିନ୍ୟାସ କରାଯାଉଛି।

ନବବଧୂର କେଶ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ ଗଜରା ଓ ମଥାମଣି। ନବବଧୂର ଜୁଡ଼ାରେ ଯେତେବେଳ ପର୍ଯ୍ୟନ୍ତ ଗଜରା ଲାଗିନାହିଁ ତା'ର ରୂପ ଶୃଙ୍ଗାର ସେତେବେଳ ପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ହିଁ ଲାଗେ। ତେଣୁ ନବବଧୂର ସାଜସଜ୍ଜା ସରିବା ପରେ ତା' ଜୁଡ଼ାରେ ଗଜରା ନିଶ୍ଚୟ ଲଗାଯାଏ।

ସେହିପରି ମସ୍ତକର ସୁନ୍ଥାରେ ପିନ୍ଧା ଯାଉଥିବା ମଥାମଣି ସିନ୍ଦୂର ସହ ମିଶି ନବବଧୂର ଶୃଙ୍ଗାରକୁ ଦ୍ୱିଗୁଣିତକରି ମୁଖମଣ୍ଡଳକୁ ଆକର୍ଷଣୀୟ କରି ଗଢ଼ି ତୋଳିଥାଏ। ବିଶ୍ୱାସ କରାଯାଏ, ମଥାମଣି ମସ୍ତକର ସୁନ୍ଥା ମଝିରେ ପିନ୍ଧାଯିବାର କାରଣ ହେଉଛି ବିବାହ ପରେ ନବବଧୂର ଜୀବନକୁ ଏହା ସଠିକ୍ ଓ ସଳଖ ରାସ୍ତାରେ ଆଗେଇ ନେବ।

ନବବଧୂର ରୂପ ଶୃଙ୍ଗାର ମଧ୍ୟରେ ନାକର ନୋଥ ଅନ୍ୟତମ। ବିଶ୍ୱାସ ରହିଛି ଯେ, ସଧବା ସ୍ତ୍ରୀ ନାକରେ ନୋଥ ପିନ୍ଧିଲେ ପତିଙ୍କର ସ୍ୱାସ୍ଥ୍ୟ ଓ ଧନଜନ ବୃଦ୍ଧି ପାଏ। ମାତ୍ର ଧୀରେଧୀରେ ଏହି ବିଚାରଧାରାରେ ପରିବର୍ତ୍ତନ ଆସିଲାଣି। ଆଜିକାଲି ଏହାକୁ ଫ୍ୟାଶନ ରୂପରେ ଗ୍ରହଣ କରାଯାଉଛି। ତେଣୁ ନାକ ଫୋଡ଼ ବା ନ ଫୋଡ଼ ନିଜକୁ ଏକ ଆକର୍ଷଣୀୟ ଲୁକ୍ ଦେବା ପାଇଁ ପ୍ରାୟ ସମସ୍ତେ ନାକରେ ନୋଥ ଲଗାଉଛନ୍ତି।

ସେହିପରି ଏକ ଶୃଙ୍ଗାର ହେଉଛି କାନରେ ପିନ୍ଧାଯାଉଥିବା କାନଫୁଲ। ଏହି ଆଭୂଷଣ ବିଭିନ୍ନ ପ୍ରକାରର ସୁନ୍ଦର ତଥା ଆକର୍ଷଣୀୟ ଆକୃତିର ହୋଇଥାଏ, ଯାହା ନବବଧୂର ମୁଖମଣ୍ଡଳକୁ ବେଶ୍ ଆକର୍ଷଣୀୟ କରିଥାଏ। ବିବାହ ପରେ ସ୍ତ୍ରୀଲୋକ କାନ ଖାଲି କରିବା ଅନୁଚିତ ବୋଲି ବିଶ୍ୱାସ ଥିବାରୁ କାନରେ ଆଭୂଷଣ ପିନ୍ଧା ଯାଇଥାଏ।

ଗଳାହାର ନବବଧୂର ରୂପଲାବଣ୍ୟକୁ ବହୁଗୁଣିତ କରିଥାଏ। ସମୟ ଥିଲା ନବବଧୂ ବେକରେ କେବଳ ସୁନାହାର ପିନ୍ଧାଯାଉଥିଲା ମାତ୍ର ଆଜିକାଲି ନବବଧୂ ନିଜ ପୋଷାକ ସହ ମେଳ ଖାଇଲା ଭଳି ବିଭିନ୍ନ ଡିଜାଇନ୍‌ର ପଥର କାମ ହୋଇଥିବା ହାର ପିନ୍ଧୁଛନ୍ତି। ଏହାଛଡ଼ା ବେକରେ ମଙ୍ଗଳସୂତ୍ର ମଧ୍ୟ ପିନ୍ଧୁଛନ୍ତି। କୁହାଯାଏ, ନବବଧୂର ରୂପ ତଥା ତା'ର ସମ୍ପର୍କରେ ଦୃଷ୍ଟି ନ ପଡ଼ିବା ପାଇଁ କଳାମାଳିରେ ତିଆରି ମଙ୍ଗଳସୂତ୍ରକୁ ନବବଧୂ ବେକରେ ପିନ୍ଧିଥାନ୍ତି।

କାନଫୁଲ ଓ ଗଳାହାର ପରେ ନବବଧୂର ରୂପ ଶୃଙ୍ଗାରକୁ ବହୁଗୁଣିତ କରିଥାଏ ବାଜୁବନ୍ଧ ବା ଆର୍ମଲେଟ୍। କୁହାଯାଏ, ନୂଆ ବିବାହ କରିଥିବା ନାରୀ କୌଣସି ବ୍ରତ ପିନ୍ଧି ନ ଥାନ୍ତି, ତେଣୁ ସେମାନଙ୍କ ବାଜୁ ଖାଲି ରହିଥାଏ। ସେଥିପାଇଁ ସେମାନେ ବାଜୁବନ୍ଧ ପିନ୍ଧିଥାନ୍ତି। ଆଗରୁ ସମୟ ଥିଲା ନବବଧୂ କେବଳ ସୁନା କିମ୍ବା ରୁପାର ବାଜୁବନ୍ଧ ପିନ୍ଧୁଥିଲେ ମାତ୍ର ଆଜିକାଲି ନବବଧୂ କେବଳ ସୁନା ରୁପାର ବାଜୁବନ୍ଧ ନ ପିନ୍ଧି ବଜାରରେ ମିଳୁଥିବା ବିଭିନ୍ନ ଡିଜାଇନ୍‌ର ବାଜୁବନ୍ଧ ପିନ୍ଧୁଛନ୍ତି। ତେଣୁ ନିଜର ହାତକୁ ମାନିଲା ପରି ଏବଂ ପୋଷାକ ସହ ମେଳ ଖାଇଲା ଭଳି ବାଜୁବନ୍ଧ ପିନ୍ଧିଲେ ଭଲ।

ନବବଧୂଙ୍କ ଶୃଙ୍ଗାରରେ ଅଣ୍ଟାବିଛା ମଧ୍ୟ ଏକ ସ୍ୱତନ୍ତ୍ର ସ୍ଥାନ ନେଇଥାଏ। ନବବଧୂର ସରୁ ଅଣ୍ଟାରେ ସୁନ୍ଦର ସୁନ୍ଦର ଷ୍ଟୋନ କାମ କିମ୍ବା ସୁନେଲି ରଙ୍ଗର କାମ ହୋଇଥିବା ଅଣ୍ଟାବିଛା ତା'ର ରୂପ ଶୃଙ୍ଗାରକୁ ଦ୍ୱିଗୁଣିତ କରିଥାଏ।

ନବବଧୂର ଆଙ୍ଗୁଳିର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ ମୁଦି। ବିବାହ ପୂର୍ବରୁ ନିର୍ବନ୍ଧ ଉତ୍ସବରେ ବର-କନ୍ୟା ପରସ୍ପର ଆଙ୍ଗୁଳିରେ ମୁଦି ବା ଅଙ୍ଗୁଠି ପିନ୍ଧାଇବାର ପରମ୍ପରା ବେଶ୍ ପୁରୁଣା। ପୁରାତନ କାଳରୁ ମୁଦିକୁ ପତିପତ୍ନୀଙ୍କ ମଧ୍ୟରେ ପ୍ରେମ ଓ ବିଶ୍ୱାସର ପ୍ରତୀକ ବୋଲି ସ୍ୱୀକାର କରାଯାଉଛି। ଆମର ପୁରାଣ ପୃଷ୍ଠାରେ ମଧ୍ୟ ଏହାକୁ ନେଇ ଏକ ଉପାଖ୍ୟାନ ରହିଛି। ଯେତେବେଳେ ମାତା ସୀତା ଅଶୋକବନରେ ବନ୍ଦୀ ଜୀବନ କାଟୁଥିଲେ, ସେତେବେଳେ ବୀର ହନୁମାନଙ୍କ ହାତରେ ଶ୍ରୀରାମଚନ୍ଦ୍ର ନିଜର ମୁଦ୍ରିକାକୁ ସ୍ମୃତିଚିହ୍ନ ସ୍ୱରୂପ ସେଠାକୁ ପଠାଇଥିଲେ।

ନବବଧୂର ଗୋଡ଼ ଆଙ୍ଗୁଠି ତଥା ପାଦର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିଥାଏ ଝୁଣ୍ଟିଆ ଓ ପାଉଁଜି। ଏହି ଅଳଙ୍କାର ଦ୍ରବ୍ୟ ସାଧାରଣତଃ ରୁପାରେ ତିଆରି ହୋଇଥାଏ। କାରଣ ସ୍ୱର୍ଣ୍ଣକୁ ଆମେ ଲକ୍ଷ୍ମୀଙ୍କ ସହ ତୁଳନା କରୁଥିବାରୁ ପାଦରେ ଏହାକୁ ପିନ୍ଧାଯାଏ ନାହିଁ। ପାଦର ବୃଦ୍ଧାଙ୍ଗୁଠି ଓ କନିଷ୍ଠାଙ୍ଗୁଠିକୁ ବାଦ୍ ଦେଲେ ମଝି ତିନି ଆଙ୍ଗୁଠିରେ ଏହାକୁ ପିନ୍ଧାଯାଏ। କେହି କେହି ଏହାକୁ ଗୋଡ଼ ମୁଦି ବୋଲି ମଧ୍ୟ କହିଥାନ୍ତି। ବିଶ୍ୱାସ ରହିଛି, ନବବଧୂର ପାଦ ଆଙ୍ଗୁଳିରେ ଝୁଣ୍ଟିଆ ରହିଲେ ସେ ଭବିଷ୍ୟତରେ ବିଭିନ୍ନ ସମସ୍ୟାକୁ ସାହସର ସହିତ ମୁକାବିଲା କରିପାରିବ। ଏହି ଝୁଣ୍ଟିଆ ବିଭିନ୍ନ ଆକୃତିରେ ତିଆରି ହୋଇଥାଏ। ଯାହା ପାଦକୁ ବେଶ୍ ଆକର୍ଷଣୀୟ କରିଥାଏ।

ସେହିପରି ପାଦରେ ପିନ୍ଧାଯାଉଥିବା ପାଉଁଜିର ଘୁଙ୍ଗୁରରୁ ସୃଷ୍ଟି ହେଉଥିବା ସୁମଧୁର ଧ୍ୱନି ଘରର ସମସ୍ତ ସଦସ୍ୟଙ୍କ ପାଖରେ ନବବଧୂର ଉପସ୍ଥିତିକୁ ଜାହିର୍ କରେ। ଏହାର ବିଭିନ୍ନ ଆକୃତି ପାଦର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରି ଦେଇଥାଏ। ପାଉଁଜିର ଛମଛମ ଶବ୍ଦ ନୂଆ ଘରେ ତା'ର ଶୁଭ ଆଗମନକୁ ସୂଚିତ କରିଥାଏ

ଏହିସବୁ ରୂପ ଶୃଙ୍ଗାରରେ ସଜ୍ଜିତ ହୋଇ ନବବଧୂ ସତରେ ଅପୂର୍ବ ସୌନ୍ଦର୍ଯ୍ୟମୟୀ ହୋଇଉଠେ। କୁହାଯାଏ, ଷୋଳ ଶୃଙ୍ଗାରରେ ସଜ ହୋଇ ନବବଧୂ ଯେତେବେଳେ ବିବାହ ବେଦୀକୁ ଯାଏ ସେତେବେଳେ ତା'ର ରୂପ ମାଧୁର୍ଯ୍ୟରେ ସମସ୍ତେ ବିମୋହିତ ହୋଇଯାନ୍ତି। ବିବାହ ପରି ଏକ ପବିତ୍ର ତଥା ଅବିସ୍ମରଣୀୟ ଦିନଟିକୁ ରୂପ ସମ୍ଭାରରେ ସଜ୍ଜିତ କରି ନବବଧୂଟି ପାଦ ଥାପିଥାଏ ଏକ ନୂଆ ରଙ୍ଗିନ ଦୁନିଆରେ। ଆରମ୍ଭ କରିଥାଏ ତା'ର ନୂଆ ଜୀବନ।

ଡିମ୍ବକୋଷର କର୍କଟରୋଗ

ଡିମ୍ବକୋଷର କର୍କଟ ବା ଓଭାରିଆନ୍ କ୍ୟାନ୍ସର ଏକ ମାରାତ୍ମକ ରୋଗ। ଏହାକୁ ଏକ ନୀରବ ଘାତକ ବୋଲି କୁହାଯାଇପାରେ। ତେବେ କାହିଁକି ଏହି ରୋଗ ଶରୀରକୁ ଆକ୍ରମଣ କରେ ? କ'ଣ ସବୁ ଏହାର ଲକ୍ଷଣ ? କେମିତି କରିପାରିବା ଏହାର ପ୍ରତିକାର ? ଏଥିପାଇଁ କ'ଣ ସବୁ ଚିକିତ୍ସା କରାଯାଇପାରିବ ? ଏସବୁକୁ ନେଇ ଏହି ସ୍ୱାସ୍ଥ୍ୟଲେଖ୍ୟ।

ଡା. ସରୋଜିନୀ ଷଡ଼ଙ୍ଗୀ
ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ,
ଲିଙ୍କ୍‌ରୋଡ, କଟକ-୧୨

ନୀରବତା ହେଉଛି ପୃଥିବୀର ସବୁଠାରୁ ବଳିଷ୍ଠତମ ଭାଷା ଏବଂ ନିର୍ବାକ୍ ଶତ୍ରୁ ହେଉଛି ପୃଥିବୀର ସବୁଠାରୁ ଶକ୍ତିଶାଳୀ ଶତ୍ରୁ, ଯିଏ ଶବ୍ଦଟିଏ ମଧ୍ୟ ଉଚ୍ଚାରଣ ନକରି ଶରୀରର ଚରମ କ୍ଷତି ପହଞ୍ଚାଇ ଥାଏ। ସେହିଭଳି ଗୋଟିଏ ନୀରବ ଶତ୍ରୁ ହେଉଛି ଡିମ୍ବକୋଷର ଅର୍ବୁଦ। ସମୁଦାୟ ସ୍ତ୍ରୀ କର୍କଟ ରୋଗର ଶତକଡା ୧୫ରୁ ୨୦ ଭାଗ ହେଉଛି ଡିମ୍ବକୋଷର କର୍କଟ ରୋଗ, ଏହା ଭାରତ ଅପେକ୍ଷା ଯୁକ୍ତରାଷ୍ଟ୍ର ଆମେରିକା ଭଳି ବିକଶିତ ରାଷ୍ଟ୍ରରେ ବେଶୀ ଦେଖାଦିଏ। ଆମେରିକାରେ ପ୍ରତି ୭୦ଟି ଶିଶୁକନ୍ୟା ମଧ୍ୟରୁ କେବଳ ଗୋଟିଏ ଶିଶୁକନ୍ୟା ବେଶୀ ବୟସରେ ଡିମ୍ବକୋଷର କର୍କଟ ରୋଗ ଭୋଗିଥାଏ। ସମୁଦାୟ ଡିମ୍ବକୋଷ ଅର୍ବୁଦ ରୋଗର ଶତକଡା ୨୦ ଭାଗ ହେଉଛି କର୍କଟ ରୋଗ। ଏହା ବିଶେଷଭାବରେ ବନ୍ଧ୍ୟା ରମଣୀଙ୍କଠାରେ ଦେଖାଦେଇଥାଏ। ସ୍ତନ କର୍କଟ ଓ ଜରାୟୁ ଗ୍ରୀବା କର୍କଟ ପରେପରେ ଡିମ୍ବକୋଷର କର୍କଟ ହେଉଛି ମହିଳାମାନଙ୍କ ମୃତ୍ୟୁର ଅନ୍ୟ ଏକ ମୁଖ୍ୟ କାରଣ।

କାରଣ:- ସ୍ତନ କର୍କଟ, ଅନ୍ତନଳୀର କର୍କଟ ଭଳି ଡିମ୍ବକୋଷର କର୍କଟ ରୋଗ ମଧ୍ୟ ବଂଶାନୁଗତ। ପରିବାରରେ ଆଗରୁ ମା', ଭଉଣୀ ବା ରକ୍ତ ସମ୍ପର୍କୀୟଙ୍କୁ ଏହି କର୍କଟ ରୋଗ ହୋଇଥିଲେ ଏହି ରୋଗ ହେବାର ସମ୍ଭାବନା ଅଧିକ ଥାଏ। ବଂଶାନୁଗତ ଡିମ୍ବକୋଷ କର୍କଟ ରୋଗରେ ଲିଂଚ୍ ଟାଇପ୍ ୧ ଓ ଲିଂଚ୍ ଟାଇପ୍ ୨ ଜିନ୍ ଥାଏ ଏବଂ ଏହାଛଡ଼ା ଯେଉଁ ମହିଳାମାନଙ୍କର ବି.ଆର୍.ସି.ଏ .ଜିନ୍ ଥାଏ, ସେମାନଙ୍କର ସ୍ତନ ଓ

e-News & Magazine

ଡିମ୍ବକୋଷ କର୍କଟ ରୋଗ ହୋଇଥାଏ। ଗର୍ଭଧାରଣ ନ ହୋଇ ପ୍ରତିମାସରେ ମାସିକ ଋତୁସ୍ରାବ ହୋଇ ଓଭ୍ୟୁଲେସନ୍ ହେଲେ ଏହା ଡିମ୍ବକୋଷର ଉପର ଅଂଶରେ କ୍ଷତ ସୃଷ୍ଟି କରିଥାଏ ଏବଂ ଡିମ୍ବକୋଷ କର୍କଟ ରୋଗ ହେବାରେ ସାହାଯ୍ୟ କରିଥାଏ। ତେଣୁ ଇଷ୍ଟ୍ରୋଜେନ୍ ଓ ପ୍ରୋଜେଷ୍ଟେରୋନ୍ ମିଶ୍ରିତ ଗର୍ଭ ନିରୋଧକ ବଟିକା ଖାଇଲେ ଓଭ୍ୟୁଲେସନ୍ ହୁଏ ନାହିଁ ବା ଡିମ୍ବକୋଷରୁ ଡିମ୍ବ ନିର୍ଗତ ହୁଏ ନାହିଁ। ଗର୍ଭଧାରଣ ହେଲେ ମଧ୍ୟ ଓଭ୍ୟୁଲେସନ୍ ହୁଏ ନାହିଁ, ତେଣୁ ଡିମ୍ବକୋଷକୁ ଯଥେଷ୍ଟ ବିଶ୍ରାମ ମିଳିଥାଏ ଏବଂ ଏହା ହିଁ ଡିମ୍ବକୋଷ କର୍କଟ ରୋଗ ନ ହେବାର ମୁଖ୍ୟ କାରଣ ହୋଇଥାଏ।

ଏହାଛଡା ଅତ୍ୟଧିକ କଫିପାନ, ଧୂମପାନ, ମଦ୍ୟପାନ ତଥା ଚର୍ବି ଓ ତେଲ, ଘିଅ ଛଣାଛଣି ଖାଦ୍ୟ ଖାଇଲେ ଏହି ରୋଗ ହେବାର ଆଶଙ୍କା ଅଧିକ ଥାଏ। ଅପରପକ୍ଷରେ ସ୍ତନ୍ୟପାନ, ବନ୍ଧ୍ୟାକରଣ ଅସ୍ତ୍ରୋପଚାର (ଟ୍ୟୁବେକ୍ଟୋମି) ଓ ଜରାୟୁ ଅପସାରଣ ଡିମ୍ବକୋଷ କର୍କଟ ରୋଗ ହେବାର ବିପଦକୁ କମାଇ ଦେଇଥାଏ।

ଡିମ୍ବକୋଷର ପ୍ରକାର ଭେଦ : ଶତକଡା ୯୦ ଭାଗ ଡିମ୍ବକୋଷର କର୍କଟ ରୋଗ ଡିମ୍ବକୋଷରୁ ହିଁ ଆରମ୍ଭ ହୋଇଥାଏ। ଏହା ଶତକଡା ୫୦ ଭାଗ ଦୁଇପଟେ ଦୁଇଟି ଯାକ ଡିମ୍ବକୋଷରେ ହୋଇଥାଏ। ବେଳେବେଳେ ଏହା ସିଷ୍ଟିକ୍ (ପାଣି ଜମି ଯାଇଥାଏ) ଏବଂ ବେଳେବେଳେ ସଲିଡ୍ ବା କଠିନ ହୋଇଥାଏ।

କେତେକ କ୍ଷେତ୍ରରେ ଏହି କର୍କଟ ରୋଗ ଶରୀରର ଅନ୍ୟାନ୍ୟ ଅଙ୍ଗରୁ ଆସିଥାଏ। ମୁଖ୍ୟତଃ ଏହା ପାକସ୍ଥଳୀ, ଅନ୍ତଃନଳୀ, ପିତ୍ତକୋଷ, ସ୍ତନ ବା ଜରାୟୁଝିଲ୍ଲୀ କର୍କଟ ରୋଗରୁ ମାଡି ଆସିଥାଏ। ଏଥିରେ 'କ୍ରୁକେନ ବର୍ଗ ଟ୍ୟୁମର' ଅନ୍ୟତମ।

ପର୍ଯ୍ୟାୟ: ଡିମ୍ବକୋଷର କର୍କଟ ରୋଗକୁ ଷ୍ଟେଜିଂ ବା ପର୍ଯ୍ୟାୟଭୁକ୍ତ କରିବା ଅତି ଜରୁରୀ। ଏହା ଅସ୍ତ୍ରୋପଚାର ପରେ କେମୋଥେରାପି ପାଇଁ ତଥା ଏହାଦ୍ୱାରା ରୋଗୀର ଅବସ୍ଥାର କେତେ ଉନ୍ନତି ଘଟିଲା ତାହା ଜାଣିବା ପାଇଁ ଏହି ଷ୍ଟେଜିଂ କରାଯାଇଥାଏ।

ଡିମ୍ବକୋଷ କର୍କଟ ରୋଗର ଷ୍ଟେଜିଂ ବା ପର୍ଯ୍ୟାୟ:

ଷ୍ଟେଜ୍ ୧– କର୍କଟ ରୋଗ ଡିମ୍ବକୋଷ ଭିତରେ ଥାଏ।

(କ) ଗୋଟିଏ ଡିମ୍ବକୋଷ ଭିତରେ କର୍କଟ ରୋଗ ହୋଇଥାଏ ତଥା ପେଟରେ ପାଣି ଜମିଥାଏ (ଜଳଉଦର ରୋଗ ବା ଆସାଇଟିସ୍)

(ଖ) ଦୁଇଟି ଡିମ୍ବକୋଷରେ କର୍କଟ ରୋଗ ହୋଇଥାଏ ଏବଂ ପେଟରେ ପାଣି ଜମିଥାଏ।

(ଗ) ଷ୍ଟେଜ୍ ୧ କ ବା ଖ ସହ ଯଦି ଡିମ୍ବକୋଷର ଉପର ଭାଗରେ କର୍କଟର ଅଂଶ ଥାଏ ଏବଂ ପେଟଭିତରେ ଜମିଥିବା ପାଣିରେ କର୍କଟ ରୋଗର କିଛି ଅଂଶ ଥାଏ।

ଷ୍ଟେଜ୍ ୨– ଗୋଟିଏ ବା ଦୁଇଟି ଡିମ୍ବକୋଷର କର୍କଟ ରୋଗ ସହ ଯଦି ତଳିପେଟକୁ ବ୍ୟାପି ଯାଇଥାଏ।

(କ) ଯଦି ଜରାୟୁ ବା ଡିମ୍ବବାହୀ ନଳୀକୁ କର୍କଟ ରୋଗ ବ୍ୟାପିଥାଏ।

(ଖ) ଯଦି ଜରାୟୁ ଓ ଡିମ୍ବବାହୀ ନଳୀ ସହ ତଳି ପେଟର ଅନ୍ୟାନ ଅଂଶକୁ ବ୍ୟାପିଯାଇଥାଏ।

(ଗ) ଜରାୟୁ ଓ ଡିମ୍ବବାହୀ ନଳୀ ଓ ଅନ୍ୟାନ୍ୟ ଅଙ୍ଗ ସହ ଯଦି ପେଟଭିତରେ ଥିବା ପାଣିରେ କର୍କଟ ରୋଗର କୋଷ ଥାଏ।

ଷ୍ଟେଜ୍ ୩ – ଡିମ୍ବକୋଷ, ଜରାୟୁ, ଡିମ୍ବବାହୀ ନଳୀ ଓ ତଳିପେଟ ସହ ଯଦି କର୍କଟ କୋଷର ପରିସୀମା ଉପର ପେଟକୁ ମଧ୍ୟ ବ୍ୟାପି ଯାଇଥାଏ।

ଷ୍ଟେଜ୍ ୪ – ଡିମ୍ବକୋଷ, ଜରାୟୁ, ତଳିପେଟ ଓ ଉପର ପେଟ ସହ ଯଦି ଯକୃତ, ଫୁସ୍‌ଫୁସ୍ ଆଦି ଦୂର ଅଙ୍ଗକୁ ରୋଗ ବ୍ୟାପି ଯାଇଥାଏ।

ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗକୁ ଏହା କିଭଳି ଭାବରେ ବ୍ୟାପିଥାଏ –

(୧) ଡିମ୍ବକୋଷରୁ କର୍କଟ ରୋଗର କୋଷ ସିଧାସଳଖ ଭାବେ ଜରାୟୁ, ଡିମ୍ବବାହୀ ନଳୀ ତଥା ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗକୁ ଯାଇଥାଏ।

(୨) ପେଟ ଭିତରେ ଡିମ୍ବକୋଷର ଉପରି ଭାଗ ଫାଟିଯାଇ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ଯାଇଥାଏ।

(୩) ରକ୍ତ ବା ଧମନୀ ଦ୍ୱାରା କର୍କଟ କୋଷ ବିଭିନ୍ନ ଦିଗକୁ ପ୍ରସାରିତ ହୋଇଥାଏ ଯଥା ଯକୃତ, ଫୁସ୍‌ଫୁସ୍ ଓ ହାଡ଼।

(୪) ଲିମ୍ଫାଟିକ୍ ଦ୍ୱାରା ମଧ୍ୟ ଏହା ବିଭିନ୍ନ ଗ୍ଲାଣ୍ଡକୁ ବିଶେଷ କରି ବେକରେ ଥିବା 'ସୁପ୍ରାକ୍ଲାଭିକୁଲାର୍' ଗ୍ଲାଣ୍ଡକୁ ବ୍ୟାପି ଯାଇଥାଏ।

ବୟସ ସୀମା – ଏହି ରୋଗ ବୟସ୍କା ମହିଳାମାନଙ୍କୁ ହୋଇଥାଏ। ଶତକଡା ୯୦ ଭାଗ କର୍କଟ ରୋଗ ମାସିକ ଋତୁସ୍ରାବର ବିରତି ପରେ ମହିଳାମାନଙ୍କୁ ହୋଇଥିବା ବେଳେ ଶତକଡା ୨୦ ଭାଗ କର୍କଟ ରୋଗ ମାସିକ ଋତୁସ୍ରାବର ବିରତିର ଠିକ୍ ପୂର୍ବରୁ ହୋଇଥାଏ (ପ୍ରିମେନୋପଜାଲ୍)। ତେବେ ଏହା ଯେକୌଣସି ବୟସର ମହିଳାଙ୍କଠାରେ ମଧ୍ୟ ଦେଖା ଦେଇଥାଏ। ଖୁବ୍ ଅଳ୍ପ ବୟସରେ କିଶୋରୀମାନେ (୨୦ ବର୍ଷ ତଳକୁ) ବିପଜ୍ଜନକ ଜର୍ମସେଲ୍ ଟ୍ୟୁମର ରୋଗ ମଧ୍ୟ ଭୋଗିଥାନ୍ତି।

ବନ୍ଧ୍ୟା ମହିଳା ତଥା ବଂଶରେ କର୍କଟ ରୋଗର ଇତିହାସ ଥିବା ମହିଳାଙ୍କ କ୍ଷେତ୍ରରେ ଏହା ବେଶୀ ଦେଖାଦେଇଥାଏ।

ଲକ୍ଷଣ: ଡିମ୍ବକୋଷର କର୍କଟ ରୋଗ ଭୟଙ୍କର ଭାବରେ ଏକ ନୀରବ ଟ୍ୟୁମର୍। ପ୍ରଥମ ପର୍ଯ୍ୟାୟରେ ଏଥିରେ କୌଣସି ପ୍ରକାର ଲକ୍ଷଣ ଦେଖାଦିଏ ନାହିଁ ଏବଂ ରୋଗୀ ଆଦୌ ଜାଣିପାରେ ନାହିଁ ଯେ,ସେ ଏତେ ମାରାତ୍ମକ ରୋଗର ଶିକାର ହେବାକୁ ଯାଉଛି।

(୧) ତେବେ ଜଣଜଣଙ୍କର ପେଟ ଫୁଲିଯାଏ ଏବଂ ଅଳ୍ପଅଳ୍ପ କଷ୍ଟ ହୋଇଥାଏ।

(୨) ବଦହଜମୀ ବା ଅଜୀର୍ଣ୍ଣତା ସହ ହାକୁଟି ହୋଇଥାଏ।

(୩) ଭୋକ ହୁଏନାହିଁ, ଖାଇବାକୁ ଇଚ୍ଛା ହୁଏ ନାହିଁ ଏବଂ ଫୁଲାଫୁଲା ଲାଗେ।

(୪) ଯଦି ଆଗରୁ ଡିମ୍ବକୋଷର ଅର୍ବୁଦ ଥାଏ ସେଗୁଡିକ ଆକାରରେ ବଢିଯାଏ, କଷ୍ଟ ହୁଏ, ଫୁଲିଯାଏ ଏବଂ ଦରଜ ହୁଏ।

(୫) ବେଳେବେଳେ ଅର୍ବୁଦଟି ଖୁବ୍ ଶୀଘ୍ରଶୀଘ୍ର ବଢି ଆସ୍ତେଆସ୍ତେ ପେଟ ବେଶୀ ଫୁଲିଯାଏ ଓ ଟ୍ୟୁମର ଖୁବ୍ ଶୀଘ୍ର ବଢିଯାଏ।

(୬) ତଳି ପେଟରେ କଷ୍ଟ ହୁଏ।

(୭) ହଠାତ୍ ଓଜନ କମିଯାଏ।

(୮) ଛାତିରେ ଯନ୍ତ୍ରଣା ହୁଏ ତଥା ନିଶ୍ୱାସ ନେବାରେ କଷ୍ଟ ହୁଏ।

(୯) ମାସିକ ଋତୁସ୍ରାବରେ ଅନିୟମିତତା ଦେଖାଦିଏ।

ପରୀକ୍ଷା : ରୋଗୀକୁ ପରୀକ୍ଷା କଲେ ଜଣାଯାଏ ଯେ,

- ■ ରକ୍ତହୀନତା ବେଶୀ ପରିମାଣରେ ହୋଇଥାଏ।
- ■ ରୋଗୀ ଜୀର୍ଣ୍ଣ, ଶୀର୍ଣ୍ଣ ତଥା ପତଳା ହୋଇଯାଏ।
- ■ କାମଳ ରୋଗ ହୋଇଥିବାର ଦେଖାଯାଏ।
- ■ ବେକରେ ଥିବା ଲିମ୍ଫାଗ୍ଲାଣ୍ଡ ବା କୋଷିକା ଫୁଲିଥାଏ (ବାମ ପଟ ବେକ ବା ସୁପ୍ରାକ୍ଲାଭିକୁଲାର୍ ବା ଭିର୍କୋସ୍ ଗ୍ଲାଣ୍ଡ)
- ■ ଗୋଡ ଫୁଲିଯାଏ।
- ■ ପେଟ ପରୀକ୍ଷା କଲେ ଜଣାଯାଏ ଯେ ଲିଭର୍ ବା ଯକୃତ ବଢିଯାଇଥାଏ।
- ■ ପେଟ ଭିତର ଅର୍ବୁଦର ଆକାର ବଢିଯାଇ ହାତକୁ କଠିନ ଲାଗେ ଏବଂ ଏହାକୁ ହଲାଇଲେ ଏହା ଆଦୌ ହଲିପାରେ ନାହିଁ।

ଯୌନ ପରୀକ୍ଷା: ଏହାଦ୍ୱାରା ଟ୍ୟୁମରର ଆକାର ଓ ଏହା ଜରାୟୁ ସହ ସଂଶ୍ଳିଷ୍ଟ କି ନାହିଁ ଜଣାପଡ଼େ।

ସ୍ୱତନ୍ତ୍ର ପରୀକ୍ଷା

ଅସ୍ତ୍ରୋପଚାର କରିବା ପୂର୍ବରୁ ଏହା ଡିମ୍ବାଶୟର କର୍କଟ ରୋଗ କି ନୁହେଁ, ଏହା କେତେଦୂର ପର୍ଯ୍ୟନ୍ତ ବ୍ୟାପିଛି ଏବଂ ଏହା ପ୍ରକୃତରେ ଡିମ୍ବକୋଷରୁ ବାହାରିଛି ବା ପାକସ୍ଥଳୀ, ଅନ୍ତନଳୀ ବା ସ୍ତନକର୍କଟ ରୋଗରୁ ହୋଇଛି ଏହା ଜାଣିବା ଉଚିତ୍।

ଏହାଛଡା ରକ୍ତରେ କେତେଗୁଡିଏ ପରୀକ୍ଷା ବିଶେଷକରି ଟ୍ୟୁମର୍ ମାର୍କର (ସି.ଏ.୧୨୫) ପରୀକ୍ଷା ଦ୍ୱାରା ଏହି କର୍କଟ ରୋଗ ହୋଇଛି ବୋଲି ଜଣାପଡ଼େ। ଏହି କର୍କଟ ରୋଗ କେତେଦୂର ପର୍ଯ୍ୟନ୍ତ ବ୍ୟାପିଛି ଜାଣିବା ପାଇଁ ପେଟର ଅଲଟ୍ରାସାଉଣ୍ଡ ବା ସ୍କାନିଂ, ଛାତିର ଏକ୍ସରେ, ବାରିୟମ୍ ଏନିମା, ଛାତିରେ ପାଣି ଜମିଥିଲେ

e-News & Magazine

ଆପଣଙ୍କ ପ୍ରିୟ ପାରିବାରିକ ପତ୍ରିକା
ଆମର, ଆପଣମାନଙ୍କର, ଆମ ସମସ୍ତଙ୍କର

ପାଣିର ପରୀକ୍ଷା, ଇଣ୍ଟ୍ରାଭେନସ୍ ପାଇଲୋଗ୍ରାମ୍ । (ଆଇ. ଭି.ପି. ଦ୍ୱାରା ପରିସ୍ରାଗାର ବା ୟୁରିନାରୀ ବ୍ଲାଡର୍‌କୁ ବ୍ୟାପିଛି କି ନାହିଁ ଜଣାପଡ଼େ, ନିଶା ଦେଇ ପରୀକ୍ଷା ଏବଂ ଡି.ଏଣ୍ଡ.ସି ଦ୍ୱାରା ଜରାୟୁ ଭିତରୁ ମାଂସ ପରୀକ୍ଷା କରାଇବା ଉଚିତ ।

ପ୍ରାଥମିକ ପର୍ଯ୍ୟାୟରେ ଏହାର ଚିହ୍ନଟ: ପ୍ରାଥମିକ ପର୍ଯ୍ୟାୟରେ ଏହାର ଚିହ୍ନଟ ଖୁବ୍ କଷ୍ଟକର । କାରଣ ଏହାର ନିର୍ଦ୍ଦିଷ୍ଟ ବୟସ ସୀମା ନ ଥାଏ ଏବଂ ଏହା ପ୍ରାୟ ୪୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ମହିଳାମାନଙ୍କୁ ହୋଇଥାଏ । କିନ୍ତୁ ସ୍ତ୍ରୀ ରୋଗ ବିଶେଷଜ୍ଞମାନେ ଏହି ବୟସର ମହିଳାମାନଙ୍କର ଡିମ୍ବକୋଷର ଅର୍ବୁଦ ଥିବା ଜାଣିପାରିଲେ କର୍କଟ ରୋଗ ହୋଇଛି ବୋଲି ସନ୍ଦେହ କରିବା ଦରକାର । ପ୍ରାୟ ଶତକଡା ୧୫ ରୁ ୨୦ ଭାଗ ମହିଳାମାନଙ୍କର ଆଦୌ କିଛି ଲକ୍ଷଣ ନ ଥାଏ । ତେଣୁ ଏହାର ଚିହ୍ନଟ ଅସମ୍ଭବ ହୋଇପଡ଼େ ।

ଏହାଛଡା ଏହି ଲକ୍ଷଣ ଅର୍ବୁଦର ଆକାର ଉପରେ ମଧ୍ୟ ନିର୍ଭର କରି ନ ଥାଏ । ତେଣୁ ପ୍ରାୟ ଏହି ରୋଗର ଚିହ୍ନଟ ହୋଇ ପାରିନଥାଏ । ଏହି ରୋଗର ଚିହ୍ନଟ ହେଲାବେଳକୁ ଶତକଡା ୭୦ ଭାଗ ମହିଳାଙ୍କଠାରେ ଏହା ବହୁତ ଦୂରକୁ ମାଡି ଯାଇଥାଏ ।

ଚିହ୍ନଟ ପାଇଁ ପରୀକ୍ଷା

ଅଲଟ୍ରାସାଉଣ୍ଡ - ପେଟର୍ ଅଲଟ୍ରାସାଉଣ୍ଡ ବା ସ୍କାନିଂ କିମ୍ବା ଟ୍ରାନ୍ସଭାଜାଇନାଲ୍ ସୋନୋଗ୍ରାଫିରେ କଲର୍ ଡପଲର୍ ଦ୍ୱାରା ଅନେକଗୁଡ଼ିଏ ସିଷ୍ଟ, କଠିନ ଟ୍ୟୁମର, ଶରୀରର ଅନ୍ୟ ଅଙ୍ଗରେ ମେଟାଷ୍ଟାସିସ୍ ଆଦି ଜଣାପଡ଼ିଥାଏ । କେଉଁ କ୍ଷେତ୍ରରେ ପେଟ ଭିତରେ ପାଣି ମଧ୍ୟ ଜମିଥାଏ ତାହା ଜଣାପଡ଼ିଥାଏ । ସେମିତି ସିଟି ସ୍କାନ, ଏମ୍.ଆର୍.ଆଇ, ରକ୍ତରେ ସିରମ୍ ସି.ଏ.୧୨୫ର ଆଧିକ୍ୟ, ନିଶାଦେଇ ପରୀକ୍ଷା, ଲାପାରୋସ୍କୋପି, ପେଟର ଏକ୍ସରେ, ପେଟ ଅପରେସନ୍ ବେଳେ ଚିହ୍ନଟ, ସାଇଟୋଲୋଜି ବା କୋଷ ପରୀକ୍ଷା ଦ୍ୱାରା ଏହା ଚିହ୍ନଟ କରାଯାଇଥାଏ ।

ଅତ୍ୟାଧୁନିକ ପରୀକ୍ଷା: ଉପରୋକ୍ତ ଚିହ୍ନଟ ବ୍ୟବସ୍ଥା ଛଡା ଏମ୍. ଆର୍. ଆଇ ବା ସିଟିସ୍କାନ୍ ଦ୍ୱାରା ମଧ୍ୟ ଏହା ଜଣାପଡ଼ିଥାଏ । ଜଣେ ଅଭିଜ୍ଞ ସ୍ତ୍ରୀ ରୋଗ ବିଶେଷଜ୍ଞ କର୍କଟ ରୋଗ ସନ୍ଦେହ ଓ ଚିହ୍ନଟ କରିପାରେ । ଅସ୍ତ୍ରୋପଚାର ସମୟରେ ଫ୍ରୋଜନ୍ ବାଇଓପ୍ସି ଓ ସ୍ଲାଇଡ୍ ଟେଷ୍ଟ ଦ୍ୱାରା ବିଶେଷଜ୍ଞମାନେ ଏହା ଚିହ୍ନଟ କରିପାରନ୍ତି ଫଳରେ ଚିକିତ୍ସା ଆହୁରି ସୁବିଧା ହୋଇଯାଏ ।

ହାଇରିସ୍କ ମହିଳା: ସବୁ କର୍କଟ ରୋଗ ପରି ଡିମ୍ବକୋଷ କର୍କଟ ରୋଗର ପ୍ରତିଷେଧକ ବ୍ୟବସ୍ଥାମାନ ଗ୍ରହଣ କରିବା କଷ୍ଟକର । ତେବେ ମଧ୍ୟ କେତେକ କ୍ଷେତ୍ରରେ ପ୍ରତିଷେଧକ ବ୍ୟବସ୍ଥାମାନ ଗ୍ରହଣ କଲେ ଏହି ରୋଗଠାରୁ ଦୂରେଇ ରହିପାରିବା । ଜରାୟୁ ଅପସାରଣ ଅସ୍ତ୍ରୋପଚାର ସମୟରେ 'ହାଇରିସ୍କ' ମହିଳାମାନଙ୍କ ଶରୀରରୁ ଦୁଇଟିଯାକ ଡିମ୍ବକୋଷ ବାହାର କରିନେବା ଉଚିତ । କେତେକ ସ୍ଥଳରେ ଜରାୟୁ ଅପସାରଣ ଅସ୍ତ୍ରୋପଚାର ସମୟରେ ଓଭାରି ରଖି କେବଳ ଦୁଇ ପଟର ଫାଲୋପିଆନ୍ ଟ୍ୟୁବ୍‌କୁ କାଢିଦେବା ଉଚିତ୍ । ଏହି ହାଇରିସ୍କ ମହିଳାମାନେ ହେଲେ, ୪୫ ବର୍ଷ ବା ତଦୁର୍ଦ୍ଧ୍ୱ ବୟସର ବନ୍ଧ୍ୟା ମହିଳା । ଯେକୌଣସି ମହିଳାଙ୍କର ଯଦି ବଂଶରେ ମା' ମାଉସୀ କିମ୍ବା ପ୍ରଥମ ନିକଟ ସଂପର୍କୀୟଙ୍କୁ ଏହି ରୋଗ ହୋଇଥାଏ । ମାସିକ ଋତୁସ୍ରାବର ବିରତି ପୂର୍ବରୁ ଯେକୌଣସି ମହିଳାଙ୍କର ସନ୍ଦେହଜନକ ଡିମ୍ବକୋଷ ଥିଲେ । ଯଦି ଜଣେ ମହିଳାଙ୍କର ଆଗରୁ ଅଣକର୍କଟ ବା ବିନାଇନ୍ ଅର୍ବୁଦ ର ଅସ୍ତ୍ରୋପଚାର ହୋଇଥାଏ । ମହିଳାଙ୍କର ଆଗରୁ ସ୍ତନ କର୍କଟ ରୋଗ ଥିଲେ । ଯଦି ବୟସ୍କା ମହିଳା ଆଗରୁ ଯେକୌଣସି କର୍କଟ ରୋଗ ପାଇଁ ରେଡିଏସନ୍ ପାଇଥିବେ ଏବଂ ସେଥିପାଇଁ ତାଙ୍କର ମାସିକ ଋତୁସ୍ରାବର ବିରତି ହୋଇଥିବ । ଏହାଛଡା ଯେଉଁମାନଙ୍କର ବଂଶାନୁଗତ ଭାବେ ଲିଂଚ୍‌ଟାଇପ୍ ୨ ଜିନ୍ ଥାଏ, ସେମାନଙ୍କୁ ପ୍ରତିଷେଧକ ଭାବେ ଇଷ୍ଟ୍ରୋଜେନ୍ ଓ ପ୍ରୋଜେଷ୍ଟେରୋନ୍ ହରମୋନ୍ ମିଶା ଗର୍ଭନିରୋଧକ ବଟିକା ଖାଇବାକୁ ଦେବା ଉଚିତ ।

ବେଳେବେଳେ କୌଣସି ଲକ୍ଷଣ ନ ଥିଲେ ମଧ୍ୟ ଡିମ୍ବକୋଷ ରେ ଅର୍ବୁଦ ଦେଖାଯାଇଥାଏ । ତେବେ ଏଗୁଡ଼ିକ ଚିକିତ୍ସା ନ କରି ଛାଡି ଦେବା ଉଚିତ ନୁହେଁ । ଏହାକୁ ଚିକିତ୍ସା କରିବା ସଙ୍ଗେସଙ୍ଗେ ରୋଗୀକୁ ସତର୍କ କରିଦେବା ଉଚିତ । ଯଦି ଡିମ୍ବକୋଷର ଅର୍ବୁଦ ୮ ସେମି ରୁ କମ୍ ଆକୃତିର ହୋଇଥାଏ ତେବେ ୩ ମାସ ପର୍ଯ୍ୟନ୍ତ ଗର୍ଭ ନିରୋଧକ ବଟିକା ଖାଇବାକୁ ଦେବା ଉଚିତ । ଏଥିରେ ନିରୀହ ଅର୍ବୁଦ ଭଲ ହୋଇଯାଏ ।

ସେମିତି ଅର୍ବୁଦର ଆକୃତି ୮ ସେ.ମି ରୁ ଅଧିକ ହୋଇଥିଲେ,

ଅର୍ବୁଦ ଆକାରରେ ଛୋଟ ହୋଇ ମଧ୍ୟ ଯଦି ଲକ୍ଷଣ ଦେଖାଦିଏ,

ଡିମ୍ବକୋଷ, ଡିମ୍ବବାହୀ ନଳୀ ଓ ଅନ୍ୟାନ୍ୟ କୋଷର ସଂଯୋଗ ଅର୍ବୁଦ (ଟ୍ୟୁବୋଓଭାରିଆନ୍ ମାସ୍)ର ଆକାର ୧୦ ସେମିରୁ ଅଧିକ ହୋଇଥିଲେ ସଙ୍ଗେସଙ୍ଗେ ପେଟ ଅପରେସନ୍ କରିବା ଜରୁରୀ ।

ଡିମ୍ବକୋଷ କର୍କଟ ରୋଗ ପାଇଁ ସ୍କ୍ରିନିଂ ପରୀକ୍ଷା: ଜରାୟୁ ମୁଖ କର୍କଟ ରୋଗ ପୂର୍ବ ପର୍ଯ୍ୟାୟର ସ୍କ୍ରିନିଂ ଯେଭଳି ହୋଇପାରେ ଏହି କ୍ଷେତ୍ରରେ ସେଭଳି ହୋଇ ପାରେନାହିଁ । ବିଶେଷ ଭାବରେ ଲକ୍ଷଣ ନ ଥିବା ମହିଳାମାନଙ୍କ କ୍ଷେତ୍ରରେ ପ୍ରାଥମିକ ପର୍ଯ୍ୟାୟରେ ଚିହ୍ନଟ ପାଇଁ ବ୍ୟାବସ୍ଥା ରହିବା ଜରୁରୀ ।

ହାଇରିସ୍କ ମହିଳାମାନେ ବର୍ଷକୁ ଅନ୍ତତଃ ଥରେ ସ୍ତ୍ରୀରୋଗ ବିଶେଷଜ୍ଞମାନଙ୍କ ପାଖରେ ନିଜର ସଂପୂର୍ଣ୍ଣ ଶରୀର ପରୀକ୍ଷା କରାଇ ନେବା ଉଚିତ । ଡିମ୍ବକୋଷ କର୍କଟ ରୋଗ ଚିହ୍ନଟ ହେବା ମାତ୍ରେ ତୁରନ୍ତ ସ୍ତ୍ରୀରୋଗ ବିଶେଷଜ୍ଞଙ୍କର ପରାମର୍ଶ ନେଇ କାଳବିଳମ୍ବ ନ କରି ଚିକିତ୍ସା କରାଇବା ଉଚିତ । ରୋଗର ଷ୍ଟେଜିଙ୍ଗ୍ ଅନୁସାରେ କେମୋଥେରାପି ଓ ସର୍ଜରୀ କରିବା ବିଧେୟ ।

e-News & Magazine

kutchina.com

ବିଶ୍ୱସ୍ତରୀୟ ଉପକରଣ, ବିଶ୍ୱସ୍ତରୀୟ ସୁବିଧା ଲାଗି

BUILT-IN-OVEN WITH CONVECTION AND GRILL

CHIMNEY WITH AUTO CLEAN TECHNOLOGY

DISHWASHER CLEANS MORE THAN 2 DINNER SET AT A TIME

HOB WITH MECHANICAL TIMER

e-News & Magazine

ଆଜିକୁ ଦୀର୍ଘ ୧୫ ବର୍ଷ ଧରି ଆମର ପ୍ରତ୍ୟେକ ଉତ୍ପାଦକୁ କାରିଗରୀ କୌଶଳରେ ଆମେ ପୂର୍ଣ୍ଣତା କରିଛୁ ।

KUTCHINA® KITCHEN APPLIANCES

CHIMNEYS • WATER PURIFIERS • HOBS • BUILT-IN OVENS • DISHWASHERS

Authorised Retailer: Central Odisha : PURI, BHUBANESWAR, KHURDA, NAYAGARH, BALUGAON, KAKATPUR: DIPAK:9439365422, ANUP: 9438303507, BIJAYA:8280083418, SOUTH ODISHA: BERHAMPUR, BHANJANGAR, RAYAGADA, JEYPORE, SIMILIGUDA, KORAPUT, MALKANGIRI, NABARANGPUR, BHAWANIPATANA. PHULBANI, BUGUDA: DIPAK: 9439365422, SUKANTA: 9438014722, Costal Odisha : CUTTACK, PARADEEP, JAGASINGPUR, KENDAPADA,ANUGUL, DHENKANAL, TALCHER: ASWINI: 8763193670, SIBANANDA: 9853631877, Western Odisha : SAMBALPUR, ROURKELA, JHARSUGUDA, SUNDARGARH, RAJGANGPUR, BARGARH: ASWINI: 8763193670, North Odisha : BALASORE, BARIPADA, RAIRANGPUR, KARANJIA, JODA, BARBIL, JALESWAR, BHADRAK, KEONJHAR: SHIBA: 7978937351.

FOR TRADE ENQUIRY- 9437055920, 9438506791.

For Sales : kutchinabbsr@rediffmail.com / For Service : kutchinaservice@gmail.com

Follow us on: Kutchinaconnect / customercare@kutchina.com TOLL FREE NO. : 1800 4197 333

Downloaded from : https://t.me/odianewspaper



କନ୍ଦମୂଳ ପୁଳି

ଆବଶ୍ୟକ ସାମଗ୍ରୀ: ୫୦୦ ଗ୍ରା. କନ୍ଦମୂଳ, ୭୫୦ ଗ୍ରା. ଚାଉଳଚୂନା, ୧୦୦ ଗ୍ରା. ଗୁଡ଼, ୧୦୦ ଗ୍ରା. ଚିନି, ୫୦୦ ଗ୍ରା ରିଫାଇନ୍ ତେଲ ଏବଂ ସ୍ୱାଦ ଅନୁଯାୟୀ ଲୁଣ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କନ୍ଦମୂଳକୁ ଧୋଇ ପ୍ରେସରକୁକରରେ ସିଝାଇ ଦିଅନ୍ତୁ। ୫ଟା ସିଟି ମାରି ସାରିଲା ପରେ ପ୍ରେସରକୁକରରୁ କାଢ଼ି କନ୍ଦମୂଳଗୁଡ଼ିକୁ ଥଣ୍ଡା କରି ଦିଅନ୍ତୁ। ସିଝା କନ୍ଦମୂଳରୁ ଚୋପା ଛଡ଼ାଇ ତାକୁ ଚାଉଳ ଚୂନାରେ ପକାଇ ଲୁଣ, ଚିନି ସହ ଚକଟି ଦିଅନ୍ତୁ। କଡ଼େଇ ଗରମ ହେବା ପରେ ସେଥିରେ ତେଲ ପକାଇ ଗରମ କରି ଦିଅନ୍ତୁ। ବର୍ତ୍ତମାନ ଚକଟା ହୋଇଥିବା ଜନ୍ତୁଣିକୁ ହାତରେ କାକରା କଲା ପରି ଗୋଲଗୋଲ କରି ଛାଣି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା କନ୍ଦମୂଳ ପୁଳି। ଥଣ୍ଡା ହେଲେ ପ୍ଲେଟରେ ପରଷି ଦିଅନ୍ତୁ।

ପଦ୍ମାଳୟା ମନ୍ତ୍ରୀ
ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର

ପୁର ପାଉଁରୁଟି

ଆବଶ୍ୟକ ସାମଗ୍ରୀ: ୧୦ ଖଣ୍ଡ ପାଉଁରୁଟି, ୨ଟି ବଡ଼ ଆଳୁ, ମୁଠାଏ ମଟର, ଛୋଟ ଖଣ୍ଡେ ବନ୍ଧାକୋବି, ୧ଟି ଗାଜର, ୧ଟି ପିଆଜ, ୫ ପାଖୁଡ଼ା ରସୁଣ, ୧ ଇଞ୍ଚ ଅଦା, ୨ ଚାମଚ ଜିରାଗୁଣ୍ଡ, କିଛି ତେଲ କିମ୍ବା ବଟର ଏବଂ ସ୍ୱାଦ ଅନୁଯାୟୀ ଲୁଣ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ମଟରକୁ ୩-୪ଘଣ୍ଟା ଭିଜାଇ ଦିଅନ୍ତୁ। ଗୋଟିଏ

ପ୍ରେସରକୁକରରେ ଆଳୁ ଓ ମଟରକୁ ସିଝାଇ ଚକଟି ରଖନ୍ତୁ। ମଟର ଟିକେ ଟାଣ ରଖି ସିଝାଇବେ। ବନ୍ଧାକୋବି ଓ ଗାଜରକୁ ସରୁସରୁ କାଟି ତେଲରେ ଭାଜି ରଖନ୍ତୁ। କଡ଼େଇରେ ତେଲ ୩ ଚାମଚ ଗରମ କରି ପିଆଜକୁ ଛେଚି ପକାନ୍ତୁ ପରେ ଅଦା ରସୁଣ ଛେଚି ପକାନ୍ତୁ। ଅଳ୍ପ କଷି ହୋଇଗଲେ ସେଥିରେ ହଳଦିଗୁଣ୍ଡ, ଲଙ୍କାଗୁଣ୍ଡ ପକାଇ ଟିକେ ଭାଜିବାପରେ ଆଳୁମଟର ପକାନ୍ତୁ। ଅଳ୍ପ ସମୟ ପରେ ସେଥିରେ ଲୁଣ ମିଶାଇ ଭଲ ଭାବରେ ଗୋଳାଇ ଭଜା ହୋଇଥିବା ବନ୍ଧାକୋବି ଓ ଗାଜର ମିଶାନ୍ତୁ। ଶେଷରେ ଜିରାଗୁଣ୍ଡ ପକାଇ ଓହ୍ଲାଇ ଥଣ୍ଡା କରନ୍ତୁ। ଏବେ ଗୋଟିଏ ଖଣ୍ଡ ପାଉଁରୁଟି ଉପରେ ୨/୩ ଚାମଚ ପୁରଦେଇ ତା' ଉପରେ ଆଉ ଖଣ୍ଡେ ପାଉଁରୁଟିକୁ ଭଲଭାବରେ ଚପାଇ ଦିଅନ୍ତୁ। କଡ଼େଇରେ ସନ୍‌ଫ୍ଲାୱାର ତେଲ ବା ବଟର ଦେଇ ନରମ ଆଞ୍ଚରେ ଏହାକୁ ଭାଜି ପ୍ଲେଟକୁ କାଢ଼ି ତା' ଉପରେ ଟମାଟୋସସ ଲଗାଇ ଖାଆନ୍ତୁ।

ମସଲା ପୋଟଳ ଭଜା

ଆବଶ୍ୟକ ସାମଗ୍ରୀ: ୧୦ଟି ବଡ଼ ପୋଟଳ, ୫ ଚାମଚ କର୍ଣ୍ଣଫ୍ଲୋର, ୪ଟି କଞ୍ଚାଲଙ୍କା, ୨ ପ୍ୟାକେଟ ଇପି ନୁଡୁଲସ୍ ମସଲା, କିଛି ଧଣିଆପତ୍ର, ଭାଜିବା ପାଇଁ ତେଲ ଏବଂ ସ୍ୱାଦ ଅନୁଯାୟୀ ଲୁଣ।

ପ୍ରସ୍ତୁତି ପ୍ରଣାଳୀ: ପୋଟଳକୁ ଧୋଇ ଚାରିଫାଳ କରି କାଟି ଦିଅନ୍ତୁ। ସେଥିରେ ଲୁଣ, ହଳଦି, କର୍ଣ୍ଣଫ୍ଲୋର ଗୋଳାଇ ଛାଣି ଦିଅନ୍ତୁ। ବର୍ତ୍ତମାନ କଡ଼େଇରେ ଦୁଇ କପ୍ ପାଣିଦେଇ ନୁଡଲସ୍ ମସଲା ପକାଇ ଫୁଟାନ୍ତୁ। ଏହା ଫୁଟି ଆସିଲେ ସେଥିରେ ଗୋଟା କଞ୍ଚାଲଙ୍କାକୁ ଚିରି ପକାନ୍ତୁ। ପାଣି ଫୁଟିଫୁଟି ଅଧା ହୋଇଗଲେ ସେଥିରେ ପୋଟଳକୁ ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ପାଣି ଶୁଖି ଆସିଲେ ଆଞ୍ଚ କମ୍ କରି ପୋଟଳକୁ ଭାଜନ୍ତୁ। ଭଲଭାବେ ଭାଜି ହୋଇଗଲେ ଏହାକୁ ପ୍ଲେଟକୁ ବାହାର କରି ତା' ଉପରେ କଟା ଧଣିଆପତ୍ର ପକାଇ ରୁଟି ବା ଭାତ ସହିତ ଖାଆନ୍ତୁ।

କନକଲତା ଦାଶ
ବେଲତଳ, ପଟାମୁଣ୍ଡାଇ, କେନ୍ଦ୍ରାପଡ଼ା-୭୫୪୨୧୫

e-News & Magazine

ମୂଳା, ମଇଦା ମଠୁରୀ

ଆବଶ୍ୟକ ସାମଗ୍ରୀ: ୨ଟି ମୂଳା, ୧ କପ୍ ମଇଦା, ୨ ଛୋଟ ଚାମଚ ଚାଉଳଗୁଣ୍ଡ, ଗୋଟିଏ ବଡ଼ ରସୁଣ, ୧ଟି କଞ୍ଚାଲଙ୍କା, ଅଳ୍ପ କସୁରୀ-ମେଥି, ୧ ଚାମଚ ଧଳା ରାଶି, ଟିପେ ହେଙ୍ଗୁ ପାଉଡ଼ର, ଆବଶ୍ୟକ ଅନୁସାରେ ତେଲ ଏବଂ ସ୍ୱାଦ ଅନୁଯାୟୀ ଲୁଣ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଦୁଇଟି ମୂଳାକୁ ଭଲ ଭାବରେ ଧୋଇ ଚୋପା ଛଡ଼ାଇ ଛୋଟଛୋଟ ଖଣ୍ଡ କରି କାଟି ଦିଅନ୍ତୁ। ତା'ପରେ ଗୋଟିଏ ରସୁଣରୁ ପୂରା ଚୋପା ଛଡ଼ାଇ ମୂଳା, କଞ୍ଚାଲଙ୍କା ସହିତ ଭଲ ଭାବରେ ଗ୍ରାଇଣ୍ଡିଂ କରିଦିଅନ୍ତୁ। ଗ୍ରାଇଣ୍ଡିଂ ହୋଇସାରିବା ପରେ ତା' ସହିତ ମଇଦା ୧କପ୍, ୨ଟି ଛୋଟ ଚାମଚ ଚାଉଳଗୁଣ୍ଡ, ଗୋଟିଏ ଛୋଟ ଚାମଚ ଧଳା ରାଶି, ଟିପେ ହେଙ୍ଗୁ ପାଉଡ଼ର ଓ ଲୁଣ ଭଲ ଭାବରେ ମିଶାଇ ଚକଟି ଦିଅନ୍ତୁ। ଚକଟାଟି ଯେପରି ଅଟାଚକଟା ପରି ହେବ। ତା'ପରେ କସୁରି-ମେଥିକୁ ହାତରେ ଘଷି ଗୁଣ୍ଡକରି ତା' ସହିତ ପୁଣି ଚକଟି ଦିଅନ୍ତୁ। ଚକଟାକୁ ଭଲ ଭାବରେ ଢାଙ୍କି ଅଳ୍ପ ସମୟ ପାଇଁ ରଖିଦିଅନ୍ତୁ। ଅଧ ଘଣ୍ଟା ପରେ ତେଲ ଦେଇ ଛୋଟଛୋଟ ଗୋଲି କରି ବେଲଣ ଚକିରେ ବେଲି ସିମ୍‌ରେ ତେଲ ରଖି ଗରମ କରିବା ପରେ ଛାଣି ଦିଅନ୍ତୁ। ଛାଣିଲା ବେଳେ ଧ୍ୟାନ ଦିଅନ୍ତୁ ମୂଳା ମଠୁରୀ ଲାଲଲାଲ ଟିକିଏ ହେବା ଦରକାର। ଏହାକୁ ବେଶୀ ଦିନ ପର୍ଯ୍ୟନ୍ତ ଡବାରେ ରଖି ଆପଣ ଖାଇପାରିବେ।

ପସାରୁଣୀ ପତ୍ର ପକୁଡ଼ି

ଆବଶ୍ୟକ ସାମଗ୍ରୀ: ୧୦/୧୫ଟି ପସାରୁଣୀ ପତ୍ର, ୨ଟି ବଡ଼ପିଆଜ, ୧୦ କୋଲା ରସୁଣ, ୧ ଛୋଟ ଚାମଚ ଜିରା, କିଛି କଞ୍ଚାଲଙ୍କା, ୪/୫ ଚାମଚ ବେସନ, ୩/୪ଚାମଚ ଚାଉଳଗୁଣ୍ଡ, ଅଳ୍ପ ହଳଦି, ଛାଣିବା ପାଇଁ ସୋରିଷ ତେଲ ଏବଂ ସ୍ୱାଦ ଅନୁଯାୟୀ ଲୁଣ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ପସାରୁଣୀ ପତ୍ରକୁ ଭଲ ଭାବରେ ଧୋଇ ଦିଅନ୍ତୁ। ତାକୁ ଛୋଟଛୋଟ ଖଣ୍ଡ କରି କାଟି ରଖନ୍ତୁ। କଟା ପସାରୁଣୀ ପତ୍ରକୁ ଗୋଟିଏ ପାତ୍ରରେ ରଖି ସେଥିରେ ବେସନ, ଚାଉଳଗୁଣ୍ଡ (ଅରୁଆଚାଉଳ), କଟା ପିଆଜ, କଟା ରସୁଣ, ଲୁଣ, ହଳଦି ଓ କଟା ଯାଇଥିବା କଞ୍ଚାଲଙ୍କା ପକାଇ ଅଳ୍ପ ପାଣିରେ ପକୁଡ଼ି ମିଶ୍ରଣ ପରି ଗୋଳାଇ ରଖନ୍ତୁ। ୧୦ ମିନିଟ୍ ପରେ କଡ଼େଇକୁ ଗ୍ୟାସ ଉପରେ ବସାଇ କିଛି ସୋରିଷ ତେଲ ଗରମ କରନ୍ତୁ। ତେଲ ଭଲ ଭାବରେ ଗରମ ହୋଇଗଲେ ସିମ୍‌ରେ ରଖି ପକୁଡ଼ି ଆକାରରେ ପସାରୁଣୀ ପତ୍ରର ମିଶ୍ରଣଗୁଡ଼ିକ ଛାଣନ୍ତୁ। ଟିକିଏ ଟିକିଏ ଲାଲ୍ ପଡ଼ି ଆସିଲେ ଗୋଟିଏ ପ୍ଲେଟ୍ ଉପରେ ଟିସୁ ପେପର୍ ରଖି ପକୁଡ଼ିକୁ ଗରମ କଡ଼େଇରୁ ଛାଣି ରଖନ୍ତୁ। ପକୁଡ଼ି ସବୁ ଛାଣି ସାରିବା ପରେ ପୋଦିନା ଓ ତେନ୍ତୁଳିର ଚଟଣି ସହିତ ଖାଇବା ପାଇଁ ପରଷି ଦିଅନ୍ତୁ।

ନଡ଼ିଆ ପକୁଡ଼ି

ଆବଶ୍ୟକ ସାମଗ୍ରୀ: ୨ କପ୍ ନଡ଼ିଆ କୋରା, ୧ କପ୍ ଅରୁଆ ଚାଉଳ, ୪/୫ ଚାମଚ ବେସନ, ୨/୩ ଚାମଚ ଧଳାରାଶି, ୨୫୦ ମି. ତେଲ ଏବଂ ସ୍ୱାଦ ଅନୁଯାୟୀ ଲୁଣ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ନଡ଼ିଆ କୋରା ସହିତ ଚାଉଳଗୁଣ୍ଡ ଏବଂ ବେସନ ୪/୫ ଚାମଚ, ଧଳା ରାଶି, ଲୁଣ ସବୁ ଏକା ସହିତ ଅଳ୍ପ ପାଣିରେ ମିଶାଇ ଚକଟି ଦିଅନ୍ତୁ। ତା'ପରେ ଗ୍ୟାସରେ କଡ଼େଇ ବସାଇ ୨୫୦ ମି. ତେଲ ଗରମ କରି ପକୁଡ଼ି ଆକାରରେ ପକାଇ ଛାଣି ଦିଅନ୍ତୁ। ତେଲ ବେଶୀ ଗରମ ହୋଇଗଲେ ସିମ୍ କରି ତା'ପରେ ନଡ଼ିଆ ପକୁଡ଼ି ଛାଣିଲେ ଭଲ ଛାଣି ହୋଇଥାଏ। ନଡ଼ିଆ ପକୁଡ଼ି ଟିକିଏ ଟିକିଏ ଲାଲ ହୋଇଗଲେ କାଢ଼ି, ଛଣା ପକୁଡ଼ିଗୁଡ଼ିକୁ ଟିସୁ ପେପର୍‌ରେ ଛାଣି ରଖି ଦିଅନ୍ତୁ। ଟିସୁ ପେପର ପକୁଡ଼ିରେ ଥିବା ଅତ୍ୟଧିକ ତେଲ ଶୋଷି ନିଏ। ନଡ଼ିଆ ପକୁଡ଼ିକୁ ଆଳୁ ସହିତ ମିଶାଇ ମସଲା ଦେଲେ ମଧ୍ୟ ଭଲ ତରକାରି ପ୍ରସ୍ତୁତ ହୁଏ ଏବଂ ଭାତ କିମ୍ବା ରୁଟି ସହିତ ଖାଇବାକୁ ସ୍ୱାଦ ଲାଗେ।

ତପତୀ ପାଣିଗ୍ରାହୀ
ଶକ୍ତିବିହାର, ଭୁବନେଶ୍ୱର

e-News & Magazine

ଅଳ୍ପ ଉଷୁମ ପାଣିରେ ଅଧା ଚାମଚ ଲୁଣ ଓ ୨ ଚାମଚ ଭିନେଗାର ମିଶାଇ ଫ୍ରିଜ୍ ଭିତର ସଫା କରନ୍ତୁ। ସହଜରେ ଫ୍ରିଜ ସଫା ହୋଇଯିବ।

ଟମାଟୋ ଖରାପ ହୋଇଯାଉଥିଲେ ଏହାକୁ ଅଳ୍ପ ଶିଝାଇ ଗ୍ରାଇଣ୍ଡିଂ କରି ଫ୍ରିଜରେ ରଖି ଦିଅନ୍ତୁ। ତରକାରି କରିବା ସମୟରେ ଏହାକୁ ବ୍ୟବହାର କରିପାରିବେ।

ଘରକରଣା ଲେଖା ପଠାଇବା ପୂର୍ବରୁ ପ୍ରଥମେ ନିଜେ ଘରେ ପରୀକ୍ଷା କରି ନିଅନ୍ତୁ। ତା'ପରେ 'କାଦମ୍ବିନୀ'ର ପାଠକଙ୍କ ସମ୍ମୁଖରେ ଉପସ୍ଥାପିତ କରନ୍ତୁ। - ସମ୍ପାଦିକା

କଲରାର ଅତ୍ୟଧିକ ପିତା ଅଂଶକୁ କମାଇବା ପାଇଁ ଚାହୁଁଥିଲେ କଲରାକୁ କାଟି ସେଥିରେ ଲୁଣ ଓ ହଳଦି ଗୋଳାଇ କିଛି ସମୟ ଛାଡ଼ି ଦିଅନ୍ତୁ। ଅଧଘଣ୍ଟା ପରେ ଏହାକୁ ଆଉଥରେ ଧୋଇ ଲୁଣ ଓ ହଳଦି ପକାଇ ଭାଜି ଦିଅନ୍ତୁ। ଦେଖିବେ କଲରାର ପିତା ଅଂଶ କିଛି ମାତ୍ରାରେ କମିଯିବ।

ଚା' ଫୁଟି ସାରିଲା ପରେ ସେହି ପତିକୁ ନ ଫୋପାଡ଼ି ଧୋଇ ଶୁଖାଇ ଦିଅନ୍ତୁ। ପରେ ଖାଲି ପାଣିରେ ତାକୁ ଫୁଟାଇ ସେହି ପାଣିରେ ଘରର ଆସବାବ ପତ୍ରକୁ ପୋଛନ୍ତୁ। ଆସବାବ ପତ୍ର ଭଲ ସଫା ହେବ।

ଚା' ପତିରେ ଚାହା ହୋଇସାରିବା ପରେ ତାକୁ ନ ଫୋପାଡ଼ି ଭଲଭାବେ ଧୋଇ ରଖି ଦିଅନ୍ତୁ। ପରେ ସେହି ଚା' ପତିକୁ ଫୁଲ ଗଛରେ ସାର ରୂପେ ବ୍ୟବହାର କରିପାରିବେ।

ଅମ୍ରିତା ମହାନ୍ତି

e-News Magazine

ଏକ କପ୍ ସମୁଦ୍ର ଲୁଣ ସହ ଅଧା କପ୍ ଅଲିଭ ତେଲ, ୫ ବୁନ୍ଦା ଚନ୍ଦନ ତେଲକୁ ମିଶାନ୍ତୁ। ଗାଧୋଇବା ପୂର୍ବରୁ ଏହାକୁ ସମ୍ପୂର୍ଣ୍ଣ ଶରୀରରେ ମାଲିସ୍ କରି ଅଧଘଣ୍ଟା ପରେ ଗାଧୋଇ ପଡ଼ନ୍ତୁ। ଏହା ପ୍ରାକୃତିକ ସ୍କ୍ରବରର କାମ କରିଥାଏ।

ଏକ ଚାମଚ ଟମାଟୋ ରସ, ଏକ ଚାମଚ କାକୁଡ଼ି ରସ ଓ ୨ ଚାମଚ ଗୋଲାପଜଳକୁ ଏକାଠି ମିଶାଇ ମୁହଁ ଓ ବେକରେ ଲଗାନ୍ତୁ। ମୁହଁରେ ଧୀରେଧୀରେ ଚମକ ଆସିଯିବ।

ରୂପଚର୍ଯ୍ୟା ଲେଖା ପଠାଇବା ପୂର୍ବରୁ ପ୍ରଥମେ ନିଜେ ଘରେ ପରୀକ୍ଷା କରି ନିଅନ୍ତୁ। ତା'ପରେ 'କାଦମ୍ବିନୀ'ର ପାଠକଙ୍କ ସମ୍ମୁଖରେ ଉପସ୍ଥାପିତ କରନ୍ତୁ। - ସମ୍ପାଦିକା

୨ ଚାମଚ ମୁଲତାନି ମାଟି, ଅଳ୍ପ ହଳଦି, ୨ ବୁନ୍ଦା ଲେମ୍ବୁରସ ସହ ୨ ଚାମଚ ଗୋଲାପଜଳ ମିଶାଇ ମୁହଁର ତ୍ୱଚାରେ ଲଗାଇ ଦିଅନ୍ତୁ। ଏହା ଭଲଭାବେ ଶୁଖି ଗଲେ ନଖ ଉଷୁମ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ। ସପ୍ତାହକୁ ଥରେ ଏହାକୁ ଲଗାଇଲେ ତ୍ୱଚା କୋମଳ ହେବା ସହ ତ୍ୱଚାର ଦାଗ ମଧ୍ୟ ଧୀରେଧୀରେ କମ ହୋଇଯିବ।

e-News Magazine

ଫାଳେ ଲେମ୍ବୁ ନେଇ ୨ କପ ପାଣିରେ ଭଲଭାବେ ଫୁଟାନ୍ତୁ। ପାଣି ଅଧା ହୋଇଗଲେ ଏହାକୁ ଗୋଟିଏ ସ୍ପ୍ରେ ବୋତଲରେ ରଖି କେଶରେ ସ୍ପ୍ରେ କରନ୍ତୁ। ଏହା କେଶକୁ ଚମକ ପ୍ରଦାନ କରିଥାଏ।

ଏକ ଚାମଚ କଞ୍ଚା କ୍ଷୀରରେ ଅଧା ଚାମଚ ସମୁଦ୍ର ଲୁଣ ଓ ଅଳ୍ପ ହଳଦିକୁ ଏକାଠି ମିଶାଇ ତୁଳା ବଲରେ ଭିଜାଇ ମୁହଁର ତ୍ୱଚାରେ ଲଗାଇବା ସହ ବେକ, କହୁଣି ଓ ଆଣ୍ଠୁରେ ଲଗାଇ ଦିଅନ୍ତୁ। ୧୦ ମିନିଟ୍ ପରେ ଘଷିଘଷି ସଫା କରି ଦିଅନ୍ତୁ। ଏହାକୁ ଆପଣ ତ୍ୱଚାର ପ୍ରାକୃତିକ କ୍ଲିଂଜର ଭାବେ ବ୍ୟବହାର କରିପାରିବେ।

ଅସ୍ମିତା ମହାନ୍ତି

ଚର୍ମରୋଗ

ଚର୍ମରୋଗ ସାଧାରଣତଃ ଚର୍ମର ଉପରି ଭାଗରେ ଦେଖାଯାଇଥାଏ। ଏହି ରୋଗରେ ଚର୍ମ କୁଣ୍ଡେଇ ହୋଇ ଲାଲ ପଡ଼ିଯାଇଥାଏ କିମ୍ବା ବେଳେବେଳେ ଲାଲ୍‌ଲାଲ୍ ଫୋଟକା ପରି ହୋଇ ଚର୍ମରେ ନାଲି ପରେ କଳା ଦାଗ ପଡ଼ିଯାଏ। ସ୍ୱଳ୍ପକାଳୀନ ରୋଗରେ ପ୍ରଥମେ ଦେହରେ ଫୋଟକା ହୋଇଥାଏ ପରେ ଚର୍ମ ମୋଟାହୋଇ ଚୋପା ଛାଡ଼ିଲା ପରି ଲାଗିଥାଏ। ଏହି ରୋଗ ଚର୍ମର ଅଳ୍ପ କିଛି ସ୍ଥାନରେ ହୋଇପାରେ ବା ସମୁଦାୟ ଶରୀରରେ ହୋଇପାରେ। ଏହାକୁ ଏକ ସାଧାରଣ ସମସ୍ୟା ରୂପେ ଲୋକେ ଭାବିଥାନ୍ତି ମାତ୍ର ଏହା ଏକ ସାଧାରଣ ସମସ୍ୟା ବୋଲି ବିଚାର କରିବା ଠିକ୍ ନୁହେଁ। ଏଥର 'କାଦମ୍ବିନୀ' ସ୍ୱାସ୍ଥ୍ୟ ସୂଚନା ପୃଷ୍ଠାରେ ଏହି ଚର୍ମରୋଗ ସମ୍ପର୍କରେ କିଛି।

କାରଣ:

- ଋତୁ ପରିବର୍ତ୍ତନ।
- କିଛି ଖାଦ୍ୟ ଯେପରିକି (ବାଦାମ, କ୍ଷୀର, ଅଣ୍ଡା ଆଦି) ଏହି ରୋଗକୁ ବଢ଼ାଇ ଦେଇପାରେ।
- ପେଟରେ କୃମି ସମସ୍ୟା।
- ବୟସକୁ ନେଇ ମଧ୍ୟ ଏହି ରୋଗ ବଢ଼ିଥାଏ ବା କମିଥାଏ।
- ପାରିପାର୍ଶ୍ୱିକ ପରିବେଶକୁ ନେଇ ମଧ୍ୟ ଏହି ସମସ୍ୟା ବଢ଼ିଥାଏ।
- ବିଭିନ୍ନ ପ୍ରକାରର ସାମ୍ପୋ, ସାବୁନ ଆଦିର ପ୍ରତିକ୍ରିୟା ଫଳରେ ହୋଇପାରେ।
- କିଛି ବି ଶାରୀରିକ ସଂକ୍ରମଣ।
- ବେଳେବେଳେ ରୁପି ସମସ୍ୟା ଫଳରେ ମଧ୍ୟ ତ୍ୱଚାର ସମସ୍ୟା ଦେଖା ଦେଇଥାଏ।
- ହରମୋନ ପରିବର୍ତ୍ତନ ଫଳରେ ଏହି ସମସ୍ୟା ବଢ଼ିଯାଇଥାଏ।
- ଅତ୍ୟଧିକ ଗରମ ବା ଅତ୍ୟଧିକ ଥଣ୍ଡା ପରିବେଶରେ ତ୍ୱଚା ସମସ୍ୟା ବଢ଼ିଥାଏ।

ଲକ୍ଷଣ:

- କପାଳ କିମ୍ବା ଗାଲ କୁଣ୍ଡେଇ ହୋଇ ଲାଲ୍ ପଡ଼ି ଦାଗ ହେବା।
- କାନ୍ଧ, ହାତ, ଦୁଇ ବାହୁ କିମ୍ବା ବେକ ଆଦିରେ କୁଣ୍ଡେଇ ହୋଇ ଦାଗ ଆସିଯିବା।
- କହୁଣି ଓ ଆଣ୍ଠୁ ପାଖାପାଖି ସ୍ଥାନରେ ତ୍ୱଚା ଶୁଖି କୁଣ୍ଡେଇ ହେବା।
- କେତେକ ସମୟରେ ତ୍ୱଚା କୁଣ୍ଡେଇ ହୋଇ ସେଥିରୁ ପାଣି ପରି ବାହାରି ସଂକ୍ରମଣ।
- ଧୀରେ ଧୀରେ ତ୍ୱଚା ଶୁଷ୍କ ହୋଇଯିବା।

ଚିକିତ୍ସା:

- ହଳଦିରେ ଆଣ୍ଟି ଅକ୍ସିଡେଣ୍ଟ ଥିବାରୁ ଏହାକୁ ତ୍ୱଚାରେ ଲଗାନ୍ତୁ।
- ଗାଧୋଇବା ପାଇଁ ନଖ ଉଷୁମ ପାଣିର ବ୍ୟବହାର କରନ୍ତୁ।
- ଗାଧୋଇ ସାରିବା ପରେ ମଶ୍ଚରାଇଜରର ବ୍ୟବହାର କରନ୍ତୁ।
- ସର୍ବଦା ସୂତା ଓ କୋମଳ କପଡ଼ାର ବ୍ୟବହାର କରନ୍ତୁ।
- ସର୍ବଦା ଭଲ ମାନର ମଶ୍ଚରାଇଜର ଯୁକ୍ତ ସାବୁନର ବ୍ୟବହାର କରନ୍ତୁ।
- ନିଜର ହାତ ନଖକୁ ବେଶୀ ବଡ଼ କରନ୍ତୁ ନାହିଁ। ଏହା ଆପଣଙ୍କ ତ୍ୱଚାକୁ କୁଣ୍ଡାଇବା ତଥା ଦାଗ କରିବାକୁ ଦେଇ ନ ଥାଏ।
- ଯଦି ତ୍ୱଚାରେ ଏଭଳି ସମସ୍ୟା ଦେଖାଯାଏ ତେବେ ତୁରନ୍ତ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ଏପରି ସମସ୍ୟା ଅଣଦେଖା ନ କରି ତୁରନ୍ତ ଏହାର ଚିକିତ୍ସା କରନ୍ତୁ।

e-News & Magazine

ଫେବୃଆରୀ ମାସର ରାଶିଫଳ

ଜ୍ୟୋତିର୍ବିଦ୍ ପ୍ରଦୀପ କୁମାର ଚୌଧୁରୀ

ମେଷ – ମହିଳାମାନେ ଗୃହକାର୍ଯ୍ୟକୁ ନେଇ ଅସନ୍ତୁଷ୍ଟ ରହିବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କଦ୍ୱାରା ଅସୁବିଧାର ସମ୍ମୁଖୀନ ହେବେ। ମାଲିମୋକଦ୍ଦମା କ୍ଷେତ୍ରରେ ଚିନ୍ତିତ ରହିବେ। ଛାତ୍ରଛାତ୍ରୀମାନେ କଠିନ ପରିଶ୍ରମ କରି ଅସଫଳ ହେବେ। ବ୍ୟବସାୟୀମାନେ ଆଶାନୁରୂପ ଲାଭବାନ ହେବେନାହିଁ। ବନ୍ଧୁଙ୍କଠାରୁ ଅପମାନିତ ହୋଇପାରନ୍ତି। ଗୃହରେ ଶାନ୍ତିର ବାତାବରଣ ଦେଖାଦେବ।



ବୃଷ – ପଡୋଶୀଙ୍କ ସହିତ ସୁ-ସମ୍ପର୍କ ଉପୁଜିବ। ନୂତନ କର୍ମରେ ଯୋଗଦାନ କରି ଅସୁବିଧାର ସମ୍ମୁଖୀନ ହେବେ। ବିଦ୍ୟାର୍ଥୀମାନେ ସଫଳ ହେବେ। ରାଜନୈତିକ ବ୍ୟକ୍ତିମାନେ ଅନେକାଂଶରେ ଶୁଭଫଳ ପାଇବେ। ବ୍ୟବସାୟୀମାନେ ଶୁଭଫଳ ପ୍ରାପ୍ତ ହେବେ। କୋର୍ଟକଚେରି ମାମଲାରୁ ମୁକ୍ତି ମିଳିବ। ଗୃହରେ ବୃଦ୍ଧବୃଦ୍ଧାଙ୍କ ପ୍ରତି ସତର୍କ ରୁହନ୍ତୁ। ଋଣଭାରରୁ ମୁକ୍ତି ମିଳିବ। ଯାନବାହାନ ପ୍ରତି ସତର୍କ ରହିବେ।

ମିଥୁନ – ବିଦ୍ୟାର୍ଥୀମାନେ ଅସଫଳ ହେବେ। କର୍ମକ୍ଷେତ୍ରରେ ବିବାଦ ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ସଜାଗ ହେବା ଆବଶ୍ୟକ। ବ୍ୟବସାୟରେ ସାମାନ୍ୟ ଲାଭର ସମ୍ଭାବନା। ଯାନବାହନ କ୍ରୟ କରି ଅସୁବିଧା ଭୋଗିବେ। କ୍ରୀଡାବିତ୍‌ମାନେ ଅସଫଳ ହେବେ। ବ୍ୟକ୍ତିଗତ କାର୍ଯ୍ୟରେ ପରିଶ୍ରମକରି ଅସଫଳ ହେବେ। ରାଜନୀତିରେ ଅପମାନିତ ହେବାର ଯଥେଷ୍ଟ ସମ୍ଭାବନା ଅଛି।

କର୍କଟ– ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଠକାମିରେ ପଡ଼ିପାରନ୍ତି। କର୍ମକ୍ଷେତ୍ରରେ ସଫଳତା ଅର୍ଜନ କରିବେ। ଅଯଥା ଧନଖର୍ଚ୍ଚ ହେବାର ସମ୍ଭାବନା ଅଛି। ପ୍ରିୟଜନଙ୍କ ସହିତ ମନୋମାଳିନ୍ୟ ଦେଖାଦେବ। ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବ। ଶିକ୍ଷାକ୍ଷେତ୍ରରେ ଛାତ୍ରଛାତ୍ରୀମାନେ କୃତକାର୍ଯ୍ୟ ହେବେ। ଦୂରଯାତ୍ରା କରିବାର ସମ୍ଭାବନା ଅଛି। ରାଜନୀତିରୁ ଦୂରେଇ ରହିବେ।



ସିଂହ – ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପାଇବେ। ଧର୍ମାନୁଷ୍ଠାନରେ ଯୋଗ ଦେଇପାରନ୍ତି। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମାଲିମୋକଦ୍ଦମାରେ ଜୟଯୁକ୍ତ ହେବାର ଅଧିକ ସମ୍ଭାବନା। ବ୍ୟବସାୟରେ ଲାଭବାନ ହେବେ। ଅର୍ଥନୈତିକ ଅଭାବରୁ ବଞ୍ଚିତ ହେବେ। ପାଠପଢା କ୍ଷେତ୍ରରେ ଉପକୃତ ହେବେ। ବିବାହ ଆଶାୟୀମାନେ ସଫଳ ହେବେ। କଳାକାରମାନେ ପ୍ରଶଂସିତ ହେବେ।

କନ୍ୟା – ଯାତ୍ରାରେ ସଫଳ ହେବେ। କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ଧର୍ମାନୁଷ୍ଠାନରେ ମନୋନିବେଶ କରିବେ। ବିଦ୍ୟାର୍ଥୀମାନେ ସୁଫଳ ପାଇବେ। ଆର୍ଥିକ ଅବସ୍ଥାରେ ଉନ୍ନତି ଦେଖାଦେବ। ନୂତନ ଜମି କ୍ରୟ କରିବାର ସମ୍ଭାବନା ଅଧିକ। ବହୁଦିନରୁ ପଡି ରହିଥିବା କାର୍ଯ୍ୟ ସମାଧାନ ହେବ। ପରିବାରରେ ସୁଖଶାନ୍ତି ପ୍ରତିଷ୍ଠା ହେବ। ରାଜନୀତିରେ ସଫଳତା ପ୍ରାପ୍ତ ହେବ।

ତୁଳା – ନୂତନ ଅଳଙ୍କାର କ୍ରୟ କରି ଠକାମିରେ ପଡିବେ। ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ। ରାଜନୈତିକ କ୍ଷେତ୍ରରେ ପ୍ରଶଂସିତ ହେବେ। ନୂତନ ବନ୍ଧୁଙ୍କଠାରୁ ସାହାଯ୍ୟ ମିଳିପାରେ। ଗୃହରେ ଉତ୍ତମ ବୁଝାମଣା ଯୋଗୁଁ ଶାନ୍ତ ପରିବେଶ ମଧ୍ୟରେ ଗତିକରିବେ। କର୍ମକ୍ଷେତ୍ରରେ ସମ୍ମାନ ପାଇବେ। ନୂତନ କର୍ମରେ ଯୋଗଦାନ କରିବେ। ବ୍ୟବସାୟରେ ଅସନ୍ତୋଷ ଲାଭ କରିବେ।

ବିଛା – କୋର୍ଟକଚେରି ମାମଲା ବଢିଯିବ। ନୂତନ କର୍ମରେ ଯୋଗଦାନ କରି ଅସଫଳ ହେବେ। ପୂର୍ବ ସମସ୍ୟାର ସମାଧାନ ହେବ। ଆର୍ଥିକ ପରିସ୍ଥିତିରେ ଉନ୍ନତି ଦେଖାଯିବ। ବହୁ ଦିନରୁ ଅଟକିଥିବା କାର୍ଯ୍ୟରେ ସଫଳ ହେବେ। ବିଦ୍ୟାର୍ଥୀମାନେ ସଫଳ ହେବେ। ବ୍ୟବସାୟରେ ଆଶାନୁରୂପ ଫଳ ପାଇବେ। ନୂତନ ଯାନକ୍ରୟର ସମ୍ଭାବନା ଅଛି। ରାଜନୀତିରେ ସଫଳତା ମିଳିବ।

ଧନୁ – କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ସହ ବଚସା ହୋଇପାରେ। ମାଲିମୋକଦ୍ଦମା କ୍ଷେତ୍ରରେ ଚିନ୍ତିତ ରହିବେ। ଗୃହରେ ଅଶାନ୍ତିର ବାତାବରଣ ଦେଖାଦେବ। ରାଜନୀତିରେ ଆଶାତୀତ ଫଳ ମିଳିବନାହିଁ। ଛାତ୍ରଛାତ୍ରୀମାନେ ଉନ୍ନତି କରିବେ। ବ୍ୟବସାୟୀମାନେ ଆଶାନୁରୂପ ଲାଭବାନ ହେବେ ନାହିଁ। ବନ୍ଧୁଙ୍କଠାରୁ ଅପମାନିତ ହେବାର ସମ୍ଭାବନା ଅଛି। ଭ୍ରାତୃ ବିବାଦ ଲାଗିରହିବ।

ମକର – କର୍ମକ୍ଷେତ୍ରରେ ପରିବର୍ତ୍ତନ ଘଟିପାରେ। ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ବିଦ୍ୟାର୍ଥୀମାନେ ବିଦେଶ ଯାତ୍ରା କରିବାର ଅଧିକ ସମ୍ଭାବନା ଅଛି। ପରିବାରରେ ସାମାନ୍ୟ ଅଶାନ୍ତି ଦେଖାଦେଇପାରେ। କର୍ମକ୍ଷେତ୍ରରେ ମହିଳାଙ୍କ ଦ୍ୱାରା ଅସୁବିଧାରେ ପଡିପାରନ୍ତି। ଗୃହରେ ବୃଦ୍ଧ ଏବଂ ବୃଦ୍ଧାମାନଙ୍କ ଶରୀର ଅସୁସ୍ଥ ରହିବ। ବ୍ୟବସାୟୀମାନେ ଆଶାନୁରୂପ ଫଳ ପ୍ରାପ୍ତ ହେବେ ନାହିଁ।

କୁମ୍ଭ – ଚାକିରି କ୍ଷେତ୍ରରେ ପଦୋନ୍ନତି ହେବାର ପୂର୍ବାଭାସ ମିଳିପାରେ। ବିଦ୍ୟାର୍ଥୀମାନେ ବିଦେଶରେ ପ୍ରଶଂସିତ ହେବେ। ବ୍ୟବସାୟୀମାନେ ଲାଭବାନ ହେବେ। ପରିବାର ମଧ୍ୟରେ ଶାନ୍ତିର ବାତାବରଣ ଦେଖାଦେବ। ନୂତନ ବନ୍ଧୁଙ୍କଠାରୁ ସାହାଯ୍ୟ ପାଇବେ। ଧର୍ମ କାର୍ଯ୍ୟରେ ସମୟ ଅତିବାହିତ କରିବେ। ତୀର୍ଥସ୍ଥାନ ଭ୍ରମଣ ସମୟ ଆସି ପହଞ୍ଚିବ। କ୍ରୀଡାବିତ୍‌ମାନେ ସଫଳତା ଅର୍ଜନ କରିବେ।

ମୀନ – କର୍ମକ୍ଷେତ୍ରରେ ପରିବର୍ତ୍ତନ ଘଟିପାରେ। ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ସଫଳତା ଅର୍ଜନ କରିବେ। ପରିବାରରେ ସାମାନ୍ୟ ଅଶାନ୍ତି ଦେଖାଦେଇପାରେ। ବ୍ୟବସାୟୀମାନେ ଲାଭବାନ ହେବେ। କର୍ମକ୍ଷେତ୍ରରେ ମହିଳାଙ୍କ ଦ୍ୱାରା ଅସୁବିଧାରେ ପଡିପାରନ୍ତି। ଗୃହରେ ବୃଦ୍ଧ ଏବଂ ବୃଦ୍ଧାମାନଙ୍କ ଶରୀର ଅସୁସ୍ଥ ରହିବ।

ଓଡ଼ିଶାରେ ପ୍ରଥମ ଥର ପାଇଁ ସଚିତ୍ର-ରଙ୍ଗିନ
ରୋଷେଇ ଓ ଘରକରଣା ପୁସ୍ତକ

ଅପରାଜିତା ଆମ ରୋଷେଇ

(ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାଗ)







ଯେକୌଣସି ଅବସର ଓ ଅତିଥିଙ୍କ ପାଇଁ ମିଠା, ପିଠାପଣା, ନିରାମିଷ ଓ ଆମିଷର ଅନେକ ଆକର୍ଷଣୀୟ ଖାଦ୍ୟର ପ୍ରସ୍ତୁତି ପ୍ରଣାଳୀ ସହିତ ଦୈନନ୍ଦିନ ଘରକରଣାକୁ ନେଇ ବିଭିନ୍ନ ଦରକାରୀ ଛୋଟ ଛୋଟ କଥା।

ସକରାତ୍ମକ ବାସ୍ତବବାଦୀ ଗଠନମୂଳକ
KALINGA TV
କହେ ଠିକ୍...ଦେଖାଏ ଠିକ୍...
24x7 NEWS CHANNEL
ପ୍ରଥମଥର ପାଇଁ ଟେଲିଭିଜନ ଇତିହାସରେ
କିନ୍ନରମାନଙ୍କର ସ୍ୱତନ୍ତ୍ର ପରିଚୟ ଓ ସଂଘର୍ଷର କଥା ।
ସେମାନଙ୍କ ମୁହଁରେ ସେମାନଙ୍କର ଜୀବନ ଗାଥା
ମିଡିଆ ପ୍ରସ୍ତୁତ
ଭିନ୍ନ ମଣିଷ ଭିନ୍ନ କଥା
କଳିଙ୍ଗ ଟିଭିରେ ସ୍ୱତନ୍ତ୍ର ଉପସ୍ଥାପନା
ପ୍ରତି ସୋମବାର ରାତି ୯ଟା ୩୦
airtel digital TV Channel No. 605
TATA Sky Channel No. 1772
VIDEOCON d2h Channel No. 833
dishtv Channel No. 1357
SITI Digital Channel No. 12
NXTDIGITAL Channel No. 357
EMDIGITAL Channel No. 136
hathway Channel No. 724
www.kalingatv.com
facebook.com/kalingamedia
youtube.com/Kalingatv24x7
twitter.com/kalingatv24x7

ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା

କାଦମ୍ବିନୀ

ପ୍ରିୟ ପାରିବାରିକ ବନ୍ଧନ:

ଆମର, ଆପଣମାନଙ୍କର, ଆମ ସମସ୍ତଙ୍କର

ପ୍ରତିଷ୍ଠାତା, ଦିଗ୍‌ଦର୍ଶକ

ଡ. ଅଚ୍ୟୁତ ସାମନ୍ତ

ଉପଦେଷ୍ଟା

ଡ. ବିଭୂତି ପଟ୍ଟନାୟକ

ସମ୍ପାଦିକା

ଡ. ଇତି ସାମନ୍ତ

ଚିତ୍ର ଓ ବ୍ୟଙ୍ଗଚିତ୍ର

ହୀରାଲାଲ ବରିହା

‘କାଦମ୍ବିନୀ’, ମାସିକ ପାରିବାରିକ ଓଡ଼ିଆ ପତ୍ରିକା, **ଡ. ଇତି ସାମନ୍ତ**ଙ୍କ କର୍ତ୍ତୃକ, **କେଦାର ପୃଷ୍ଟି**ଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ଏବଂ ପ୍ରିଣ୍ଟ୍‌ଟେକ୍ ଅଫ୍‌ସେଟ୍ ପ୍ରା.ଲି., ଭୁବନେଶ୍ୱରଠାରେ ମୁଦ୍ରଣ।

● ‘କାଦମ୍ବିନୀ’ରେ ପ୍ରକାଶିତ ସମସ୍ତ ଲେଖା, ଫଟୋ ବା ବିଷୟ କାଦମ୍ବିନୀ ମିଡିଆର ସ୍ୱତ୍ତ୍ୱ ଓ ସମ୍ପତ୍ତି। ଏହାର କୌଣସି ଲେଖା, ଲେଖାର ଅଂଶ, ଫଟୋ, ଫଟୋର ଅଂଶ ବିନା ଅନୁମତିରେ ପ୍ରକାଶ, ପ୍ରଚାର ଓ ପ୍ରସାରଣ କରିବା ଦୋଷାବହ ଏବଂ ଏସବୁର ପ୍ରକାଶନ, ପ୍ରଚାର ଓ ପ୍ରସାରଣ ପୂର୍ବରୁ କାଦମ୍ବିନୀ ମିଡିଆରୁ ଲିଖିତ ଅନୁମତି ନେବା ଜରୁରୀ।

● ଏଥିରେ ପ୍ରକାଶିତ ସମସ୍ତ ଲେଖାରେ ଲେଖକୀୟ ଦୃଷ୍ଟିକୋଣ ଓ ଅଭିବ୍ୟକ୍ତି ଲେଖକଙ୍କର ନିଜସ୍ୱ। ପ୍ରକାଶକ, ସମ୍ପାଦିକା ସେଥିପାଇଁ ଉତ୍ତରଦାୟୀ ନୁହନ୍ତି। ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦିକା ଦାୟୀ ନୁହନ୍ତି। କଥା ସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟନା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟନା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର।

● ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ବିଭାଗରେ ଦିଆଯାଉଥିବା ଉପଚାର ଏବଂ ରୋଷେଇରେ ପ୍ରକାଶ ପାଉଥିବା ଖାଦ୍ୟ ପ୍ରଣାଳୀଗୁଡ଼ିକୁ ଉପଯୋଗ କରିବା ପୂର୍ବରୁ ସେଗୁଡ଼ିକର ଉପଯୋଗିତାକୁ ବିଜ୍ଞ ପାଠକ, ପାଠିକାମାନେ ନିଜେ ନିଜେ ପରଖିନେବାକୁ ଅନୁରୋଧ। ଏ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ପାଇଁ ‘କାଦମ୍ବିନୀ’ ଦାୟୀ ରହିବ ନାହିଁ।

● ‘କାଦମ୍ବିନୀ’ରେ ପ୍ରକାଶିତ ଯେକୌଣସି ଲେଖା ବା ଫଟୋ ସମ୍ବନ୍ଧୀୟ ଆପତ୍ତି, ଅଭିଯୋଗ ପ୍ରକାଶନର ତିନି ମାସ ମଧ୍ୟରେ ଆମ କାର୍ଯ୍ୟାଳୟକୁ ପଠାଇବାକୁ ହେବ। ପରବର୍ତ୍ତୀ ଆପତ୍ତି, ଅଭିଯୋଗର ଉତ୍ତର ଦେବା ପାଇଁ ଆମେ ବାଧ୍ୟ ହେବୁନାହିଁ। ‘କାଦମ୍ବିନୀ’ ସମ୍ବନ୍ଧୀୟ ଯେକୌଣସି ଆପତ୍ତି, ଅଭିଯୋଗ ଓ ବିବାଦର ବିଚାର କେବଳ ଭୁବନେଶ୍ୱର ନ୍ୟାୟାଳୟ ପରିସରଭୁକ୍ତ।

– ‘କାଦମ୍ବିନୀ’ର କଥା –

- ‘କାଦମ୍ବିନୀ’ ଏକ ମାସିକ (ସବୁ ମାସର ପ୍ରଥମ ସପ୍ତାହରେ ପ୍ରକାଶ ପାଏ) ପତ୍ରିକା। ବର୍ଷରେ ଏହାର ଚାରିଟି ସ୍ୱତନ୍ତ୍ର ସଂଖ୍ୟା (ଜୁଲାଇ, ଅକ୍ଟୋବର, ଜାନୁଆରୀ ଓ ଅପ୍ରେଲ) ପ୍ରକାଶ ପାଏ।
- ଏହା ଏକ ପାରିବାରିକ ପତ୍ରିକା। ଏଥିରେ ସାହିତ୍ୟର ବିଭିନ୍ନ ବିଭାଗ ସମେତ ପରିବାର ଓ ସମାଜ ଉପଯୋଗୀ ବିବିଧ ଉପାଦେୟ ଲେଖା, ଫଟୋ ଓ ଚିତ୍ର ପ୍ରକାଶିତ ହୁଏ।
- ‘କାଦମ୍ବିନୀ’ ଉଭୟ ପ୍ରବୀଣ ଓ ତରୁଣ ଲେଖକ/ଲେଖିକାଙ୍କର ଲେଖା ଗ୍ରହଣ କରିଥାଏ। ତେବେ କେବଳ ବୟସ ବା ନାମ ନୁହେଁ, ଲେଖାର ନୂଆପଣ ହିଁ ହେବ ପ୍ରକାଶନର ମାପକାଠି।
- ଏକ ସମୟରେ ଏକାଧିକ ଲେଖା ନ ପଠାଇ ନିଜର ସୁନିର୍ବାଚିତ (ନିଜ ବିଚାରରେ ଶ୍ରେଷ୍ଠ ବିବେଚିତ) ଓ ଉପଯୋଗୀ ଗୋଟିଏ ଲେଖା (ଜେରକ୍ସ କପି ନୁହେଁ) ହିଁ ପଠାନ୍ତୁ।
- ଗଳ୍ପ ବା ଫିଚର ପଠାଇବାର ଚାରି ମାସ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ଚାରି ମାସ ମଧ୍ୟରେ କୌଣସି ଉତ୍ତର ନ ପାଇଲେ, ଲେଖାଟି ଅମନୋନୀତ ବୋଲି ଧରିନେବେ। ଆବଶ୍ୟକସ୍ଥଳେ ମନୋନୀତ ଲେଖାର ସମ୍ପାଦନା/ ସଂଶୋଧନ ସମ୍ପାଦନାମଣ୍ଡଳୀ କରିପାରିବେ।
- କବିତା / ଗୀତି କବିତା / ସନେଟ୍ / ଗଜଲ / ବ୍ୟଙ୍ଗ କବିତା (ଆକାରରେ ବେଶୀ ବଡ଼ ନ ହେଲେ ଭଲ) ପଠାଇବାର ଆଠ ମାସ ଭିତରେ ପ୍ରକାଶିତ ନ ହେଲେ, ସେଇଟିକୁ ଅନ୍ୟତ୍ର ବ୍ୟବହାର କରିପାରନ୍ତି।
- ଅନୁବାଦ ଗଳ୍ପ କ୍ଷେତ୍ରରେ ମୂଳ ଭାଷା, ମୂଳ ଲେଖକଙ୍କ ଅନୁମତି ପତ୍ର ସହ ସଂକ୍ଷିପ୍ତ ପରିଚୟ ଓ ଫଟୋ ଦିଅନ୍ତୁ। ମାଧ୍ୟମ-ଭାଷା (ହିନ୍ଦୀ-ଇଂରାଜୀ)ରୁ ଅନୁବାଦ କରିଥିଲେ, ତାହାର ସୂଚନା ଦିଅନ୍ତୁ।
- ଆଲେଖ ବା ଫିଚର ପାଇଁ ପ୍ରଥମେ ସମ୍ପାଦିକାଙ୍କ ସହ ଯୋଗାଯୋଗ କରନ୍ତୁ। ତା’ପରେ ଲେଖା ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗିନ ଫଟୋଗ୍ରାଫି (ବିବରଣୀ ସହିତ) ପଠାନ୍ତୁ। ଫଟୋଗ୍ରାଫ୍‌ଗୁଡ଼ିକୁ ସିଡ଼ି ବା ଇ-ମେଲ୍ ମାଧ୍ୟମରେ ମଧ୍ୟ ପଠାଇପାରିବେ। ଲେଖାରେ କୌଣସି ବ୍ୟକ୍ତି/ ଅନୁଷ୍ଠାନ / ଘଟନା ସମ୍ପର୍କରେ ଅଯଥା ପ୍ରଶସ୍ତି/ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ରହିବା ଅନୁଚିତ।
- ‘ପୁସ୍ତକ ପରିକ୍ରମା’ ପାଇଁ ନିକଟ ଅତୀତରେ ପ୍ରକାଶିତ ପୁସ୍ତକର ଦୁଇ କିତା ସହିତ ପୁସ୍ତକର ବିଷୟବସ୍ତୁ ସମ୍ପର୍କରେ ସମ୍ୟକ୍ (୫୦ରୁ ୬୦ ଶବ୍ଦ ମଧ୍ୟରେ) ସୂଚନା ପଠାଇ ପାରନ୍ତି।
- ସହଜରେ ପଢ଼ିଲା ଭଳି ହାତ ଲେଖା ବା ନିଜ ସ୍ୱାକ୍ଷର ଥାଇ ଡି.ଟି.ପି. ଲେଖା ପଠାନ୍ତୁ। ଲେଖା ସହିତ ଆତ୍ମ-ପରିଚିତି, ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷ ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ। ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ଶୁଦ୍ଧି ପ୍ରତି ନିଶ୍ଚିତ ଧ୍ୟାନ ଦିଅନ୍ତୁ ଏବଂ ଲେଖା ସହିତ ସି.ଡି. (କେବଳ ଆକୃତି) କରି ପଠାନ୍ତୁ। ଲେଖାରେ ନିଜର ସ୍ୱାକ୍ଷର ରହିବା ଜରୁରୀ।
- ଲେଖା, ଫଟୋ, ସି.ଡି., ପୁସ୍ତକ ଆଦି ଫେରସ୍ତ ଦିଆଯିବା ସମ୍ଭବପର ନୁହେଁ, ଏଥିପ୍ରତି ଧ୍ୟାନ ଦିଅନ୍ତୁ।
- ପ୍ରକାଶିତ ଲେଖା ପାଇଁ ଉପହାରସ୍ୱରୂପ ପତ୍ରିକା ଅଥବା ଦେୟ ଦିଆଯାଏ।
- ‘ଆମ ରୋଷେଇ’ ପାଇଁ ଖାଦ୍ୟ ପ୍ରଣାଳୀର ଲେଖା ଓ ଫଟୋ (ଫଟୋର ମାନ ଛପା ଉପଯୋଗୀ ହେବା ଦରକାର) ସହିତ ନିଜର ଏକ ରଙ୍ଗିନ ଫଟୋ ପଠାନ୍ତୁ। ରୋଷେଇର ଫଟୋ ପ୍ରିଣ୍ଟ୍ ନ କରି ସି.ଡି. ବା ଇ-ମେଲ୍‌ରେ ପଠାଇଲେ ଭଲ। ପ୍ରକାଶିତ ଲେଖା ଓ ଫଟୋ ପାଇଁ ପାରିଶ୍ରମିକ ଦିଆଯାଏ।
- ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ଯେ କୌଣସି ଲେଖାର ମନୋନୟନ ବା ପ୍ରକାଶନ ବା କାହିଁକି ମନୋନୀତ ନ ହେଲା, ସେ ନେଇ ନ ପଚାରି ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ବିଶେଷ ଅନୁରୋଧ।
- ଲେଖକ/ଲେଖିକାମାନେ ସୌଜନ୍ୟ କପି ପାଇବା ପରେ ସମ୍ପାଦିକାଙ୍କୁ ଜଣାଇବାକୁ ଅନୁରୋଧ।
- ‘କାଦମ୍ବିନୀ’ ପାଇଁ ଗଠନମୂଳକ ତଥା ବିଶ୍ଳେଷଣଧର୍ମୀ ମତାମତ ସମ୍ବଳିତ ଚିଠିଟିଏ ନିଶ୍ଚିତ ଲେଖନ୍ତୁ ଏବଂ ଚିଠି ସଂସ୍କୃତିକୁ ବଜାୟ ରଖନ୍ତୁ। ଏହା ଆମର ‘ଇତି ଆପଣଙ୍କର...’ ପୃଷ୍ଠାରେ ପ୍ରକାଶ ପାଇବ। ସୁଚିନ୍ତିତ ଓ ନୂଆ ପ୍ରସ୍ତାବକୁ ‘କାଦମ୍ବିନୀ’ ସବୁବେଳେ ସ୍ୱାଗତ କରିଥାଏ।

ଯୋଗାଯୋଗ:

ସମ୍ପାଦିକା ‘କାଦମ୍ବିନୀ’, କାଦମ୍ବିନୀ ମିଡିଆ ପ୍ରା.ଲି., କାଦମ୍ବିନୀ ଭିଲ୍ଲା,
୪୨୧/୨୩୫୮, ପଦ୍ମାବତୀ ବିହାର, ଶୈଳଶ୍ରୀ ବିହାର, ଭୁବନେଶ୍ୱର- ୭୫୧୦୨୧
ଦୂରଭାଷ: ୦୬୭୪-୨୭୪୦୫୧୯, ୭୩୨୮୮୪୧୯୩୨ (ସମ୍ପାଦକୀୟ)
୦୬୭୪-୨୭୪୧୨୬୦, ୭୩୨୮୮୪୧୯୩୩ (ବ୍ୟବସାୟିକ)

ଗ୍ରାହକ ଦେୟ ସୂଚନା

କାଦମ୍ବିନୀ

ବର୍ଷ	ସଂଖ୍ୟା(ସ୍ୱତନ୍ତ୍ର ସଂଖ୍ୟା)	ପ୍ରକୃତ ମୂଲ୍ୟ	ଦେବାକୁ ପଡ଼ିବ	ସଞ୍ଚୟ
୧	୧୨ (୪)	୭୨୦	୬୬୦ ଟଙ୍କା	୬୦
୨	୨୪ (୮)	୧୪୪୦	୧୩୦୦ ଟଙ୍କା	୧୪୦
୩	୩୬ (୧୨)	୨୧୬୦	୧୯୫୦ ଟଙ୍କା	୨୧୦
୪	୪୮ (୧୬)	୨୮୮୦	୨୬୦୦ ଟଙ୍କା	୨୮୦
୫	୬୦ (୨୦)	୩୬୦୦	୩୨୦୦ ଟଙ୍କା	୪୦୦

ଆଜୀବନ (୧୫ବର୍ଷ) ୧୦୦୦୦ ଟଙ୍କା (ଆକର୍ଷଣୀୟ ଉପହାର ରହିଛି)

(ସାଧାରଣ ସଂଖ୍ୟା: ୪୦ ଟଙ୍କା, ସ୍ୱତନ୍ତ୍ର ସଂଖ୍ୟା: ୧୦୦ଟଙ୍କା)

'କାଦମ୍ବିନୀ' ନିଶ୍ଚିତ ପଢ଼ନ୍ତୁ। ବନ୍ଧୁ ପରିଜନଙ୍କୁ ଉପହାର ଦିଅନ୍ତୁ ଏବଂ ଓଡ଼ିଆ ସାହିତ୍ୟକୁ ଆଗକୁ ଆଗେଇ ନେବାରେ ଆମକୁ ସହଯୋଗ କରନ୍ତୁ।

କୁନିକଥା

ବର୍ଷ	ସଂଖ୍ୟା	ପ୍ରକୃତ ମୂଲ୍ୟ	ଦେବାକୁ ପଡ଼ିବ	ସଞ୍ଚୟ
୧	୧୨	୨୪୦	୨୨୦ ଟଙ୍କା	୨୦
୨	୨୪	୪୮୦	୪୪୦ ଟଙ୍କା	୪୦
୩	୩୬	୭୨୦	୬୬୦ ଟଙ୍କା	୬୦
୪	୪୮	୯୬୦	୮୮୦ ଟଙ୍କା	୮୦
୫	୬୦	୧୨୦୦	୧୧୦୦ ଟଙ୍କା	୧୦୦

ଆଜୀବନ (୧୫ବର୍ଷ) ୩୩୦୦ ଟଙ୍କା (ଆକର୍ଷଣୀୟ ଉପହାର ରହିଛି)

ପିଲାମାନେ 'କୁନିକଥା' ନିଶ୍ଚିତ ପଢ଼ ଓ ସାଙ୍ଗସାଥୀଙ୍କୁ ପଢ଼ିବାକୁ କୁହ। ଆମେ ଯଦି ଆମ ମାତୃଭାଷାକୁ ଭଲ ପାଇ ବଞ୍ଚାଇ ନ ରଖିବା, ତେବେ ଆମେ ଆମର ପରିଚୟ ହରାଇ ବସିବା।

କାଦମ୍ବିନୀ ଓ କୁନିକଥା

ସମୟ	ସଂଖ୍ୟା	ପ୍ରକୃତ ମୂଲ୍ୟ	ଦେବାକୁ ପଡ଼ିବ	ସଞ୍ଚୟ
୧ ବର୍ଷ	୧୨+୧୨	୯୬୦	୮୭୦ ଟଙ୍କା	୯୦
୨ ବର୍ଷ	୨୪+୨୪	୧୯୨୦	୧୭୩୦ ଟଙ୍କା	୧୯୦
୩ ବର୍ଷ	୩୬ +୩୬	୨୮୮୦	୨୬୦୦ ଟଙ୍କା	୨୮୦
୪ ବର୍ଷ	୪୮+୪୮	୩୮୪୦	୩୪୫୦ ଟଙ୍କା	୩୯୦
୫ ବର୍ଷ	୬୦+୬୦	୪୮୦୦	୪୨୦୦ ଟଙ୍କା	୬୦୦
ଆଜୀବନ	(୧୫ ବର୍ଷ)	୧୪୪୦୦	୧୩୦୦୦ ଟଙ୍କା	୧୪୦୦

(ଆଜୀବନ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଉପହାର ରହିଛି)

ଘରେ ପତ୍ରିକା ପହଞ୍ଚାଇବାର ଡାକଖର୍ଚ୍ଚ ଆମେ ବହନ କରିବୁ। ରେଜେଷ୍ଟ୍ରି ଡାକରେ ନେବା ପାଇଁ ଚାହୁଁଥିଲେ ଅଧିକ ୨୦୦ ଟଙ୍କା ପଠାଇବା ପାଇଁ ଅନୁରୋଧ।

ନିମ୍ନରେ ଥିବା ଫର୍ମ ପୂରଣକରି **'କାଦମ୍ବିନୀ ମିଡିଆ ପ୍ରା.ଲି.'** ନାମରେ ବ୍ୟାଙ୍କ ଡ୍ରାଫ୍ଟ (ଭୁବନେଶ୍ୱରଠାରେ ଦେୟ) କିମ୍ବା **ସମ୍ପାଦିକା 'କାଦମ୍ବିନୀ-କୁନିକଥା'**ଙ୍କ ନାମରେ ମନିଅର୍ଡର ପଠାନ୍ତୁ। ଆମ ଠିକଣା: **ସମ୍ପାଦିକା 'କାଦମ୍ବିନୀ-କୁନିକଥା', କାଦମ୍ବିନୀ ଭିଲ୍ଲା, ୪୨୧/୨୩୫୮, ପଦ୍ମାବତୀ ବିହାର, ଶୈଳଶ୍ରୀ ବିହାର, ଭୁବନେଶ୍ୱର- ୭୫୧୦୨୧, ଓଡ଼ିଶା।** ଦେୟ ପଠାଇବାର ପରବର୍ତ୍ତୀ ମାସ ୨୦ ତାରିଖ ସୁଦ୍ଧା ପତ୍ରିକା ନ ପାଇଲେ **୦୬୭୪-୨୨୪୧୨୬୦, ୭୩୨୮୮୪୧୯୩୩** ନମ୍ବରକୁ ଫୋନ କରନ୍ତୁ।

ଏଇଠୁ କାଟି ଆମ ନିକଟକୁ ପଠାନ୍ତୁ

ତଳେ ଦେଇଥିବା ନାମ ଓ ଠିକଣାରେ ଆଗାମୀ ____________ ମାସଠାରୁ 'କାଦମ୍ବିନୀ'/ 'କୁନିକଥା'/ 'କାଦମ୍ବିନୀ' ଓ 'କୁନିକଥା' ____________ ବର୍ଷ ପାଇଁ ପଠାଇବାକୁ ଅନୁରୋଧ କରୁଛି।

ନାମ: ____________ ଜନ୍ମ: ☐☐☐☐☐☐☐☐

ସମ୍ପୂର୍ଣ୍ଣ ଠିକଣା: ____________

____________ ପିନ୍ ନଂ: ☐☐☐☐☐☐

ଦୂରଭାଷ ନଂ: ____________ ଇ-ମେଲ୍: ____________

ମନିଅର୍ଡର/ବ୍ୟାଙ୍କ ଡ୍ରାଫ୍ଟ ନଂ. ____________ ତାରିଖ ____________ ଟଙ୍କା ____________

ସ୍ୱାକ୍ଷର ____________ ତାରିଖ ____________

SOUNDARYA

COSMETIC & LASER

SURGERY CLINIC

DR. LAXMI KANTA MISHRA

M.S., M.CH. (SAFDARJUNG HOSPITAL, NEW DELHI)

SENIOR CONSULTANT (COSMETIC AND PLASTIC SURGERY), APOLLO HOSPITAL, BBSR

CONSULTATION TIME:
6 PM to 9 PM
(Except Thursday)
ALL SUNDAYS
9 AM TO 1 PM
(EXCEPT 2ND SUNDAY)

Facilities Available:

- Hair Transplantation
- Rhinoplasty
- Correction of Facial Wrinkles, Chemical Peel, Microdermabrasion, Botox, Fillers, Face Lift Surgery
- Removal of Mole, Wart, White Patches with Radio Frequency
- Unwanted Hair Removal with Laser
- Breast Surgeries like Augmentation, Reduction, Mastopexy, Gynaecomastia
- Liposuction & Abdominoplasty (Tummy Tuck)
- Dimple Creation
- Ear Pricking
- Lobule Repair
- Tattoo removal by Laser

CLINIC: A-15, Ruchika Market, Near Durga Mandap, Baramunda, BBSR-03

Mob: 9437920023, 8093060023

Email: drlkmishra@gmail.com | www.cosmeticsurgeonbbsr.com

e-News & Magazine


EPARI SADASHIV
JEWELLERS
Trusted Tradition Since 1921
Timeless Golden
Tradition Reinvented
In A New Way!
BHUBANESWAR
Janpath - 0674-2530737
BALASORE
Station Square - 06782-240067
BERHAMPUR
SanoBazar - 0680-2250555
www.epari.co